# ନାଜରିନ୍ ମଣ୍ଡଳୀର
# ମାର୍ଗଦର୍ଶିକା

**2017-2021**

ଐତିହ୍ୟ

ସମ୍ବିଧାନ

ପ୍ରଶାସନ

ରୀତିନୀତି

ମାଣ୍ଡଳିକ ସମ୍ବିଧାନ ଓ ଖ୍ରୀଷ୍ଟୀୟ ଆଚରଣ ସମ୍ବନ୍ଧୀୟ ଚୁକ୍ତି ସମୂହ
(୧-୯୯ ପର୍ଯ୍ୟାୟ)

ଆଞ୍ଚଳିକ ପ୍ରଶାସନ ବ୍ୟବସ୍ଥା
(୧୦୦ତମ ପର୍ଯ୍ୟାୟ)

ଜିଲ୍ଲାସ୍ତରୀୟ ଶାସନ ବ୍ୟବସ୍ଥା
(୨୦୦ତମ ପର୍ଯ୍ୟାୟ)

ସାଧାରଣ ଶାସନ ବ୍ୟବସ୍ଥା
(୩୦୦ତମ ବ୍ୟବସ୍ଥା)

ଉଚ୍ଚ ଶିକ୍ଷା (Higher Education)
(୪୦୦ତମ ପର୍ଯ୍ୟାୟ)

ସେବାର ତତ୍ତ୍ୱାବଧାନ ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ
(୫୦୦ତମ ପର୍ଯ୍ୟାୟ)

ଆଇନ୍ ସଙ୍ଗତ ପ୍ରଶାସନ
(୬୦୦ତମ ପର୍ଯ୍ୟାୟ)

ଧର୍ମ ପ୍ରତୀକାତ୍ମକ କାର୍ଯ୍ୟ ଏବଂ ବିଧାନ ସମୂହ
(୭୦୦ତମ ପର୍ଯ୍ୟାୟ)

ଆନ୍ତର୍ଜାତିକ ନାଜରିନ୍ ଯୁବ ସଂଘ
ଆନ୍ତଃରାଷ୍ଟ୍ରୀୟ ନାଜରିନ୍ ମିଶନ୍
ଆନ୍ତଃର୍ଜାତିକ ସଣ୍ଡେସ୍କୁଲ ଓ ଶିଷ୍ୟତ୍ୱ ସମ୍ବନ୍ଧୀୟ ସେବାକାର୍ଯ୍ୟ
(୮୦୦ତମ ପର୍ଯ୍ୟାୟ)

ଫର୍ମ
(୮୦୦ ପର୍ଯ୍ୟାୟ)

ଅତିରିକ୍ତ
(୯୦୦ତମ ପର୍ଯ୍ୟାୟ)

CHURCH OF THE NAZARENE MANUAL - ODIA
Copyrights 2018

Church of the Nazarene
Published by the authority of the Twentyninth General Assembly held in Indianapolis, Indiana, USA, 25-29 June 2017

Edition 2017-2021

Copies 50

Editing Committee
DEAN G. BLEVINS
STANLEY J. RODES
TERRY S. SOWDEN
JAMES W. SPEAR
DAVID P. WILSON

Published by
Nazarene Holiness Literature
#3,4th Cross, 2nd Main
Horamavu Main Road
Dodda Banswadi
BANGALORE -560043
Email: holinessliterature@nazareneindia.org

Literature Coordinator
Vinod Jaykumar Tode
16, Natraj Housing Society
Behind Rainbow Market
Gorewada, Nagpur- 440 013
Email: vtode@nazareneindia.org
Mobile: 7620486514, 9326211064

Printed and bound in India by
GS Media, Secunderabad 500 067
E-mail: printing@ombooks.org

# Ó`ÿê¨ tÿ


ଭାଗ – ୧ . . . . . . . . . . . . . . . . . . . . . . . . . . ୧୧

ଐତିହାସିକ ବିବରଣ. . . . . . . . . . . . . . . . . . . . . .

ଭାଗ – ୨ . . . . . . . . . . . . . . . . . . . . . . . . . ୨୩

ନାଜରୀନ୍ ମଣ୍ଡଳୀ ବିଶ୍ୱାସର ଉକ୍ତି. . . . . . . . . . . . . . . .

ଭାଗ – ୩ . . . . . . . . . . . . . . . . . . . . . . . . . . ୫୧

ଖ୍ରୀଷ୍ଟୀୟ ଆଚରଣର ଚୁକ୍ତି . . . . . . . . . . . . . . . . . .

ଭାଗ – ୪ . . . . . . . . . . . . . . . . . . . . . . . . . . ୭୧

ମଣ୍ଡଳୀ ପ୍ରଶାସନ . . . . . . . . . . . . . . . . . . . . .

ବିଭାଗ – ୫ . . . . . . . . . . . . . . . . . . . . . . . . ୨୦୭

ଉଚ୍ଚ ଶିକ୍ଷା . . . . . . . . . . . . . . . . . . . . . . . .

ଭାଗ – ୬ . . . . . . . . . . . . . . . . . . . . . . . . . ୨୧୩

ସେବାକାର୍ଯ୍ୟ ଏବଂ ଖ୍ରୀଷ୍ଟୀୟ ସେବା . . . . . . . . . . . . . . .

ଭାଗ – ୭ . . . . . . . . . . . . . . . . . . . . . . . . . ୨୭୩

ବିଚାରାଳୟ ବ୍ୟବସ୍ଥା. . . . . . . . . . . . . . . . . . . . .

ଭାଗ – ୮ . . . . . . . . . . . . . . . . . . . . . . . . . ୨୯୧

ପବିତ୍ର ବିଧି ଏବଂ ପବିତ୍ର କ୍ରିୟା ପଦ୍ଧତି . . . . . . . . . . . . . .

ପରିଶିଷ୍ଟ. . . . . . . . . . . . . . . . . . . . . . . . ୩୨୩

# ମୁଖବନ୍ଧ

ସମୁଦାୟ ଜଗତରେ ଖ୍ରୀଷ୍ଟଙ୍କ ଅନୁରୂପୀ ଶିଷ୍ୟତ୍ୱ ପାଇଁ ଏହା ନାଜରିନ୍ ମଣ୍ଡଳୀର ଆନୁଷ୍ଠାନିକ ବିବୃତ୍ତି ଅଟେ ।

ନାଜରିନ୍ ମଣ୍ଡଳୀର ମୌଳକ ବିଶେଷତ୍ୱ ଏହା ଯେ ଆମ୍ଭେମାନେ ଖ୍ରୀଷ୍ଟ ଅନୁଗାମୀ, ପବିତ୍ରତା ଆନ୍ଦୋଳନରୁ ଜାତ ଏବଂ ସୁସମାଚାର ପ୍ରଚାରକାରୀ ଅଟୁ ।

ନାଜରିନ୍ ମଣ୍ଡଳୀର ସାତଗୋଟି ଚରିତ୍ରଗୁଡ଼ିକ ହେଲା, ବିଶେଷ ଉପାଦାନ ଅର୍ଥସମ୍ପନ୍ନ ଉପାସନା, ଈଶ୍ୱରୀୟ ତଥା ଐକ୍ୟତା, ପାରମାର୍ଥିକ ସଙ୍ଗତି, ସୁସମାଚାର କାର୍ଯ୍ୟ ପ୍ରତି ଉତ୍କଣ୍ଠା ଓ ଆବେଗ ବିଶିଷ୍ଟ ସୁସମାଚାର ପ୍ରଚାର, ଉଦ୍ଦେଶ୍ୟ ପ୍ରଣୋଦିତ ଶିଷ୍ୟତ୍ୱ, ମଣ୍ଡଳୀ ବିକାଶ, ପରିବର୍ତ୍ତନଶୀଳ ନେତୃତ୍ୱ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ସହାନୁଭୂତିଶୀଳତା ।

"ନାଜରିନ୍ ମଣ୍ଡଳୀର ମୌଳିକ ଉଦ୍ଦେଶ୍ୟ ହେଉଛି, ଖ୍ରୀଷ୍ଟୀୟ ପବିତ୍ରତାର ଘୋଷଣା ଏବଂ ସଂରକ୍ଷଣ ଦ୍ୱାରା ଈଶ୍ୱରଙ୍କ ରାଜ୍ୟକୁ ଆଗେଇ ନେବା, ଯେପରି ଶାସ୍ତ୍ରରେ ଉଲ୍ଲେଖ ଅଛି ।"

"ନାଜରିନ୍ ମଣ୍ଡଳୀରେ ସମାଲୋଚନା ପୂର୍ଣ୍ଣ ଲକ୍ଷ୍ୟଗୁଡ଼ିକ ହେଉଛି ପବିତ୍ର ଖ୍ରୀଷ୍ଟୀୟ ସହଭାଗିତା, ପାପୀମାନଙ୍କର ପରିବର୍ତ୍ତନ, ବିଶ୍ୱାସପଥର ପୂର୍ଣ୍ଣ ପବିତ୍ରତା, ସେମାନଙ୍କୁ ପବିତ୍ରତାରେ ଗଢ଼ି ତୋଳିବା ଏବଂ ନୂତନ ନିୟମର ପ୍ରାଚୀନ ମଣ୍ଡଳୀରେ ଏକତ୍ର ଭାବରେ ପ୍ରତ୍ୟେକ ପ୍ରାଣୀ ନିକଟରେ ସୁସମାଚରା ପ୍ରଚାର, ସରଳତା ଏବଂ ଆତ୍ମିକ ଶକ୍ତି ପ୍ରଦର୍ଶିତ ହେଉଥିଲା । (୧୯)

ସମୁଦାୟ ଜଗତରେ ସୁସମାଚାର ପ୍ରଚାର ଏବଂ ଶିକ୍ଷା ମାଧ୍ୟମରେ ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି କରିବା ନିମନ୍ତେ ନାଜରିନ୍ ମଣ୍ଡଳୀ ଏକ ଉପକରଣ ସଦୃଶ ସେବା କରିବାକୁ ଅସ୍ତିତ୍ୱ ବଜାୟ ରଖିଛି । ପାପୀମାନଙ୍କର ପରିବର୍ତ୍ତନ, ପୂର୍ବ ବିଶ୍ୱାସକୁ

ଫେରି ଯାଇଥିବା ବ୍ୟକ୍ତିମାନଙ୍କୁ ପୁନଃଉଦ୍ଧାର ଏବଂ ବିଶ୍ୱାସୀମାନଙ୍କର ପୂର୍ଣ୍ଣ ପବିତ୍ରୀକରଣ ମାଧ୍ୟମରେ ଖ୍ରୀଷ୍ଟୀୟ ପବିତ୍ରତାକୁ ସଂରକ୍ଷଣ ଏବଂ ଘୋଷଣା କରିବା, ଆମ୍ଭମାନଙ୍କର ଆଦେଶ ଅଟେ ଯେପରି ଶାସ୍ତ୍ରରେ ଉଲ୍ଲେଖ ଅଛି ।

ଆମ ପ୍ରଭୁଙ୍କର ମହାନ୍ ଆଦେଶଗୁଡ଼ିକୁ ଦାୟିତ୍ୱ ଭାବରେ ପ୍ରଚାର କରିବା । ଯାହା ଆମ୍ଭମାନଙ୍କର ଏକ ଆଧ୍ୟାତ୍ମିକ ଲକ୍ଷ୍ୟ ଅଟେ । "ଯାଅ ଏବଂ ସମୁଦାୟ ଜାତିକୁ ଶିଷ୍ୟ କର" (ମାଥିଉ ୨୮:୧୯; ଯୋହନ ୨୦:୨୧; ମାର୍କ ୧୬:୧୫) ।

ଏହି ୨୦୧୭-୨୦୨୧ ମାର୍ଗଦର୍ଶିକା (Manual)ର ସଂସ୍କରଣରେ ମଣ୍ଡଳୀର ସଂକ୍ଷିପ୍ତ ଐତିହାସିକ ବିବରଣ ଉଲ୍ଲେଖ ଅଛି; ମଣ୍ଡଳୀ ସମ୍ବିଧାନ, ଯାହା ଆମର ବିଶ୍ୱାସର ଅନୁଚ୍ଛେଦକୁ ବର୍ଣ୍ଣନା କରେ, ଆଚରଣର ନିୟମ ଏବଂ ଅନୁଷ୍ଠାନର ନୀତି ଏବଂ ପ୍ରଶାସନ; ଖ୍ରୀଷ୍ଟିୟାନ ଆଚରଣର ନିୟମ ଯାହା ସମସାମୟିକ ସମାଜର ମୁଖ୍ୟ ସମସ୍ୟାକୁ ପ୍ରଦର୍ଶିତ କରେ ଏବଂ ମଣ୍ଡଳୀ ପ୍ରଶାସନର ନୀତି ହେଉଛି ଏହି ସ୍ଥାନୀୟ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ମଣ୍ଡଳୀ ଅନୁଷ୍ଠାନର ସମସ୍ୟାଗୁଡ଼ିକୁ ସମାଧାନ କରେ ।

ଆନ୍ତର୍ଜାତିକ ସର୍ବସାଧାରଣ ସମ୍ମିଳନୀ (General Assembly) ନାଜରିନ୍ ମଣ୍ଡଳୀର ସର୍ବୋଚ୍ଚ ଆଇନ୍ ସୃଷ୍ଟିକାରୀ, ବିଧି ଏବଂ ନିୟମ ସୃଷ୍ଟିକାରୀ ଅଟେ । ୨୦୧୭ ମସିହା ଜୁନ୍ ୨୫ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଇଣ୍ଡିଆନ୍ ପଲିସ୍ର ଇଣ୍ଡିଆନାଠାରେ ଅନୁଷ୍ଠିତ ହୋଇଥିବା ୨୯ତମ ଆନ୍ତର୍ଜାତିକ ସମ୍ମିଳନୀରେ ଉପସ୍ଥିତ ଥିବା ସେବାକାରୀ ଏବଂ ସାଧାରଣ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ନିଷ୍ପତ୍ତିଗୁଡ଼ିକୁ ଏହି ମାନୁଆଲ୍ (ମାର୍ଗ-ଦର୍ଶିକା) ପୁସ୍ତକରେ ସଂଯୁକ୍ତ କରାଯାଇଅଛି ଏବଂ ଏହା କାର୍ଯ୍ୟକାରୀ ନିମନ୍ତେ ଅଧିକାର ସ୍ୱରୂପ ମାର୍ଗଦର୍ଶିକା ପୁସ୍ତକ ଅଟେ । ଯେହେତୁ ଏହା କ୍ଷମତାପ୍ରାପ୍ତ ବିଶ୍ୱାସର ବକ୍ତବ୍ୟ (Statement of Faith), ମଣ୍ଡଳୀ ଦ୍ୱାରା ପ୍ରତିଷ୍ଠିତ ପଦ୍ଧତି ଏବଂ ଧର୍ମଶାସ୍ତ୍ରର ଶିକ୍ଷା ସହିତ ଅନୁରୂପ ଅଟେ । ତେଣୁ ପ୍ରତ୍ୟେକ ସ୍ଥାନରେ ଥିବା ଆମ ବିଶ୍ୱାସୀ/ସଭ୍ୟମାନେ ଏହି ସିଦ୍ଧାନ୍ତ ଗ୍ରହଣ କରନ୍ତୁ ଏବଂ ଏହା ମଧ୍ୟରେ ଥିବା ମାର୍ଗଦର୍ଶିକା ପ୍ରତ୍ୟେକଙ୍କୁ ପବିତ୍ର ଜୀବନ କାଟିବାରେ ସାହାଯ୍ୟ କରୁ, ଏହା ଆମର ଆଶା । ନାଜରିନ୍ ମଣ୍ଡଳୀରେ ଆନୁଷ୍ଠାନିକ ଭାବରେ ସଭ୍ୟପଦ ଗ୍ରହଣ କରିବା ଉତ୍ତାରେ ଯଦି ଜଣେ ଏହି ସବୁ କରିବାରେ

ବିଫଳ ହୁଏ, ତେବେ ସେ ମଣ୍ଡଳୀର ସାକ୍ଷ୍ୟକୁ କ୍ଷତ କରେ, ମଣ୍ଡଳୀର ନୈତିକତାକୁ ଭଙ୍ଗ କରେ ଏବଂ ନାଜରିନ୍ ବ୍ୟକ୍ତିମାନଙ୍କର ସହଭାଗିତାକୁ ନଷ୍ଟ କରେ ।

ନାଜରିନ୍ ମଣ୍ଡଳୀର ପ୍ରଶାସନ ଅନ୍ୟ ମଣ୍ଡଳୀସମୂହଠାରୁ ଭିନ୍ନ ଅଟେ । ପ୍ରଶାସନିକ ଶୃଙ୍ଖଳା ଦୃଷ୍ଟିକୋଣରୁ ଏହା ନା ସଂପୂର୍ଣ୍ଣ ରୂପେ ଏପିସ୍କୋପାଲ୍ (ଧର୍ମ ଯାଜକୀୟ ଢଙ୍ଗରେ ପଦାଧିକାର ବିଶିଷ୍ଟ ଗୀର୍ଜା) କଙ୍ଗ୍ରିଗେସ୍‌ନାଲ୍ (ଧର୍ମ ସମ୍ପ୍ରଦାୟ)ର ପ୍ରତୀକ ଅଟେ । କାରଣ ମଣ୍ଡଳୀର ନୀତି ନିର୍ଦ୍ଧାରଣ କରିବାରେ ଧର୍ମଯାଜକ ବ୍ୟତୀତ ଅନ୍ୟମାନଙ୍କର ମଧ୍ୟ ସମାନ ଅଧିକାର ଅଛି ।

ସମର୍ପଣ ଏବଂ ସ୍ୱଚ୍ଛ ଉଦ୍ଦେଶ୍ୟଗୁଡ଼ିକ ମୁଖ୍ୟ ଅଟେ । କିନ୍ତୁ ଜ୍ଞାନୀ ବ୍ୟକ୍ତିମାନେ ଯେଉଁମାନେ ଏହି ପ୍ରଣାଳୀ ଏବଂ ଅଭ୍ୟାସଗୁଡ଼ିକରେ ଏକମତ ସେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ସେମାନଙ୍କ ସାକ୍ଷ୍ୟକୁ ଆହୁରି ବୃଦ୍ଧି କରନ୍ତି ଏବଂ ଈଶ୍ୱରଙ୍କ ରାଜ୍ୟକୁ ତ୍ୱରିତ ବଢ଼ାନ୍ତି । ତେଣୁ ଏହା ଆମ ସଭ୍ୟମାନଙ୍କର କର୍ତ୍ତବ୍ୟ ଯେ ଏହି (ମାନୁଆଲ୍) ମାର୍ଗଦର୍ଶିକା ସହିତ ଉତ୍ତମ ଭାବରେ ପରିଚିତ ହେବା ଆବଶ୍ୟକ ।

ଜେନେରାଲ୍ ସୁପରିଟେଣ୍ଡେଣ୍ଟମାନେ ହେଲେ:

୧. ଇଉଜେନିଓ ଆର. ଡୁଆର୍ଟେ
୨. ଡେଭିଡ୍ ଡବ୍ଲ୍ୟୁ. ଗ୍ରେଭ୍ସ୍
୩. ଡେଭିଡ୍ ଏ. ବୁସିକ୍
୪. ଗୁସ୍‌ଟାଭୋ ଏ. କ୍ରୋକର୍
୫. ଫିଲିମାସ ଏମ୍. ଚାମ୍ବୋ
୬. କାର୍ଲା ଡି. ସନ୍‌ବର୍ଗ

# ଭାଗ – ୧

# ଐତିହାସିକ ବିବରଣ

ନାଜରିନ୍ ମଣ୍ଡଳୀ ନିଜକୁ ଖ୍ରୀଷ୍ଟଙ୍କର "ପବିତ୍ର, ସର୍ବଭୌମିକ ଓ ପ୍ରେରିତିକ" ମଣ୍ଡଳୀର ଏକ ଶାଖା ବୋଲି ସ୍ୱୀକାର କରେ । ଏତଦ୍‌ବ୍ୟତୀତ ପୁରାତନ ନିୟମ ଓ ନୂତନ ନିୟମରେ ଥିବା ଇତିହାସ, ଯାହାକି ଯୁଗାନୁରୂପେ ଖ୍ରୀଷ୍ଟୀୟ ମଣ୍ଡଳୀର ସମସ୍ତ ପ୍ରକାଶିତ ବିଷୟକୁ ଆପଣାର ବୋଲି ଗ୍ରହଣ କରେ । ଆମର ସମ୍ପ୍ରଦାୟ ପ୍ରଥମ ପାଞ୍ଚ ଶତାବ୍ଦୀର ଖ୍ରୀଷ୍ଟୀୟ ବିଧାନସବୁକୁ ଆପଣା ବିଶ୍ୱାସ ସମ୍ବନ୍ଧୀୟ ଉଚ୍ଚାରଣ ରୂପେ ଗ୍ରହଣ କରେ । ବାକ୍ୟ ପ୍ରଚାର, ରୀତିନୀତିଗୁଡ଼ିକର ପରିଚାଳନା, ଧର୍ମଶିକ୍ଷା ବିଶ୍ୱାସ ଏବଂ ତାହାର ବ୍ୟବହାର, ଦୃଢ଼ ଭାବରେ ଅଙ୍ଗେ ନିଭାଇ ଶୃଙ୍ଖଳା ଭାବରେ ଖ୍ରୀଷ୍ଟଙ୍କ ପରି ଜୀବନ କାଟିବା ଓ ସେବା କରିବା ଐତିହାସିକ ମଣ୍ଡଳୀର ଏହି ଅଭ୍ୟାସଗୁଡ଼ିକ ସହିତ ଆମେ ପରିଚିତ ଅଟୁ । ଆମ ସମ୍ପ୍ରଦାୟ ଧର୍ମଶାସ୍ତ୍ରରେ ଆହ୍ୱାନ କରାଯାଇଥିବା ପବିତ୍ର ଜୀବନ କାଟିବାକୁ ଏବଂ ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହେବାକୁ ସତର୍କତାର ସହ ପାଳନ କରେ ଯାହା ଆମେ ସଂପୂର୍ଣ୍ଣ ପବିତ୍ରୀକରଣର ପାରମାର୍ଥିକ ଶିକ୍ଷା ମାଧ୍ୟମରେ ଘୋଷଣା କରିଥାଉ ।

ଆମର ଖ୍ରୀଷ୍ଟିୟାନ ପରମ୍ପରା ୧୬ଶ ଶତାବ୍ଦୀର "ଇଂରେଜ ସଂସ୍କାର" ଏବଂ ୧୮ଶ ଶତାବ୍ଦୀର "ୱେସ୍‌ଲିଆନ୍ ଉଦ୍ଦୀପନାରେ" ମଧ୍ୟସ୍ଥତା କରିଥିଲା । ଯୋହନ ଏବଂ ଚାର୍ଲସ୍ ୱେସ୍‌ଲିଙ୍କ ପ୍ରଚାର ମାଧ୍ୟମରେ ସମୁଦାୟ ଇଂଲଣ୍ଡ, ସ୍କଟ୍‌ଲ୍ୟାଣ୍ଡ,

ଆୟରଲ୍ୟାଣ୍ଡ୍ ଏବଂ ୱେଲ୍ସ୍ ପାପ ପଥରୁ ଫେରି ଖ୍ରୀଷ୍ଟିୟ ସେବାକାର୍ଯ୍ୟ ନିମନ୍ତେ ସଶକ୍ତ ହେଲେ । ଏହି ଉଦ୍ଦୀପନାଗୁଡ଼ିକ ସାଧାରଣ ପ୍ରଚାରକ, ସାକ୍ଷ୍ୟ, ଶୃଙ୍ଖଳା ଏବଂ ବିଶ୍ୱସ୍ତ ବିଶ୍ୱାସୀ ଦଳ, "ସମାଜ, ଶ୍ରେଣୀ ଏବଂ ସଙ୍ଗୀତ ଦଳ" ଦ୍ୱାରା ବର୍ଣ୍ଣିତ କରାଯାଉଥିଲା । ୱେସ୍‌ଲିଆନ୍ ଉଦ୍ଦୀପନାର ପାରମାର୍ଥିକ ଚିହ୍ନ ହେଲା: "ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକ ଗଣିତ"; ସେହିରୂପେ ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ପବିତ୍ରତା ଏବଂ ଖ୍ରୀଷ୍ଟୀୟ ଶୁଦ୍ଧତା ଖ୍ରୀଷ୍ଟିୟ ଜୀବନ ନିମନ୍ତେ ଈଶ୍ୱରଙ୍କର ଅନୁଗ୍ରହର ଦାନ ଯେ ସଂପୂର୍ଣ୍ଣ ପବିତ୍ରୀକରଣ ଏହା ଉପରେ ଜନ୍ ୱେସ୍‌ଲିଙ୍କର ଅତୁଳନୀୟ ଅବଦାନ ରହିଥିଲା । ତାଙ୍କର ଏହି ଅବଦାନ ସମୁଦାୟ ପୃଥିବୀରେ ପ୍ରଚାରିତ ହେଲା । ଉତ୍ତର ଆମେରିକାରେ ୧୭୮୪ ଖ୍ରୀଷ୍ଟାବ୍ଦରେ ମେଥୋଡିଷ୍ଟ ଏପିସ୍କୋପାଲ୍ ମଣ୍ଡଳୀ ସଂଗଠିତ ହେଲା ଏବଂ ସେହି ଦେଶରେ ଧର୍ମଶାସ୍ତ୍ରରେ ଉଲ୍ଲିଖିତ ଥିବା ପବିତ୍ରତା ସଂପ୍ରସାରିତ ହେଲା ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଖ୍ରୀଷ୍ଟୀୟ ପବିତ୍ରତା ଉପରେ ନୂତନ ଭାବରେ ଗୁରୁତ୍ୱ ଦିଆଗଲା । ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ୍ ସହରର ତୀମଥି ମେରିଟ୍ ସିଦ୍ଧ ଖ୍ରୀଷ୍ଟିୟାନ ପ୍ରତି "ନିୟମାବଳୀ" ରୂପେ ଆଗ୍ରହ ପ୍ରକାଶ କଲେ । ଫୋଏବି ପାଲ୍‌ମେର୍ ଯୁକ୍ତରାଷ୍ଟ୍ର ଆମେରିକା ନ୍ୟୁୟର୍କ ସହରରେ ମଙ୍ଗଳବାର ସଭାର ନେତୃତ୍ୱ ନେଲେ । ସେ ପବିତ୍ରତା ଉପରେ ଶିକ୍ଷା ଦେଲେ ଏବଂ ପରବର୍ତ୍ତୀ ସମୟରେ, ସେ ପ୍ରଚାରିକା, ଲେଖିକା ଏବଂ ସଂକଳନକାରୀ ହେଲେ । ୧୮୬୭ ମସିହାରେ ମେଥୋଡିଷ୍ଟ୍ ପ୍ରଚାରକ J.A. Wood ଏବଂ John Inskip ଏବଂ ଅନ୍ୟମାନେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁଜର୍ଶିରେ ଦୀର୍ଘଦିନ ପର୍ଯ୍ୟନ୍ତ ପବିତ୍ରତା ସମ୍ବନ୍ଧରେ ସଭାର ଆୟମାରମ୍ଭ କଲେ । ତାହା ସମଗ୍ର ପୃଥିବୀରେ ପବିତ୍ରତା ନିମନ୍ତେ ନୂତନ ଭାବରେ ଅନ୍ୱେଷଣର କାରଣ ହେଲା । Wesleyan Methodist, Free Methodists, The Salvation Army, ନିର୍ଦ୍ଦିଷ୍ଟ ମେନୋନାଇଟ୍ସ, Brethren ଏବଂ Quakers ସମସ୍ତେ ଖ୍ରୀଷ୍ଟିୟାନ ପବିତ୍ରତା ଉପରେ ଗୁରୁତ୍ୱ ଦେଲେ । ପ୍ରଚାରକଗଣ ଏହି ଚିନ୍ତାଧାରାକୁ ଜର୍ମାନୀ, United Kingdom, Scandinavia, ଭାରତ ଏବଂ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ବହନ କରି ନେଇଥିଲେ । ନୂତନ ପବିତ୍ରତାର ମଣ୍ଡଳୀଗୁଡ଼ିକ Church of God ସମେତ ଗଢ଼ି ଉଠିଲା । ଏହିମାନଙ୍କ ମଧ୍ୟରୁ

ଅନେକଙ୍କୁ ଏକତ୍ର କରି ଗୋଟେ ପବିତ୍ର ମଣ୍ଡଳୀ କରିବାକୁ ନାଜରିନ୍ ମଣ୍ଡଳୀ ଉଦ୍ଦୀପନା ମଧ୍ୟରୁ ସୃଷ୍ଟି ହେଲା ।

## ପବିତ୍ରତାରେ ଏକତା

୧୮୮୭ରେ Fred Hilleryଙ୍କ ଦ୍ୱାରା ସୁସମାଚାର ମଣ୍ଡଳୀ ସଂଗଠିତ ହେଲା । ୧୮୮୮ରେ Mission Church ସଂଗଠିତ ହେଲା । ୧୮୯୦ରେ ସେମାନେ ଏବଂ ଅନ୍ୟ ଆଠୋଟି New England Congregation ମିଳିତ ହୋଇ Central Holiness Association ଗଢ଼ିଲେ । Anna S. Hamscome ୧୮୯୨ରେ ନାଜରିନ୍ ସମ୍ପ୍ରଦାୟର ପ୍ରଥମ ମହିଳା ସେବିକା ଭାବରେ ଅଭିଷିକ୍ତ ହେଲେ । ୧୮୯୪-୧୮୯୫ରେ William Howard Hoople, USA, New Yorkରେ ତିନୋଟି ପବିତ୍ରତାର ସହଭାଗିତା ସଂଗଠିତ କଲେ ଯାହା ପରବର୍ତ୍ତୀ ସମୟରେ ଆମେରିକାର ପେଣ୍ଟିକଷ୍ଟାଲ୍ ମଣ୍ଡଳୀଗୁଡ଼ିକର ସଂଘକୁ ସୃଷ୍ଟି କଲା । "ନାଜରିନ୍ ମଣ୍ଡଳୀ"ର ଗଠନକାରୀ ଏବଂ ଅନ୍ୟ ନାଜରିନ୍‌ମାନଙ୍କ ଦୃଷ୍ଟିରେ "ପେଣ୍ଟିକଷ୍ଟାଲ୍" ଏବଂ "ପବିତ୍ରତା" ସମଭାବାପନ୍ନ ମଣ୍ଡଳୀ । ତେଣୁ Hillery ଏବଂ Hoopleଙ୍କ ଦଳ ୧୮୯୬ରେ ଏକତ୍ର ମିଳିତ ହୋଇ ୧୮୯୯ରେ ଭାରତରେ କାର୍ଯ୍ୟ ପ୍ରତିଷ୍ଠା କଲେ ଏବଂ ୧୯୦୧ରେ Capeverdeରେ ଏବଂ ପ୍ରତିଷ୍ଠାନ - ମିଶନ୍‌ର ମୁଖ୍ୟ Hiram Raynolds, କାନାଡ଼ାରେ ୧୯୦୨ରେ (କେନ୍ଦ୍ରୀୟ ପବିତ୍ରତାର ସଂଘ) ସହଭାଗିତା ସଂଗଠିତ କଲେ । ସେହି ଦଳ କାନାଡ଼ାର Nova Scotiaଠାରୁ ଯାତ୍ରା କରି ୧୯୦୭ରେ ଆମେରିକାର Iowaଠାରେ ପହଞ୍ଚିଲେ ।

୧୮୯୪ରେ USA, Milanଠାରେ Robert Lee Hairs, New Testament Church of Christ ଗଠନ କଲେ । ୧୮୯୫ରେ ତାଙ୍କର ବିଧବା ପତ୍ନୀ Mary Lee Cagle ଏହାକୁ ଆମେରିକାର West Texas ପର୍ଯ୍ୟନ୍ତ ବ୍ୟାପ୍ତ କଲେ ।

୧୯୦୧ରେ USAର Van Alstyneଠାରେ C.B. Jenigan ପ୍ରଥମ Independent Holiness Church ଗଠନ କଲେ। ଏହି ମଣ୍ଡଳୀଗୁଡ଼ିକ ୧୯୦୪ରେ USA, Texasର Rising Starରେ ମିଳିତ ହୋଇ Holiness Church of Christର ଗଠନ କଲେ। ୧୯୦୮ରେ ଏହା Georgia, USAଠାରୁ ଆରମ୍ଭ କରି New Mexico, USA ପର୍ଯ୍ୟନ୍ତ ସେବାକାର୍ଯ୍ୟ ବ୍ୟାପିଗଲା। ଏହି ସେବାକାର୍ଯ୍ୟ ବିଜାତିମାନଙ୍କ ମଧ୍ୟରେ, ଦରିଦ୍ରମାନଙ୍କ ମଧ୍ୟରେ, ଅନାଥକୁ ସାହାଯ୍ୟ, ଅବିବାହିତା ମା'ମାନଙ୍କ ମଧ୍ୟରେ ଏବଂ ଭାରତ ଏବଂ ଜାପାନ୍‌ର ଶ୍ରମିକମାନଙ୍କ ମଧ୍ୟରେ କରାଯାଇଥିଲା।

୧୮୯୫ରେ USA, Californiaର Los Angelesଠାରେ Phinea S F. Bresee ଏବଂ Joseph P. windny ଅନ୍ୟ ୧୦୦ ଜଣଙ୍କ ସହିତ ନାଜରିନ୍ ମଣ୍ଡଳୀ ଗଠନ କଲେ। "ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟିୟାନମାନଙ୍କ ପବିତ୍ରତା" ଖ୍ରୀଷ୍ଟଙ୍କ ଦୃଷ୍ଟାନ୍ତ ଅନୁସରଣ କରିବା ଆବଶ୍ୟକ, ଏହା ଥିଲା ସେମାନଙ୍କର ବକ୍ତବ୍ୟ ଏବଂ ଗରୀବ ଶ୍ରେଣୀର ଲୋକଙ୍କଠାରେ ସେମାନେ ପ୍ରଚାର କରୁଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କର ସମୟ ଏବଂ ଅର୍ଥ ଆତ୍ମାଗୁଡ଼ିକର ପରିତ୍ରାଣ ଏବଂ ଅସହାୟମାନଙ୍କୁ ସାହାଯ୍ୟ ଖ୍ରୀଷ୍ଟଙ୍କ ସଦୃଶ ସେବାକାର୍ଯ୍ୟଗୁଡ଼ିକୁ ଦାନ କରିବା ଆବଶ୍ୟକ। ସେମାନେ ଭାରତର କଲିକତାରେ ଥିବା ଏକ ସ୍ଥାନୀୟ ଅନୁଷ୍ଠାନକୁ ସାହାଯ୍ୟ କଲେ।

୧୯୦୭ ମସିହାରେ ଆମେରିକା ପେଣ୍ଟିକଷ୍ଟାଲ୍ ମଣ୍ଡଳୀଗୁଡ଼ିକର ଏକଦଳ ଏବଂ ନାଜରିନ୍ ମଣ୍ଡଳୀ USA, Chicagoରେ ମିଳିତ ଭାବରେ ମଣ୍ଡଳୀର ପ୍ରଶାସନ ଗଠନ କଲେ ଏବଂ ସୁପରିଟେଣ୍ଡେଣ୍ଟ୍ "Superintendent"କୁ ସହଭାଗିତାର ଅଧିକାର ଦେଲେ। ଯେପରି ସୁପରିଟେଣ୍ଡେଣ୍ଟ୍‌ମାନେ ମଣ୍ଡଳୀଗୁଡ଼ିକର ତତ୍ତ୍ୱ ନେବେ, ସଂଗଠନ କରିବେ ଏବଂ ନୂତନ ମଣ୍ଡଳୀ ନିମନ୍ତେ ଉତ୍ସାହିତ ହେବେ। କିନ୍ତୁ ସଂପୂର୍ଣ୍ଣ ସଂଗଠିତ ମଣ୍ଡଳୀର ସ୍ୱାଧୀନତାରେ ହସ୍ତକ୍ଷେପ କରିବେ ନାହିଁ। ପ୍ରଥମ General Assemblyରେ ଉଭୟ ଅନୁଷ୍ଠାନ ମିଳିତ ଭାବରେ ଏକ ନାମ ପ୍ରସ୍ତାବ କଲେ: ପେଣ୍ଟିକଷ୍ଟାଲ୍ ନାଜରିନ୍ ମଣ୍ଡଳୀ (Penticostal Church

of Nazarene)। Bresee ଏବଂ Reynolds ପ୍ରଥମ General Superimtendent ରୂପେ ନିର୍ବାଚିତ ହେଲେ ।

ସେପ୍ଟେମ୍ବର ୧୯୦୮ରେ ପେନ୍‌ସେଲ୍‌ଭେନିଆରେ Holiness Christian Church ଏକ ସମ୍ମିଳନୀରେ H.G. Trumbaurଙ୍କ ଅଧିନରେ Pentecostal Nazarene ସହିତ ସଂଯୁକ୍ତ ହେଲେ ।

October ମାସରେ USA, Texas, Pilot Pointଠାରେ ଦ୍ୱିତୀୟ ଆନ୍ତର୍ଜାତୀୟ ସମ୍ମିଳନୀ (General Assembly) Holiness Church of Christର ସାଧାରଣ ଅଧିବେଶନ ସହିତ ପାଳିତ ହୋଇଥିଲା । ଅକ୍ଟୋବର ୧୩ ତାରିଖ ମଙ୍ଗଳବାର ପ୍ରାତଃକାଳରେ B.B. Mitchumଙ୍କ ପ୍ରସ୍ତାବରେ ଏବଂ C.W. Ruthଙ୍କ ଅନୁମୋଦନ ଦ୍ୱାରା "ଉଭୟ ମଣ୍ଡଳୀର ସମ୍ମିଳିତ ସଂଘ ସ୍ଥାପିତ ହେଲା" ହେଲା । ସେଥିରେ ସେ ନିରବଚ୍ଛିନ୍ନ ଭାବରେ ସହାୟତା ତଥା ପ୍ରେରଣ ପ୍ରଦାନ କରି ଆସିଥିଲେ ।

"Pentecostal" ଶବ୍ଦର ଅର୍ଥ ନୂତନ ଭାବରେ ସଂଯୁକ୍ତ ହେବା କାରଣରୁ ୧୯୧୯ ପ୍ରଥମ ଆନ୍ତର୍ଜାତୀୟ ସମ୍ମିଳନୀ (General Assembly)ରେ ସଂପ୍ରଦାୟର ନାମ ପରିବର୍ତ୍ତନ କରାଯାଇ ନାଜରିନ୍‌ମାନଙ୍କ ମଣ୍ଡଳୀ ରଖାଗଲା (Church of the Nazarene) ।

## ଏକ ବିଶ୍ୱବ୍ୟାପୀ ମଣ୍ଡଳୀ

୧୯୧୫ରେ ମାତ୍ର ମଣ୍ଡଳୀଗୁଡ଼ିକ ଯେଉଁମାନେ ଏକତ୍ର ହୋଇଥିଲେ ସେମାନଙ୍କ ଦ୍ୱାରା ନାଜରିନ୍ ମଣ୍ଡଳୀର ମୌଳିକ ଆଚରଣକୁ ଆକୃତି ପ୍ରଦାନ କରାଗଲା । ଏହି ଆଚରଣକୁ ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, Capeverde, Cuba, Canada, Mexico, Guatemala, Japan, Argentina, The United Kingdom, Swaziland, China ଏବଂ Peru ଏହି ଦେଶଗୁଡ଼ିକରେ ଥିବା ସଂଗଠିତ ମଣ୍ଡଳୀଗୁଡ଼ିକୁ ସଂପୂର୍ଣ୍ଣ ସହଯୋଗ କଲେ । ୧୯୩୦ ମଧ୍ୟରେ ଏହା South

Africa, Syria, Palestine, Mozambique, Barbados ଏବଂ Trinidad ପର୍ଯ୍ୟନ୍ତ ବ୍ୟାପିଲା । ଜାତୀୟ ସ୍ତରରେ ନେତୃବର୍ଗଙ୍କର ଆବଶ୍ୟକତା ଏହି ପ୍ରକ୍ରିୟାରେ ସଂପୃକ୍ତି ଥିଲା । ନେତାମାନେ ଏହି ଧାରା ପ୍ରତି ପ୍ରାଥମିକତା ଦେଲେ ଯଥା: ଜିଲାଧ୍ୟକ୍ଷ (District Superintendent) V.G. Santin (Mexico), Hirosi Kitagawa (Japan) ଏବଂ Samuel Bhujbal (India) ଆଦି ରହିଥିଲେ ।

୧୯୨୨ରେ J.G. Morrison ଅନେକ Layman's Holiness Association କର୍ମକର୍ତ୍ତାଙ୍କର ନେତୃତ୍ୱ ନେଲେ ଏବଂ USAର Dakotas, Minnesota ଏବଂ Monatanaରୁ ଏକ ହଜାରରୁ ଉର୍ଦ୍ଧ୍ୱ ସଭ୍ୟମାନେ ମଣ୍ଡଳୀରେ ସଂଯୁକ୍ତ ହେଲେ । ୧୯୩୦ରେ Robert Chung କୋରିଆନ୍ ପାଳକମାନଙ୍କୁ ଏବଂ ମଣ୍ଡଳୀଗୁଡ଼ିକୁ ନାଜରିନ୍ ମଣ୍ଡଳୀ ମଧ୍ୟକୁ ଘେନି ଆସିଲେ । ୧୯୪୫ରେ ଅଷ୍ଟ୍ରେଲିଆରେ ମଣ୍ଡଳୀଗୁଡ଼ିକ A.A.E. Bergଙ୍କ ଅଧିନରେ ମିଶିଲେ । ୧୯୪୮ରେ Alfredo del Rosso ଇଟାଲୀର ମଣ୍ଡଳୀଗୁଡ଼ିକୁ ନାଜରିନ୍ ମଧ୍ୟକୁ ଆଣିଲେ । Hephzibah Faith Missionary Association, ସାଉଥ୍ ଆଫ୍ରିକାର ଏକ କାର୍ଯ୍ୟକାରୀ ଅନୁଷ୍ଠାନ ଏବଂ ଏହାର କେନ୍ଦ୍ର ଥିଲା ଆମେରିକାର Taborରେ ସେମାନେ ମଧ୍ୟ ୧୯୫୦ରେ ନାଜରିନ୍ ସହିତ ମିଳିତ ହେଲେ । ୧୮୯୮ରେ I.O. Mcclurkamଙ୍କ ଦ୍ୱାରା Nashville, Tennessee, USAଠାରେ Penticostal Mission ଆରମ୍ଭ ହେଲା । ଧର୍ମଶାସ୍ତ୍ର ଅନୁମୋଦିତ ପବିତ୍ରତା ଉପରେ ସମସ୍ତେ ସମଭାବାପନ୍ନ ହେଲେ । ସେମାନଙ୍କ ମଧ୍ୟରୁ ପାଳକ, ଶିକ୍ଷକ ଆଦି ବିଶେଷ ନେତୃବର୍ଗ Cuba, Guatemala, Mexico ଓ ଭାରତକୁ ପ୍ରେରଣ କରାଗଲେ ।

୧୯୦୭ରେ ଇଂଲଣ୍ଡର ଲଣ୍ଡନଠାରେ David Thomasଙ୍କ ଦ୍ୱାରା International Holiness Mission ପ୍ରତିଷ୍ଠିତ ହେଲା ଏବଂ ଏହି କାର୍ଯ୍ୟ David Jonesଙ୍କ ଦ୍ୱାରା South Africaରେ ଅତିମାତ୍ରାରେ ବିକଶିତ ହେଲା । ୧୯୫୨ରେ ଇଂଲଣ୍ଡରେ ଥିବା ମଣ୍ଡଳୀଗୁଡ଼ିକ ଏବଂ ଆଫ୍ରିକାରେ ଚାଲୁଥିବା

ସେବାକାର୍ଯ୍ୟ T.B. Maclaganଙ୍କ ଅଧିନରେ ନାଜରିନ୍ ସହିତ ସଂଯୁକ୍ତ ହେଲେ । ୧୯୩୪ରେ Maynard James ଏବଂ Jack Ford ବ୍ରିଟେନ୍‌ଠାରେ Calvary Holiness Church ପ୍ରତିଷ୍ଠା କଲେ ଏବଂ ୧୯୫୫ରେ ନାଜରିନ୍ ସହିତ ସଂଯୁକ୍ତ ହେଲେ । ୧୯୧୮ରେ Gospel Worker Church, Canada, Ontarioଠାରେ Framk Goffଙ୍କ ଦ୍ୱାରା ପ୍ରତିଷ୍ଠା ହୋଇ ୧୯୫୮ରେ ନାଜରିନ୍ ସହିତ ସଂଯୁକ୍ତ ହେଲା । ନାଇଜେରିଆର ସଭ୍ୟମାନେ ୧୯୪୦ରେ ସ୍ଥାନୀୟ ନାଜରିନ୍ ମଣ୍ଡଳୀ ଗଠନ କଲେ ଏବଂ ୧୯୮୮ରେ Jeremiah U. Ekaidemଙ୍କ ଅଧିନରେ ଅନ୍ତର୍ଜାତୀକ ସହଭାଗିତାରେ ସଂଯୁକ୍ତ ହେଲେ ।

ନାଜରିନ୍‌ମାନେ ବିବେକର ସହିତ ମଣ୍ଡଳୀର ଏକ ଢାଞ୍ଚା ବିକାଶ କଲେ । ଯାହା ପ୍ରୋଟେଷ୍ଟାଣ୍ଟ୍ ନୀତିଠାରୁ ଭିନ୍ନ ଅଟେ । ୧୯୮୦ରେ ଦୁଇଟି ନିୟମ ଉପରେ ପ୍ରସ୍ତାବ ଦିଆଗଲା । ପ୍ରଥମଟି "ବିଶ୍ୱାସୀମାନଙ୍କର ବିଶ୍ୱବ୍ୟାପୀ ସହଭାଗିତାରେ ସେମାନଙ୍କର ସଂସ୍କୃତି ପୂର୍ଣ୍ଣ ମାତ୍ରାରେ ଗ୍ରହଣୀୟ", ଦ୍ୱିତୀୟଟି "ବିନାସର୍ତ୍ତରେ ଆଧ୍ୟାତ୍ମିକ ପବିତ୍ରତାକୁ ମୁଖ୍ୟ ଉପକରଣ ଭାବରେ ପ୍ରଚାର କରିବା" ଯାହା ନାଜରିନ୍‌ର ପରିଚୟ ଦିଏ ।

୧୯୮୦ରେ General Assembly "ଆନ୍ତର୍ଜାତୀୟ ପାରମାର୍ଥିକ ସମାନତା"କୁ ଗ୍ରହଣ କରି, ପ୍ରତ୍ୟେକ ସେବକ ନିମନ୍ତେ ପରମାର୍ଥ ଶିକ୍ଷାର ପ୍ରୟୋଜନକୁ ଦୃଢ଼ତାର ସହ ଉପସ୍ଥାପନ କଲା ଏବଂ ସମୁଦାୟ ପୃଥିବୀର ପ୍ରତ୍ୟେକ କ୍ଷେତ୍ରରୁ ପରମାର୍ଥ ଅନୁଷ୍ଠାନଗୁଡ଼ିକର ପର୍ଯ୍ୟାପ୍ତ ସମର୍ଥନ ନିମନ୍ତେ ଆହ୍ୱାନ ଦେଲା ।

ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ନାଜରିନ୍ ମଣ୍ଡଳୀ ଏକ ଅସାଧାରଣ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ୧୯୯୮ରେ ଅର୍ଦ୍ଧେକ ନାଜରିନ୍ ଆମେରିକାରେ, କାନାଡ଼ାରେ ଆଉ ରହିଲେ ନାହିଁ ଏବଂ ୪୧% General Assembly-200/ର ପ୍ରତିନିଧିମାନେ ଇଂରାଜୀ କହୁଥିଲେ ବା ପ୍ରାୟ କହୁ ନ ଥିଲେ । ୨୦୦୯ରେ ଆଫ୍ରିକୀୟ Eugenio Duarte, General Superimtendent ନିମନ୍ତେ ନିର୍ବାଚିତ ହେଲେ । ୨୦୧୩ରେ Central American, Guatemalaର Gustavo Crocker, General Superintendent ରୂପେ ନିର୍ବାଚିତ ହେଲେ ।

୨୦୧୭ରେ ଅନ୍ୟ ଜଣେ ଆଫ୍ରିକୀୟ Mozasiqueର Filimao Chambo ମଧ୍ୟ General Superintendent ନିମନ୍ତେ ନିର୍ବାଚିତ ହେଲେ ଏବଂ ପ୍ରଥମ ଥର ପାଇଁ Board of General Superintendentର ସଦସ୍ୟମାନେ North Americaର ବାହାର ଦେଶର ନାଗରିକ ।

୨୦୧୭ ମଧ୍ୟରେ ସୁଦ୍ଧା ମଣ୍ଡଳୀ ୧୬୦ଟି ଦେଶଗୁଡ଼ିକର ପ୍ରତିଷ୍ଠିତ ହୋଇ ୪୭୧ଟି District ଏବଂ ୨.୫ କୋଟି ସଭ୍ୟ ଥିଲେ । ପ୍ରାୟ ୨୮% ନାଜରିନ୍‌ମାନେ ଥିଲେ ଆଫ୍ରିକୀୟ, ୨୯% Latin America ଏବଂ Carabian ଏବଂ ଏକ ଚତୁର୍ଥାଂଶ USA ଏବଂ Canada ଦେଶରୁ ଥିଲେ । ମଣ୍ଡଳୀର ପ୍ରତିଷ୍ଠିତ European Districtଗୁଡ଼ିକ Eastern Europe ମଧ୍ୟରେ ନୂତନ ଭାବରେ ପ୍ରସାର ହେଲା ଏବଂ ଏସିଆରେ ଥିବା ମଣ୍ଡଳୀଗୁଡ଼ିକ ଯେପରି (କୋରିଆରେ, ଜାପାନ୍‌ରେ ଏବଂ ଭାରତରେ) South East Asiaକୁ ପ୍ରବେଶ କଲେ । ୨୦୧୭ ସୁଦ୍ଧା ତିନୋଟି ସର୍ବବୃହତ୍ ନାଜରିନ୍ Districtଗୁଡ଼ିକ ଏସିଆ ଏବଂ ଆଫ୍ରିକା ମଧ୍ୟରେ ଥିଲେ ଏବଂ ଉପାସନାରେ ଉପସ୍ଥିତ ହେଉଥିବା ସର୍ବବୃହତ୍ ସଂଖ୍ୟାରେ ସଭ୍ୟମାନେ ଦକ୍ଷିଣ ଆମେରିକା ଏବଂ କାରାବିଆନ୍‌ରୁ ଥିଲେ ।

## ଆନ୍ତର୍ଜାତୀକ ସେବାକାର୍ଯ୍ୟର ଚରିତ୍ର

### ନାଜରିନ୍‌ର ଯୋଜନାବଦ୍ଧ ସେବାକାର୍ଯ୍ୟ ଯଥା:

ସୁସମାଚାର ପ୍ରଚାର, ସାମାଜିକ ସେବା ଏବଂ ଶିକ୍ଷା ଐତିହାସିକ ଭାବରେ ଚତୁର୍ଦ୍ଦିଗରେ କେନ୍ଦ୍ରୀଭୂତ ଥିଲା । ସେମାନେ ବିଭିନ୍ନ ସଂସ୍କୃତିରେ ଥିବା ସୁସମାଚାର କାର୍ଯ୍ୟକାରୀମାନଙ୍କର ସହଯୋଗରେ ଏବଂ ହଜାର ହଜାର ସ୍ଥାନୀୟ ସେବାକାରୀ ଓ ସାଧାରଣ ସେବାକାରୀ ଏବଂ ଯେଉଁମାନେ ୱେସ୍‌ଲିଆନ୍ ଧାରାକୁ ସେମାନଙ୍କ ନିଜ ସଂସ୍କୃତିରେ ଆପଣାଇଛନ୍ତି, ସେମାନଙ୍କ ସହଯୋଗରେ ଓ ଆପୋଷ ବୁଝାମଣା ଦ୍ୱାରା ଚତୁର୍ଦ୍ଦିଗ ବ୍ୟାପିଗଲେ ।

**ସୁସମାଚାର ସେବା:**

ଭିନ୍ନ ଭିନ୍ନ ସଂସ୍କୃତି ମଧ୍ୟରେ ନାଜରିନ୍ ସେବାକାର୍ଯ୍ୟ ପ୍ରତିଷ୍ଠା କରିବାରେ Hiram E. Reynoldsଙ୍କର ଯୋଜନା ଥିଲା । ସେ Genearal Superintendent ଥିବା ଅବସ୍ଥାରେ ତାଙ୍କର ବାରମ୍ବାର ପ୍ରୟାସ ହେତୁ Mission ସମ୍ପ୍ରଦାୟର ପ୍ରାଥମିକତା ପ୍ରାପ୍ତ ହେଲା । (Nazarene Mission International) ଯାହାର ମୂଳ ନାମ ଥିଲା (Women's Mission Society) । ସେମାନେ ସମୁଦାୟ ଜଗତରେ ସହଭାଗିତାଗୁଡ଼ିକରେ ସମ୍ପ୍ରଦାୟର ଶିକ୍ଷା ପ୍ରସାର ନିମନ୍ତେ ଅର୍ଥ ସଂଗ୍ରହ କଲେ । ନୂତନ ଧରଣର ସହରୀ ସେବାକାର୍ଯ୍ୟ ବିକାଶ ହେଲା ଏବଂ ମଣ୍ଡଳୀ ୧୯୮୦ରେ ଏକ ଆନ୍ତର୍ଜାତୀୟ "Thrust to the Cities" କାର୍ଯ୍ୟକ୍ରମର ଦାୟିତ୍ୱ ଗ୍ରହଣ କଲା । ଏହା ମାଧ୍ୟମରେ ନାଜରିନ୍ ପୂର୍ବ ଆଫ୍ରିକାରେ ଉଦ୍ଦୀପନାରେ ଅଂଶଗ୍ରହଣ କଲା ଏବଂ ବିଭିନ୍ନ ଦେଶଗୁଡ଼ିକରେ ସେବା କଲା ଯେପରି ବାଙ୍ଗ୍ଲା ଦେଶ୍ ଯେଉଁଠାରେ ମାର୍ଚ୍ଚ ୨୪, ୨୦୧୦ରେ ୧୯୩ ଜଣ ଏକ ସେବାକାର୍ଯ୍ୟରେ/ଉପାସନାରେ ଅଭିଷିକ୍ତ ହେଲେ ଯାହାକି ଖ୍ରୀଷ୍ଟିୟାନ ଇତିହାସରେ ଏକ ଅସାଧାରଣ ଘଟଣା ।

**ଦୟା / କରୁଣାର ସେବାକାର୍ଯ୍ୟ:**

ପ୍ରାରମ୍ଭିକ ନାଜରିନ୍‌ମାନେ ଭାରତରେ ଦୁର୍ଭିକ୍ଷ ପୀଡ଼ିତମାନଙ୍କୁ ସାହାଯ୍ୟ, ଅନାଥ ଆଶ୍ରମ ପ୍ରତିଷ୍ଠା, ଅବିବାହିତା ଝିଅ / କନ୍ୟାମାନଙ୍କ ନିମନ୍ତେ ଆଶ୍ରମ, ନିଶାଖୋରମାନଙ୍କଠାରେ ସେବାକାର୍ଯ୍ୟ କରିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହର ସାକ୍ଷ୍ୟ ଦେଇଥିଲେ । ୧୯୨୦ରେ ମଣ୍ଡଳୀର ସମାଜସେବାର ପ୍ରାଥମିକତା, ଔଷଧ ଦିଗକୁ ପରିବର୍ତ୍ତିତ ହେଲା । ଯଦ୍ୱାରା China ଏବଂ Swaziland ଏବଂ ପରବର୍ତ୍ତୀ ସମୟରେ ଭାରତ ଓ Papua New Guineaରେ ଡାକ୍ତରଖାନା ପ୍ରତିଷ୍ଠା ହେଲା । ନାଜରିନ୍ ମେଡିକାଲ୍‌ର ଡାକ୍ତରମାନେ ରୋଗୀମାନଙ୍କର ଯତ୍ନ ନେଲେ, ଅପରେସନ୍ କଲେ, ନର୍ସମାନଙ୍କୁ ପ୍ରଶିକ୍ଷଣ ଦେଲେ ଏବଂ ପୃଥିବୀର କେତେକ ଗରୀବ ଲୋକଙ୍କ ମଧ୍ୟରେ ଥିବା ହସ୍‌ପିଟାଲ୍‌ମାନଙ୍କୁ ସହାୟତା କଲେ । ବିଶେଷ ହସ୍‌ପିଟାଲ୍‌ଗୁଡ଼ିକ ପ୍ରତିଷ୍ଠା ହେଲା । ଯେପରି ଆଫ୍ରିକାରେ ଏକ କୁଷ୍ଠରୋଗୀମାନଙ୍କ ନିମନ୍ତେ

ହସ୍ପିଟାଲ୍ । ୧୯୮୦ ଦଶକରେ ସୃଷ୍ଟି ହୋଇଥିବା Nazarene Compassionate Ministries (N.C.M) ଅଧିକ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଅନୁମତି ପ୍ରାପ୍ତ ହେଲା । ଯଦ୍ଦ୍ୱାରା ବର୍ତ୍ତମାନ ଏହା Child Sponsership କାର୍ଯ୍ୟକ୍ରମ, Disaster relief କାର୍ଯ୍ୟକ୍ରମ, AIDS ଉପରେ ଶିକ୍ଷା, ଅନାଥ ଅନୁଦାନ, Water Projects ଏବଂ ଖାଦ୍ୟ ବିତରଣର କାର୍ଯ୍ୟ କରୁଛି ।

**ଶିକ୍ଷା:**

ଖ୍ରୀଷ୍ଟଙ୍କ ସଦୃଶ୍ୟ ଶିଷ୍ୟ ସୃଷ୍ଟି କରିବାରେ ନାଜରିନ୍ ସଣ୍ଡେସ୍କୁଲଗୁଡ଼ିକ ଏବଂ ବାଇବଲ ଅଧ୍ୟୟନଗୁଡ଼ିକ ସର୍ବଦା ମଣ୍ଡଳୀ ଜୀବନରେ ମୁଖ୍ୟ ଭୂମିକା ଅବଲମ୍ବନ କରି ଆସିଅଛି । ୧୯୦୫ରେ କଲିକତାଠାରେ ବାଳିକାମାନଙ୍କ ନିମନ୍ତେ "Hope School" ପ୍ରତିଷ୍ଠିତ ହୋଇଥିଲା । ସମୁଦାୟ ପୃଥିବୀରେ ନାଜରିନ୍ ସ୍କୁଲଗୁଡ଼ିକ, ସାମାଜିକ, ଅର୍ଥନୈତିକ ଏବଂ ଧାର୍ମିକ ଜୀବନରେ ସଂପୂର୍ଣ୍ଣ ଯୋଗଦାନ କରି ଲୋକମାନଙ୍କୁ ଶିକ୍ଷା ଦ୍ୱାରା ପ୍ରସ୍ତୁତ କଲେ । ଉଚ୍ଚଶିକ୍ଷା ନିମନ୍ତେ ନାଜରିନ୍‌ର ୫୩ଟି ଆନ୍ତର୍ଜାତିକ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଅଛି । ସେଗୁଡ଼ିକ Africaରେ, Canadaରେ, Koreaରେ, Swazilandରେ, Trinidadରେ ଏବଂ U.S.Aରେ ଅଛି । ୩୦ଟି ପାରମାର୍ଥିକ ମହାବିଦ୍ୟାଳୟ ରହିଛି ଭାରତରେ ଏବଂ Papua New Guineaରେ ଗୋଟିଏ ଲେଖାଏଁ ନର୍ସିଂ ସ୍କୁଲ ରହିଛି; ପାରମାର୍ଥିକ ମହାବିଦ୍ୟାଳୟଗୁଡ଼ିକ Australia, Costarica, England, Philippines ଏବଂ U.S.Aରେ ରହିଛି ।

ନାଜରିନ୍ ମଣ୍ଡଳୀ ଗୋଟିଏ ମଣ୍ଡଳୀରୁ ଆରମ୍ଭ ହୋଇ କ୍ରମାନୁଯାୟୀ ବୃଦ୍ଧି ପାଇ ବିଶ୍ୱ ସମାଜରେ ପରିଚିତ ହୋଇପାରିଛି । ୱେସ୍‌ଲିଆନ୍ ରୀତିନୀତିର ମୂଳଦୁଆରେ ଛିଡ଼ା ହୋଇଥିବା ନାଜରିନ୍‌ମାନେ ନିଜକୁ ଖ୍ରୀଷ୍ଟିୟାନ, ପବିତ୍ର ଏବଂ ଉଦ୍ଦେଶ୍ୟ ସାଧନକାରୀ ବୋଲି କୁହନ୍ତି ଏବଂ "ସମୁଦାୟ ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି

କରିବା” To make Christ like disciples in the Nation” ମିଶନ୍‌ର ଉକ୍ତିକୁ କୋଳାଗ୍ରତ କରନ୍ତି / ପ୍ରଥମ ସ୍ଥାନ ଦିଅନ୍ତି ।

# ଭାଗ – ୨

# ନାଜରୀନ୍ ମଣ୍ଡଳୀ ବିଶ୍ୱାସର ଉକ୍ତି

## ଅନୁଚ୍ଛେଦ - ୧ : ତ୍ରିବିଧ ପରମେଶ୍ୱର

କ) ଯେ ଅନନ୍ତ ଏବଂ ଅସୀମ ଅଟନ୍ତି ସେହି ଏକମାତ୍ର ଈଶ୍ୱରଙ୍କୁ ଆମେ ବିଶ୍ୱାସ କରୁ । ସେ ସମସ୍ତ ବିଷୟକୁ ସମ୍ଭାଳନ୍ତି । ସେ ସମଗ୍ର ବିଶ୍ୱର ସୃଷ୍ଟିକର୍ତ୍ତା ଏବଂ ଚାଳକ ଅଟନ୍ତି । ସମସ୍ତ ବିଷୟକୁ ସେ ସମ୍ଭାଳନ୍ତି । ଈଶ୍ୱର ସଂପୂର୍ଣ୍ଣ ରୂପେ ପବିତ୍ର ଅଟନ୍ତି । ସେ ପବିତ୍ର ଜ୍ୟୋତି ଏବଂ ପବିତ୍ର ପ୍ରେମ ଅଟନ୍ତି । ଈଶ୍ୱର ଜଣେ ଅସ୍ତିତ୍ୱ ସେ ତ୍ରିବିଧ ଅଟନ୍ତି । ଯାହାର ଅର୍ଥ ସେ ଆତ୍ମମାନଙ୍କଠାରେ ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ରୂପେ ପରିପ୍ରକାଶ କଲେ: (ତ୍ରିବିଧ)

(ଆଦି ପୁସ୍ତକ ୧ ; ଲେବୀୟ ୧୯ : ୨ ; ଦ୍ୱିତୀୟ ବିବରଣ ୬:୪–୫ ; ଯିଶାଇୟ ୫:୧୬; ୬:୧–୭; ୪୦:୧୮–୩୧; ମାଥିଉ ୩:୧୬–୧୭; ୨୮:୧୯–୨୦; ଯୋହନ ୧୪:୬–୨୭; ୧ମ କରିନ୍ଥୀୟ ୧୩:୧୪; ଗାଲାତୀୟ ୪:୪–୬; ଏଫିସୀୟ ୨ : ୧୩–୧୮ ; ୧ମ ଯୋହନ ୧ :୫; ୪:୮)

## ଅନୁଚ୍ଛେଦ - ୨ : ଯୀଶୁ ଖ୍ରୀଷ୍ଟ

ଯୀଶୁ ଖ୍ରୀଷ୍ଟ ତ୍ରିବିଧ ପରମେଶ୍ୱରଙ୍କର ଦ୍ୱିତୀୟ ବ୍ୟକ୍ତିବିଶେଷ ଯେକି ଈଶ୍ୱରଙ୍କ ସହିତ ଅନନ୍ତକାଳ ପାଇଁ ଏକ ଅଟନ୍ତି, ଏହା ଆମେ ବିଶ୍ୱାସ କରୁ । ପବିତ୍ର ଆତ୍ମାଙ୍କ କର୍ତ୍ତୃକ ସେ ମନୁଷ୍ୟ ରୂପ ଧାରଣ କଲେ ଏବଂ କୁମାରୀ ମରିୟମଙ୍କ କୋଳରେ ଜନ୍ମ ଗ୍ରହଣ କଲେ । ସେ ଈଶ୍ୱରୀୟ ଭାବମୂର୍ତ୍ତୀ ଓ ମାନବୀୟ ଭାବମୂର୍ତ୍ତୀର ମିଶ୍ରଣରୁ ଉତ୍ପନ୍ନ । ସେ ହେଉଛନ୍ତି ସର୍ବୋଚ୍ଚ ବ୍ୟକ୍ତି ବିଶେଷ କେବଳ ପରମେଶ୍ୱର ପୁଣି ସର୍ବୋଚ୍ଚ ଦେହବନ୍ତ ହୋଇଥିବା ମନୁଷ୍ୟ । ବରଂ ସେ ଜଣେ ସମ୍ପୂର୍ଣ୍ଣ ଈଶ୍ୱର ଏବଂ ସମ୍ପୂର୍ଣ୍ଣ ମନୁଷ୍ୟ ଅଟନ୍ତି ।

ଆମ୍ଭମାନଙ୍କ ପାପ ନିମନ୍ତେ ଯୀଶୁ ଖ୍ରୀଷ୍ଟ ମୃତ୍ୟୁବରଣ କଲେ ଏବଂ ସ୍ୱଶରୀରରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥିତ ହେଲେ ଏଥିରେ ଆମେ ବିଶ୍ୱାସ କରୁ । ସେ ସ୍ୱଶରୀରରେ ସ୍ୱୟଂ ସ୍ୱର୍ଗାରୋହଣ କଲେ ଏବଂ ମନୁଷ୍ୟର ସିଦ୍ଧତା ନିମିତ୍ତ ସମସ୍ତ ବିଷୟରେ ସେ ଆମ୍ଭ ନିମନ୍ତେ ବର୍ତ୍ତମାନ ମଧ୍ୟସ୍ଥତା କରୁଅଛନ୍ତି ।

(ମାଥିଉ ୧:୨୦-୨୫; ୧୬:୧୫-୧୬; ଲୂକ ୧:୨୬-୩୫; ଯୋହନ ୧:୧-୧୮; ପ୍ରେରିତ ୨:୨୨-୩୬; ରୋମୀୟ ୮:୩, ୩୨-୩୪; ଗାଲାତୀୟ ୪:୪-୫; ଫିଲିପ୍ପୀୟ ୨:୫-୧୧; କଲସୀୟ ୧:୧୨-୨୨; ୧ମ ତୀମଥି ୬:୧୪-୧୬; ଏବ୍ରୀ ୧:୧-୫; ୭:୨୨-୨୮; ୧ମ ଯୋହନ ୧:୧-୩; ୪:୨-୩,୧୫)

## ଅନୁଚ୍ଛେଦ - ୩: ପବିତ୍ରଆତ୍ମା

ପବିତ୍ର ଆତ୍ମା ତ୍ରିତ୍ତ୍ୱ ପରମେଶ୍ୱରଙ୍କର ତୃତୀୟ ବ୍ୟକ୍ତି ବିଶେଷ ଅଟନ୍ତି । ଏହା ଆମେ ବିଶ୍ୱାସ କରୁ । ଖ୍ରୀଷ୍ଟଙ୍କର ମଣ୍ଡଳୀରେ ଏବଂ ମାଧ୍ୟମରେ ଅବିରତ ଯେ କାର୍ଯ୍ୟ କରୁଅଛନ୍ତି । ସେ ଜଗତକୁ ପାପର ହୃଦ୍‌ବୋଧ କରାଇଥାନ୍ତି ଏବଂ ଯେଉଁମାନେ ଅନୁତାପ କରନ୍ତି ଓ ବିଶ୍ୱାସ କରନ୍ତି ସେ ସେମାନଙ୍କୁ ନୂତନ ଜୀବନ ପ୍ରଦାନ କରନ୍ତି । ଯୀଶୁଙ୍କଠାରେ ପ୍ରକାଶିତ ହୋଇଥିବା ସମସ୍ତ ସତ୍ୟତା ପ୍ରତି ସେ ବିଶ୍ୱାସୀମାନଙ୍କୁ ପଥ ଦେଖାଇଥାଆନ୍ତି ଏବଂ ପବିତ୍ର କରନ୍ତି ।

(ଯୋହନ ୭:୩୯; ୧୪:୧୫-୧୮,୨୬; ୧୬:୭-୧୫; ପ୍ରେରିତ ୨:୩୩; ୧୫:୮-୯; ରୋମୀୟ ୮:୧-୨୭; ଗାଲାତୀୟ ୩:୧-୧୪; ୪:୬; ଏଫିସୀୟ ୩:୧୪-୨୧; ୧ମ ଥେସଲନୀକୀୟ ୪:୭-୮; ୨ୟ ଥେସଲନୀକୀୟ ୨:୧୩; ୧ମ ପିତର ୧:୨; ୧ମ ଯୋହନ ୩:୨୪; ୪:୧୩)

## ଅନୁଚ୍ଛେଦ - ୪: ପବିତ୍ର ଶାସ୍ତ୍ର

ଆମେ ବିଶ୍ୱାସ କରୁ ବାଇବଲ ସମ୍ପୂର୍ଣ୍ଣ ଏବଂ ଈଶ୍ୱରଙ୍କ ପ୍ରେରଣାର ବାକ୍ୟ ଅଟେ । ପୁରାତନ ଏବଂ ନୂତନ ନିୟମର ସମସ୍ତ ପୁସ୍ତକଗୁଡ଼ିକ ନିର୍ଭୁଲ ଭାବରେ ପ୍ରକାଶିତ ହୋଇଅଛି । ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ଯେଉଁ ସବୁ ବିଷୟ ଜାଣିବାର ଆବଶ୍ୟକ ତହିଁ ମଧ୍ୟରେ ଲିଖିତ ଅଛି ।

(ଲୂକ ୨୪:୪୪-୪୭; ଯୋହନ ୧୦:୩୫; ୧ମ କରିନ୍ଥୀୟ ୧୫:୩-୪; ୨ୟ ତୀମଥି ୩:୧୫-୧୭; ୧ମ ପିତର ୧:୧୦-୧୨; ୨ୟ ପିତର ୧:୨୦-୨୧)

## ଅନୁଚ୍ଛେଦ - ୫: ପାପ

ଆମେ ବିଶ୍ୱାସ କରୁ ଆମ୍ଭମାନଙ୍କର ଆଦି ପିତା, ମାତା ଆଦମ ଏବଂ ହବା ଈଶ୍ୱରଙ୍କର ଆଜ୍ଞା ଅବଜ୍ଞା କରିବା ହେତୁ ଜଗତରେ ପାପ ପ୍ରବେଶ କରିଥିଲା । ସେମାନଙ୍କର ପାପ ସୃଷ୍ଟିକୁ ମୃତ୍ୟୁ ଦିଗକୁ ଘେନି ଯାଇଥିଲା । ଦୁଇ ଧରଣର ପାପ ଅଛି ବୋଲି ଆମେ ବିଶ୍ୱାସ କରୁ: ଆଦି ପାପ ଏବଂ ବ୍ୟକ୍ତିଗତ ପାପ ।

୧. ଆମେ ବିଶ୍ୱାସ କରୁ ପ୍ରତ୍ୟେକେ କଳୁଷିତ ସ୍ୱଭାବ ସହିତ ଜନ୍ମ ହୋଇ ଅଛନ୍ତି,ଯାହାକୁ ଆଦି ପାପ କିମ୍ବା ଭ୍ରଷ୍ଟ ବୋଲି କୁହାଯାଏ । ଈଶ୍ୱର, ଆଦି ପିତା ମାତାଙ୍କୁ ସୃଷ୍ଟି କରିବା ସମୟରେ ଯେଉଁ ପବିତ୍ର ଅବସ୍ଥା ଏବଂ ମୂଳ ଧାର୍ମିକତା ବା ଆଦି ଧାର୍ମିକତା ଥିଲା ତା'ଠାରୁ ଆମ୍ଭମାନଙ୍କୁ ପାପ ପୃଥକ କରେ । ଆମେ ଆତ୍ମୀକ ଭାବରେ ମୃତ ହେଲୁ ଏବଂ ମନ୍ଦରେ ନିୟମିତ ଭାବରେ ଜୀବନ କାଟିଲୁ । ଆମେ ବିଶ୍ୱାସ କରୁ

ପବିତ୍ର ଆତ୍ମାଙ୍କ ସହିତ ବାପ୍ତିସ୍ମ ହୋଇ ପୂର୍ଣ୍ଣ ପ୍ରକ୍ଷାଳନ ନ ହେବା ପର୍ଯ୍ୟନ୍ତ ଆଦି ପାପ ଖ୍ରୀଷ୍ଟିଆନର ହୃଦୟରେ ରହିଥାଏ ।

୨. ପାପ କରିବାଠାରୁ ମୂଳ ପାପ ବା ଆଦି ପାପ ଭିନ୍ନ ଅଟେ । ଏହା ଏକ ଆନ୍ତରିକ କଳୁଷିତତା ଅଟେ ଯାହା ଆମକୁ ପାପ କାର୍ଯ୍ୟ କରିବାକୁ ଆଗେଇ ନିଏ । ଯେପର୍ଯ୍ୟନ୍ତ ଏକ ବ୍ୟକ୍ତି ଈଶ୍ୱରଙ୍କର ଉଦ୍ଧାରକାରୀ ପ୍ରକ୍ରିୟାକୁ ପ୍ରତ୍ୟାଖାନ କରିଛି ସେପର୍ଯ୍ୟନ୍ତ ଆଦିପାପ ଦ୍ୱାରା ତାହାକୁ ବିଚାର କରାଯାଇନପାରେ ।

୩. ବ୍ୟକ୍ତିଗତ ପାପ ମଧ୍ୟ ପ୍ରକୃତ ପାପ ବୋଲି କୁହାଯାଏ । ଏହା ହେଉଛି ଈଶ୍ୱରଙ୍କର ଜଣାଶୁଣା ବ୍ୟବସ୍ଥା ଗୁଡ଼ିକୁ ଜାଣିଶୁଣି ଲଙ୍ଘନ କରିବା । କେବଳ ଜଣେ ଯେକେହି ଜ୍ଞାତ ସାରରେ ଏବଂ ନୈତିକତା ଭାବରେ ତାର କାର୍ଯ୍ୟଗୁଡ଼ିକ ବିଷୟରେ ବୁଝିବାକୁ ସକ୍ଷମ ହୁଏ ଯେ, ସେ ବ୍ୟକ୍ତିଗତ ଭାବରେ ପାପ କରିବାରେ ସକ୍ଷମ । ସ୍ୱତଃ ଯାତ ପ୍ରକୃତି ଯାହା ଯୋଗ୍ୟ ବିବେଚିତ କରେ ନାହିଁ ସେଗୁଡ଼ିକ ପାପ ପରି ସମାନ ନୁହନ୍ତି । ଯାହା ହେଉନା କାହିଁକି ଏହି ସୀମା ବନ୍ଧନଗୁଡ଼ିକ ଆତ୍ମାଙ୍କର ପାପ ବୋଲି ମନେ କରିବା ଉଚିତ ନୁହେଁ । ଆତ୍ମାର ପାପଗୁଡ଼ିକ ଏପରି ସ୍ୱାଭାବ ଏବଂ ଆଚରଣରେ ଅର୍ନ୍ତଭୂକ୍ତ ଯାହା ଖ୍ରୀଷ୍ଟଙ୍କ ଆତ୍ମାଙ୍କ ସହିତ ବିପରିତ ଅଟେ । ବ୍ୟକ୍ତିଗତ ପାପ ପ୍ରାଥମିକ ଭାବରେ ଏବଂ ମୂଳତଃ ପ୍ରେମର ବ୍ୟବସ୍ଥାକୁ ଲଙ୍ଘନ କରିବା ଯାହା ଯୀଶୁଖ୍ରୀଷ୍ଟଙ୍କୁ ଅବିଶ୍ୱାସ କରିବା ସହିତ ସମାନ ଅଟେ ବୋଲି ବର୍ଣ୍ଣନା କରାଯାଇପାରେ ।

(ଆଦି ପୁସ୍ତକ ୩; ୬:୫; ଆୟୁବ ୧୫:୧୪; ଗୀତସଂହିତା ୫୧:୫; ଯିରିମିୟ ୧୭:୯-୧୦; ମାର୍କ ୭:୨୧-୨୩; ରୋମୀୟ ୧:୧୮-୨୫; ୫:୧୨-୧୪; ୭:୧-୮:୯; ୧ମ କରିନ୍ଥୀୟ ୩:୧-୪; ଗାଲାତୀୟ ୫:୧୬-୨୫; ୧ମ ଯୋହନ ୧:୭-୮; ମାଥିଉ ୨୨:୩୬-୪୦; ୧ମ ଯୋହନ ୩:୪; ଯୋହନ ୮:୩୪-୩୬; ୧୬:୮-୯; ରୋମୀୟ

୩:୨୩; ୬:୧୫-୨୩; ୮:୧୮-୨୪; ୧୪:୨୩; ୧ମ ଯୋହନ ୧:୯-୨:୪; ୩:୭-୧୦)

## ଅନୁଚ୍ଛେଦ - ୬: ପ୍ରାୟଶ୍ଚିତ

ଆମେ ବିଶ୍ୱାସ କରୁ ଯେ ଈଶ୍ୱର ଏବଂ ମାନବଜାତି ମଧ୍ୟରେ ଏକ ଉତ୍ତମ ସମ୍ପର୍କ ଆଣିବା ନିମନ୍ତେ ଯୀଶୁ ଖ୍ରୀଷ୍ଟ ଦୁଃଖଭୋଗ କଲେ, ଲହୁ ଝରାଇଲେ ଏବଂ କ୍ରୁଶରେ ମୃତ୍ୟୁବରଣ କଲେ ଏହାକୁ କୁହାଯାଏ ପ୍ରାୟଶ୍ଚିତ । ଏହା ପ୍ରତ୍ୟେକ ମାନବ ନିମନ୍ତେ ପ୍ରତିକାର ଯୋଗାଏ ଏବଂ ଏହା କେବେଳ ପରିତ୍ରାଣ ଉପରେ ଆଧାରିତ ଅଟେ । ପ୍ରତ୍ୟେକ ମନୁଷ୍ୟ ପାଇଁ ଯୀଶୁ ମୃତୁବରଣ କଲେ । ଯେଉଁମାନେ ସ୍ୱୟଂ ନିଷ୍ପତିଗୁଡ଼ିକ ନେବାରେ ସକ୍ଷମ ନୁହନ୍ତି, ସେହି ସନ୍ତାନମାନଙ୍କ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ପରିତ୍ରାଣ ଯୋଗାଇଥାଏ । ଅନ୍ୟ ବ୍ୟକ୍ତିଗଣ ଉଦ୍ଧାର ପ୍ରାପ୍ତି ନିମନ୍ତେ ନିଶ୍ଚୟ ବିଶ୍ୱାସ କରିବା ଆବଶ୍ୟକ ।

(ଯିଶାଇୟ ୫୩:୫-୬,୧୧; ମାର୍କ ୧୦:୪୫; ଲୂକ ୨୪:୪୬-୪୮; ଯୋହନ ୧:୨୯; ୩:୧୪-୧୭; ପ୍ରେରିତ ୪:୧୦-୧୨; ରୋମୀୟ ୩:୨୧-୨୬; ୪:୧୭-୨୫; ୫:୬-୨୧; ୧ମ କରିନ୍ଥୀୟ ୬:୨୦; ୨ୟ କରିନ୍ଥୀୟ ୫:୧୪-୨୧; ଗାଲାତୀୟ ୧:୩-୪; ୩:୧୩-୧୪; କଲସୀୟ ୧:୧୯-୨୩; ୧ମ ତିମଥି ୨:୩-୬; ତୀତସ ୨:୧୧-୧୪; ଏବ୍ରୀ ୨:୯; ୯:୧୧-୧୪; ୧୩:୧୨; ୧ମ ପିତର ୧:୧୮-୨୧; ୨:୧୯-୨୫; ୧ମ ଯୋହନ ୨:୧-୨)

## ଅନୁଚ୍ଛେଦ - ୭: ପୂର୍ବ ନିର୍ଦ୍ଧାରିତ ଅନୁଗ୍ରହ

ଯେ ଈଶ୍ୱରଙ୍କ ଅନୁଗ୍ରହ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପ୍ରତେକଙ୍କ ନିମନ୍ତେ ବିନା ମୂଲ୍ୟରେ ପ୍ରଦତ୍ତ ହୋଇଅଛି ଏହା ଆମେ ବିଶ୍ୱାସ କରୁ । ଯେଉଁମାନେ ପାପରୁ ଧାର୍ମିକତା ପ୍ରତି ଫେରିବା ନିମନ୍ତେ ଇଚ୍ଛା କରନ୍ତି ଏବଂ ପାପରୁ ପ୍ରକ୍ଷାଳନ ଓ କ୍ଷମା ନିମନ୍ତେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ଏହା ସକ୍ଷମ କରାଏ ଏବଂ

ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପରି ଜୀବନ କାଟିବାରେ ମଧ୍ୟ ଏହା ସେମାନଙ୍କୁ ଅନୁମତି ଦିଏ ।

ଆମେ ବିଶ୍ୱାସ କରୁ ମାନବଜାତି ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି ହୋଇଅଛି ଯେଉଁଥିରେ ଭଲ ଏବଂ ମନ୍ଦ ନିର୍ଣ୍ଣୟ କରିବା ମଧ୍ୟ ଅନ୍ତର୍ଭୂକ୍ତ ଥିଲା । ଏହା ନୈତିକ ଦାୟୀତ୍ୱ ରୂପେ ଜଣାଯାଏ । ଆଦମ ଏବଂ ହବାଙ୍କ ପାପ ହେତୁ ପ୍ରତେକ ମନୁଷ୍ୟ କଳୁଷିତ ସ୍ୱାଭାବରେ ଜନ୍ମ । ସେମାନେ ସ୍ୱୟଂ ଈଶ୍ୱରଙ୍କ ପ୍ରତି ଫେରି ପାରିବେ ନାହିଁ କିମ୍ୱା ନିଜକୁ ଉଦ୍ଧାର କରିବା ନିମନ୍ତେ ଉତ୍ତମ କାର୍ଯ୍ୟ ମଧ୍ୟ କରି ପାରିବେ ନାହିଁ ।

(ଆଦି ପୁସ୍ତକ ୧:୨୬-୨୭; ୨:୧୬-୧୭; ଦ୍ୱିତୀୟ ବିବରଣ ୨୮:୧-୨; ୩୦:୧୯; ଯିହୋଶୂୟ ୨୪:୧୫; ଗୀତସଂହିତା ୮:୩-୫; ଯିଶାଇୟ ୧:୮-୧୦; ଯିରିମିୟ ୩୧:୨୯-୩୦; ଯିହିଜିକଲ ୧୮:୧-୪; ମୀଖା ୬:୮; ରୋମୀୟ ୧:୧୯-୨୦; ୨:୧-୧୬; ୧୪:୭-୧୨; ଗାଲାତୀୟ ୬:୭-୮; ଆୟୁବ ୧୪:୪; ୧୫:୧୪; ଗୀତସଂହିତା ୧୪:୧-୪; ୫୧:୫; ଯୋହନ ୩:୬କ; ରୋମୀୟ ୩:୧୦-୧୨; ୫:୧୨-୧୪, ୨୦କ; ୭:୧୪-୨୫; ଯିହିଜିକଲ ୧୮:୨୫-୨୬; ଯୋହନ ୧:୧୨-୧୩; ୩:୬ଖ; ପ୍ରେରିତ ୫:୩୧; ରୋମୀୟ ୫:୬-୮,୧୮; ୬:୧୫-୧୬,୨୩; ୧୦:୬-୮; ୧୧:୨୨; ୧ମ କରିନ୍ଥୀୟ ୨:୯-୧୪; ୧୦:୧-୧୨; ୨ୟ କରିନ୍ଥୀୟ ୫:୧୮-୧୯; ଗାଲାତୀୟ ୫:୬; ଏଫିସୀୟ ୨:୮-୧୦; ଫିଲିପ୍ପୀୟ ୨:୧୨-୧୩; କଲସୀୟ ୧:୨୧-୨୩; ୨ୟ ତୀମଥି ୪:୧୦କ; ତୀତସ ୨:୧୧-୧୪; ଏବ୍ରୀ ୨:୧-୩; ୩:୧୨-୧୫; ୬:୪-୬; ୧୦:୨୬-୩୧; ଯାକୁବ ୨:୧୮-୨୨; ୨ୟ ପିତର ୧:୧୦-୧୧; ୨:୨୦-୨୨)

## ଅନୁଚ୍ଛେଦ - ୮: ଅନୁତାପ

ଆମେ ବିଶ୍ୱାସ କରୁ , ଯେଉଁ ବ୍ୟକ୍ତି ଅନୁତାପ କରିବାକୁ ଏବଂ ଈଶ୍ୱରଙ୍କ ଦୟା ପାଇବାକୁ ଉଚ୍ଛା କରେ ପବିତ୍ର ଆତ୍ମା ଅନୁଗ୍ରହ ମୂଳକ ସେମାନଙ୍କୁ ସାହାଯ୍ୟ କରନ୍ତି ।

ସେ ଯାହା କରିଥାନ୍ତି ଯେପରି ସେମାନେ କ୍ଷମା ପାଇବା ନିମନ୍ତେ ସକ୍ଷମ ହୁଅନ୍ତି ଏବଂ ଆତ୍ମିକ ଜୀବନ ଯାପନ କରିପାରନ୍ତି । ପରିତ୍ରାଣ ଅନୁତାପ ଆବଶ୍ୟକ କରେ ଯାହା ପାପ ବିଷୟରେ ବିଶ୍ୱସ୍ଥ ଏବଂ ସମ୍ପୂର୍ଣ୍ଣ ମନର ପରିବର୍ତ୍ତନ ଅଟେ । ଅନୁତାପ ବ୍ୟକ୍ତିଗତ ଦୋଷୀ ମନୋଭାବର ଧାରଣାକୁ ସଂଶ୍ଳିଷ୍ଟ କରେ ଏବଂ ସ୍ୱୟଂ ପାପରୁ ପ୍ରତ୍ୟାବର୍ତ୍ତନ କରାଏ । ଏହା ନିତାନ୍ତ ଆବଶ୍ୟକ ଅଟେ କାରଣ ଆମ୍ଭମାନଙ୍କର କାର୍ଯ୍ୟରେ ଏବଂ ଚିନ୍ତାଧାରାରେ ଆମେ ଈଶ୍ୱରଙ୍କ ବିରୁଦ୍ଧରେ ପାପୀ ଅଟୁ ।

ଆମେ ବିଶ୍ୱାସ କରୁ ଯେ ବିଶ୍ୱାସକୁ ପରିତ୍ୟାଗ କରି ଯେକୌଣସି ବ୍ୟକ୍ତି ପାପ ପ୍ରତି ଫେରିବା ସମ୍ଭବ ଅଟେ । ଯେଉଁମାନେ ପାପ ପ୍ରତି ଫେରିଅଛନ୍ତି ଯେ ପର୍ଯ୍ୟନ୍ତ ସେମାନଙ୍କର ପାପ ଗୁଡ଼ିକ ପ୍ରତି ଅନୁତାପ ନକରିଛନ୍ତି ସେମାନଙ୍କର ଜୀବନ ଭରସାଶୂନ୍ୟ ହେବ ଏବଂ ସେମାନେ ଅନନ୍ତକାଳ ନିମନ୍ତେ ହଜିଯିବେ । ଯାହେଉନା କାହିଁକି ଆମେ ବିଶ୍ୱାସ କରୁ ଯେ ଯେଉଁମାନେ ପୁନର୍ଜନ୍ମ ପ୍ରାପ୍ତ ହୋଇଛନ୍ତି ସେମାନଙ୍କୁ ପାପ ପ୍ରତି ଫେରିବା ଆବଶ୍ୟକ ନୁହେଁ । ବରଂ ସେମାନେ ପ୍ରତିବନ୍ଧକ ବିନା ଈଶ୍ୱରଙ୍କ ସହିତ ସହଭାଗିତାରେ ନିୟମିତ ଜୀବନ ଯାପନ କରିପାରିବେ କାରଣ ପବିତ୍ର ଆତ୍ମାଙ୍କ ଶକ୍ତି ସେମାନଙ୍କ ଅନ୍ତରରେ ବାସ କରିନ୍ତି । ଆମ୍ଭେମାନେ ଯେ ଈଶ୍ୱରଙ୍କ ସନ୍ତାନ ତାହା ପବିତ୍ର ଆତ୍ମା ଆମ୍ଭମାନଙ୍କର ଆତ୍ମାକୁ ସାକ୍ଷ୍ୟ ଦିଅନ୍ତି ।

(୨ୟ ବଂଶାବଳୀ ୭:୧୪; ଗୀତସଂହିତା ୩୨:୫-୬; ୫୧:୧-୧୭; ଯିଶାଇୟ ୫୫:୬-୭; ଯିରିମିୟ ୩:୧୨-୧୪; ଯିହିଜିକଲ ୧୮:୩୦-୩୨; ୩୩:୧୪-୧୬; ମାର୍କ ୧:୧୪-୧୫; ଲୂକ ୩:୧-୧୪; ୧୩:୧-୫; ୧୮:୯-୧୪; ପ୍ରେରିତ ୨:୩୮; ୩:୧୯; ୫:୩୧; ୧୭:୩୦-୩୧; ୨୬:୧୬-୧୮; ରୋମୀୟ ୨:୪; ୨ୟ କରିନ୍ଥୀୟ ୭:୮-୧୧; ୧ମ ଥେସଲନୀକୀୟ ୧:୯; ୨ୟ ପିତର ୩:୯)

# ଅନୁଚ୍ଛେଦ - ୯: ଧାର୍ମିକ ଗଣିତ, ପୁନର୍ଜନ୍ମ, ପୋଷ୍ୟ ସନ୍ତାନ ଗ୍ରହଣ

**୯.** ଧାର୍ମିକ ଗଣିତ: ଆମେ ବିଶ୍ୱାସ କରୁ ଯେ ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି ଏବଂ ତାହାଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତାରୂପେ ଗ୍ରହଣ କରନ୍ତି ସେମାନେ ଆତ୍ମିକ ଗଣିତ ହୋଇଛନ୍ତି । ଏହାର ଅର୍ଥ ଇଶ୍ୱର ସେମାନଙ୍କର ଦୋଷ ସମ୍ପୂର୍ଣ୍ଣ ଭାବରେ ଏବଂ ବିନା ମୂଲ୍ୟରେ କ୍ଷମା କରିଦେଇଛନ୍ତି ଏବଂ ସେମାନଙ୍କର ପାପର ଦଣ୍ଡରୁ ସେମାନଙ୍କୁ ମୁକ୍ତ କରିଅଛନ୍ତି । ସେ ସେମାନଙ୍କୁ ଧାର୍ମିକ ରୂପେ ଗ୍ରହଣ କରନ୍ତି ।

**୯.୧.** ପୁନର୍ଜନ୍ମ - ଆମେ ବିଶ୍ୱାସ କରୁ ଯେଉଁମାନେ ଅନୁତାପ କରନ୍ତି ଏବଂ ଯୀଶୁଙ୍କୁ ପ୍ରଭୁ ଏବଂ ପରିତ୍ରାଣ କର୍ତ୍ତା ରୂପେ ବିଶ୍ୱାସ କରନ୍ତି ଇଶ୍ୱର ସେମାନଙ୍କୁ ବିନା ମୂଲ୍ୟରେ ପୁନର୍ଜନ୍ମ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଏକ ନୂତନ ଆତ୍ମିକ ଜୀବନ ଯୋଗାଇଥାନ୍ତି ଏବଂ ଏକ ନୂତନୀକୃତ ନୈତିକ ସ୍ୱଭାବ ଯୋଗାଇଥାନ୍ତି ଯାହା ଦ୍ୱାରା ସେମାନଙ୍କୁ ଇଶ୍ୱରଙ୍କୁ ବିଶ୍ୱାସ ପ୍ରେମ ଏବଂ ବାଧ୍ୟ ହେବାରେ ସକ୍ଷମ କରାଏ ।

**୯.୨.** ପୋଷ୍ୟ ସନ୍ତାନ ଗ୍ରହଣ: ଆମେ ବିଶ୍ୱାସ କରୁ ଯେ ଯେଉଁ ନୂତନ ବିଶ୍ୱାସୀ ଗଣଙ୍କୁ ଇଶ୍ୱର ବିନା ମୂଲ୍ୟରେ ଆତ୍ମିକ ଏବଂ ପୁନର୍ଜନ୍ମ କରିଛନ୍ତି ସେମାନଙ୍କୁ ଇଶ୍ୱରଙ୍କ ପରିବାରରେ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥାନ୍ତି ।

**୯.୩.** ଧାର୍ମିକ ଗଣିତ, ପୁନର୍ଜନ୍ମ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଏକ ସମୟରେ ଘଟିଥାଏ ଏବଂ ଏହା ଏକ ଅନୁସନ୍ଧାନକାରୀର ଇଶ୍ୱରଙ୍କଠାରେ ବିଶ୍ୱାସ ଓ ଅନୁତାପ ଉପରେ ନିର୍ଭର କରେ । ଏହି ତିନୋଟି କାର୍ଯ୍ୟ ଇଶ୍ୱର ସମ୍ପର୍ଣ୍ଣ କରିଅଛନ୍ତି ବୋଲି ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସାକ୍ଷ ଦିଅନ୍ତି ।

(ଲୂକ ୧୮:୧୪; ଯୋହନ ୧:୧୨-୧୩; ୩:୩-୮; ୫:୨୪; ପ୍ରେରିତ ୧୩:୩୯; ରୋମୀୟ ୧:୧୭; ୩:୨୧-୨୬,୨୮; ୪:୫-୯, ୧୭-୨୫; ୫:୧, ୧୬-୧୯; ୬:୪; ୭:୬; ୮:୧, ୧୫-୧୭;

୧ମ କରିନ୍ଥୀୟ ୧:୩୦; ୬:୧୧; ୨ୟ କରିନ୍ଥୀୟ ୫:୧୭-୨୧; ଗାଲାତୀୟ ୨:୧୬-୨୧; ୩:୧-୧୪,୨୬; ୪:୪-୭; ଏଫିସୀୟ ୧:୬-୭; ୨:୧, ୪-୫; ଫିଲିପ୍ପୀୟ ୩:୩-୯; କଲସୀୟ ୨:୧୩; ତୀତସ ୩:୪-୭; ୧ମ ପିତର ୧:୨୩; ୧ମ ଯୋହନ ୧:୯; ୩:୧-୨, ୯; ୪:୭; ୫:୧, ୯-୧୩,୧୮)

## ଅନୁଚ୍ଛେଦ - ୧୦: ଖ୍ରୀଷ୍ଟୀୟ ପବିତ୍ରତା ଏବଂ ସମ୍ପୂର୍ଣ୍ଣ ପବିତ୍ରୀକୃତ

**୧୦.** ପବିତ୍ରୀକୃତ - ଆମେ ବିଶ୍ୱାସ କରୁ ଯେ ପବିତ୍ରୀକରଣ ଈଶ୍ୱରଙ୍କ କାର୍ଯ୍ୟ ଅଟେ ଯାହା ଜଣେ ବିଶ୍ୱାସୀକୁ ଖ୍ରୀଷ୍ଟଙ୍କ ସଦୃଶ କରିଥାଏ । ଏହି କାର୍ଯ୍ୟ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପବିତ୍ର ଆତ୍ମାଙ୍କ ମାଧ୍ୟମରେ ସାଧିତ ହୋଇଥାଏ । ପବିତ୍ରୀକରଣ ପୁନର୍ଜନ୍ମ ସହିତ ଆରମ୍ଭ ହୋଇଥାଏ ଯାହା ଧାର୍ମିକଗଣିତ ସହ ଏକସମୟରେ ହୋଇଥାଏ ଏହାକୁ ପ୍ରାଥମିକ ପବିତ୍ରକରଣ ବୋଲି କୁହାଯାଏ ଏହା ସମସ୍ତ ପବିତ୍ରତା ମାଧମରେ କ୍ରମାଗତଭାବେ କାର୍ଯ୍ୟକରେ ଏବଂ ଏହା ପବିତ୍ର ଆତ୍ମାଙ୍କ କ୍ରମାଗତ କାର୍ଯ୍ୟ ଯେତେବେଳେ ଜଣେ ବିଶ୍ୱାସୀକୁ ସେ ସଠିକ୍ କରନ୍ତି ସେହି ସମୟରେ ଆମେ ଈଶ୍ୱରଙ୍କ ପୁତ୍ର ସଦୃଶ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ହେଉ ଯାହାଫଳରେ ଏହା ଗୌରବରେ ପରଣତ ହୁଏ ।

ସମ୍ପୂର୍ଣ୍ଣ ପବିତ୍ରୀକୃତ- ଆମେ ବିଶ୍ୱାସ କରୁ ଯେ ପୁନର୍ଜନ୍ମ ପ୍ରାପ୍ତି ଉତ୍ତାରେ ଈଶ୍ୱରଙ୍କ ଅନ୍ୟଏକ କାର୍ଯ୍ୟ ଯାହା ବିଶ୍ୱାସୀମାନଙ୍କୁ ସେମାନଙ୍କର ଆଦ୍ୟ ପାପରୁ ସ୍ୱାଧିନ ଦେବା, ଯାହାକୁ ନୈତିକ ଅବନତି ମଧ କୁହାଯାଏ । ବିଶ୍ୱାସୀଗଣ ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଏବଂ ପବିତ୍ର ଆଜ୍ଞାପାଳନର ମଧକୁ ପ୍ରସ୍ଥାନ କରିଥାନ୍ତି ତାହା ହେଉଛି ସଠିକ୍ ପ୍ରେମ ।

ସମ୍ପୂର୍ଣ୍ଣ ପବିତ୍ରୀକୃତ ପବିତ୍ରଆତ୍ମାଙ୍କ ସହିତ ବାପ୍ତିସ୍ମ ନେବାର ପରିଣାମ ଅଟେ, ଯାହାକୁ ପବିତ୍ର ଆତ୍ମାଙ୍କ ପୂର୍ଣ୍ଣତା ମଧ କୁହାଯାଏ । ଏଥିରେ ଦୁଇଟି ଅନୁଭୂତି ଅନ୍ତଃର୍ଭୁକ୍ତ: ପାପରୁ ହୃଦୟର ପ୍ରକ୍ଷାଳନ ଏବଂ ପବିତ୍ର ଆତ୍ମାଙ୍କର ସ୍ଥାୟୀ ଉପସ୍ଥିତି ।

ସମ୍ପୂର୍ଣ୍ଣ ପବିତ୍ରତା ବିଶ୍ୱାସୀକୁ ଯୀଶୁଙ୍କ ପରି ଜୀବନ କାଟିବା ପାଇଁ ଏବଂ ସେବା କରିବା ପାଇଁ ଶକ୍ତି ଯୋଗାଏ ।

ଯୀଶୁଙ୍କର ପ୍ରାୟଶ୍ଚିତ ହେତୁ ସମ୍ପୂର୍ଣ୍ଣ ପବିତ୍ରୀକରଣ ସମ୍ଭବ ଅଟେ । ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଏହା ତତକ୍ଷଣାତ୍ ଘଟିଥାଏ । ଏହା ଏକ ବିଶ୍ୱାସୀର ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଦ୍ୱାରା ଅଗ୍ରବର୍ତ୍ତୀ ହୋଇଥାଏ । ଯାହାକୁ ସମ୍ପୂର୍ଣ୍ଣ ସମର୍ପଣ କୁହାଯାଏ । ପବିତ୍ରଆତ୍ମା ଏହା କରିଅଛନ୍ତି ବୋଲି ଆମ୍ଭମାନଙ୍କୁ ସାକ୍ଷ୍ୟ ଦିଅନ୍ତି ।

ଏହି ଅନୁଭୂତିକୁ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନଭିନ୍ନ ବ୍ୟବହୃତ ଭାଷା ଦ୍ୱାରା ବର୍ଣ୍ଣନା କରାଯାଇଥାଏ । ଖ୍ରୀଷ୍ଟୀୟ ଶୁଦ୍ଧତା, ଶୁଦ୍ଧପ୍ରେମ (୧ଯୋହନ ୪:୧୮) ହୃଦୟର ନିର୍ମଳତା, ପବିତ୍ର ଆତ୍ମାଙ୍କ ସହିତ ବାପ୍ତିସ୍ମ (ପ୍ରେରିତ ୧୧:୧୬) ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା (ଏଫିସୀୟ ୫:୧୮) ସମ୍ପୂର୍ଣ୍ଣ ପରିମାଣରେ ଆଶୀର୍ବାଦ (ରୋମୀୟ ୧୫:୧୯)ଏବଂ ଖ୍ରୀଷ୍ଟୀୟ ପବିତ୍ରତା ।

**୧୦.୧.** ଆମେ ବିଶ୍ୱାସ କରୁ ଏକ ପାପ ବିହୀନ ଅନ୍ତଃକରଣ ଏବଂ ଏକ ଅଭିଜ୍ଞତାରେ ପରିପକ୍ୱ ବ୍ୟକ୍ତିବିଶେଷ ମଧ୍ୟରେ ସୁସ୍ପଷ୍ଟ ପାର୍ଥକ୍ୟତା ରହିଛି । ଏକ ସମ୍ପୂର୍ଣ୍ଣ ପବିତ୍ରୀକରଣର ଫଳ ସଦୃଶ ଏକ ନିଷ୍କଳଙ୍କ ହୃଦୟ ତତ୍କ୍ଷଣାତ୍ ଜାତ ହୋଇଥାଏ । ଏକ ପରିପକ୍ୱ ଚରିତ୍ର କିଛି କାଳ ଉତ୍ତାରେ ଅନୁଗ୍ରହରେ ବୃଦ୍ଧି ପାଇବାର ପ୍ରଣାଳୀ ମାଧ୍ୟମରେ ଘଟିଥାଏ ।

ଆମେ ବିଶ୍ୱାସ କରୁ ଯେ ସମ୍ପୂର୍ଣ୍ଣରୂପେ ପବିତ୍ରୀକୃତ ଏକ ଖ୍ରୀଷ୍ଟ ସଦୃଶ ଶିଷ୍ୟ ଭାବରେ ଅନୁଗ୍ରହରେ ବୃଦ୍ଧି ପାଇବାକୁ ଏକ ଐଶ୍ୱରୀୟ ଇଚ୍ଛା ଥାଏ । ଏହା ସ୍ୱୟଂ ଘଟିନଥାଏ । ଏହା ନିଶ୍ଚିତ ଆତ୍ମୀକ ବିକାଶ ଏବଂ ଉନ୍ନତି ମାଧ୍ୟମରେ ଇଚ୍ଛାକୃତଭାବେ ଯତ୍ନ ସହକାରେ ହୋଇଥାଇପାରେ ଯେପରି ଏକ ଖ୍ରୀଷ୍ଟୀୟ ସ୍ୱଭାବ ଏବଂ ବ୍ୟକ୍ତିତ୍ୱ ବିକାଶ ହୋଇପାରେ । ଯେଉଁମାନେ ଆତ୍ମୀକ ବୃଦ୍ଧି ପ୍ରତି ଇଚ୍ଛାକୃତଭାବେ କାର୍ଯ୍ୟ କରିନଥା'ନ୍ତି ସେମାନେ ସେମାନଙ୍କର ସାକ୍ଷକୁ କ୍ଷତି କରିବେ ଏବଂ ହୋଇପାରେ ସେମାନେ ଈଶ୍ୱରଙ୍କର ସାକ୍ଷକୁ କ୍ଷତି କରିବେ ଏବଂ ହୋଇପାରେ ସେମାନେ ଈଶ୍ୱରଙ୍କ ଅନୁଗ୍ରହକୁ ବ୍ୟର୍ଥ କରିବେ ଓ ଧିରେ ଧିରେ ତାହା ହରାଇବେ ।

ଅନୁଗ୍ରହର ଉପକରଣରେ ଅଂଶ ଗ୍ରହଣ କରିବା ଦ୍ୱାରା ବିଶ୍ୱାସୀଗଣ ଅନୁଗ୍ରହରେ ବୃଦ୍ଧିପ୍ରାପ୍ତ ହୁଅନ୍ତି ଏବଂ ସମସ୍ତ ହୃଦୟ ସହ ଈଶ୍ୱରଙ୍କୁ ଓ ପ୍ରତିବାସୀଙ୍କୁ ପ୍ରେମ କରନ୍ତି । ଏହି ଅନୁଗ୍ରହର ଉପକରଣ ମଧ୍ୟରେ ବିଶେଷ ରେ ସହଭାଗିତା, ଆତ୍ମିକ ଶୃଙ୍ଖଳା ଏବଂ ମଣ୍ଡଳୀର ବିଧିଗୁଡ଼ିକ ଅନ୍ତର୍ଭୁକ୍ତ ।

(ଯିରିମିୟ ୩୧:୩୧-୩୪; ଯିହିଜିକଲ ୩୬:୨୫-୨୭; ମଲାଖି ୩:୨-୩; ମାଥିଉ ୩:୧୧-୧୨; ଲୂକ ୩:୧୬-୧୭; ଯୋହନ ୭:୩୭-୩୯; ୧୪:୧୫-୨୩; ୧୭:୬-୨୦; ପ୍ରେରିତ ୧:୫; ୨:୧-୪; ୧୫:୮-୯; ରୋମୀୟ ୬:୧୧-୧୩,୧୯; ୮:୧-୪, ୮-୧୪; ୧୨:୧-୨; ୨ୟ କରିନ୍ଥୀୟ ୬:୧୪-୭:୧; ଗାଲାତୀୟ ୨:୨୦; ୫:୧୬-୨୫; ଏଫିସୀୟ ୩:୧୪-୨୧; ୫:୧୭-୧୮, ୨୫-୨୭; ଫିଲିପ୍ପୀୟ ୩:୧୦-୧୫; କଲସୀୟ ୩:୧-୧୭; ୧ମ ଥେସଲନୀକୀୟ ୫:୨୩-୨୪; ଏବ୍ରୀ ୪:୯-୧୧; ୧୦:୧୦-୧୭; ୧୨:୧-୨; ୧୩:୧୨; ୧ମ ଯୋହନ ୧:୭,୯; ଦ୍ୱିତୀୟ ବିବରଣ ୩୦:୬; ମାଥିଉ ୫:୪୩-୪୮; ୨୨:୩୭-୪୦; ରୋମୀୟ ୧୨:୯-୨୧; ୧୩:୮-୧୦; ୧ମ କରିନ୍ଥୀୟ ୧୩; ଫିଲିପ୍ପୀୟ ୩:୧୦-୧୫; ଏବ୍ରୀ ୬:୧; ୧ମ ଯୋହନ ୪:୧୭-୧୮; ମାଥିଉ ୫:୮; ପ୍ରେରିତ ୧୫:୮-୯; ୧ମ ପିତର ୧:୨୨; ୧ମ ଯୋହନ ୩:୩; ଯିରିମିୟ ୩୧:୩୧-୩୪; ଯିହିଜିକଲ ୩୬:୨୫-୨୭; ମଲାଖି ୩:୨-୩; ମାଥିଉ ୩:୧୧-୧୨; ଲୂକ ୩:୧୬-୧୭; ପ୍ରେରିତ ୧:୫; ୨:୧-୪; ୧୫:୮-୯; ରୋମୀୟ ୧୫:୨୯; ମାଥିଉ ୫:୧-୭:୨୯; ଯୋହନ ୧୫:୧-୧୧; ରୋମୀୟ ୧୨:୧-୧୫:୩; ୨ୟ କରିନ୍ଥୀୟ ୭:୧; ଏଫିସୀୟ ୪:୧୭-୫:୨୦; ଫିଲିପ୍ପୀୟ ୧:୯-୧୧; ୩:୧୨-୧୫; କଲସୀୟ ୨:୨୦-୩:୧୭; ୧ମ ଥେସଲନୀକୀୟ ୩:୧୩; ୪:୭-୮; ୫:୨୩; ୨ୟ ତୀମଥି ୨:୧୯-୨୨; ଏବ୍ରୀ ୧୦:୧୯-୨୫; ୧୨:୧୪; ୧୩:୨୦-୨୧; ୧ମ ପିତର ୧:୧୫-୧୬; ୨ୟ ପିତର ୧:୧-୧୧; ୩:୧୮; ଯିହୁଦା ୨୦-୨୧)

## ଅନୁଚ୍ଛେଦ – ୧୧ : ମଣ୍ଡଳୀ

**୧୧.** ଆମେ ମଣ୍ଡଳୀ ଉପରେ ବିଶ୍ୱାସ କରୁ ଯାହା ଏକ ସମାଜ ଅଟେ ଯେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁବୋଲି ସ୍ୱୀକାର କରେ । ଏହା ଈଶ୍ୱରଙ୍କ ପ୍ରତିଜ୍ଞାର ବ୍ୟକ୍ତିଗଣ ଅଟନ୍ତି ଯେଉଁମାନେ ଖ୍ରୀଷ୍ଟରେ ନୂତନ ହୋଇ ଅଛନ୍ତି । ଏହା ଖ୍ରୀଷ୍ଟଙ୍କ ଶରୀର ଅଟେ ଯାହା ପବିତ୍ରଆତ୍ମାଙ୍କ ଦ୍ୱାରା ବାକ୍ୟ ମାଧ୍ୟମରେ ସାମୁହିକ ଭାବରେ ଆହ୍ୱାନ ପ୍ରାପ୍ତ ।

ଈଶ୍ୱର ମଣ୍ଡଳୀକୁ ପରସ୍ପରକୁ ଉତ୍ସାହ ଦେବା ଦ୍ୱାରା; ପବିତ୍ରଜୀବନ ଯାପନ କରିବା ଦ୍ୱାରା; ଖ୍ରୀଷ୍ଟଙ୍କ ଆଜ୍ଞା ପାଳନ ଦ୍ୱାରା; ଯୀଶୁଙ୍କ ନାମରେ ସେବାକାର୍ଯ୍ୟ କରିବା ଦ୍ୱାରା; ବିଧିଗୁଡ଼ିକରେ ଅଂଶ ଗ୍ରହଣ କରିବା ଦ୍ୱାରା; ଈଶ୍ୱର ବାକ୍ୟ ପ୍ରଚାର ମାଧ୍ୟମରେ ଉପାସନା ଏବଂ ଆତ୍ମା ମାଧ୍ୟମରେ ଜୀବନକୁ ପ୍ରକାଶ କରିବା ନିମନ୍ତେ ଆହ୍ୱାନ କରିଅଛନ୍ତି ।

ଖ୍ରୀଷ୍ଟ ଯେ ଜଗତକୁ ଉଦ୍ଧାର କରିଅଛନ୍ତି ଏବଂ ଆତ୍ମାଙ୍କ ଶକ୍ତିରେ ଜଗତର ପୁନର୍ମିଳନ କରିଅଛନ୍ତି ଖ୍ରୀଷ୍ଟଙ୍କର ଏହି କାର୍ଯ୍ୟକୁ ବିତରଣ କରିବା ମଣ୍ଡଳୀର କାର୍ଯ୍ୟ ବା ଲକ୍ଷ୍ୟ ।

ମଣ୍ଡଳୀ ଶିଷ୍ୟ ସୃଷ୍ଟି କରିବା ଦ୍ୱାରା ଏହି ଲକ୍ଷକୁ ସମ୍ପୂର୍ଣ୍ଣ କରେ ଏବଂ ଆମେ ଏହି କାର୍ଯ୍ୟ ସୁସମାଚାର ପ୍ରଚାର କାର୍ଯ୍ୟ, ଶିକ୍ଷା ଦାନ, ଦୟା ପ୍ରଦର୍ଶନ, ନ୍ୟାୟ ଭାବରେ କାର୍ଯ୍ୟ ଏବଂ ଈଶ୍ୱରଙ୍କ ରାଜ୍ୟ ଘୋଷଣା କରିବା ଦ୍ୱାରା କରିଥାଉ ।

ମଣ୍ଡଳୀ ଉଭୟ ସ୍ଥାନୀୟ ସହଭାଗିତା ଏବଂ ବିଶ୍ୱ ସମାଜରେ ବଞ୍ଚିଥାଏ । ମଣ୍ଡଳୀ ତା'ର ଜୀବନକୁ ପ୍ରକାଶ କରିଥାଏ ଏବଂ ଭିନ୍ନ ଭିନ୍ନ ସଂସ୍କୃତିରେ ବିଭିନ୍ନ ଉପାୟରେ ଉପାସନା କରିଥାଏ । ନିଦ୍ଦିଷ୍ଟ ସେବାକାର୍ଯ୍ୟଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପ୍ରତି ଈଶ୍ୱରଙ୍କ ଆହ୍ୱାନକୁ ମଣ୍ଡଳୀ ଚିହ୍ନି ପାରେ ଏବଂ ସେହି ବ୍ୟକ୍ତି ମାନଙ୍କୁ ସେହି ନିର୍ଦ୍ଦିଷ୍ଟ ସେବା କାର୍ଯ୍ୟକୁ ଆଗେଇ ନେବା ପାଇଁ ସେହି ବ୍ୟକ୍ତିମାନଙ୍କୁ ସ୍ଥାପନ କରେ । ଈଶ୍ୱରଙ୍କ ନିୟମ ଅଧିନରେ ମଣ୍ଡଳୀ ଜୀବନ ଯାପନ କରେ ଯେପରି ଆମ ପ୍ରଭୁ ଯୀଶୁଙ୍କ ଅନ୍ତିମ ଆଗମନକୁ ଅପେକ୍ଷା କରିଥାଏ ।

(ଯାତ୍ରା ୧୯:୩; ଯିରିମିୟ ୩୧:୩୩; ମାଥିଉ ୮:୧୧; ୧୦:୭; ୧୬:୧୩-୧୯,୨୪; ୧୮:୧୫-୨୦; ୨୮:୧୯-୨୦; ଯୋହନ ୧୭:୧୪-୨୬; ୨୦:୨୧-୨୩; ପ୍ରେରିତ ୧:୭-୮; ୨:୩୨-୪୭;

୬:୧-୨; ୧୩:୧; ୧୪:୨୩; ରୋମୀୟ ୨:୨୮-୨୯; ୪:୧୬; ୧୦:୯-୧୫; ୧୧:୧୩-୩୨; ୧୨:୧-୮; ୧୫:୧-୩; ୧ମ କରିନ୍ଥୀୟ ୩:୫-୯; ୭:୧୭; ୧୧:୧, ୧୭-୩୩; ୧୨:୩,

୧୨-୩୧; ୧୪:୨୬-୪୦; ୨ୟ କରିନ୍ଥୀୟ ୫:୧୧-୬:୧; ଗାଲାତୀୟ ୫:୬, ୧୩-୧୪; ୬:୧-୫, ୧୫; ଏଫିସୀୟ ୪:୧-୧୭; ୫:୨୫-୨୭; ଫିଲିପ୍ପୀୟ ୨:୧-୧୬; ୧ମ ଥେସଲନୀକୀୟ ୪:୧-୧୨; ୧ମ ତୀମଥି ୪:୧୩; ଏବ୍ରୀ ୧୦:୧୯-୨୫; ୧ମ ପିତର ୧:୧-୨, ୧୩; ୨:୪-୧୨,୨୧; ୪:୧-୨, ୧୦-୧୧; ୧ମ ଯୋହନ ୪:୧୭; ଯିହୁଦା ୨୪; ପ୍ରକାଶିତ ବାକ୍ୟ ୫:୯-୧୦)

## ଅନୁଚ୍ଛେଦ - ୧୨: ବାପ୍ତିସ୍ମ

**୧୨.** ଆମେ ବିଶ୍ୱାସ କରୁ ଯେ ଖ୍ରୀଷ୍ଟିଆନ ବାପ୍ତିସ୍ମ ଆମ ଈଶ୍ୱରଙ୍କର ଏକ ଆଦେଶ ବିଧି ଅଟେ । ଏହା ଦର୍ଶାଏ ଯେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାୟଶ୍ଚିତ ପରିତ୍ରାଣ ଲାଭ କରିଅଛି ଏବଂ ଈଶ୍ୱରଙ୍କ ଶରୀରର ଏକ ଅଙ୍ଗ ହୋଇଅଛି । ଏହା ଏକ ଅନୁଗ୍ରହର ଉପକରଣ ଅଟେ, ଯୀଶୁଖ୍ରୀଷ୍ଟ ଯେ ଉଦ୍ଧାର କର୍ତ୍ତା ତାହା ଜଣେ ବିଶ୍ୱାସୀର ବିଶ୍ୱାସ ଘୋଷଣା କରେ । ବାଧ୍ୟତା, ପବିତ୍ରତା ଏବଂ ଧାର୍ମିକତା ରେ ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରିବାକୁ ଏକ ବିଶ୍ୱାସୀର ଆକାଂକ୍ଷାକୁ ବାପ୍ତିସ୍ମ ପ୍ରଦର୍ଶନ କରେ । ଏହା ନୂତନ ଆଜ୍ଞାର ଏକ ଚିହ୍ନ ଅଟେ । ତେଣୁ ଯୁବ ସନ୍ତାନମାନେ ଏବଂ ନୈତିକ ନିଷ୍କପଟ ବ୍ୟକ୍ତିମାନେ ସେମାନଙ୍କ ଗୁରୁଜନ କିମ୍ୱା ପିତାମାତାଙ୍କର ଅନୁରୋଧ କ୍ରମେ ବାପ୍ତିସ୍ମ ହୋଇ ପାରିବେ । ମଣ୍ଡଳୀ ଖ୍ରୀଷ୍ଟିୟ ଶିକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବେ । ଜଣେ ବ୍ୟକ୍ତି ଜଳ ସିଞ୍ଚନ ଦ୍ୱାରା, ଜଳ ଢଳା ଦ୍ୱାରା କିମ୍ୱା ଜଳରେ ବୁଡିତ ହେବା ଦ୍ୱାରା ବାପ୍ତିସ୍ମ ଗ୍ରହଣ କରିପାରେ ।

(ମାଥିଉ ୩:୧-୭; ୨୮:୧୬-୨୦; ପ୍ରେରିତ ୨:୩୭-୪୧; ୮:୩୫-୩୯; ୧୦:୪୪-୪୮; ୧୬:୨୯-୩୪; ୧୯:୧-୬; ରୋମୀୟ

୬:୩-୪; ଗାଲାତୀୟ ୩:୨୬-୨୮; କଲସୀୟ ୨:୧୨; ୧ମ ପିତର ୩:୧୮-୨୨)

## ଅନୁଚ୍ଛେଦ - ୧୩: ପ୍ରଭୁଭୋଜ

**୧୩.** ଆମେ ବିଶ୍ୱାସ କରୁ ଯେ ପ୍ରଭୁଭୋଜ (୧ କରିନ୍ତୀୟ ୧୧:୨୦) ଏକ ବିଧି ଅଟେ ଯାହା ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ । ଏହା ତାହାଙ୍କ ଜୀବନ, ଦୁଃଖଭୋଗ, ପ୍ରାୟଶ୍ଚିତ ମୃତ୍ୟୁ, ପୁନରୁତ୍ଥାନ ଏବଂ ତାହାଙ୍କ ଦ୍ୱିତୀୟ (ପୁନଃ) ଆଗମନର ଭରସାକୁ ଘୋଷଣା କରେ । ଏହା ଏକ ଅନୁଗ୍ରହର ଉପକରଣ ଅଟେ ଯାହା ଦ୍ୱାରା ଯୀଶୁ ଆତ୍ମାଙ୍କ ଦ୍ୱାରା ଉପସ୍ଥିତ ହୁଅନ୍ତି । ଖ୍ରୀଷ୍ଟରେ ବିଶ୍ୱାସ ଦ୍ୱାରା ଏବଂ ଜୀବନରେ ନୂତନୀକୃତ ହେବା ନିମନ୍ତେ ପରିତ୍ରାଣରେ ଏବଂ ମଣ୍ଡଳୀ ପରି ଏକତ୍ର ଭାବରେ ଅଂଶ ଗ୍ରହଣ କରିବାକୁ ପ୍ରତେକେ ଆମନ୍ତ୍ରୀତ । ଏହି ବିଧି ପାଳନ କରିବା ଦ୍ୱାରା ଆମେ ତାହାଙ୍କ ଆଗମନ ପର୍ଯ୍ୟନ୍ତ ଈଶ୍ୱରଙ୍କ ମୃତ୍ୟୁର ପ୍ରଚାର କରୁ । ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ଏବଂ ଯେଉଁମାନେ ଈଶ୍ୱରଙ୍କ ଲୋକଙ୍କୁ ପ୍ରେମ କରନ୍ତି ପାରୁ ପର୍ଯ୍ୟନ୍ତ ଏଥିରେ ଅଂଶ ଗ୍ରହଣ କରିବାକୁ ଆମନ୍ତ୍ରୀତ ହୋଇଥାନ୍ତି ।

(ଯାତ୍ରା ୧୨:୧-୧୪; ମାଥିଉ ୨୬:୨୬-୨୯; ମାର୍କ ୧୪:୨୨-୨୫; ଲୂକ ୨୨:୧୭-୨୦; ଯୋହନ ୬:୨୮-୫୮; ୧ମ କରି. ୧୦:୧୪-୨୧)

## ଅନୁଚ୍ଛେଦ - ୧୪: ଆଧ୍ୟାତ୍ମିକ ସୁସ୍ଥତା

**୧୪.** ବାଇବଲ ତତ୍ତ୍ୱ ଅନୁମୋଦିତ ଆଧ୍ୟାତ୍ମିକ ସୁସ୍ଥତାରେ ଆମେ ବିଶ୍ୱାସ କରୁ । ଅସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ ବିଶ୍ୱାସରେ ପ୍ରାର୍ଥନା କରିବା ନିମନ୍ତେ ଆମ ମଣ୍ଡଳୀର ଲୋକମାନଙ୍କୁ ଉତ୍ସାହିତ କରୁ । ମଧ୍ୟ ଆମେ ବିଶ୍ୱାସ କରୁ ଯେ ଡାକ୍ତରୀ ବିଜ୍ଞାନ ଉପକରଣ ମାଧ୍ୟମରେ ଈଶ୍ୱର ସୁସ୍ଥ କରିଥା'ନ୍ତି ।

(୨ୟ ରାଜାବଳୀ ୫:୧-୧୯; ଗୀତସଂହିତା ୧୦୩:୧-୫; ମାଥିଉ ୪:୨୩-୨୪; ୯:୧୮-୩୫; ଯୋହନ ୪:୪୬-୫୪; ପ୍ରେରିତ ୫:୧୨-୧୬; ୯:୩୨-୪୨; ୧୪:୮-୧୫; ୧ମ କରିନ୍ଥୀୟ ୧୨:୪-୧୧; ୨ୟ କରିନ୍ଥୀୟ ୧୨:୭-୧୦; ଯାକୁବ ୫:୧୩-୧୬)

## ଅନୁଚ୍ଛେଦ - ୧୫: ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ

**୧୫.** ଆମେ ବିଶ୍ୱାସ କରୁ ଯେ ପ୍ରଭୁଯୀଶୁ ଖ୍ରୀଷ୍ଟ ଏହି ଜଗତକୁ ପୁନର୍ବାର ଆସୁଅଛନ୍ତି । ଯେଉଁ ବିଶ୍ୱାସୀମାନେ ମୃତ ସେମାନେ ତାହାଙ୍କ ସହିତ ମଧ୍ୟଆକାଶରେ ମିଳିତ ହେବା ନିମନ୍ତେ ପୁନରୁତ୍ଥିତ ହେବେ । ଯେଉଁମାନେ ସେସମୟରେ ଜୀବିତ ଥିବେ ଏବଂ ଯୀଶୁଙ୍କ ସହିତ ସଂଲଗ୍ନ ଜୀବନଯାପନ କରୁଥିବେ, ସେମାନେ ପୁନରୁତ୍ଥିତ ମାନଙ୍କ ସହ ଈଶ୍ୱରଙ୍କ ଆସୁଥିବା ପୁତ୍ରଙ୍କୁ ସାକ୍ଷାତ କରିବା ନିମନ୍ତେ ମଧ୍ୟଆକାଶକୁ ନୀତ ହେବେ । ସେହି ସମୟଠାରୁ ସେମାନେ ସଦାକାଳ ଈଶ୍ୱରଙ୍କ ସହିତ ରହିବେ ।

(ମାଥିଉ ୨୫:୩୧-୪୬; ଯୋହନ ୧୪:୧-୩; ପ୍ରେରିତ ୧:୯-୧୧; ଫିଲିପ୍ପୀୟ ୩:୨୦-୨୧; ୧ମ ଥେସଲନୀକୀୟ ୪:୧୩-୧୮; ତୀତସ ୨:୧୧-୧୪; ଏବ୍ରୀ ୯:୨୬-୨୮; ୨ୟ ପିତର ୩:୩-୧୫; ପ୍ରକାଶିତ ବାକ୍ୟ ୧:୭-୮; ୨୨:୭-୨୦)

## ଅନୁଚ୍ଛେଦ - ୧୬: ପୁନରୁତ୍ଥାନ, ବିଚାର, ଅନ୍ତିମ ଲକ୍ଷ୍ୟ

**୧୬.** ଆମେ ମୃତମାନଙ୍କ ପୁନରୁଥାନରେ ବିଶ୍ୱାସ କରୁ । ତାହା କହିବାକୁ ଗଲେ ଉଭୟ ଧାର୍ମିକ ଏବଂ ଅଧାର୍ମିକ ଜୀବିତ ହୋଇ ଉଠିବେ ଏବଂ ସେମାନଙ୍କ ଆତ୍ମାସବୁ ମିଳିତ ହେବେ । ଯେଉଁମାନେ ଉତ୍ତମ କର୍ମ କରିଥିବେ ସେମାନେ ଅନନ୍ତ ଜୀବନ ପ୍ରାପ୍ତି ପାଇଁ ପୁନରୁତ୍ଥିତ ହେବେ ଏବଂ ଯେଉଁମାନେ ମନ୍ଦକାର୍ଯ୍ୟ କରିଥିବେ ସେମାନେ ବିନଷ୍ଟ ହେବା ପାଇଁ ଉଠିବେ ।

**୧୬:୧.** ଆଗାମୀ ବିଚାରରେ ଆମେ ବିଶ୍ୱାସ କରୁ ଯେଉଁଠାରେ ପ୍ରତେକ ବ୍ୟକ୍ତି ଆପଣା ଜୀବନରେ କରି ଆସିଥିବା କାର୍ଯ୍ୟ ଅନୁଯାୟୀ ବିଚାରିତ ହେବା ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବ ।

**୧୬.୨.** ଆମେ ବିଶ୍ୱାସ କରୁ ଯେଉଁ ମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ପାଇଅଛନ୍ତି ଏବଂ ଯେଉଁମାନେ ବାଧ୍ୟତାର ସହ ତାହାଙ୍କୁ ଅନୁସରଣ କରନ୍ତି ସେମାନଙ୍କ ପ୍ରତି ଏକ ଗୌରବମୟ ଏବଂ ଅନନ୍ତ ଜୀବନ ସୁନିଶ୍ଚିତ ଅଟେ ।

ଯେଉଁମାନେ ଅନୁତାପ କରିବାକୁ ପ୍ରତ୍ୟାଖାନ କରନ୍ତି ସେମାନେ ନର୍କରେ ଚିରଦିନ ପାଇଁ କ୍ଳେଶଭୋଗ କରିବେ ।

(ଆଦିପୁସ୍ତକ ୧୮:୨୫; ୧ମ ଶାମୁୟେଲ ୨:୧୦; ଗୀତସଂହିତା ୫୦:୬; ଯିଶାଇୟ ୨୬:୧୯; ଦାନିୟେଲ ୧୨:୨-୩; ମାଥିଉ ୨୫:୩୧-୪୬; ମାର୍କ ୯:୪୩-୪୮; ଲୂକ ୧୬:୧୯-୩୧; ୨୦:୨୭-୩୮; ଯୋହନ ୩:୧୬-୧୮; ୫:୨୫-୨୯; ୧୧:୨୧-୨୭; ପ୍ରେରିତ ୧୭:୩୦-୩୧; ରୋମୀୟ ୨:୧-୧୬; ୧୪:୭-୧୨; ୧ମ କରିନ୍ଥୀୟ ୧୫:୧୨-୫୮; ୨ୟ କରିନ୍ଥୀୟ ୫:୧୦; ୨ୟ ଥେସଲନୀକୀୟ ୧:୫-୧୦; ପ୍ରକାଶିତ ବାକ୍ୟ ୨୦:୧୧-୧୫; ୨୨:୧-୧୫)

**ମଣ୍ଡଳୀ ସମ୍ବିଧାନର ଭୂମିକା:** ଏହାର ଉଦ୍ଦେଶ୍ୟ ହେଲା, ଯେଉଁ ବିଶ୍ୱାସ ଏକଦା ସାଧୁମାନଙ୍କୁ ପ୍ରଦତ୍ତ ହୋଇଥିଲା, ତଦ୍ଦ୍ୱାରା ଆମେ ଯେପରି ଈଶ୍ୱରଦତ୍ତ ବିଧିବିଧାନସମୂହକୁ ସୁରକ୍ଷା କରିପାରୁ, ବିଶେଷତଃ ଅନୁଗ୍ରହର ଦ୍ୱିତୀୟ ମୁଖ୍ୟ କାର୍ଯ୍ୟ ସ୍ୱରୂପେ ପୂର୍ଣ୍ଣ ପବିତ୍ରୀକରଣର ଅନୁଭୂତି, ବିଶ୍ୱାସ ଏବଂ ଈଶ୍ୱରଙ୍କ ରାଜ୍ୟର ଅଭିବୃଦ୍ଧିରେ ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀର ଅନ୍ୟ ଶାଖାଗୁଡ଼ିକ ସହିତ ଫଳପ୍ରଦ ଭାବରେ ମଧ୍ୟ ସହଯୋଗ କରିପାରିବା । ଆମ୍ଭେମାନେ ନାଜରିନ୍ ମଣ୍ଡଳୀର ସାଧାରଣ ସଭ୍ୟ ଏବଂ ସେବକ ହୋଇଥିବା ହେତୁ ଆମ୍ଭମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ଆଇନ୍ ପ୍ରଣୟନ ପଦ୍ଧତିର ନିୟମ ଅନୁଯାୟୀ ସମନ୍ୱୟରେ ଅଭିଷେକ ଓ ହସ୍ତାର୍ପଣ କରିଥାଉ ଏବଂ ମୌଳିକ ସମ୍ବିଧାନ ରୂପେ ଏହାକୁ ସ୍ଥାପନ କରୁ । ନାଜରିନ୍ ମଣ୍ଡଳୀର ସମ୍ବିଧାନ ବିଶ୍ୱାସର ଅନୁଚ୍ଛେଦ ଖ୍ରୀଷ୍ଟିଆନ ଚରିତ୍ରର ନିୟମ ଏବଂ ସଙ୍ଗଠନର ଅନୁଚ୍ଛେଦ ଓ ପ୍ରଶାସନ ଇତ୍ୟାଦି ନିମ୍ନରେ ବ୍ୟାଖ୍ୟା କରାଯାଇ ଅଛି ଯଥା:

## ମଣ୍ଡଳୀ

## ୧. ସାଧାରଣ ମଣ୍ଡଳୀ

**୧୭.** ଯେଉଁ ପୁନର୍ଜନ୍ମପ୍ରାପ୍ତ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଈଶ୍ୱରଙ୍କ ମଣ୍ଡଳୀ ଗଠିତ, ସେମାନଙ୍କର ନାମ ସ୍ୱର୍ଗରେ ଲିଖିତ ଅଛି ।

## ୨. ମଣ୍ଡଳୀଗୁଡ଼ିକ ସ୍ୱତନ୍ତ୍ର

**୧୮.** ଏପରି ପୁନର୍ଜନ୍ମପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ମଣ୍ଡଳୀ ସ୍ୱତନ୍ତ୍ର ଭାବରେ ଗଠିତ ହେବା ଆବଶ୍ୟକ ଯେପରି ଈଶ୍ୱରଙ୍କ ଦୟାରେ ପ୍ରାପ୍ତ ଅନୁମତି ଏବଂ ପବିତ୍ର ଆତ୍ମାଙ୍କ ଚାଳନା ଦ୍ୱାରା ସିଦ୍ଧ ସହଭାଗିତା ଓ ସେବାକାର୍ଯ୍ୟ ନିମନ୍ତେ ଏକତ୍ର ହୋଇପାରିବେ ।

## ୩. ନାଜରିନ୍ ମଣ୍ଡଳୀ

**୧୯.** ଏହି ମଣ୍ଡଳୀର ନୀତି ଏବଂ ବିଶ୍ୱାସମତରେ ଯେଉଁମାନେ ଆପଣାକୁ ସ୍ୱେଚ୍ଛାକୃତ ଭାବରେ ସଂପୃକ୍ତ କରନ୍ତି ଏବଂ ପବିତ୍ର ଖ୍ରୀଷ୍ଟିୟ ସହଭାଗିତା ଅନୁସନ୍ଧାନ କରନ୍ତି, ତଥା ପାପୀମାନଙ୍କ ମନପରିବର୍ତ୍ତନ, ବିଶ୍ୱାସୀମାନଙ୍କର ସଂପୂର୍ଣ୍ଣ ପବିତ୍ରୀକରଣ, ପବିତ୍ରତାରେ ସେମାନଙ୍କର ବୃଦ୍ଧି, ନମ୍ରତା ଏବଂ ନୂତନ ନିୟମର ପ୍ରାଚୀନ ମଣ୍ଡଳୀଗୁଡ଼ିକରେ ଆତ୍ମିକ ଶକ୍ତିର ପ୍ରକାଶ, ସମଗ୍ର ମାନବଜାତି ନିକଟରେ ମିଳିତ ଭାବରେ ସୁସମାଚାର ପ୍ରଚାର କରନ୍ତି, ସେହିପରି ବିଶ୍ୱାସୀମାନଙ୍କୁ ନେଇ ନାଜରିନ୍ ମଣ୍ଡଳୀ ଗଠିତ ।

## ୪. ବିଶ୍ୱାସର ତଥ୍ୟ ଉପରେ ଏକମତ

**୨୦.** ବୁଝି ରଖିବା ଆବଶ୍ୟକ ଯେ ମଣ୍ଡଳୀ ସଭ୍ୟପଦ ପାଇଁ ସୁଯୋଗ, ସୁବିଧା, ପ୍ରତ୍ୟେକଙ୍କ ପୁନର୍ଜନ୍ମର ବାସ୍ତବତା ଉପରେ ନିର୍ଭର କରେ । ଆମେ ଏହିପରି ବିଶ୍ୱାସର ସ୍ୱୀକାରକୁ ଖ୍ରୀଷ୍ଟୀୟ ଅନୁଭୂତି ପାଇଁ ପ୍ରମୁଖ ବୋଲି ବୁଝିଥାଉ । ସେଥିପାଇଁ ଆମେ ଅନୁଧ୍ୟାନ ପୂର୍ବକ ନିମ୍ନଲିଖିତ ତଥ୍ୟଗୁଡ଼ିକ ଯଥୋଚିତ ବୋଲି ମନେ କରୁ । ଆମେ ବିଶ୍ୱାସ କରୁ:

**୨୦.୧.** ଈଶ୍ୱରଙ୍କ ଐକ୍ୟତା – ପିତା, ପୁତ୍ର ଏବଂ ପବିତ୍ର ଆତ୍ମା

**୨୦.୨.** ପୁରାତନ ଏବଂ ନୂତନ ନିୟମ ଈଶ୍ୱର ନିଶ୍ୱସିତ ବାକ୍ୟ ଅଟେ – ଯେଉଁଥିରେ ଖ୍ରୀଷ୍ଟିୟାନର ଜୀବନଯାପନ ନିମନ୍ତେ ଆବଶ୍ୟକୀୟ ସମସ୍ତ ସତ୍ୟ ଅନ୍ତର୍ନିହିତ ।

**୨୦.୩.** ପାପର ସ୍ୱଭାବରେ ମନୁଷ୍ୟର ଜନ୍ମ, ତେଣୁ ମନ୍ଦରେ ପ୍ରବୃତ୍ତ ଓ ନିୟମିତ ଭାବରେ ମନ୍ଦରେ ଜୀବନଯାପନ କରିଥାଏ ।

**୨୦.୪.** ପରିଶେଷରେ ଯେଉଁମାନେ ଅନୁତାପ କରି ନ ଥାଆନ୍ତି, ସେମାନେ ନୈରାଶ୍ୟତାର ଶୀକାର ହୋଇ ଅନନ୍ତକାଳ ନିମନ୍ତେ ହଜି ଯାଇଛନ୍ତି ।

**୨୦.୫.** ଯୀଶୁଖ୍ରୀଷ୍ଟ ସମୁଦାୟ ମାନବ ଜାତି ନିମନ୍ତେ ପ୍ରାୟଶ୍ଚିତ କଲେ ଏବଂ ଯେକେହି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ଅନୁତାପ କରି ବିଶ୍ୱାସ କରିବ ସେ ପୁନର୍ଜନ୍ମ ପ୍ରାପ୍ତ ହେବ ଏବଂ ଧାର୍ମିକ ଗଣିତ ହେବ; ପାପର କବଳରୁ ମୁକ୍ତ ହେବ ।

**୨୦.୬.** ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା ଉତ୍ତାରେ ବିଶ୍ୱାସୀମାନେ ସଂପୂର୍ଣ୍ଣ ପବିତ୍ରୀକୃତ ହେବା ଆବଶ୍ୟକ ।

**୨୦.୭.** ପବିତ୍ର ଆତ୍ମା ବିଶ୍ୱାସୀମାନଙ୍କ ସଂପୂର୍ଣ୍ଣ ପବିତ୍ରୀକରଣର ଏବଂ ପୁନର୍ଜନ୍ମର ସାକ୍ଷ୍ୟ ବହନ କରନ୍ତି ।

**୨୦.୮.** ଆମ ପ୍ରଭୁଙ୍କର ଦ୍ୱିତୀୟ ଆଗମନ ହେବ । ମୃତମାନେ ଉଠିବେ ଏବଂ ଅନ୍ତିମ ବିଚାର ହେବ ।

## ୫. ଖ୍ରୀଷ୍ଟୀୟ ଆଚରଣର ନିୟମ

**୨୧.** ଦୃଶ୍ୟମାନ ମଣ୍ଡଳୀ ସହିତ ନିଜର ପରିଚୟ ବଜାୟ ରଖିବା ପ୍ରତ୍ୟେକଙ୍କ ପାଇଁ ଆଶୀର୍ବାଦପୂର୍ଣ୍ଣ ସୁବର୍ଣ୍ଣ ସୁଯୋଗ ଅଟେ ଏବଂ ଏକ ପବିତ୍ର କର୍ତ୍ତବ୍ୟ ଅଟେ । ଯେଉଁମାନେ ପାପରୁ ଉଦ୍ଧାର ପାଇ ଯୀଶୁଙ୍କଠାରୁ ଆପଣା ଜୀବନରେ ପୂର୍ଣ୍ଣତାର ଅନ୍ୱେଷୀ, ସେମାନଙ୍କ ପାଇଁ ଏହା ଉତ୍କୃଷ୍ଟ ବିଷୟ ଅଟେ । ଯେଉଁମାନେ ନାଜରିନ୍

ମଣ୍ଡଳୀ ସହିତ ସଂଯୁକ୍ତ ହେବାକୁ ଇଚ୍ଛା କରନ୍ତି, ସେମାନଙ୍କଠାରୁ ଏହିସବୁ ଆଶା କରାଯାଏ । ତେଣୁ ଆମ୍ଭମାନଙ୍କ ସହିତ ସହଭାଗିତାରେ ଜୀବନ ଅତିବାହିତ କରିବାକୁ ହେଲେ, ଧାର୍ମିକ କାର୍ଯ୍ୟକଳାପ ଓ ଈଶ୍ୱରୀୟ ଜୀବନ ଯାପନ ଦ୍ୱାରା ନିଜକୁ ପ୍ରମାଣିତ କରିବା ଆବଶ୍ୟକ ଯେ ନିଜ ପାପରୁ ମୁକ୍ତି ପ୍ରାପ୍ତ ହୋଇଛନ୍ତି ।

**୨୧.୧.** ପ୍ରଥମତଃ ଈଶ୍ୱରଙ୍କ ବାକ୍ୟ ଅନୁମୋଦିତ ବିଷୟସବୁ ପ୍ରତି ମନଯୋଗୀ ହୋଇ ଯାହାସବୁ ଦୈନନ୍ଦିନ ଜୀବନର ବିଶ୍ୱାସ ଏବଂ ମାନଦଣ୍ଡ ଅଟେ, ସେଥିପ୍ରତି ଯତ୍ନଶୀଳ ହେବା ।

୧. ସମସ୍ତ ମନ, ସମସ୍ତ ପ୍ରାଣ, ସମସ୍ତ ଅନ୍ତଃକରଣ ଏବଂ ସମସ୍ତ ଶକ୍ତିରେ ଈଶ୍ୱରଙ୍କୁ ପ୍ରେମ କରିବା ଓ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବା (ଯାତ୍ରା ୨୦:୩-୬; ଲେବୀ ୧୯:୧୭-୧୮; ଦ୍ୱି.ବିବ. ୫:୭-୧୦; ୬:୪-୫; ମାର୍କ ୧୨:୨୮-୩୧; ରୋମୀୟ ୧୩:୮-୧୦) ।

୨. ପରିତ୍ରାଣ ପ୍ରାପ୍ତ ହୋଇ ନ ଥିବା ବ୍ୟକ୍ତିମାନଙ୍କ ଉପରେ ଅଧିକ ଧ୍ୟାନ ଦେବା ସେମାନଙ୍କୁ ସୁସମାଚାର ଦେଇ ଈଶ୍ୱରଙ୍କ ଗୃହକୁ ଆମନ୍ତ୍ରଣ କରିବା ଓ ସେମାନଙ୍କର ପରିତ୍ରାଣପ୍ରାପ୍ତି ନିମନ୍ତେ ଚେଷ୍ଟା କରିବା (ମାଥିଉ ୨୮:୧୯-୨୦; ପ୍ରେରିତ ୧:୮; ରୋମୀୟ ୧:୧୪-୧୬; ୨ କରିନ୍ଥୀୟ ୫:୧୮-୨୦) ।

୩. ସମସ୍ତଙ୍କଠାରେ ମୃଦୁଭାବ ବହିବା (ଏଫିସୀୟ ୪:୩; ତୀତସ ୩:୬; ୧ ପିତର ୨:୧୭; ୧ ଯୋହନ ୩:୧୮) ।

୪. ଯେଉଁମାନେ ବିଶ୍ୱାସରେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କରି ପରସ୍ପର ପ୍ରତି ସହନଶୀଳ ହେବା (ରୋମୀୟ ୧୨:୧୩; ଗାଲାତୀୟ ୬:୨,୧୦; କଲସୀୟ ୩:୧୨-୧୪) ।

୫. ପାରୁପର୍ଯ୍ୟନ୍ତ ଲୋକମାନଙ୍କ ଶରୀର, ପ୍ରାଣ ଓ ଆତ୍ମା ପ୍ରତି ମଙ୍ଗଳ କରିବାକୁ ପ୍ରଚେଷ୍ଟା କରିବା, କ୍ଷୁଧିତକୁ ଖାଦ୍ୟ ଦେବା, ଉଲଙ୍ଗଙ୍କୁ ବସ୍ତ୍ର ଦେବା, ଅସୁସ୍ଥ ଏବଂ ବନ୍ଦୀରେ ଥିବା ଲୋକଙ୍କୁ ସାକ୍ଷାତ କରିବା

ଯେପରି ସୁବିଧା, ସୁଯୋଗ ଅନୁସାରେ ଆବଶ୍ୟକ କରୁଥିବା ଲୋକଙ୍କ ସେବା କରିବା (ମାଥିଉ ୨୫:୩୫-୩୬; ୨ କରିନ୍ଥୀୟ ୯:୮-୧୦; ଗାଲାତୀୟ ୨:୧୦; ଯାକୁବ ୨:୧୫-୧୬; ୧ ଯୋହନ ୩:୧୭-୧୮) ।

୬. ଦାନ ଏବଂ ଦଶମାଂଶ ଦେଇ ମଣ୍ଡଳୀର ସେବାକାର୍ଯ୍ୟକୁ ସାହାଯ୍ୟ କରିବା (ମଲାଖି ୩:୧୦; ଲୂକ ୬:୩୮; ୧ କରିନ୍ଥୀୟ ୯:୧୪; ୧୬:୨; ୨ କରିନ୍ଥୀୟ ୯:୬-୧୦; ଫିଲିପ୍ପୀୟ ୪:୧୫-୧୯) ।

୭. ଅନୁଗ୍ରହ ମନେ କରି ବିଶ୍ୱସ୍ତ ସହକାରେ ଈଶ୍ୱରଙ୍କର ସମସ୍ତ ଧର୍ମବିଧିରେ ଭାଗ ନେବା । ଯଥା: ସର୍ବସାଧାରଣଙ୍କ ସହିତ ଈଶ୍ୱରଙ୍କରେ ଉପାସନାରେ ଯୋଗ ଦେବା (ଏବ୍ରୀ ୧୦:୨୫), ବାକ୍ୟର ସେବାକାର୍ଯ୍ୟ (ପ୍ରେରିତ ୨:୪୨), ପ୍ରଭୁଭୋଜ (୧ କରିନ୍ଥୀୟ ୧୧:୨୩-୩୦) ଶାସ୍ତ୍ର ପାଠ କରି ତହିଁ ଉପରେ ଧ୍ୟାନ କରିବା (ପ୍ରେରିତ ୧୭:୧୧; ୨ ତୀମଥି ୨:୧୫; ୩:୧୪-୧୬) ପାରିବାରିକ ଏବଂ ବ୍ୟକ୍ତିଗତ ଧ୍ୟାନ (ଦ୍ୱି.ବିବ. ୬:୬-୭; ମାଥିଉ ୬:୬) ।

**୨୧.୨.** ଦ୍ୱିତୀୟତଃ ସମସ୍ତ ପ୍ରକାରର ମନ୍ଦରୁ ଦୂରରେ ରହିବା ଯଥା:

୧. ଈଶ୍ୱରଙ୍କ ନାମ ଅକାରଣରେ ନ ନିଅ (ଯାତ୍ରା ୨୦:୭; ଲେବୀ ୧୯:୧୬; ଯାକୁବ ୫:୧୨) ।

୨. ପ୍ରଭୁଙ୍କର ଦିବସକୁ ତୁଚ୍ଛ ଜ୍ଞାନ କରି ଜାଗତିକ କାର୍ଯ୍ୟକଳାପରେ ଅଯଥାରେ ମଜ୍ଜି ରହିବା ଦ୍ୱାରା ବିଶ୍ୱାସୀ ଜୀବନରେ ପବିତ୍ରତା ନଷ୍ଟ ହୋଇଥାଏ (ଯାତ୍ରା ୨୦:୮-୧୧; ଯିଶାଇୟ ୫୮:୧୩-୧୪; ମାର୍କ ୨:୨୭-୨୮; ପ୍ରେରିତ ୨୦:୭; ପ୍ରକାଶିତ ୧:୧୦) ।

୩. ଅପବିତ୍ରତାରେ ଅର୍ଥାତ୍ ବିବାହ ପୂର୍ବରୁ ଯୌନସମ୍ପର୍କ, ବିବାହ ସମ୍ପର୍କରୁ ବହିର୍ଭୂତ ଯୌନସମ୍ପର୍କ କିମ୍ବା ସମଲିଙ୍ଗୀ ଯୌନସମ୍ପର୍କ (ଆଦି ୧୯:୪-୧୧; ଯାତ୍ରା ୨୦:୧୪; ଲେବୀ ୧୮:୨୨; ୨୦:୧୩; ମାଥିଉ ୫:୨୭-୩୨; ରୋମୀୟ ୧:୨୬-୨୭; ୧ କରିନ୍ଥୀୟ

୬:୯-୧୧; ଗାଲାତୀୟ ୫:୧୯; ୧ ଥେସଲନୀକୀୟ ୪:୩-୭; ୧ ତୀମଥି ୧:୧୦) ।

୪. ଯେକୌଣସି ଅଭ୍ୟାସ ଯାହା ମନୁଷ୍ୟର ମାନସିକତାକୁ ଏବଂ ଶରୀରକୁ ବିନଷ୍ଟ କରିବ, ତାହା ନ କରିବା । ଖ୍ରୀଷ୍ଟିୟାନମାନେ ଧ୍ୟାନ ଦେବା ଆବଶ୍ୟକ ଯେ ସେମାନେ ପବିତ୍ର ଆତ୍ମାଙ୍କ ମନ୍ଦିର ଅଟନ୍ତି (ହିତୋ. ୨୦:୧; ୨୩:୧-୩; ୧ କରିନ୍ଥୀୟ ୬:୧୭-୨୦; ୨ କରିନ୍ଥୀୟ ୭:୧; ଏଫିସୀୟ ୫:୧୮) ।

୫. କଳହ କରିବା, ମନ୍ଦ ବଦଳରେ ମନ୍ଦ କରିବା, ଆଲୋଚନା କରିବା, ଅନ୍ୟମାନଙ୍କର ସମ୍ମାନକୁ କ୍ଷୂର୍ଣ୍ଣ କରିବା (୨ କରିନ୍ଥୀୟ ୧୨:୨୦; ଗାଲାତୀୟ ୫:୧୫; ଏଫିସୀୟ ୪:୩୦-୩୨; ଯାକୁବ ୩:୫-୧୮; ୧ ପିତର ୩:୯-୧୦) ।

୬. ଅବିଶ୍ୱସ୍ତ, କିଣାବିକା ସମୟରେ ସୁଯୋଗ ନେବା, ମିଥ୍ୟା ସାକ୍ଷ୍ୟ ବହନ କରିବା ଏବଂ ଅନ୍ଧକାର କାର୍ଯ୍ୟକୁ ଭଲ ପାଇବା (ଲେବୀ. ୧୯:୧୦-୧୧; ରୋମୀୟ ୧୨:୧୭; ୧ କରିନ୍ଥୀୟ ୬:୭-୧୦) ।

୭. ପୋଷାକ କିମ୍ବା ବ୍ୟବହାରରେ ଅବାଧରେ ଗର୍ବ କରିବା (ହିତୋ. ୨୯:୨୩; ୧ ତୀମଥି ୨:୮-୧୦; ଯାକୁବ ୪:୬; ୧ ପିତର ୩:୩-୪; ୧ ଯୋହନ ୨:୧୫-୧୭) ।

୮. ସଙ୍ଗୀତ, ମନୋରଞ୍ଜନ, ପୁସ୍ତକ ଯାହା ଈଶ୍ୱରଙ୍କୁ ଅଗୌରବ ଦିଏ (୧ କରି. ୧୦:୩୧; ୨ କରି. ୬:୧୪-୧୭; ଯାକୁବ ୪:୪) ।

**୨୧.୩.** ତୃତୀୟତଃ ମଣ୍ଡଳୀର ବିରୁଦ୍ଧରେ କିଛି ନ କହି କିମ୍ବା ନ ଲେଖି ସଂପୂର୍ଣ୍ଣ ଭାବରେ ହୃଦୟର ସହ ଏହାର ସହଭାଗିତାରେ ସମର୍ପିତ ହୋଇ ନିୟମିତ ସାକ୍ଷ୍ୟ ବହନ କରିବାରେ ଯୋଗ ଦେବା (ଏଫିସୀୟ ୨:୧୮-୨୨; ୪:୧-୩; ୧୧-୧୬; ଫିଲିପ୍ପୀୟ ୨:୧-୬; ୧ ପିତର ୨:୯-୧୦) ।

# ଆନୁଷ୍ଠାନିକ ଏବଂ ପ୍ରଶାସନିକ ଉପାଦାନସମୂହ

## ପ୍ରବନ୍ଧ - ୧ ପ୍ରଶାସନର ଗଠନ

**୨୨.** ନାଜରିନ୍ ମଣ୍ଡଳୀର ପ୍ରଶାସନ ଗଠନରେ ଏକ ପ୍ରତିନିଧି ଦଳ ଅଛନ୍ତି ।

**୨୨.୧.** ନାଜରିନ୍ ମଣ୍ଡଳୀର ତିନୋଟି ଆଇନ୍ ପ୍ରଣୟନକାରୀ ଦଳ ଅଛନ୍ତି, ଏଥିରେ ଆମେ ଏକମତ: Local (ସ୍ଥାନୀୟ), District (ଅଞ୍ଚଳ), General (ଆନ୍ତର୍ଜାତିକ) । ପ୍ରାଦେଶିକ (Regions), ମିଶନର ଯୋଜନା ଏବଂ ଏହାର କାର୍ଯ୍ୟକାରିତା ପାଇଁ ପ୍ରଶାସନିକ ଭାବରେ କାର୍ଯ୍ୟ କରେ ।

**୨୨.୨.** ଆମେ ଏଥିରେ ଏକମତ ଯେ ସୁପରିଟେଣ୍ଡେଣ୍ଟଙ୍କର କାର୍ଯ୍ୟକଳାପ ମିଶନ ଲକ୍ଷ୍ୟ ପୂରା କରିବା ପାଇଁ ସ୍ଥାନୀୟ ମଣ୍ଡଳୀକୁ ସହଯୋଗ କରିବେ । ସୁପରିଟେଣ୍ଡେଣ୍ଟ୍ ନୈତିକତାର ବାତାବରଣ ସୃଷ୍ଟି କରିବେ, ପ୍ରୋତ୍ସାହିତ କରିବେ, ପରିଚାଳନା ଏବଂ ପ୍ରଣାଳୀ ଯୋଗାଇବେ, ଚତୁର୍ଦ୍ଦିଗରେ ନୂତନ ମଣ୍ଡଳୀ ସ୍ଥାପନ କରିବାରେ ଉତ୍ସାହିତ କରିବେ ।

**୨୨.୩.** ଆମେ ଏଥିରେ ଏକମତ ଯେ ସଂପୂର୍ଣ୍ଣ ଭାବେ ଏକ ପ୍ରତିଷ୍ଠିତ ମଣ୍ଡଳୀର ସ୍ୱାଧୀନତାରେ ସୁପରିଟେଣ୍ଡେଣ୍ଟ୍ ହସ୍ତକ୍ଷେପ ନ କରିବାକୁ ଅଧିକାର ଦିଆଯାଇଅଛି (ହସ୍ତକ୍ଷେପ କରିବେ ନାହିଁ) । ପ୍ରତ୍ୟେକ ମଣ୍ଡଳୀ ଆପଣାର ପାଳକ ମନୋନୟନ କରିପାରିବେ, ସେମାନଙ୍କ ଏହି ଅଧିକାର ଅଛି ଏବଂ ଏହି ମନୋନୟନ ଯେପରି General Assembly ସଠିକ୍ ବୋଲି ଗ୍ରହଣ କରିବ । ପ୍ରତ୍ୟେକ ମଣ୍ଡଳୀ ବିଭିନ୍ନ Assembly ନିମନ୍ତେ ସେମାନଙ୍କର ପ୍ରତିନିଧି ଚୟନ କରିପାରିବେ, ସେମାନଙ୍କର ଆର୍ଥିକ ଅବସ୍ଥାକୁ ସ୍ୱୟଂ ପରିଚାଳିତ କରିପାରିବେ ଏବଂ ସ୍ଥାନୀୟ କାର୍ଯ୍ୟର ସମସ୍ତ ବିଷୟର ଦାୟୀତ୍ୱ ନେଇପାରିବେ ।

## ପ୍ରବନ୍ଧ - ୨ ସ୍ଥାନୀୟ ମଣ୍ଡଳୀଗୁଡ଼ିକ

**୨୩.** ଏକ ସ୍ଥାନୀୟ ମଣ୍ଡଳୀର ସଭ୍ୟ ହେବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଆବଶ୍ୟକ । ସେମାନେ ସର୍ବସାଧାରଣଙ୍କ ସମ୍ମୁଖରେ ଆପଣାର ପରିତ୍ରାଣର ଅନୁଭୂତି ଘୋଷଣା କରିଥିବେ ଏବଂ ଆମ ମଣ୍ଡଳୀର ବିଧିବିଧାନ ଉପରେ ବିଶ୍ୱାସ ରଖି ଆମର ପ୍ରଶାସନ ପ୍ରତି ସମର୍ପିତ ରହିବେ (୧୦୦-୧୦୭) ।

## ପ୍ରବନ୍ଧ - ୩ District Assemblies (ଆଞ୍ଚଳିକ ବାର୍ଷିକ ସମାବେଶ/ସ୍ତରୀୟ ସମାବେଶ)

**୨୪.** District Assemblies (ଆଞ୍ଚଳିକ ବାର୍ଷିକ ସମାବେଶ)ଗୁଡ଼ିକୁ ମଣ୍ଡଳୀର ସଦସ୍ୟତାକୁ General Assembly ସଂଗଠିତ କରେ । ଏହିପରି ସାଧାରଣ ଏବଂ ସେବାକାରୀ ପ୍ରତିନିଧିମାନଙ୍କୁ General Assembly ସଠିକ୍ ଭାବରେ ବିବେଚନା କରି ବିଚାର କରେ ଏବଂ ଯେଉଁ ପ୍ରତିନିଧିମାନଙ୍କୁ ପ୍ରେରଣ କରାଯାଇଥାଏ ସେମାନଙ୍କ ଯୋଗ୍ୟତାକୁ ପରୀକ୍ଷା କରେ ଯଦ୍ଵାରା ସମସ୍ତ ଦାୟୀତ୍ୱ ବହନକାରୀ ଅଭିଷିକ୍ତ ବ୍ୟକ୍ତିମାନେ ସଭ୍ୟ ହୋଇପାରିବେ । District Assemblyର କାର୍ଯ୍ୟକୁ ଏବଂ ତା'ର ଅଧିକାରକୁ General Assembly ନିର୍ଣ୍ଣୟ କରେ ।

## ପ୍ରବନ୍ଧ - ୪ General Assemblies (ଆନ୍ତର୍ଜାତୀକ ମହାସଭା)

**୨୫.** କିପରି ଗଠିତ ହୋଇଥାଏ । ନାଜରିନ୍ ମଣ୍ଡଳୀର District Assembly ଦ୍ୱାରା ନିର୍ବାଚିତ ହୋଇଥିବା ସମାନ ସଂଖ୍ୟାର ସାଧାରଣ ଏବଂ ସେବାକାରୀ ପ୍ରତିନିଧିମାନଙ୍କୁ ନେଇ General Assembly ଗଠିତ ହୋଇଥାଏ ।

**୨୫.୧.** ପ୍ରତିନିଧିମାନଙ୍କ ନିର୍ବାଚନ ପ୍ରଣାଳୀ । ଏକ ଆଞ୍ଚଳିକ ବାର୍ଷିକ ଅଧିବେଶନ (District Assembly)ର ୧୬ ମାସ ମଧ୍ୟରେ General Assembly (ଆନ୍ତର୍ଜାତିକ ଅଧିବେଶନ) ନିମନ୍ତେ ସମାନ ସଂଖ୍ୟାର ସେବାକାରୀ ଏବଂ ସାଧାରଣ ପ୍ରତିନିଧିମାନଙ୍କୁ ଏକରୁ ଉର୍ଦ୍ଧ୍ୱ ଭୋଟ୍‌ରେ ନିର୍ବାଚିତ କରାଯାଏ । କିନ୍ତୁ ସେବାକାରୀ ପ୍ରତିନିଧି ନାଜରିନ୍ ମଣ୍ଡଳୀର ଦାୟୀତ୍ୱ ସମ୍ପନ୍ନ ବ୍ୟକ୍ତି ହୋଇଥିବା ଆବଶ୍ୟକ ।

Phase 3 District ତରଫରୁ ଅତି କମ୍‌ରେ ଜଣେ ସେବାକାରୀ ପ୍ରତିନିଧି ଏବଂ ଜଣେ ସାଧାରଣ ପ୍ରତିନିଧି General Assemblyରେ ଯୋଗ ଦେବାର ଅଧିକାର ପାଇଥାଆନ୍ତି ଏବଂ ଅତିରିକ୍ତ ପ୍ରତିନିଧିର ପ୍ରତିନିଧିତ୍ୱକୁ General Assembly ସ୍ଥିର କରିବା ଆବଶ୍ୟକ ହୋଇଥାଏ । ପ୍ରତ୍ୟେକ District Assembly ପ୍ରତିବଦଳ ପ୍ରତିନିଧିଙ୍କୁ ଦୁଇଥର ପରେ ଉର୍ଦ୍ଧ୍ୱ ସଂଖ୍ୟାରେ ନିର୍ବାଚିତ କରିପାରିବେ ନାହିଁ । ଯେକୌଣସି ସ୍ଥାନରେ Travel Visaର ସମସ୍ୟା ଥାଏ, ତେବେ District Assembly ପ୍ରତିବଦଳ ଭାବରେ ଅନ୍ୟକୁ ଚୟନ କରିବା ପାଇଁ District Advisory Boardକୁ ଅନୁମତି ଦିଏ । (୨୦୫, ୨୩, ୩୦୧ – ୩୦୧-୧)

**୨୫.୨.** ପରିଚୟ ପତ୍ର । ପ୍ରତ୍ୟେକ District Assemblyର ସେକ୍ରେଟାରୀ General Assembly ପାଇଁ ନିର୍ବାଚିତ ହେବାକୁ ଥିବା ପ୍ରତିନିଧି ଏବଂ ପ୍ରତିବଦଳର ନିର୍ବାଚନ ସାର୍ଟିଫିକେଟ୍‌କୁ ପ୍ରସ୍ତୁତ କରିବେ ଏବଂ ସେହି election ସାର୍ଟିଫିକେଟ୍‌କୁ District Assemblyର ସମାପ୍ତ ହେବା କ୍ଷଣି ସଙ୍ଗେ ସଙ୍ଗେ Church of the Nazarene General Secretaryଙ୍କ ପାଖକୁ ପ୍ରେରଣ କରିବେ ।

**୨୫.୩.** କାର୍ଯ୍ୟନିର୍ବାହୀ ସଭ୍ୟ ସଂଖ୍ୟା (Quorum) । General Assemblyର ଯେକୌଣସି ସଭାର କାର୍ଯ୍ୟ ନିର୍ବାହୀ ସଂଖ୍ୟା ଅଧିକାଂଶ ଭୋଟ୍ ଦେବା ସଭ୍ୟ

ହୋଇଥିବେ ଏବଂ ସେମାନେ General Assemblyର Credential Committee ସହିତ ପଞ୍ଜିକୃତ ହୋଇଥିବେ । ଯଦି ଥରେ ଏହି କାର୍ଯ୍ୟ ନିର୍ବାହୀ ସଭ୍ୟ ସଂଖ୍ୟା ଗ୍ରହଣ ହେଲା, ଯେକୌଣସି ଏକ କ୍ଷୁଦ୍ର ସଂଖ୍ୟାର ଦଳ ଅନୁମୋଦିତ ହୋଇ ନ ଥିବା ସଭାର କାର୍ଯ୍ୟ ବିବରଣୀକୁ ଅନୁମୋଦନ କରିପାରିବେ ଏବଂ କିଛିକାଳ ନିମନ୍ତେ ସ୍ଥଗିତ ରଖିପାରିବେ ।

**୨୫.୪.** General Superintendet. ନାଜରିନ୍ ମଣ୍ଡଳୀର ପ୍ରାଚୀନମାନଙ୍କ ମଧ୍ୟରୁ ୬ ଜଣ General Superintendentଙ୍କୁ General Assembly ମତଦାନ ଦ୍ୱାରା ନିର୍ବାଚିତ କରିଥାଆନ୍ତି, ଯେଉଁମାନଙ୍କୁ ନେଇ Board of General Superintendents ଗଠିତ ହୋଇଥାଏ । କୌଣସି କାରଣ ହେତୁ General Superintendentମାନଙ୍କ ମଧ୍ୟରୁ କେହି ଯଦି General Assemblyରେ ଅନୁପସ୍ଥିତ ରୁହନ୍ତି, ତେବେ ନାଜରିନ୍ ମଣ୍ଡଳୀର Board of Generalଙ୍କ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ସେହି ସ୍ଥାନ ପୂରଣ କରାଯିବ । (୩୦୫-୨, ୩୧୬)

**୨୫.୫.** ପରିଚାଳନା କରିବା କର୍ମଚାରୀବୃନ୍ଦ । General Assemblyର ପ୍ରତିଦିନ ସଭାର ସଭାପତିତ୍ୱ ବା ପରିଚାଳନା କରିବା ନିମେନ୍ତ Board of General Superintendent ଦ୍ୱାରା ଜଣେ General Superintendentଙ୍କୁ ନିଯୁକ୍ତ କରାଯାଏ । କିନ୍ତୁ ଯଦି କୌଣସି General Suprintendent ନିଯୁକ୍ତ ହୋଇ ନ ପାରିଲେ ବା ଅନୁପସ୍ଥିତ ରହିଲେ ତେବେ General Assembly ତା'ର ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତିତ୍ୱ କରିବା ନିମନ୍ତେ ଅସ୍ଥାୟୀ ଭାବରେ ନିଯୁକ୍ତ କରିପାରିବ । (୩୦୦-୧)

**୨୫.୬.** ଆଦେଶର ନିୟମ । General Assembly ଆଦେଶର ନିୟମଗୁଡ଼ିକୁ ଗ୍ରହଣ କରେ, ଯାହା ଏହାର ସଂଗଠନ, ପଦ୍ଧତି, କମିଟି ବା ସମିତି ଏବଂ ଯେଉଁ ସମସ୍ତ ବିଷୟ ଏହାର କାର୍ଯ୍ୟର ଆଚରଣ ପ୍ରତି ସଂପୃକ୍ତ ଥିବ ଏବଂ ଏହି ସମସ୍ତ

ବିଷୟର ପରିଚାଳନା କରେ । ଏହା ନିର୍ବାଚନ (election)କୁ ଏବଂ ନିଜର ସଭ୍ୟମାନଙ୍କର ଯୋଗ୍ୟତାଗୁଡ଼ିକୁ ବିଚାର କରିଥାଏ ।

**୨୫.୭.** ଆବେଦନଗୁଡ଼ିକର ସାଧାରଣ ନ୍ୟାୟାଳୟ (General Court of Appeals) । ଆବେଦନଗୁଡ଼ିକର ସାଧାରଣ ନ୍ୟାୟାଳୟ ନିମନ୍ତେ ସଭ୍ୟମାନଙ୍କୁ General Assembly ନିଜ ସଭ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ କରେ ଏବଂ ଏହାର ସୀମା ଏବଂ କ୍ଷମତାକୁ ବୁଝାଇ ଦିଏ ।

**୨୫.୮.** କ୍ଷମତା ଏବଂ କଟକଣାସମୂହ

୧. ନାଜରିନ୍ ମଣ୍ଡଳୀ ନିମନ୍ତେ ଆଇନ୍ ପ୍ରଣୟନ କରିବାକୁ General Assmeblyର ଅଧିକାର ଅଛି ଏବଂ ଏହା ସହିତ ସଂଶ୍ଳିଷ୍ଟ ସମସ୍ତ ବିଭାଗ ନିମନ୍ତେ ସିଏ ନୀତି ନିୟମ ଗଠନ କରିପାରିବ । ଏହି ସମସ୍ତ ବିଷୟରେ କିନ୍ତୁ ସମ୍ବିଧାନ ସହିତ ବିରୋଧାତ୍ମକ ମତରେ ନୁହେଁ (୩୦୦, ୩୦୫-୩୦୫.୮) ।

୨. କୌଣସି ସ୍ଥାନୀୟ ମଣ୍ଡଳୀ ତା'ର ପାଳକକୁ ଆହ୍ୱାନ କରିବାରୁ ବଞ୍ଚିତ କରିପାରିବେ ନାହିଁ । ଏହିପରି ଅନୁମୋଦନକୁ General Assembly ଜ୍ଞାନର ସହିତ କାର୍ଯ୍ୟକାରୀ କରିଥାଏ ।

୩. ଏପରିସ୍ଥଳେ ପ୍ରତ୍ୟେକ ମଣ୍ଡଳୀ, କର୍ମକର୍ତ୍ତା, ସେବାକାରୀ ଏବଂ ସାଧାରଣ ବ୍ୟକ୍ତିମାନଙ୍କ ସୁବ୍ୟବସ୍ଥା ନିମନ୍ତେ ସର୍ବଦା ଆପତ୍ତି ଅଭିଯୋଗ କରିବାର ଅଧିକାର ଅଛି ।

## ସଂଶୋଧନ

**୨୬.** ଯେତେବେଳେ General Assemblyର ଦୁଇ ତୃତୀୟାଂଶ ମତଦାତାମାନେ ଉପସ୍ଥିତ ରହି ମତଦାନ କରିବେ ଏବଂ ନାଜରିନ୍ ମଣ୍ଡଳୀର ସମସ୍ତ ଫେଜ୍ ୩ ଏବଂ ପେଜ୍ ୨ର ଦୁଇ ତୃତୀୟାଂଶ ଅନୁମୋଦନ କରିବେ, ତେବେ ଏହି

ସନ୍ନିଧାନର ବ୍ୟବସ୍ଥାସକଳ ଖାରଜ କିମ୍ବା ସଂଶୋଧନ ହୋଇପାରିବ । ପ୍ରତ୍ୟେକ ସନ୍ନିଧାନ ସଂଶୋଧନ କରିବା ନିମନ୍ତେ ଯେକୌଣସି ଫେଜ୍ ୩ ଏବଂ ପେଜ୍ ୨ର ଦୁଇ ତୃତୀୟାଂଶ ମତଦାନ ଆବଶ୍ୟକ ହୋଇଥାଏ । ଏହିପରି ସଂଶୋଧନ ପ୍ରସ୍ତାବ ପାଇଁ General Assembly କିମ୍ବା କୌଣସି ଫେଜ୍ ୩ ବା ଫେଜ୍ ୨ ପଦକ୍ଷେପ ଗ୍ରହଣ କରିପାରିବେ । ଯେଉଁ ମୁହୂର୍ତ୍ତରେ ଏହି ସଂଶୋଧନ ଗ୍ରହଣ ହୁଏ ଏହାର ଫଳାଫଳକୁ Board of General Superintendentଙ୍କ ଦ୍ୱାରା ଘୋଷଣା କରାଯାଇଥାଏ । ଏହାପରେ ସେହି ସଂଶୋଧିତ ବିଷୟଗୁଡ଼ିକ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇପାରିଥାଏ ।

**୨୭.** ବିଶ୍ୱାସ ସଂପୃକ୍ତ ବିଧିର ସଂଶୋଧନ କ୍ରିୟାଜନିତ ସିଦ୍ଧାନ୍ତ । (ପାରା ୧-୧୬.୨) General Assembly (ଆନ୍ତର୍ଜାତିକ ସଭା) ଦ୍ୱାରା Board of General ଏହାର ସମୀକ୍ଷା ନିମିତ୍ତ, ଆନ୍ତର୍ଜାତିକ ସଭା (General Assembly), Board of General Superintendentଙ୍କ ନିକଟକୁ ସେହି ନିୟମାଳବୀ ସମ୍ପୃକ୍ତ ସଂଶୋଧନ ଆଦି ସିଦ୍ଧାନ୍ତ ପ୍ରେରଣ କରିବେ । ଏହାର ସମୀକ୍ଷାକାରୀମାନେ ହେଉଛନ୍ତି, ହସ୍ତାର୍ପିତ ସେବକବୃନ୍ଦ, ପାରମାର୍ଥିକ ବିଜ୍ଞବୃନ୍ଦ ଏବଂ ସେମାନେ Board of General Superintendentଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ଅଟନ୍ତି ।

# ଭାଗ – ୩

# ଖ୍ରୀଷ୍ଟୀୟ ଆଚରଣର ଚୁକ୍ତି

ମନୁଷ୍ୟ ଜୀବନରେ ଖ୍ରୀଷ୍ଟିୟ ପବିତ୍ରତାର ଜୀବନଯାପନ
ଯୌନକ୍ରିୟାଜନିତ ପ୍ରବୃତ୍ତି ଓ ବିବାହ
ଖ୍ରୀଷ୍ଟୀୟ ଭଣ୍ଡାରଘରିଆ
ମଣ୍ଡଳୀ କର୍ମକର୍ତ୍ତାଗଣ
ନୀତି, ନିୟମ ଓ ଶୃଙ୍ଖଳା
ଖ୍ରୀଷ୍ଟୀୟ ଆଚରଣ ସମ୍ପୃକ୍ତ ଚୁକ୍ତିର ସଂଶୋଧନ

## (କ) ଖ୍ରୀଷ୍ଟୀୟ ଜୀବନ

**୨୮.** ମଣ୍ଡଳୀ ଆନନ୍ଦରେ ସୁସମାଚାର ଘୋଷଣା କରେ ଯେପରିକି ଆମେ ଖ୍ରୀଷ୍ଟରେ ଉଦ୍ଧାର ପ୍ରାପ୍ତ ହୋଇ ଏକ ନୂତନ ଜୀବନ ଲାଭ କରିପାରିବୁ । ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଆମେ ପୁରାତନ ସ୍ୱଭାବକୁ ପରିତ୍ୟାଗ କରି ନୂତନ ସ୍ୱଭାବକୁ ପରିଧାନ କରିବା ଆବଶ୍ୟକ – ଏକ ନୂତନ ଏବଂ ପବିତ୍ର ଜୀବନ ଏବଂ ଖ୍ରୀଷ୍ଟଙ୍କର ପରି ମନ (ଏଫିସୀୟ ୪:୧୭-୨୪) ।

**୨୮.୧.** ନାଜରିନ୍ ମଣ୍ଡଳୀ ସମସାମୟିକ ସମାଜ ପ୍ରତି ବାଇବଲର ମୌଳିକ ସତ୍ୟକୁ ଏପରି ଭାବରେ ବର୍ଣ୍ଣନା କରିବାକୁ ଇଚ୍ଛା କରେ ଯେପରି ମଣ୍ଡଳୀର ମତଗୁଡ଼ିକ ଏବଂ ଚୁକ୍ତିଗୁଡ଼ିକ ଅନେକ ଦେଶରେ ଓ ବିଭିନ୍ନ ସଂସ୍କୃତିରେ ସହଜରେ ବୁଝିପାରିବେ ଏବଂ ଜାଣିପାରିବେ । ଆମେ ଦୃଢ଼ ଭାବରେ ଧରି ନେଉ ଯେ ଦଶ ଆଜ୍ଞା ନୂତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ମଧ୍ୟରେ ପୁନର୍ବାର ଆଶ୍ୱାସନା ପରି ସଂପୂର୍ଣ୍ଣ ଭାବରେ ପ୍ରଦର୍ଶିତ ହୋଇଛି ଏବଂ ସଂକ୍ଷିପ୍ତ ଭାବରେ ପାର୍ବତ୍ୟ ଉପଦେଶରେ ମୌଳିକ ଖ୍ରୀଷ୍ଟିୟାନ ନୀତି ଶାସ୍ତ୍ର ଓ ମହାନ୍ ଆଦେଶରେ ପ୍ରଦର୍ଶିତ ହୋଇଛି ।

**୨୮.୨.** ଏହା ମଧ୍ୟ ସ୍ୱୀକାର କରେ ଯେ ସାମୁହିକ ଖ୍ରୀଷ୍ଟିୟାନ ବିବେକର ଧାରଣାରେ ନ୍ୟାର୍ଯ୍ୟତା ଅଛି ଯେପରି ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ଏବଂ ଆଲୋକିତ ହୁଅନ୍ତି । ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ ଖ୍ରୀଷ୍ଟଙ୍କର ଶରୀରର ପ୍ରକାଶନ ହୋଇଥିବା ହେତୁ ଖ୍ରୀଷ୍ଟିୟାନ ନୀତିଶାସ୍ତ୍ର ପ୍ରତି ଖ୍ରୀଷ୍ଟିୟାନ ଜୀବନକୁ ଘେନି ଯିବା ନିମନ୍ତେ ଦାୟୀତ୍ୱର ଅନୁସନ୍ଧାନ କରେ । ପବିତ୍ର ଜୀବନ ନିମନ୍ତେ ସେମାନେ ଯେତେବେଳେ ସାହାଯ୍ୟ କରନ୍ତି ଏବଂ ପରିଚାଳନା କରନ୍ତି ସେମାନେ ସାବଧାନତାର ସହ ଏବଂ ନ୍ୟାୟ ଭାବରେ ସମସ୍ତ ବିଷୟ ଅନୁସରଣ କରିବା ଆବଶ୍ୟକ । ଯେଉଁମାନେ ମଣ୍ଡଳୀର ଅର୍ନ୍ତଆତ୍ମାର ମାନଦଣ୍ଡ ବିରୁଦ୍ଧରେ ଯିବେ ସେମାନେ ମଣ୍ଡଳୀର ସାକ୍ଷ୍ୟ ବଜାୟ ରଖିବାରେ ଅକ୍ଷମ ହୁଅନ୍ତି ଓ ସଙ୍କଟାପନ୍ନ ପରିବେଶ ମଧ୍ୟରେ ପଡ଼ି ଯାଆନ୍ତି ।

**୨୮.୩.** ନାଜରିନ୍ ମଣ୍ଡଳୀ ଏହି ନୂତନ ଏବଂ ପବିତ୍ର ଜୀବନଯାପନରେ ବିଶ୍ୱାସ କରେ ଯାହା ଆମ ପ୍ରତିବାସୀଙ୍କର ମନ, ଆତ୍ମା ଏବଂ ଶରୀର ନିମନ୍ତେ ପ୍ରେମର ଉଦ୍ଧାର କାର୍ଯ୍ୟ ସମ୍ପାଦନ କରାଇବାରେ ଆମ ଜୀବନ ସମ୍ପୃକ୍ତ ହୋଇଥାଏ । ଯୀଶୁଙ୍କର ଗୋଟିଏ ପ୍ରେମର ପରିତ୍ରାଣ କର୍ମକ୍ଷେତ୍ର ଥିଲା ଯାହା ବିଶେଷ ଏକତାରେ ସମ୍ପୃକ୍ତ ଏବଂ ସେ ତାଙ୍କ ଶିଷ୍ୟମାନଙ୍କୁ ସେହି ପ୍ରେମ ଜଗତର ଦୀନହୀନ ଲୋକଙ୍କ କତିରେ ପରିପ୍ରକାଶ କରିବାକୁ ଆଦେଶ ଦେଇଥିଲେ । ଏହିସବୁ ତାହାଙ୍କ ମଣ୍ଡଳୀ ଶିକ୍ଷା କରିବା ଆବଶ୍ୟକ । ପ୍ରଥମରେ ଧନ ଏବଂ ଏହାର ଅପବ୍ୟୟଠାରୁ ଦୂରରେ

ରହିବା; ଦ୍ୱିତୀୟରେ ଦୀନଦୁଃଖୀ, ବାସହରାମାନଙ୍କୁ ଖାଦ୍ୟ, ପୋଷାକ ଆଶ୍ରୟ ସ୍ଥଳ ଦାନ କରି ସେମାନଙ୍କର ତତ୍ତ୍ୱ ନେବା । ତେଣୁ ଆମେ ଦୁଃଖୀ, ଦରିଦ୍ରମାନଙ୍କ ନିମନ୍ତେ ଅନୁକମ୍ପାର କାର୍ଯ୍ୟ କରୁ ଏବଂ ଗରୀବ, ଦୁଃଖୀମାନଙ୍କୁ ସମାନ ଭାବରେ ନ୍ୟାୟ ବିଚାର କରୁ ଏବଂ ସେମାନଙ୍କର କଷ୍ଟ ସମୟରେ ଆମେ ସୁବିଧା ଓ ସୁଯୋଗ ପହଞ୍ଚାଇ ଦେଉ । ଆହୁରି ଆମେ ବିଶ୍ୱାସ କରୁ ଯେ ଦୀନହୀନମାନଙ୍କ ପ୍ରତି ଖ୍ରୀଷ୍ଟିୟାନମାନଙ୍କର ଦାୟୀତ୍ୱ ପ୍ରତ୍ୟେକ ବିଶ୍ୱାସୀମାନଙ୍କ ଜୀବନରେ ଏକ ମୁଖ୍ୟ ବିଷୟ, ଯେଉଁମାନେ ଅନୁସନ୍ଧାନ କରନ୍ତି, ସେମାନଙ୍କ ଜରିଆରେ ପ୍ରେମ ମାଧ୍ୟମରେ ବିଶ୍ୱାସ କାର୍ଯ୍ୟ କରେ । ଆମେ ବିଶ୍ୱାସ କରୁ ଯେ ଦୀନଦୁଃଖୀମାନଙ୍କ ପ୍ରତି ସେବାକାର୍ଯ୍ୟଠାରୁ ଖ୍ରୀଷ୍ଟିୟାନ ପବିତ୍ରତା ଅବିଚ୍ଛିନ୍ନ ଅଟେ ।

(ଯାତ୍ରା ୨୩:୧୧; ଦ୍ୱି.ବିବ. ୧୮:୭; ଗୀତ. ୪୧:୧; ୮୨:୩; ହିତୋ. ୧୯:୧୭; ୨୧:୧୩; ୨୨:୯; ଯିରି. ୨୨:୧୬; ମାଥିଉ ୧୯:୨୧; ଲୂକ ୧୨:୩୩; ପ୍ରେରିତ ୨୦:୩୫; ୨ କରି.୯:୬; ଗାଲା. ୨:୧୦) ।

**୨୮.୪.** ଯେଉଁ ବିଷୟଗୁଡ଼ିକଠାରୁ ଦୂରରେ ରହିବା ଆବଶ୍ୟକ ସେଗୁଡ଼ିକ ଗଣିଲେ ତା'ର ତାଲିକା ଶେଷ ହୁଏ ନାହିଁ । ଜଗତର ସମସ୍ତ ମନ୍ଦ ବିଷୟଠାରୁ ନିଜକୁ ସୀମିତ ରଖିବାକୁ ଆଶା ରଖୁ । ତେଣୁ ମନ୍ଦକୁ ଚିହ୍ନିବା ପାଇଁ ଆତ୍ମାଙ୍କର ସାହାଯ୍ୟକୁ ଅନୁସନ୍ଧାନ କରିବା ଆମ ଲୋକମାନଙ୍କ ନିମନ୍ତେ ଅତି ଆବଶ୍ୟକ । "ସମସ୍ତ ବିଷୟ ପରୀକ୍ଷା କର; ଯାହା ଉତ୍ତମ ତାହା ଧରି ରଖ, ସମସ୍ତ ପ୍ରକାର ମନ୍ଦଠାରୁ ପୃଥକ୍ ହୋଇଥାଅ" (୨ ଥେସ. ୫:୨୧-୨୨) ।

**୨୮.୫.** ଭଲ ଏବଂ ମନ୍ଦ ମଧ୍ୟରେ ପ୍ରଭେଦକୁ ଜାଣିବା ପାଇଁ ଆମର ନେତା ଏବଂ ପାଳକମାନେ ସାମୟିକ ପତ୍ରିକା ଦ୍ୱାରା ଏବଂ ପ୍ରଚାର ଦ୍ୱାରା ଦୃଢ଼ ଭାବରେ ଶିକ୍ଷା ଦେବା ଆବଶ୍ୟକ ।

**୨୮.୬.** ସମାଜରେ ଆତ୍ମିକ ଏବଂ ସାମାଜିକ ଭାବରେ ଉତ୍ତମ ମନୁଷ୍ୟ ହେବା ନିମନ୍ତେ ଶିକ୍ଷା ମୁଖ୍ୟ ବିଷୟ ଅଟେ । ଯେପରି ସଣ୍ଡେସ୍କୁଲ, ସ୍କୁଲ, ଶିଶୁ ବିକାଶ

କେନ୍ଦ୍ର, ଯୁବା ବିକାଶ କେନ୍ଦ୍ର, କଲେଜ, ପାରମାର୍ଥିକ ବିଦ୍ୟାଳୟଗୁଡ଼ିକ ଏଭଳି ଭାବରେ ଶିକ୍ଷା ଦେବା ଆବଶ୍ୟକ ଯେପରି ଆମର ସିଦ୍ଧାନ୍ତ ଏବଂ ନୀତି ସମସ୍ତେ ଜାଣି ବୁଝିପାରିବେ । ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଖ୍ରୀଷ୍ଟିୟାନମାନେ ମଧ୍ୟ ଅନ୍ୟ ପ୍ରତିଷ୍ଠାନଗୁଡ଼ିକରେ ସାକ୍ଷୀ ହେବା ନିମନ୍ତେ ଉତ୍କଣ୍ଠିତ ହେବା ଆବଶ୍ୟକ । (ମାଥିଉ ୫:୧୩-୧୪)

**୨୯.** ନିମ୍ନଲିଖିତ ଅଭ୍ୟାସଗୁଡ଼ିକଠାରୁ ଦୂରରେ ରହିବାକୁ ଆମେ ବିଶେଷ ଧ୍ୟାନ ଦେଉ:

**୨୯.୧.** ସମସ୍ତ ମନୋରଞ୍ଜନ ଏବଂ କାର୍ଯ୍ୟକ୍ରମ, ଯେଉଁଗୁଡ଼ିକ ଖ୍ରୀଷ୍ଟିୟାନ ନୈତିକତାକୁ ଧ୍ୱଂସ କରେ । ଖ୍ରୀଷ୍ଟିୟାନ ବ୍ୟକ୍ତିଗତ ଭାବରେ ଏବଂ ପାରିବାରିକ ଭାବରେ ତିନୋଟି ନିୟମ ଦ୍ୱାରା ନିଜକୁ ଶୃଙ୍ଖଳିତ କରିବା ଉଚିତ ।

ପ୍ରଥମରେ - ଅବସର ସମୟରେ ଖ୍ରୀଷ୍ଟିୟ ଅଭିଭାବକତ୍ୱ ।

ଦ୍ୱିତୀୟରେ - ନିୟମ ହେଉଛି ଖ୍ରୀଷ୍ଟିୟାନ ଜୀବନ ଯାପନରେ ସର୍ବୋଚ୍ଚ ନୈତିକତାର ଆଦର୍ଶ ଯାହା ପ୍ରୟୋଗ କରିବା ଖ୍ରୀଷ୍ଟିୟାନର କର୍ତ୍ତବ୍ୟ । କାରଣ ଆମେ ବର୍ତ୍ତମାନ ନୈତିକତାର ବା ଆଧ୍ୟାତ୍ମିକତାର ଏକ ମହାଦ୍ୱନ୍ଦ ସମୟ ମଧ୍ୟରେ ଜୀବନ ଅତିବାହିତ କରୁଛୁ । ଯେଉଁ ସମୟରେ ଆମ୍ଭମାନଙ୍କ ଗୃହର ପବିତ୍ର ବେଢ଼ା ମଧ୍ୟରେ ବିଭିନ୍ନ ମାର୍ଗ ଦେଇ ମନ୍ଦ ବିଷୟଗୁଡ଼ିକ ବଳ ପୂର୍ବକ ପ୍ରବେଶ କରିବାର ଆମେ ସମ୍ମୁଖୀନ ହେଉଅଛୁ । ଏସମସ୍ତ ଯେପରି ବର୍ତ୍ତମାନର ପ୍ରଚଳିତ ବିଭିନ୍ନ ପୁସ୍ତକ, ରେଡ଼ିଓ, ଟେଲିଭିଜନ୍, କମ୍ପ୍ୟୁଟର୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ହେଉଅଛି । ଆମ ଗୃହକୁ ଜାଗତିକ ଆକର୍ଷଣଠାରୁ ରକ୍ଷା କରିବା ପାଇଁ କଠୋର ହେବା ଅତି ଆବଶ୍ୟକ । ଯାହାହେଉନା କାହିଁକି ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକ ପବିତ୍ର ଜୀବନକୁ ଏବଂ ବିବାହର ପବିତ୍ରତାକୁ ସମର୍ଥନ କରେ, ସେଗୁଡ଼ିକ ଆମେ ବିଶେଷରେ ଯୁବାଯୁବତୀମାନଙ୍କୁ, ସେମାନଙ୍କ କଳାକୁ ଗଣମାଧ୍ୟମ ଜରିଆରେ ଏବଂ ସକାରାତ୍ମକ ଭାବରେ ବାସ୍ତବ ଜଗତରେ ବ୍ୟବହାର କରିବାକୁ ଉତ୍ସାହିତ କରିବା ନିତାନ୍ତ ବାଞ୍ଛନୀୟ ।

ତୃତୀୟ ନିୟମ ହେଉଛି, ଯେ ଈଶ୍ୱରଙ୍କ ନିନ୍ଦା କରେ ଏବଂ ତାକୁ ତୁଚ୍ଛ ଜ୍ଞାନ କରେ, ତା' ବିରୁଦ୍ଧରେ ସାକ୍ଷ୍ୟ ଦେବା ଏବଂ ଯେ ହିଂସ୍ରକ ଆଚରଣ କରେ, ଇନ୍ଦ୍ରିୟ ପରାୟଣ ବ୍ୟକ୍ତି, କାମୁକତାରେ ପୂର୍ଣ୍ଣ ବ୍ୟକ୍ତି, ଅଧର୍ମ କାର୍ଯ୍ୟ କରୁଥିବା ବ୍ୟକ୍ତି ଆଦି କରୁଥିବା ବ୍ୟକ୍ତିଠାରୁ ଦୂରରେ ରହିବା ବିଧେୟ ଅଟେ ।

ଖ୍ରୀଷ୍ଟିୟ ଜୀବନଶୈଳୀର ମୌଳିକ ବିଷୟଗୁଡ଼ିକୁ ଆମ ଲୋକମାନଙ୍କୁ ଶିକ୍ଷା ଦ୍ୱାରା ଏବଂ ପ୍ରଚାର ଦ୍ୱାରା ଶିକ୍ଷିତ କରାଇବା ଆବଶ୍ୟକ । ଏହାଦ୍ୱାରା ଆମ ଲୋକମାନେ ଶିକ୍ଷା ଲାଭ କରି ପବିତ୍ର ଜୀବନ କାଟିବା ନିମନ୍ତେ ପ୍ରାର୍ଥନା ସହକାରେ ଭଲ ମନ୍ଦ ବିଭେଦକୁ ବ୍ୟବହାର କରିପାରିବେ । ଆମେ ଏଭଳି ପରାମର୍ଶ ଦେଉ ଯେ, ଜନ୍ ୱେସ୍‌ଲିଙ୍କୁ ତାଙ୍କ ମାତା ଦେଇଥିବା ଆଦର୍ଶ ଯାହା "ଯେକୌଣସି ବିଷୟ ତୁମ ବିବେକକୁ ଦୁର୍ବଳ କରେ, ତୁମ ବିବେକର କୋମଳତାକୁ କ୍ଷତି ପହଞ୍ଚାଏ, ତୁମଠାରେ ଥିବା ଈଶ୍ୱରଙ୍କ ଚେତନାକୁ ଅସ୍ପଷ୍ଟ କରେ, ଆତ୍ମିକ ଇଚ୍ଛାଗୁଡ଼ିକ ପ୍ରତି ପ୍ରବଳ ଆଗ୍ରହକୁ ତୁମଠାରୁ କାଢ଼ି ନିଏ, ଯେକୌଣସି ବିଷୟ ତୁମ ମନ ଏବଂ ଶରୀର ଉପରେ ଆଧିପତ୍ୟ ବିସ୍ତାର କରେ ସେହି ବିଷୟଗୁଡ଼ିକ ତୁମ ପାଇଁ ପାପ ଅଟେ ।" (୨୮.୨-୨୮.୪, ୯୨୬-୯୩୧)

(ରୋମୀ. ୧୪:୭-୧୩; ୧ କରି. ୧୦:୩୧-୩୩; ଏଫି. ୫:୧-୧୮; ଫିଲି. ୪:୮-୯; ୧ ପିତର ୧:୧୩-୧୭; ୨ ପିତର ୧:୩-୧୧) ।

**୨୯.୨.** ଲଟେରି ବା ଗୁଲିବାଣ୍ଟ ଏବଂ ଜୁଆଖେଳ ଆଇନ୍ ଅନୁଯାୟୀ ନିଷିଦ୍ଧ ଅଟେ । ମଣ୍ଡଳୀ ବିଶ୍ୱାସ କରେ ଯେ ଏପରି ଅଭ୍ୟାସର ଶେଷ ପରିଣାମ ଉଭୟ ବ୍ୟକ୍ତିଗତ ଏବଂ ସମାଜ ନିମନ୍ତେ କ୍ଷତିକାରକ ଅଟେ ।

(ମାଥିଉ ୬:୨୪-୩୪; ୨ ଥେସ. ୩:୬-୧୩; ୧ ତୀମ. ୬:୬-୧୧; ଏବ୍ରୀ ୧୩:୫-୬; ୧ ଯୋହନ ୨:୧୫-୧୭) ।

**୨୯.୩.** ଗୁପ୍ତ ଶପଥରେ ସଭ୍ୟ ପଦ କିମ୍ବା ସମ୍ପ୍ରଦାୟ ମଧ୍ୟରେ ଯେଉଁମାନେ ଏପରି ଲୋକମାନଙ୍କୁ ସଂଯୁକ୍ତ କରିଥାଆନ୍ତି, ଯେପରି ସମଭାବାପନ୍ନ ଲୋକମାନଙ୍କ ମଧ୍ୟରେ ସହାନୁଭୂତି ଦେଖାନ୍ତି ଏବଂ ଏକକୁ ଆରେକ ସାହାଯ୍ୟ କରନ୍ତି । ଏହିପରି

ସ୍ୱଭାବ ବିଶିଷ୍ଟ ଖ୍ରୀଷ୍ଟିୟାନମାନଙ୍କ ସମର୍ଥନକୁ ପୃଥକ୍ କରିଦିଏ ଏବଂ ସେମାନଙ୍କର ଖୋଲା ସାକ୍ଷ୍ୟ ଲଙ୍ଘନ କରାଏ । ଏପରି ସମସ୍ୟାକୁ ମଣ୍ଡଳୀ ସଭ୍ୟପଦରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ ପାରା ୧୧୨:୧ ଦ୍ୱାରା ସାହାଯ୍ୟରେ ବିଚାର କରାଯାଏ ।

(୧ କରି. ୧:୨୬-୩୧; ୨ କରି. ୬:୧୪-୭:୧; ଏଫି. ୫:୧୧-୧୬; ଯାକୁବ ୪:୪; ୧ ଯୋହନ ୨:୧୫-୧୭) ।

**୨୯.୪.** ଯେକୌଣସି ଧରଣର ନୃତ୍ୟ ଯାହା ଆତ୍ମିକ ବୃଦ୍ଧିକୁ ହ୍ରାସ କରେ ଏବଂ ସଠିକ୍ ନୈତିକତାକୁ ଭଗ୍ନ କରେ ।

(ମାଥିଉ ୨୩:୩୬-୩୯; ରୋମୀୟ ୧୨:୧-୨; ୧ କରି. ୧୦:୩୧-୩୩; ଫିଲି. ୧:୯-୧୧; କଲ. ୩:୧-୧୭) ।

**୨୯.୫.** ନିଶାଦ୍ରବ୍ୟ, ମଦ୍ୟପାନ ସେବନ କରିବା, ଅବୈଧ କାରବାର, ଭୋଟ୍ ନିମନ୍ତେ ପ୍ରଭାବିତ କରିବା, ବିକ୍ରୀ କରାଇବାକୁ ଲାଇସେନ୍ସ୍ କରାଇ ଦେବା, ଯେକୌଣସି ନିଷିଦ୍ଧ ନିଶାଦ୍ରବ୍ୟ ସେବନ କିମ୍ବା ତହିଁର ଅବୈଧ କାରବାର, କୌଣସି ଧରଣର ତମ୍ବାଖୁ ସେବନ ଏବଂ ତହିଁର ଅବୈଧ କାରବାର ।

ପବିତ୍ର ଧର୍ମଶାସ୍ତ୍ର ଆମକୁ ଶିକ୍ଷା ଦିଏ ଯେ ଆମ୍ଭମାନଙ୍କର ଶରୀର ପବିତ୍ର ଆତ୍ମାଙ୍କର ମନ୍ଦିର ଅଟେ । ତେଣୁ ଆମକୁ ପ୍ରେମ କରିବା ସହିତ ଅନ୍ୟକୁ ପ୍ରେମ କରି ସମସ୍ତ ନିଶାଦ୍ରବ୍ୟଠାରୁ ଦୂରରେ ରହିବାକୁ ଆମ ଲୋକମାନଙ୍କୁ ଆହ୍ୱାନ କରିବା । (୯୨୯-୯୩୧)

(ହିତୋ. ୨୦:୧; ୨୩:୨୯-୨୪:୨; ହୋଶେୟ ୪:୧-୨; ହବକ୍କୂକ୍ ୨:୫; ରୋମୀୟ ୧୩:୮; ୧୪:୧୫-୨୧; ୧୫:୧-୨; ୧ କରି. ୩:୧୬-୧୭; ୬:୯-୧୨, ୧୯-୨୦; ୧୦:୩୧-୩୩; ଗାଲା. ୫:୧୩-୧୪,୨୧; ଏଫି. ୫:୧୮)

(କେବଳ ଯେଉଁ ଦ୍ରାକ୍ଷାରସ ନିଶାରେ ପରିଣତ ହୋଇ ନାହିଁ, ତାହାକୁ ପ୍ରଭୁଭୋଜର ପାନ ନିମନ୍ତେ ବ୍ୟବହାର କରାଯିବା ଆବଶ୍ୟକ) (୫୧୫-୪, ୫୩୨-୭, ୫୩୩-୨, ୫୩୪-୧,୭୦୦)

**୨୯.୬.** ଉତ୍ତେଜନା ସୃଷ୍ଟି କରୁଥିବା ପଦାର୍ଥ, ଶାରୀରିକ କାର୍ଯ୍ୟ ତତ୍ପରତାର ବିନାଶକ, ନିଷିଦ୍ଧ ଅଞ୍ଚଳକୁ ନେଇଯାଉଥିବା ନିଶାଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟର ବ୍ୟବହାରର ଉପଯୁକ୍ତ ଡାକ୍ତରୀ ଚିକିତ୍ସା ଦ୍ୱାରା ପ୍ରତିକାର ଏବଂ ପଥ ପ୍ରଦର୍ଶକ ।

ଔଷଧ ବିଜ୍ଞାନ ପ୍ରମାଣର ଦୃଷ୍ଟିକୋଣରୁ ଏହି ଉପାଦାନଗୁଡ଼ିକର ବ୍ୟବହାର ଅତି ସାଂଘାତିକ ଅଟେ । ଆଧ୍ୟାତ୍ମିକ ସାବଧାନ ବାଣୀ ସହିତ ଆମକୁ ଦାୟୀତ୍ୱର ସହ ମନକୁ ଏବଂ ଶରୀରକୁ ନିୟନ୍ତ୍ରଣ କରିବା ଆବଶ୍ୟକ । ଏହି ସମସ୍ତ ନିଶାଦ୍ରବ୍ୟ ଯଥା: ଉତ୍ତେଜନା ଜନ୍ମାଉଥିବା ପଦାର୍ଥ, ଶାରୀରିକ କାର୍ଯ୍ୟ ତତ୍ପରତାର ବିନାଶକ, ନିଶାଦ୍ରବ୍ୟଗୁଡ଼ିକରୁ ଦୂରେଇ ରହିବାକୁ ଆମେ ଚୟନ କରୁ ।

(ମାଥିଉ ୨୨:୩୭-୩୯; ୨୭:୩୪; ରୋମୀୟ ୧୨:୧-୨; ୧ କରି. ୬:୯-୨୦; ୯:୨୪-୨୭)

## (ଖ) ମନୁଷ୍ୟ ଜୀବନର ପବିତ୍ରତା

**୩୦.** ମନୁଷ୍ୟ ଜୀବନର ପବିତ୍ରତାରେ ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ ଏବଂ ଗର୍ଭପାତ, ଗର୍ଭରେ ଥିବା ଭ୍ରୂଣର ପ୍ରାରମ୍ଭିକ ଅବସ୍ଥାର ଅନୁସନ୍ଧାନ, ଦୁରାରୋଗ୍ୟ ରୋଗରେ ବହୁ କଷ୍ଟ ପାଇ ମୃତ୍ୟୁକୁ ଅପେକ୍ଷା କରିଥିବା ବ୍ୟକ୍ତିକୁ ଆଉ କଷ୍ଟ ନ ଦେଇ ଅତିଶୀଘ୍ର ମାରିଦେବା ଏବଂ ବିକଳାଙ୍ଗ ଓ ବୃଦ୍ଧ / ବୃଦ୍ଧାଙ୍କ ପ୍ରତି ଆବଶ୍ୟକ ଡାକ୍ତରୀ ଚିକିତ୍ସାକୁ ପ୍ରତ୍ୟାଖ୍ୟାନ କରିବା ଏହି ସବୁ ବିରୁଦ୍ଧରେ ସୁରକ୍ଷା ଦେବାକୁ ନାଜରିନ୍ ମଣ୍ଡଳୀ ଆଗେଇ ଆସେ ।

**୩୦.୧.** ଗର୍ଭପାତ କରିବା ପାଇଁ ପ୍ରବର୍ତ୍ତାଇବା –

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଦ୍ୱାରା ମନୁଷ୍ୟ ଜୀବନର ପବିତ୍ରତା ଯେ ପ୍ରତିଷ୍ଠିତ ଏହା ନାଜରିନ୍ ମଣ୍ଡଳୀ ଦୃଢ଼ତାର ସହ କହେ ଏବଂ ବିଶ୍ୱାସ କରେ ଯେ ସେହି ପବିତ୍ରତା ଗର୍ଭରେ ଥିବା ଶିଶୁ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଛି । ଜୀବନ ଈଶ୍ୱରଙ୍କ ଦାନ ଅଟେ । ପ୍ରତ୍ୟେକ ମନୁଷ୍ୟ ଜୀବନ ଏପରିକି ଗର୍ଭରେ ବିକଶିତ ହେଉଥିବା ଶିଶୁ ମଧ୍ୟ ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି । ତେଣୁ ତାହାର ଯତ୍ନ ନେବା ଏବଂ ସୁରକ୍ଷା ଦେବା ଆବଶ୍ୟକ । ଗର୍ଭଧାରଣ ମୁହୂର୍ତ୍ତଠାରୁ ଆରମ୍ଭ କରି ଗୋଟିଏ ଶିଶୁର ସମସ୍ତ ଚରିତ୍ର କ୍ରମଶଃ ବିକଶିତ ହୋଇଥାଏ ଏବଂ ଏହାର ବିକାଶର କ୍ଷେତ୍ର ତା'ର ମା' ଉପରେ ନିର୍ଭର କରେ । ତେଣୁ ଆମେ ବିଶ୍ୱାସ କରୁ ଯେ ଗର୍ଭଧାରଣ ସମୟଠାରୁ ପ୍ରତ୍ୟେକ ମନୁଷ୍ୟ ଜୀବନକୁ ସମ୍ମାନ ଏବଂ ସୁରକ୍ଷା ଦେବା ଆବଶ୍ୟକ । ଆମେ ଯେକୌଣସି ଗର୍ଭପାତକୁ ବିରୋଧ କରୁ । ଏହା ହୁଏତ ବ୍ୟକ୍ତିଗତ କାରଣରୁ କିମ୍ବା ଜନବୃଦ୍ଧି ନିୟନ୍ତ୍ରଣ କାରଣରୁ ହୋଇଥାଇପାରେ । ଆମେ ସେହିପରି ବ୍ୟବସ୍ଥା ବା ଆଇନ୍‌କୁ ବିରୋଧ କରୁ, ଯେ ଗର୍ଭାପାତକୁ ଅନୁମତି ଦିଏ । ଆମେ ଦେଖୁ ଯେ ଅଳ୍ପ କିଛି କ୍ଷେତ୍ରରେ ମା' ଏବଂ ଶିଶୁ ଉଭୟ ଗର୍ଭବେଦନା ସହ୍ୟ କରି ନ ପାରି ମୃତ୍ୟୁବରଣ କରିଥାଆନ୍ତି । ତେଣୁ ଗର୍ଭଧାରଣକୁ ଏଡ଼ାଇବା ନିମନ୍ତେ ସଠିକ୍ ଡାକ୍ତରୀ ଚିକିତ୍ସା ଏବଂ ଖ୍ରୀଷ୍ଟିୟାନ ପରାମର୍ଶର ଆବଶ୍ୟକ ରହିଛି ।

ଗର୍ଭପାତକୁ ଦାୟୀତ୍ୱର ସହ ବିରୋଧ କରି ମା'ମାନଙ୍କୁ ଏବଂ ଶିଶୁମାନଙ୍କର କାର୍ଯ୍ୟକ୍ରମ ମାଧ୍ୟମରେ ଯତ୍ନ ନେବାକୁ ଆମର ସମର୍ପଣର ଆବଶ୍ୟକ । ଅନିଚ୍ଛା ସତ୍ତ୍ୱେ ଗର୍ଭଧାରଣ ପରିସ୍ଥିତିରେ ବିଶ୍ୱାସୀ ସମାଜର ସ୍ନେହ, ପ୍ରାର୍ଥନା ଏବଂ ପରାମର୍ଶର ଆବଶ୍ୟକ । ଏହିପରି ପରିସ୍ଥିତିରେ ଆମେ ପରାମର୍ଶ କେନ୍ଦ୍ରକୁ, ଗର୍ଭବତୀ ମହିଳା ନିମନ୍ତେ ଥିବା ଆଶ୍ରୟ ଗୃହକୁ ଏବଂ ଖ୍ରୀଷ୍ଟିୟ ସେବା କେନ୍ଦ୍ରକୁ ଘେନି ଯାଇ ସାହାଯ୍ୟ କରିପାରୁ ।

ନାଜରିନ୍ ମଣ୍ଡଳୀ ଏହା ମାନିନିଏ ଯେ ଗର୍ଭପାତ ଅର୍ଥ ଅନିଚ୍ଛା ଗର୍ଭଧାରଣର ସମାପ୍ତି ଅଟେ ଏବଂ ଏହା ଅନେକ ସମୟରେ ଘଟିଥାଏ । କାରଣ ଯୌନକ୍ରୀୟା ସମ୍ପର୍କୀୟ ଦାୟୀତ୍ୱରେ ଖ୍ରୀଷ୍ଟିୟାନ ଆଦର୍ଶ ଅବହେଳିତ ହୋଇଛି । ତେଣୁ ମଣ୍ଡଳୀ ଲୋକମାନଙ୍କୁ ଏକ ସଚେତନତାର ଆହ୍ୱାନ କରି ନୂତନ ନିୟମରେ ଯେପରି

ମନୁଷ୍ୟର ଯୌନକ୍ରୀୟା ନୈତିକତା ବିଷୟରେ ଉଲ୍ଲେଖ ଅଛି ସେହିପରି ଭାବରେ ନୈତିକତା ଦୃଷ୍ଟିକୋଣରୁ ନିଷ୍ପତ୍ତି ନେବା ନିମନ୍ତେ ପରାମର୍ଶ ଯୋଗାଇବା ଆବଶ୍ୟକ ।

(ଆଦି ୨:୭; ୯:୬; ଯାତ୍ରା ୨୦:୧୩; ୨୧:୧୨-୧୬, ୨୨-୨୫; ଲେବୀ. ୧୮:୨୧; ଆୟୁବ ୩୧:୧୫; ଗୀତ. ୨୨:୯; ୧୩୯:୩-୧୬; ଯିଶା. ୪୪:୨,୨୪; ୪୯:୫; ଯିରି. ୧:୫; ଲୂକ ୧:୧୫, ୨୩-୨୫, ୩୬-୪୫; ପ୍ରେରିତ ୧୭:୨୫; ରୋମୀୟ ୧୨:୧-୨; ୧ କରି. ୬:୧୬; ୭:୧; ୧ ଥେସ. ୪:୩-୬)

ନାଜରିନ୍ ମଣ୍ଡଳୀ ଗ୍ରହଣ କରେ ଯେ ଗର୍ଭପାତର ଅଘଟଣ ଦ୍ୱାରା ଅନେକେ ପ୍ରତାରିତ ହୋଇଛନ୍ତି । ଯେଉଁମାନେ ଗର୍ଭପାତର ଅଭିଜ୍ଞତା ମଧ୍ୟଦେଇ ଯାଇଛନ୍ତି ସେମାନଙ୍କ ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କ କ୍ଷମାର ବାକ୍ୟ ପ୍ରଦାନ କରିବାକୁ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଏବଂ ବ୍ୟକ୍ତିଗତ ବିଶ୍ୱାସୀମାନଙ୍କୁ ଅନୁରୋଧ କରୁଅଛୁ । ଆମର ସ୍ଥାନୀୟ ମଣ୍ଡଳୀ ଉଦ୍ଧାରକାରୀ ସମାଜ ହେବା ଆବଶ୍ୟକ ଏବଂ ଯେଉଁମାନେ ଇଚ୍ଛାକୃତ ଭାବରେ ଗର୍ଭପାତ କରି ଶାରୀରିକ, ମାନସିକ ଏବଂ ଆତ୍ମିକ ଭାବରେ ପ୍ରପୀଡ଼ିତ, ସେମାନଙ୍କ ପ୍ରତି ଆଶା ସଞ୍ଚାରକାରୀ ଏକ ବିଶେଷ ଉପାଦାନ ହେବା ଆବଶ୍ୟକ ।

(ରୋମୀୟ ୩:୨୨-୨୪; ଗାଲାତୀୟ ୬:୧)

**୩୦.୨.** ମୌଳିକ ଗୁଣ ପରିବର୍ତ୍ତନ ପାଇଁ ଡି.ଏନ୍. ଏ.ର ଉପାଦାନ ଓ ତା'ର ଢାଞ୍ଚାରେ ପରିବର୍ତ୍ତନ କରିବା ଶିକ୍ଷା ଏବଂ ଜିନ୍‌ର ବିକାର (ଅନୁପସ୍ଥିତିର ସଂଶୋଧନ ପାଇଁ ଜୀବ କୋଷରେ ସୁସ୍ଥ ଜିନ୍‌ର ଅନ୍ତର୍ନିବେଶନ) ।

ଜିନ୍‌ର ବିକାରକୁ ପ୍ରାପ୍ତ ହେବା ନିମନ୍ତେ Genetic Engineeringର ବ୍ୟବହାରକୁ ନାଜରିନ୍ ମଣ୍ଡଳୀ ସମର୍ଥନ କରେ । ଆମେ ଗ୍ରହଣ କରୁ ଯେ ଜିନ୍‌ର ବିକାର, ରୋଗ ଏବଂ ଶରୀର ସମ୍ବନ୍ଧୀୟ ଓ ମାନସିକ ବିକୃତଗୁଡ଼ିକୁ ପ୍ରତିରୋଧ କରେ । ସେହିପରି Genetic Engineeringକୁ ଆମେ ବିରୋଧ କରୁ ଯାହା

ସାମାଜିକ ଅନ୍ୟାୟକୁ ପ୍ରୋତ୍ସାହିତ କରେ, ଲୋକମାନଙ୍କର ସମ୍ମାନକୁ ଅପମାନିତ କରେ କିମ୍ବା ଅନ୍ୟମାନଙ୍କର ଉପରେ ପ୍ରଭୁତ୍ୱ କରିବାକୁ ଚେଷ୍ଟା କରେ ।

**୩୦.୩.** ମାନବ ଭ୍ରୂଣର ପ୍ରାରମ୍ଭିକ ଅବସ୍ଥା ଅନୁସନ୍ଧାନ ଏବଂ ସେହିପରି ଅନ୍ୟ ଔଷଧ ବିଜ୍ଞାନ ଯାହା ଗର୍ଭଧାରଣ ଉତ୍ତାରେ ମାନବ ଜୀବନକୁ ବିନାଶ କରେ ।

ବୈଜ୍ଞାନିକ ସମାଜକୁ ନାଜରିନ୍ ମଣ୍ଡଳୀ, ଯୁବ ମାନବ ପେଶୀ, ଗର୍ଭାଶୟରେ ଥିବା ଫୁଲ, ପଶୁଠାରୁ ଏବଂ ଯାହା ମନୁଷ୍ୟଠାରୁ ନୁହେଁ, ସେମାନଙ୍କଠାରୁ ଭ୍ରୂଣର ଜ୍ଞାନକୌଶଳ ପ୍ରାପ୍ତ ହେବାଠାରୁ ଆକ୍ରମଣାତ୍ମକ ଭାବରେ ଅଗ୍ରସର ହୋଇ ସେମାନଙ୍କୁ ସେମାନଙ୍କୁ ପ୍ରତିରୋଧ କରିବାକୁ ଦୃଢ଼ ଭାବରେ ଉତ୍ସାହିତ କରେ । ମନୁଷ୍ୟର ପବିତ୍ରତାକୁ କୌଣସି ବାଧା ନ ପହଞ୍ଚାଇ ଅନେକଙ୍କ ନିମନ୍ତେ ସୁସ୍ଥତା ଆଣିବାର ଏକ ଧାର୍ମିକ ପ୍ରୟାସର ବାଟ ଅଟେ ।

**୩୦.୪.** Human Cloning (ମାନବ ଭ୍ରୂଣର ଦ୍ୱିତୀୟ ରୂପ ସୃଷ୍ଟି)

ମାନବ ଜାତିର ଏକ ବ୍ୟକ୍ତିଗତ Cloning (ମାନବ ଭ୍ରୂଣର ଦ୍ୱିତୀୟ ରୂପ ସୃଷ୍ଟି)କୁ ଆମେ ବିରୋଧ କରୁ । ମାନବ ଜାତି ଈଶ୍ୱରଙ୍କ ସୃଷ୍ଟ ବହୁମୂଲ୍ୟ ପ୍ରାଣୀ ଅଟେ । ତାହାଙ୍କ ପ୍ରତିମୂର୍ତ୍ତିରେ ଆମକୁ ସୃଷ୍ଟି କରିଅଛନ୍ତି ଏବଂ ମାନବ ଜାତିର ଏକ ବ୍ୟକ୍ତିତ୍ୱକୁ ବସ୍ତୁ ଭାବରେ ତା' ପ୍ରତି ବ୍ୟବହାର ପ୍ରଦର୍ଶନ କରେ ଯାହାଫଳରେ ଆମ ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଆମକୁ ପ୍ରଦାନ କରାଯାଇଥିବା ସମ୍ମାନ ଏବଂ ମୂଲ୍ୟକୁ ପ୍ରତ୍ୟାଖ୍ୟାନ କରାଯାଇଥାଏ ।

**୩୦.୫.** Euthanasia (ଇଚ୍ଛାମୃତ୍ୟୁ) ଦୂରାରୋଗ୍ୟ ରୋଗରେ ବହୁ କଷ୍ଟ ପାଇ ମୃତ୍ୟୁକୁ ଅପେକ୍ଷା କରିଥିବା ବ୍ୟକ୍ତିକୁ କଷ୍ଟ ନ ଦେଇ ସାବଲୀଳ ଭାବରେ ମାରିଦେବା ମଧ୍ୟ ଏକ ଡାକ୍ତରୀ ସହଯୋଗରେ ଆତ୍ମହତ୍ୟା ।

ଆମେ ବିଶ୍ୱାସ କରୁ 'Euthanasia' ଖ୍ରୀଷ୍ଟିୟାନ ବିଶ୍ୱାସ ସହିତ ବିରୋଧାତ୍ମକ ଅଟେ । ଏହା ପ୍ରୟୋଗ କରାଯାଇଥାଏ ଯେତେବେଳେ ଜଣେ ଅକ୍ଷମ ଖ୍ରୀଷ୍ଟିୟାନ ମଣ୍ଡଳୀ ଦ୍ୱାରା ଇଚ୍ଛା ମୃତ୍ୟୁର ପ୍ରତ୍ୟାଖ୍ୟାନକୁ ବାଇବଲରୁ ପ୍ରାପ୍ତ ଦଣ୍ଡାଜ୍ଞା ଦ୍ୱାରା ଖ୍ରୀଷ୍ଟୀୟ ଇତିହାସ ମଧ୍ୟରେ ସକ୍ରୀୟ ଓ ସ୍ଥାୟୀ ଅଟେ ଏବଂ ଏହା ପ୍ରଭୁ

ଯୀଶୁଖ୍ରୀଷ୍ଟଙ୍କଠାରେ ମଣ୍ଡଳୀର ବିଶ୍ୱାସ ଉପରେ ଆଧାରିତ । ତେଣୁ ଇଚ୍ଛା ମୃତ୍ୟୁକୁ ଆଇନ୍‌ରେ ପରିଣତ କରିବା ବିରୁଦ୍ଧରେ ସମସ୍ତ ପ୍ରୟାସ କରିବାକୁ ଆମେ ଆମ ଲୋକମାନଙ୍କୁ ଅନୁରୋଧ କରୁ ।

**୩୦.୬.** ମୃତ୍ୟୁ ନିମନ୍ତେ ଅନୁମତି

ଯେତେବେଳେ ମନୁଷ୍ୟ ମୃତ୍ୟୁର ନିକଟବର୍ତ୍ତୀ ହୁଏ, ଖ୍ରୀଷ୍ଟିୟ ବିଶ୍ୱାସ ଓ ଜୀବନ ଶୈଳୀ ଅନୁଯାୟୀ କୌଣସି କୃତ୍ରିମ ଉପାୟରେ ଜୀବନ ବଞ୍ଚାଇବା ପ୍ରକ୍ରିୟା (Lifte Support System) ପ୍ରୟୋଗ କରାଯିବା କିମ୍ବା ନ କରାଯିବା ସମ୍ପର୍କରେ ଅନୁମତିର ସୀମାରେଖା ରହିଛି । ଏହି ଉପାୟକୁ ପ୍ରୟୋଗ କରାଯାଏ ଯେତେବେଳେ ଜଣେ ଅଟଳ ଅବସ୍ଥାରେ ଥା'ନ୍ତି ଏବଂ ଯେଉଁମାନଙ୍କଠାରେ ସୁସ୍ଥ ହେବାର ବା ଜୀବନ ଫେରିବାର କୌଣସି ଆଶା ନ ଥାଏ । ସେମାନଙ୍କ ପ୍ରତି କୃତ୍ରିମ ଉପାୟରେ ମୃତ୍ୟୁକୁ ବିଳମ୍ବ କରିବା ଉଚିତ ନୁହେଁ । ଆମେ ବିଶ୍ୱାସ କରୁ ଯେ ଯେତେବେଳେ ମୃତ୍ୟୁ ସନ୍ନିକଟ ଅଟେ, ଖ୍ରୀଷ୍ଟିୟ ବିଶ୍ୱାସରେ ଯେକୌଣସି କୃତ୍ରିମ ଉପାୟରେ ମୃତ୍ୟୁକୁ ସ୍ଥଗିତ କିମ୍ବା ଘୁଞ୍ଚା ଯିବାର ଉଚିତ୍ ମନେ କରାଯାଇ ନ ଥାଏ । ଖ୍ରୀଷ୍ଟିୟାନ ଭାବରେ ଆମେ ଈଶ୍ୱରଙ୍କର ବିଶ୍ୱସ୍ତତା ଉପରେ ଭରସା କରୁ ଏବଂ ଅନନ୍ତ ଜୀବନ ପ୍ରାପ୍ତିରେ ଭରସା ରଖୁ । ଯେଉଁ ଖ୍ରୀଷ୍ଟ ମୃତ୍ୟୁକୁ ଜୟ କରି ଆମକୁ ବିଜୟୀ କରିଛନ୍ତି, ତାହାଙ୍କଠାରେ ବିଶ୍ୱାସର ପ୍ରଦର୍ଶନ ସ୍ୱରୂପ ଜଣେ ଖ୍ରୀଷ୍ଟିୟାନ ମୃତ୍ୟୁକୁ ଗ୍ରହଣ କରିବା ସମ୍ଭବ ହୋଇଥାଏ ।

## (ଗ) ମାନବ ଯୌନକ୍ରୀୟା ଏବଂ ବିବାହ

**୩୧.** ମାନବ ଯୌନକ୍ରୀୟା ପବିତ୍ରତାର ଏବଂ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଇଚ୍ଛାକୃତ ସୌନ୍ଦର୍ଯ୍ୟର ଏକ ପରିପ୍ରକାଶ ବୋଲି ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ । କାରଣ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଅଛନ୍ତି ଏବଂ ପ୍ରତ୍ୟେକେ ବହୁମୂଲ୍ୟ ଅଟନ୍ତି । ଏହାର ଫଳସ୍ୱରୂପେ ଆମେ ବିଶ୍ୱାସ କରୁ ଯେ ମାନବ ଯୌନକ୍ରୀୟା ଦୈହିକ ସମ୍ପର୍କର ଅନୁଭୂତିଠାରୁ ଅଧିକ ଏବଂ ସୃଷ୍ଟିଗତ ସମ୍ପର୍କ ଏବଂ ଆମ ସମସ୍ତଙ୍କ ଶରୀରରେ ପ୍ରତିଫଳିତ ହେଉଥିବା ଈଶ୍ୱରଙ୍କ ଏକ ଦାନ

ଅଟେ । ଈଶ୍ୱରଙ୍କ ପବିତ୍ର ଲୋକ ଭାବରେ ନାଜରିନ୍ ମଣ୍ଡଳୀ ଦୃଢ଼ତାର ସହ ଘୋଷଣା କରେ ଯେ, ମନୁଷ୍ୟର ଶରୀରରେ ଈଶ୍ୱରଙ୍କ ଆବଶ୍ୟକତା ରହିଛି । ଆମ୍ଭମାନଙ୍କ ଶରୀରରେ ଏବଂ ଅନ୍ତରରେ ଈଶ୍ୱରଙ୍କ ଗୌରବ ଦେବାକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିବର୍ତ୍ତନ ଏବଂ ପବିତ୍ରୀକରଣ କାର୍ଯ୍ୟ ଦ୍ୱାରା ଖ୍ରୀଷ୍ଟିୟାନମାନେ ଉଭୟ ଆହ୍ୱାନପ୍ରାପ୍ତ ଏବଂ ସକ୍ଷମ ଅଟନ୍ତି । ଆମର ଇନ୍ଦ୍ରିୟ, ଯୌନକ୍ରୀୟାର କ୍ଷୁଧା, ଆମର ଆନନ୍ଦ ଉପଭୋଗ କରିବାର ସକ୍ଷମତା, ଅନ୍ୟ ସହିତ ଆମର ସମ୍ପର୍କ ସ୍ଥାପନ କରିବାର ଇଚ୍ଛା ଇତ୍ୟାଦି, ଏହିସବୁ ଈଶ୍ୱରଙ୍କ ସ୍ୱଭାବ ସହିତ ସଂପୃକ୍ତ । ଆମର ଶରୀର ଅତ୍ୟୁତ୍ତମ ଅଟେ ।

ଆମେ ଦୃଢ଼ତାର ସହିତ ଏକ ଈଶ୍ୱରଙ୍କଠାରେ ବିଶ୍ୱାସ କରୁ ଯାହାଙ୍କ ସୃଷ୍ଟି ଏକ ପ୍ରେମର ପରିପ୍ରକାଶ ଅଟେ । ଈଶ୍ୱର ଯେ ପବିତ୍ର, ପ୍ରେମିକ ଅଟନ୍ତି ଏହି ଅଭିଜ୍ଞତା ଥିବା ହେତୁ ଆମେ ଜାଣୁ ଯେ, ତ୍ରିତ୍ତ୍ୱ ପରମେଶ୍ୱର ପିତା, ପୁତ୍ର, ପବିତ୍ର ଆତ୍ମା ପରସ୍ପର ଏକ ପ୍ରେମର ଐକ୍ୟତାରେ ଅଛନ୍ତି । ତେଣୁ ଆମେ ପ୍ରତ୍ୟେକେ ପରସ୍ପର ସହିତ ଜଞ୍ଜିର ବା ଶିକୁଳି ସଦୃଶ ସଂଯୁକ୍ତ । ଆମ୍ଭମାନଙ୍କର ସୃଷ୍ଟି ଉଭୟ ଉତ୍ତମ ଏବଂ ସୁନ୍ଦର ଅଟେ । ଆମ୍ଭମାନଙ୍କର ଅଭିଳାଷକୁ କାର୍ଯ୍ୟକାରୀ କରିବାରେ ଏବଂ ସମ୍ପର୍କ ସ୍ଥାପନରେ ଆମର ସକ୍ଷମ ଅନୁଯାୟୀ ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ଆମେ ପ୍ରତିଫଳିତ କରୁ । ପ୍ରେମ ଏବଂ ଅନୁଗ୍ରହର ଏକ ଉତ୍କୃଷ୍ଟ ସମାଜ ରୂପେ ଈଶ୍ୱରଙ୍କ ଲୋକମାନେ ଖ୍ରୀଷ୍ଟରେ ଏକ ହୋଇ ସୃଷ୍ଟି ହୋଇଛନ୍ତି ।

ଏହି ସମାଜରେ ଖ୍ରୀଷ୍ଟଙ୍କ ଶରୀରର ବିଶ୍ୱସ୍ତ ସଭ୍ୟ ରୂପେ ଜୀବନ କାଟିବାକୁ ବିଶ୍ୱାସୀମାନେ ଆହ୍ୱାନପ୍ରାପ୍ତ । ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଏକାଗ୍ରତାର ଜୀବନ ଏବଂ ମଣ୍ଡଳୀରେ ଉଚ୍ଚମାନର ସହଭାଗିତା ସହିତ ଓ ସାଧୁମାନଙ୍କର ଆଦାନପ୍ରଦାନର ସଂଗତିର ସଂରକ୍ଷଣକୁ ଅଗ୍ରାଧିକାର ଦିଆଯାଏ । ଏକାଗ୍ରତାର ଜୀବନ କାଟିବାକୁ ହେଲେ ଯୀଶୁଙ୍କ ପରି ନିଜକୁ ଅଭିନିବେଶ କରିବା ଯେପରି ଯୀଶୁ ନିଜେ କରୁଥିଲେ । ଉଦାହରଣ ସ୍ୱରୂପ: ସମାଜ ମଧ୍ୟରେ ଘନିଷ୍ଠ ସମ୍ପର୍କ, ବନ୍ଧୁମାନଙ୍କ ଦ୍ୱାରା ପରିବେଷ୍ଟିତ, ମେଜ ସମ୍ମୁଖକୁ ଆମନ୍ତ୍ରଣ କରିବା ଏବଂ ନିଜେ ଆମନ୍ତ୍ରିତ ହେବା ଏବଂ ବିଶ୍ୱସ୍ତତାର ସାକ୍ଷ୍ୟ ପ୍ରଦର୍ଶନ ଇତ୍ୟାଦି ଅନ୍ତର୍ଭୁକ୍ତ ।

ଆମେ ମଧ୍ୟ ବିଶ୍ୱାସ କରୁ ଯେ ସମାଜ ମଧ୍ୟରେ କେତେକ ବିଶ୍ୱାସୀ ବିବାହ ନିମନ୍ତେ ଆହ୍ୱାନପ୍ରାପ୍ତ । ଯେପରି ଆଦିପୁସ୍ତକରେ ଲେଖାଅଛି – "ଏନିମନ୍ତେ ମନୁଷ୍ୟ ଆପଣା ପିତାମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହେବ । ଆଉ ସେମାନେ ଏକାଙ୍ଗ ହେବେ" (ଆଦି ୨:୨୪) । ବିବାହର ଚୁକ୍ତି, ଈଶ୍ୱର ଏବଂ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଅନନ୍ୟ ଚୁକ୍ତିର ଏକ ପ୍ରତିଫଳନ ଅଟେ । ଏହା ଯୌନକ୍ରୀୟାରେ ବିଶ୍ୱସ୍ତତା, ନିଃସ୍ୱାର୍ଥପର ସେବା ଏବଂ ସମାଜରେ ସାକ୍ଷ୍ୟ ବଜାୟ ରଖିବା ଅଟେ । ଈଶ୍ୱରଙ୍କ ପ୍ରେମର ନିଦର୍ଶନ ସ୍ୱରୂପେ ଜଣେ ମହିଳା ଏବଂ ଜଣେ ପୁରୁଷ ସର୍ବସାଧାରଣରେ ପରସ୍ପର ପ୍ରତି ସମର୍ପିତ ହୁଅନ୍ତି । ଖ୍ରୀଷ୍ଟ ଏବଂ ମଣ୍ଡଳୀର ସମ୍ପର୍କ ବିବାହର ସମ୍ପର୍କରେ ପ୍ରତିଫଳିତ ହୁଏ – ଈଶ୍ୱରଙ୍କ ଅନୁଗ୍ରହର ଏକ ଆଶ୍ଚର୍ଯ୍ୟଜନକ ରହସ୍ୟ । ଖ୍ରୀଷ୍ଟ କୈନ୍ଦ୍ରୀକ ଗୃହ ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି କରିବା ପାଇଁ ପ୍ରଥମ ବିଷୟ ଅଟେ । ବିବାହର ପବିତ୍ରତା ଉପରେ ଶିକ୍ଷା ଏବଂ ବିବାହ ପୂର୍ବରୁ ପରାମର୍ଶ ମାଧ୍ୟମରେ ବିବାହର ପୂର୍ଣ୍ଣାଙ୍ଗ ପ୍ରାପ୍ତି ସମ୍ପର୍କରେ, ମଣ୍ଡଳୀ ଅତି ଯତ୍ନ ନେବା ଆବଶ୍ୟକ ।

ଯାହା ହେଉନା କାହିଁକି ଧର୍ମଶାସ୍ତ୍ରରେ ବର୍ଣ୍ଣିତ ଆଦମଙ୍କ ପତନରେ ମନୁଷ୍ୟ ଇଚ୍ଛାର ପ୍ରକ୍ରିୟାରୁ ଜାତ ଫାଟ ଦ୍ୱାରା ଏକ ଦୁଃଖର ପର୍ଯ୍ୟାୟ ପ୍ରବେଶ କଲା । ଯାହାଫଳରେ ମନୁଷ୍ୟ ସ୍ୱଭାବରେ ବଡ଼ ପରିବର୍ତ୍ତନ ଦେଖାଦେଲା । ଏହାର ପରିଣାମ ସ୍ୱରୂପ, ମନୁଷ୍ୟ ନିଜକୁ ସ୍ୱୟଂ ସାର୍ବଭୌମତ୍ୱର କର୍ତ୍ତା ମନେ କରି ଅନ୍ୟର ରୂପରେଖାକୁ ଅପଭ୍ରଷ୍ଟ କରିଛି । ଏହି ପତିତ ଜଗତର କର୍ତ୍ତାପଣ ଏବଂ ଶକ୍ତି, ସୃଷ୍ଟି ଅର୍ନ୍ତଭୁକ୍ତ ଯୌନକ୍ରୀୟା ସମ୍ପର୍କରେ ମିଥ୍ୟା ପ୍ରସାରିତ କରିଛି । ପାପରେ ଆମର ଇଚ୍ଛାଗୁଡ଼ିକ ଛନ୍ଦି ହୋଇ ଯାଇଛି । ଆମେ ମଧ୍ୟ ସୃଷ୍ଟିରେ ଫାଟ ସୃଷ୍ଟି କରି ଈଶ୍ୱରଙ୍କ ପ୍ରେମକୁ ବିରୋଧ କରି ଈଶ୍ୱରଙ୍କଠାରୁ ଦୂରେଇ ଯାଇ ଆମ ନିଜ ଇଚ୍ଛାରେ ବଞ୍ଚିବାକୁ ଇଚ୍ଛା କରିଆସିଛୁ ।

ଯୌନକ୍ରୀୟା କ୍ଷେତ୍ରରେ ଆମର ବିଚ୍ଛିନ୍ନତା ଅନେକ ପ୍ରକାରର ହୋଇଥାଏ, କେତେକ ଆମର ନିଜର ପସନ୍ଦର କାରଣରୁ ଏବଂ କିଛିଟା ଭଗ୍ନ ଜଗତ ମଧ୍ୟଦେଇ ଆମ ମଧ୍ୟରେ ପ୍ରବେଶ କରିଥାଏ । ଯାହାହେଉନା କାହିଁକି ଆମ୍ଭମାନଙ୍କର ଦୁର୍ବଳତାରେ ଈଶ୍ୱରଙ୍କ ଅନୁଗ୍ରହ ଯଥେଷ୍ଟ । ଆମ ଜୀବନରେ

ବିଶ୍ୱାସ କରିବା ପ୍ରକ୍ରୀୟା, ପରିବର୍ତ୍ତନ ଏବଂ ପବିତ୍ରତା ଆଣିବାରେ ଈଶ୍ୱରଙ୍କ ଅନୁଗ୍ରହ ଯଥେଷ୍ଟ । ଆମେ ବିଶ୍ୱାସ କରୁ ଖ୍ରୀଷ୍ଟଙ୍କର ଶରୀରର ସଭ୍ୟଗଣ, ଆତ୍ମାଙ୍କ ଦ୍ୱାରା ସକ୍ଷମ ହୋଇ ଏହିସବୁଠାରୁ କ୍ଷାନ୍ତ ରହିବା ଉଚିତ । ଯଥା:

- ଅବିବାହିତ ଯୌନକ୍ରୀୟା ସହବାସ ଏବଂ ଅନ୍ୟ ଧରଣର ଯୌନକ୍ରୀୟା ସମ୍ପର୍କ । କାରଣ ଆମେ ବିଶ୍ୱାସ କରୁ ଯେ ଏକ ପୁରୁଷ ଏବଂ ଏକ ମହିଳା ମଧ୍ୟରେ ଚୁକ୍ତିର ଏକତାରେ ଆବଦ୍ଧ ହୋଇ ରହିବା ଈଶ୍ୱରଙ୍କ ଇଚ୍ଛା ଅଟେ । ଏହିପରି ଅଭ୍ୟାସ ଅନ୍ୟମାନଙ୍କ ସହ ସମ୍ପର୍କ ଦ୍ୱାରା ତିକ୍ତତା ସୃଷ୍ଟି କରେ । ଏହା ମଧ୍ୟ ଖ୍ରୀଷ୍ଟିୟ ବିବାହ ପବିତ୍ରତାରେ ପ୍ରବେଶ କରିବାକୁ ଆମକୁ ଅକ୍ଷମ କରାଏ ।
- ସମଲିଙ୍ଗୀ ଲୋକଙ୍କ ସହିତ ଯୌନକ୍ରୀୟା । ଯେହେତୁ ଏହା ଈଶ୍ୱରଙ୍କ ଅଭିପ୍ରାୟ ଯେ ଏକ ପୁରୁଷ ଏବଂ ଏକ ମହିଳା ମଧ୍ୟରେ ଚୁକ୍ତିର ଏକତାରେ ଆବଦ୍ଧ ହୋଇ ରହିବା । ତେଣୁ ଆମେ ବିଶ୍ୱାସ କରୁ ଯେ ସମଲିଙ୍ଗୀ ଯୌନକ୍ରୀୟା ସମ୍ପର୍କ ଈଶ୍ୱରଙ୍କ ଇଚ୍ଛାର ବିରୁଦ୍ଧ ଅଟେ ।
- ଏକାଧିକ ବିବାହ ଯୌନକ୍ରୀୟା ସମ୍ପର୍କ । ଆମେ ବିଶ୍ୱାସ କରୁ ଯେ ଏହିପରି ସ୍ୱଭାବ, ଈଶ୍ୱରଙ୍କ ସମ୍ମୁଖରେ ଏବଂ ଖ୍ରୀଷ୍ଟଙ୍କ ଶରୀର ମଧ୍ୟରେ ଆମେ କରିଥିବା ପ୍ରତିଜ୍ଞାର ବିରୁଦ୍ଧ ଅଟେ । ବ୍ୟଭିଚାର ଏକ ସ୍ୱାର୍ଥପର କାର୍ଯ୍ୟ ଅଟେ । ଏକ ପରିବାରର ବିନଷ୍ଟର କାରଣ ଏବଂ ଈଶ୍ୱରଙ୍କ ବିରୁଦ୍ଧରେ ସ୍ୱେଚ୍ଛା ଭାବରେ କଦାଚରଣ ଅଟେ ।
- ଛାଡ଼ପତ୍ର । କାରଣ ବିବାହ ଇଚ୍ଛାକୃତଭାବେ ଆଜୀବନ ପରସ୍ପର ପ୍ରତି ସର୍ମପଣ ହେବା ଉଚିତ । ତେଣୁ ବିବାହର ପ୍ରତିଜ୍ଞାକୁ ଭାଙ୍ଗିବା, ପୁରୁଷଠାରୁ କିମ୍ବା ସ୍ତ୍ରୀଠାରୁ ଆରମ୍ଭ ହୋଇଥାଉ, ତାହା ଈଶ୍ୱରଙ୍କ ଇଚ୍ଛାରୁ ବହିର୍ଭୂତ ହୋଇଥାଏ । ତେଣୁ ମଣ୍ଡଳୀ ବିବାହ ବିଚ୍ଛେଦକୁ ଅନୁମତି ନ ଦେବା ନିମନ୍ତେ ଯଥେଷ୍ଟ ଯତ୍ନ ନେଇ ପରାମର୍ଶ ଯୋଗାଇବା ଆବଶ୍ୟକ ଏବଂ ଯେଉଁମାନେ ବିବାହ ବିଚ୍ଛେଦ ଦ୍ୱାରା ଆଘାତପ୍ରାପ୍ତ ସେମାନଙ୍କ ପ୍ରତି ସ୍ନେହ, ଅନୁଗ୍ରହ ଓ ପରାମର୍ଶ ଯୋଗାଇ ଦେବା ଉଚିତ ।
- ବହୁ ପତ୍ନୀ ଏବଂ ବହୁ ପତିର ଅଭ୍ୟାସ । ଏକ ସ୍ୱାମୀ ଏବଂ ସ୍ତ୍ରୀ

ଉଭୟଙ୍କର ପରସ୍ପର ପ୍ରତି ସମର୍ପଣରେ ଈଶ୍ୱରଙ୍କର ଚୁକ୍ତିପୂର୍ଣ୍ଣ ବିଶ୍ୱସ୍ତତା ପ୍ରତିଫଳିତ ହୁଏ, ଏହା ଆମେ ବିଶ୍ୱାସ କରୁ । ଏହିପରି ଅଭ୍ୟାସ ଦ୍ୱାରା ବିବାହର ବିଶେଷତା ଏବଂ ବିଶ୍ୱସ୍ତତା ଅପସରି ଯାଏ ।

ଯୌନକ୍ରୀୟାରେ ପାପ ଏବଂ ବିଚ୍ଛେଦ କେବଳ ବ୍ୟକ୍ତିଗତ ନୁହେଁ, ମାତ୍ର ଜଗତର ଗଠନ ଓ ପ୍ରଣାଳୀ ମଧ୍ୟକୁ ଅନୁପ୍ରବେଶ କରେ । ମଣ୍ଡଳୀ ଈଶ୍ୱରଙ୍କର ପବିତ୍ରତା ଏବଂ ସୌନ୍ଦର୍ଯ୍ୟତାର ବାସ୍ତବତାକୁ ବଜାୟ ରଖେ । ତେଣୁ ଆମେ ବିଶ୍ୱାସ କରୁ ମଣ୍ଡଳୀ ଏଥିରୁ ବିରତ ରହିବା ଆବଶ୍ୟକ ଏବଂ ଏହିଗୁଡ଼ିକ ବିରୁଦ୍ଧରେ ପରାମର୍ଶ ଦେବା ଆବଶ୍ୟକ । ଯଥା:

- ଯେକୌଣସି ଧରଣର କାମ, ପ୍ରକ୍ରୀୟାର ପ୍ରତ୍ୟକ୍ଷ ଚିତ୍ରଣ ଯାହା ଭୁଲ୍ ଅଟେ । ଏହିପରି ଅଭ୍ୟାସ ନିଃସ୍ୱାର୍ଥପର ପ୍ରେମ କରିବାକୁ ଆମର ସକ୍ଷମତାକୁ ବିନଷ୍ଟ କରେ ।
- ଯୌନ କ୍ରୀୟାରେ କୌଣସି ଧରଣର ନିୟମଭଙ୍ଗ, ଏହା ମଧ୍ୟରେ ବଳାତ୍କାର, ଘୃଣାତ୍ମକ କଥା, ବାଧ୍ୟବାଧକତା ବିବାହ, ଯୌନକ୍ରୀୟା ଆକ୍ରମଣ, ଯୌନକ୍ରୀୟାରେ ଭୟଭୀତ କରାଇବା, ବୈବାହିକ ଜୀବନକୁ ଆକ୍ଷେପ କରିବା, ନିକଟ ଜ୍ଞାତି ମଧ୍ୟରେ ଯୌନସଙ୍ଗମ, ଅବୈଧ ଯୌନ କାରବାର, ସ୍ତ୍ରୀ ଯୌନ ଅଙ୍ଗ ଛେଦନ ଇତ୍ୟାଦି ଅନ୍ତର୍ଭୁକ୍ତ । ଯେଉଁମାନେ ଯୌନକ୍ରୀୟା ନିୟମ ଭଙ୍ଗରେ ପୀଡ଼ିତ ଅଛନ୍ତି, ସେମାନଙ୍କୁ ଖ୍ରୀଷ୍ଟଙ୍କ ଶରୀର ସର୍ବଦା ନ୍ୟାୟ, ସୁରକ୍ଷା ଦେବା ଆବଶ୍ୟକ ।

ତେଣୁ ଆମେ ଦୃଢ଼ ଭାବରେ କହୁ ଯେ,

- ଯେଉଁଠାରେ ପାପର ବନ୍ଧନ ଅଧିକ, ସେଠାରେ ଅନୁଗ୍ରହର ସ୍ୱାଧୀନତା ଅଧିକ ଥାଏ ।
- ମାନବ ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ଅଟେ ।
- ଈଶ୍ୱରଙ୍କ ଲୋକେ ପବିତ୍ର ପ୍ରେମ ଦ୍ୱାରା ଚିହ୍ନିତ ଅଟନ୍ତି ।

## (ଘ) ଖ୍ରୀଷ୍ଟିୟାନ ଭଣ୍ଡାରଘରିଆ

**୩୨.** ଭଣ୍ଡାରଘରିଆର ଅର୍ଥ – ଧର୍ମଶାସ୍ତ୍ର ଶିକ୍ଷା ଦିଏ ଯେ, ଈଶ୍ୱର ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ବିଷୟର ପ୍ରଭୁ ଅଟନ୍ତି । ତେଣୁ ଉଭୟ ଜୀବନର ଏବଂ ମାଲିକାନାର ଆମେ ତାହାଙ୍କ ଦାୟୀତ୍ୱ ସମ୍ପନ୍ନକାରୀ ଅଟୁ । ଈଶ୍ୱରଙ୍କ ପ୍ରଭୁତ୍ୱ ଓ ଆମର ଅଭିଭାବକତ୍ୱକୁ ଜାଣିବା ଆବଶ୍ୟକ । କାରଣ ଅଭିଭାବକତ୍ୱର ଆମେ ଈଶ୍ୱରଙ୍କଠାରେ ଉତ୍ତରଦାୟୀ ଅଟୁ । ଈଶ୍ୱର ତାହାଙ୍କ ସମସ୍ତ କାର୍ଯ୍ୟରେ, ବିଧିବିଧାନ ଓ ଶୃଙ୍ଖଳାକୁ ଅଗ୍ରାଧିକାର ଦିଅନ୍ତି । ସେଥିରେ ମାନବିକ ଯୋଗାଣ ଓ ସମ୍ପର୍କ ଉପରେ ଈଶ୍ୱରଙ୍କ ଅଧିକାରକୁ ମନୁଷ୍ୟ ତା'ର ଦାନ ଦେବା ଦ୍ୱାରା ସ୍ୱୀକାର କରେ । ଏହି ପରିପ୍ରେକ୍ଷୀରେ ତାହାଙ୍କ ପ୍ରତ୍ୟେକ ସନ୍ତାନ ସୁସମାଚାରର କାର୍ଯ୍ୟରେ ସହଯୋଗ ନିମନ୍ତେ ବିଶ୍ୱସ୍ତ ଭାବରେ ଦଶମାଂଶ ଏବଂ ଦାନ ଦେବା ଉଚିତ । (୧୪୦)

(ମଲାଖି ୩:୮-୧୨; ମାଥିଉ ୬:୨୪-୩୪; ୨୫:୩୧-୪୬; ମାର୍କ ୧୦:୧୭-୩୧; ଲୂକ ୧୨:୧୩-୨୪; ୧୯:୧୧-୨୭; ଯୋହନ ୧୫:୧-୧୭; ରୋମୀୟ ୧୨:୧-୧୩; ୧ କରି. ୯:୭-୧୪; ୨ କରି. ୮:୧-୧୫; ୯:୬-୧୫; ୧ ତୀମଥି ୬:୬-୧୯; ଏବ୍ରୀ ୭:୮; ଯାକୁବ ୧:୨୭; ୧ ଯୋହନ ୩:୧୬-୧୮)

**୩୨.୧.** ଭଣ୍ଡାର ଘର ଦଶମାଂଶ । ଜଣେ ମଣ୍ଡଳୀର ସଭ୍ୟ ତା'ର ମଣ୍ଡଳୀକୁ ବିଶ୍ୱସ୍ତ ଭାବରେ ନିୟମିତ ଦାନ ଏବଂ ଦଶମାଂଶ ଦେବା ଶାସ୍ତ୍ର ଅନୁଯାୟୀ ଏକ ବ୍ୟବହାରିକ କାର୍ଯ୍ୟକ୍ରମ ଅଟେ ଏବଂ ଭଣ୍ଡାର ଘର ସଦୃଶ ଏହାର ପ୍ରତ୍ୟେକ ଲୋକଙ୍କ ଦ୍ୱାରା ସ୍ଥାନୀୟ ନାଜରିନ୍ ମଣ୍ଡଳୀ ମନଯୋଗୀ ହେବା ଆବଶ୍ୟକ । ଯେଉଁମାନେ ନାଜରିନ୍ ମଣ୍ଡଳୀର ଅଂଶୀ ଅଟନ୍ତି, ସେମାନଙ୍କ ଆୟର ଏକ ଦଶମ ଅଂଶ ବିଶ୍ୱସ୍ତ ଭାବରେ ଏବଂ ସ୍ୱଇଚ୍ଛାରେ ଈଶ୍ୱରଙ୍କ ନିକଟକୁ ଆଣିବାକୁ ଅନୁରୋଧ କରୁ ଯେପରି ମଣ୍ଡଳୀ, ସ୍ଥାନୀୟ ଅଞ୍ଚଳ, ଶିକ୍ଷା ଏବଂ ସର୍ବସାଧାରଣ (General) କୁ ଈଶ୍ୱର ଉନ୍ନୀତ କରିବେ । ସ୍ଥାନୀୟ ନାଜରିନ୍ ମଣ୍ଡଳୀକୁ ଯେଉଁ ଦଶମାଂଶ ଯୋଗାଇ ଦିଆଯାଇଥାଏ, ତାହା ଅନ୍ୟ ସମସ୍ତ ଦାନ ଅପେକ୍ଷା ସର୍ବ ପ୍ରଥମ ଦାନ

ବୋଲି ବିବେଚନା କରାଯାଏ । ଯେଉଁଥିରେ ସମସ୍ତ ମଣ୍ଡଳୀର ସହଯୋଗରେ ତାହାଙ୍କ ବିଶ୍ୱସ୍ତ ତତ୍ତ୍ୱାବଧାନକାରୀମାନଙ୍କ ହୃଦୟରେ ଦଶମାଂଶ ଦେବା ବଦାନ୍ୟତା ସୃଷ୍ଟି କରିପାରିବେ ।

**୩୨.୨.** ଅର୍ଥ ସଂଗ୍ରହ ଏବଂ ବିତରଣ । ସୁସମାଚାରର ସାହାଯ୍ୟ ନିମନ୍ତେ ଏବଂ ଗୀର୍ଜାଘର ନିର୍ମାଣ ନିମନ୍ତେ ଦାନ ଏବଂ ଦଶମାଂଶ ବିଷୟରେ ଶାସ୍ତ୍ର ଆମକୁ ଶିକ୍ଷା ଦିଏ । ନାଜରିନ୍ ମଣ୍ଡଳୀ ଅର୍ଥ ସଂଗ୍ରହ କରିବାରେ ଏପରି କୌଣସି ପ୍ରଣାଳୀ ବ୍ୟବହାର କରିବ ନାହିଁ, ଯଦ୍ଦ୍ୱାରା ନିମ୍ନଲିଖିତ ନିୟମସମୂହ କ୍ଷୁର୍ଣ୍ଣ ହେବ: ସୁସମାଚାର ପ୍ରଚାରରେ ବାଧା ସୃଷ୍ଟି କରିବା, ମଣ୍ଡଳୀର ନାମକୁ କଳଙ୍କିତ କରିବା, ଗରୀବମାନଙ୍କ ବିରୁଦ୍ଧରେ ଭେଦଭାବ ସୃଷ୍ଟି କରିବା କିମ୍ବା ସୁସମାଚାର ପ୍ରସାରରେ ଲୋକମାନଙ୍କୁ ଭୁଲ୍ ପଥରେ କଢ଼ାଇ ନେବା ।

ନାଜରିନ୍ ମଣ୍ଡଳୀର ସ୍ଥାନୀୟ, ଆଞ୍ଚଳିକ, ଶିକ୍ଷା ଏବଂ ସାଧାରଣ କାର୍ଯ୍ୟକ୍ରମର ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ଏକ ଅର୍ଥ ବଣ୍ଟନ ଯୋଜନା ଅନୁମୋଦନ କରିବା ଏବଂ ଅଭ୍ୟାସ କରିବା ଆବଶ୍ୟକ ଏବଂ ପ୍ରତିମାସ ସାଧାରଣ କାର୍ଯ୍ୟକ୍ରମ ନିମନ୍ତେ, ଶିକ୍ଷା ନିମନ୍ତେ ଏବଂ ଆଞ୍ଚଳିକ ଅର୍ଥ ବଣ୍ଟନ ବିଭାଗକୁ ଅର୍ଥ ପଇଠ କରିବା ଆବଶ୍ୟକ । (୧୩୦, ୧୫୩, ୧୫୪-୧୫୪.୨, ୫୧୬.୧୩)

**୩୨.୩.** ସେବାକାର୍ଯ୍ୟ ନିମନ୍ତେ ସାହଯ୍ୟ । "ସେହିପ୍ରକାରେ ଯେଉଁମାନେ ସୁସମାଚାର ପ୍ରଚାର କରନ୍ତି, ସେମାନେ ଯେପରି ସୁସମାଚାର ଦ୍ୱାରା ଜୀବିକା ନିର୍ବାହ କରିବେ ଏହା ପ୍ରଭୁ ଆଦେଶ ଦେଇଅଛନ୍ତି" (୧ କରି. ୯:୧୪) । ଯେଉଁମାନେ ଈଶ୍ୱରଙ୍କ ଆହ୍ୱାନପ୍ରାପ୍ତ ଏବଂ ଯେଉଁମାନେ ମଣ୍ଡଳୀର ନିର୍ଦ୍ଦେଶରେ ଥାଇ ସୁସମାଚାରର କାର୍ଯ୍ୟ ପ୍ରତି ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କରନ୍ତି, ସେହି ସେବାକାରୀମାନଙ୍କୁ ସାହାଯ୍ୟ କରିବାକୁ ବାଧ୍ୟ । ତେଣୁ ଏହି ପବିତ୍ର କାର୍ଯ୍ୟ ନିମନ୍ତେ ପ୍ରତି ସପ୍ତାହ ଅର୍ଥ ସଂଗ୍ରହ ଦ୍ୱାରା ସେବାକାର୍ଯ୍ୟକୁ ସାହାଯ୍ୟ ଏବଂ ନିୟମିତ ଭାବରେ

ପାଳକଙ୍କ ବେତନ ଦେବାକୁ ଆମେ ମଣ୍ଡଳୀର ସ୍ୱେଚ୍ଛାସେବୀ ବିଭାଗର ସଭ୍ୟମାନଙ୍କୁ ଅନୁରୋଧ କରୁ । (୧୧୫.୪, ୧୧୫.୬, ୧୨୯.୮) ।

**୩୨.୪.** ସର୍ବମୋଟ ନିଜ ଅର୍ଜିତ ସମ୍ପତ୍ତିରୁ ଓ ପୈତୃକ ସମ୍ପତ୍ତିରୁ ଈଶ୍ୱରଙ୍କ ରାଜ୍ୟ ଉଦ୍ଦେଶ୍ୟରେ ଦାନ ଦେବା । ଖ୍ରୀଷ୍ଟିୟାନ ଅଭିଭାବକତ୍ୱର ଏହା ମୁଖ୍ୟ ବିଷୟ ଅଟେ ଯେ, ଜଣଙ୍କୁ ଯତ୍ନଶୀଳ ଚିନ୍ତାଧାରା ଦେଇ ସେହି ଜଣଙ୍କର ଆୟ ଏବଂ ମାଲିକାନା ଉପରେ ତା'ର ଜୀବନକାଳରେ ଈଶ୍ୱର ତାହାଙ୍କୁ କିପରି ଜଣେ ଖ୍ରୀଷ୍ଟିୟାନ ଅଭିଭାବକ କରିବେ । ଏହି ଜୀବନ କାଳ ମଧ୍ୟରେ ବିଶ୍ୱସ୍ତ ଅଭିଭାବକତ୍ୱ ନିଭାଇବାକୁ ମଣ୍ଡଳୀର ଆବଶ୍ୟକତାକୁ ଏବଂ ଈଶ୍ୱର ଦେଇଥିବା ଦର୍ଶନକୁ, ଈଶ୍ୱରଙ୍କ ରାଜ୍ୟ ପାଇଁ ନିଜ ସମ୍ପତ୍ତିକୁ ମଣ୍ଡଳୀକୁ ହସ୍ତାର୍ପଣ କରିବା ନାଜରିନ୍ ମଣ୍ଡଳୀ ଅନୁମୋଦନ କରେ ।

**୩୨.୫.** ସାମ୍ପ୍ରଦାୟିକ ଅନୁଷ୍ଠାନ ନିମନ୍ତେ ଦାୟୀତ୍ୱ ବଣ୍ଟନ । ନାଜରିନ୍ ମଣ୍ଡଳୀର ପ୍ରଶାସନ ଏହାର ପ୍ରତିନିଧି ଅଟେ । ଯେପରି General Assembly ଦ୍ୱାରା ବର୍ଣ୍ଣନା କରାଯାଇଥାଏ, ସେପରି ପ୍ରତ୍ୟେକ ସ୍ଥାନୀୟ ସହଭାଗିତାଗୁଡ଼ିକ ମଣ୍ଡଳୀର ସମୁଦାୟ ଲକ୍ଷ୍ୟକୁ ସାହାଯ୍ୟ କରନ୍ତି ଏବଂ World Evangelismରେ, ଶିକ୍ଷାରେ, ସେବାକାର୍ଯ୍ୟରେ ସାହାଯ୍ୟ ଏବଂ ଆଞ୍ଚଳିକ ସେବାଗୁଡ଼ିକରେ Borard of General Superitendentଙ୍କ ଅଧ୍ୟକ୍ଷତାରେ ସେଗୁଡ଼ିକ କାର୍ଯ୍ୟକାରୀ କରାଯାଏ ।

Board of General Superintendent ଏବଂ General Board ବିକାଶ ଏବଂ ସଂଶୋଧନ ପାଇଁ ତଥା World Evangelism Fund ସଂଗଠିତ କରିବାକୁ ଓ ସାହାଯ୍ୟର ଲକ୍ଷ୍ୟ ସ୍ଥିର କରିବାକୁ ଏବଂ District Assembly ମାଧ୍ୟମରେ ସ୍ଥାନୀୟ ମଣ୍ଡଳୀର ଦାୟିତ୍ୱ ସ୍ଥିର କରିବାକୁ ଅଧିକାରପ୍ରାପ୍ତ ।

ପାରା ୩୩୭.୧, ଅନୁଯାୟୀ National Board ଏବଂ Regional Advisory Council ସେମାନଙ୍କ Regionରେ ସେବାକାରୀମାନଙ୍କର ଅବସରକାଳୀନ ସଞ୍ଚୟ ଯୋଜନାକୁ ସ୍ଥିର କରିବା ପାଇଁ ଅଧିକାରପ୍ରାପ୍ତ ।

Natinoal Board ଏବଂ Regional Advisory Council ସେମାନଙ୍କ ଅଞ୍ଚଳରେ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ନିମନ୍ତେ ସାହାଯ୍ୟ ପ୍ରତିଷ୍ଠା କରିବାକୁ ଅଧିକାର ପ୍ରାପ୍ତ ।

ପ୍ରତ୍ୟେକ District ସାହାଯ୍ୟର ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ସ୍ଥାନୀୟ ମଣ୍ଡଳୀଗୁଡ଼ିକର ଦାୟୀତ୍ୱ ନେବା ନିମନ୍ତେ ଏବଂ District Assembly Finanace Committee ମାଧ୍ୟମରେ Districtର ସେବାକାର୍ଯ୍ୟକୁ ସାହାଯ୍ୟ କରିବା ନିମନ୍ତେ ଅଧିକାରପ୍ରାପ୍ତ । (୨୩୮.୧, ୩୧୭.୧୦, ୩୪୫, ୩୪୬.୩) ।

## (ଙ) ମଣ୍ଡଳୀର ପଦାଧିକାରୀବୃନ୍ଦ

ସ୍ଥାନୀୟ ମଣ୍ଡଳୀର କାର୍ଯ୍ୟକ୍ଷମ ସଭ୍ୟମାନଙ୍କ ମଧ୍ୟରୁ ମଣ୍ଡଳୀର ପଦାଧିକାରୀମାନଙ୍କୁ ମନୋନୀତ କରିବା ପାଇଁ ଆମେ ସ୍ଥାନୀୟ ମଣ୍ଡଳୀକୁ ନିର୍ଦ୍ଦେଶ ଦେଇଥାଉ ଯେଉଁମାନଙ୍କଠାରେ ସଂପୂର୍ଣ୍ଣ ପବିତ୍ରତାର ଅଧିକାର ରହିଥିବ ଏବଂ ଯେଉଁମାନଙ୍କର ଜୀବନ ସାଧାରଣରେ ସାକ୍ଷ୍ୟ ବହନ କରୁଥିବ, ଯେଉଁମାନେ ଆମର ସିଦ୍ଧାନ୍ତ ସହ ବ୍ୟବସ୍ଥା, ସମ୍ବିଧାନ ଏବଂ ଅଭ୍ୟାସ ସହ ଏକମତ ଥିବେ ଓ ଯେଉଁମାନେ ସ୍ଥାନୀୟ ସହଭାଗିତାରେ ବିଶ୍ୱସ୍ତଭାବେ ଉପସ୍ଥିତ ରହୁଥିବେ ଏବଂ ଦାନ ଓ ଦଶମାଂଶରେ ନିୟମିତ ଥିବେ । ସେମାନେ ("Making Christ Like disciples in the Nation") "ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ପରି ଶିଷ୍ୟ ତିଆରି କରିବାରେ ସଂପୂର୍ଣ୍ଣ ନିୟୋଜିତ ହେବା ଉଚିତ ।" (୧୧୩.୧୧, ୧୨୭, ୧୪୫-୧୪୭)

## (ଚ) ଆଦେଶର ନିୟମ

**୩୪.** Manual (ମାର୍ଗ ଦର୍ଶିକାରେ) ଥିବା ପ୍ରଶାସନ ବ୍ୟବସ୍ଥା ଏବଂ ଅନୁଚ୍ଛେଦଗୁଡ଼ିକ ଅନୁଯାୟୀ, ସ୍ଥାନୀୟ (Local), ଆଞ୍ଚଳିକ (District) ଏବଂ ଆନ୍ତର୍ଜାତିକ (General) ଓ ସହଯୋଗୀ ଦଳଗୁଡ଼ିକର ନାଜରିନ୍ ମଣ୍ଡଳୀର ସଭ୍ୟମାନଙ୍କର ସଭା ପରିଚାଳନା "Robert's Rules of Order" ଅନୁଯାୟୀ ନିୟନ୍ତ୍ରଣ ଏବଂ ପରିଚାଳନା କରିବାକୁ ହେବ ।

## (ଛ) ଖ୍ରୀଷ୍ଟିୟ ଆଚରଣର ଚୁକ୍ତି ଅନୁମୋଦନ

**୩୫.** ଖ୍ରୀଷ୍ଟିୟାନ ଆଚରଣ ବିଧିର ବ୍ୟବସ୍ଥା ଖାରଜ କିମ୍ବା ଅନୁମୋଦନ ହୋଇପାରେ ଯେତେବେଳେ ଏକ General Assemblyର ମତଦାନ ସମୟରେ ଉପସ୍ଥିତ ସଭ୍ୟମାନଙ୍କର ମତଦାନ ଦୁଇ ତୃତୀୟାଂଶରେ ମିଳିତ ହୋଇଯିବ ।

# ଭାଗ – ୪

# ମଣ୍ଡଳୀ ପ୍ରଶାସନ

ମୁଖବନ୍ଧ
ସ୍ଥାନୀୟ ପ୍ରଶାସନ
ଆଞ୍ଚଳିକ ପ୍ରଶାସନ
ଆନ୍ତର୍ଜାତୀକ ପ୍ରଶାସନ

## ମଣ୍ଡଳୀ ପ୍ରଶାସନର ପୂର୍ବାଭାସ

ଯୀଶୁଖ୍ରୀଷ୍ଟଙ୍କଠାରେ ହୃଦୟ ପ୍ରକ୍ଷାଳନ ଏବଂ ପାପଗୁଡ଼ିକର କ୍ଷମା ମାଧ୍ୟମରେ ଈଶ୍ୱରଙ୍କ ଅନୁଗ୍ରହ ସମସ୍ତ ଲୋକଙ୍କୁ ପରିବର୍ତ୍ତନ କରିପାରେ ଏହା ଜଣାଇବା ନାଜରିନ୍ ମଣ୍ଡଳୀର ଦାୟିତ୍ୱ ଅଟେ । ଆମର ପ୍ରଥମ ଲକ୍ଷ୍ୟ ହେଉଛି, "ସମସ୍ତ ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ପରି ଶିଷ୍ୟ ପ୍ରସ୍ତୁତ କରିବା ।" ଅନ୍ୟ ଏକ ଲକ୍ଷ୍ୟ ହେଉଛି, "ବିଶ୍ୱାସର ସମାଜ" ଶେଷ ଦିନ ପରି ପ୍ରତ୍ୟେକଙ୍କୁ ଖ୍ରୀଷ୍ଟରେ ପରିପକ୍ୱତା ସହ ସଂସ୍ଥାପନ କରିବା (କଲ. ୧:୨୮) ।

ସ୍ଥାନୀୟ ମଣ୍ଡଳୀ ଉଦ୍ଧାର, ସିଦ୍ଧତା, ଶିକ୍ଷା ଏବଂ ପ୍ରତ୍ୟାଦେଶରେ ପ୍ରେରିତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ସ୍ଥାନୀୟ ମଣ୍ଡଳୀ ଖ୍ରୀଷ୍ଟଙ୍କର ଶରୀର ଯାହା ଆମ ବିଶ୍ୱାସ

ଓ ଲକ୍ଷ୍ୟକୁ ପ୍ରତିନିଧିତ୍ୱ କରେ । ଏହି ମଣ୍ଡଳୀଗୁଡ଼ିକ District ଏବଂ Region ପ୍ରତି ପ୍ରଶାସନିକ ଦଳ ରୂପେ ଅଭିହିତ ।

ନାଜରିନ୍ ମଣ୍ଡଳୀରେ ଏକତାର ମୂଳଦୁଆଗୁଡ଼ିକ ହେଉଛି ଶାସନ ଶୃଙ୍ଖଳା, ସିଦ୍ଧାନ୍ତ, ସଂଜ୍ଞା ଏବଂ ନାଜରିନ୍ ମଣ୍ଡଳୀର ମାର୍ଗଦର୍ଶିକା (MANUAL)ରେ ସ୍ୱଷ୍ଟ ରୂପେ ବ୍ୟାଖ୍ୟା କରାଯାଇଥିବା ଧାରାଗୁଡ଼ିକ ।

ମାର୍ଗଦର୍ଶିକା (MANUAL)ରେ ବିଶ୍ୱାସର ଅନୁଚ୍ଛେଦରେ ଏକତାର କେନ୍ଦ୍ରକୁ ଘୋଷଣା କରାଯାଇଅଛି । ପ୍ରତ୍ୟେକ ଅଞ୍ଚଳରେ ଥିବା ମଣ୍ଡଳୀଗୁଡ଼ିକୁ ଏବଂ ଭାବବାଦୀମାନଙ୍କୁ ଏହି ବିଶ୍ୱାସର ଅନୁଚ୍ଛେଦକୁ ଅନୁବାଦ କରି, ବିତରଣ କରି, ଏଥିରେ ଥିବା ବିଶ୍ୱାସକୁ ଶିକ୍ଷା ପ୍ରଦାନ କରିବାକୁ ଆମେ ପ୍ରୋତ୍ସାହିତ କରୁ ।

General Assmebly ଦ୍ୱାରା ଏହି ଏକତାର ପ୍ରତିଫଳନ ପ୍ରଥମେ ଦେଖିବାକୁ ମିଳେ ଯାହା "ସର୍ବୋଚ୍ଚ ସିଦ୍ଧାନ୍ତ ସୃଷ୍ଟିକାରୀ, ନିୟମ/ଆଇନ୍ ସୃଷ୍ଟିକାରୀ ଏବଂ ନାଜରିନ୍ ମଣ୍ଡଳୀର ନିର୍ବାଚିତ ଅଧିକାରୀ ଅଟେ ।" ଦ୍ୱିତୀୟ ପ୍ରତିଫଳନ ହେଉଛି ଆନ୍ତର୍ଜାତିକ General Board ଯାହା ସମୁଦାୟ ମଣ୍ଡଳୀକୁ ପ୍ରତିନିଧିତ୍ୱ କରେ । ତୃତୀୟ ପ୍ରତିଫଳନ ହେଉଛି Board of General Superitendent, ଯେଉଁମାନେ ମାର୍ଗଦର୍ଶିକା (MANUAL)କୁ ଅନୁବାଦ କରନ୍ତି, ସଂସ୍କୃତି ଗ୍ରହଣକୁ ଅନୁମୋଦନ କରନ୍ତି ଏବଂ ସେବାକାର୍ଯ୍ୟ ନିମନ୍ତେ ଅଭିଷିକ୍ତ କରନ୍ତି । ନାଜରିନ୍ ମଣ୍ଡଳୀର ପ୍ରଶାସନ ପ୍ରତିନିଧି ଅଟେ । ତେଣୁ ଏକ ପକ୍ଷରେ ବିଶପ୍-ପ୍ରଶାସନ ଜଡ଼ିତ ରୀତିନୀତିଠାରୁ (EPISCOPACY) ଦୂରେଇ ରହେ ଏବଂ ଅନ୍ୟପକ୍ଷରେ ସହଭାଗିତାଗୁଡ଼ିକୁ ଗ୍ରହଣ କରେ ।

ମଣ୍ଡଳୀ ଦ୍ୱାରା ସେବା ପାଉଥିବା ସମୁଦାୟ ରାଷ୍ଟ୍ରଗୁଡ଼ିକ ଯେଉଁଠାରେ ସଂସ୍କୃତି ଏବଂ ରାଜନୀତି ଆବଶ୍ୟକ ହୋଇଥାଏ ଏହି ପରିସ୍ଥିତିରେ ଭାଗ ୪ରେ ସ୍ଥାନୀୟ, ଆଞ୍ଚଳିକ ଏବଂ ପ୍ରାନ୍ତୀୟ ମଣ୍ଡଳୀ ପ୍ରଶାସନରେ ବ୍ୟାଖ୍ୟା କରାଯାଇଥିବା ଭାଗ ୧୦୦, ୨୦୦, ୩୦୦କୁ ଅନୁସରଣ କରାଯାଇପାରେ । ଏହିପରି ସମସ୍ତ ଗ୍ରହଣୀୟତା ବିଷୟକୁ ଲିଖିତ ଆକାରରେ Board of General Superintendentଙ୍କ ଦ୍ୱାରା ଅନୁମୋଦନ ନିମନ୍ତେ ଦାଖଲ୍ କରାଯାଏ । (୩୦୦)

# ୧. ସ୍ଥାନୀୟ ପ୍ରଶାସନ

## (କ) ସ୍ଥାନୀୟ ମଣ୍ଡଳୀ ପ୍ରତିଷ୍ଠାନ, ନାମ, ସମ୍ପତ୍ତି, ସୀମାବଦ୍ଧତା, ସମିଶ୍ରଣ, ଅବ୍ୟବସ୍ଥା

**୧୦୦.** ପ୍ରତିଷ୍ଠାନ - ସ୍ଥାନୀୟ ମଣ୍ଡଳୀ District Superintendentଙ୍କ ଦ୍ୱାରା ପ୍ରତିଷ୍ଠିତ କରାଯାଇପାରେ ଅବା ସେହି କ୍ଷେତ୍ରର General Superintendentଙ୍କ ଦ୍ୱାରା ଅବା ସେମାନଙ୍କ ମଧ୍ୟରୁ ଜଣଙ୍କ ଦ୍ୱାରା ଅଧିକାରପ୍ରାପ୍ତ ପ୍ରାଚୀନଙ୍କ ଦ୍ୱାରା ପ୍ରତିଷ୍ଠିତ କରାଯାଇପାରେ । ସେହି ନୂତନ ମଣ୍ଡଳୀଗୁଡ଼ିକର କାର୍ଯ୍ୟକ୍ଷେତ୍ରର ରିପୋର୍ଟ ସେହି କ୍ଷେତ୍ରର ଅଫିସ୍ ମାଧ୍ୟମରେ General Secretaryଙ୍କ ଅଫିସକୁ ପଠାଯାଏ – (୨୩, ୧୦୭, ୨୧୧.୧, ୩୫୮.୧୫)

**୧୦୦.୧.** Church Type Mission (CTM) - ନୂତନ ମଣ୍ଡଳୀଗୁଡ଼ିକର କାର୍ଯ୍ୟସକଳ ଯାହାସବୁ ସଂଗଠିତ କରାଯାଇ ନାହିଁ, ସେହି ସମସ୍ତ ପାରା ୧୦୦ ଅନୁଯାୟୀ District Superitendentଙ୍କ ସୁପାରିଶ ସହିତ C.T.M. ଭାବରେ ପଞ୍ଜୀକୃତ କରିବାକୁ General Secretaryଙ୍କ ନିକଟକୁ ପ୍ରେରଣ କରାଯାଏ । ସେହି ନୂତନ କାର୍ଯ୍ୟଗୁଡ଼ିକୁ (CTM) ପରିଚାଳନା କରୁଥିବା ମଣ୍ଡଳୀ ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କୁ D.S.ଙ୍କ ଦ୍ୱାରା ଅନୁମୋଦନ ସହିତ ପାଳକ ବା ସହପାଳକ ବୋଲି ଆଖ୍ୟା ଦିଆଯିବ । ପାରା ୧୦୨ ଅନୁଯାୟୀ ସେହି C.T.M.ଗୁଡ଼ିକର ରିପୋର୍ଟ ଅନ୍ତର୍ଭୁକ୍ତ କରାଯାଏ ।(୧୦୦.୨, ୧୦୭.୨, ୧୩୮.୧, ୧୫୯, ୨୧୧.୬) ।

**୧୦୦.୨.** ବହୁ ସହଭାଗିତା ଥିବା ମଣ୍ଡଳୀ - ନୂତନ ଭାବରେ ପ୍ରତିଷ୍ଠିତ ହୋଇଥିବା ମଣ୍ଡଳୀଗୁଡ଼ିକ ମଣ୍ଡଳୀର ସୁଯୋଗକୁ ବ୍ୟବହାର କରି ବାଇବଲ ଅଧ୍ୟୟନ ଶ୍ରେଣୀ କରିବା ଦ୍ୱାରା ବୃଦ୍ଧି ପାଇପାରେ । ସେହି ବାଇବଲ ଶ୍ରେଣୀଗୁଡ଼ିକ ଉ.ଞ.ଗ. କିମ୍ବା ପ୍ରତିଷ୍ଠିତ ମଣ୍ଡଳୀର ରୂପ ଧାରଣ କରିପାରେ । ଏହା ଫଳରେ ଗୋଟିଏ ମଣ୍ଡଳୀ ଅଧିନରେ ଅନେକ ମଣ୍ଡଳୀ D.S.ଙ୍କର ଅନୁମୋଦନ ଦ୍ୱାରା ଗୋଟିଏ ନାମରେ ଚିହ୍ନିତ ହୁଏ । ଏହି ମଣ୍ଡଳୀଗୁଡ଼ିକ ଯେଉଁମାନଙ୍କ ଅଧୀନରେ ଅନେକ ସହଭାଗିତା ରହିଛି ଏବଂ ସମସ୍ତ ସହଭାଗିତା ମଣ୍ଡଳୀ ଭାବରେ ପ୍ରତିଷ୍ଠିତ

ହୋଇପାରି ନାହାନ୍ତି ତେବେ D.A.B, D.S.ଙ୍କର ଏବଂ G.S.ଙ୍କର ଅନୁମୋଦନ ଦ୍ୱାରା ସେହି ସହଭାଗିତାଗୁଡ଼ିକୁ ପ୍ରତିଷ୍ଠିତ ମଣ୍ଡଳୀର ଅଧିକାର ପ୍ରଦାନ କରିପାରିବ; ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ :

୧. ଏହି ସହଭାଗିତାଗୁଡ଼ିକ ପ୍ରତିଷ୍ଠିତ ମଣ୍ଡଳୀଠାରୁ ପୃଥକ୍ ଭାବରେ ସମିଶ୍ରଣ ହୋଇପାରିବ ନାହିଁ ।

୨. ଏହି ସହଭାଗିତାଗୁଡ଼ିକ ପ୍ରତିଷ୍ଠିତ ମଣ୍ଡଳୀର ସମ୍ପତ୍ତିରେ ପୃଥକ୍ ଭାବରେ ଦାବୀ କରିପାରିବ ନାହିଁ ।

୩. ଏହି ସହଭାଗିତାଗୁଡ଼ିକ D.S.ଙ୍କର ପ୍ରତିଷ୍ଠିତ ମଣ୍ଡଳୀର Board ଏବଂ D.A.B.ର ବିନା ଅନୁମତିରେ ନିଜେ ଋଣ ନେଇପାରିବ ନାହିଁ ।

୪. ଏହି ସହଭାଗିତାଗୁଡ଼ିକ ପ୍ରତିଷ୍ଠିତ ମଣ୍ଡଳୀଠାରୁ ସମ୍ପର୍କ ଛିନ୍ନ କରି ବିଭକ୍ତ ହୋଇପାରିବେ ନାହିଁ (ସ୍ଥାନୀୟ ପାଳକଙ୍କ ପରାମର୍ଶ ଉପରେ, D.S.ଙ୍କ ବିନା ଅନୁମତିରେ) ।

**୧୦୧.** ନାମ – ଏକ ନୂତନ ଭାବରେ ପ୍ରତିଷ୍ଠିତ ହୋଇଥିବା ମଣ୍ଡଳୀର ନାମ, ଡ.ଝ. ଏବଂ DABର ଅନୁମୋଦନ ସହିତ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ସ୍ଥିର କରାଯିବା ଆବଶ୍ୟକ । (୧୦୨.୪)

**୧୦୧.୧.** ନାମ ପରିବର୍ତ୍ତନ - ଏହି ଧାରାଗୁଡ଼ିକ ମାଧ୍ୟମରେ ଏକ ସ୍ଥାନୀୟ ମଣ୍ଡଳୀ ନାମ ପରିବର୍ତ୍ତନ କରିପାରେ । ଯଥା:

୧. ସ୍ଥାନୀୟ ମଣ୍ଡଳୀ ନାମ ପରିବର୍ତ୍ତନର ପ୍ରସ୍ତାବ ଲିଖିତ ଆକାରରେ D.S.ଙ୍କୁ ପ୍ରଦାନ କରିବେ (D.A.B.ର ଅନୁମୋଦନ ନିମନ୍ତେ);

୨. ମଣ୍ଡଳୀ ସଭ୍ୟମାନଙ୍କ ଏହା ଉପରେ ଏକ ବିଶେଷ ସଭା ଦ୍ୱାରା କିମ୍ବା ବହୁ ମତଦାନର ଆବଶ୍ୟକ;

୩. D.A.B. District Assemblyରେ ଏହାର ବିବରଣ ଦେବେ

ଏବଂ District Assemblyରେ ଏହା ଉପରେ ମତଦାନ ହେବ । (୧୦୨.୪)

**୧୦୨.** ଅନ୍ତର୍ଭୁକ୍ତକରଣ - ପ୍ରତ୍ୟେକ କ୍ଷେତ୍ରରେ ଯେଉଁଠାରେ ନିୟମାବଳୀ ଅନୁମତି ଦେବ ସେହି କ୍ଷେତ୍ରରେ ତତ୍ତ୍ୱାବଧାୟକ (Trustee) ସ୍ଥାନୀୟ ମଣ୍ଡଳୀ ସହିତ ଅନ୍ତର୍ଭୁକ୍ତ ହୋଇପାରିବେ ଏବଂ ସେହି ତତ୍ତ୍ୱାବଧାୟକ ଏବଂ ତା'ର ଅନୁଗତମାନେ ସେହି ପ୍ରତିଷ୍ଠାନର ତତ୍ତ୍ୱାବଧାୟକ ହୋଇଥିବେ, ଯେଉଁଠାରେ ବ୍ୟକ୍ତିଗତ ଅଧିକାର ଆଇନ୍‌ର ଅମେଳ ନ ଥିବ – ସେହି କ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣର ଅନୁଚ୍ଛେଦର ଅଧିକାରୁକ ସେହି ପ୍ରତିଷ୍ଠାନ ବ୍ୟବହାର କରିପାରିବ ଏବଂ ସେହି ପ୍ରତିଷ୍ଠାନ ନାଜରିନ୍ ମଣ୍ଡଳୀର ପ୍ରଶାସନ ଅଧିନରେ ରହିବ । ଏହି ପ୍ରତିଷ୍ଠାନର ସମସ୍ତ ସମ୍ପତ୍ତି ସ୍ଥାନୀୟ ମଣ୍ଡଳୀର ଅନୁମୋଦନ ସହ ମଣ୍ଡଳୀ ଅଧୀନରେ ତତ୍ତ୍ୱାବଧାୟକ (Trustee) ଦ୍ୱାରା ପରିଚାଳନା ଏବଂ ନିୟନ୍ତ୍ରଣ କରାଯିବ ।

**୧୦୨.୧.** ଯେଉଁଠାରେ ସ୍ଥାନୀୟ ମଣ୍ଡଳୀ ନିମନ୍ତେ D.A.B. ଦ୍ୱାରା ଏକ ଜମି କିଣା ଯାଇ ବିକାଶ କରାଯାଇଥାଏ କିମ୍ବା ଏକ ନୂତନ ଗୀର୍ଜା ଘର ନିର୍ମାଣ ହୋଇଥାଏ । ତେବେ ଏହା ପରାମର୍ଶ ଦିଆଯାଏ ଯେ ଯେଉଁ ଅର୍ଥ ସେହି ଜମିକିଣା ଏବଂ ବିକାଶ ହେତୁ ଖର୍ଚ୍ଚ ହୋଇଛି ସେହି ସମସ୍ତ ଖର୍ଚ୍ଚର ଅର୍ଥ ସ୍ଥାନୀୟ ମଣ୍ଡଳୀ D.A.B.କୁ ଫେରସ୍ତ କରିବା ଉତ୍ତାରେ D.A.B. ସେହି ଜମି ସ୍ଥାନୀୟ ମଣ୍ଡଳୀ ନାମରେ ପରିବର୍ତ୍ତନ କରିବ ।

**୧୦୨.୨.** ଯେଉଁ ସମୟରେ ଏହା ସମ୍ଭବ, ଯେତେବେଳେ ସ୍ଥାନୀୟ ମଣ୍ଡଳୀ ଅନ୍ତର୍ଭୁକ୍ତ ହୁଏ ସେତେବେଳେ ସମସ୍ତ ସମ୍ପତ୍ତି ପ୍ରତିଷ୍ଠାନରେ ଥିବା ମଣ୍ଡଳୀ ନାମରେ ସିଧାସଳଖ ଜମିପଟ୍ଟା ହେବା ଆବଶ୍ୟକ (୧୦୨.୬)

**୧୦୨.୩.** ମଣ୍ଡଳୀ ବୋର୍ଡର ପାଳକ ଏବଂ ସମ୍ପାଦକ ସେହି ଅନ୍ତର୍ଭୁକ୍ତ ମଣ୍ଡଳୀର ସଭାପତି ଏବଂ ସମ୍ପାଦକ ରହିବେ ଏବଂ ପ୍ରତ୍ୟେକ ପ୍ରଶାସନିକ ନଥିପତ୍ର ଏବଂ

ଆଇନ୍ ସମ୍ବନ୍ଧୀୟ ନଥିପତ୍ରରେ ଦସ୍ତଖତର ଅଧିକାର ରହିବ ପାରା ୧୦୪-୧୦୪-୩ ଅନୁଯାୟୀ ।

**୧୦୨.୪.** ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ଅନ୍ତର୍ଭୁକ୍ତୀକରଣର ଅନୁଚ୍ଛେଦରେ ନିମ୍ନଲିଖିତ ଚୁକ୍ତିଗୁଡ଼ିକ ସଂଯୁକ୍ତ ହେବା ଆବଶ୍ୟକ । ଯଥା:

୧. ପ୍ରତିଷ୍ଠାନର ନାମ "Church of the Nazarene" ହେବା ଆବଶ୍ୟକ ।

୨. ନାଜରିନ୍ ମଣ୍ଡଳୀର ମାର୍ଗଦର୍ଶିକା (MANUAL) ସେହି ପ୍ରତିଷ୍ଠାନର ନିୟମ (By Laws) ହେବା ଆବଶ୍ୟକ ।

୩. ଅନ୍ତର୍ଭୁକ୍ତୀକରଣର ଅନୁଚ୍ଛେଦରେ ଏଭଳି ସର୍ତ୍ତ ସଂଯୋଗ କରିବା ଉଚିତ ନୁହେଁ, ଯେପରି ସେହି ଅଞ୍ଚଳର ମଣ୍ଡଳୀଗୁଡ଼ିକ ପ୍ରତି କୌଣସି ପ୍ରକାର Tax ଛାଡ଼ ନିମନ୍ତେ ଯୋଗ୍ୟ ବିବେଚିତ ହେବା ପାଇଁ ସ୍ଥାନୀୟ ମଣ୍ଡଳୀ ପ୍ରତି ବାଧା ସୃଷ୍ଟି ହେବ ।

୪. ଏହି ପ୍ରତିଷ୍ଠାନ ଭାଙ୍ଗି ଯିବା ଉତ୍ତାରେ ପ୍ରତିଷ୍ଠାନର ସମ୍ପତ୍ତି D.A.B.କୁ ଦାନ କରାଯିବ ।

ଯେତେବେଳେ ଉପଯୁକ୍ତ ମନେ କରାଯାଏ ସ୍ଥାନୀୟ ଆଇନ୍ ଅଧୀନରେ ଅନ୍ତର୍ଭୁକ୍ତୀକରଣ ଅନୁଚ୍ଛେଦରେ ଅତିରିକ୍ତ ସର୍ତ୍ତ ସଂଯୁକ୍ତ କରାଯାଇପାରେ । ଯାହା ହେଉନା କାହିଁକି ଏପରି କୌଣସି ସର୍ତ୍ତ ଯୋଗ କରିବା ଉଚିତ ନୁହେଁ ଯେପରି ସ୍ଥାନୀୟ ମଣ୍ଡଳୀର ସମ୍ପତ୍ତି Church of the Nazareneଠାରୁ ଅଲଗା ହୋଇଯିବ । (୧୦୧-୧୦୧-୧, ୧୦୪.୩, ୧୦୬.୧-୧୦୬.୩)

**୧୦୨.୫.** ବହୁ ସହଭାଗିତା ମଣ୍ଡଳୀଗୁଡ଼ିକରେ ଯେଉଁଠାରେ ଏକ ପ୍ରକାର ସୁବିଧା ଓ ସୁଯୋଗକୁ ଏକାଧିକ ପ୍ରତିଷ୍ଠିତ ମଣ୍ଡଳୀ ଉପଭୋଗ କରୁଛନ୍ତି, ସେହି ପରିସ୍ଥିତିରେ ସ୍ଥାନୀୟ ଆଇନ୍ ଅନୁମତିରେ ଅନ୍ତର୍ଭୁକ୍ତୀ ହେବାରେ ବା ଭାଗୀଦାରିତାରେ ସ୍ଥାନ ନିଏ ।

**୧୦୨.୬.** ଯେଉଁ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବା ସମ୍ଭବ ନୁହେଁ, ସେହି କ୍ଷେତ୍ରରେ ମଣ୍ଡଳୀର ନାମ ଏହିଭଳି ହେବ "Church of the Nazarene" ପ୍ରତ୍ୟେକ ଆଇନ୍‌ଗତ ନଥିପତ୍ରରେ ଏପରିକି ସମ୍ପତ୍ତି ନଥିପତ୍ରରେ ମଧ୍ୟ (୧୦୨.୨)

**୧୦୩.** ସମ୍ପତ୍ତି – ସ୍ଥାନୀୟ ମଣ୍ଡଳୀ ଯଦି ସମ୍ପତ୍ତି କିଣା ବା ବିକ୍ରୀ କରିବା ନିମନ୍ତେ ଚିନ୍ତା କରେ ବା ଗୀର୍ଜାଘରଗୁଡ଼ିକ ନିର୍ମାଣ ବା ଗୀର୍ଜାଘର ସମ୍ବନ୍ଧୀୟ ଗୃହଗୁଡ଼ିକ ପୁନଃନିର୍ମାଣ ବା କୌଣସି କାରଣରୁ ସମ୍ପତ୍ତିକୁ ଲିଜ୍ ଦେବ, ତେବେ ସେମାନଙ୍କର ପରାମର୍ଶ ଏବଂ ଅନୁମତି ନିମନ୍ତେ D.S.ଙ୍କୁ ଏବଂ District Church Properties Boardଙ୍କୁ ପ୍ରସ୍ତାବ ପ୍ରଦାନ କରିବା ଆବଶ୍ୟକ । ଉପର ଲିଖିତ କାରଣ ହେତୁ ଏହି ସମ୍ପତ୍ତିକୁ ବନ୍ଧା ଦେଇ କୌଣସି ଋଣ ଉଠାଇ ପାରିବେ ନାହିଁ । ଯଦି ସେପରି ପରିସ୍ଥିତି ଉପୁଜେ, ତେବେ D.S. ଏବଂ District Church Properties Boardଙ୍କର ବିନା ଲିଖିତ ଅନୁମତିରେ ତାହା କରିପାରିବେ ନାହିଁ । ଏହି କାର୍ଯ୍ୟଗୁଡ଼ିକର ଆର୍ଥିକ ବିବରଣ ପ୍ରତି ୩ ମାସରେ ଥରେ ଏହି Boardକୁ ପ୍ରଦାନ କରିବ (୨୩୬-୨୩୭.୫) ।

**୧୦୩.୧.** କୌଣସି କାରଣରୁ Church Board ଏବଂ D.S. ଏବଂ District Church Properties Board ମଧ୍ୟରେ ଚୁକ୍ତି ପହଞ୍ଚିପାରି ନାହିଁ, ତେବେ ଏହି ବିଷୟର ନିଷ୍ପତ୍ତି ନିମନ୍ତେ General Superintendentଙ୍କୁ ଲିଖିତ ଆକାରରେ ଜଣାଯିବ । ଅନ୍ତିମ ନିଷ୍ପତ୍ତି ନିମନ୍ତେ ମଣ୍ଡଳୀ କିମ୍ବା D.S. ଏବଂ Board of General Superintendentଙ୍କୁ ଅନୁରୋଧ କରିବେ । ଏହିପରି ଅନୁରୋଧଗୁଡ଼ିକ, ଖଣ୍ଡନ କରିବା ଯୋଗ୍ୟ ଅନୁରୋଧ ହୋଇଥାଉ କିମ୍ବା ଉପଯୁକ୍ତ ଚୁକ୍ତି ହୋଇଥାଉ ସେହି କ୍ଷେତ୍ରର ଦାୟିତ୍ୱରେ ଥିବା General Superintendent କିମ୍ବା Board of General Superintendent ଲିଖିତ ଆକରରେ ଜଣାଇବେ । ଏହି ଲେଖାର ନକଲ Church Board କିମ୍ବା D.S.ଙ୍କ ଦ୍ୱାରା ଅନ୍ୟପକ୍ଷକୁ ଗ୍ରହଣ

କରାଯିବ । Church Boardର ଏହି ଅନୁରୋଧକୁ ସମସ୍ତ ତର୍କ ଏବଂ ଭୋଟ୍‌ର ବିବରଣକୁ ମିନିଟ୍‌ରେ ଉଲ୍ଲେଖ ରହିବ ।

୧୦୪- ସୀମାବଦ୍ଧତା – ଏକ ବିଶେଷ ସଭାରେ ଏହି ବିଷୟକୁ ଉପସ୍ଥାନ ନ କରି କିମ୍ବା ବାର୍ଷିକ ସଭାରେ ଉପସ୍ଥିତ ସଭ୍ୟମାନଙ୍କର ୨/୩ (ଦୁଇ ତୃତୀୟାଂଶ) ମତଦାନ ଗ୍ରହଣ ନ କରି ସ୍ଥାନୀୟ ମଣ୍ଡଳୀ କୌଣସି ଜମି କିଣିପାରିବେ ନାହିଁ, ଲିଜ୍‌ରେ ଦେଇପାରିବେ ନାହିଁ, ବିକ୍ରୀ କରିପାରିବେ ନାହିଁ, ପୁନଃ ଫାଇନାନ୍‌ସ୍ ଅର୍ଥାତ୍ ଆର୍ଥିକ ସହାୟତା କରିପାରିବେ ନାହିଁ, ବନ୍ଧା ରଖି ପାରିବେ ନାହିଁ କିମ୍ବା ଋଣ ନେବାକୁ ବନ୍ଧା ଦେଇପାରିବେ ନାହିଁ । ଏହି ସମସ୍ତ ବିଷୟ ପାଇଁ D.S. ଏବଂ District Church Property Boardର ଲିଖିତ ଅନୁମତିର ଆବଶ୍ୟକ । (୧୧୩.୩, ୧୧୩.୪, ୧୧୩.୭-୧୧୩.୮, ୨୩୭.୩-୨୩୭.୪) ।

**୧୦୪.୧.** ବର୍ତ୍ତମାନର ଖର୍ଚ୍ଚ ମେଣ୍ଟାଇବାକୁ ସ୍ଥାନୀୟ ମଣ୍ଡଳୀର ଜମି ବନ୍ଧକ ରଖାଯାଇପାରିବ ନାହିଁ ।

**୧୦୪.୨.** ଏକ ସ୍ଥାନୀୟ ମଣ୍ଡଳୀ ଜମିକୁ ବନ୍ଧକ ପକାଏ କିମ୍ବା ବିକ୍ରୀ କରେ କିମ୍ବା ଜମି ବାବଦରେ ବୀମା ଦାବି କରି ଅର୍ଥ ପ୍ରାପ୍ତ ହୁଏ, ତେବେ ତାହା କେବଳ ଅନ୍ୟ ଜମି କିଣିବା ନିମନ୍ତେ, କିମ୍ବା ଜମିର ମୂଳଧନ ବୃଦ୍ଧି କରିବା ନିମନ୍ତେ କିମ୍ବା ନୂତନ ଗୀର୍ଜା ଘର ତିଆରି ନିମନ୍ତେ କିମ୍ବା ଅନ୍ୟ ଜମିର ଥିବା ଋଣକୁ କମ୍ କରିବା ନିମନ୍ତେ ବ୍ୟବହାର କରିପାରିବେ । ଏହି ସମସ୍ତ ନିମନ୍ତେ କେବଳ D.S. ଏବଂ D.A.B.ର ଅନୁମତି ଆବଶ୍ୟକ ।

**୧୦୪.୩.** ନାଜରିନ୍ ମଣ୍ଡଳୀର ବ୍ୟବହୃତ ସମ୍ପତ୍ତିକୁ ପ୍ରତିଷ୍ଠାନ କିମ୍ବା ସ୍ଥାନୀୟ ମଣ୍ଡଳୀ ଅଲଗା କରି ପାରିବେ ନାହିଁ । (୧୧୩-୧୧୩.୧) ।

**୧୦୪.୪.** ମଣ୍ଡଳୀଗୁଡ଼ିକ ନେଇଯିବା – କୌଣସି ସ୍ଥାନୀୟ ମଣ୍ଡଳୀ ନାଜରିନ୍ ମଣ୍ଡଳୀଠାରୁ ନିଜକୁ ନେଇପାରିବ ନାହିଁ କିମ୍ବା ସମ୍ପର୍କରେ କୌଣସି ଧରଣର ଆଘାତ ଆଣିପାରିବ ନାହିଁ । ଏହା କେବଳ General Assembly ସହମତ ଏବଂ ଯୋଜନା ଦ୍ୱାରା ହୋଇପାରିବ (୧୦୬.୨, ୧୦୬.୩) ।

**୧୦୫.** ମିଶ୍ରଣ - ଦୁଇ କିମ୍ବା ତତୋଧିକ ସ୍ଥାନୀୟ ମଣ୍ଡଳୀ, ଉଭୟ ମଣ୍ଡଳୀର ଉପସ୍ଥିତ ସଭ୍ୟମାନଙ୍କର ଦୁଇ ତୃତୀୟାଂଶ ମତଦାନ ଦ୍ୱାରା ମିଶ୍ରଣ ହୋଇପାରିବ ଯଦି ମିଶ୍ରଣ କରିବାକୁ ଇଚ୍ଛୁକ ଥିବା ମଣ୍ଡଳୀର ସମସ୍ତ ସଭ୍ୟ ବହୁମତରେ ମତଦାନ କରିବେ ଏବଂ ଅନୁମୋଦନ କରିବେ ଏବଂ D.S., D.A.B. ଏବଂ ସେହି କ୍ଷେତ୍ରରେ ଦାୟୀତ୍ୱରେ ଥିବା General Superintendentଙ୍କ ଲିଖିତ ଅନୁମତି ପ୍ରାପ୍ତ ହେବା ଦ୍ୱାରା ମିଶ୍ରଣ ହୋଇପାରିବେ ।

ମିଶ୍ରଣ ହୋଇଥିବା ମଣ୍ଡଳୀ ନୂତନ ସହଭାଗିତାର ଏକ ସଭା କରି ନୂତନ କାର୍ଯ୍ୟକର୍ତ୍ତା ଏବଂ ପାଳକୀୟ ବ୍ୟବସ୍ଥା କରିବ । ଏହି ସଭା D.S. କିମ୍ବା D.S.ଙ୍କ ଦ୍ୱାରା ନିଯୁକ୍ତ କୌଣସି ପ୍ରାଚୀନଙ୍କ ଦ୍ୱାରା ପରିଚାଳିତ ହେବ ।

ଏହି ନୂତନ ମଣ୍ଡଳୀର ସଭ୍ୟ ସଂଖ୍ୟାକୁ ସମୁଦାୟ କରାଯିବ ଏବଂ ଉଭୟ ମଣ୍ଡଳୀର ଆସବାବ ପତ୍ର ଏବଂ ସମ୍ପତ୍ତିଗୁଡ଼ିକ ନିମନ୍ତେ D.S., DAB ଏବଂ General Superintendentଙ୍କ ଅନୁମତି ଅନୁସରଣ କରିବାକୁ ହେବ ।

D.S.ଙ୍କର ନୋଟିସ୍ ଦ୍ୱାରା General Secretary Church of the Nazarene ସେହି Inactive ମଣ୍ଡଳୀଗୁଡ଼ିକର ନାମଗୁଡ଼ିକୁ ତାଲିକାରୁ ଉଚ୍ଛେଦ କରିବେ ।

**୧୦୬.** ଅକ୍ଷମ କିମ୍ବା ଭାଙ୍ଗିଯିବା ମଣ୍ଡଳୀର ଘୋଷଣା – D.A.B ଦ୍ୱାରା କିଛି କାଳ ନିମନ୍ତେ ମଣ୍ଡଳୀଗୁଡ଼ିକ ଅକ୍ଷମ ବୋଲି ଘୋଷଣା କରାଯାଇପାରେ, ଏହା ପୂର୍ବରୁ ପ୍ରଶାସନିକ ଭାବରେ ଭାଙ୍ଗି ଯାଇଥିବା ମଣ୍ଡଳୀ ବୋଲି ଘୋଷଣା ହୋଇଥାଏ ।

**୧୦୬.୧.** ଏକ ସ୍ଥାନୀୟ ମଣ୍ଡଳୀ ଏହି ପ୍ରକାରେ ଭାଙ୍ଗି ଦିଆଯାଇପାରେ:

୧. D.S.ଙ୍କର ଅନୁମୋଦନରେ

୨. କ୍ଷେତ୍ର ଦାୟିତ୍ୱରେ ଥିବା G.S. ସମ୍ମତିରେ

୩. D.A.Bର ଦୁଇ ତୃତୀୟାଂଶ ମତଦାନ ଦ୍ୱାରା

**୧୦୬.୨.** କୌଣସି କାରଣରୁ ଏକ ସ୍ଥାନୀୟ ମଣ୍ଡଳୀ ଅକ୍ଷମ ହୋଇଯାଏ କିମ୍ବା ଭାଙ୍ଗି ଯାଏ କିମ୍ବା କୌଣସି ଘଟଣା ହେତୁ ନିଜକୁ ନାଜରିନ୍ ମଣ୍ଡଳୀରୁ କାଢ଼ି ନେବାକୁ ପ୍ରୟାସ କରେ, ତେବେ ଯେକୌଣସି ମଣ୍ଡଳୀର ସମ୍ପତ୍ତି ରହିଥିବ କୌଣସି କ୍ଷେତ୍ରରେ ତାହା ଅଲଗା ହୋଇପାରିବ ନାହିଁ, ମାତ୍ର ତାହା D.A.Bର ଅଧୀନରେ ରହିବ । (୧୦୪.୪, ୧୦୬, ୨୨୫.୨୩) ।

**୧୦୬.୩.** କୌଣସି ଅକ୍ଷମ କିମ୍ବା ଭାଙ୍ଗି ଯାଇଥିବା ମଣ୍ଡଳୀର ପ୍ରତିଷ୍ଠାନ କିମ୍ବା ଏକ ମଣ୍ଡଳୀ ନାଜରିନ୍ ମଣ୍ଡଳୀରୁ ନିଜକୁ କାଢ଼ି ନେବାକୁ ଚେଷ୍ଟା କରେ, ଯେଉଁ ସମ୍ପତ୍ତି ନାଜରିନ୍ ମଣ୍ଡଳୀ ବ୍ୟବହାର କରୁଅଛି ତାକୁ କାଢ଼ିପାରିବ ନାହିଁ (୧୦୪.୪, ୧୪୧-୧୪୪, ୨୨୫.୨୩) ।

**୧୦୬.୪.** କେବଳ ଭାଙ୍ଗି ଯାଇଥିବା ମଣ୍ଡଳୀଗୁଡ଼ିକ General Secretaryଙ୍କ ତାଲିକରୁ ବାଦ୍ ହୋଇଯାଏ ।

**୧୦୬.୫.** ଯେତେବେଳେ ଏକ ସ୍ଥାନୀୟ ମଣ୍ଡଳୀ ନିଷ୍କ୍ରିୟ ବୋଲି ଘୋଷଣା କରାଯାଏ, ମଣ୍ଡଳୀରେ ଥିବା ସୁରକ୍ଷା ଏବଂ ସଞ୍ଚୟ ଖାତାର ସମସ୍ତ ଦସ୍ତଖତକାରୀମାନେ ତାହା ଜମା କରିବା ନିମନ୍ତେ D.A.Bକୁ ପ୍ରକ୍ରିୟା ହସ୍ତାନ୍ତର କରିବା ଜରୁରୀ । D.A.B. ଦ୍ୱାରା ପ୍ରସ୍ତାବ ଆଗତ କରାଯାଇ ସମସ୍ତ ଜମା ଖାତାକୁ ବନ୍ଦ କରି ନିୟମ ଅନୁଯାୟୀ ଯେଉଁ ଅଞ୍ଚଳରେ ଏହାର ଆବଶ୍ୟକ ରହିଛି, ସେଠାରେ ଚାଲୁ କରିବେ ।

## (ଖ) ସ୍ଥାନୀୟ ମଣ୍ଡଳୀ ସଭ୍ୟପଦ

**୧୦୭.** ପୂର୍ଣ୍ଣ ସଭ୍ୟପଦ - ସ୍ଥାନୀୟ ମଣ୍ଡଳୀର ପୂର୍ଣ୍ଣ ସଭ୍ୟପଦ ସମସ୍ତଙ୍କ ପାଇଁ ଗଠିତ, ଯେଉଁମାନେ ସ୍ଥାନୀୟ ମଣ୍ଡଳୀ ସହିତ ପ୍ରତିଷ୍ଠିତ ହୋଇଛନ୍ତି, ଯେଉଁମାନେ ସେମାନଙ୍କର ପରିତ୍ରାଣର ଅନୁଭୂତି ଘୋଷଣା କରିଛନ୍ତି ଏବଂ ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତକୁ ବିଶ୍ୱାସ କରି ଏହାର ପ୍ରଶାସନଠାରେ ସ୍ୱଇଚ୍ଛାରେ ନିଜକୁ ସମର୍ପଣ

କରିଛନ୍ତି ଏବଂ ପାଳକ, D.S. କିମ୍ବା G.S.ଙ୍କ ଦ୍ୱାରା ସର୍ବସାଧାରଣରେ ଗ୍ରହଣ ହୋଇଛନ୍ତି । ସ୍ଥାନୀୟ ମଣ୍ଡଳୀର ନେତାମାନେ ପ୍ରତ୍ୟେକ ସଭ୍ୟଙ୍କୁ ଏକ ସେବାର କାର୍ଯ୍ୟରେ ନିୟୋଜିତ କରିବାକୁ ଅନୁସନ୍ଧାନ କରି ସେମାନଙ୍କର ଚତୁର୍ଦ୍ଦିଗରେ ଯତ୍ନ ଏବଂ ସାହାଯ୍ୟର ବେଢ଼ା କରିବା ଆବଶ୍ୟକ । (୨୩, ୧୦୭.୨, ୧୧୧, ୧୧୩.୧, ୫୧୬.୧, ୫୨୦, ୫୩୨.୮, ୫୩୮.୮-୫୩୮.୯) ।

**୧୦୭.୧.** ଯେତେବେଳେ ବ୍ୟକ୍ତିଗଣ ମଣ୍ଡଳୀ ସହ ଯୁକ୍ତ ହେବାକୁ ଇଚ୍ଛା କରନ୍ତି, ମଣ୍ଡଳୀରେ ସଭ୍ୟର ଦାୟିତ୍ୱ ଏବଂ ସୁଯୋଗ, ବିଶ୍ୱାସର ଅନୁଚ୍ଛେଦ, ଖ୍ରୀଷ୍ଟିୟାନ ଚରିତ୍ର ନିୟମର ଆବଶ୍ୟକତା ଏବଂ ନାଜରିନ୍ ମଣ୍ଡଳୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପାଳକ ସେମାନଙ୍କୁ ବୁଝାଇ ଦେବେ ।

Membership Committee ଏବଂ Evangelism Committee ସହିତ ଆଲୋଚନା କରିବା ଉତ୍ତାରେ, ସଭ୍ୟ ଗ୍ରହଣର ଫର୍ମ ବ୍ୟବହାର କରି ଯୋଗ୍ୟ ସଭ୍ୟମାନଙ୍କୁ ସାଧାରଣ ସଭାରେ ମଣ୍ଡଳୀର ସଭ୍ୟ ରୂପେ ଗ୍ରହଣ କରାଯାଏ । (୨୧, ୨୮-୩୩, ୧୧୦-୧୧୦.୪, ୨୨୮, ୭୦୪) ।

**୧୦୭.୨.** C.T.M.ର ସଭ୍ୟପଦ - ଯେପର୍ଯ୍ୟନ୍ତ ଏକ ସ୍ଥାନୀୟ ମଣ୍ଡଳୀର ଅନୁଷ୍ଠାନ ପ୍ରଭାବିତ ନ ହୋଇଛି, ଏକ C.T.M. ପାରା ୧୦୭ ଏବଂ ୧୦୭.୧ ଅନୁଯାୟୀ ମଣ୍ଡଳୀ ସଭ୍ୟଙ୍କର ରିପୋର୍ଟ ଗ୍ରହଣ କରି ବାର୍ଷିକ Statisticsରେ ଯୋଗ କରିପାରିବେ ।

**୧୦୭.୩.** ମତଦାନ ଏବଂ ଅଫିସ୍ କାର୍ଯ୍ୟଭାର – କେବଳ ଯେଉଁମାନେ ମଣ୍ଡଳୀର ସଂପୂର୍ଣ୍ଣ ଏବଂ କାର୍ଯ୍ୟକାରୀ ସଭ୍ୟ ଅଟନ୍ତି, ସେମାନଙ୍କର ବୟସ ୧୫ ବର୍ଷ ଅତିକ୍ରମ କରିଛି, ସେମାନେ ମଣ୍ଡଳୀର ଅଫିସ୍ର କାର୍ଯ୍ୟଭାର ନେଇପାରିବେ ଯେଉଁଠାରେ ସ୍ଥାନୀୟ ଆଇନ୍ ଅନୁମତି ଦିଏ । ସେମାନେ ମଣ୍ଡଳୀର ବାର୍ଷିକ ସଭାରେ କିମ୍ବା ବିଶେଷ ସଭାରେ ମତଦାନ କରିପାରିବେ ଏବଂ District Assemblyରେ delegate ଭାବରେ ମଣ୍ଡଳୀକୁ ପ୍ରତିନିଧିତ୍ୱ କରିପାରିବେ ।

**୧୦୮.** ସହଭାଗିତାର ସଭ୍ୟପଦ - ଜଣେ ମଣ୍ଡଳୀର ସଭ୍ୟର ଯେଉଁ ସମସ୍ତ ସୁଯୋଗ ରହିଛି ସମାନ ଭାବରେ ସହଭାଗିତାର ସଭ୍ୟମାନଙ୍କର ସେହି ସୁଯୋଗ ରହିଛି, କେବଳ ସେମାନେ ମତଦାନ କରିପାରିବେ ନାହିଁ କିମ୍ବା ଅଫିସ୍ କାର୍ଯ୍ୟଭାର ନେବେ ନାହିଁ । (୨୦୫.୨୪) ।

**୧୦୮.୧.** ସହଭାଗିତା ସଭ୍ୟମାନଙ୍କୁ ପୂର୍ଣ୍ଣ ସଭ୍ୟ ରୂପେ ଗ୍ରହଣ କରାଯାଇପାରେ କିମ୍ବା ପାଳକ, Evangelism ଏବଂ Church Membership Committee ଦ୍ୱାରା ନିଜ ବିଚାରରେ ସେମାନଙ୍କୁ କଢ଼ାଯାଇପାରେ ।

**୧୦୯.** ଅକ୍ଷମ ସଭ୍ୟପଦ - ଏକ ସ୍ଥାନୀୟ ମଣ୍ଡଳୀ ପାରା ୧୦୯.୧ ଏବଂ ୧୦୯.୨ (୧୧୨.୩, ୧୩୩)ରେ ଥିବା କାରଣଗୁଡ଼ିକ ନିମନ୍ତେ ବ୍ୟକ୍ତିମାନଙ୍କୁ "ନିଷ୍କ୍ରିୟ ସଭ୍ୟ" (Inactive Member) ବୋଲି ଆଖ୍ୟା ଦେଇପାରିବ ।

**୧୦୯.୧.** ମଣ୍ଡଳୀର ଜଣେ ସଭ୍ୟ ଯେ ଅନ୍ୟ ଏକ ସ୍ଥାନକୁ ବଦଳି ହୋଇଛି ଏବଂ ସେଠାରେ ସେ ନାଜରିନ୍ ମଣ୍ଡଳୀରେ ଯୋଗ ଦେଇ ସେହି ନାଜରିନ୍ ମଣ୍ଡଳୀକୁ ସଭ୍ୟପଦ Transfer ପାଇଁ ଆବେଦନ କରିପାରିବ ।

**୧୦୯.୨.** ଯେତେବେଳେ ଜଣେ ମଣ୍ଡଳୀର ସଭ୍ୟ କୌଣସି କାରଣ ନ ଥାଇ ନିୟମିତ ଭାବରେ ଛଅ ମାସ ଧରି ମଣ୍ଡଳୀର ଉପାସନାରେ ଅନୁପସ୍ଥିତ ରହେ, ତେବେ ତା'ର ସଭ୍ୟ ପଦ ନିଷ୍କ୍ରିୟ ବୋଲି Evangelism ଏବଂ Membership Committee ଦ୍ୱାରା ଅନୁମୋଦିତ ହେବ । Church Boardର କାର୍ଯ୍ୟାନୁଷ୍ଠାନର ୭ ଦିନ ମଧ୍ୟରେ ସେହି ବ୍ୟକ୍ତିକୁ ପାଳକ ଏବଂ ମୁକ୍ତିର ଚିଠି ଦ୍ୱାରା ସୂଚାଇ ଦେବେ । ଏହି କାର୍ଯ୍ୟାନୁଷ୍ଠାନ ଉତ୍ତାରେ "ନିଷ୍କ୍ରିୟ ସଭ୍ୟ" Inactive Member ତାଲିକାରେ ତା'ର ନାମ ଉଲ୍ଲେଖ ହେବ ଏବଂ ତାରିଖ ।

**୧୦୯.୩.** ନିଷ୍କ୍ରିୟ ସଭ୍ୟମାନଙ୍କର ତାଲିକା ଓ ସଂପୂର୍ଣ୍ଣ ସଭ୍ୟମାନଙ୍କ ତାଲିକା ସ୍ଥାନୀୟ ମଣ୍ଡଳୀର ଏକ ତାଲିକାରେ ଅନ୍ତର୍ଭୁକ୍ତ ହେବେ । District Assemblyରେ

Report କରିବା ସମୟରେ ଭିନ୍ନ ବିଭାଗରେ ବର୍ଣ୍ଣନା କରାଯିବ ଯେପରି (୧) କାର୍ଯ୍ୟକାରୀ ସଭ୍ୟ ଏବଂ (୨) ନିଷ୍କ୍ରିୟ ସଭ୍ୟ ।

**୧୦୯.୪.** ନିଷ୍କ୍ରିୟ ସଭ୍ୟମାନେ ମଣ୍ଡଳୀର ବାର୍ଷିକ ସଭାରେ କିମ୍ବା ବିଶେଷ ସଭାରେ ମତଦାନ କରିପାରିବେ ନାହିଁ କିମ୍ବା ଅଫିସ୍‌ର ଦାୟୀତ୍ୱ ନେଇପାରିବେ ନାହିଁ ।

**୧୦୯.୫.** ଜଣେ ନିଷ୍କ୍ରିୟ ସଭ୍ୟ କାର୍ଯ୍ୟକାରୀ ସଭ୍ୟ ନିମନ୍ତେ ମଣ୍ଡଳୀକୁ ଲିଖିତ ଆକାରରେ ଅନୁରୋଧ କରିପାରିବ । ସେହି ଅନୁରୋଧରେ ସଭ୍ୟପଦର ଅବମାନନା ନ କରିବାକୁ ପୁନର୍ବାର ଆଶ୍ୱାସନା ଏବଂ ସ୍ଥାନୀୟ ମଣ୍ଡଳୀର କାର୍ଯ୍ୟକ୍ରମରେ ସହଯୋଗ କରିବାର ଆଶ୍ୱାସନା ରହିବା ଆବଶ୍ୟକ । ମଣ୍ଡଳୀ ପରିଷଦ ଏହି ଅନୁରୋଧର ୬୦ ଦିନ ମଧ୍ୟରେ ଜବାବ୍ ଦେବେ । Evangelism ଏବଂ Membership Committee ଏବଂ ମଣ୍ଡଳୀ ପରିଷଦର କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେହି ବ୍ୟକ୍ତିଙ୍କୁ ପୂର୍ଣ୍ଣ ସଭ୍ୟ ପଦରେ ଗ୍ରହଣ କରାଯାଇପାରିବ ।

## (ଗ) ସ୍ଥାନୀୟ ମଣ୍ଡଳୀ ସୁସମାଚାର କାର୍ଯ୍ୟ ଏବଂ ମଣ୍ଡଳୀ ସଭ୍ୟପଦର କମିଟି

**୧୧୦.** ମଣ୍ଡଳୀ ପରିଷଦ ଏକ ସୁସମାଚାର କାର୍ଯ୍ୟ ଏବଂ ମଣ୍ଡଳୀ ସଭ୍ୟପଦ ନିମନ୍ତେ ତିନି ଜଣ ବ୍ୟକ୍ତିଙ୍କୁ ଯୋଗାଇବ (୩ ଜଣରୁ କମ୍ ନୁହେଁ) ଯେଉଁମାନେ ପାଳକଙ୍କୁ ପରାମର୍ଶ ଦେବାର ସକ୍ଷମ ରଖୁଥିବେ ସେମାନେ ଏଥିର ସଭାପତି ହୋଇପାରିବେ । (୧୩୮:୩) ସେମାନଙ୍କର କାର୍ଯ୍ୟଗୁଡ଼ିକ ହେଲା:

**୧୧୦.୧.** ସ୍ଥାନୀୟ ମଣ୍ଡଳୀରେ ସୁସମାଚାର କାର୍ଯ୍ୟ ବୃଦ୍ଧି କରିବା ଏବଂ ଏହି କାର୍ଯ୍ୟର ଫଳଗୁଡ଼ିକୁ ଖୋଜି ବାହାର କରିବା ।(୧୦୭-୧୦୭.୧, ୧୨୯.୨୪)

**୧୧୦.୨.** ମଣ୍ଡଳୀରେ ଆଜୀବନ କିପରି ସୁସମାଚାର କାର୍ଯ୍ୟ ହୋଇପାରିବ ସେଥିପାଇଁ ମଣ୍ଡଳୀ ପରିଷଦ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପ୍ରତିଧ୍ୟାନ ଦେବା ।

**୧୧୦.୩.** Districtର ପ୍ରଚାର କାର୍ଯ୍ୟ ଏବଂ ସାଧାରଣ କାର୍ଯ୍ୟକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ କମିଟି ଭାବରେ କାର୍ଯ୍ୟ କରିବାକୁ ହେବ ।

**୧୧୦.୪.** ବାଇବଲ କ୍ଲାସ୍ ଦ୍ୱାରା, ପାଳକ ମେମ୍ବରସିପ୍ କ୍ଲାସ୍ ଦ୍ୱାରା, ମାନୁଆଲ୍ କ୍ଲାସ୍ ଦ୍ୱାରା ସେମାନଙ୍କର ନିୟମିତ ବିକାଶ ଦ୍ୱାରା ସେମାନେ ଯେପରି ମଣ୍ଡଳୀ ସଭ୍ୟ ପଦ ପାଇଁ ଯୋଗ୍ୟ ବିବେଚିତ ହେବେ, ସେଥିପାଇଁ ନୂତନ ବିଶ୍ୱାସୀମାନଙ୍କୁ ଅନୁରୋଧ କରିବା । ମନେରଖିବା ଆବଶ୍ୟକ ଯେ ବିଶ୍ୱାସ ଦ୍ୱାରା ଯେଉଁମାନଙ୍କୁ ଗ୍ରହଣ କରାଗଲା ସେମାନଙ୍କଠାରେ ସୁସମାଚାର କାର୍ଯ୍ୟର ଫଳଧାରଣ କରିବେ । (୨୦-୨୧)

**୧୧୦.୫.** ସମୁଦାୟ ସହଭାଗିତାକୁ ଏବଂ ମଣ୍ଡଳୀର ଉପାସନାକୁ ନୂତନ ସଭ୍ୟ ଘେନି ଆସିବାକୁ ଆନ୍ତରିକ ଭାବରେ ଚେଷ୍ଟା କରିବେ ।

**୧୧୦.୬.** ନୂତନ ସଭ୍ୟମାନଙ୍କ ନିମନ୍ତେ ପାଳକଙ୍କ ସହ ମିଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ନିୟମିତ ଭାବରେ ବିକାଶ କରିବେ ।

**୧୧୦.୭.** ସ୍ଥାନୀୟ ପଥପ୍ରାନ୍ତ ସୁସମାଚାର କାର୍ଯ୍ୟ ପାଇଁ ପ୍ରଚାରକ ନିମନ୍ତେ ପାଳକଙ୍କ ଦ୍ୱାରା ଅନୁମୋଦିତ ଉତ୍ତାରେ ମଣ୍ଡଳୀ ପରିଷଦକୁ ସୁପାରିଶ କରିବେ । ଏହା ସୁପାରିଶ କରାଯାଏ ଯେ ଅତିକମ୍‌ରୁ ବର୍ଷକରେ ଥରେ ପଥପ୍ରାନ୍ତ ସୁସମାଚାର ପ୍ରଚାର କାର୍ଯ୍ୟ ଅଧିକାରପ୍ରାପ୍ତ ପ୍ରଚାରକଙ୍କ ଦ୍ୱାରା କରାଯିବ ।

**୧୧୦.୮.** ପାଳକ ପ୍ରଥମେ ସୁସମାଚାର କମିଟି ଏବଂ Church Membership Committee ସହିତ ବିଚାର ବିମର୍ଶ କରିବା ପୂର୍ବରୁ କୌଣସି ବ୍ୟକ୍ତି ସ୍ଥାନୀୟ ମଣ୍ଡଳୀର ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତ ହୋଇପାରିବ ନାହିଁ । (୧୦୭-୧) ।

## (ଘ) ସ୍ଥାନୀୟ ମଣ୍ଡଳୀ ସଦସ୍ୟତାର ପରିବର୍ତ୍ତନ

**୧୧୧.** ବଦଳି - ଯଦି କୌଣସି ସଦସ୍ୟ ଦ୍ୱାରା ଅନ୍ୟ ଏକ ନାଜରିନ୍ ମଣ୍ଡଳୀକୁ ସଦସ୍ୟତା ସ୍ଥାନାନ୍ତରୀତ କରିବାକୁ ପାଳକଙ୍କୁ ଅନୁରୋଧ କରାଯାଏ, ତେବେ ତାହା

ଗ୍ରହଣୀୟ ହେବ । କିନ୍ତୁ ସେହି ନାଜରିନ୍ ମଣ୍ଡଳୀର ନାମ ଉଲ୍ଲେଖ କରିବା ଆବଶ୍ୟକ । ଏହି ସ୍ଥାନାନ୍ତରୀତ କେବଳ ୩ ମାସ ପର୍ଯ୍ୟନ୍ତ ବୈଧ ରହିବ । ଯେତେବେଳେ ନୂତନ ମଣ୍ଡଳୀ ସଦସ୍ୟଙ୍କୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୂର୍ବ ମଣ୍ଡଳୀ ସଦସ୍ୟ ତାଲିକାରୁ ତାହା ବାଦ୍ ଦିଆଯିବ । (୮୧୭) (୮୧୮) ।

**୧୧୧.୧.** ସୁପାରିଶ୍ - ଯଦି କୌଣସି ସଦସ୍ୟ ଦ୍ୱାରା ଅନ୍ୟ Evangelical ମଣ୍ଡଳୀ ନିମନ୍ତେ ସୁପାରିଶ୍ ପତ୍ର ପାଇଁ ପାଳକଙ୍କୁ ଅନୁରୋଧ କରେ, ତେବେ ତାହା ଗ୍ରହଣ କରିବା ଆବଶ୍ୟକ ଏବଂ ସେହି ମଣ୍ଡଳୀର ନାମ ଉଲ୍ଲେଖ କରିବା ଆବଶ୍ୟକ (୮୧୫) ଏହା ଉତ୍ତାରେ ସେହି ବ୍ୟକ୍ତିର ସଦସ୍ୟତାକୁ ସଙ୍ଗେ ସଙ୍ଗେ ରଦ୍ଦ କରି ଦେବା ଆବଶ୍ୟକ । (୧୧୨.୨, ୫୩୯.୫, ୮୧୫) ।

## (ଙ) ସ୍ଥାନୀୟ ମଣ୍ଡଳୀର ସଦସ୍ୟତା ସମାପ୍ତ କରିବା

**୧୧୨.** ସେବକମାନେ - ଯେତେବେଳେ ଜଣେ ପ୍ରମାଣପତ୍ରଧାରୀ ସେବକ କିମ୍ୱା ଜଣେ ଅଭିଷିକ୍ତ ନାଜରିନ୍ ମଣ୍ଡଳୀ ବ୍ୟତୀତ ଅନ୍ୟ କୌଣସି ମଣ୍ଡଳୀ ସହ ସାମିଲ୍ ହୋଇଥାନ୍ତି, ତେବେ ସେହି ମଣ୍ଡଳୀର ପାଳକ ସେହି ସେବକଙ୍କ ସତ୍ୟତା ବିଷୟରେ District Ministerial Credentia Board କିମ୍ୱା District Board of Ministryଙ୍କୁ ସଙ୍ଗେ ସଙ୍ଗେ ଅବଗତ କରାଇବେ । District Ministerial Credential Board ଏବଂ District Board of Ministry ଏହି ବିଷୟର ତଦନ୍ତ କରି ସେହି ସଦସ୍ୟର ସତ୍ୟତା ପ୍ରାପ୍ତ ହେବେ । ଯଦି District Ministerial Credential Board ଏବଂ District Board of Ministry ଧାର୍ଯ୍ୟ କରନ୍ତି ଯେ ସେହି ସେବକ ସେବକ ପଦରୁ ବହିଷ୍କୃତ ହେବା ଆବଶ୍ୟକ, ତେବେ ତାଙ୍କୁ ବହିଷ୍କୃତ କରି ଦିଆଯିବ । ସେହି ମଣ୍ଡଳୀର ପାଳକ ମଧ୍ୟ ତାଙ୍କ ନାମକୁ ସଦସ୍ୟତା ତାଲିକାରୁ କାଟି ଏହିପରି କାରଣ ଲେଖିବେ, "Removed by uniting with another Church, denomination କିମ୍ୱା Ministry । "ଅନ୍ୟ ମଣ୍ଡଳୀ, ସମ୍ପ୍ରଦାୟ, କିମ୍ୱା ସେବାକାର୍ଯ୍ୟରେ ମିଳିତ

ହେବା ଦ୍ୱାରା ବହିଷ୍କୃତ କରାଗଲା” – (୫୩୨.୯, ୫୩୮.୧୦, ୫୩୮.୧୩-୫୩୮.୧୪)।

**୧୧୨.୧.** ସାଧାରଣ ସଦସ୍ୟ। ଯେତେବେଳେ ଏକ ସ୍ଥାନୀୟ ମଣ୍ଡଳୀର ସାଧାରଣ ସଦସ୍ୟ ମଣ୍ଡଳୀର ସଦସ୍ୟ ପଦ ଗ୍ରହଣ କରିଥାଏ ଏବଂ ଅନ୍ୟ ମଣ୍ଡଳୀର ପ୍ରଚାରକ କାର୍ଯ୍ୟ ପାଇଁ ପ୍ରାପ୍ତ ହୋଇଥାଏ କିମ୍ବା ଅଭିଷିକ୍ତ ହୋଇଥାଏ କିମ୍ବା କୌଣସି ସ୍ୱାଧୀନ ମଣ୍ଡଳୀରେ ସମ୍ପୃକ୍ତ ହୋଇଥାଏ କିମ୍ବା ମିଶନେରୀ କାର୍ଯ୍ୟରେ ଏହି କାରଣ ହେତୁ ସ୍ଥାନୀୟ ମଣ୍ଡଳୀରୁ ତା’ର ସଦସ୍ୟତା ସଙ୍ଗେ ସଙ୍ଗେ ରଦ୍ଦ କରାଯିବ।

**୧୧୨.୨.** ସଦସ୍ୟତା ପଦରୁ ମୁକ୍ତି। ଯଦି ପାଳକଙ୍କୁ ଜଣେ ବ୍ୟକ୍ତି ସଦସ୍ୟତା ପଦରୁ ମୁକ୍ତି ପାଇଁ ଅନୁରୋଧ କରେ (ପାରା ୮୧୬ ଅନୁସରଣ କର) ତେଣୁ ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିର ସଦସ୍ୟତା ପଦ ରଦ୍ଦ କରାଯିବ।(୧୧୧.୧, ୧୧୨)।

**୧୧୨.୩.** ଯେତେବେଳେ ଜଣେ ବ୍ୟକ୍ତିର ସଦସ୍ୟତାକୁ ନିଷ୍କ୍ରିୟ (Inactive) ବୋଲି ଘୋଷଣା କରାଗଲା, ତା’ର ଦୁଇବର୍ଷ ଉତ୍ତାରେ ସେହି ବ୍ୟକ୍ତିର ନାମ ମଣ୍ଡଳୀ ପରିଷଦ ଦ୍ୱାରା ମଣ୍ଡଳୀରୁ ବହିଷ୍କାର କରାଯିବ। ମଣ୍ଡଳୀ ପରିଷଦର ଏହି କାର୍ଯ୍ୟାନୁଷ୍ଠାନ ଉତ୍ତାରେ ପାଳକ ସଦସ୍ୟତାର ତାଲିକାରେ ଏପରି ଲେଖିବେ (Removed by the Church Board) (ମଣ୍ଡଳୀ ପରିଷଦ ଦ୍ୱାରା ବହିଷ୍କାର କରାଗଲା, ତାରିଖ......)। (୧୦୯, ୧୩୩)।

## (ଚ) ସ୍ଥାନୀୟ ମଣ୍ଡଳୀ ସଭାଗୁଡ଼ିକ

**୧୧୩.** ଏକ ସ୍ଥାନୀୟ ମଣ୍ଡଳୀର କୌଣସି ଏକ ମହାସଭା କିମ୍ବା ମଣ୍ଡଳୀ ସମ୍ବନ୍ଧୀୟ କୌଣସି ସଭା ହେଲେ ତାକୁ ମଣ୍ଡଳୀ ସଭା ବୋଲି ଆଖ୍ୟା ଦିଆଯିବ। ଆଇନ୍ ଅଧୀନରେ, ଅନ୍ତର୍ଭୁକ୍ତୀକରଣର ଅନୁଚ୍ଛେଦ ଏବଂ ମାନୁଆଲ୍‌ରେ ଥିବା ପ୍ରଶାସନର ସନ୍ନିଧାନ, ସଭାଗୁଡ଼ିକ ଏବଂ ନାଜରନ୍ ମଣ୍ଡଳୀର ସଭ୍ୟମାନଙ୍କର କାର୍ଯ୍ୟ ପନ୍ଥା ଗ୍ରହଣ କରିବା ସ୍ଥାନୀୟ ଭାବରେ, ଆଞ୍ଚଳିକ ଏବଂ ପ୍ରାଦେଶିକ ଭାବରେ ହେଉ

ସମସ୍ତ ସଭା "Robert's Rulses of order Newly Revised" ଅନୁଯାୟୀ ନିୟମ ଏବଂ ପରିଚାଳନା ହେବ (୩୪, ୧୦୪, ୧୧୩.୭-୧୧୩.୮, ୧୧୫, ୫୧୮)।

**୧୧୩.୧.** ଯେଉଁ ସଦସ୍ୟମାନେ ପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ ଅଟନ୍ତି ଏବଂ ସେମାନଙ୍କର ବୟସ ୧୫ ବର୍ଷରୁ ଊର୍ଦ୍ଧ୍ୱ ସେମାନେ କେବଳ ମଣ୍ଡଳୀ ସଭାରେ ମତଦାନ ପ୍ରଦାନ କରିପାରିବେ (୧୦୭.୩, ୧୦୯-୧୦୯.୪)।

**୧୧୩.୨.** ମଣ୍ଡଳୀ ସଭାରେ ଅନୁପସ୍ଥିତ ଥିବା ସଭ୍ୟମାନଙ୍କ ନିମନ୍ତେ ମତଦାନ କରିବାର କୌଣସି ବ୍ୟବସ୍ଥା ନାହିଁ।

**୧୧୩.୩.** କାର୍ଯ୍ୟନିର୍ବାହ – ଯେକୌଣସି ମଣ୍ଡଳୀ ସଭାରେ, ମଣ୍ଡଳୀ ସଂକ୍ରାନ୍ତୀୟ ଆଲୋଚନା, ଆତ୍ମାଙ୍କର ଉପସ୍ଥିତିରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ପ୍ରକ୍ରିୟା ଏବଂ ମଣ୍ଡଳୀର ଶୃଙ୍ଖଳାଗତ କାର୍ଯ୍ୟକ୍ରମଗୁଡ଼ିକ ହୋଇପାରିବ।

**୧୧୩.୪.** ନାଗରିକ ଆଇନ୍ ସହିତ ନିୟମ ପାଳନ - ପ୍ରତ୍ୟେକ ଘଟଣାରେ ଯେଉଁଠାରେ ନାଗରିକ ଆଇନ୍‌ର ପ୍ରୟୋଜନ, ଏକ ବିଶେଷ ଧରଣର ମଣ୍ଡଳୀ ସଭାର ଆହ୍ୱାନ ଏବଂ ପରିଚାଳନା ବାଧ୍ୟତାର ସହ (ପାରା ୧୪୨) ଅନୁସରଣ କରିବା ଆବଶ୍ୟକ।

**୧୧୩.୫.** ପରିଚାଳନା କାର୍ଯ୍ୟକାରୀ - ପାଳକ ଯେ କି ମଣ୍ଡଳୀର ସଭାପତି କିମ୍ବା ଡ.ଌ. କିମ୍ବା ସେହି କ୍ଷେତ୍ର ଦାୟିତ୍ୱରେ ଥିବା G.S. କିମ୍ବା D.S. ଦ୍ୱାରା ନିଯୁକ୍ତ ବ୍ୟକ୍ତି ମଣ୍ଡଳୀର ବାର୍ଷିକ ସଭାର କିମ୍ବା ବିଶେଷ ସଭାର ପରିଚାଳନା ହୋଇପାରିବ (୨୧୩.୧, ୩୦୭.୧୦, ୫୧୬.୧୫)।

**୧୧୩.୬.** ସମ୍ପାଦକ – ମଣ୍ଡଳୀ ପରିଷଦର ସମ୍ପାଦକ ଏହି ମଣ୍ଡଳୀ ସଭାର ସମ୍ପାଦକ ହେବେ, ତାଙ୍କର ଅନୁପସ୍ଥିତିରେ ଅସ୍ଥାୟୀ ଭାବରେ ଜଣଙ୍କୁ ନିର୍ବାଚିତ କରାଯାଇପାରେ – (୧୩୫.୪)।

**୧୧୩.୭.** ବାର୍ଷିକ ସଭା – District Assemblyର ୯୦ ଦିନ ପୂର୍ବରୁ ମଣ୍ଡଳୀର ବାର୍ଷିକ ସଭା ହେବା ଆବଶ୍ୟକ । ଏହି ସଭାର ଅତିକମ୍‌ରେ ଦୁଇ ସପ୍ତାହ ପୂର୍ବରୁ ଉପାସନାରେ ସାଧାରଣ ବିଜ୍ଞାପନ ଦେବା ଆବଶ୍ୟକ । ଏହି ବାର୍ଷିକ ସଭା ମଣ୍ଡଳୀ ପରିଷଦର ଅନୁମୋଦନକ୍ରମେ ଗୋଟେ ଦିନରୁ ଉର୍ଦ୍ଧ୍ୱ କିମ୍ବା ଗୋଟେ ଉପାସନାରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ପରିଚାଳିତ ହୋଇପାରିବ ।

**୧୧୩.୮.** ବିଶେଷ ସଭାଗୁଡ଼ିକ – ବିଶେଷ ସଭାଗୁଡ଼ିକ ପାଳକଙ୍କ ଦ୍ୱାରା କିମ୍ବା ପାଳକଙ୍କ ସହ ଆଲୋଚନା କରି ମଣ୍ଡଳୀ ପରିଷଦ ଦ୍ୱାରା କିମ୍ବା D.S.ଙ୍କ ଦ୍ୱାରା କିମ୍ବା ସେହି କ୍ଷେତ୍ରରେ ନିୟୋଜିତ G.S.ଙ୍କ ଦ୍ୱାରା ଘୋଷଣା କରାଯାଇପାରିବ । ଏହି ସଭାଗୁଡ଼ିକ ନିମନ୍ତେ ଅତି କମ୍‌ରେ ନିୟମିତ ଭାବରେ ଦୁଇଟି ଉପାସନାରେ ସାଧାରଣ ବିଜ୍ଞାପନ ଦିଆଯିବ କିମ୍ବା ନାଗରିକ ଆଇନ୍‌କୁ ଅନୁସରଣ କରିବା ଆବଶ୍ୟକ – (୧୦୪, ୧୧୩.୧, ୧୧୫-୧୧୫.୧, ୧୨୩-୧୨୩.୭, ୧୩୯, ୧୪୨.୧, ୧୪୪) ।

**୧୧୩.୯.** ବିବରଣଗୁଡ଼ିକ – ବାର୍ଷିକ ସଭାରେ ପାଳକଙ୍କ ଦ୍ୱାରା, SDMI, Superintendent NYI President, ଦୀକନମାନେ, ସ୍ଥାନୀୟ ସେବକମାନେ, ସମ୍ପାଦକ ଏବଂ ମଣ୍ଡଳୀ ପରିଷଦର କୋଷାଧ୍ୟକ୍ଷଙ୍କ ଦ୍ୱାରା ବିବରଣ ଉପସ୍ଥାପନ କରାଯିବ । (୧୩୫.୨, ୧୩୬.୫, ୧୪୬.୬, ୧୫୨.୨, ୫୦୮, ୫୧୬.୭, ୫୩୧.୧) ।

**୧୧୩.୧୦.** ନିର୍ବାଚନ ପାଇଁ ପ୍ରସ୍ତାବ ସମିତି । ଏହି ସମିତି କର୍ମଚାରୀ, ପରିଷଦ ଏବଂ District Assemblyର Delegatesମାନଙ୍କୁ ପ୍ରସ୍ତାବିତ କରିବ ଏବଂ ଯେଉଁମାନଙ୍କର ନାମ ଅନ୍ୟ କୌଣସିଠାରେ ପ୍ରସ୍ତାବିତ ହୋଇ ନ ଥିବ ।

ଏହି ସମିତିରେ ମଣ୍ଡଳୀର ପାଳକଙ୍କ ସହିତ ଅତିକମ୍‌ରେ ୩ଜଣ ଏବଂ ଅତିବେଶୀରେ ୭ ଜଣ ସଦସ୍ୟ ରହିପାରିବେ । ପ୍ରତିବର୍ଷ ଏହି ସମିତି ପାଳକଙ୍କ ଦ୍ୱାରା ନିଯୁକ୍ତ ହେବ ଏବଂ ମଣ୍ଡଳୀ ପରିଷଦ ଦ୍ୱାରା ସ୍ୱୀକୃତ ହେବ । ପାଳକ ଏହି ସମିତିର ସଭାପତି ରହିବେ । ଏହି ସମିତି ଦ୍ୱାରା ଚୟନ କରାଯାଇଥିବା ପ୍ରତ୍ୟେକ

ବ୍ୟକ୍ତି ସୁନିଶ୍ଚିତ କରିବେ ଯେ ସେମାନେ ପାରା ୩୩ରେ ଥିବା ମଣ୍ଡଳୀ କାର୍ଯ୍ୟକାରୀମାନଙ୍କର ଯୋଗ୍ୟତା ପୂର୍ଣ୍ଣ କରୁଅଛନ୍ତି ।

**୧୧୩.୧୧.** ନିର୍ବାଚନ - ମଣ୍ଡଳୀର ବାର୍ଷିକ ସଭାରେ ମତଦାନ ଦ୍ୱାରା SDMI President ଏବଂ SDMI ପରିଷଦର ସଦସ୍ୟଗଣ, ପ୍ରତିଷ୍ଠାନର କାର୍ଯ୍ୟକାରୀ ଏବଂ ସମ୍ପତ୍ତିର ତତ୍ତ୍ୱାବଧାନକାରୀମାନଙ୍କୁ ସେବା କରିବା ନିମନ୍ତେ ଗୋଟେ ବର୍ଷ ପାଇଁ ଯେପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ନେବାକୁ ଅନ୍ୟ କେହି ନିର୍ବାଚିତ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ସେମାନଙ୍କୁ ନିର୍ବାଚିତ କରା ହେବ । ଯେକୌଣସି ସ୍ଥାନରେ ଆଇନ୍ ଅନୁମତି ଦିଏ କିମ୍ବା ଅଧିକାଂଶ ମତଦାନ ହୁଏ, ତେବେ ସେମାନଙ୍କର କାର୍ଯ୍ୟକାଳ ୨ ବର୍ଷ ପର୍ଯ୍ୟନ୍ତ ହୋଇପାରେ । ଯେଉଁମାନେ ନିର୍ବାଚିତ ହେବେ ସେମାନେ ସେହି ସ୍ଥାନୀୟ ନାଜରିନ୍ ମଣ୍ଡଳୀର ସଦସ୍ୟ ହୋଇଥିବେ ।

ଆମେ ଆମର ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ନିର୍ଦ୍ଦେଶ ଦେଉ ଯେପରି ସେମାନେ ଏପରି ସଦସ୍ୟ ଚୟନ କରିବେ ଯେଉଁମାନେ ସଂପୂର୍ଣ୍ଣ ପବିତ୍ରତାର ଅଭିଜ୍ଞତା ପ୍ରକାଶ କରୁଥିବେ । ଏକ ପବିତ୍ର ଜୀବନ ପ୍ରତି ଆହ୍ୱାନ, ସାଧାରଣରେ ଈଶ୍ୱରଙ୍କ ଅନୁଗ୍ରହର ସାକ୍ଷ୍ୟବହନ, ଯେଉଁମାନେ ନାଜରିନ୍ ମଣ୍ଡଳୀର ମତ, ସିଦ୍ଧାନ୍ତ ଏବଂ ଅଭ୍ୟାସ ସହିତ ସମ୍ମତ ହେଉଥିବେ ଏବଂ ଯେଉଁମାନେ ସ୍ଥାନୀୟ ମଣ୍ଡଳୀରେ ବିଶ୍ୱସ୍ତ ଭାବରେ ଯୋଗ ଦେଇ ଦାନ ଏବଂ ଦଶମାଂଶରେ ଭାଗ ନେଉଥିବେ ଏବଂ "ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା"ରେ ସଂପୂର୍ଣ୍ଣ ନିୟୋଜିତ ହେବେ । (୩୩, ୧୨୭, ୧୩୭, ୧୪୧, ୧୪୨.୧, ୧୪୫-୧୪୭) ।

**୧୧୩.୧୨.** ଯେଉଁଠାରେ ଆଇନ୍ ଅନୁମତି ଦିଏ ଏବଂ ମଣ୍ଡଳୀରେ ଯେଉଁଠାରେ ଏହିପରି ଧାରାରେ ମଣ୍ଡଳୀର ଉପସ୍ଥିତ ସଦସ୍ୟମାନଙ୍କର ଅଧିକ ସଂଖ୍ୟକ ମତଦାନ ଦ୍ୱାରା ସଦସ୍ୟମାନଙ୍କୁ ନିର୍ବାଚିତ କରାଯାଇଥାଏ, ତେବେ ମଣ୍ଡଳୀ ପରିଷଦ ତତ୍ତ୍ୱାବଧାନକାରୀଙ୍କୁ ପାରା ୧୩୭ ଅନୁଯାୟୀ ନିର୍ବାଚିତ କରିବେ ଏବଂ ୧୪୧ ଯେତେବେଳେ ଏକ ମଣ୍ଡଳୀ ପରିଷଦ ଏହି ପ୍ରକାରେ ନିର୍ବାଚନ କରିବ, ତେବେ ପରିଷଦ ସ୍ୱୟଂ ସମିତିରେ ପରିଣତ ହୋଇ ଏହି ଦାୟୀତ୍ୱକୁ ବହନ କରିବ ।

**୧୧୩.୧୩.** ଯେଉଁ କ୍ଷେତ୍ରରେ ଆଇନ୍ ଅନୁମତି ଦିଏ କିମ୍ବା ସଠିକ୍ ଭାବରେ ଡକା ଯାଇଥିବା ଏକ ବାର୍ଷିକ ସଭାରେ ଉପସ୍ଥିତ ମଣ୍ଡଳୀ ସଭ୍ୟମାନଙ୍କର ବହୁମତ ମତଦାନ ଦ୍ୱାରା ଏହିପରି ଧାରାକୁ ଅନୁମୋଦନ କରାଯାଏ, ତେବେ D.S.ଙ୍କର ଲିଖିତ ଅନୁମୋଦନ ଗ୍ରହଣ କରି ଏକ ମଣ୍ଡଳୀ ତାହାର ଅର୍ଦ୍ଧେକ ପରିଷଦ ସଦସ୍ୟଙ୍କୁ ଦୁଇ ବର୍ଷ ନିମନ୍ତେ ନିର୍ବାଚିତ କରିପାରିବ କିମ୍ବା ଏକ ତୃତୀୟାଂଶ ପରଷଦ ସଦସ୍ୟଙ୍କୁ ୩ ବର୍ଷ ନିମନ୍ତେ ନିର୍ବାଚିତ କରିପାରିବ । ମଣ୍ଡଳୀ ପରିଷଦ ଏହିପରି ନିର୍ବାଚିତ ହେବା ଉତ୍ତାରେ, ଯେଉଁମାନଙ୍କୁ ପ୍ରତିଷ୍ଠାନର ପରିଚାଳକ ଏବଂ ତତ୍ତ୍ୱାବଧାନକାରୀ ଭାବେ ନିର୍ବାଚିତ କରାଯିବ ସେମାନେ ପାରା ୧୩୭ ଏବଂ ୧୪୦ର ନିୟମକୁ ପାଳନ କରିବେ ।

**୧୧୩.୧୪.** ମଣ୍ଡଳୀର ବାର୍ଷିକ ସଭାରେ ମତଦାନ ଦ୍ୱାରା District Assembly ନିମନ୍ତେ Delegate ଚୟନ କରାଯିବ ଏବଂ ସେହି Delegateମାନଙ୍କୁ ପାଳକ ପ୍ରସ୍ତାବ କରିବେ ଏବଂ General Assemblyରେ ପ୍ରତିନିଧି କରିବା ନିମନ୍ତେ ସ୍ଥାନୀୟ ମଣ୍ଡଳୀ ପରିଷଦ ଦ୍ୱାରା ଅନୁମୋଦିତ ହେବେ (୨୦୧-୨୦୧.୨) । ଯେଉଁମାନେ ନିର୍ବାଚିତ ହେବେ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ସକ୍ଷମ ସଦସ୍ୟ ହୋଇଥିବା ଆବଶ୍ୟକ । (୧୦୭.୩, ୧୧୩.୧୧) ।

**୧୧୩.୧୫.** ଏକ C.T.M. ମଣ୍ଡଳୀରୁ District Assemblyରେ ପ୍ରତିନିଧିତ୍ୱ କରିବାକୁ Delegateମାନଙ୍କୁ ମଣ୍ଡଳୀର ପାଳକ, ପାରା **୩୩, ୨୦୧.୧** ଏବଂ **୨୦୧.୨** ନିୟମ ଅନୁଯାୟୀ ଚୟନ କରିବେ । ସେହି ପ୍ରକାରେ District Conventions, NYI, NMI, Sunday School ଏବଂ Discipleship Ministries Int. ମଧ୍ୟରୁ ପାରା (୧୦୦.୧, ୮୧୦, ୮୧୧, ୮୧୨) ଅନୁଯାୟୀ ଚୟନ କରିବେ ।

## (ଛ) ସ୍ଥାନୀୟ ମଣ୍ଡଳୀ ବର୍ଷ

**୧୧୪.** ସ୍ଥାନୀୟ ମଣ୍ଡଳୀର ପ୍ରଶାସନିକ ବର୍ଷ ସହିତ ଏକ ସଙ୍ଗରେ Statistical ବର୍ଷକୁ ମଣ୍ଡଳୀର ବର୍ଷ ବୋଲି ପରିଗଣିତ କରାଯିବ ।

**୧୧୪.୧.** District Assembly ଆରମ୍ଭ ହେବାର **୯୦** ଦିନ ପୂର୍ବରୁ ଏହି ବର୍ଷ ଶେଷ ହେବ ଏବଂ ଯେଉଁ ଦିନ District Assembly ଶେଷ ହେବ ସେହିଦିନ Statistical ବର୍ଷ ଆରମ୍ଭ ହେବ । Statistical ବର୍ଷର ପ୍ରକୃତରେ ଆରମ୍ଭ ଏବଂ ଶେଷ ତାରିଖ D.A.B. ଦ୍ୱାରା ସ୍ଥିର କରାଯିବ । (୨୨୫.୧) ।

## (ଜ) ଏକ ପାଳକର ଆହ୍ୱାନ ବା ନିଯୁକ୍ତି

**୧୧୫.** ମଣ୍ଡଳୀର ଏକ ବିଶେଷ ସଭାରେ ଉପସ୍ଥିତ ସଦସ୍ୟମାନଙ୍କର ମତଦାନ ଦ୍ୱାରା ଦୁଇ ତୃତୀୟାଂଶ ମତ ପାଇ ଜଣେ ଅଭିଷିକ୍ତ ପ୍ରାଚୀନ କିମ୍ବା ପ୍ରମାଣ ପତ୍ରଧାରୀ ସେବକ ମଣ୍ଡଳୀର ପାଳକ ହେବା ନିମନ୍ତେ ଆହୂତ ହୋଇପାରିବେ । କିନ୍ତୁ ନିମ୍ନଲିଖିତ ସର୍ତ୍ତ ଦ୍ୱାରା:

୧. ପ୍ରାର୍ଥୀପତ୍ର D.S.ଙ୍କ ଦ୍ୱାରା ପୂର୍ବରୁ ଅନୁମୋଦିତ ହୋଇଥିବ ।

୨. ଯଦି ସେ ସେହି ସ୍ଥାନୀୟ ମଣ୍ଡଳୀର ସଦସ୍ୟ ହୋଇଥିବେ କିମ୍ବା ସେହି ମଣ୍ଡଳୀରୁ ବେତନ ପାଇ ସେବା କରୁଥିବେ, ତେବେ D.A.B. ଦ୍ୱାରା ତାଙ୍କର ପ୍ରାର୍ଥୀ ପତ୍ର ଅନୁମୋଦିତ ହେବା ଆବଶ୍ୟକ ।

୩. ସମସ୍ତ ସଭ୍ୟଙ୍କ ଦ୍ୱାରା ଦୁଇ ତୃତୀୟାଂଶ ମତପ୍ରାପ୍ତ ହୋଇ ମଣ୍ଡଳୀ ପରିଷଦ ଦ୍ୱାରା ଅନୁମୋଦିତ ହୋଇ କୌଣସି ବ୍ୟକ୍ତି ମଣ୍ଡଳୀ ପ୍ରତି ପ୍ରସ୍ତାବିତ ହୋଇପାରିବ । ଏହି ନିୟମ ଅନୁସାରେ (୧୧୯, ୧୨୨-୧୨୫.୫, ୧୨୯.୨, ୧୫୯.୮, ୨୧୧.୧୦, ୨୨୫.୧୬-୫୧୪, ୫୩୨, ୫୩୩.୪, ୫୩୪.୩) ।

**୧୧୫.୧.** ପାଳକ ନିମନ୍ତେ ମତଦାନ ହେବାର ୧୫ ଦିନ ମଧ୍ୟରେ ଯାହାଙ୍କୁ ପାଳକ ଭାବରେ ନିର୍ବାଚିତ କରାଗଲା, ତାହାଙ୍କୁ ଅବଗତ କରିବା ଆବଶ୍ୟକ ।

**୧୧୫.୨.** ମଣ୍ଡଳୀ ପରିଷଦ ଏବଂ ପାଳକ ଉଭୟପକ୍ଷ ସେମାନଙ୍କର ଲକ୍ଷ୍ୟ ଏବଂ ଆଶାକୁ ପରସ୍ପର ମଧ୍ୟରେ ଲିଖିତ ଆକାରରେ ଜଣାଇବେ (୧୨୨, ୧୨୯.୩-୧୨୯.୪) ।

**୧୧୫.୩.** ଯେଉଁକ୍ଷଣରେ ପାଳକ ମଣ୍ଡଳୀର ପାଳକୀୟ ଦାୟିତ୍ୱ ଗ୍ରହଣ କରିବେ ସେହିକ୍ଷଣରେ ପାଳକ ଏବଂ ସଦସ୍ୟମାନଙ୍କର ମଧ୍ୟରେ ଏକ ଚୁକ୍ତିର ସହଭାଗିତା ହେବ । ଏହି ସେବାକାର୍ଯ୍ୟଟି D.S. ପରିଚାଳନା କରିବେ ।

**୧୧୫.୪.** ପାଳକ ଦାୟିତ୍ୱ ଗ୍ରହଣ କରିବା ଉତ୍ତାରେ ସ୍ଥାନୀୟ ମଣ୍ଡଳୀ ତାଙ୍କର ପାରିଶ୍ରମିକ ନିମନ୍ତେ ପ୍ରସ୍ତାବ ଆଣିବ । ମଣ୍ଡଳୀ ପରିଷଦ ଦ୍ୱାରା ପାରିଶ୍ରମିକର ମୂଲ୍ୟ ଧାର୍ଯ୍ୟ କରାଯିବ । ଯେତେବେଳେ ମଣ୍ଡଳୀ କିମ୍ବା ମଣ୍ଡଳୀ ପରିଷଦ ଏବଂ ପାଳକଙ୍କ ମଧ୍ୟରେ ଏହା ଏକମତ ହେବ ମଣ୍ଡଳୀ ଏହି ପୂର୍ଣ୍ଣ ପାରିଶ୍ରମିକ ଦେବାର ଦାୟିତ୍ୱ ନେବ । ଯଦି କୌଣସି ସମୟରେ ଏକମତ ହୋଇଥିବା ପାରିଶ୍ରମିକକୁ ମଣ୍ଡଳୀ ଦେବାରେ ସକ୍ଷମ ନ ହୁଏ, ତେବେ ଏହି ବିଷୟକୁ ପାଳକ ମଣ୍ଡଳୀ ବିରୁଦ୍ଧରେ ବିଚାରାଳୟକୁ ନେଇପାରିବେ ନାହିଁ, କାରଣ ଏହା ନାଗରିକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯଥେଷ୍ଟ ହେବ ନାହିଁ । ପାଳକଙ୍କ ନିମନ୍ତେ ଅର୍ଥ ସଂଗ୍ରହ କରିବାର ଦାୟିତ୍ୱ ମଣ୍ଡଳୀ କିମ୍ବା ମଣ୍ଡଳୀ ପରିଷଦର ନୁହେଁ । ଯଦି ମଣ୍ଡଳୀ ବିରୁଦ୍ଧରେ କିମ୍ବା ମଣ୍ଡଳୀ ପରିଷଦ ବିରୁଦ୍ଧରେ କୌଣସି Civil Action (ନାଗରିକ କାର୍ଯ୍ୟାନୁଷ୍ଠାନ) ବର୍ତ୍ତମାନର ପାଳକ କିମ୍ବା ପୂର୍ବ ପାଳକ ଦାବୀ କରନ୍ତି, ତେବେ District ତାଙ୍କୁ ସେବକ ପଦରୁ ବହିଷ୍କୃତ କରିବ । ସ୍ଥାନୀୟ ମଣ୍ଡଳୀ ମଧ୍ୟ ପାଳକଙ୍କର ଯାତାୟାତ ଖର୍ଚ୍ଚର ବ୍ୟବସ୍ଥା କରିବ । (୩୨-୩୨.୩, ୧୨୯.୮-୧୨୯.୯) ।

**୧୧୫.୫.** ସ୍ଥାନୀୟ ମଣ୍ଡଳୀରେ ପ୍ରଥମ ରବିବାରର ସେବାକାର୍ଯ୍ୟ ଉତ୍ତାରେ ଯେଉଁ ସୋମବାର ଆସିବ, ସେହି ସୋମବାରଠାରୁ ପାଳକଙ୍କର ବେତନର ହିସାବ କରାଯିବ ।

**୧୧୫.୬.** ସ୍ଥାନୀୟ ମଣ୍ଡଳୀଗୁଡ଼ିକ ପାଳକୀୟ ବେତନ ସାହାଯ୍ୟ ନିମନ୍ତେ ସେମାନଙ୍କର District ସହିତ ଆଲୋଚନା କରି ଅନ୍ୟ ଉପାୟ ବାହାର କରିବା ଆବଶ୍ୟକ । (୩୨.୩, ୧୨୯.୮) ।

**୧୧୬.** ପରିବାରର ମୂଲ୍ୟ ସ୍ୱୀକାର କରି ଏବଂ ପାଳକମାନଙ୍କର ଶାନ୍ତିପୂର୍ଣ୍ଣ ଏବଂ ଏକୀଭୂତ ଜୀବନଗୁଡ଼ିକର ମୂଲ୍ୟ ବୃଦ୍ଧି, ସ୍ଥାନୀୟ ମଣ୍ଡଳୀ ପାଳକଙ୍କ ପରିବାରର ଗର୍ଭାବସ୍ଥା କିମ୍ବା ପିତୃତ୍ୱ ଅବସ୍ଥା ସମୟରେ ପାଳକଙ୍କୁ ଏବଂ ତାଙ୍କ ସହଯୋଗୀମାନଙ୍କୁ ଛୁଟି ମଞ୍ଜୁର କରିବା ଉଚିତ । ମାତୃତ୍ୱ ଏବଂ ପିତୃତ୍ୱ ଅବସ୍ଥାରେ ଛୁଟି ଦେବାକୁ ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ D.S. ଉତ୍ସାହିତ କରିବା ଆବଶ୍ୟକ । ଏହିପରି ଚୁକ୍ତିଗୁଡ଼ିକରେ ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ ରହିବା ଆବଶ୍ୟକ ।

୧. ଶିଶୁର ଜନ୍ମ ହେବା ପୂର୍ବରୁ ପାଳକ ଏବଂ ମଣ୍ଡଳୀ ପରିଷଦ ଉତ୍ତମ ବୁଝାମଣା ଦ୍ୱାରା ଛୁଟିର ସମୟ ଏବଂ କାଳ ନିର୍ଣ୍ଣୟ କରିବେ ।

୨. ସାଧାରଣ ଛୁଟିଠାରୁ ମାତୃତ୍ୱ ଏବଂ ପିତୃତ୍ୱ ନିମନ୍ତେ ଛୁଟି ପୃଥକ୍ ଭାବରେ ବିଚାର କରାଯିବ ।

୩. ଏହି ଛୁଟି ସମୟରେ ଅନ୍ୟ ଏକ ପାଳକଙ୍କୁ ନିଯୋଜିତ କରିବାକୁ ସ୍ଥାନୀୟ ମଣ୍ଡଳୀ D.S.ଙ୍କ ସହିତ ଆଲୋଚନା କରିବେ ।

୪. ଏହିପରି ଛୁଟି ଦିନଗୁଡ଼ିକରେ ପାଳକଙ୍କ ପୂର୍ଣ୍ଣ ବେତନ ଏବଂ ଅନ୍ୟାନ୍ୟ ସାହାଯ୍ୟଗୁଡ଼ିକ ଚାଲୁ ରହିବ । ଅନ୍ୟ କୌଣସି ଯୋଜନା ହେତୁ ଲିଖିତ ଆକାରରେ ପାଳକ, ମଣ୍ଡଳୀ ପରିଷଦର ସମ୍ପାଦକ ଏବଂ D.S.ଙ୍କ ଦସ୍ତଖତ ସହ ଉପସ୍ଥାନ କରିବା ଆବଶ୍ୟକ ।

**୧୧୭.** ଯେଉଁ ମଣ୍ଡଳୀ ୫ ବର୍ଷ ପୂର୍ଣ୍ଣ ହୋଇନାହିଁ କିମ୍ବା ପୂର୍ବ ମଣ୍ଡଳୀର ବାର୍ଷିକ ସଭାରେ ୩୫ଜଣରୁ କମ୍ ମତଦାତା ସଦସ୍ୟ ଅଛନ୍ତି "Appointed Status" ପ୍ରଣାଳୀରେ ଏହାକୁ ଆଗେଇ ନିଆଯିବ । ଏହି ପ୍ରଣାଳୀରେ ମଣ୍ଡଳୀ/ପାଳକଙ୍କ ସମ୍ପର୍କ ତର୍ଜମା / ଉପସ୍ଥିତ ମଣ୍ଡଳୀ ପରିଷଦଙ୍କର ମତଦାନ / D.S.ଙ୍କର ସ୍ୱୀକୃତି/ DABର ସ୍ୱୀକୃତି ଏହି ସମସ୍ତ ରହିବା ଆବଶ୍ୟକ । ଆଗାମୀ ନିୟମିତ ୪ ବର୍ଷ ପାଳକ/ମଣ୍ଡଳୀ ସମ୍ପର୍କର ତର୍ଜମା ହେବ ଅନ୍ତିମ ସ୍ୱୀକୃତିର ଦିବସ ।

**୧୧୮.** ପାଳକର ଆୟୋଜନ ବିଷୟରେ ଯଦି ମଣ୍ଡଳୀ ପରିଷଦ ଏବଂ D.S.ଙ୍କର ବୁଝାମଣା ନ ହେଲା, ତେବେ ଏହି ବିଷୟକୁ ମଣ୍ଡଳୀ ପରିଷଦ କିମ୍ବା D.S., G.S.ଙ୍କର ନିଷ୍ପତ୍ତି ନିମନ୍ତେ G.S.ଙ୍କୁ ଉପସ୍ଥାପନ କରିବେ । ଏହି ନିଷ୍ପତ୍ତିରୁ ମଣ୍ଡଳୀ ପରିଷଦ କିମ୍ବା D.S. Board of General Superitendentଙ୍କୁ ନିବେଦନ କରିବେ । ଏହିପରି ଆବେଦନସବୁ ଖଣ୍ଡନ ହୋଇପାରେ କିମ୍ବା ତର୍କ ହୋଇପାରେ । ଯାହାହେଉ ନା କାହିଁକି G.S. କିମ୍ବା B.G.S. ଲିଖିତ ଆକାରରେ ଦେବେ । ଏହି ଆବେଦନର ଏକ ନକଲ ଖଣ୍ଡନ ହେଉ ବା ତର୍କର ହେଉ D.S. କିମ୍ବା ମଣ୍ଡଳୀ ପରିଷଦ ଅନ୍ୟପକ୍ଷକୁ ପ୍ରେରଣ କରିବେ । ମଣ୍ଡଳୀ ପରିଷଦର ଏହି ଆବେଦନ, ଆବେଦନ ଅନୁଷ୍ଠାନିକ ପ୍ରସ୍ତାବରେ ସଂଲଗ୍ନ ହେବ । ଏଥିରେ ତର୍କ ଏବଂ ମତଦାନ ସମସ୍ତ ଲିଖିତ ହେବ । ଯଦି ସେବକ ତାଙ୍କର ନାମକୁ ଏହି ଆଲୋଚନା ମଧ୍ୟରୁ କାଢ଼ି ନେବାକୁ ଇଚ୍ଛା କରନ୍ତି କିମ୍ବା ପାଳକ ପ୍ରାର୍ଥୀ ଆଲୋଚନାରେ ଅନୁପସ୍ଥିତ ରୁହନ୍ତି ତେବେ ଏହି ପ୍ରକ୍ରିୟାକୁ ତୁରନ୍ତ ସ୍ଥଗିତ କରି D.S. ଏବଂ ମଣ୍ଡଳୀ ପରିଷଦ ପାଳକୀୟ ଆୟୋଜନକୁ ଜାରି ରଖିବେ ।

**୧୧୯.** ଯଦି ପାଳକଙ୍କର ପ୍ରମାଣପତ୍ର ନୂତନୀକରଣ ହୋଇ ନାହିଁ, ତେବେ Dirstirct Assembly ଦ୍ୱାରା ସେହି ପାଳକଙ୍କର ପ୍ରମାଣପତ୍ର ରଦ୍ଦ କରାଯିବ ।

**୧୨୦.** ଏକ ପାଳକୀୟ ଦାୟିତ୍ୱରୁ ଇସ୍ତଫା ଦେବାକୁ ଇଚ୍ଛା କରୁଥିବା ପାଳକମାନେ:

୧. D.S.ଙ୍କ ସହିତ ଆଲୋଚନା କରିବେ;

୨. ପାଳକୀୟ ପଦରୁ ବାହାରିବା ୩୦ ଦିନ ପୂର୍ବରୁ ମଣ୍ଡଳୀ ପରିଷଦକୁ ଇସ୍ତଫା ପତ୍ର ପ୍ରଦାନ କରିବେ ଏବଂ

୩. ଏଥିର ଏକ ନକଲ D.S.ଙ୍କ ନିକଟକୁ ପ୍ରେରଣ କରିବେ ।

ଯେତେବେଳେ ମଣ୍ଡଳୀ ପରିଷଦ ଦ୍ୱାରା ଏହି ଇସ୍ତଫା ପତ୍ର ସଦୃଶ ହେବ ଏବଂ D.S.ଙ୍କ ଦ୍ୱାରା ଲିଖିତ ଭାବରେ ସ୍ୱୀକୃତ ହେବ, ୩୦ ଦିନ ଭିତରେ ସମାପ୍ତର ତାରିଖ ଘୋଷଣା ହେବ ।

**୧୨୦.୧.** ଯେଉଁ ପାଳକ ତାଙ୍କର ଦାୟିତ୍ୱ ସମାପ୍ତ କରିବେ ସେ ମଣ୍ଡଳୀ ପରିଷଦର ସମ୍ପାଦକଙ୍କ ସହିତ ମିଳି ମଣ୍ଡଳୀର ସଦସ୍ୟମାନଙ୍କର ତାଲିକା ଠିକଣା ସହ ସଠିକ୍ ଭାବରେ ପ୍ରସ୍ତୁତ କରିବେ । ଏହି ତାଲିକା ପୂର୍ବ ତାଲିକା ସହ ମେଳ ଖାଉଥିବା ଆବଶ୍ୟକ । ଯଥା: ସେହି ବର୍ଷରେ ଯାହାର ନାମ ତାଲିକାରେ ଯୋଗ କିମ୍ବା ବିୟୋଗ କରାଯାଇଛି, ତାହା ସ୍ପଷ୍ଟ ରୂପେ ଲେଖିବା ଆବଶ୍ୟକ ।

**୧୨୧.** ମଣ୍ଡଳୀ ପରିଷଦର ଅନୁମୋଦନ ଏବଂ D.S.ଙ୍କର ସ୍ୱୀକୃତିରେ ସହଭାଗିତା ସେବା କରିବା ନିମନ୍ତେ ଜଣେ ସହପାଳକ ନିର୍ବାଚିତ କରିପାରିବେ, କିନ୍ତୁ ନିମ୍ନଲିଖିତ ଚୁକ୍ତି ପ୍ରୟୋଗ କରିବା ଆବଶ୍ୟକ ।

୧. ଅଧିକାର ଏବଂ ମିଳିତ ଦାୟିତ୍ୱ ନିମନ୍ତେ ଏକ ଯୋଜନା ବିକାଶ କରିବାକୁ ସହପାଳକ ମଣ୍ଡଳୀ ପରିଷଦ ସହିତ D.S.ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବେ ।

୨. ପାଳକ କାର୍ଯ୍ୟାଳୟରେ ସହପାଳକମାନେ ସମାନ ଅଟନ୍ତି । ଯଦି ଆଇନ୍‌ର ଆବଶ୍ୟକ ହୁଏ, ତେବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ମଣ୍ଡଳୀ ପରିଷଦ ପ୍ରତିଷ୍ଠାନର ସଭାପତି ଭାବରେ ଏବଂ ମଣ୍ଡଳୀ ପରିଷଦର Chairman ଭାବରେ ନାମିତ କରିପାରିବେ ।

୩. ମଣ୍ଡଳୀ / ପାଳକଙ୍କ ସମ୍ପର୍କର ତର୍ଜମା ପ୍ରଣାଳୀ ପରିଚାଳିତ ହେବ ଯେପରି ପାର ୧୨୩-୧୨୩.୭ରେ ବର୍ଣ୍ଣନା କରାଯାଇଛି ।

୪. ଏକ ସ୍ଥାନୀୟ ମଣ୍ଡଳୀ, ଯେଉଁ ମଣ୍ଡଳୀରେ ପାଳକ ନିଯୁକ୍ତ ହୋଇନାହାନ୍ତି ଏବଂ ସେହି ମଣ୍ଡଳୀର ପାଳକ ଦୁଇ ବର୍ଷ ପର୍ଯ୍ୟନ୍ତ ସେବା କରି ଆସୁଛନ୍ତି, ତେବେ ଆଉ ଜଣେ କିମ୍ବା ଅଧୀନ ସହପାଳକ ପାରା ୧୫୫ ଅନୁଯାୟୀ ଯୋଗ କରିପାରିବେ । କୌଣସି ସହପାଳକ ନିଯୁକ୍ତିର ଆବଶ୍ୟକତା ଅଛି କି ନାହିଁ, ଏହା ଉପରେ D.S.ଙ୍କର ସ୍ୱୀକୃତି ଦ୍ୱାରା ଏବଂ ମଣ୍ଡଳୀ ପରିଷଦର ଦୁଇ ତୃତୀୟାଂଶ ଭୋଟ୍ ଓ ମଣ୍ଡଳୀର ଭୋଟ୍ କରିବା ଆବଶ୍ୟକ । ଏକ ସହପାଳକ ସେହି ସ୍ଥାନୀୟ ମଣ୍ଡଳୀରେ ସେବା କରିବା ନିମନ୍ତେ ଦୁଇ ତୃତୀୟାଂଶ ସଦସ୍ୟଙ୍କର ସ୍ୱୀକୃତିର ମତଦାନ ଆବଶ୍ୟକ ।

୫. ଯଦି ଆବଶ୍ୟକ ହୁଏ, ତେବେ ଦୁଇ ତୃତୀୟାଂଶ ମତଦାନ ଗ୍ରହଣ କରାଯିବ, ପ୍ରତ୍ୟେକ ସେବକଙ୍କ ନିମନ୍ତେ ଦୁଇ ବର୍ଷୀୟ କାର୍ଯ୍ୟକାଳ ସେହି ସମାନ ତାରିଖରେ ଆରମ୍ଭ ହେବ । ନିୟମିତ ପାଳକ / ମଣ୍ଡଳୀ ସମ୍ପର୍କର ତର୍ଜମା ପାଳକୀୟ କାର୍ଯ୍ୟ ଆରମ୍ଭର ସହପାଳକଙ୍କ ଦ୍ୱିତୀୟ ବର୍ଷର ୬୦ ଦିନ ମଧ୍ୟରେ ଧାର୍ଯ୍ୟ କରାଯିବ । (୧୧୫, ୧୨୩–୧୨୩.୭) ।

**୧୨୧.୧.** ସହପାଳକଙ୍କ ଇସ୍ତଫାର ୬୦ ଦିନ ମଧ୍ୟରେ D.S. କିମ୍ବା ନିଯୁକ୍ତି ପ୍ରାପ୍ତ ପ୍ରତିନିଧି ମଣ୍ଡଳୀ / ପାଳକ ସମ୍ପର୍କକୁ ନିୟମିତ ଭାବରେ ତର୍ଜମା କରିବେ ଯେପରି ୧୨୩–୧୨୩.୭ରେ ଉଲ୍ଲେଖ ଅଛି । ଯଦି ମଣ୍ଡଳୀ ସହପାଳକଙ୍କ ନିଯୁକ୍ତିକୁ ଆବଶ୍ୟକ ନ କରେ, ତେବେ ଏହା ଉପରେ D.S.ଙ୍କର ସ୍ୱୀକୃତି ଏବଂ ସ୍ଥାନୀୟ ମଣ୍ଡଳୀ ସଦସ୍ୟମାନଙ୍କର ଦୁଇ ତୃତୀୟାଂଶ ମତଦାନ ଆବଶ୍ୟକ ।

## (ଝ) ସ୍ଥାନୀୟ ମଣ୍ଡଳୀ ବା ପାଳକୀୟ ସମ୍ପର୍କ

**୧୨୨.** ପ୍ରତିବର୍ଷ ପାଳକ ଏବଂ ମଣ୍ଡଳୀ ପରିଷଦ ମଣ୍ଡଳୀ ଏବଂ ପାଳକଙ୍କ ସଂକଳ୍ପ ଓ ଲକ୍ଷଣଗୁଡ଼ିକର ନୂତନୀକରଣ କରିବାକୁ ଏକ ଯୋଜନା ଆୟୁକ୍ତ ପରିଚାଳନା

କରିବେ । ମଣ୍ଡଳୀ ଏବଂ ପାଳକ ମଧ୍ୟରେ ଥିବା ଲକ୍ଷ୍ୟଗୁଡ଼ିକ, ଯୋଜନାଗୁଡ଼ିକ ଏବଂ ଅଭିପ୍ରାୟଗୁଡ଼ିକର ଲିଖିତ ବୁଝାମଣାକୁ ଅନୁଧତକରଣ (Updated) କରିବା ଆବଶ୍ୟକ । ଏହି ଲିଖିତ D.S.ଙ୍କଠାରେ ଜମା ରହିବ । (୧୧୫.୨, ୧୨୯.୪) ।

**୧୨୨.୧.** ମଣ୍ଡଳୀଗୁଡ଼ିକ ଏବଂ ପାଳକମାନେ ପରସ୍ପରର ଫଳପ୍ରଦ ବୁଝାମଣା ସ୍ପଷ୍ଟ ଭାବରେ ବ୍ୟକ୍ତ କରିବାକୁ ଆନ୍ତରିକ ଚେଷ୍ଟା କରିବେ ଏବଂ ବାଇବଲରେ ଥିବା ନିୟମଗୁଡ଼ିକ ଅନୁସରଣ କରି ଯେପରି ମାଥିଉ ୧୮:୧୫-୨୦ ଏବଂ ଗାଲାତୀୟ ୬:୧-୫ରେ ଅଛି ମତାନ୍ତର ଦୂର କରିବେ, ମଣ୍ଡଳୀ ମଧ୍ୟରେ ଏକ ଆତ୍ମାରେ ସହଯୋଗ ଏବଂ ପୁନର୍ମିଳନ ରହିବା ।

୧. ବ୍ୟକ୍ତିଗତ ଭାବରେ କିମ୍ବା ସମବେତ ଭାବରେ ମଣ୍ଡଳୀର ସଦସ୍ୟମାନଙ୍କ ପାଳକ କିମ୍ବା ମଣ୍ଡଳୀ ପରିଷଦ ସଦସ୍ୟଙ୍କ ସହିତ ସମ୍ମୁଖାସମ୍ମୁଖୀ ଆଲୋଚନା ସୂତ୍ରରେ ମତାନ୍ତର ଦୂର କରିବା ଉଚିତ । ବ୍ୟକ୍ତିଗତ କିମ୍ବା ସମବେତ ମଣ୍ଡଳୀ ପରିଷଦର ସଦସ୍ୟମାନେ ପାଳକଙ୍କ ସହିତ ସ୍ପଷ୍ଟ ଆଲୋଚନା ଦ୍ୱାରା ମତାନ୍ତରକୁ ଦୂର କରିବାକୁ ଚେଷ୍ଟା କରିବେ ।

୨. ଯଦି ସମ୍ମୁଖାସମ୍ମୁଖୀ ଆଲୋଚନା ଦ୍ୱାରା କୌଣସି ସଫଳତା ନ ହୁଏ, ତେବେ ଏହି ଅଭିଯୋଗ ଜଣେ କିମ୍ବା ଦୁଇଜଣ ମଣ୍ଡଳୀର ଆତ୍ମୀକ ପରିପକ୍ୱ ବ୍ୟକ୍ତି କିମ୍ବା ମଣ୍ଡଳୀ ପରିଷଦ ନିକଟକୁ ନେଇ ମତାନ୍ତରକୁ ଦୂର କରିବା ଆବଶ୍ୟକ ।

୩. ଯେତେବେଳେ ଏହି ଛୋଟ ଦଳର (ମତାନ୍ତରକୁ ଦୂର କରିବା ପାଇଁ ନିଯୋଜିତ ବ୍ୟକ୍ତିଗଣ) ସମ୍ମୁଖାସମ୍ମୁଖୀ ଆଲୋଚନା ଉତ୍ତାରେ ଅସଫଳ ହୁଏ, ତେବେ ଛୋଟ ଦଳ ଏହି ମତାନ୍ତରକୁ ମଣ୍ଡଳୀ ପରିଷଦରେ ଉପସ୍ଥାନ କରିବେ । ମଣ୍ଡଳୀ ଶୃଙ୍ଖଳା ସହିତ କ୍ଷମା, ପ୍ରେମ ଏବଂ ଗ୍ରହଣୀୟ ଆତ୍ମାରେ ଏହି ମତାନ୍ତରକୁ ଦୂର କରିବେ । (୧୨୩, ୧୨୬.୨, ୧୨୯.୧) ।

## (ଞ) ସ୍ଥାନୀୟ ମଣ୍ଡଳୀର ନୂତନୀକରଣ ବା ପାଳକୀୟ ସମ୍ପର୍କ ନୂତନୀକରଣ

**୧୨୩.** ନିୟମିତ ମଣ୍ଡଳୀ / ପାଳକୀୟ ସମ୍ପର୍କର ତର୍ଜମା । ମଣ୍ଡଳୀ / ପାଳକୀୟ ସମ୍ପର୍କର ତର୍ଜମା ପାଳକୀୟ ସେବାକାର୍ଯ୍ୟର ଦ୍ୱିତୀୟ ବର୍ଷର ୬୦ ଦିନ ମଧ୍ୟରେ ଏବଂ ଏହା ଉତ୍ତାରେ ପ୍ରତି ୪ ବର୍ଷରେ, ମଣ୍ଡଳୀ ପରିଷଦ ଦ୍ୱାରା D.S.ଙ୍କ ସହ ଆଲୋଚନା କରି କିମ୍ବା D.S.ଙ୍କ ଦ୍ୱାରା ନିଯୁକ୍ତ ଅଭିଷିକ୍ତ ସେବକ କିମ୍ବା ସାଧାରଣ ସେବକଙ୍କ ଦ୍ୱାରା ନୂତନୀକରଣ କରାଯାଇପାରିବ । ଏହି ତର୍ଜମା ସଭାରେ (Review Meeting) ପାଳକ / ମଣ୍ଡଳୀ ସମ୍ପର୍କର ପ୍ରଶ୍ନ ଉପରେ ଆଲୋଚନା ହେବ ।

**୧୨୩.୧.** D.S. କିମ୍ବା ଅଭିଷିକ୍ତ ସେବକ କିମ୍ବା D.S.ଙ୍କ ଦ୍ୱାରା ସାଧାରଣ ସଦସ୍ୟ, ମଣ୍ଡଳୀ ପରିଷଦଙ୍କ ସହ ତର୍ଜମା ସଭା (Review Meeting) ଆୟୋଜନ କରିବାର ଦାୟୀତ୍ୱ ନେବେ । D.S. ତର୍ଜମା ପ୍ରକୀୟା ସ୍ଥିର କରିବେ । ତର୍ଜମା ସଭାଗୁଡ଼ିକ ପାଳକଙ୍କ ସହିତ ଆଲୋଚନା କରି ସ୍ଥିର କରାଯିବ । ତର୍ଜମା ସଭା ଶାସକ ଗୋଷ୍ଠୀ ସମୟ କାଳରେ (ମଣ୍ଡଳୀ ପରିଷଦ, ପାଳକଙ୍କ ସହ) ହେବା ଉଚିତ । D.S.ଙ୍କର ସତର୍କତାରେ ତର୍ଜମାର ଏକ ଅଂଶ ପାଳକଙ୍କ ଅନୁପସ୍ଥିତିରେ ପରିଚାଳିତ ହେବ । ଯଦି ପାଳକଙ୍କ ପତ୍ନୀ ପରିଷଦର ଜଣେ ନିର୍ବାଚିତ ସଦସ୍ୟ ହୋଇଥାନ୍ତି, ସେ ଏହି ତର୍ଜମାରେ ଭାଗ ନେଇପାରିବେ ନାହିଁ । ଏହା ସହିତ ପାଳକଙ୍କ ନିକଟ ସମ୍ପର୍କୀୟ ମଧ୍ୟ D.S. କିମ୍ବା ନିଯୁକ୍ତ ପ୍ରତିନିଧିଙ୍କର ଅନୁରୋଧରେ ରହିବେ ନାହିଁ ।

**୧୨୩.୨.** ସାଧାରଣରେ କିମ୍ବା ଲିଖିତ ଆକାରରେ ଘୋଷଣା ଦ୍ୱାରା ମଣ୍ଡଳୀକୁ ରବିବାର ପୂର୍ବରୁ ପରିଷଦ ସଭାର ଉଦ୍ଦେଶ୍ୟ ଘୋଷଣା କରିବା ଆବଶ୍ୟକ ଏବଂ D.S. ଓ ମଣ୍ଡଳୀ ପରିଷଦ ମଣ୍ଡଳୀ / ପାଳକ ସମ୍ପର୍କ ତର୍ଜମା ନିମନ୍ତେ ନିୟମିତ ସାକ୍ଷାତ କରିବେ ।

**୧୨୩.୨.** ଯଦି ମଣ୍ଡଳୀ ପରିଷଦ ମଣ୍ଡଳୀକୁ ପାଳକ / ମଣ୍ଡଳୀ ସମ୍ପର୍କ ଉପରେ କୌଣସି ମତଦାନ କରିବାକୁ ଉପସ୍ଥାପନା ନ କରେ, ତେବେ ପାଳକ / ମଣ୍ଡଳୀ ସମ୍ପର୍କ ଚାଲୁ ରହିବ ।

**୧୨୩.୪.** ପାଳକଙ୍କ ଦାୟୀତ୍ୱ ଚାଲୁ ରହୁ ବୋଲି ମଣ୍ଡଳୀ ପରିଷଦ ସଦସ୍ୟଙ୍କଠାରୁ ମତାମତ ଲୋଡ଼ିବା ଆବଶ୍ୟକ । ଏଥିରେ ମଣ୍ଡଳୀ ପରିଷଦ ସଦସ୍ୟଙ୍କର ଦୁଇ ତୃତୀୟାଂଶ ମତ ଆବଶ୍ୟକ ।

**୧୨୩.୫.** ମଣ୍ଡଳୀ / ପାଳକ ସମ୍ପର୍କ ଚାଲୁ ରଖିବାର ପ୍ରଶ୍ନ ଯଦି ମଣ୍ଡଳୀ ପରିଷଦ ମଣ୍ଡଳୀର ସଦସ୍ୟମାନଙ୍କଠାରେ ମତାମତ ରଖେ, ତେବେ ଏହି ବିଷୟଟି ମଣ୍ଡଳୀର ଏକ ବିଶେଷ ସଭା ଡାକି କେବଳ ଏହି ବିଷୟ ଉପସ୍ଥାପନ କରିବ ଏବଂ ଏହାର ୩୦ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ ହେବା ଆବଶ୍ୟକ । ପ୍ରଶ୍ନଟି ଏହିପରି ଉପସ୍ଥାପନା ହେବା ଉଚିତ "କ'ଣ ବର୍ତ୍ତମାନର ପାଳକ / ମଣ୍ଡଳୀ ସମ୍ପର୍କ ଚାଲୁ ରହିବ ?"

**୧୨୩.୬.** ଯଦି ମଣ୍ଡଳୀ ସଦସ୍ୟ ମଣ୍ଡଳୀ / ପାଳକ ସମ୍ପର୍କ ଚାଲୁ ରହିବା ସପକ୍ଷରେ ମତ ଦେବେ, ତେବେ ସମ୍ପର୍କ ଚାଲୁ ରହିବ ଯେମିତି ଏହି ବିଷୟରେ ଭୋଟ୍ ହୋଇ ନାହିଁ । ନ ହେଲେ ଏହା ବିପକ୍ଷରେ ମତ ହେଲେ ମଣ୍ଡଳୀ / ପାଳକ ସମ୍ପର୍କ D.S.ଙ୍କ ଦ୍ୱାରା ସମାପ୍ତ ହେବ । ଅତିକମ୍‌ରେ ୩୦ ଦିନ କିମ୍ୱା ବେଶୀ ହେଲେ ୧୮୦ ଦିନ ଯେଉଁ ଦିନଠାରୁ ଭୋଟ୍ ହୋଇଛି । ଯଦି ପାଳକ ଭୋଟ୍ ଦ୍ୱାରା ଆଗେଇବାକୁ ଇଚ୍ଛା କରନ୍ତି ନାହିଁ କିମ୍ୱା ସଦସ୍ୟମାନଙ୍କର ଭୋଟ୍‌କୁ ମାନିବେ ନାହିଁ, ତେବେ ସେ ଇସ୍ତଫା ଦେବେ । ଏହି କ୍ଷେତ୍ରରେ ମଣ୍ଡଳୀ / ପାଳକ ସମ୍ପର୍କ D.S.ଙ୍କ ଦ୍ୱାରା ସମାପ୍ତ ହେବ । ଅତିକମ୍‌ରେ ୩୦ ଦିନ ଅତି ବେଶୀରେ ୧୮୦ ଦିନ, ଯେଉଁ ଦିନଠାରୁ ଭୋଟ୍ ହୋଇଛି । (୧୨୦) ।

**୧୨୩.୭.** ନିୟମିତ ତର୍ଜମାର ଏକ ଅଂଶ ସ୍ୱରୂପେ, ମିଶନ୍ ସେବାକାର୍ଯ୍ୟରେ, ଦର୍ଶନର ଏବଂ ମଣ୍ଡଳୀ କେନ୍ଦ୍ରୀୟ ମୂଲ୍ୟର ଅଗ୍ରଗତି ଉପରେ ପାଳକ ଏବଂ ମଣ୍ଡଳୀ ପରିଷଦ D.S.ଙ୍କୁ ଏକ ବିବରଣ ଦେବେ ।

**୧୨୪.** ଭୋଟ୍ ଗଣତି କରିବା ସଦସ୍ୟମାନଙ୍କର ସଭାପତି ପାଳକୀୟ ଭୋଟ୍‌ର ଫଳାଫଳକୁ କୌଣସି ସାଧାରଣରେ ଘୋଷଣା କରିବା ପୂର୍ବରୁ ପାଳକଙ୍କୁ ବ୍ୟକ୍ତିଗତ ଭାବରେ ଜଣାଇବେ ।

**୧୨୫.** ବିଶେଷ ମଣ୍ଡଳୀ / ପାଳକ ସମ୍ପର୍କ ତର୍ଜମା । ନିୟମିତ ତର୍ଜମାର ମଧ୍ୟବର୍ତ୍ତୀ କାଳରେ ଏକ ସ୍ଥାନୀୟ ମଣ୍ଡଳୀ ପରିଷଦ ସଭା ପ୍ରଶାସନିକ ଭାବରେ ଏକ ବିଶେଷ ତର୍ଜମାରେ ପରିଣତ ହୁଏ । କେବଳ D.S.ଙ୍କ ସହିତ କିମ୍ବା D.S. ମନୋନୀତ କରିଥିବା ପ୍ରାଚୀନ ଯେ କି ସଭାପତିର ଭୂମିକା ତୁଲାଉଥିବେ ତାଙ୍କ ସହ ସମସ୍ତ ନିର୍ବାଚିନ ମଣ୍ଡଳୀ ପରିଷଦ ସଦସ୍ୟମାନଙ୍କର ବହୁମତ ଭୋଟ୍ ଦ୍ୱାରା ।

**୧୨୫.୧.** D.S. କିମ୍ବା ଅଭିଷିକ୍ତ ସେବକ କିମ୍ବା D.S.ଙ୍କ ଦ୍ୱାରା ସାଧାରଣ ସଦସ୍ୟ, ମଣ୍ଡଳୀ ପରିଷଦଙ୍କ ସହ ତର୍ଜମା ସଭା (Review Meeting) ଆୟୋଜନ କରିବାର ଦାୟୀତ୍ୱ ନେବେ । D.S. ତର୍ଜମା ପ୍ରକୀୟା ସ୍ଥିର କରିବେ । ତର୍ଜମା ସଭାଗୁଡ଼ିକ ପାଳକଙ୍କ ସହିତ ଆଲୋଚନା କରି ସ୍ଥିର କରାଯିବ । ତର୍ଜମା ସଭା ଶାସକ ଗୋଷ୍ଠୀ ସମୟ କାଳରେ (ମଣ୍ଡଳୀ ପରିଷଦ, ପାଳକଙ୍କ ସହ) ହେବା ଉଚିତ । D.S.ଙ୍କର ସତର୍କତାରେ ତର୍ଜମାର ଏକ ଅଂଶ ପାଳକଙ୍କ ଅନୁପସ୍ଥିତିରେ ପରିଚାଳିତ ହେବ । ଯଦି ପାଳକଙ୍କ ପତ୍ନୀ ପରିଷଦର ଜଣେ ନିର୍ବାଚିତ ସଦସ୍ୟ ହୋଇଥାନ୍ତି, ସେ ଏହି ତର୍ଜମାରେ ଭାଗ ନେଇପାରିବେ ନାହିଁ । ଏହା ସହିତ ପାଳକଙ୍କ ନିକଟ ସମ୍ପର୍କୀୟ ମଧ୍ୟ D.S. କିମ୍ବା ନିଯୁକ୍ତ ପ୍ରତିନିଧିଙ୍କର ଅନୁରୋଧରେ ରହିବେ ନାହିଁ ।

**୧୨୫.୨.** D.S. ଏବଂ ସ୍ଥାନୀୟ ମଣ୍ଡଳୀ ପରିଷଦ ମତ ଦିଅନ୍ତି ଯେ ପାଳକ / ମଣ୍ଡଳୀ ସମ୍ପର୍କର ପ୍ରଶ୍ନ ମଣ୍ଡଳୀକୁ ପ୍ରଦାନ କରିବା ଉଚିତ, ତେବେ ଏବଂ ସ୍ଥାନୀୟ

ମଣ୍ଡଳୀ ପରିଷଦ ଉପସ୍ଥିତ ଏହାର ସମସ୍ତ ସଦସ୍ୟଙ୍କର ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ଉପସ୍ଥାପନ କରାଯିବ । ଏହିପରି ଭାବରେ ପ୍ରଶ୍ନ ଉପସ୍ଥାପନ କରାଯିବ "କ'ଣ ପାଳକ / ମଣ୍ଡଳୀ ସମ୍ପର୍କ ଚାଲୁ ରହିବ ?"

**୧୨୫.୩.** ଯଦି ଦୁଇ ତୃତୀୟାଂଶ ସଦସ୍ୟ (ଯେଉଁମାନଙ୍କ ଭୋଟ୍ ଦେବାର ବୟସ)ମାନେ "ପାଳକ / ମଣ୍ଡଳୀ ସମ୍ପର୍କ ଚାଲୁ ରହୁ" ସପକ୍ଷରେ ଭୋଟ୍ ଦେବେ, ତେବେ ପାଳକୀୟ କାର୍ଯ୍ୟ ଚାଲୁ ରହିବ ଯେପରି କୌଣସି ଭୋଟ୍ ହୋଇ ନ ଥିଲା (ବା ଭୋଟ୍‌ର ପୂର୍ବାବସ୍ଥା) ।

**୧୨୫.୪.** ବର୍ତ୍ତମାନର ପାଳକ / ମଣ୍ଡଳୀ ସମ୍ପର୍କ ଚାଲୁ ରହୁ ବୋଲି ଯେଉଁ ଭୋଟ୍ ହୁଏ ଏବଂ ମଣ୍ଡଳୀ ସେହି ପରିମାଣର ଭୋଟ୍‌ରେ ନିଷ୍ପତ୍ତି ନେବାରେ ଅସଫଳ ହୁଏ, ତେବେ ଭୋଟ୍ ହେବାର ୧୮୦ ଦିନ ମଧ୍ୟରେ D.S.ଙ୍କ ଦ୍ୱାରା ପାଳକ ବହିଷ୍କୃତ ହେବେ ।

**୧୨୫.୫.** ଯଦି ପାଳକ ମଣ୍ଡଳୀର ଭୋଟ୍‌ରେ ଆଗେଇବାକୁ ଇଚ୍ଛା କରନ୍ତି କିମ୍ବା ମତଦାନକୁ ଗ୍ରହଣ ନ କରିବାକୁ ମନସ୍ଥ କରନ୍ତି, ତେବେ ସେ ତାଙ୍କର ଇସ୍ତଫା ସମର୍ପଣ କରିବେ । ଏହି ପରିପ୍ରେକ୍ଷୀରେ ଅତିକମ୍‌ରେ ୩୦ ଦିନ କିମ୍ବା ବେଶୀ ହେଲେ ୧୮୦ ଦିନ ମଧ୍ୟରେ ପାଳକ ମଣ୍ଡଳୀର ଭୋଟ୍‌ରେ ଯିବାକୁ ଚାହୁଁ ନାହାନ୍ତି ଏହି ଭାବରେ ଲେଖି D.S.ଙ୍କ ଦ୍ୱାରା ସେହିଦିନଠାରୁ ପାଳକ / ମଣ୍ଡଳୀ ସମ୍ପର୍କ ସମାପ୍ତ ହେବ । (୧୧୩.୮, ୧୨୩-୧୨୪)

**୧୨୬.** ସ୍ଥାନୀୟ ମଣ୍ଡଳୀର ସଙ୍କଟ ସମୟ । ସଙ୍କଟ ସମୟ ଦିଗକୁ ମଣ୍ଡଳୀ ଆଗଉଛି ବୋଲି ଜାଣିବା ଉତ୍ତାରେ D.A.Bର ସ୍ୱୀକୃତିରେ D.S. ପରିସ୍ଥିତିକୁ ତର୍ଜମା କରିବାକୁ ଏକ ଜୁରି ସମିତି ଗଠନ କରିବାକୁ ଅଧିକାର ପ୍ରାପ୍ତ ହେବେ । ଏହି ସମିତିରେ D.S. ସଭାପତି ଭାବରେ ଦୁଇଜଣ ଦାୟିତ୍ୱ ପ୍ରାପ୍ତ ହୋଇଥିବା ଅଭିଷିକ୍ତ ସେବକ ଏବଂ D.A.Bରେ ଥିବା ଦୁଇଜଣ ସାଧାରଣ ସଦସ୍ୟ ରହିବେ । (୨୧୧.୩)

**୧୨୬.୧.** ଯେତେବେଳେ D.S. ଏବଂ D.A.B. ମତାମତ ଦିଅନ୍ତି ଯେ ଏକ ସ୍ଥାନୀୟ ମଣ୍ଡଳୀ ସଙ୍କଟରେ ଅଛି (ଆର୍ଥିକ, ନୈତିକ କିମ୍ବା ଅନ୍ୟ କୌଣସି) ଏବଂ ଏହି ସଙ୍କଟ ମଣ୍ଡଳୀର ସ୍ଥିରତାକୁ ପ୍ରଭାବିତ କରିବ ତେବେ (କ) ମଣ୍ଡଳୀ/ପାଳକର ସମ୍ପର୍କର ପ୍ରଶ୍ନ D.S.ଙ୍କ ଦ୍ୱାରା କିମ୍ବା D.S.ଙ୍କ ଦ୍ୱାରା ନିଯୁକ୍ତ ଜଣେ D.A.B. ସଦସ୍ୟଙ୍କ ଦ୍ୱାରା ସ୍ଥାନୀୟ ମଣ୍ଡଳୀକୁ ସମର୍ପଣ କରାଯିବ ଯେପରି ପାରା **୧୨୩-୧୨୩.୭**ରେ ଥିବା ନିୟମ ଅନୁଯାୟୀ ମଣ୍ଡଳୀ ପରିଷଦ ଭୋଟ୍‌ର ଆବେଦନ କରୁଛନ୍ତି କିମ୍ବା (ଖ) ଜଣେ ପାଳକର କିମ୍ବା ମଣ୍ଡଳୀ ପରିଷଦର ଅଧିକାରର ସମୟକାଳ G.S.ଙ୍କର ସ୍ୱୀକୃତି ସହିତ ଏବଂ D.A.B.ର ବହୁମତ ଭୋଟ୍ ଦ୍ୱାରା ସମାପ୍ତ ହେବ । D.A.B.ର ସ୍ୱୀକୃତ ଦ୍ୱାରା D.S., ଯେକୌଣସି ମଣ୍ଡଳୀ ସଙ୍କଟ ସମୟରେ ଅଛି ବୋଲି ଘୋଷଣା ହୋଇଛି, ସେହି ମଣ୍ଡଳୀର ପରିଷଦର ସଦସ୍ୟମାନଙ୍କୁ ନିଯୁକ୍ତ କରିବେ । ୩୦ ଦିନ ମଧ୍ୟରେ D.A.B. କାର୍ଯ୍ୟାନୁଷ୍ଠାନର ବିବରଣୀ G.S.ଙ୍କ ନିକଟକୁ ପ୍ରେରଣ କରାଯିବ ।

**୧୨୬.୨.** D.S.ଙ୍କର ମତରେ ଗୋଟେ ମଣ୍ଡଳୀ ସଙ୍କଟରେ ଏବଂ ୧୨୬.୧ ଅନୁଯାୟୀ ଘୋଷଣା ହେବା ଉତ୍ତାରେ ଯଦି ସ୍ୱାଭାବିକ ପରିସ୍ଥିତିକୁ ପରିବର୍ତ୍ତନ ଦେଲା, ତେବେ DABର ବହୁମତ ଭୋଟ୍ ଦ୍ୱାରା ସେହି ମଣ୍ଡଳୀ ସଙ୍କଟରୁ ମୁକ୍ତ ହେଲା ବୋଲି ଘୋଷଣା ହେବ ଏବଂ ୩୦ ଦିନ ମଧ୍ୟରେ DAB, G.S.ଙ୍କୁ ଜଣାଇବ । (୨୧୧.୪)

## (ଟ) ସ୍ଥାନୀୟ ମଣ୍ଡଳୀ ପରିଷଦ

**୧୨୭.** ସଦସ୍ୟତା - ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ ମଣ୍ଡଳୀ ପରିଷଦ ହେବା ଉଚିତ ଏବଂ ଏଥିରେ ପାଳକ, SDMI ସଭାପତି, NYI ସଭାପତି, NMI ସଭାପତି ଏବଂ ତତ୍ତ୍ୱାବଧାନକାରୀ ଏବଂ ଅଭିଭାବକମାନେ ସଦସ୍ୟ ରହିବେ ଏବଂ ଏହା ସହିତ ନିର୍ବାଚିତ SDMI ସଦସ୍ୟମାନେ ଶିକ୍ଷା ସମିତି ଭାବରେ ଯୋଗ

ଦେବେ । ଯଦି ପାଳକଙ୍କ ପତ୍ନୀ NMI ସଭାପତି ହୋଇଥିବେ ଏବଂ ଯଦି ସେ ପରିଷଦରେ ସେବା କରିବାକୁ ଇଚ୍ଛା ନ କରିବେ, ତେବେ ଉପ ସଭାପତି ସେବା କରିବେ । ଯଦି ପାଳକଙ୍କ ପତ୍ନୀ ସଭାପତି ହୋଇଥିବେ ଏବଂ ପରିଷଦରେ ସେବା କରିବାକୁ ଇଚ୍ଛା କରିବେ, ତେବେ ସେ ମଣ୍ଡଳୀ / ପାଳକ ସମ୍ପର୍କ ତର୍ଜମାରେ ଭାଗ ନେଇପାରିବେ ନାହିଁ ।

ମଣ୍ଡଳୀ ପରିଷଦର ନିୟମିତ ସଦସ୍ୟଙ୍କ ସଂଖ୍ୟା ୨୫ ଜଣ ହେବା ଆବଶ୍ୟକ । ଅଭିଷିକ୍ତ ପ୍ରମାଣପତ୍ରଧାରୀ ଏବଂ ମଣ୍ଡଳୀର ବେତନଭୋଗୀମାନେ ଏହି ପରିଷଦର ସଦସ୍ୟ ହୋଇପାରିବେ ନାହିଁ । ମଣ୍ଡଳୀ ପରିଷଦର ଏବଂ ପାଳକଙ୍କର ସ୍ୱୀକୃତି କ୍ରମେ ଯେଉଁମାନେ ଛାତ୍ର ଏବଂ ନାଜରିନ୍ ଅନୁଷ୍ଠାନରେ ଉଚ୍ଚ ଶିକ୍ଷା କରୁଅଛନ୍ତି ସେମାନଙ୍କୁ ଦାୟିତ୍ୱବିହୀନ ସେବକ ପ୍ରଣାଳୀପତ୍ର ପ୍ରଦାନ କରାଯିବ । ସେମାନେ District Assemblyକୁ ସଦସ୍ୟ ପ୍ରେରଣରେ ଏବଂ ପାଳକ ପ୍ରମାଣପତ୍ର ନୂତନୀକରଣରେ ଅନୁମୋଦନ କରିବେ ନାହିଁ ।

ଆମେ ଆମର ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ନିର୍ଦ୍ଦେଶ ଦେଇ ଯେପରି ସେମାନେ ଏପରି ସଦସ୍ୟ ଚୟନ କରିବେ ଯେଉଁମାନେ ସଂପୂର୍ଣ୍ଣ ପବିତ୍ରତାର ଅଭିଜ୍ଞତା ପ୍ରକାଶ କରୁଥିବେ, ଏକ ପବିତ୍ର ଜୀବନ ପ୍ରତି ଆହ୍ୱାନ, ସାଧାରଣରେ ଈଶ୍ୱରଙ୍କ ସାକ୍ଷ୍ୟବହନ, ଯେଉଁମାନେ ନାଜରିନ୍ ମଣ୍ଡଳୀର ମତ, ସିଦ୍ଧାନ୍ତ ଏବଂ ଅଭ୍ୟାସ ସହମତ ହେଉଥିବେ ଏବଂ ଯେଉଁମାନେ ସ୍ଥାନୀୟ ମଣ୍ଡଳୀରେ ବିଶ୍ୱସ୍ତ ଭାବରେ ଯୋଗ ଦେଇ ଦାନ ଏବଂ ଦଶମାଂଶରେ ଭାଗ ନେଉଥିବେ ଏବଂ "ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା"ରେ ସଂପୂର୍ଣ୍ଣ ନିୟୋଜିତ ହେବେ । (୩୩, ୧୧୩.୧୧, ୧୩୭, ୧୪୧, ୧୪୫–୧୫୭, ୧୫୨.୨, ୧୫୯.୪)।

**୧୨୭.୧.** ଯେତେବେଳେ ପାଳକଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ ଏକ ସ୍ଥାନୀୟ ମଣ୍ଡଳୀର ବାର୍ଷିକ ସଭା ହୁଏ, ତେବେ ସ୍ଥାନୀୟ ପ୍ରସ୍ତାବ କରିବା ସମିତି, D.S.ଙ୍କର ଅଧ୍ୟକ୍ଷତାରେ, ବାର୍ଷିକ ସଭାର ୩୦ ଦିନ ପୂର୍ବରୁ ସମବେତ ମଣ୍ଡଳୀକୁ ଏହି ପ୍ରସ୍ତାବ ଉପସ୍ଥାପନ କରିବ ଯେ ଆଗାମୀ ବର୍ଷ ପାଇଁ ବର୍ତ୍ତମାନର ମଣ୍ଡଳୀ ପରିଷଦ ଅପରିବର୍ତ୍ତିତ ରହିବ । ଏହି ପ୍ରସ୍ତାବକୁ ଉପସ୍ଥିତ ମଣ୍ଡଳୀ ସଦସ୍ୟଙ୍କ ବହୁମତ ଭୋଟ୍

ଦ୍ୱାରା ଗ୍ରହଣ କରାଯିବ । ଯଦି ଏହି ପ୍ରସ୍ତାବ ଗ୍ରହଣ କରିବାରେ ଅସଫଳ ହୁଏ, ତେବେ ମଣ୍ଡଳୀ ପରିଷଦ ଯେପରି କରି ଆସୁଅଛନ୍ତି, ସେହିପରି ବାର୍ଷିକ ସଭା ଦ୍ୱାରା ନିର୍ବାଚିତ କରିବେ ।

**୧୨୮.** ସଭାଗୁଡ଼ିକ – ମଣ୍ଡଳୀ ବର୍ଷର ପ୍ରାରମ୍ଭରେ ମଣ୍ଡଳୀ ପରିଷଦର କାର୍ଯ୍ୟାଳୟ ଆରମ୍ଭ ହେବ ଏବଂ ପ୍ରତି ଦୁଇ ମାସରେ ଥରେ ସଭା କରିବା ଆବଶ୍ୟକ ଏବଂ ଯେତେବେଳେ ପାଳକ କିମ୍ବା D.S. ପ୍ରୟୋଜନ ମନେ କରିବେ ବିଶେଷ ସଭା ଆହ୍ୱାନ କରିପାରିବେ । ଯେଉଁ ସ୍ଥାନରେ ପାଳକ ନାହାନ୍ତି ମଣ୍ଡଳୀ ପରିଷଦ ସମ୍ପାଦକ D.S. କିମ୍ବା ପାଳକଙ୍କ ସ୍ୱୀକୃତିରେ ବିଶେଷ ସଭା ଆହ୍ୱାନ କରିପାରିବେ । ମଣ୍ଡଳୀ ପରିଷଦର ସଭା ଏହା ସହିତ ଭୋଟିଂ ବିଦ୍ୟୁତ୍-ଅଣୁ ବିଜ୍ଞାନ ସାହାଯ୍ୟ (Electronically)ରେ ପରିଚାଳିତ ହେବ । (୧୨୯.୧୯-୧୩୦)

**୧୨୯.** ମଣ୍ଡଳୀ ପରିଷଦର କାର୍ଯ୍ୟକ୍ରମ ଏହିପରି ରହିବ:

**୧୨୯.୧.** ପାଳକଙ୍କ ସହ ମିଳିତ ହୋଇ ମଣ୍ଡଳୀର ଉନ୍ନତି ପାଇଁ ଯତ୍ନ କରିବା । (୧୫୫, ୫୧୮)

**୧୨୯.୨.** D.S.ଙ୍କ ସହ ଆଲୋଚନା କରି ଯେକୌଣସି ପ୍ରାଚୀନ କିମ୍ବା ପ୍ରମାଣପତ୍ରଧାରୀଙ୍କୁ ପାଳକ ନିମନ୍ତେ ମନୋନୟନ କରିବା । (୧୫୯.୮, ୨୧୧.୧୦, ୨୨୫.୧୬) ।

**୧୨୯.୩.** ନୂତନ ଭାବରେ ଆସିଥିବା ପାଳକଙ୍କ ସହିତ ସହଯୋଗରେ ଲିଖିତ ଭାବରେ ଥିବା ମଣ୍ଡଳୀର ଲକ୍ଷ୍ୟ ଏବଂ ବିକାଶ ଉପରେ କାର୍ଯ୍ୟ କରିବା । (୧୧୫.୨) ।

**୧୨୯.୪.** ପାଳକଙ୍କ ସହିତ ମିଶି ଅତିକମ୍‌ରେ ବର୍ଷରେ ଥରେ ମଣ୍ଡଳୀର ଲକ୍ଷ୍ୟ, ଯୋଜନା ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିବେ । (୧୨୨) ।

**୧୨୯.୫.** ଯେପର୍ଯ୍ୟନ୍ତ ମଣ୍ଡଳୀ ଦ୍ୱାରା ପାଳକ ନିୟମିତ ହୋଇନାହାନ୍ତି ସେପର୍ଯ୍ୟନ୍ତ D.S.ଙ୍କର ସ୍ୱୀକୃତିରେ ପାଳକୀୟ ଆୟୋଜନ ଯୋଗାଇବେ । (୨୧୨, ୫୨୪) ।

**୧୨୯.୬.** ମଣ୍ଡଳୀ, NMI, NYI, SDMIର ବାର୍ଷିକ ଆୟବ୍ୟୟର ଆକଳନ କରି ବିକାଶ କରିବେ ।

**୧୨୯.୭.** ପରିଷଦର ଏକ ସମିତିକୁ ଦାୟୀତ୍ୱ ଦେବ ଯାହାର ଦାୟୀତ୍ୱ: (କ) ମଣ୍ଡଳୀ ବଜେଟ୍‌କୁ ପରିଚାଳନା / ଦେଖାଶୁଣା କରିବ । (ଖ) ପରିଷଦକୁ ମଣ୍ଡଳୀର ଆର୍ଥିକ ସ୍ଥିତି ଜଣାଇବ ।

**୧୨୯.୮.** ପାଳକଙ୍କ ବେତନ, ପ୍ରାପ୍ୟ, ଅବସରକାଳୀନ ଭତ୍ତାର ମୂଲ୍ୟ ସ୍ଥିର କରି ଅତିକମ୍‌ରେ ବର୍ଷରେ ଥରେ ଏହା ଉପରେ ତର୍ଜମା କରିବେ । (୩୨.୩, ୧୧୫.୪, ୧୧୫.୬, ୧୨୩-୧୨୩.୭) ।

**୧୨୯.୯.** ପାଳକ ଏବଂ ଅନ୍ୟମାନଙ୍କ ପାଇଁ ଯେଉଁମାନେ ମଣ୍ଡଳୀ ଦ୍ୱାରା ବେତନ ପ୍ରାପ୍ତ, ସେମାନଙ୍କ ବେତନ ନିମନ୍ତେ ଉପାୟ ଯୋଗାଇବେ । (୧୧୫.୪)

**୧୨୯.୧୦.** ପାଳକଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ପାଳକୀୟ ସେବାକାର୍ଯ୍ୟର ସ୍ଥିରତା ପାଇଁ ଓ ପାଳକଙ୍କ ଦୃଢ଼ ଆତ୍ମିକ ଜୀବନ ପାଇଁ ମଣ୍ଡଳୀ ପରିଷଦ D.S.ଙ୍କ ସହିତ ଆଲୋଚନା କରି ପାଳକଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଛୁଟି ମଞ୍ଜୁର କରିବ ଏବଂ ଏହା ଗୋଟେ ମଣ୍ଡଳୀକୁ ନିୟମିତ ସେବା କରିବାର **୭** ବର୍ଷରେ ଥରେ ହେବ । ଏହି ଛୁଟିର ସମୟ ସୀମା ପାଳକ, ପରିଷଦ ଏବଂ D.S. ମିଳିତ ହୋଇ ବିଚାର କରିବେ । ଏହି ଛୁଟି ସମୟରେ ଆମେ ଅନୁରୋଧ କରୁ ଯେ ପାଳକଙ୍କ ବେତନ ପୂର୍ଣ୍ଣ ଆକାରରେ ମିଳିବା ଆବଶ୍ୟକ ଏବଂ ମଣ୍ଡଳୀ ପରିଷଦ ଏହି ଛୁଟି ସମୟରେ ପୁଲ୍‌ପିଟ୍ ସମ୍ବନ୍ଧୀୟ ସମସ୍ତ ଆୟୋଜନ କରିବେ ।

**୧୨୯.୧୧.** ମଣ୍ଡଳୀ ପରିଷଦ ଜଣେ ପ୍ରଚାରକଙ୍କୁ ମଣ୍ଡଳୀରେ ଦାୟିତ୍ୱ ଦେବା ସମୟରେ ତାଙ୍କର ବାସଗୃହ ଭତ୍ତା, ବେତନ ତାହାଙ୍କୁ ଲିଖିତ ଆକାରରେ ଜଣାଇ ଦେବା ଆବଶ୍ୟକ ।

**୧୨୯.୧୨.** ପାଳକଙ୍କ ଦ୍ୱାରା (କ) ସ୍ଥାନୀୟ ସେବକ କିମ୍ବା (ଖ) ସାଧାରଣ ସେବକ ନିମନ୍ତେ ଯେଉଁ ବ୍ୟକ୍ତିମାନେ ଅନୁମୋଦିତ ହୋଇଅଛନ୍ତି ସେମାନଙ୍କର ପ୍ରମାଣପତ୍ର କିମ୍ୱା ପ୍ରମାଣ ପତ୍ରର ନୂତନୀକରଣ କରିବାକୁ ସତର୍କତା ଅବଲମ୍ବନ କରିବେ । (୫୦୩.୩-୫୦୩.୫, ୫୩୧.୧-୫୩୧.୩, ୮୧୩)

**୧୨୯.୧୩.** ଯେକୌଣସି ବ୍ୟକ୍ତି ସୁସମାଚାରକାରୀ ସେବାକାର୍ଯ୍ୟ ନିମନ୍ତେ ଏକ ପ୍ରମାଣପତ୍ର ଗ୍ରହଣ କରିବାକୁ ଇଚ୍ଛା କରୁଥିବ, ପାଳକଙ୍କ ଅନୁମୋଦନ ଦ୍ୱାରା ସେହି ବ୍ୟକ୍ତିକୁ District Assembly ନିମନ୍ତେ ସ୍ୱୀକୃତି ପ୍ରଦାନ କରିବେ ।

**୧୨୯.୧୪.** ଯେକୌଣସି ବ୍ୟକ୍ତି ସେବକ ପ୍ରମାଣ ପତ୍ରକୁ ନୂତନୀକରଣ କରିବାକୁ ଇଚ୍ଛା କରୁଥିବ, ପାଳକଙ୍କ ଅନୁମୋଦନ ଦ୍ୱାରା ସାବଧାନ ଅବଲମ୍ବନ କରି ସେହି ବ୍ୟକ୍ତିକୁ District Assemblyକୁ ସ୍ୱୀକୃତି ପ୍ରଦାନ କରିବେ । (୫୩୧.୫, ୫୩୨.୧)

**୧୨୯.୧୫.** ପାରା ୫୦୮ ଅନୁଯାୟୀ ଦିକନମାନଙ୍କର ପ୍ରମାଣପତ୍ର ନୂତନୀକରଣ କରିବାକୁ ପାଳକଙ୍କ ଦ୍ୱାରା ଅନୁମୋଦିତ ହୋଇ District Assemblyକୁ ସାବଧାନତା ଅବଲମ୍ବନ କରି ସ୍ୱୀକୃତି ପ୍ରଦାନ କରିବେ ।

**୧୨୯.୧୬.** ଯୁବାମାନଙ୍କ ସେବାକାର୍ଯ୍ୟର ଜଣେ ପରିଚାଳକ ଏବଂ ଶିଶୁମାନଙ୍କ ସେବାକାର୍ଯ୍ୟର ଜଣେ ପରିଚାଳକ ପାଳକଙ୍କ ଅନୁମୋଦନରେ SDMI ପ୍ରସ୍ତାବ ଉପରେ ନିର୍ବାଚିତ ହେବେ । (୧୪୫.୬)

**୧୨୯.୧୭.** ଯେପରି NYI ସମ୍ବିଧାନରେ ଉଲ୍ଲେଖ ଅଛି ସ୍ଥାନୀୟ ମଣ୍ଡଳୀର NYI ଦ୍ୱାରା ନିର୍ବାଚିତ ସଭାପତିକୁ ସ୍ୱୀକୃତି ପ୍ରଦାନ କରିବ ।

**୧୨୯.୧୮.** Nazarene Child Care / Schoolsର ପ୍ରଶାସନର ଚୟନକୁ ସ୍ୱୀକୃତି ପ୍ରଦାନ କରିବ । (୧୫୧, ୧୫୯.୧, ୨୧୧.୧୩, ୫୧୬.୧୦)

**୧୨୯.୧୯.** ଯେପରି ପାରା ୩୩ରେ ବର୍ଣ୍ଣନା କରାଯାଇଛି ମଣ୍ଡଳୀ କାର୍ଯ୍ୟକାରୀ ନିମନ୍ତେ ମଣ୍ଡଳୀ ସଦସ୍ୟମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟତାଗୁଡ଼ିକ ମେଣ୍ଟାଉଥିବେ, ତାକୁ ସମ୍ପାଦକ ରୂପେ ନିର୍ବାଚିତ ହେବେ । ଏହି ନିର୍ବାଚନ ନୂତନ ପରିଷଦର ପ୍ରଥମ ସଭାରେ ହେବ । ସେହି ବ୍ୟକ୍ତି ମଣ୍ଡଳୀ ବର୍ଷର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ଏବଂ ଯେପର୍ଯ୍ୟନ୍ତ ନୂତନ କର୍ମକର୍ତ୍ତା ନିର୍ବାଚିତ ନ ହୋଇଛନ୍ତି । (୩୩, ୧୧୩.୬–୧୧୩.୮, ୧୧୩.୧୧, ୧୨୮, ୧୩୫.୧–୧୩୫.୭) ।

**୧୨୯.୨୦.** ଯେପରି ପାରା ୩୩ରେ ବର୍ଣ୍ଣନା କରାଯାଇଅଛି ମଣ୍ଡଳୀ କୋଷାଧ୍ୟକ୍ଷ ନିମନ୍ତେ ମଣ୍ଡଳୀ ସଦସ୍ୟମାନଙ୍କ ମଧ୍ୟରୁ ଯେ ଯୋଗ୍ୟତାଗୁଡ଼ିକ ପୂର୍ଣ୍ଣ କରୁଥିବ ତାକୁ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ କରିବେ । ଏହି ନିର୍ବାଚନ ନୂତନ ପରିଷଦର ପ୍ରଥମ ସଭାରେ ହେବ । ସେହି ବ୍ୟକ୍ତି ମଣ୍ଡଳୀ ବର୍ଷର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ଯେପର୍ଯ୍ୟନ୍ତ ନୂତନ କୋଷାଧ୍ୟକ୍ଷ ନିର୍ବାଚିତ ନ ହୋଇଛନ୍ତି । ପାଳକଙ୍କ କୌଣସି ନିକଟ ସମ୍ପର୍କୀୟ D.S. କିମ୍ୱା DABର ଅନୁମୋଦନ ବିନା କୋଷାଧ୍ୟକ୍ଷ ହୋଇପାରିବେ ନାହିଁ । (୩୩, ୧୧୩.୭–୧୧୩.୮, ୧୧୩.୧୧, ୧୨୮, ୧୩୬.୧–୧୩୬.୬) ।

**୧୨୯.୨୧.** ମଣ୍ଡଳୀ ଦ୍ୱାରା ଅର୍ଥ ଗ୍ରହଣ ଏବଂ ପ୍ରଦାନ ସମର ହିସାବ ଯତ୍ନ ସହକାରେ ରଖିବେ ଏପରିକି Child Care / Schools, NMI, NYI, SDMIର ହିସାବ ରଖିବେ ଏବଂ ମଣ୍ଡଳୀର ମାସିକିଆ ସଭାରେ ଏବଂ ବାର୍ଷିକ ସଭାରେ ଏହାର ବିବରଣୀ ଉପସ୍ଥାପନ କରିବେ । (୧୩୬.୩–୧୩୬.୫) ।

**୧୨୯.୨୨.** ଦୁଇ ଜଣିଆ ଏକ ସମିତି ଗଠନ କରିବେ ଯେଉଁମାନେ ମଣ୍ଡଳୀ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ ଟଙ୍କାର ଗଣତି ଏବଂ ହିସାବ ରଖିବେ ।

**୧୨୯.୨୩.** ଏକ ହିସାବ ସମୀକ୍ଷା ସମିତି ଗଠନ କରିବ କିମ୍ବା ଏକ ଯୋଗ୍ୟ ବ୍ୟକ୍ତି ଯେ କି ହିସାବ ସମୀକ୍ଷା କରିବେ । ବର୍ଷରେ ଥରେ ମଣ୍ଡଳୀର କୋଷାଧ୍ୟକ୍ଷଙ୍କ ବିବରଣୀକୁ ଏବଂ NYI, SDMI, NAZARENE CHILD CARE କିମ୍ବା ମଣ୍ଡଳୀର ଯେକୌଣସି ହିସାବର ବିବରଣକୁ ସମୀକ୍ଷା କରିବେ । ସ୍ଥାନୀୟ ମଣ୍ଡଳୀର ସମସ୍ତ ନଥିପତ୍ର ପାଳକଙ୍କ ନିକଟରେ ରହିବା ଆବଶ୍ୟକ ।

**୧୨୯.୨୪.** ତିନିଜଣିଆ ଏକ ପ୍ରଚାରକ ସମିତି ଏବଂ ମଣ୍ଡଳୀ ସଦସ୍ୟ ସମିତି ଯୋଗାଇବେ । (୧୧୦)

**୧୨୯.୨୫.** ଯେଉଁ ମଣ୍ଡଳୀରେ ୨୫ ଜଣ ସଦସ୍ୟଠାରୁ ବେଶୀ ନ ଥିବେ ଯଦି ପରାମର୍ଶ ମିଳେ, ତେବେ ସେହି ମଣ୍ଡଳୀରେ SDMI ପରିଷଦ ଭାବରେ କାର୍ଯ୍ୟ କରିପାରିବ । (୧୪୫)

**୧୨୯.୨୬.** ଏକ ପାଞ୍ଚଜଣିଆ ବିଚାରକ ସମିତି ଗଠନ କରିବେ । ଯଦି ଜଣେ ମଣ୍ଡଳୀ ସଦସ୍ୟଙ୍କର ଲିଖିତ ଅଭିଯୋଗ ଅମୀମାଂସିତ ରହିଯାଇଥାଏ । (୬୦୫)

**୧୨୯.୨୭.** D.S.ଙ୍କର ଲିଖିତ ସ୍ୱୀକୃତି ଦ୍ୱାରା ଏବଂ ପାଳକଙ୍କ ଅନୁମୋଦନ ଦ୍ୱାରା ବେତନଭୋଗୀ ସହକର୍ମୀମାନଙ୍କୁ ମଣ୍ଡଳୀ ଯେପରି ନିର୍ଦ୍ଦିଷ୍ଟ ପଦବୀ ଦେବ, ସେଥିପାଇଁ ନିର୍ବାଚନ କରିବ । (୧୫୧, ୧୫୯, ୧୫୯.୧, ୨୧୧.୧୩) ।

**୧୨୯.୨୮.** ଯଦି D.S.ଙ୍କ ଦ୍ୱାରା ଲିଖିତ ଭାବରେ ବାର୍ଷିକ ଏକ ଅବୈତନିକ ସହପାଳକଙ୍କୁ ନିର୍ବାଚନ କରାଯାଏ, ତେବେ ନିର୍ବାଚିତ କରିବେ । (୧୧୫.୬)

**୧୨୯.୨୯.** ପାଳକଙ୍କ ସହିତ ପଦ ବଦଳରେ ପ୍ରାପ୍ତ ସଭାପତି ଭାବରେ ମଣ୍ଡଳୀ ନିମନ୍ତେ ଏକ ଦୂର ଯୋଜନା ସମିତି ଯୋଗାଇବ ।

**୧୨୯.୩୦.** ମଣ୍ଡଳୀ ମଧ୍ୟରେ ଯେଉଁ ବ୍ୟକ୍ତି ଅଧିକାରରେ ଅଛି, ତା'ର ଅଧିକାର ହେତୁ ଯେପରି ଦୁର୍ବ୍ୟବହାର ନ କରେ, ସେଥିପାଇଁ ଏକ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଗ୍ରହଣ କରିବେ ।

**୧୩୦.** ମଣ୍ଡଳୀ ପରିଷଦ ଏବଂ ପାଳକ ଉଭୟେ G.S. ଏବଂ General Boardଙ୍କ ଦ୍ୱାରା ଯେଉଁ ନିୟମ ଅର୍ଥ ଯୋଗାଡ଼ World Evangelism Fund ଏବଂ ମଣ୍ଡଳୀ ଦ୍ୱାରା District Fund ନିମନ୍ତେ କରାଯାଇଛି ତାକୁ ଅନୁସରଣ କରି ନିୟମିତ ଭାବରେ General Treasurer ଏବଂ District Treasurer ନିକଟରେ ପୈଠ କରିବେ ।

**୧୩୧.** ଅଭିଭାବକତ୍ୱର ଅର୍ଥ - ପାରା ୩୨-୩୨.୫ ଦେଖନ୍ତୁ ।

**୧୩୨.** କୌଣସି ନୂତନ ପ୍ରତିଷ୍ଠିତ ମଣ୍ଡଳୀରେ ଯଦି SDMI ପରିଷଦ ଗଠନ ହୋଇନାହିଁ, ତେବେ ସେହି ପରିଷଦର ନିର୍ବାଚନ ପର୍ଯ୍ୟନ୍ତ ମଣ୍ଡଳୀ ପରିଷଦ ଏହି ଦାୟିତ୍ୱ ତୁଲାଇବ । (୧୪୫)

**୧୩୨.୧.** ମଣ୍ଡଳୀ ପରିଷଦ ଏବଂ ପାଳକ SDMI Superitendent କେବେ ନିର୍ବାଚିତହେବେତା'ରସମୟନିର୍ଦ୍ଧାରଣକରିବେ ।(୧୨୯.୨୫,୧୪୫,୧୪୬)

**୧୩୩.** ଯଦି ଜଣେ ସଦସ୍ୟଙ୍କର ନାମ ଅସକ୍ଷମ ବୋଲି ଘୋଷଣା ହୋଇଛି, ତେବେ ଦୁଇ ବର୍ଷ ଉତ୍ତାରେ ମଣ୍ଡଳୀର ସେହି ସଦସ୍ୟଙ୍କ ନାମ ସଦସ୍ୟତା ତାଲିକାରୁ ମଣ୍ଡଳୀ ପରିଷଦ କାଟି ଦେଇପାରେ । (୧୦୯-୧୦୯.୪, ୧୧୨.୩)

**୧୩୪.** ଯେକୌଣସି ସ୍ଥାନୀୟ ପ୍ରମାଣପତ୍ରଧାରୀ ବ୍ୟକ୍ତିର ପ୍ରମାଣ ପତ୍ରକୁ ମଣ୍ଡଳୀ ପରିଷଦ ନିଲମ୍ବନ କରିପାରେ ।

**୧୩୫.** ମଣ୍ଡଳୀ ସମ୍ପାଦକ । ମଣ୍ଡଳୀ ପରିଷଦ ସମ୍ପାଦକର କାର୍ଯ୍ୟଗୁଡ଼ିକ ହେଲା:

**୧୩୫.୧.** ମଣ୍ଡଳୀର ପ୍ରତ୍ୟେକ ସଭାର ଏବଂ ମଣ୍ଡଳୀ ପରିଷଦର ପ୍ରତ୍ୟେକ ସଭାର ମିନିଟ୍‌ଗୁଡ଼ିକ ସଠିକ୍ ଭାବରେ ଲେଖିବେ ଏବଂ ଯତ୍ନ ସହକାରେ ସାଇତି ରଖିବେ ଏବଂ ଅଫିସ୍ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରିବେ । ପରିଷଦର ମିନିଟ୍‌ରେ ଉପସ୍ଥିତ ଏବଂ ଅନୁପସ୍ଥିତ ଭୋଟିଂ ସଦସ୍ୟଙ୍କର ନାମ ଉଲ୍ଲେଖ ରହିବ ଯେପରି Quorum ପୂରା ହୋଇଛି ବୋଲି ଜଣାଯିବ । (୧୨୦.୧, ୧୨୯.୧୯)

**୧୩୫.୨.** ମଣ୍ଡଳୀର ବାର୍ଷିକ ସଭାରେ ସ୍ଥାନୀୟ ମଣ୍ଡଳୀର ବିଶେଷ କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ଏବଂ ସଦସ୍ୟମାନଙ୍କର ତାଲିକା ଉପସ୍ଥାପନ କରିବେ । (୧୧୩.୯)

**୧୩୫.୩.** ଅଫିସିଆଲ୍ କାଗଜପତ୍ର, ନଥିପତ୍ର ଏବଂ ସ୍ଥାନୀୟ ମଣ୍ଡଳୀର ନ୍ୟାୟିକ ନଥିପତ୍ର ଯେପରି କବ୍ଲା, ବୀମା ପଲିସି, ଲୋନ୍ କାଗଜପତ୍ର, ମଣ୍ଡଳୀ ସଦସ୍ୟ ତାଲିକା, ଐତିହାସିକ ତଥ୍ୟ, ମଣ୍ଡଳୀ ପରିଷଦର ମିନିଟ୍‌ଗୁଡ଼ିକ ଏବଂ ଅର୍ନ୍ତଭୁକ୍ତୀକରଣର ନଥିପତ୍ର ସୁରକ୍ଷିତ ସ୍ଥାନରେ କିମ୍ବା ସ୍ଥାନୀୟ ବ୍ୟାଙ୍କ୍‌ରେ ଡିପୋଜିଟ୍ ହେଉଛି ନା ନାହିଁ, ତାହା ତଦାରଖ କରିବେ । ଏହି ବିଷୟ ସର୍ବଦା ପାଳକ ଏବଂ କୋଷାଧ୍ୟକ୍ଷଙ୍କୁ ଜଣାଇବା ଆବଶ୍ୟକ ଏବଂ ପରବର୍ତ୍ତୀ ମଣ୍ଡଳୀ ସମ୍ପାଦକ କାର୍ଯ୍ୟାଳୟରେ ସଙ୍ଗେ ସଙ୍ଗେ ଦେବା ଆବଶ୍ୟକ ।

**୧୩୫.୪.** ମଣ୍ଡଳୀର ସମସ୍ତ ବାର୍ଷିକ ସଭା ଏବଂ ବିଶେଷ ସଭାଗୁଡ଼ିକର ସମ୍ପାଦକ ହେବେ ଏବଂ ଏହି ବାର୍ଷିକ ଏବଂ ବିଶେଷ ସଭାଗୁଡ଼ିକର ମିନିଟ୍ ଏବଂ ଅନ୍ୟାନ୍ୟ ନଥିପତ୍ରର / ଦଲିଲ୍‌ର ରକ୍ଷଣାବେକ୍ଷଣକାରୀ ହେବେ । (୧୧୩.୬)

**୧୩୫.୫.** ଏକ ପାଳକର ଆହ୍ୱାନ ନିମନ୍ତେ ଯେଉଁ ଭୋଟ୍ ହୁଏ, ତା'ର ଫଳାଫଳ ଏବଂ ମଣ୍ଡଳୀ / ପାଳକ ସମ୍ପର୍କ ଚାଲୁ ରହିବାର ଫଳାଫଳ D.S.ଙ୍କୁ ଲିଖିତ ସ୍ୱୀକୃତି ଦେବେ । ଏହି ସ୍ୱୀକୃତି ଭୋଟ୍‌ର ଗୋଟେ ସପ୍ତାହ ମଧ୍ୟରେ ହେବା ଆବଶ୍ୟକ ।

**୧୩୫.୬.** ଯେଉଁ ମଣ୍ଡଳୀ ପାଳକବିହୀନ ସେହି ମଣ୍ଡଳୀର ସମସ୍ତ ସଭାର ମିନିଟ୍ ଏବଂ ମଣ୍ଡଳୀ ପରିଷଦ ସଭାର ମିନିଟ୍‌ର ଏକ ନକଲ D.S.ଙ୍କୁ ପ୍ରେରଣ କରିବେ ।

**୧୩୫.୭.** ପାଳକଙ୍କ ସହିତ ମିଳିତ ହୋଇ ଜମିଜମାର ସମସ୍ତ ଦଲିଲ୍‌ରେ, ବନ୍ଧକ ରଖିବା କାଜଗରେ, ବନ୍ଧକ ମୁକୁଳିବା ଦଲିଲ୍‌ରେ, ଚୁକ୍ତିଗୁଡ଼ିକରେ ଏବଂ ଅନ୍ୟାନ୍ୟ ନ୍ୟାୟିକ କାଗଜପତ୍ରରେ ମାନୁଆଲ୍‌ରେ ଥିବା ନିୟମ ଅନୁଯାୟୀ ଦସ୍ତଖତ କରିବେ । (୧୦୨.୩, ୧୦୩-୧୦୪.୨)

**୧୩୬.** ମଣ୍ଡଳୀ କୋଷାଧ୍ୟକ୍ଷ । ମଣ୍ଡଳୀ ପରିଷଦର କୋଷାଧ୍ୟକ୍ଷଙ୍କ କାର୍ଯ୍ୟଗୁଡ଼ିକ ହେଲା:

**୧୩୬.୧.** ସମସ୍ତ ଟଙ୍କା ଗ୍ରହଣ କରିବା ଏବଂ କେବଳ ମଣ୍ଡଳୀ ପରିଷଦର ନିର୍ଦ୍ଦେଶରେ ତାହା ପ୍ରଦାନ କରିବା । (୧୨୯.୨୧)

**୧୩୬.୨.** ଉପଯୁକ୍ତ ଅଫିସ୍ ମାଧ୍ୟମରେ District ଅନୁଦାନକୁ District କୋଷାଧ୍ୟକ୍ଷଙ୍କ ନିକଟକୁ ଏବଂ General ଅନୁଦାନକୁ General କୋଷାଧ୍ୟକ୍ଷଙ୍କ ନିକଟକୁ ପ୍ରତିମାସ ପ୍ରେରଣ କରିବା । (୫୧୬.୯)

**୧୩୬.୩.** ସମସ୍ତ ଅନୁଦାନର ଗ୍ରହଣ ଏବଂ ବିତରଣର ବିବରଣୀ ଏକ ଉପଯୁକ୍ତ ପୁସ୍ତକରେ ରଖିବେ । (୧୨୯.୨୧)

**୧୩୬.୪.** ଏକ ସବିଶେଷ ମାସିକ ଆର୍ଥିକ ବିବରଣୀ ବିତରଣ ନିମନ୍ତେ ମଣ୍ଡଳୀ ପରିଷଦକୁ ଉପସ୍ଥାପନ କରିବେ । (୧୨୯.୨୧)

**୧୩୬.୫.** ଏକ ବାର୍ଷିକ ଆର୍ଥିକ ବିବରଣୀ ବାର୍ଷିକ ମଣ୍ଡଳୀ ସଭାରେ ଉପସ୍ଥାପନ କରିବେ । (୧୧୩.୯, ୧୨୯.୨୧)

## (O) ସ୍ଥାନୀୟ ମଣ୍ଡଳୀର ତତ୍ତ୍ୱାବଧାନକାରୀ

**୧୩୭.** ମଣ୍ଡଳୀର ତତ୍ତ୍ୱାବଧାନକାରୀମାନେ ସଂଖ୍ୟକରେ ଅତିକମ୍‌ରେ ୩ ଜଣ ଏବଂ ଅତିବେଶୀରେ ୧୩ ଜଣ ହେବା ଆବଶ୍ୟକ । ସେମାନେ ମଣ୍ଡଳୀର ସଦସ୍ୟମାନଙ୍କ ମଧ୍ୟରୁ ହୋଇଥିବେ ଏବଂ ସେମାନେ ମଣ୍ଡଳୀର ଏକ ବାର୍ଷିକ ସଭାରେ କିମ୍ବା ଏକ ବିଶେଷ ସଭାରେ ମତଦାନ ଦ୍ୱାରା ନିର୍ବାଚିତ ହେବେ ଓ ଆସନ୍ତା ମଣ୍ଡଳୀ ବର୍ଷ ପାଇଁ ସେବା କରିବେ ଏବଂ ଯେପର୍ଯ୍ୟନ୍ତ ପରବର୍ତ୍ତୀ କର୍ମକର୍ତ୍ତା ନିର୍ବାଚିତ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ସେବା କରିବେ । (୩୩, ୧୧୩.୭, ୧୧୩.୧୧, ୧୨୭)

**୧୩୮.** ତତ୍ତ୍ୱାବଧାନକାରୀଙ୍କର କାର୍ଯ୍ୟଗୁଡ଼ିକ ହେଲା:

**୧୩୮.୧.** ଯେତେବେଳେ ଦାୟିତ୍ୱ ଦିଆଯିବ, ସେତେବେଳେ ବାହ୍ୟ ସେବାକାର୍ଯ୍ୟ, ସୁସମାଚାର ପ୍ରଚାର କାର୍ଯ୍ୟ ଏବଂ ପାଳକଙ୍କ ସହିତ ନୂତନ ମଣ୍ଡଳୀକୁ ଆର୍ଥିକ ସାହାଯ୍ୟ ସହ ମଣ୍ଡଳୀ ଉନ୍ନତି ସମିତି ରୂପେ କାର୍ଯ୍ୟ କରିବ ।

**୧୩୮.୨.** ଅଭାବଗ୍ରସ୍ତ ଏବଂ ବିପନ୍ନ ବ୍ୟକ୍ତିଙ୍କ ନିମନ୍ତେ ସାହାଯ୍ୟ ସହଯୋଗ ଯୋଗାଇବ । ସେବାକାର୍ଯ୍ୟରେ ଜଣେ ସାଧାରଣ ନେତାର ଅନ୍ୟ ଏକ ଭୂମିକା ହେଉଛି ବ୍ୟବହାରିକ ଭାବରେ ସେବା କରିବା । (ରୋମୀୟ ୧୨:୬-୮)

**୧୩୮.୩.** ସତର୍କତାର ସହ ମଣ୍ଡଳୀର ସୁସମାଚାର ସେବାକାର୍ଯ୍ୟ ଏବଂ ମଣ୍ଡଳୀର ସଦସ୍ୟ ସମିତି ରୂପେ ପାରା ୧୧୦-୧୧୦.୮ ଅନୁଯାୟୀ କାର୍ଯ୍ୟ କରିବ ।

**୧୩୮.୪.** ମଣ୍ଡଳୀ ସଂଗଠନରେ ପାଳକଙ୍କୁ ସହଯୋଗ କରିବା ଆବଶ୍ୟକ ଯେପରି ପ୍ରତ୍ୟେକ ସଦସ୍ୟ ଖ୍ରୀଷ୍ଟିୟ ସେବାକାର୍ଯ୍ୟର ସୁଯୋଗ ପ୍ରାପ୍ତ ହେବେ ।

**୧୩୮.୫.** ଖ୍ରୀଷ୍ଟିୟାନ ସମ୍ପ୍ରଦାୟର କାର୍ଯ୍ୟ ଏବଂ ସଂଗଠନର ସେବା ମଧ୍ୟରେ ସଂଯୋଗ ସ୍ଥାପନ କରିବାର କାର୍ଯ୍ୟ କରିବେ ।

**୧୩୮.୬.** ସାଧାରଣ ଉପାସନା ଏବଂ ସ୍ଥାନୀୟ ମଣ୍ଡଳୀରେ ଖ୍ରୀଷ୍ଟିୟ ବିଶ୍ୱାସୀମାନଙ୍କ ଆତ୍ମିକ ଲାଳନପାଳନରେ ସାହାଯ୍ୟ କରିବେ ।

**୧୩୮.୭.** ଯେତେବେଳେ ପାଳକଙ୍କ ଦ୍ୱାରା ଅନୁରୋଧ କରାଯିବ, ସେତେବେଳେ ପ୍ରଭୁଭୋଜ ନିମନ୍ତେ ଉପକରଣଗୁଡ଼ିକ ଯୋଗାଇବେ ଏବଂ ପ୍ରଭୁଭୋଜ ବଣ୍ଟନରେ ସାହାଯ୍ୟ କରିବେ । (୨୯.୫, ୫୧୫.୪)

**୧୩୯.** ତତ୍ତ୍ୱାବଧାନକାରୀର ଖାଲିଥିବା ଅଫିସ୍ / କାର୍ଯ୍ୟାଳୟକୁ ପୂରଣ କରିବା ପାଇଁ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଏକ ଉପଯୁକ୍ତ ମଣ୍ଡଳୀ ସଭା ଡକା ଯାଇ ପୂରଣ କରିବା ଆବଶ୍ୟକ । (୧୧୩.୮)

**୧୪୦.** ତତ୍ତ୍ୱାବଧାନକାରୀ ତତ୍ତ୍ୱାବଧାନକାରୀ ସମିତି ଗଠନ କରିବେ ଯାହାର ଦାୟିତ୍ୱ ହେଲା ପାଳକଙ୍କ ସହିତ ଏବଂ ତତ୍ତ୍ୱାବଧାନକାରୀ କାର୍ଯ୍ୟାଳୟ ସହଯୋଗର

ସ୍ଥାନୀୟ ମଣ୍ଡଳୀରେ ଖ୍ରୀଷ୍ଟିୟାନ ତତ୍ତ୍ୱାବଧାନକାରୀ ଜୀବନ ନିମନ୍ତେ ପ୍ରେରଣା ଦେବା । (୩୨-୩୨.୫)

## (ଡ) ସ୍ଥାନୀୟ ମଣ୍ଡଳୀର ତତ୍ତ୍ୱାବଧାୟକ (Trustees)

**୧୪୧.** ମଣ୍ଡଳୀର ତତ୍ତ୍ୱାବଧାୟକମାନଙ୍କ ସଂଖ୍ୟା ୩ରୁ ୯ ଜଣ ହେବା ଆବଶ୍ୟକ । ସେମାନେ ସ୍ଥାନୀୟ ମଣ୍ଡଳୀର ସଦସ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ ହୋଇ ଆଗାମୀ ମଣ୍ଡଳୀ ବର୍ଷ ନିମନ୍ତେ କାର୍ଯ୍ୟ କରିବେ ଏବଂ ସେମାନଙ୍କର ପରବର୍ତ୍ତୀ ତତ୍ତ୍ୱାବଧାନକାରୀ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ । (୩୩, ୧୧୩.୧୧, ୧୨୭)

**୧୪୨.** ଯେଉଁ ସ୍ଥାନମାନଙ୍କରେ ବିଶେଷ ଭାବରେ ମଣ୍ଡଳୀ ତତ୍ତ୍ୱାବଧାୟକ ନିର୍ବାଚନର ନାଗରିକ ଆଇନ୍‌ର ପ୍ରାବିଧାନ ଥିବ, ସେହି ସ୍ଥାନମାନଙ୍କରେ ସେହି ଆଇନ୍ ଅନୁସରଣ କରିବା ଅନିବାର୍ଯ୍ୟ । (୧୧୩.୪)

**୧୪୨.୧.** ଯେଉଁ ସ୍ଥାନମାନଙ୍କରେ ନିର୍ଦ୍ଦିଷ୍ଟ ଭାବରେ ନାଗରିକ ଆଇନ୍‌ର ପ୍ରାବଧାନ ନ ଥିବ, ତେବେ ମଣ୍ଡଳୀ ସାଧାରଣ ସଭାରେ ସେମାନେ ନିର୍ବାଚିତ ହେବେ । (୧୧୩.୭, ୧୧୩.୧୧)

**୧୪୩.** ତତ୍ତ୍ୱାବଧାୟନକାରୀମାନଙ୍କର କାର୍ଯ୍ୟକାଳ ହେଲା:

**୧୪୩.୧.** ଯେଉଁ ସ୍ଥାନମାନଙ୍କରେ ସ୍ଥାନୀୟ ମଣ୍ଡଳୀର ଅନ୍ତର୍ଭୁକ୍ତକରଣ ହୋଇ ନ ଥିବ, ସ୍ଥାନୀୟ ମଣ୍ଡଳୀର ତତ୍ତ୍ୱାବଧାୟନକାରୀମାନେ ମଣ୍ଡଳୀ ସମ୍ପତ୍ତିକୁ ଧରି ରଖିବେ ଏବଂ ପରିଚାଳନା କରିବେ । (୧୦୨-୧୦୪.୪)

**୧୪୩.୨.** ମଣ୍ଡଳୀ ପରିଷଦର ପରାମର୍ଶରେ ସୁଯୋଗଗୁଡ଼ିକର ବିକାଶ ଏବଂ ଆର୍ଥିକ ଯୋଜନାରେ ଆଗେଇ ନେବେ ।

**୧୪୪.** ଏକ ଉପଯୁକ୍ତ ମଣ୍ଡଳୀ ସଭାରେ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ତତ୍ତ୍ୱାବଧାୟନକାରୀ କାର୍ଯ୍ୟାଳୟର ଖାଲି ସ୍ଥାନକୁ ପୁରା କରି ହେବ । (୧୧୩.୮)

## (ଢ) ସ୍ଥାନୀୟ ମଣ୍ଡଳୀ ସଣ୍ଡେସ୍କୁଲ, ଆନ୍ତର୍ଜାତିକ ଶିଷ୍ୟତ୍ୱ ସେବାକାର୍ଯ୍ୟ (SDMI) ପରିଷଦ

**୧୪୫.** ମଣ୍ଡଳୀର ଖ୍ରୀଷ୍ଟିୟାନ ଶିକ୍ଷା ସେବାକାର୍ଯ୍ୟଗୁଡ଼ିକ ନିମନ୍ତେ ଦାୟୀତ୍ୱ ନେବାକୁ ବାର୍ଷିକ ମଣ୍ଡଳୀ ସଭାରେ, ମଣ୍ଡଳୀ ପରିଷଦର ଏକ ଅଂଶ ସ୍ୱରୂପେ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଏକ SDMI ପରିଷଦ କିମ୍ବା ଏକ ଶିକ୍ଷା ସମିତି ଗଠନ କରିବ । ଏହାର ଦାୟିତ୍ୱ ହେବ ମଣ୍ଡଳୀର ଖ୍ରୀଷ୍ଟିୟାନ ଶିକ୍ଷା ସେବା । ଯଦି ମଣ୍ଡଳୀରେ ୭୫ ଜଣ ସଦସ୍ୟରୁ କମ୍ ସଦସ୍ୟ ଅଛନ୍ତି, ତେବେ ଏହି ଦାୟୀତ୍ୱ ମଣ୍ଡଳୀ ପରିଷଦ ବହନ କରିବ । ଏଥିର ସଦସ୍ୟମାନେ ହେବେ: SDMI ସଭାପତି ମୁଖ୍ୟ ଭାବରେ ରହିବେ, ପାଳକ, NMI ସଭାପତି, NYI ସଭାପତି, ଶିଶୁ ସେବାକାର୍ଯ୍ୟର ପରିଚାଳକ, ଯୁବ ସେବାକାର୍ଯ୍ୟର ପରିଚାଳକ ଏବଂ ବାର୍ଷିକ ସଭାରେ ନିର୍ବାଚିତ ହୋଇଥିବା ୩-୯ ଜଣ ମଣ୍ଡଳୀର ସଦସ୍ୟ ।

ୱଉଗଓ ପରିଷଦ କିମ୍ବା ଶିକ୍ଷା ସମିତିର କାର୍ଯ୍ୟ ଏବଂ ଅଧିକାର:

**୧୪୫.୧.** ସ୍ଥାନୀୟ ମଣ୍ଡଳୀ ନିମନ୍ତେ ଖ୍ରୀଷ୍ଟିୟାନ ଶିକ୍ଷାର ସେବାକାର୍ଯ୍ୟକୁ ଯୋଜନା, ସଂଗଠିତ, ଉନ୍ନତି ଏବଂ ପରିଚାଳନା କରିବା । ଏହା ପାଳକଙ୍କ ତତ୍ତ୍ୱାବଧାନରେ, SDMI ସଭାପତିଙ୍କ ନେତୃତ୍ୱରେ, ସ୍ଥାନୀୟ ମଣ୍ଡଳୀ ପରିଷଦ ନିର୍ଦ୍ଦେଶରେ କରାଯିବା ଆବଶ୍ୟକ । ଏଥିରେ General ପରିଷଦ ଦ୍ୱାରା ପ୍ରତିଷ୍ଠିତ କରାଯାଇଥିବା ମୂଲ୍ୟବୋଧ ଏବଂ ସାମ୍ପ୍ରଦାୟିକ ଲକ୍ଷ୍ୟକୁ ଧ୍ୟାନ ଦେବା ଆବଶ୍ୟକ । ଏଥିରେ ବୟସ୍କ, ଯୁବା ଏବଂ ଶିଶୁମାନଙ୍କ ନିମନ୍ତେ ଉଭୟ ପାଠ୍ୟକ୍ରମ ଏବଂ କାର୍ଯ୍ୟକ୍ରମ ଆଧାରିତ ସେବାକାର୍ଯ୍ୟ ନିହତ ଅଛି । ସଣ୍ଡେସ୍କୁଲ / ବାଇବଲ ଶିକ୍ଷା / ଛୋଟ ଦଳ ଏହା ସହିତ ପ୍ରଚାର ସେବାକାର୍ଯ୍ୟ ଯାହା ସିଦ୍ଧାନ୍ତ ଏବଂ ଶାସ୍ତ୍ରର ମଣ୍ଡଳୀର ଶିକ୍ଷାର କେନ୍ଦ୍ର ଅଟେ । ଶିଶୁ ଯତ୍ନ / ସ୍କୁଲ / ବିଶେଷ ସେବା ଏବଂ

ପ୍ରଶିକ୍ଷଣ, ଶାସ୍ତ୍ରରେ ଥିବା ସିଦ୍ଧାନ୍ତଗୁଡ଼ିକରେ ଜୀବନ କାଟିବା । ଏହା Congregationର ଜୀବନ ମଧ୍ୟରେ ଏକତା ଆଣିଦିଏ । (୫୧୬.୧୫)

**୧୪୫.୨.** ଖ୍ରୀଷ୍ଟଙ୍କ ନିମନ୍ତେ ଅଧିକରୁ ଅଧିକ ସଂଖ୍ୟାରେ ଅପହଞ୍ଚ ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚିବା, ସେମାନଙ୍କୁ ସହଭାଗିତାକୁ ଘେନି ଆସିବା, ଉତ୍ତମ ଭାବରେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ଏବଂ ସେମାନଙ୍କର ପରିତ୍ରାଣ ଉପରେ ଧ୍ୟାନ ଦେବା ।

**୧୪୫.୩.** ବିଭିନ୍ନ ସେବାକାର୍ଯ୍ୟର ପାଠ୍ୟକ୍ରମକୁ ବ୍ୟବହାର କରିବା, ସର୍ବଦା ନାଜରିନ୍ ମଣ୍ଡଳୀର ପୁସ୍ତିକାଗୁଡ଼ିକ ବ୍ୟବହାର କରି ବାଇବଲ ଶ୍ରେଣୀ ଏବଂ ସିଦ୍ଧାନ୍ତର ତର୍ଜମା ନିମନ୍ତେ ଧାର୍ଯ୍ୟ କରିବା ।

**୧୪୫.୪.** ସ୍ଥାନୀୟ ମଣ୍ଡଳୀର ନିୟମାବଳୀରେ SDMIକୁ ସଂଲଗ୍ନ କରି ସଂପୂର୍ଣ୍ଣ SDMI ନିମନ୍ତେ ଯୋଜନା କରିବା । (୮୧୨)

**୧୪୫.୫.** SDMI Superintendentର କାର୍ଯ୍ୟାଳୟ ନିମନ୍ତେ ନିର୍ବାଚିତ ପାଇଁ ପାଳକଙ୍କଠାରୁ ସ୍ୱୀକୃତି ପ୍ରାପ୍ତ ଉତ୍ତାରେ ବାର୍ଷିକ ମଣ୍ଡଳୀ ସଭାରେ ସଦସ୍ୟଙ୍କୁ ପ୍ରସ୍ତାବିତ କରିବ ।

**୧୪୫.୬.** ମଣ୍ଡଳୀ ପରିଷଦର ସଦସ୍ୟଙ୍କୁ ପାଳକଙ୍କ ଦ୍ୱାରା ସ୍ୱୀକୃତ କରାଇ ପ୍ରସ୍ତାବିତ କରିବ ଯେ ଶିଶୁ ସେବା କାର୍ଯ୍ୟର ଜଣେ ପରିଚାଳକ ଭାବରେ ଏବଂ ବୟସ୍କ ସେବାକାର୍ଯ୍ୟର ଜଣେ ପରିଚାଳକ ଭାବରେ କାର୍ଯ୍ୟ କରିବେ ।

**୧୪୫.୭.** ପାଳକ ଏବଂ SDMI Suprintendentଙ୍କର ସ୍ୱୀକୃତି ସହିତ ଏହି ସେବାକାର୍ଯ୍ୟଗୁଡ଼ିକର ପରିଚାଳକମାନଙ୍କ ଦ୍ୱାରା ପ୍ରସ୍ତାବିତମାନଙ୍କ ମଧ୍ୟରୁ ଶିଶୁ ସେବାକାର୍ଯ୍ୟ ଏବଂ ବୟସ୍କ ସେବାକାର୍ଯ୍ୟର ପରିଷଦକୁ ନିର୍ବାଚିତ କରିବେ ।

**୧୪୫.୮.** ବୟସ୍କ ସେବାକାର୍ଯ୍ୟର ଏବଂ ଶିଶୁ ସେବାକାର୍ଯ୍ୟର ପରିଚାଳକ ଏବଂ NYI ସଭାପତିଙ୍କ ଦ୍ୱାରା ମନୋନୀତମାନଙ୍କ ମଧ୍ୟରୁ ଯେଉଁମାନେ ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତ ଏବଂ ମତ ଉପରେ ସଂପୂର୍ଣ୍ଣ ରୂପେ ଏକମତ ଥିବେ ଓ

ଯେଉଁମାନେ ଖ୍ରୀଷ୍ଟିୟାନର ଏକ ଦୃଷ୍ଟାନ୍ତମୂଳକ ଜୀବନ କାଟୁଥିବେ ସେହିମାନଙ୍କୁ Sunday School / Bible Studies / Small Groups Supervisors, Teachers ଏବଂ Officer ଭାବରେ ସବୁ ବୟସର ବ୍ୟକ୍ତିମାନଙ୍କୁ ନିର୍ବାଚିତ କରିବେ । ଏହି ମନୋନୀତ ବ୍ୟକ୍ତିମାନେ ପାଳକ ଏବଂ SDIMI Superintendentଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ।

**୧୪୫.୯.** ମଣ୍ଡଳୀର ସମସ୍ତ ସଦସ୍ୟତା ବିଷୟରେ ଏବଂ SDMI କର୍ମକର୍ତ୍ତାମାନଙ୍କ ନିମନ୍ତେ ଥିବା ପ୍ରଶିକ୍ଷଣର ସୁବିଧାଗୁଡ଼ିକୁ ତଦାରଖ କରିବା ପାଇଁ ଏବଂ ଯେ ସଂଗଠନ ଓ ଆଗେଇ ନେଇପାରିବ ସେହି ସ୍ଥାନୀୟ ଜଣେ CLT ପରିଚାଳକଙ୍କୁ ନିର୍ବାଚିତ କରିବ ।

**୧୪୫.୧୦.** ନିୟମିତ ସଭାଗୁଡ଼ିକ କରିବାକୁ ଏବଂ SDMI ବର୍ଷର ପ୍ରାରମ୍ଭରେ ଯାହା ମଣ୍ଡଳୀର ବର୍ଷ ବୋଲି ଜଣାଯାଏ, ଜଣେ ସମ୍ପାଦକଙ୍କୁ ଚୟନ କରାଯାଇ ସଭାଗୁଡ଼ିକର ଆୟୋଜନ କରାଯାଏ । ଏଥିପାଇଁ ପାଳକ ଏବଂ SDMI Superintendent ଏକ ବିଶେଷ ସଭା ଆହ୍ୱାନ କରିବା ପ୍ରୟୋଜନ (୧୧୪) ।

**୧୪୬.** SDMI Superintendent - ମଣ୍ଡଳୀର ବାର୍ଷିକ ସଭାରେ SDMI Superintendent ନିମନ୍ତେ ନିର୍ବାଚନ ହୋଇଥାଏ ଏବଂ ସର୍ବାଧିକ ଭୋଟ୍ ପ୍ରାପ୍ତ ବ୍ୟକ୍ତି ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ଭାର ବହନ କରନ୍ତି ଏବଂ ଯେପର୍ଯ୍ୟନ୍ତ ତାଙ୍କ ଦାୟିତ୍ୱକୁ ତୁଲାଇବା ନିମନ୍ତେ ବ୍ୟକ୍ତି ମନୋନୀତ ହୋଇନାହାନ୍ତି ସେପର୍ଯ୍ୟନ୍ତ ସେ ସେହି ଦାୟିତ୍ୱ ତୁଲାଇବେ । ନୂତନ ଭାବରେ ନିର୍ବାଚିତ ହୋଇଥିବା SDMI Superintendent ପଦବୀରେ District Assemblyର ସଭ୍ୟ, ସ୍ଥାନୀୟ ମଣ୍ଡଳୀ ପରିଷଦର ସଭ୍ୟ ଏବଂ SDMI ପରିଷଦର ସଭ୍ୟ ହୋଇଥା'ନ୍ତି ।

ଆମେ ଆମର ସ୍ଥାନୀୟ ମଣ୍ଡଳୀକୁ ଏପରି ଜଣେ ସକ୍ରୀୟ ସଦସ୍ୟଙ୍କୁ ମନୋନୀତ କରିବାକୁ ଅନୁରୋଧ କରୁ ଯେ ସଂପୂର୍ଣ୍ଣ ପବିତ୍ରତାର ଅନୁଭୂତିରେ ଅଭିଜ୍ଞ ଥିବ ଏବଂ ଯେ ସାଧାରଣରେ ଈଶ୍ୱରଙ୍କ ଅନୁଗ୍ରହ ପ୍ରତି ସାକ୍ଷ୍ୟର ଜୀବନ

କାଟୁଥିବ, ଯେ ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତ, ମତ ଏବଂ ଅଭ୍ୟାସରେ ଏକମତ ହୋଇଥିବ ଏବଂ ଯେ ସ୍ଥାନୀୟ ମଣ୍ଡଳୀକୁ ଦାନ, ଦଶମାଂଶ, ଉପସ୍ଥିତି ଏବଂ ସହଯୋଗରେ ପୂର୍ଣ୍ଣ ସହଯୋଗ କରୁଥିବ । ସେହି କର୍ମକର୍ତ୍ତା ସଂପୂର୍ଣ୍ଣ ଭାବରେ "ସମୁଦାୟ ଜାତିମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି" କରିବାରେ ନିଜକୁ ନିୟୋଜିତ କରିପାରୁଥିବ । (୩୩, ୧୧୩.୧୧, ୧୨୭, ୧୫୫, ୧୪୫.୫, ୨୦୧) ।

SDMI Superintendentଙ୍କର କାର୍ଯ୍ୟ ଏବଂ ଅଧିକାରଗୁଡ଼ିକ ହେଲା:

**୧୪୬.୧.** ସ୍ଥାନୀୟ ମଣ୍ଡଳୀରେ SDMIର ଶାସନାଧିକାରୀ ଭାବରେ ପରିଦର୍ଶନ କରିବା ।

**୧୪୬.୨.** SDMI ନିୟମ ଅନୁଯାୟୀ SDMIଙ୍କୁ ପରିଚାଳନା କରିବ ।

**୧୪୬.୩.** ସଂଖ୍ୟାରେ ବୃଦ୍ଧି, ଉପସ୍ଥିତିରେ ବୃଦ୍ଧି ଏବଂ ନେତୃତ୍ୱ ପ୍ରଶିକ୍ଷଣର ବୃଦ୍ଧିର ଅଗ୍ରଗତିରେ କାର୍ଯ୍ୟ କରିବ ।

**୧୪୬.୪.** SDMI ପରିଷଦ ନିୟମିତ ସଭାଗୁଡ଼ିକ ଉପରେ କିମ୍ବା ମଣ୍ଡଳୀ ପରିଷଦର ଶିକ୍ଷା କମିଟି ଉପରେ ପରିଚାଳକ ହେବା ଏବଂ SDMI ପରିଷଦ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ନେତୃତ୍ୱ ନେବା ।

**୧୪୬.୫.** ମଣ୍ଡଳୀ ପରିଷଦକୁ SDMIର ବାର୍ଷିକ ଆୟବ୍ୟୟ ଅଟକଳକୁ ସମର୍ପଣ କରିବା ।

**୧୪୬.୬.** ମଣ୍ଡଳୀ ପରିଷଦକୁ ଏକ ମାସିକ ରିପୋର୍ଟ ପ୍ରଦାନ କରିବେ ଏବଂ ବାର୍ଷିକ ମଣ୍ଡଳୀ ସଭାରେ ତାହା ପ୍ରଦାନ କରିବେ ।

**୧୪୭.** ଶିଶୁମାନଙ୍କର ସେବାକାର୍ଯ୍ୟ ଏବଂ ଯୁବ ସେବାକାର୍ଯ୍ୟ ପରିଷଦ ଏବଂ ପରିଚାଳକବୃନ୍ଦ । ବୟସ ଅନୁଯାୟୀ ଦଳ ଗଠନ ଦ୍ୱାରା SDMI ଉତ୍ତମ ରୂପେ ଗଠିତ ହୋଇଥାଏ: ଶିଶୁ, ଯୁବା ଏବଂ ବୟସ୍କ । ପ୍ରତିଟି ବୟସ ଦଳ ନିମନ୍ତେ

ସେମାନଙ୍କର ପରିଷଦ ଦାୟିତ୍ୱ ନେବା ଆବଶ୍ୟକ । ଏହିପରି ପରିଷଦ ନିମନ୍ତେ ସଣ୍ଡେସ୍କୁଲ, ବାଇବଲ କ୍ଲାସ୍ ଏବଂ ମଣ୍ଡଳୀର ସେବାକାର୍ଯ୍ୟକୁ ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥାଏ । ପରିଷଦର ସମସ୍ତ କାର୍ଯ୍ୟ SDMI କମିଟି ଏବଂ ଏହାର ପରିଚାଳକଙ୍କ ଅନୁମୋଦନର ଅଧିନରେ ହେବା ଆବଶ୍ୟକ । ବୟସ୍କ ଦଳ ପରିଚାଳକଙ୍କର ଦାୟିତ୍ୱଗୁଡ଼ିକ:

**୧୪୭.୧.** ବୟସ୍କ ଦଳ ପରିଷଦକୁ ସଭାପତିତ୍ୱ କରିବା ।

**୧୪୭.୨.** SDMI କମିଟି ସହ ମିଳିତ ଭାବରେ ସ୍ଥାନୀୟ ମଣ୍ଡଳୀରେ ଶିଶୁ, ଯୁବା ଏବଂ ବୟସ୍କମାନଙ୍କର ଉପସ୍ଥିତିକୁ ପ୍ରୋତ୍ସାହିତ କରିବାରେ ନେତୃତ୍ୱ ନେବା ।

**୧୪୭.୩.** ଅତିରିକ୍ତ ସଣ୍ଡେସ୍କୁଲ ଏବଂ ବିଶେଷ ସେବାକାର୍ଯ୍ୟଗୁଡ଼ିକ ନିମନ୍ତେ ନେତୃତ୍ୱ ନେବା ।

**୧୪୭.୪.** ଭିନ୍ନ ଭିନ୍ନ ସେବାକାର୍ଯ୍ୟଗୁଡ଼ିକର ଦାୟିତ୍ୱ ଦେବା ନିମନ୍ତେ ନେତାମାନଙ୍କୁ SDMIକୁ ପ୍ରସ୍ତାବିତ କରିବ । ଏହି ପ୍ରସ୍ତାବିତ ସଦସ୍ୟଗଣ ପାଳକ ଏବଂ SDMI Superitendentଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ।

**୧୪୭.୫.** ପରିପୂରକ ବିଷୟ ପାଠ୍ୟକ୍ରମ ବ୍ୟବହାର କରିବା ପୂର୍ବରୁ SDMI କମିଟିର ସ୍ୱୀକୃତି ନେବା ଆବଶ୍ୟକ ।

**୧୪୭.୬.** SDMIର ସହଯୋଗରେ ବୟସ୍କ ଦଳ କାର୍ଯ୍ୟକାରୀମାନଙ୍କ ନିମନ୍ତେ ନେତୃତ୍ୱର ପ୍ରଶିକ୍ଷଣ ଯୋଗାଇବା ।

**୧୪୭.୭.** SDMI ଏବଂ ମଣ୍ଡଳୀ କମିଟିକୁ ବାର୍ଷିକ ଆୟବ୍ୟୟ ଅଟକଳ ପ୍ରଦାନ କରିବ ।

**୧୪୭.୮.** ସେମାନଙ୍କ ନେତୃତ୍ୱ ଅଧୀନସ୍ଥ ସ୍ଥାନୀୟ ମଣ୍ଡଳୀର ବୟସ ଦଳଗୁଡ଼ିକ ମଧ୍ୟରେ ବିଭିନ୍ନ ସେବାକାର୍ଯ୍ୟର ସମସ୍ତ ବିବରଣୀ ସଂଗ୍ରହ କରିବେ ।

**୧୪୭.୯.** ବୟସ ଦଳ କାର୍ଯ୍ୟକ୍ରମର ୩ ମାସିକ ତାଲିକା SDMI ପରିଷଦକୁ ପ୍ରଦାନ କରିବେ ।

**୧୪୮.** ଶିଶୁମାନଙ୍କର ସେବାକାର୍ଯ୍ୟ ପରିଷଦ: ସ୍ଥାନୀୟ ମଣ୍ଡଳୀରେ ଜନ୍ମରୁ ୧୨ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ନିମନ୍ତେ ସମୁଦାୟ SDMI ପ୍ରତି ଏହି ପରିଷଦ ଦାୟିତ୍ୱବଦ୍ଧ ।

ଶିଶୁମାନଙ୍କର ସେବାକାର୍ଯ୍ୟ ପରିଚାଳକଙ୍କ ଦାୟିତ୍ୱଗୁଡ଼ିକ:

**୧୪୮.୧.** ଧାରା ୧୪୭.୧-୧୪୭.୯ରେ ଥିବା ଦାୟିତ୍ୱଗୁଡ଼ିକୁ ସମ୍ପନ୍ନ କରିବା ।

**୧୪୮.୨.** ଶିଶୁମାନଙ୍କର ଏକ ମିଶନ୍ ପରିଚାଳକଙ୍କ ନିଯୁକ୍ତିରେ ସ୍ଥାନୀୟ ମଣ୍ଡଳୀର NMI ପ୍ରଶାସନିକ ପରିଷଦ ସହ କାର୍ଯ୍ୟ କରିବ ।

**୧୪୯.** ବୟସ୍କ ସେବାକାର୍ଯ୍ୟ ପରିଷଦ: ସ୍ଥାନୀୟ ମଣ୍ଡଳୀରେ ବୟସ୍କଙ୍କ ନିମନ୍ତେ ସଂପୂର୍ଣ୍ଣ SDMI ଯୋଜନା କରିବାକୁ ବୟସ୍କ ସେବାକାର୍ଯ୍ୟ ପରିଷଦ ଦାୟୀତ୍ୱ ବହନ କରେ । ଏହି ପରିଷଦଟି ଅତିକମ୍‌ରେ ଜଣେ ସଣ୍ଡେସ୍କୁଲ କିମ୍ବା କ୍ଷୁଦ୍ରଦଳର ପ୍ରତିନିଧି ଏବଂ ସ୍ଥାନୀୟ ମଣ୍ଡଳୀର ଯେକୌଣସି ସେବାକାର୍ଯ୍ୟର ପ୍ରତିନିଧିଙ୍କୁ ନେଇ ଗଠିତ ।

ବୟସ୍କଦଳ ପରିଚାଳକଙ୍କର କାର୍ଯ୍ୟଗୁଡ଼ିକ:

**୧୪୯.୧.** ପାରା ୧୪୭.୧-୧୪୭.୯ରେ ଥିବା ସମସ୍ତ ବୟସ ଦଳ ପରିଚାଳକଙ୍କ ଦାୟିତ୍ୱ ତୁଲାଇବ ।

## (ଣ) ଆନ୍ତର୍ଜାତୀୟ ନାଜରିନ୍ ଯୁବକ ସଂଘ

**୧୫୦.** ସ୍ଥାନୀୟ ମଣ୍ଡଳୀରେ NYI ଆନୁକୂଲ୍ୟରେ ନାଜରିନ୍ ଯୁବକ ସେବା ଗଠନ କରାଯାଇଥାଏ । ସ୍ଥାନୀୟ ଦଳଗୁଡ଼ିକ NYI ଅଧିକାରରେ ଏବଂ ସ୍ଥାନୀୟ ମଣ୍ଡଳୀ କମିଟିର ଅଧିକାରରେ ଗଠିତ ହୋଇଥାଏ ।

**୧୫୦.୧.** ସ୍ଥାନୀୟ ସେବାକାର୍ଯ୍ୟର ଯୋଜନା ଅନୁଯାୟୀ ସ୍ଥାନୀୟ NYI ଗଠିତ ହୋଇଥାଏ । (୮୧୦.୧୦୦-୮୧୦.୧୧୮)

## (ତ) ସ୍ଥାନୀୟ ନାଜରିନ୍ ମଣ୍ଡଳୀର ଶିଶୁ ସେବା

**୧୫୧.** D.S. ଏବଂ DAB ସ୍ୱୀକୃତି ପ୍ରାପ୍ତ ଉତ୍ତାରେ ସ୍ଥାନୀୟ ମଣ୍ଡଳୀ ନାଜରିନ୍ ଶିଶୁ ସେବା / ବିଦ୍ୟାଳୟର ଗଠନ କରିପାରିବେ । ବିଦ୍ୟାଳୟ ପରିଚାଳକ ଏବଂ ବିଦ୍ୟାଳୟ ପରିଷଦ ସ୍ଥାନୀୟ ମଣ୍ଡଳୀ ପରିଷଦ ଅଧିନରେ ରହିବେ (୧୨୯.୧୮, ୨୧୧.୧୩-୨୧୧.୧୪, ୨୨୫.୧୪, ୫୧୬.୧୫, ୫୧୭)

**୧୫୧.୧.** ବିଦ୍ୟାଳୟ ବନ୍ଦ୍ – କୌଣସି ଘଟଣାରେ ସ୍ଥାନୀୟ ମଣ୍ଡଳୀ ଆବଶ୍ୟକସ୍ଥଳେ ସ୍କୁଲ / ବିଦ୍ୟାଳୟକୁ D.S. ଏବଂ DAB ସହିତ ପରାମର୍ଶ ଉତ୍ତାରେ ବନ୍ଦ୍ କରିପାରେ ।

## (ଥ) ଆନ୍ତର୍ଜାତିକ ନାଜରିନ୍ ମିଶନ (NMI)

**୧୫୨.** ମଣ୍ଡଳୀ ପରିଷଦର ସ୍ୱୀକୃତି ପ୍ରାପ୍ତ ଉତ୍ତାରେ ସର୍ବାସାଧାରଣ ପରିଷଦର ଗ୍ଲୋବାଲ୍ ମିଶନ୍ କମିଟି ଏବଂ ଗ୍ଲୋବାଲ୍ NMI କନ୍‌ଭେନ୍‌ସନ୍ ଦ୍ୱାରା NMI ସମ୍ବିଧାନ ସର୍ବସମ୍ମତିକ୍ରମେ ଗୃହୀତ ହେବା ଉତ୍ତାରେ ଯେକୌଣସି ବୟସ ଦଳଙ୍କୁ ନେଇ ସ୍ଥାନୀୟ ମଣ୍ଡଳୀ ଗଠନ କରିପାରିବ । (୫୧୬)

**୧୫୨.୧.** ସ୍ଥାନୀୟ ମଣ୍ଡଳୀରେ ସ୍ଥାନୀୟ NMI ଏକ ଅଙ୍ଗ ହୋଇ ମଣ୍ଡଳୀ ପରିଷଦ ଏବଂ ପାଳକଙ୍କ ଅଧିନରେ ପରିଚାଳିତ ହେବ । (୫୧୬)

**୧୫୨.୨.** ପାଳକଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା NMI ସଦସ୍ୟମାନଙ୍କ ମଧ୍ୟରୁ ୩–୭ ଜଣ କମିଟି ସଦସ୍ୟ NMI ସଭାପତି ମନୋନୀତ କରିବେ ଯେ ସଭାପତି ଭାବେ ଦାୟୀତ୍ୱ ବହନ କରିବ । ଏହି କମିଟି ସଭାପତି ନିମନ୍ତେ ଏକାଧିକ ନାମ ମଣ୍ଡଳୀ ପରିଷଦର ଅନୁମୋଦନ ନିମନ୍ତେ ପ୍ରଦାନ କରିବେ । ଉପସ୍ଥିତ ଥିବା

ସଦସ୍ୟଙ୍କ ମଧ୍ୟରେ ମତଦାନ ହେବ ଏବଂ ଅଧିକ ମତପ୍ରାପ୍ତ ବ୍ୟକ୍ତି ସଭାପତି ଭାବେ ନିର୍ବାଚିତ ହେବେ । ସେହି ସଭାପତି ସ୍ଥାନୀୟ ମଣ୍ଡଳୀର ସଦସ୍ୟ ହେବେ ଏବଂ ବାର୍ଷିକ ସଭାରେ ମଣ୍ଡଳୀକୁ ତାଙ୍କ କାର୍ଯ୍ୟର ବିବରଣ ପ୍ରଦାନ କରିବେ । (୧୧୩.୯, ୧୧୪, ୧୨୩, ୧୨୭, ୨୦୧)

**୧୫୩.** ନାଜରିନ୍ ମଣ୍ଡଳୀର ସାଧାରଣ କାର୍ଯ୍ୟ ନିମନ୍ତେ ସ୍ଥାନୀୟ NMI ଦ୍ୱାରା ସଙ୍ଗଠିତ ହୋଇଥିବା ସମସ୍ତ ଅନୁଦାନ World Evangelism ଅନୁଦାନ ରୂପେ ବ୍ୟବହାର ହେବ ।

**୧୫୩.୧.** World Evangelism ଅନୁଦାନ ସଂପୂର୍ଣ୍ଣ ରୂପେ ମଞ୍ଜୁର ହେବା ଉତ୍ତାରେ ସ୍ଥାନୀୟ ମଣ୍ଡଳୀ ଅନ୍ୟ ମିଶନ୍ କାର୍ଯ୍ୟକୁ ସାହାଯ୍ୟ କରିବାକୁ ଉତ୍ସାହିତ କରିବ ।

**୧୫୪.** ସାଧାରଣତଃ ଅନୁଦାନଗୁଡ଼ିକ ନିମ୍ନଲିଖିତ ଶୈଳୀରେ ଏକତ୍ର କରାଯିବ:

**୧୫୪.୧.** ଦାନ କିମ୍ବା ନୈବେଦ୍ୟ ଦ୍ୱାରା

**୧୫୪.୨.** ବିଶେଷ ନୈବେଦ୍ୟ ଯଥା: Easter ଏବଂ ଧନ୍ୟବାଦ ନୈବେଦ୍ୟ ।

**୧୫୪.୩.** ଏଥିମଧ୍ୟରୁ କୌଣସି ଅର୍ଥ ସ୍ଥାନୀୟ ମଣ୍ଡଳୀ କିମ୍ବା District ପାଇଁ ଖର୍ଚ୍ଚ ହେବ ନାହିଁ ।

## (ଦ) ଏକ ସ୍ଥାନୀୟ ମଣ୍ଡଳୀ ନିମନ୍ତେ ଆର୍ଥିକ ନିବେଦନର ନିଷିଦ୍ଧତା

**୧୫୫.** ଏକ ସ୍ଥାନୀୟ ମଣ୍ଡଳୀ ସେମାନଙ୍କର ଆର୍ଥିକ ସହାୟତା ନିମନ୍ତେ କୌଣସି ମଣ୍ଡଳୀକୁ କିମ୍ବା ସେମାନଙ୍କର କର୍ମଚାରୀଙ୍କୁ ନିବେଦନ କରିବା ନିୟମ ବିରୁଦ୍ଧ ଅଟେ । District ମଧ୍ୟରେ ଥିବା ମଣ୍ଡଳୀଗୁଡ଼ିକୁ D.S. କିମ୍ବା DABଙ୍କ ଲିଖିତ ଅନୁମତି ଦ୍ୱାରା ସହାୟତା ମାଗିପାରିବେ ।

**୧୫୬.** ନାଜରିନ୍ ମଣ୍ଡଳୀର ସଦସ୍ୟ ଯେଉଁମାନେ General Board କିମ୍ବା କମିଟିରୁ ଅନୁମତି ନ ପାଇଛନ୍ତି, ସେମାନେ ସେବାକାର୍ଯ୍ୟ ପାଇଁ W.E.F ବ୍ୟତୀତ ସ୍ଥାନୀୟ ମଣ୍ଡଳୀ କିମ୍ବା ମଣ୍ଡଳୀର ସଦସ୍ୟଙ୍କଠାରୁ ଅନୁଦାନ ଭିକ୍ଷା କରିପାରିବେ ନାହିଁ ।

## (ଧ) ସ୍ଥାନୀୟ ମଣ୍ଡଳୀ ନାମର ବ୍ୟବହାର

**୧୫୭.** ନାଜରିନ୍ ମଣ୍ଡଳୀ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିବା କୌଣସି ଅନୁଷ୍ଠାନ, ବ୍ୟବସାୟ କେନ୍ଦ୍ର କୌଣସି ମଣ୍ଡଳୀ ଏହି ନାମକୁ ବ୍ୟବହାର କରିପାରିବେ ନାହିଁ । କେବଳ General Board of Church of the Nazarene କିମ୍ବା Borard of General Superintendentଙ୍କ ଅନୁମତି ଦ୍ୱାରା ନାମକୁ ବ୍ୟବହାର କରିପାରିବେ ।

## (ନ) ମଣ୍ଡଳୀ ଦ୍ୱାରା ଅନୁଦାନପ୍ରାପ୍ତ ପ୍ରତିଷ୍ଠାନ

**୧୫୮.** D.S.ଙ୍କର, D.A.Bର ଏବଂ Board of General Superintendentଙ୍କ ଲିଖିତ ଅନୁମତି ବିନା ସ୍ଥାନୀୟ ମଣ୍ଡଳୀ, ମଣ୍ଡଳୀ ପରିଷଦ, ପ୍ରତିଷ୍ଠାନଗୁଡ଼ିକ କୌଣସି ଲାଭଦାୟକ ପ୍ରତିଷ୍ଠାନଗୁଡ଼ିକରେ ସଦସ୍ୟ ହୋଇପାରିବେ ନାହିଁ ।

ସ୍ଥାନୀୟ ମଣ୍ଡଳୀର ଅଂଶୀଦାର

**୧୫୯.** କେହି କେହି ଅନୁଭବ କରୁଥିବେ ଯେ ସ୍ଥାନୀୟ ମଣ୍ଡଳୀରେ ନିର୍ଦ୍ଦିଷ୍ଟ ଅତ୍ୟନ୍ତ ପ୍ରୟୋଜନୀୟ କାର୍ଯ୍ୟ ନିମନ୍ତେ ସାମୟିକଭାବେ କିମ୍ବା ପୂର୍ଣ୍ଣ ଭାବେ ସେମାନେ ପ୍ରସ୍ତୁତ ହେବା ନିମନ୍ତେ ଆହ୍ୱାନପ୍ରାପ୍ତ । ମଣ୍ଡଳୀ ଏହାକୁ ଧ୍ୟାନରେ ରଖି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରେ ଯାହା ଉଭୟ ଈଶ୍ୱର ଏବଂ ଅନ୍ୟମାନଙ୍କ ପ୍ରତି ସେମାନଙ୍କର ଯୋଗ୍ୟତା ଅନୁସାରେ କାର୍ଯ୍ୟ କରିବାର ସୁଯୋଗ ହୋଇଥାଏ । ଯେତେବେଳେ ଅର୍ଥ ଗ୍ରହଣକାରୀ ଅଂଶୀଦାର ହୋଇଥିବେ ତେବେ D.S.ଙ୍କୁ ଏବଂ D.A.B.କୁ ଲିଖିତ ଅନୁରୋଧ କରିବା ଆବଶ୍ୟକ (୧୨୯.୨୭) ।

**୧୫୯.୧.** ସମସ୍ତ ବେତନଭୋଗୀ କିମ୍ବା ଅବୈତନିକ ଅଂଶୀଦାର ମଣ୍ଡଳୀ ମଧ୍ୟରେ ସେମାନଙ୍କର କାର୍ଯ୍ୟ କରିବେ । ତହିଁ ପୂର୍ବରୁ ପାଳକଙ୍କ ଦ୍ୱାରା ପ୍ରସ୍ତାବିତ ହୋଇ ମଣ୍ଡଳୀ ପରିଷଦ ଦ୍ୱାରା ନିର୍ବାଚିତ ହେବେ । (୧୫୯.୪-୨୧୧.୧୩)

**୧୫୯.୨.** ଏହିପରି ଅଂଶୀଦାର ନିଯୁକ୍ତି ଏକ ବର୍ଷ ନିମନ୍ତେ ହୋଇଥାଏ ଏବଂ ନୂତନୀକରଣ ନିମନ୍ତେ ପାଳକଙ୍କ ଅନୁମୋଦନ ସହିତ D.S.ଙ୍କର ଲିଖିତ ସ୍ୱୀକୃତିର ଆବଶ୍ୟକ । (୧୨୯.୨୭)

**୧୫୯.୩.** ଏହି ଅଂଶୀଦାରମାନଙ୍କର କାର୍ଯ୍ୟ ପାଳକଙ୍କ ଦ୍ୱାରା ସ୍ଥିର କରାଯିବ ଏବଂ ତଦାରଖ କରାଯିବ ।

**୧୫୯.୪.** ମଣ୍ଡଳୀର ବେତନଭୋଗୀ କୌଣସି କର୍ମଚାରୀ ମଣ୍ଡଳୀ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ ନାହିଁ ।

**୧୫୯.୫.** ପାଳକୀୟ ପରିବର୍ତ୍ତନ ସମୟରେ ମଣ୍ଡଳୀର ସ୍ଥିରତା, ଏକତା ଏବଂ ନିୟମିତ ସେବାକାର୍ଯ୍ୟଗୁଡ଼ିକ ଉପରେ ପ୍ରଭାବ ପଡ଼େ । ସେହି ସମୟରେ D.S. ସ୍ଥାନୀୟ ମଣ୍ଡଳୀ ସହିତ ଘନିଷ୍ଠ ଭାବେ ନିମ୍ନଲିଖିତ ପଦକ୍ଷେପ କାର୍ଯ୍ୟକାରୀ କରିବେ – ଯାହା (କ) ପରିବର୍ତ୍ତନ ସମୟରେ ସ୍ଥାନୀୟ ମଣ୍ଡଳୀ କେତେକ / କିମ୍ବା ସମସ୍ତ କର୍ମଚାରୀଙ୍କୁ ପୂର୍ବପରି ରଖିପାରିବ ।(ଖ) ଯେପରି ନୂତନ ପାଳକଙ୍କୁ ଅଂଶୀଦାରମାନଙ୍କୁ ବିକାଶ ନିମନ୍ତେ ସ୍ୱାଧୀନତା ମିଳିପାରିବ । (ଗ) ପରିଷଦକୁ ଏବଂ D.S.ଙ୍କୁ ସେମାନଙ୍କ ସହ ମେଳ ଖୁଆଇବା ନିମନ୍ତେ ଯଥେଷ୍ଟ ସମୟ ପ୍ରାପ୍ତ ହେବେ ।

**୧୫୯.୬.** କର୍ମଚାରୀ ସଦସ୍ୟ ସହିତ, ମଣ୍ଡଳୀ ପରିଷଦ ସହିତ ଏବଂ ମଣ୍ଡଳୀ ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରିବାର ନିମ୍ନଲିଖିତ ପାରାଗୁଡ଼ିକ ପ୍ରଭାବଶାଳୀ ଅଟେ ।

**୧୫୯.୫.** ପାଳକୀୟ ପରିବର୍ତ୍ତନ ସମୟରେ କର୍ମଚାରୀମାନଙ୍କ ଉପରେ D.S.ଙ୍କର ଦାୟୀତ୍ୱ ଅଟେ । (୨୧୧.୧୩)

**୧୫୯.୭.** ୧୦୦.୨ ପାରା ଅନୁଯାୟୀ ଯେବେ ମଣ୍ଡଳୀର ଜଣେ ପାଳକ ମଣ୍ଡଳୀ ପରିଚାଳନା ନିମନ୍ତେ ଅନୁମତି ପ୍ରାପ୍ତ ହୋଇଥାଏ, ତେବେ ସେ କର୍ମଚାରୀ ଭାବରେ ଗଣିତ ହୋଇପାରିବ ନାହିଁ ।

**୧୫୯.୮.** କୌଣସି ବ୍ୟକ୍ତି ବେତନଭୋଗୀ କର୍ମଚାରୀ ଭାବରେ D.S. କିମ୍ବା D.A.Bର ବିନା ଅନୁମତିରେ ମଣ୍ଡଳୀର ପାଳକ ହୋଇଥାଏ, ତେବେ ସେ ପାଳକ ବୋଲି ଅଯୋଗ୍ୟ ଘୋଷିତ ହୁଏ । (୧୧୫, ୧୨୯.୨, ୨୧୧.୧୦, ୨୨୫.୧୬)

## ଆଞ୍ଚଳିକ ଶାସନ ପଦ୍ଧତି

## (କ) ଅଞ୍ଚଳର ସୀମା ଏବଂ ନାମ

**୨୦୦.** ଏକ ମଣ୍ଡଳୀ ସଦସ୍ୟତାକୁ ଅଞ୍ଚଳ (District)ରେ ପରିଣତ କରିବାକୁ General Assembly ପ୍ରକୀୟା ଆରମ୍ଭ କରେ ।

ପାରସ୍ପରିକ ସାହାଯ୍ୟ ମାଧ୍ୟମରେ, ଉପାୟଗୁଡ଼ିକର ଆଦାନପ୍ରଦାନ ଦ୍ୱାରା ଏବଂ ସହଯୋଗ ମାଧ୍ୟମରେ ସମସ୍ତ ସ୍ଥାନୀୟ ମଣ୍ଡଳୀର ଲକ୍ଷ୍ୟକୁ ଆଗେଇ ନେବାକୁ ପରସ୍ପର ନିର୍ଭରଶୀଳତା ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ନେଇ ଏକ କ୍ଷେତ୍ର (District) ସ୍ୱତନ୍ତ୍ର ଭାବେ ସୃଷ୍ଟି ।

ଏକ କ୍ଷେତ୍ରର ସୀମା ଏବଂ ନାମ, ସାଧାରଣ ସୀମା କମିଟୀ ଏବଂ କ୍ଷେତ୍ର ସମ୍ମିଳିନୀଗୁଡ଼ିକର ସଂଖ୍ୟା ଗରିଷ୍ଠତାର ମତାମତ ଦ୍ୱାରା ଏବଂ ଅଧିକାରୀ General Superintendentଙ୍କର ଅନ୍ତିମ ମଞ୍ଜୁରୀ ଦ୍ୱାରା ସ୍ଥିର ହୋଇଥାଏ ।

ଯେଉଁ ଅଞ୍ଚଳରେ କ୍ଷେତ୍ରଗୁଡ଼ିକ ଏକରୁ ଅଧିକ ଶିକ୍ଷା ପ୍ରତିଷ୍ଠାନ ଅଞ୍ଚଳରୁ ହୋଇଥାଏ, ତେବେ ସେହି କ୍ଷେତ୍ରଗୁଡ଼ିକ ମିଳିତ ହୋଇ ଗୋଟିଏ ନୂତନ କ୍ଷେତ୍ର ହେବେ ଏବଂ ସାଧାରଣ ସୀମା କମିଟୀ ଦାୟୀତ୍ୱରେ ଥିବା G.S.ଙ୍କ ସହିତ ଆଲୋଚନା କରି ସେହି ନୂତନ କ୍ଷେତ୍ର କେଉଁ ଅଞ୍ଚଳରେ ଅଂଶୀ ହେବ, ତାହା ସ୍ଥିର କରିବ । (୨୪)

**୨୦୧.୧.** ନୂତନ ଅଞ୍ଚଳ (District)ଗୁଡ଼ିକର ସୃଷ୍ଟି । ନାଜରିନ୍ ମଣ୍ଡଳୀରେ ନୂତନ କ୍ଷେତ୍ର ସୃଷ୍ଟିର ପ୍ରଣାଳୀ ।

୧. ଗୋଟିଏ କ୍ଷେତ୍ର ମଧ୍ୟରୁ ଦୁଇ କିମ୍ବା ଅଧିକ କ୍ଷେତ୍ର ବିଭାଜନ ନିମନ୍ତେ କ୍ଷେତ୍ର ସମ୍ମିଳନୀରେ ଦୁଇ ତୃତୀୟାଂଶ ମତ ଆବଶ୍ୟକ ।

୨. ଯେଉଁ କ୍ଷେତ୍ରଗୁଡ଼ିକ ମତଭେଦ ଦ୍ୱାରା ଭିନ୍ନ ହୋଇ ମିଳିତ ହୋଇଛନ୍ତି, ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଗଠନ କରାଯାଇପାରେ ।

୩. ଯେଉଁ ସ୍ଥାନରେ ଏକ କ୍ଷେତ୍ର ପୂର୍ବରୁ ଅଛି, ସେହି ସୀମା ମଧ୍ୟରେ ଅନ୍ୟ ଏକ କ୍ଷେତ୍ର ହୋଇପାରିବ ନାହିଁ ।

୪. ଦୁଇ କିମ୍ବା ଅଧିକ କ୍ଷେତ୍ର ମିଳିତ ହେଲେ;

୫. ନୂତନ କ୍ଷେତ୍ର ନିମନ୍ତେ ଏକ ସୁପାରିଶ ପ୍ରତିଷ୍ଠିତ ହୋଇ General Superintendentଙ୍କୁ ପ୍ରଦାନ କରାଯିବ । D.S. ଏବଂ D.A.B. ଏହାକୁ ଅନୁମୋଦନ କରିବେ ଏବଂ D.S. ଏବଂ B.G.S.ଙ୍କର ମଞ୍ଜୁରୀ ସହିତ ମତଦାନ/ଭୋଟ୍ ନିମନ୍ତେ କ୍ଷେତ୍ର ସମ୍ମିଳନୀକୁ ପ୍ରେରଣ କରିବେ । (୨୪, ୨୦୦, ୨୦୦.୪)

**୨୦୦.୨.** ସେହି କ୍ଷେତ୍ରରେ ନାଜରିନ୍ ମଣ୍ଡଳୀର କାର୍ଯ୍ୟ ତୃଣମୂଳ ସ୍ତରରେ ଆରମ୍ଭ ହୋଇ ନୂତନ କ୍ଷେତ୍ର (District) ନିମନ୍ତେ ଆଗେଇବ । ତୃତୀୟ ପର୍ଯ୍ୟାୟ କ୍ଷେତ୍ରଗୁଡ଼ିକ ଯଥାଶୀଘ୍ର ସମ୍ଭବ ନିମ୍ନଲିଖିତ ପ୍ରଣାଳୀରେ ମିଳିତ ହେବେ ।

ପର୍ଯ୍ୟାୟ ୧ - ନିୟମାବଳୀ ମଧ୍ୟରେ ସୁସମାଚାର ପ୍ରଚାର ଏବଂ ରଣନୀତିର ବିକାଶ ନିମନ୍ତେ ଯେତେବେଳେ ନୂତନ କ୍ଷେତ୍ରରେ ସୁଯୋଗ ଆସେ, ସେତେବେଳେ ଏକ ପର୍ଯ୍ୟାୟ ୧ କ୍ଷେତ୍ର (District) ନାମିତ ହୁଏ । ଏହି ନୂତନ ଅଞ୍ଚଳ ନିମନ୍ତେ D.A.B. ମାଧ୍ୟମରେ, ପ୍ରାଦେଶିକ ପରିଚାଳକଙ୍କ ମଧ୍ୟଦେଇ ପ୍ରଧାନ ଅଧ୍ୟକ୍ଷ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ବୋର୍ଡକୁ ଅନୁରୋଧ କରାଯାଏ ।

ଏକ ପର୍ଯ୍ୟାୟ – ୧ ଅଧ୍ୟକ୍ଷଙ୍କୁ ପ୍ରାଦେଶିକ ପରିଚାଳକ ଅନୁମୋଦନ କରିବେ । ପର୍ଯ୍ୟାୟ – ୧ର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରଦେଶ ପରିଚାଳନା

କରିବ । ଅନୁଦାନ ପ୍ରାପ୍ତ ଅଞ୍ଚଳ ଅଧ୍ୟକ୍ଷଙ୍କୁ D.A.B.ର ଅନୁରୋଧ କ୍ରମେ ପ୍ରଧାନ ଅଧ୍ୟକ୍ଷ ନିଯୁକ୍ତ କରିବେ ।

ଯେତେବେଳେ F.S.C. ଏବଂ ପ୍ରାଦେଶିକ ପରିଚାଳକଙ୍କ ମତରେ ଗୋଟିଏ ପର୍ଯ୍ୟାୟ – ୧ ଅଞ୍ଚଳ ଆର୍ଥିକ, ନୈତିକ କିମ୍ବା ଅନ୍ୟାନ୍ୟ ବିଷୟରେ ସଙ୍କଟରେ ଗତି କରେ, ତେବେ ସେହି ଅଞ୍ଚଳକୁ ବିଶ୍ୱ ମିଶନ୍ ପରିଚାଳକଙ୍କ ପରାମର୍ଶରେ ପ୍ରଧାନ ଅଧ୍ୟକ୍ଷଙ୍କ ସ୍ୱୀକୃତି ସହିତ ସଙ୍କଟ ଅଞ୍ଚଳ ବୋଲି ଘୋଷଣା କରାଯାଏ । ଯେପର୍ଯ୍ୟନ୍ତ ନିୟମିତ ଆଞ୍ଚଳିକ ସମ୍ମିଳନୀ ନ ହୋଇଛି, ସେପର୍ଯ୍ୟନ୍ତ ପ୍ରଧାନ ଅଧ୍ୟକ୍ଷ ସ୍ୱୀକୃତି ସହିତ ପ୍ରାଦେଶିକ ପରିଚାଳକ ଅଞ୍ଚଳର ପରିଚାଳନା ନିମନ୍ତେ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟୀ ଗଠନ କରିବେ ।

ପର୍ଯ୍ୟାୟ ୨ - ଏକ ଅଞ୍ଚଳ ପର୍ଯ୍ୟାୟ – ୨ରେ ପ୍ରବେଶ କରିପାରିବ ଯେତେବେଳେ ସେଠାରେ ଯଥେଷ୍ଟ ସଂଗଠିତ ମଣ୍ଡଳୀଗୁଡ଼ିକ ଥିବ ଏବଂ ଯଥେଷ୍ଟ ଅଭିଷିକ୍ତ ସେବକଗଣ ଥିବେ ଓ ଏକ ଆଞ୍ଚଳିକ ଯଥେଷ୍ଟ ସଂସ୍ଥାନ ଥିବ । ଏକ ଅଞ୍ଚଳକୁ ୨ୟ ପର୍ଯ୍ୟାୟ ଉପାଧି ଦେବାକୁ ବିଶ୍ୱ ମିଶନ୍ ପରିଚାଳକ ପ୍ରଧାନ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି, ପ୍ରାଦେଶିକ ପରିଚାଳକ ଏବଂ ଅଞ୍ଚଳ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେବା କମିଟି ମଧ୍ୟରେ ଆଲୋଚନା କରି ପ୍ରଧାନ ଅଧ୍ୟକ୍ଷଙ୍କ ବୋର୍ଡକୁ ଅନୁମୋଦନ ନିମନ୍ତେ ପ୍ରେରଣା କରାଯାଏ ଏବଂ ଏହି ଉପାଧି ପ୍ରଧାନ ଅଧ୍ୟକ୍ଷଙ୍କ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥାଏ । ଏହି ପର୍ଯ୍ୟାୟ – ୨ ଅଞ୍ଚଳର ଅଧ୍ୟକ୍ଷ ନିର୍ବାଚିତ ହୁଅନ୍ତି ନତୁବା ନିଯୁକ୍ତି ହୁଅନ୍ତି ।

ଏଥିନିମନ୍ତେ ଅତିକମ୍‌ରେ ୧୦ଟି ସଂଗଠିତ ମଣ୍ଡଳୀ, ୫୦୦ ସଂପୂର୍ଣ୍ଣ ସଭ୍ୟ ଏବଂ ୫ଜଣ ଅଭିଷିକ୍ତ ସେବକ ଆବଶ୍ୟକ ଏବଂ ଅଞ୍ଚଳର ପ୍ରଶାସନିକ ବାର୍ଷିକ ବ୍ୟୟ ମଧ୍ୟରୁ ୫୦% ସ୍ୱୟଂ ଉତ୍ତୋଳନ କରିବାର କ୍ଷମତା ରଖିପାରୁଥିବେ ଏହି ସମସ୍ତ ପର୍ଯ୍ୟାୟ – ୨ ଉପାଧି ସମୟରେ ହେବା ଆବଶ୍ୟକ । ତେବେ ଏକ D.A.B. କିମ୍ବା ଦେଶୀୟ ବୋର୍ଡ ପ୍ରଧାନ ଅଧ୍ୟକ୍ଷଙ୍କୁ ଅନୁରୋଧ କରିପାରିବେ ।

ଯେତେବେଳେ F.S.C. ଏବଂ ପ୍ରାଦେଶିକ ପରିଚାଳକଙ୍କ ମତରେ ସେହି ପର୍ଯ୍ୟାୟ – ୨ ଅଞ୍ଚଳ ସଙ୍କଟରେ (ଆର୍ଥିକ, ନୈତିକ) ଗତି କରୁଛି ବୋଲି ମନେହୁଏ, ତେବେ ସେହି ଅଞ୍ଚଳକୁ ବିଶ୍ୱ ମିଶନ୍ ପରିଚାଳକଙ୍କ ପରାମର୍ଶରେ,

ପ୍ରଧାନ ଅଧ୍ୟକ୍ଷଙ୍କ ସ୍ୱୀକୃତି ସହିତ ସଙ୍କଟ ଅଞ୍ଚଳ ବୋଲି ଘୋଷଣା କରାଯାଏ । ଯେପର୍ଯ୍ୟନ୍ତ ନିୟମିତ ଆଞ୍ଚଳିକ ନ ହୋଇଛି ସେପର୍ଯ୍ୟନ୍ତ ପ୍ରଧାନ ଅଧ୍ୟକ୍ଷଙ୍କ ସ୍ୱୀକୃତି ସହିତ ପ୍ରାଦେଶିକ ପରିଚାଳକ ଅଞ୍ଚଳର ପରିଚାଳନା ନିମନ୍ତେ ଏକ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟୀ ଗଠନ କରିବେ ।

ପର୍ଯ୍ୟାୟ ୩ - ଯେତେବେଳେ ଯଥେଷ୍ଟ ସଂଖ୍ୟାରେ ସଂଗଠିତ ମଣ୍ଡଳୀ ଏବଂ ଅଭିଷିକ୍ତ ସେବକ ଥିବେ ଏବଂ ଏହି ଉପାଧିର ସତ୍ୟତାକୁ ସ୍ୱୀକୃତି ଦେବା ନିମନ୍ତେ ସଦସ୍ୟଗଣ ଉପସ୍ଥିତ ଥିବେ, ତେବେ ପର୍ଯ୍ୟାୟ – ୩ ଅଞ୍ଚଳ ଘୋଷଣା କରାଯାଇପାରେ । ନେତୃତ୍ୱ, ସଂସ୍ଥାନ, ଆୟବ୍ୟୟ ଦାୟୀତ୍ୱ ବହନ ଏବଂ ମତବାଦ ସଚ୍ଚୋଟତାର ପ୍ରମାଣିତ ହେବା ଆବଶ୍ୟକ । ପର୍ଯ୍ୟାୟ – ୩ ଅଞ୍ଚଳ ଏହି ସମସ୍ତ ଦାୟୀତ୍ୱ ବହନ କରିବା ଆବଶ୍ୟକ ଏବଂ ମହାନ୍ ଆଦେଶର କଠିନତାକୁ ଏକ ଆନ୍ତର୍ଜାତୀୟ ମଣ୍ଡଳୀରେ ବର୍ଣ୍ଣନା କରିବା ଆବଶ୍ୟକ ।

ଏକ ଅଞ୍ଚଳକୁ ପର୍ଯ୍ୟାୟ – ୩ ଉପାଧି ଦେବାକୁ ବିଶ୍ୱ ମିଶନ୍ ପରିଚାଳକ ପ୍ରଧାନ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ପ୍ରାଦେଶିକ ପରିଚାଳକ ଏବଂ ଅଞ୍ଚଳ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେବା କମିଟୀ ମଧ୍ୟରେ ଆଲୋଚନା କରି ପ୍ରଧାନ ଅଧ୍ୟକ୍ଷଙ୍କ ବୋର୍ଡକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଏ ଏବଂ ଏହି ଉପାଧି ପ୍ରଧାନ ଅଧ୍ୟକ୍ଷଙ୍କ ବୋର୍ଡ ଦ୍ୱାରା ପ୍ରଦନା କରଯାଇଥାଏ । ଏହି ପର୍ଯ୍ୟାୟ – ୩ର ଅଧ୍ୟକ୍ଷ ମାନୁଆଲ୍ ଅନୁଯାୟୀ ମନୋନୀତ କରାଯାଏ ।

ଏଥିନିମନ୍ତେ ଅତିକମ୍‌ରେ ୨୦ଟି ସଂଗଠିତ ମଣ୍ଡଳୀ, ୧୦୦୦ ସଂପୂର୍ଣ୍ଣ ସଭ୍ୟ ଏବଂ ୧୦ ଜଣ ଅଭିଷିକ୍ତ ସେବକ ରହିଥିବା ଆବଶ୍ୟକ । ଏକ D.A.B. ଏବଂ ଦେଶୀୟ ବୋର୍ଡ ପ୍ରଧାନ ଅଧ୍ୟକ୍ଷଙ୍କୁ ପର୍ଯ୍ୟାୟ – ୩ ଅଞ୍ଚଳ ନିମନ୍ତେ ଅନୁରୋଧ କରିପାରିବେ । ଏହି ପର୍ଯ୍ୟାୟ – ୩ ଅଞ୍ଚଳ ତା'ର ପ୍ରଶାସନିକ ବ୍ୟୟର ୧୦୦% ଭାର ବହନ କରିପାରୁଥିବା ଆବଶ୍ୟକ ।

ତୃତୀୟ ପର୍ଯ୍ୟାୟ ଅଞ୍ଚଳଗୁଡ଼ିକ ସେମାନଙ୍କର କ୍ଷେତ୍ରଠାରୁ ଅବିଚ୍ଛିନ୍ନ ଅଟନ୍ତି । ସେହି କ୍ଷେତ୍ରକୁ ତଦାରକ ଏବଂ ଯୋଗାଯୋଗ କରିବାକୁ କ୍ଷେତ୍ର ପରିଚାଳକଙ୍କ ସହଯୋଗୀଙ୍କୁ G.S. ଏବଂ କ୍ଷେତ୍ର ପରିଚାଳକ ନିଯୁକ୍ତ କରାଯାଇପାରେ ।

ଯେତେବେଳେ G.S. ଅନୁଭବ କରିବେ ଯେ ସେହି ଅଞ୍ଚଳଟି ଆର୍ଥିକ, ନୈତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଙ୍କଟରେ ଗତି କରୁଅଛି ଏବଂ ଅଞ୍ଚଳର ଭବିଷ୍ୟତ୍ ଅସ୍ଥିରତା ମଧ୍ୟକୁ ଯାଉଛି, ତେବେ Board of General Superintendଙ୍କ ସହିତ ଆଲୋଚନା କରି ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିପାରିବେ :

୧. ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ବାହାର କରିଦେବେ:

୨. ଅଞ୍ଚଳର ପରିଚାଳନା ନିମନ୍ତେ ସାମୟିକ ଭାବରେ ଏକ ପରିଚାଳନା କମିଟି ନିଯୁକ୍ତ କରିବେ, ଯେପର୍ଯ୍ୟନ୍ତ ନିୟମିତ ଭାବରେ ଆଞ୍ଚଳିକ ଅଧିବେଶନ ନ ହୋଇଛି ।

୩. ଅଞ୍ଚଳର ସୁସ୍ଥତା ଏବଂ ଲକ୍ଷ୍ୟକୁ ସୁରକ୍ଷିତ ରଖିବା ନିମନ୍ତେ ଆବଶ୍ୟକ ମନେ କରି ଏହିପରି ବିଶେଷ ବ୍ୟାଘାତଜନକ ହସ୍ତକ୍ଷେପ ନେବା ଆବଶ୍ୟକ (୨୦୦.୧, ୨୦୫.୧୨, ୨୦୬.୨, ୨୦୯.୧, ୩୦୭.୯, ୩୨୨)

**୨୦୦.୩.** ଅଞ୍ଚଳ ବିଭାଜନ ନିମନ୍ତେ ମାନଦଣ୍ଡ କିମ୍ୱା ଅଞ୍ଚଳର ସୀମା ପରିବର୍ତ୍ତନ ଅଞ୍ଚଳର ବିକାଶ କିମ୍ୱା ଅଞ୍ଚଳ ସାମୀ ପରିବର୍ତ୍ତନର ପ୍ରସ୍ତାବ କ୍ଷେତ୍ର କାର୍ଯ୍ୟାଳୟ ଦେଶୀୟ କାର୍ଯ୍ୟାଳୟ କିମ୍ୱା ଆଞ୍ଚଳିକ ଉପଦେଷ୍ଟା କମିଟି ପ୍ରଧାନ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ । ଏହି ଯୋଜନାକୁ ଯେପରି କାର୍ଯ୍ୟକାରୀ କରାଯାଇପାରିବ :

୧. ଯେପରି ପ୍ରସ୍ତାବିତ ନୂତନ ଅଞ୍ଚଳ ଜନସମୂହ କୈନ୍ଦ୍ରିକ ହୋଇଥିବ ଏବଂ ସେହି ଅଞ୍ଚଳ ଗଠନ କରିବା ଯଥାର୍ଥ ହୋଇଥିବ ।

୨. ସେହି ଅଞ୍ଚଳର କାର୍ଯ୍ୟକୁ ଆଗେଇ ନେବା ପାଇଁ ଯାତାୟାତ ଏବଂ ଯୋଗାଯୋଗର ସୁବିଧା ଥିବ ।

୩. ଅଞ୍ଚଳର କାର୍ଯ୍ୟ ନିମନ୍ତେ ଯଥେଷ୍ଟ ସଂଖ୍ୟାରେ ଅଭିଷିକ୍ତ ଏବଂ ସାଧାରଣ ନେତା ରହିଥିବେ ।

୪. ପର୍ଯ୍ୟାୟ ୩ ଅଞ୍ଚଳର ପ୍ରାଧାନ୍ୟ ବଜାୟ ରଖିବାକୁ ଯଥେଷ୍ଟ ସଂଖ୍ୟାରେ ସଂଗଠିତ ମଣ୍ଡଳୀଗୁଡ଼ିକ ରହିଥିବ, ଯଥେଷ୍ଟ ସଂଖ୍ୟାରେ ସଦସ୍ୟ ରହିଥିବେ ଏବଂ ଯଥେଷ୍ଟ ପରିମାଣରେ ଆଞ୍ଚଳିକ ଆୟ ଗଚ୍ଛିତ ଥିବ ।

**୨୦୦.୪.** ମିଶିଯିବା—ଦୁଇ କିମ୍ବା ଅଧିକ ପର୍ଯ୍ୟାୟ ୩ ଅଞ୍ଚଳ, ଆଞ୍ଚଳିକ ଅଧିବେଶନରେ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ସଂଯୁକ୍ତ ହୋଇପାରିବେ: କେବଳ ଉପଦେଷ୍ଟା କମିଟିର ଅନୁରୋଧରେ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ସ୍ୱୀକୃତିରେ ।

ପର୍ଯ୍ୟାୟ ୧ ଏବଂ ପର୍ଯ୍ୟାୟ ୨ ଅଞ୍ଚଳ ସଂଯୁକ୍ତ ହୋଇ ନୂତନ ଅଞ୍ଚଳ ଗଠିତ ହୋଇପାରେ ୨୦୦.୨, (୨୦୦.୧) ପାରା ଅନୁଯାୟୀ ।

**୨୦୦.୫.** ଯଦି କୌଣସି ଅଞ୍ଚଳ କାର୍ଯ୍ୟ କରିବାରେ ବିଫଳ ହୁଏ, ତେବେ ଏହାର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଗାମୀ ସାଧାରଣ ଅଧିବେଶନରେ ଆଞ୍ଚଳିକ ଉପଦେଷ୍ଟା କମିଟି ଦ୍ୱାରା ଅନୁରୋଧ କରାଯାଇପାରେ ।

**୨୦୦.୬.** ଜଣେ ଆଞ୍ଚଳିକ ଅଧ୍ୟକ୍ଷ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ କରିବାରେ ସହଯୋଗ କରିବାକୁ ମିଶନ୍ ଏରିଆ ପରିଚାଳକଙ୍କ ସାହାଯ୍ୟ ଲୋଡ଼ି ପାରିବେ:

୧. ସେହି ଅଞ୍ଚଳର ପାଳକମାନଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ କରିବେ ।

୨. ଖ୍ରୀଷ୍ଟଙ୍କ ହେତୁ, ସେବାକାର୍ଯ୍ୟର ବିକାଶ, ମଣ୍ଡଳୀ ବୃଦ୍ଧି, ସୁସମାଚାର ପ୍ରଚାର, ମଣ୍ଡଳୀର ପୁନର୍ଗଠନ କରିବେ ।

୩. ଆଞ୍ଚଳିକ ଅଧ୍ୟକ୍ଷଙ୍କ ପ୍ରତି ବଦଳରେ ଏବଂ ଉପଦେଷ୍ଟା କମିଟିର ବଦଳରେ ଦାୟୀତ୍ୱଗୁଡ଼ିକ କାର୍ଯ୍ୟକାରୀ କରିବେ ।

୪. ସ୍ଥାନୀୟ ସହଭାଗିତା ଏବଂ ଅଞ୍ଚଳ ମଧ୍ୟରେ ଯୋଗାଯୋଗର ପୋଲ ତିଆରି କରିବେ ।

**୨୦୧.** ସଭ୍ୟପଦ । ଏହି ସମସ୍ତ ସଭ୍ୟମାନଙ୍କୁ ନେଇ ଆଞ୍ଚଳିକ ସମ୍ମିଳନୀ ଗଠିତ ହେବ ଯଥା: ଦାୟୀତ୍ୱରେ ଥିବା ସମସ୍ତ ପ୍ରାଚୀନ, ସମସ୍ତ ଦୀକନ, ସମସ୍ତ ଅନୁମତି ପତ୍ରଧାରୀ ସେବକଗଣ, ସମସ୍ତ ଅବସରପ୍ରାପ୍ତ ସେବକଗଣ, ଆଞ୍ଚଳିକ ସମ୍ପାଦକ,

ଆଞ୍ଚଳିକ କୋଷାଧ୍ୟକ୍ଷ, ଆଞ୍ଚଳିକ କମିଟିର ସଭାପତି ଯେ ଆଞ୍ଚଳିକ ସମ୍ମିଳନୀର ବିବରଣ ପ୍ରଦାନ କରିବେ । ନାଜରିନ୍ ଶିକ୍ଷାନୁଷ୍ଠାନର ଉଚ୍ଚଶିକ୍ଷା ବିଭାଗର ସାଧାରଣ ସଭାପତି - ଯାହାର ସ୍ଥାନୀୟ ମଣ୍ଡଳୀରେ ସଭ୍ୟପଦ ଅଛି, ଆଞ୍ଚଳିକ SDMI ସଭାପତି, ଆଞ୍ଚଳିକ SDMI ପରିଷଦ, ଆଞ୍ଚଳିକ NYI ସଭାପତି, ଆଞ୍ଚଳିକ NMI ସଭାପତି, ନୂତନ ଭାବରେ ନିର୍ବାଚିତ ହୋଇଥିବା SDMI, NYI, NMIର ଅଧ୍ୟକ୍ଷଗଣ । (୨୪, ୧୧୩.୧୪-୧୧୩.୧୫, ୧୪୬, ୧୫୨.୨, ୨୦୧.୧-୨୦୧-୨, ୨୧୯.୨, ୨୨୨.୨, ୨୨୪.୪, ୧୪୨.୨, ୨୪୪.୨, ୫୦୫-୫୨୮.୧-୫୩୨.୮, ୫୩୩-୫୩୩.୪, ୫୩୪-୫୩୪.୩, ୫୩୫-୫୩୫.୧ ୫୩୬-୫୩୬.୨, ୫୩୮.୯) ।

**୨୦୧.୧.** ଯେଉଁ ଅଞ୍ଚଳର ସ୍ଥାନୀୟ ମଣ୍ଡଳୀ ଏବଂ CTMର ପୂର୍ଣ୍ଣ ସଭ୍ୟସଂଖ୍ୟା ୫,୦୦୦ ହୋଇଥିବ, ତେବେ ଏହି ପ୍ରକାରେ ଆଞ୍ଚଳିକ ସମ୍ମିଳନୀକୁ ସେମାନଙ୍କର ପ୍ରତିନିଧି ପ୍ରେରଣ କରିପାରିବେ ଯଥା: ୨ ଜଣ ସାଧାରଣ ପ୍ରତିନିଧି ପ୍ରତିଟି ସ୍ଥାନୀୟ ମଣ୍ଡଳୀରୁ (୨୪, ୧୧୩.୧୪-୧୧୩.୧୫, ୨୦୧)

**୨୦୧.୨.** ଯେଉଁ ଅଞ୍ଚଳର ସ୍ଥାନୀୟ ମଣ୍ଡଳୀ ଏବଂ ପୂର୍ଣ୍ଣ ସଭ୍ୟସଂଖ୍ୟା ୫,୦୦୦ ହୋଇଥିବ, ତେବେ ଏହି ପ୍ରକାରେ ଆଞ୍ଚାଳିକ ସମ୍ମିଳନୀକୁ ସେମାନଙ୍କର ପ୍ରତିନିଧି ପ୍ରେରଣ କରିପାରିବେ ଯଥା: ଯଥା ଜଣେ ସାଧାରଣ ସଭ୍ୟ ପ୍ରତିଟି ସ୍ଥାନୀୟ ମଣ୍ଡଳୀରୁ (୨୪, ୧୧୩.୧୪-୧୧୩.୧୫, ୨୦୧)

**୨୦୨.** ସମୟ । ଯେଉଁ ସମୟ ପ୍ରଧାନ ଅଧ୍ୟକ୍ଷ ନିର୍ଣ୍ଣୟ କରିବେ ସେହି ସମୟରେ ପ୍ରତିବର୍ଷ ଆଞ୍ଚଳିକ ସମ୍ମିଳନୀ ହେବ ଏବଂ ଏହାର ସ୍ଥାନ DAB ଓ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ସ୍ଥିର କରାଯିବ ।

**୨୦୩.** ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରିବା କମିଟି – ଆଞ୍ଚଳିକ ସମ୍ମିଳନୀକୁ ପରିଚାଳନା କରିବା ନିମନ୍ତେ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଉପଦେଷ୍ଟା କମିଟି ମିଳିତ ଭାବରେ ସମ୍ମିଳନୀ ପୂର୍ବରୁ ଏକ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରିବା କମିଟି ଗଠନ କରିବେ ।

ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ ନିମନ୍ତେ ଏହି କମିଟି ସମ୍ମିଳନୀରେ ନାମ ପ୍ରସ୍ତାବ କରିବ (୨୧୫.୨)।

**୨୦୪.** ବିଦ୍ୟୁତ୍-ଅଣୁ ବିଜ୍ଞାନ ପଦ୍ଧତିରେ ସମସ୍ତ ଭୋଟିଂ ହେବ ଏବଂ ଏହା ଉପଦେଷ୍ଟା କମିଟିର ଅନୁମୋଦନରେ ହେବା ଆବଶ୍ୟକ ।

## (ଗ) ଆଞ୍ଚଳିକ ସମ୍ମିଳନୀର କାର୍ଯ୍ୟକ୍ରମ

**୨୦୫.** ଶୃଙ୍ଖଳା ରକ୍ଷାପାଇଁ ନିୟମ । ପ୍ରୟୋଗଯୋଗ୍ୟ ନିୟମ ଅଧୀନରେ, ଅନ୍ତର୍ଭୁକ୍ତୀକରଣର ପ୍ରବନ୍ଧ ଏବଂ ମାନୁଆଲ୍‌ରେ ଥିବା ବ୍ୟବସ୍ଥା ସହିତ "Robert's Rules of order Newly Revised" ଅନୁଯାୟୀ ନାଜରିନ୍ ମଣ୍ଡଳୀର ସଭାଗୁଡ଼ିକ ଆଗେଇବା ଆବଶ୍ୟକ (୩୪) ।

**୨୦୫.୧.** ଆଞ୍ଚଳିକ ସମ୍ମିଳନୀର କାର୍ଯ୍ୟକ୍ରମ ଏହିପରି ଯଥା:

**୨୦୫.୨.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ବାର୍ଷିକ ବିବରଣୀ ଗ୍ରହଣ କରିବା ଯେଉଁଥିରେ ନୂତନ ଭାବେ ସଂଗଠିତ ମଣ୍ଡଳୀର ସେବାକାର୍ଯ୍ୟ ମଧ୍ୟ ବର୍ଣ୍ଣନା କରାଯାଇଥିବ ।

**୨୦୫.୩.** ସମସ୍ତ ଅଭିଷିକ୍ତ ସେବକ, ପାଳକ ରୂପେ ସେବା କରୁଥିବା ସମସ୍ତ ଅନୁମତି ପ୍ରାପ୍ତଧାରୀ ସେବକ କିମ୍ୱା ପ୍ରଚାରକ ଏବଂ ସମସ୍ତ ପ୍ରାଚୀନ ଏବଂ ଦୀକନମାନଙ୍କଠାରୁ ବିବରଣ ଗ୍ରହଣ କରିବା କିମ୍ୱା ଶୁଣିବା । (୫୦୫-୫୦୮.୨, ୫୨୧, ୫୩୨.୮, ୫୩୮.୯)

**୨୦୫.୪.** ମଣ୍ଡଳୀ ପରିଷଦ କିମ୍ୱା ଉପଦେଷ୍ଟା କମିଟିର ସ୍ୱୀକୃତି କ୍ରମେ ଏବଂ ଉତ୍ତମ ରୂପେ ସମୀକ୍ଷା କରାଯିବା ଉତ୍ତାରେ ସେବକମାନଙ୍କୁ ଅନୁମତିପ୍ରାପ୍ତ ପ୍ରଦାନ କରାଯିବ । (୧୦୯.୧୪, ୫୩୧.୫, ୫୩୨.୧, ୫୩୨.୩)

**୨୦୫.୫.** ଦୀକନମାନଙ୍କର ଅନୁମତି ପତ୍ରର ନୂତନୀକରଣ ପାଇଁ ଯତ୍ନ ସହକାରେ ସମୀକ୍ଷା କରିବା ଉତ୍ତାରେ, ଆଞ୍ଚଳିକ Ministerial Credentials ପରିଷଦ ଦ୍ୱାରା ସ୍ୱୀକୃତ ହେବ । (୧୨୯.୧୫)

**୨୦୫.୬.** ପ୍ରାଚୀନ କିମ୍ବା ଦୀକନମାନଙ୍କୁ ନିର୍ବାଚିତ କରିବାକୁ ହେଲେ ସେମାନଙ୍କର ସେବାକାର୍ଯ୍ୟକୁ ଉତ୍ତମ ରୂପେ ତୁଲାଉଥିବାର ସ୍ୱୀକୃତି District Ministerial Credential Board କିମ୍ୱା District Board of Ministry ଦେବେ । (୫୩୩.୩, ୫୩୪.୩)

**୨୦୫.୭.** ଅନ୍ୟ ମଣ୍ଡଳୀରୁ ଆସିଥିବା ବ୍ୟକ୍ତିଙ୍କୁ ସେବାକାର୍ଯ୍ୟର ଦାୟୀତ୍ୱ ଦେବା District Ministrial Credential Board କିମ୍ୱା District Board of Ministryର ସ୍ୱୀକୃତି ଉପରେ ନିର୍ଭର କରେ । (୫୩୨.୨, ୫୩୫-୫୩୫.୨)

**୨୦୫.୮.** ଯେଉଁ ସେବକ ଅନ୍ୟ ଅଞ୍ଚଳରୁ ବଦଳି ହୋଇ ଆସିଥିବେ ଏବଂ ଯେଉଁମାନଙ୍କଠାରେ ସେବକତ୍ୱ ଭୂମିକା ପାଇଁ ଅଭିଷିକ୍ତ ହୋଇଥିବେ ଏବଂ D.A.B. ଦ୍ୱାରା ସ୍ୱୀକୃତ ପ୍ରାପ୍ତ ହୋଇଥିବେ, ସେମାନଙ୍କୁ ଆଞ୍ଚଳିକ ସମ୍ମିଳନୀରେ District Ministerial Credential Board କିମ୍ୱା District Board of Ministry ଦ୍ୱାରା ସ୍ୱୀକୃତ କରାଯିବ । (୨୩୧.୯-୨୩୧.୧୦, ୫୦୫, ୫୦୮-୫୧୧.୧, ୫୩୭-୫୩୭.୨)

**୨୦୫.୯.** ଯେଉଁ ସେବକ ଅନ୍ୟ ଏକ ଅଞ୍ଚଳକୁ ବଦଳି ହେବାକୁ ଇଚ୍ଛା କରନ୍ତି, ସେମାନେ ଉ.ଗ.ଉ.ଇ. କିମ୍ୱା D.B.M.ର ଅନୁମୋଦନ କ୍ରମେ ବଦଳି ହୋଇପାରିବେ । (୫୦୫, ୫୦୮-୫୧୧.୧, ୨୩୧.୯-୨୩୧.୧୦, ୫୩୭-୫୩୭.୧)

**୨୦୫.୧୦.** ଯେଉଁ ବ୍ୟକ୍ତିମାନଙ୍କୁ ସେବାକାର୍ଯ୍ୟ ଭୂମିକା ନିମନ୍ତେ ୧ ବର୍ଷ ନିମନ୍ତେ ବିବେଚନା କରାଯାଏ ୫୦୫-୫୦୮.୨ ପାରା ଅନୁଯାୟୀ D.M.C.B. କିମ୍ବା DBM ଦ୍ୱାରା ସେମାନଙ୍କୁ ଅନୁମୋଦନ କରାଯାଏ ।

**୨୦୫.୧୧.** ଜଣେ ପ୍ରାଚୀନଙ୍କୁ ଅଞ୍ଚଳର ଅଧ୍ୟକ୍ଷ ଭାବରେ ନିର୍ବାଚିତ କରିବାକୁ ହେଲେ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ନିର୍ବାଚିତ କରିହେବ । ଦ୍ୱିତୀୟ ଆଞ୍ଚଳିକ ସମ୍ମିଳନୀର ୩୦ ଦିନ ପର୍ଯ୍ୟନ୍ତ ସେହି ଅଧ୍ୟକ୍ଷ ଦାୟୀତ୍ୱରେ ରହିବେ ଏବଂ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ହୋଇନାହାନ୍ତି କିମ୍ବା ନିଯୁକ୍ତ ହୋଇନାହାନ୍ତି ସେପର୍ଯ୍ୟନ୍ତ ଦାୟୀତ୍ୱରେ ରହିବେ । ଆଞ୍ଚଳିକ ଅଧ୍ୟକ୍ଷଙ୍କ ପୁନଃ ନିର୍ବାଚନ "ହଁ" କିମ୍ବା "ନା" ଭୋଟ୍ ଦ୍ୱାରା ହେବ । କୌଣସି ପ୍ରାଚୀନ ତାଙ୍କର ବିଶୃଙ୍ଖଳା ଆଚରଣ ନିମନ୍ତେ ତାଙ୍କର ଅନୁମତି ପତ୍ର ସମର୍ପଣ କରିଛନ୍ତି, ସେହି ପ୍ରାଚୀନ ଏହି ଅଧ୍ୟକ୍ଷ ପଦର ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ । ଯେଉଁ ଅଧ୍ୟକ୍ଷଙ୍କର ୭୦ ବର୍ଷ ହୋଇଥିବ ସେ ନିର୍ବାଚିତ କିମ୍ବା ପୁନଃ ନିର୍ବାଚିତ ହୋଇପାରିବେ ନାହିଁ ।

**୨୦୫.୧୨.** ଜଣେ ପର୍ଯ୍ୟାୟ ୨ କିମ୍ବା ପର୍ଯ୍ୟାୟ ୩ର ଅଧ୍ୟକ୍ଷ ଅଞ୍ଚଳକୁ ଦୁଇଟି ସମ୍ମିଳନୀ ବର୍ଷ ପର୍ଯ୍ୟନ୍ତ ସେବା କରିଥିବେ, ସେହି ଅଞ୍ଚଳର ସମ୍ମିଳନୀ ତାହାଙ୍କୁ ପ୍ରଧାନ ଅଧ୍ୟକ୍ଷଙ୍କ ଅନମୋଦନ କ୍ରମେ ପୁନର୍ବାର ଆଉ ୪ ବର୍ଷ ନିମନ୍ତେ "ହଁ" କିମ୍ବା "ନା" ଭୋଟ୍ ଦ୍ୱାରା ନିର୍ବାଚିତ କରିପାରିବେ । (୨୦୦.୨)

**୨୦୫.୧୩.** କୌଣସି କାରଣବଶତଃ ପ୍ରଧାନ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା କମିଟି ଅନୁଭବ କରନ୍ତି ଯେ ଆଞ୍ଚଳିକ ଅଧ୍ୟକ୍ଷ ସେହି ବର୍ଷଠାରୁ ଆଉ ଦାୟୀତ୍ୱରେ ରହିବେ ନାହିଁ, ତେବେ ପ୍ରଧାନ ଅଧ୍ୟକ୍ଷ ଏବଂ କମିଟି ଆଞ୍ଚଳିକ ସମ୍ମିଳନୀକୁ ଏହି ପ୍ରକାର ପ୍ରଶ୍ନ କରିବେ, "ବର୍ତ୍ତମାନର ଅଧ୍ୟକ୍ଷ ଏହି ଆଞ୍ଚଳିକ ସମ୍ମିଳନୀ ଉତ୍ତାରେ ତାଙ୍କର ଅଧ୍ୟକ୍ଷ କାର୍ଯ୍ୟ ଚାଲୁ ରଖିପାରିବେ ?" ଯଦି ସମ୍ମିଳନୀ ନିର୍ଣ୍ଣୟ କରେ ଯେ ଅଧ୍ୟକ୍ଷ ତାଙ୍କର କାର୍ଯ୍ୟ ଚାଲୁ ରଖିପାରିବେ, ତେବେ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା

ମତ ନିଆଯାଇପାରେ ଏବଂ ସେହି ଅଧ୍ୟକ୍ଷ ତାଙ୍କର କାର୍ଯ୍ୟ ଚାଲୁ କରିପାରିବେ, ଯେପରି କୌଣସି ଭୋଟ୍ ଗ୍ରହଣ ହୋଇନାହିଁ ।

ଯଦି ସମ୍ମିଳନୀ ନିର୍ଣ୍ଣୟ କରିବାରେ ଅସଫଳ ହୁଏ ଯେ ଅଧ୍ୟକ୍ଷ ତାଙ୍କ କାର୍ଯ୍ୟ ଚାଲୁ ରଖିବେ, ତେବେ ସେହି ସମ୍ମିଳନୀର ୩୦-୧୮୦ ଦିନ ମଧ୍ୟରେ ସେହି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମାପ୍ତ ହେବ ଏବଂ ପ୍ରଧାନ ଅଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା କମିଟି ସହିତ ଆଲୋଚନା କରି ତାରିଖ ଘୋଷଣା କରିବେ । (୨୦୬.୨, ୨୦୮, ୨୩୯)

**୨୦୫.୧୪.** ଆଞ୍ଚଳିକ ଉପଦେଷ୍ଟା ପରିଷଦ ନିମନ୍ତେ ତିନିଜଣ ଅଭିଷିକ୍ତ ସେବକ ଏବଂ ତିନିଜଣ ସାଧାରଣ ସଦସ୍ୟଙ୍କୁ ଭୋଟ୍ ମାଧ୍ୟମରେ ନିର୍ବାଚିତ କରାଯିବ । ସେମାନଙ୍କର କାର୍ଯ୍ୟକାଳ ୪ ବର୍ଷରୁ ଊର୍ଦ୍ଧ୍ୱ ନୁହେଁ ଯେପରି ସମ୍ମିଳନୀ ସ୍ଥିର କରିଅଛି ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ ହୋଇନାହାନ୍ତି ।

ଯାହାହେଉନା କାହିଁକି ଯଦି ଅଞ୍ଚଳର ୫୦୦୦ ସଭ୍ୟ ଥାନ୍ତି, ତେବେ ଆଉ ଏକଜଣ କରି ଅଭିଷିକ୍ତ ସେବକଙ୍କ ମଧ୍ୟରୁ ଜଣେ ଏବଂ ସାଧାରଣ ସଭ୍ୟଙ୍କ ମଧ୍ୟରୁ ଜଣେ ଯୋଗ ହୋଇପାରିବେ । (୨୨୪)

**୨୦୫.୧୫.** District Ministerial Credential Board ନିମନ୍ତେ ସଦସ୍ୟ ଚୟନ କରିବାକୁ ହେଲେ ୫ ଜଣ ଅଭିଷିକ୍ତ ସଭ୍ୟଙ୍କୁ ଚୟନ କରିବାକୁ ହେବ ଏବଂ ତହିଁ ମଧ୍ୟରୁ ଜଣେ ଅଞ୍ଚଳ ଅଧ୍ୟକ୍ଷ ଏବଂ ଅନ୍ୟ ଜଣେ ଆଞ୍ଚଳିକ ସମ୍ପାଦକ ହେବା ଆବଶ୍ୟକ । ଅଞ୍ଚଳର ସମ୍ପାଦକ ଯଦି ଅଭିଷିକ୍ତ ହୋଇଥିବେ, ତେବେ ୪ ବର୍ଷ ପର୍ଯ୍ୟନ୍ତ ସେବା କରିବେ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ନ ହୋଇଛନ୍ତି । ଜଣେ ଆଞ୍ଚଳିକ ସମ୍ପାଦକ ଯେ ଜଣେ ସାଧାରଣ ସଭ୍ୟ ସେ ପରିଷଦର ଭୋଟ୍ ଦେଇ ପାରିବା ସଭ୍ୟ ରୂପେ କାର୍ଯ୍ୟ କରିବେ ।ଏହି ପରିଷଦ ଆଞ୍ଚଳିକ ସମ୍ମିଳନୀର ପୂର୍ବରୁ ସମସ୍ତ ବିଷୟ ସମାପ୍ତ କରିବା ଆବଶ୍ୟକ । (୨୨୯-୨୩୧.୧୦)

**୨୦୫.୧୬.** ଏକ ଆଞ୍ଚଳିକ ସେବାକାର୍ଯ୍ୟ ଶିକ୍ଷା ପରିଷଦ ନିମନ୍ତେ ୫ କିମ୍ବା ଅଧିକ ଅଭିଷିକ୍ତ ସଭ୍ୟମାନଙ୍କୁ ନେଇ ଗଠିତ ହେବ ଏବଂ ଏହା ୪ ବର୍ଷ ପର୍ଯ୍ୟନ୍ତ ଏବଂ ସେମାନଙ୍କର ଉତ୍ତରାଧିକାରୀ ଚୟନ ନ ହେବା ପର୍ଯ୍ୟନ୍ତ ସେବା କରିବେ (୨୩୨)।

**୨୦୫.୧୭.** ଏହି କାର୍ଯ୍ୟଗୁଡ଼ିକୁ ତଦାରଖ କରିବା ପାଇଁ ଅଭିଷିକ୍ତ ନିମନ୍ତେ ପ୍ରାର୍ଥୀ ପ୍ରସ୍ତୁତ ଏବଂ ଏହାର ସେବା କାର୍ଯ୍ୟ ନିମନ୍ତେ ସେବକ ବିକାଶ ସୁଯୋଗ ଯୋଗାଇବା ପାଇଁ ଏକ ଅଞ୍ଚଳ ସମୁଦାୟ ସଭ୍ୟମାନଙ୍କୁ ଉଭୟ DMCB ଏବଂ DMSB ମିଳିତ ଭାବରେ District Board of Ministry ନିମନ୍ତେ ନିର୍ବାଚିତ କରିବେ। ଏହି ନିର୍ବାଚିତ ସଭ୍ୟମାନେ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। District Board of Ministry ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି DMCB ଏବଂ DMSBର ସମସ୍ତ ଦାୟୀତ୍ୱ ତୁଲାଇବା ନିମନ୍ତେ District Board of Ministry ଗଠନ କରିବେ – (୨୧୬, ୨୨୯-୨୩୪.୪)

**୨୦୫.୧୮.** ପାରା ୨୩୬ ଅନୁଯାୟୀ ଏକ ଆଞ୍ଚଳିକ ମଣ୍ଡଳୀ ସମ୍ପତ୍ତି ପରିଷଦ ଚୟନ କରାଯିବ। (୨୦୬.୧)

**୨୦୫.୧୯.** ନିମ୍ନଲିଖିତ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କରାଯିବ:

୧. ଏକ ଆଞ୍ଚଳିକ ସୁସମାଚାର ପରିଷଦ, ଆଞ୍ଚଳିକ ପରିଷଦଙ୍କୁ ଯୋଗ କରି ୬ ଜଣ ସଭ୍ୟ

୨. ଏକ ଆଞ୍ଚଳିକ ସୁସମାଚାର କାର୍ଯ୍ୟର ପରିଚାଳକ। ଏହି ସଭ୍ୟଙ୍କ ଦାୟୀତ୍ୱ ଆଗାମୀ ଆଞ୍ଚଳିକ ସମ୍ମିଳନୀ ପର୍ଯ୍ୟନ୍ତ ହେବ କିମ୍ବା ଯେପର୍ଯ୍ୟନ୍ତ ନୂତନ ସଭ୍ୟ ନିର୍ବାଚିତ ନ ହୋଇଛନ୍ତି ଏବଂ ଉତ୍ତରାଧିକାରୀ ଚୟନ ନ ହୋଇଛନ୍ତି (୨୦୬.୧, ୨୧୫)।

**୨୦୫.୨୦.** ପାରା ୨୪୧ରେ ବର୍ଣ୍ଣନା ହୋଇଥିବା ନିୟମ ଅନୁଯାୟୀ ଆଞ୍ଚଳିକ SDMI ପରିଷଦ ନିର୍ବାଚିତ ହେବ ଏବଂ ସେମାନଙ୍କର ଉତ୍ତରାଧିକାରୀ କାର୍ଯ୍ୟ କରିବେ (୨୦୬.୧, ୨୦୧୫) ।

**୨୦୫.୨୧.** ଏକ ଆଞ୍ଚଳିକ ସମ୍ମିଳନୀ ଅର୍ଥ ପରିଚାଳନା କମିଟି ନିର୍ବାଚନ କରିବା ନିମନ୍ତେ ସମ ଭାବରେ ଉଭୟ ସାଧାରଣ ଏବଂ ଦାୟୀତ୍ୱରେ ଥିବା ସେବାକାର୍ଯ୍ୟର ପ୍ରତିନିଧିମାନଙ୍କୁ, ଯେପରି ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ସ୍ଥିର କରାଯାଇଅଛି, ସେହିପରି ଭାବରେ ୪ ବର୍ଷ ନିମନ୍ତେ ସେମାନଙ୍କୁ ନିର୍ବାଚିତ କରାଯିବ । ଏହି କମିଟିରେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ କୋଷାଧ୍ୟକ୍ଷ ସଭାପତି ରହିବେ । (୨୩୮-୨୩୮.୩)

**୨୦୫.୨୨.** ଏକ ଆଞ୍ଚଳିକ ଆବେଦନର ବିଚାର କମିଟିକୁ ମନୋନୀତ କରିବାକୁ ହେଲେ ଅଞ୍ଚଳର ଅଧ୍ୟକ୍ଷଙ୍କ ସହିତ ଆଉ ଦୁଇ ଜଣ ଅଭିଷିକ୍ତ ସଭ୍ୟ ଓ ଦୁଇଜଣ ସାଧାରଣ ସଭ୍ୟଙ୍କୁ ନିର୍ବାଚିତ କରାଯିବ । ସେମାନଙ୍କର କାର୍ଯ୍ୟକାଳ ୪ ବର୍ଷ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ଚୟନ/ନିର୍ବାଚିତ ନ ହୋଇଛନ୍ତି ସେପର୍ଯ୍ୟନ୍ତ ସେମାନେ ଦାୟୀତ୍ୱ ତୁଲାଇବେ । (୬୧୦)

**୨୦୫.୨୩.** ଆନ୍ତର୍ଜାତିକ ସମ୍ମିଳନୀର ୧୬ ମାସ ମଧ୍ୟରେ କିମ୍ବା ଯେଉଁ ଅଞ୍ଚଳରେ Travel Visaର ସମସ୍ୟା ସେହି ଅଞ୍ଚଳ ନିମନ୍ତେ ୨୪ ମାସ ମଧ୍ୟରେ ସମସ୍ତ ସାଧାରଣ ପ୍ରତିନିଧି ଏବଂ ଜଣେ ସେବକ ପ୍ରତିନିଧିଙ୍କୁ, ଯେହେତୁ ଜଣେ ସେବକ ଆଞ୍ଚଳିକ ଅଧ୍ୟକ୍ଷ ନିର୍ବାଚିତ କରାଯିବେ, ଆଞ୍ଚଳିକ ଅଧ୍ୟକ୍ଷଙ୍କର ନିର୍ବାଚନ ଆବଶ୍ୟକ ନାହିଁ । ପର୍ଯ୍ୟାୟ ୩ ଅଞ୍ଚଳ ନିମନ୍ତେ ଆନ୍ତର୍ଜାତୀକ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାକୁ ସେବକ ଏବଂ ସାଧାରଣ ପ୍ରତିନିଧି ସମାନ ସଂଖ୍ୟାରେ ଯୋଗ ଦେବାକୁ ଅଧିକାରପ୍ରାପ୍ତ ଅଟନ୍ତି । ଆନ୍ତର୍ଜାତିକ ସମ୍ମିଳନୀ ସମ୍ମୁଖରେ ଅଞ୍ଚଳର ଅଧ୍ୟକ୍ଷ ସେବକ ପ୍ରତିନିଧି ହେବେ ଏବଂ ଅନ୍ୟ ପ୍ରତିନିଧି ସମସ୍ତେ ଅଭିଷିକ୍ତ ପ୍ରତିନିଧି ହେବେ । କୌଣସି କାରଣବଶତଃ ଅଞ୍ଚଳର ଅଧ୍ୟକ୍ଷ ଆନ୍ତର୍ଜାତିକ ସମ୍ମିଳନୀରେ

ଯୋଗ ଦେବାରେ ସକ୍ଷମ ନ ହୁଅନ୍ତି, ତେବେ ତାଙ୍କର ପ୍ରତିବଦଳରେ ଅନ୍ୟଜଣଙ୍କୁ ନିର୍ବାଚିତ କରାଯିବ । ପ୍ରସ୍ତାବିତ କମିଟି ସେହି ଅଞ୍ଚଳର ପ୍ରତିଟି ବିଭାଗ ସେବକ ଏବଂ ସାଧାରଣ ବିଭାଗ ମଧ୍ୟରୁ ଯୋଗ୍ୟ ପ୍ରତିନିଧିମାନଙ୍କର ନାମ ଅତି କମ୍‌ରେ ୬ ଜଣଙ୍କ ନାମ ଭୋଟ୍ ଦ୍ୱାରା ପ୍ରସ୍ତାବ କରିବ । ଏହି ୬ ଜଣଙ୍କ ନାମ ମଧ୍ୟରୁ ୩ ଜଣଙ୍କୁ ନିର୍ବାଚିତ କରାଯିବ । ପାରା ୩୦୧.୧-୩୦୧.୩ । ପ୍ରତ୍ୟେକ ଆଞ୍ଚଳିକ ସମ୍ମିଳନୀ ସେମାନଙ୍କର ପ୍ରତିବଦଳ ପ୍ରତିନିଧି ଚୟନ କରି ରଖିବେ । ପ୍ରତ୍ୟେକ ପ୍ରତିନିଧି ଯେପର୍ଯ୍ୟନ୍ତ ଦୈବାତ୍ ବାଧା ପ୍ରାପ୍ତ ନ ହୋଇଛନ୍ତି, ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରତିଟି ସଭା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ଭାବାରେ ଯୋଗ ଦେବା ଆବଶ୍ୟକ (୨୫-୨୫.୨,୩୦୧.୧-୩୦୧.୩,୩୦୩,୩୩୨.୧) ।

**୨୦୫.୨୪.** ସ୍ଥାନୀୟ ମଣ୍ଡଳୀ ନିମନ୍ତେ ସହଭାଗିତା ସଭ୍ୟମାନଙ୍କର ଏକ ନିୟମ ଅବଲମ୍ବନ କରିବା ଆବଶ୍ୟକ (ସହଭାଗିତା ସଭ୍ୟମାନଙ୍କ ପ୍ରତିନିଧିତ୍ୱର ପୂର୍ଣ୍ଣ ସଦସ୍ୟ ରୂପେ ଗଣତି ହେବେ ନାହିଁ । (୧୦୮)

**୨୦୫.୨୫.** ଆଞ୍ଚଳିକ କୋଷାଧ୍ୟକ୍ଷଙ୍କ ସମସ୍ତ ପୁସ୍ତକକୁ ପ୍ରତିନିଧି ହିସାବ ସମୀକ୍ଷା କରିବା ନିମନ୍ତେ D.A.B. ଦ୍ୱାରା ମନୋନୀତ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯିବ । (୨୨୫.୨୪)

**୨୦୫.୨୬.** ଆଞ୍ଚଳିକ ସେବକମାନଙ୍କ ମାଧ୍ୟମରେ ଚାରିବର୍ଷିଆ ଏକ ସଂପୂର୍ଣ୍ଣ କାର୍ଯ୍ୟାଳୟର ଘଟଣାବଳୀ ପତ୍ରିକା ଆନ୍ତର୍ଜାତିକ ସମ୍ମିଳନୀରେ ଉପସ୍ଥାପନା କରିବେ । (୨୦୭.୩-୨୦୭.୪, ୨୨୦.୭)

**୨୦୫.୨୭.** District Board of Ministry କିମ୍ବା District Ministerial Credential Boardର ଅନୁମୋଦନ ଉପରେ ଭିତ୍ତି କରି ଜଣେ ସେବକ ପ୍ରତି ଏକ ଅବସରକାଳୀନ ମଞ୍ଜୁରୀ ପ୍ରଦାନ କରିହେବ । ଯଦି ଏହାର ପ୍ରାଧାନ୍ୟରେ କୌଣସି ପରିବର୍ତ୍ତନ ହୁଏ, ତେବେ DMCB କିମ୍ବା ଅନୁମୋଦନ ଦ୍ୱାରା ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ – (୨୩୨.୮, ୫୩୬) ।

**୨୦୫.୨୮.** ଆଞ୍ଚଳିକ ସମ୍ମିଳନୀର ନିୟମ ମଧ୍ୟରେ ନାଜରିନ୍ ମଣ୍ଡଳୀର ସମସ୍ତ କାର୍ଯ୍ୟ ନିମନ୍ତେ ଯତ୍ନ ଏବଂ ଚିନ୍ତା କରିବା ଆବଶ୍ୟକ ।

**୨୦୫.୨୯.** କାର୍ଯ୍ୟଗୁଡ଼ିକ ପ୍ରତି ସମ୍ବନ୍ଧ ଥିବା ଯେକୌଣସି କାର୍ଯ୍ୟକ୍ରମର ପରିଚାଳନା କରିବାକୁ ନାଜରିନ୍ ମଣ୍ଡଳୀର ନିୟମ ଏବଂ ଆତ୍ମିକ ମାନଦଣ୍ଡ ସହିତ ମେଳ ଖୁଆଇବା ଆବଶ୍ୟକ ।

**୨୦୬.** ଆଞ୍ଚଳିକ ସମ୍ମିଳନୀ ପ୍ରତି ସମ୍ବନ୍ଧ ଥିବା ଅନ୍ୟାନ୍ୟ ନିୟମ । ଯେଉଁଠାରେ ନାଗରିକ ଆଇନ୍ ଅନୁମତି ଥିବ, ସେହିଠାରେ ଆଞ୍ଚଳିକ ସମ୍ମିଳନୀ ଆଞ୍ଚଳିକ ଉପଦେଷ୍ଟା କମିଟିକୁ ଅନ୍ତର୍ଭୁକ୍ତୀକରଣ ନିମନ୍ତେ ଅଧିକାର ଦେଇପାରେ । ଏହି ଅନ୍ତର୍ଭୁକ୍ତୀକରଣ ଉତ୍ତାରେ ଉପଦେଷ୍ଟା କମିଟିର ଆନୁଷ୍ଠାନିକ ପ୍ରସ୍ତାବ ଉପରେ, ଯେକୌଣସି ସମ୍ପତ୍ତି ଉପରେ, କିଣାବିକା ଉପରେ ଅଧିକାର ରହିବ (୨୨୫.୬)

**୨୦୬.୧.** ଯଥା ସମ୍ଭବ ଆଞ୍ଚଳିକ ପରିଷଦ ସଦସ୍ୟତା ଏବଂ କମିଟିର ସଦସ୍ୟତା ସେବକ ଓ ସାଧାରଣ ସଭ୍ୟଙ୍କ ଅଧିକାର ସମାନ ରହିବ ଯେପର୍ଯ୍ୟନ୍ତ ମାନୁଆଲ୍‌ରେ କୌଣସି ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ନ ହୋଇଛି ।

**୨୦୬.୨.** ପାରା ୨୦୦.୨ ଅନୁଯାୟୀ ପର୍ଯ୍ୟାୟ ୧ ଏବଂ ପର୍ଯ୍ୟାୟ ୨ ଆଞ୍ଚଳିକ ଅଧ୍ୟକ୍ଷ ମନୋନୀତ ହେବେ । ଯେପର୍ଯ୍ୟନ୍ତ ପର୍ଯ୍ୟାୟ ୨ ଅଞ୍ଚଳ ଏହାର ଆବଶ୍ୟକ ସ୍ତରକୁ ପୂରଣ ନ କରିପାରୁଛି, ସେତେବେଳେ ପର୍ଯ୍ୟାୟ ୨ ଅଞ୍ଚଳ ପର୍ଯ୍ୟାୟ ୧ର ପୂର୍ବାବସ୍ଥାର ସ୍ତରକୁ ଫେରିଯିବ ।

**୨୦୬.୩.** ଯେତେବେଳେ ଆଞ୍ଚଳିକ ସମ୍ମିଳନୀର ପରିଚାଳକ ଅନୁଭବ କରନ୍ତି ଯେ ଆଞ୍ଚଳିକ ସମ୍ମିଳନୀର କାର୍ଯ୍ୟକ୍ରମକୁ ଚଳାଇବା ଅସମ୍ଭବ ତେବେ ସେ ପ୍ରଧାନ ଅଧ୍ୟକ୍ଷ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ସହ ଆଲୋଚନା କରି ସମ୍ମିଳନୀକୁ ରଦ୍ଦ କରିପାରିବେ କିମ୍ବା ସମୟ ପରିବର୍ତ୍ତନ କରିପାରିବେ । ଏକ ବର୍ଷ ନିମନ୍ତେ ଅଞ୍ଚଳର କୌଣସି କର୍ମକର୍ତ୍ତା ନିର୍ବାଚିତ ହୋଇପାରିବେ ନାହିଁ ।

## (ଘ) ଆଞ୍ଚଳିକ ସମ୍ମିଳନୀ ଘଟଣାବଳୀର ପତ୍ରିକା

**୨୦୭.** ଆଞ୍ଚଳିକ ସମ୍ମିଳନୀର ନିୟମିତ ଘଟଣାବଳୀର ରେକର୍ଡ ପତ୍ରିକାରେ ରହିବ ।

**୨୦୭.୧.** ଏହି ପତ୍ରିକା ସାଧାରଣ ସମ୍ପାଦକଙ୍କ କାର୍ଯ୍ୟାଳୟ ଅନୁମତି ଦ୍ୱାରା ପ୍ରସ୍ତୁତ ହେବ ।

**୨୦୭.୨.** କାର୍ଯ୍ୟକ୍ରମର ବିଭିନ୍ନ ବିଷୟବସ୍ତୁ ପୃଥକ୍ ପୃଥକ୍ ପାରାରେ ସ୍ଥାନ ପାଇବ ।

**୨୦୭.୩.** ଏହି ପତ୍ରିକା ଯତ୍ନ ସହକାରେ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ସମୀକ୍ଷା କରାଯାଇ ସଂଶୋଧନ କରାଯିବା ଉଚିତ (୨୦୫.୨୬-୨୨୦.୭) ।

**୨୦୭.୪.** ପ୍ରତି ୪ ବର୍ଷର ସଂପୂର୍ଣ୍ଣ ପତ୍ରିକା ସଞ୍ଚିତ ହୋଇ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସମ୍ମିଳନୀ ଫାଇଲ୍‌ରେ ରହିବ (୨୨୦.୫, ୨୨୦.୭) ।

**୨୦୭.୫.** ଯଥା ସମ୍ଭବ ପତ୍ରିକାକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ସହିତ ସାଧାରଣ ସମ୍ପାଦକ ମିଳିତ ଆଲୋଚନା ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଷୟବସ୍ତୁକୁ ସଜାଇ ରଖିବା ଆବଶ୍ୟକ । ଆଞ୍ଚଳିକ ସମ୍ମିଳନୀର ପୂର୍ବରୁ ଆଞ୍ଚଳିକ ସମ୍ପାଦକ ବିଷୟବସ୍ତୁଗୁଡ଼ିକୁ ସଂପୂର୍ଣ୍ଣ କରିବେ ।

**୨୦୭.୬.** ପତ୍ରିକାରେ କେବଳ ସ୍ଥାନୀୟ ମଣ୍ଡଳୀର ପାଳକଙ୍କ ଦାୟୀତ୍ୱ ଉପସ୍ଥାପନ ହୋଇ ନ ଥାଏ । ମାତ୍ର ତହିଁ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବରେ ସେବକଙ୍କ ଏବଂ ସାଧାରଣ ସଭ୍ୟଙ୍କର ଦାୟୀତ୍ୱ ମଧ୍ୟ ଉପସ୍ଥାପନ ହୋଇଥାଏ (୧୧୫) ।

## (ଙ) ଆଞ୍ଚଳିକ ଅଧ୍ୟକ୍ଷ (The District Superintendent)

**୨୦୮.** ଆଞ୍ଚଳିକ ସମ୍ମିଳନୀରେ ୩୦ ଦିନ ଉତ୍ତାରେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ଆଞ୍ଚଳିକ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଆରମ୍ଭ ହୁଏ । ତାଙ୍କର କାର୍ଯ୍ୟକାଳ ସଂପୂର୍ଣ୍ଣ ୨ ବର୍ଷ ପର୍ଯ୍ୟନ୍ତ ଏବଂ ସମ୍ମିଳନୀର ଶେଷ ହେବାର ୧ ମାସ

ପର୍ଯ୍ୟନ୍ତ ହୋଇଥାଏ । ସେହି ଦ୍ୱିତୀୟ ବର୍ଷର ସମ୍ମିଳନୀରେ ଅଧ୍ୟକ୍ଷ ପୁନଃ ନିର୍ବାଚିତ ହୋଇଥାନ୍ତି କିମ୍ବା ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ହୋଇଥାନ୍ତି କିମ୍ବା ଅଧ୍ୟକ୍ଷ ନିଯୁକ୍ତ ହୋଇଥାନ୍ତି । ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ଯେଉଁ ଆଞ୍ଚଳିକ ଅଧ୍ୟକ୍ଷ ନିଯୁକ୍ତ ହୋଇଥାନ୍ତି, ତାଙ୍କର କାର୍ଯ୍ୟକାଳ ପ୍ରାରମ୍ଭିକ ଭାବରେ ଦୁଇ ବର୍ଷ ହୋଇଥାଏ । ତାଙ୍କର କାର୍ଯ୍ୟକାଳ ଦ୍ୱିତୀୟ ବର୍ଷ ଆଞ୍ଚଳିକ ସମ୍ମିଳନୀ ସମାପ୍ତ ହେବାର ୩୦ ଦିନ ପର୍ଯ୍ୟନ୍ତ ଚାଲୁ ରହିଥାଏ ଏବଂ ସେହି ସମ୍ମିଳନୀରେ ଅଧ୍ୟକ୍ଷ ଆଉ ଏକ ଅବଧି ନିମନ୍ତେ ନିର୍ବାଚିତ ହୋଇଥାନ୍ତି କିମ୍ବା ଜଣେ ଯୋଗ୍ୟ ଉତ୍ତରାଧିକାରୀଙ୍କୁ ନିର୍ବାଚିତ କିମ୍ବା ନିଯୁକ୍ତ କରାଯାଏ । କୌଣସି କର୍ମଚାରୀ ପ୍ରାଚୀନ D.A.B. ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ନ ହୋଇ ଅଞ୍ଚଳରେ ସେବା କରୁଛନ୍ତି ସେମାନଙ୍କୁ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆଞ୍ଚଳିକ ଅଧ୍ୟକ୍ଷ ପଦ ନିମନ୍ତେ ନିଯୁକ୍ତ କିମ୍ବା ନିର୍ବାଚିତ କରିବା ବାଞ୍ଛନୀୟ ହେବ ନାହିଁ ୧୧୫ । (୨୦୫.୧୧-୨୦୫.୧୩)

**୨୦୯.** କୌଣସି କାରଣବଶତଃ ଆଞ୍ଚଳିକ ସମ୍ମିଳନୀର ପୂର୍ବରୁ ଅଧ୍ୟକ୍ଷ ପଦ ଖାଲି ହୋଇଯାଏ, ତେବେ ପ୍ରଧାନ ଅଧ୍ୟକ୍ଷ ମିଳିତ ଭାବରେ ଆଞ୍ଚଳିକ ଉପଦେଷ୍ଟା କମିଟି ସହିତ ଆଲୋଚନା କରି ସେହି ଖାଲିଥିବା ପଦକୁ ପୂରଣ କରିବେ । ଏହି ଆଲୋଚନାରେ ସଂପୂର୍ଣ୍ଣ କମିଟିକୁ ନାମଗୁଡ଼ିକୁ ପ୍ରଧାନ ଅଧ୍ୟକ୍ଷଙ୍କୁ ଦେବା ନିମନ୍ତେ ଆମନ୍ତ୍ରଣ କରାଯାଏ (୨୩୯, ୩୦୭.୭) ।

**୨୦୯.୧.** ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମତିରେ ପର୍ଯ୍ୟାୟ ୧ କିମ୍ବା ପର୍ଯ୍ୟାୟ ୨ ଆଞ୍ଚଳିକ ଅଧ୍ୟକ୍ଷ ପଦ କାରଣ ଦର୍ଶାଇ ପଦବୀ ଖାଲି ବୋଲି ଘୋଷଣା କରାଯାଏ । ପର୍ଯ୍ୟାୟ ୩ ନିମନ୍ତେ ଆଞ୍ଚଳିକ ଉପଦେଷ୍ଟା କମିଟିର ଦୁଇ ତୃତୀୟାଂଶ ମତ/ଭୋଟ୍ ଦ୍ୱାରା ଆଞ୍ଚଳିକ ଅଧ୍ୟକ୍ଷ ପଦ ଖାଲି ବୋଲି ଘୋଷଣା କରାଯାଏ (୨୩୯,୩୨୧) ।

**୨୦୯.୨.** କୌଣସି ଘଟଣାରେ ଅସ୍ଥାୟୀ ଭାବରେ ପଦସ୍ଥ ହୋଇଥିବା ଆଞ୍ଚଳିକ ଅଧ୍ୟକ୍ଷ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପ୍ରଧାନ ଅଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସହିତ ଆଲୋଚନା କରି ମଧ୍ୟବର୍ତ୍ତୀକାଳୀନ ଜଣେ ଯୋଗ୍ୟ ପ୍ରାଚୀନଙ୍କୁ ସେହି କାର୍ଯ୍ୟ ତୁଲାଇବା ପାଇଁ ନିଯୁକ୍ତ କରିବେ । ପ୍ରଧାନ ଅଧ୍ୟକ୍ଷ ଏବଂ ଆଞ୍ଚଳିକ

ଉପଦେଷ୍ଟା ପରିଷଦ ଦ୍ୱାରା ଅଯୋଗ୍ୟ ତାର ପ୍ରଶ୍ନକୁ ଦୃଢ଼ ଭାବରେ ନିର୍ଣ୍ଣୟ କରିବା ଆବଶ୍ୟକ (୩୦୭.୮) ।

**୨୦୯.୩.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ଇସ୍ତଫା କିମ୍ବା ବାହର କରିବା ସଙ୍ଗେ ସଙ୍ଗେ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀଗଣ, କାର୍ଯ୍ୟାଳୟର ମୁଖ୍ୟ କର୍ମକର୍ତ୍ତାଗଣ, ବେତନପ୍ରାପ୍ତ କିମ୍ବା ଅବୈତନିକ କର୍ମଚାରୀଗଣ ସହ ଅଧ୍ୟକ୍ଷ ଏବଂ କାର୍ଯ୍ୟାଳୟ ସମ୍ପାଦକ ସମସ୍ତେ ଅଧ୍ୟକ୍ଷଙ୍କ ଶେଷ ତାରିଖ ଦିନ ଇସ୍ତଫା ଦେବେ । ତଥାପି ଜଣେ କିମ୍ବା ଅଧିକ କର୍ମଚାରୀ ପ୍ରଧାନ ଅଧ୍ୟକ୍ଷ, ଆଞ୍ଚଳିକ ଉପଦେଷ୍ଟା ପରିଷଦଙ୍କ ଲିଖିତ ଅନୁମୋଦନ ଦ୍ୱାରା କାର୍ଯ୍ୟ ଚାଲୁ ରଖିପାରିବେ । କିନ୍ତୁ ନୂତନ ଅଧ୍ୟକ୍ଷଙ୍କ ଦାୟୀତ୍ୱ ନେବା ପର୍ଯ୍ୟନ୍ତ (୨୪୫.୩) ।

**୨୦୯.୪.** ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନକ୍ରମେ ନୂତନ ଭାବେ ନିଯୁକ୍ତ ହୋଇଥିବା ଅଧ୍ୟକ୍ଷ ପୂର୍ବରେ ଥିବା କର୍ମଚାରୀମାନଙ୍କୁ ପୁନର୍ବାର କାର୍ଯ୍ୟ କରିବାର ସୁଯୋଗ ଦେବା ପାଇଁ ସୁପାରିଶ କରିପାରନ୍ତି (୨୪୫.୩) ।

**୨୧୦.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ପାଳକମାନଙ୍କ ନିମନ୍ତେ ଆତ୍ମିକ ନେତୃତ୍ୱ ଏବଂ ସହଭାଗିତା ପ୍ରତି ଭୂମିକା:

- ପ୍ରାର୍ଥନାର ଏକ ଦୃଷ୍ଟାନ୍ତମୂଳକ ଜୀବନ ଏବଂ ଶାସ୍ତ୍ର ପ୍ରତି ଧ୍ୟାନର ଜୀବନ ।
- ପାରମାର୍ଥିକ ବାଇବଲ ଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳର ପାଳକମାନଙ୍କ ସହିତ ତାହା ଅଭ୍ୟାସ କରିବା ।
- ୱେସ୍‌ଲିଆନ୍ - ପବିତ୍ରତାକୁ ପ୍ରୋତ୍ସାହିତ କରିବା ଏବଂ ସମୁଦାୟ ଅଞ୍ଚଳରେ ତାହା ଅଭ୍ୟାସ କରିବା ।
- ସୁସମାଚାର କାର୍ଯ୍ୟ ନିମନ୍ତେ ଭୂମିକା ବଣ୍ଟନ କରିବା ଏବଂ ସମଗ୍ର ଅଞ୍ଚଳରେ ମଣ୍ଡଳୀ ସ୍ଥାପନ କରିବା ପାଇଁ ଭୂମିକା ବଣ୍ଟନ କରିବା ।

- ଅନୁଷ୍ଠାନର ସୁସ୍ଥତା ପାଇଁ ଆଞ୍ଚଳିକ ସହଭାଗିତାଗୁଡ଼ିକୁ ସମ୍ବଳ ଯୋଗାଇବା ।

**୨୧୧.** ଜଣେ ଆଞ୍ଚଳିକ ଅଧ୍ୟକ୍ଷଙ୍କ କାର୍ଯ୍ୟଗୁଡ଼ିକ:

**୨୧୧.୧.** ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନରେ ନିଜ ଅଞ୍ଚଳର ସୀମା ମଧ୍ୟରେ ଥିବା ମଣ୍ଡଳୀଗୁଡ଼ିକୁ ତତ୍ତ୍ୱାବଧାନ, ପ୍ରତିଷ୍ଠା ଏବଂ ଖୋଜି ବାହାର କରିବା (୧୦୦, ୫୩୫.୧୫) ।

**୨୧୧.୨.** ଆବଶ୍ୟକସ୍ଥଳେ ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ଉପସ୍ଥିତ ରହି, ମଣ୍ଡଳୀ ପରିଷଦରେ ଉପସ୍ଥିତ ରହି ଆଧ୍ୟାତ୍ମିକ, ଆର୍ଥିକ ଏବଂ ପାଳକୀୟ ବିଷୟ ଆଲୋଚନା କରି ସଠିକ୍ ବିବେଚନା କରି ଉପଯୁକ୍ତ ଉପଦେଶ ଏବଂ ସହଯୋଗ ଦେବେ ।

**୨୧୧.୩.** କୌଣସି ପରିସ୍ଥିତିରେ ଆଞ୍ଚଳିକ ଅଧ୍ୟକ୍ଷ ବିବେଚନା କରନ୍ତି ଯେ ଏକ ମଣ୍ଡଳୀ ଏକ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ଗତି କରୁଛି, ଅବନତି ପରିସ୍ଥିତିରେ ଅଛି, ମଣ୍ଡଳୀର ସାଧନ ଯୋଗ୍ୟତା ପ୍ରତି ଏବଂ ଏହାର ଲକ୍ଷ୍ୟ ପ୍ରତି ବିପଦ ଅଛି, ତେବେ ଅଧ୍ୟକ୍ଷ ପାଳକଙ୍କ ସହିତ ଯୋଗାଯୋଗ କରିବାକୁ କିମ୍ବା ପାଳକ ଏବଂ ମଣ୍ଡଳୀ ପରିଷଦ ଯୋଗାଯୋଗ କରିବାକୁ ଅଗ୍ରସର ହେବେ, ଏହି ପରିସ୍ଥିତିକୁ ସମୀକ୍ଷା କରିବା ନିମନ୍ତେ । ଏହି ପରିସ୍ଥିତିର କାରଣ ଖୋଜି ବାହାର କରି ତା'ର ସମାଧାନ କରିବାକୁ ପାଳକ ଏବଂ ମଣ୍ଡଳୀ ପରିଷଦଙ୍କୁ ନେଇ ଆଲୋଚନା କରିବା ଆବଶ୍ୟକ ।

ଯଦି ପାଳକ ଏବଂ ମଣ୍ଡଳୀ ପରିଷଦଙ୍କ ସହିତ ଅଧ୍ୟକ୍ଷ କାର୍ଯ୍ୟ କଲାଉତ୍ତାରେ ମଧ୍ୟସ୍ଥତା ଆବଶ୍ୟକ ହୁଏ, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମତି ନେଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ହେଲା:

୧. ପାଳକଙ୍କୁ ବାହାର କରିବା;

୨. ମଣ୍ଡଳୀ ପରିଷଦକୁ ଭାଙ୍ଗି ଦେବା;

୩. ମଣ୍ଡଳୀର ସୁସ୍ଥ ବାତାବରଣ ନିମନ୍ତେ ବିଶେଷ ମଧ୍ୟସ୍ଥତା କରିବା ।

ଏକ ପ୍ରତିଷ୍ଠିତ ମଣ୍ଡଳୀର ଆସବାବ ସମସ୍ତ ଅନ୍ତର୍ଭୁକ୍ତ ସ୍ଥାନୀୟ ମଣ୍ଡଳୀ ନିୟନ୍ତ୍ରଣରେ ରହିବ, ଯେପର୍ଯ୍ୟନ୍ତ ସେହି ମଣ୍ଡଳୀ ୧୦୬.୫ ଅନୁଯାୟୀ ଅଚଳ ଘୋଷିତ ନ ହୋଇଛି । ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ୩୦ ଦିନ ମଧ୍ୟରେ ପ୍ରଧାନ ଅଧ୍ୟକ୍ଷଙ୍କୁ ତାହା ଅବଗତ କରାଯିବ ।

**୨୧୧.୪.** ଯେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ମତରେ ଏକ ସ୍ଥାନୀୟ ମଣ୍ଡଳୀର ସ୍ଥିତି ୧୨୬.୧ ଅନୁଯାୟୀ ସଙ୍କଟ ବୋଲି ଘୋଷଣା କରଯାଇଥିଲା ଏବଂ ମଧ୍ୟସ୍ଥତା ଦ୍ୱାରା ପୁନର୍ବାର ପୂର୍ବ ଅବସ୍ଥାକୁ ପରିବର୍ତ୍ତନ କରି ସ୍ୱାଭାବିକ ପରିସ୍ଥିତି ଅଧିନରେ ସେବାକାର୍ଯ୍ୟ କରିବାକୁ ପ୍ରସ୍ତୁତ, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅଧିକ ସଂଖ୍ୟାରେ ମତଦାନ ଦ୍ୱାରା ସେହି ମଣ୍ଡଳୀ ସଂକଟମୁକ୍ତ ବୋଲି ଘୋଷଣା କରାଯାଇପାରେ । ଏହି ଘୋଷଣାକୁ ଆଞ୍ଚଳିକ ଅଧ୍ୟକ୍ଷ ୩୦ ଦିନ ମଧ୍ୟରେ ପ୍ରାଧାନ ଅଧ୍ୟକ୍ଷକୁ ଅଗବତ କରାଇବେ ।

**୨୧୧.୫.** ୧୨୩-୧୨୩.୭ ଅନୁଯାୟୀ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ପରିଷଦ, ମଣ୍ଡଳୀ/ପାଳକ ସମ୍ପର୍କକୁ ପର୍ଯ୍ୟାଲୋଚନା କରାଯିବ । ଏହି ପର୍ଯ୍ୟାଲୋଚନାକୁ ଆଞ୍ଚଳିକ ଅଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ ।

**୨୧୧.୬.** ଅଞ୍ଚଳର ସୀମା ମଧ୍ୟରେ ଥିବା ପ୍ରତ୍ୟେକ C.T.Mଗୁଡ଼ିକୁ ବିଶେଷ ଭାବରେ ପରିଦର୍ଶନ କରିବା ।

**୨୧୧.୭.** ଆଞ୍ଚଳିକ ସମ୍ପାଦକ କାର୍ଯ୍ୟ ନିମନ୍ତେ ଜଣଙ୍କୁ ସ୍ଥାନ ପୂରଣ କରିବାକୁ D.A.B.କୁ ପ୍ରସ୍ତାବ ଦେବା (୨୧୯.୧) ।

**୨୧୧.୮.** ଖାଲି ଥିବା ଆଞ୍ଚଳିକ କୋଷାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପାଇଁ D.A.B.କୁ ଜଣଙ୍କ ନାମ ପ୍ରସ୍ତାବ କରିବା (୨୨୨.୧) ।

**୨୧୧.୯.** ଜଣେ ପ୍ରଚାରକଙ୍କୁ ସୁସମାଚାର କାର୍ଯ୍ୟ ନିମନ୍ତେ ଏବଂ ବିଶେଷ ସେବାକାର୍ଯ୍ୟ ନିମନ୍ତେ ନିଯୁକ୍ତ କରିବା ।

**୨୧୧.୧୦.** ପାରା ୧୫୫ରେ ଯେପରି ଆବଶ୍ୟକତା ରହିଛି ମଣ୍ଡଳୀ ପରିଷଦ ସହିତ ଆଲୋଚନା କରି ସ୍ଥାନୀୟ ମଣ୍ଡଳୀର ପାଳକୀୟ କାର୍ଯ୍ୟ ନିମନ୍ତେ ଜଣେ ପ୍ରାଚୀନଙ୍କୁ କିମ୍ବା ଜଣେ ଅଧିକାରୀପତ୍ରଧାରୀ ସେବକଙ୍କ ନାମ ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ପ୍ରସ୍ତାବ ଦେବେ (୧୨୯.୨, ୧୫୯.୮, ୨୨୫.୧୬) ।

**୨୧୧.୧୧.** ମଣ୍ଡଳୀ ପରିଷଦର ଏକ ଅନୁରୋଧକ୍ରମେ ୯୦ ଦିନ ମଧ୍ୟରେ ମଣ୍ଡଳୀ/ପାଳକ ସମ୍ପର୍କର ପର୍ଯ୍ୟାଲୋଚନାର କାର୍ଯ୍ୟସୂଚୀ କରିବା ଆବଶ୍ୟକ ।

**୨୧୧.୧୨.** ସ୍ଥାନୀୟ ନାଜରିନ୍ ମଣ୍ଡଳୀର କୌଣସି ସଭ୍ୟ ସ୍ଥାନୀୟ ମଣ୍ଡଳୀ ପରିଷଦକୁ ସେବକ କାର୍ଯ୍ୟ କରିବା ନିମନ୍ତେ ଅଧିକାର ପତ୍ର ଆବେଦନ କରିପାରିବେ (୫୩୧.୧, ୫୩୧.୩), କିମ୍ବା ରଦ୍ଦ କରିପାରିବେ । କିନ୍ତୁ ପ୍ରାଚୀନଙ୍କୁ ପାଳକ ରୂପେ ନୁହେଁ ।

**୨୧୧.୧୩.** ପାଳକଙ୍କଠାରୁ ଏକ ସ୍ଥାନୀୟ ମଣ୍ଡଳୀ ପରିଷଦଠାରୁ ସହପାଳକଙ୍କୁ ନିଯୁକ୍ତି ଦେବା ନିମନ୍ତେ ଆସିଥିବା ଲିଖିତ ଆବେଦନକୁ ଅନୁମୋଦନ କରିବେ କିମ୍ବା ଖାରଜ କରିବେ । ପ୍ରାର୍ଥୀଙ୍କ ଆବେଦନକୁ ଅନୁମୋଦନ କିମ୍ବା ଖାରଜ କରିବାର ଅଧ୍ୟକ୍ଷଙ୍କ ନିମନ୍ତେ ପ୍ରାଥମିକ ମାନଦଣ୍ଡ ହେଉଛି ସେ ବ୍ୟକ୍ତି ମଣ୍ଡଳୀର, ଅଞ୍ଚଳର ଏବଂ ସାଧାରଣ ନିୟମ ମାନିବାରେ ସକ୍ଷମ କି ନାହିଁ । ସେହି ବ୍ୟକ୍ତିକୁ ପରଖିବାର ଦାୟୀତ୍ୱ ପାଳକଙ୍କର ଅଟେ (୧୨୯.୨୭, ୧୫୯-୧୫୯.୮) ।

**୨୧୧.୧୪.** ସ୍ଥାନୀୟ ମଣ୍ଡଳୀରୁ ଆସିଥିବା ଶିଶୁ ବିଦ୍ୟାଳୟ ଖୋଲିବାର ଆବେଦନ ପତ୍ରକୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସହିତ ଆଲୋଚନା କରି ଅନୁମୋଦନ କିମ୍ବା ଖାରଜ କରିବେ(୧୫୧, ୨୨୫.୧୪, ୫୧୭) ।

**୨୧୧.୧୫.** ଅଞ୍ଚଳର ସମସ୍ତ ଆଇନ୍ ସଙ୍ଗତ ନଥିପତ୍ରରେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ସମ୍ପାଦକଙ୍କ ସହିତ ମିଳି ଦସ୍ତଖତ କରିବେ (୨୨୫.୬) ।

**୨୧୧.୧୬.** ବେତନଭୋଗୀମାନଙ୍କୁ ପରିଦର୍ଶନ କରିବାକୁ ଏବଂ ଉପଦେଷ୍ଟା ପରିଷଦକୁ ଜଣଙ୍କୁ ପ୍ରେରଣ କରିବେ (୨୪୫)।

**୨୧୧.୧୭.** ପାରା ୧୧୭ ଅନୁଯାୟୀ ଜଣେ ପାଳକଙ୍କୁ ନିଯୁକ୍ତି ଦେବେ।

**୨୧୧.୧୮.** ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନ ସହିତ, ଆଞ୍ଚଳିକ ଅଧ୍ୟକ୍ଷ ମଣ୍ଡଳୀ ପରିଷଦର ସଭ୍ୟଙ୍କୁ ନିଯୁକ୍ତି ଦେଇପାରିବେ, S.D.M.I. ଅଧ୍ୟକ୍ଷଙ୍କୁ ଏବଂ ମଣ୍ଡଳୀର କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇପାରିବେ। ଯଦି ସେହି ମଣ୍ଡଳୀ ପ୍ରତିଷ୍ଠିତ ହେବାର ୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ଏବଂ ୩୫ ଜଣରୁ ଉର୍ଦ୍ଧ୍ୱ ଭୋଟିଂ ସଭ୍ୟ ଥିବେ, ଅଞ୍ଚଳରୁ ନିୟମିତ ଆର୍ଥିକ ସାହାଯ୍ୟପ୍ରାପ୍ତ ହେଉଥିବେ କିମ୍ବା ଏହି ମଣ୍ଡଳୀ ସଙ୍କଟରେ ବୋଲି ଘୋଷିତ ହୋଇଥିବ। ଏହାର ପରିଷଦର ସଭ୍ୟ ସଂଖ୍ୟା ୩ ଜଣରୁ କମ୍ ହୋଇ ନ ଥିବ (୧୧୭, ୧୨୬)।

**୨୧୧.୧୯.** ତାହାଙ୍କ ଅଞ୍ଚଳର କୌଣସି ସେବକ ବିରୁଦ୍ଧରେ ଆସିଥିବା ଅଭିଯୋଗକୁ Sos-Sos.m ଅନୁଯାୟୀ ଅନୁସନ୍ଧାନ କରିବା।

**୨୧୧.୨୦.** କୌଣସି ସେବକର ଦୁର୍ବ୍ୟବହାରରେ ସମାଜ, ମଣ୍ଡଳୀ, ପରିବାର ପ୍ରଭାବିତ ହୋଇଥାନ୍ତି, ତେବେ ଉପଦେଷ୍ଟା ପରିଷଦକଙ୍କ ସହିତ ପରାମର୍ଶ କରି ଯୋଗ୍ୟ ସେବକ କିମ୍ବା ପାଳକଙ୍କ ବ୍ୟତୀତ ଅନ୍ୟ କାହାକୁ ତହିଁର ସମାଧାନ କରିବାକୁ ନିଯୁକ୍ତ କରିବେ (୨୨୫.୫, ୫୪୦.୧)।

**୨୧୧.୨୧.** ପାରା ୫୧୦.୪ ଅନୁସାରେ ସ୍ୱତ୍ତାଧିକାରୀ ସହିତ ପରାମର୍ଶ କରି ମୂଲ୍ୟ ନିର୍ଦ୍ଧାରଣ କରିବାର କାର୍ଯ୍ୟସୂଚୀ ଆଞ୍ଚଳିକ ଅଧ୍ୟକ୍ଷ ସମୟ ନିର୍ଣ୍ଣୟ କରିବେ।

**୨୧୧.୨୨.** ପ୍ରତି ସ୍ଥାନୀୟ ମଣ୍ଡଳୀ ସେମାନଙ୍କର ସାଧାରଣ, ଆଞ୍ଚଳିକ ଏବଂ ଶିକ୍ଷାଗତ ଲକ୍ଷ୍ୟଗୁଡ଼ିକ ପ୍ରାପ୍ତ ହେବା ନିମନ୍ତେ ଆଞ୍ଚଳିକ ନେତୃବୃନ୍ଦଙ୍କ ସହିତ ମିଶି ସେମାନଙ୍କୁ ଦୃଢ଼ ଭାବରେ ପ୍ରୋତ୍ସାହିତ କରିବେ।

**୨୧୨.** ଆଗାମୀ ଆଞ୍ଚଳିକ ସମ୍ମିଳନୀ ପର୍ଯ୍ୟନ୍ତ ପାଳକଙ୍କ କାର୍ଯ୍ୟାଳୟର ଖାଲି ସ୍ଥାନ ପୂରଣ ଲାଗି ଆଞ୍ଚଳିକ ଅଧ୍ୟକ୍ଷ ମଣ୍ଡଳୀ ପରିଷଦ ସହ ଆଲୋଚନା କରି ଜଣେ

ପାଳକଙ୍କୁ ନିଯୁକ୍ତ କରି ପ୍ରେରଣ କରିବେ । ସେହି ପାଳକଙ୍କର କାର୍ଯ୍ୟ ଯଦି ସନ୍ତୋଷଜନକ ନ ହୁଏ, ତେବେ ତାଙ୍କୁ ବାହାର କରିବା ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦାୟୀତ୍ୱ (୧୨୯.୫, ୫୨୪, ୫୩୧.୬) ।

**୨୧୨.୧.** ଆଞ୍ଚଳିକ ଉପଦେଷ୍ଟା ପରିଷଦ ଓ ମଣ୍ଡଳୀ ପରିଷଦଙ୍କ ସହିତ ପରାମର୍ଶ କରି ଆଞ୍ଚଳିକ ଅଧ୍ୟକ୍ଷ ଜଣେ ମଧ୍ୟବର୍ତ୍ତୀକାଳୀନ ପାଳକ ଅସ୍ଥାୟୀ ଭାବରେ ନିଯୁକ୍ତ କରିବେ ଯେପର୍ଯ୍ୟନ୍ତ ସ୍ଥାୟୀ ପାଳକ ଆହୂତ ନ ହୋଇଛନ୍ତି । ଯଦି ଆବଶ୍ୟକ ମନେ କରାଯାଏ ତେବେ ମଣ୍ଡଳୀ ପରିଷଦର ପରାମର୍ଶକ୍ରମେ ଅଧ୍ୟକ୍ଷ ମଧ୍ୟବର୍ତ୍ତୀକାଳୀନ ପାଳକଙ୍କର ସମୟ ସୀମା ବୃଦ୍ଧି କରିପାରିବେ । ସେହି ଅସ୍ଥାୟୀ ପାଳକ, ସ୍ଥାୟୀ ପାଳକଙ୍କର ଦାୟୀତ୍ୱ ପୂରଣ କରିବାକୁ ଅଧିକାରପ୍ରାପ୍ତ ହେବେ । ଯଦି ସେହି ଅସ୍ଥାୟୀ ପାଳକ ସେହି ଅଞ୍ଚଳର ସଭ୍ୟ ହୋଇଥିବେ, ତେବେ ଆଞ୍ଚଳିକ ସମ୍ମିଳନୀରେ ମଣ୍ଡଳୀ ତରଫରୁ ପ୍ରତିନିଧିତ୍ୱ କରିପାରିବେ । ସେହି ଅସ୍ଥାୟୀ ପାଳକ ମଣ୍ଡଳୀର ପରିଷଦ ପରାମର୍ଶରେ ଅଧ୍ୟକ୍ଷଙ୍କ ଦ୍ୱାରା ବାହାର କରାଯାଇପାରିବେ । (୫୨୬)

**୨୧୩.** ଯଦି ସ୍ଥାନୀୟ ମଣ୍ଡଳୀର କୌଣସି ପାଳକ ନାହାନ୍ତି, ତେବେ ଅଧ୍ୟକ୍ଷ ତାଙ୍କ ଅଞ୍ଚଳରେ ଥିବା ସେହି ସ୍ଥାନୀୟ ମଣ୍ଡଳୀର ସମସ୍ତ ପାଳକୀୟ ଦାୟୀତ୍ୱ ତୁଲାଇବେ (୫୧୪) ।

**୨୧୩.୧.** ଆଞ୍ଚଳିକ ଅଧ୍ୟକ୍ଷ ଏକ ସ୍ଥାନୀୟ ମଣ୍ଡଳୀର ବାର୍ଷିକ ସଭାକୁ କିମ୍ବା ଏକ ବିଶେଷ ସଭାକୁ ପରିଚାଳନା କରିବେ କିମ୍ବା ପ୍ରତିବଦଳରେ ଜଣଙ୍କୁ ସେହି କାର୍ଯ୍ୟ କରିବାକୁ ଜଣଙ୍କୁ ନିଯୁକ୍ତ କରିବେ (୧୧୩.୫) ।

**୨୧୪.** କୌଣସ କାରଣବଶତଃ ପ୍ରଧାନ ଅଧ୍ୟକ୍ଷ ଆଞ୍ଚଳିକ ସମ୍ମିଳନୀରେ ଯୋଗ ଦେବାରେ ସଫଳ ନ ହୁଅନ୍ତି କିମ୍ବା ପ୍ରତିନିଧି ନିଯୁକ୍ତ କରି ନ ପାରନ୍ତି, ତେବେ ଆଞ୍ଚଳିକ ଅଧ୍ୟକ୍ଷ ଆଞ୍ଚଳିକ ସମ୍ମିଳନୀ ଆହ୍ୱାନ କରିବେ ଯେପର୍ଯ୍ୟନ୍ତ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନ୍ୟ ବ୍ୟବସ୍ଥା ନ ହୋଇଛି (୩୦୭.୫) ।

**୨୧୫.** ଆଞ୍ଚଳିକ ଅଧ୍ୟକ୍ଷ ନିମ୍ନଲିଖିତ କମିଟିଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରିପାରିବେ:

୧. ଆଞ୍ଚଳିକ ସମ୍ମିଳନୀର କମିଟିର ଆର୍ଥିକ କମିଟି;
୨. ଆଞ୍ଚଳିକ ଯାଞ୍ଚ ପରିଷଦ;
୩. ଆଞ୍ଚଳିକ ଶିକ୍ଷା ପରିଷଦ;
୪. ଆଞ୍ଚଳିକ ସୁସମାଚାର ସେବା ପରିଷଦ;
୫. ଆଞ୍ଚଳିକ ମଣ୍ଡଳୀ ସମ୍ପତ୍ତି ପରିଷଦ;
୬. ଆଞ୍ଚଳିକ S.D.M.I. ପରିଷଦ;
୭. ଆଞ୍ଚଳିକ ନ୍ୟାୟପାଳିକା;
୮. ଅନ୍ୟ କୌଣସି ପରିଷଦ ଯାହା ମାନୁଆଲ୍‌ରେ ସ୍ଥାନ ପାଇ ନାହିଁ; (୨୦୫.୨୧, ୨୦୫.୨୫, ୨୨୯.୧, ୨୩୨.୧, ୨୩୫, ୨୩୬, ୨୪୧, ୬୧୦)

**୨୧୫.୧.** ଯଦିଚ ସମ୍ମିଳନୀ ଦ୍ୱାରା କିମ୍ବା ମାନୁଆଲ୍‌ରେ ଉଲ୍ଲେଖ ନାହିଁ, ତଥାପି ଆଞ୍ଚଳିକ ଅଧ୍ୟକ୍ଷ ଆଞ୍ଚଳିକ ପରିଷଦର ସଭ୍ୟମାନଙ୍କୁ, ସଭାପତିଙ୍କୁ ଏବଂ ସମ୍ପାଦକଙ୍କୁ ନିଯୁକ୍ତ କରିପାରିବେ ।

**୨୧୫.୨.** ଆଞ୍ଚଳିକ ସମ୍ମିଳନୀ ପୂର୍ବରୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସହିତ ପରାମର୍ଶ କରି ଆଞ୍ଚଳିକ ଅଧ୍ୟକ୍ଷ ପ୍ରସ୍ତାବିତ କମିଟି ନିଯୁକ୍ତ କରିବେ (୨୦୩) ।

**୨୧୬.** ଆଞ୍ଚଳିକ ଅଧ୍ୟକ୍ଷ, ଆଞ୍ଚଳିକ ଉପଦେଷ୍ଟା ପରିଷଦର ଏବଂ ଉ.ଗ.ଉ.ଈ. କିମ୍ବା D.B.M.ର ସଭାପତି ରହିବେ (୨୨୪.୨, ୨୩୦.୧) ।

**୨୧୬.୧.** ନିବାଚିତ ହୋଇଥିବା ସମସ୍ତ କମିଟି ଏବଂ ପରିଷଦର ଆଞ୍ଚଳିକ ଅଧ୍ୟକ୍ଷ ସଭାପତି ରହିବେ (୨୦୫.୨୦-୨୦୫.୨୧, ୨୩୭, ୨୪୧, ୮୧୦, ୮୧୧) ।

**୨୧୭.** ଆଞ୍ଚଳିକ ଉପଦେଷ୍ଟା ପରିଷଦର ବହୁମତ ଭୋଟ୍ ଦ୍ୱାରା ଅଧିକାର କିମ୍ବା ନିର୍ଦ୍ଦେଶ ନ ପାଇବା ପର୍ଯ୍ୟନ୍ତ ଆଞ୍ଚଳିକ ଅଧ୍ୟକ୍ଷ କୌଣସି ଆର୍ଥିକ ଚୁକ୍ତିବଦ୍ଧତା ସୃଷ୍ଟି କରିବେ ନାହିଁ । ଟଙ୍କା ଗଣତି କିରବେ ନାହିଁ, କିମ୍ବା ଅନୁଦାନ ପ୍ରଦାନ କରିପାରିବେ ନାହିଁ । ଯଦି ଏପରି କାର୍ଯ୍ୟ ହୁଏ, ତେବେ ତାହା D.A.B. ମିନିଟ୍‌ରେ ସଠିକ୍ ଭାବରେ ଉଲ୍ଲେଖ ହେବ । D.A.B.ର ଲିଖିତ ଅନୁମତି ବିନା ଅଧ୍ୟକ୍ଷଙ୍କର ପରିବାରର ସଦସ୍ୟ କୌଣସି ଟଙ୍କା ନେଣଦେଣରେ ହସ୍ତକ୍ଷେପ କରିପାରିବେ ନାହିଁ (୨୧୮, ୨୨୨-୨୨୩.୨) ।

**୨୧୮.** ଆଞ୍ଚଳିକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଆଞ୍ଚଳିକଜ ସମ୍ମିଳନୀର ସମୀକ୍ଷା ଏବଂ ସଂଶୋଧନ ଅଧିନରେ ରହିବ ।

**୨୧୮.୧.** ପାଳକୀୟ ଆୟୋଜନ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ସମସ୍ତ ବିଷୟରେ ଆଞ୍ଚଳିକ ଅଧ୍ୟକ୍ଷ, ପ୍ରଧାନ ଅଧ୍ୟକ୍ଷଙ୍କୁ ଏବଂ ପ୍ରଧାନ ଅଧ୍ୟକ୍ଷ ପରିଷଦକୁ ସମ୍ମାନ ଦେବା ଉଚିତ ।

## (ଚ) ଆଞ୍ଚଳିକ ସମ୍ପାଦକ (The District Secretary)

**୨୧୯.** ଆଞ୍ଚଳିକ ସମ୍ପାଦକ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ୩ ବର୍ଷ ପର୍ଯ୍ୟନ୍ତ ନିର୍ବାଚିତ ହୁଅନ୍ତି ଏବଂ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଚାଲୁ ରହିବ (୨୨୫.୨୨) ।

**୨୧୯.୧.** କୌଣସି କାରଣବଶତଃ ମଧ୍ୟବର୍ତ୍ତୀକାଳରେ ତାଙ୍କର କାର୍ଯ୍ୟ ବନ୍ଦ ହୁଏ, ତେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ତାଙ୍କର ଉତ୍ତରାଧିକାରୀଙ୍କୁ ନିର୍ବାଚିତ କରାଯାଏ (୨୧୧.୭) ।

**୨୧୯.୨.** ଆଞ୍ଚଳିକ ସମ୍ପାଦକ ଆଞ୍ଚଳିକ ସମ୍ମିଳନୀର ପଦ ବଳରେ ଜଣେ ସଭ୍ୟ ହେବେ (୨୦୧) ।

**୨୨୦.** ଆଞ୍ଚଳିକ ସମ୍ପାଦକଙ୍କ କାର୍ଯ୍ୟଗୁଡ଼ିକ:

**୨୨୦.୧.** ଆଞ୍ଚଳିକ ସମ୍ମିଳନୀର ସମସ୍ତ ମିନିଟ୍‌ଗୁଡ଼ିକୁ ନିର୍ଭୁଲ୍ ଭାବରେ ଉଲ୍ଲେଖ କରିବେ ଏବଂ ବିଶ୍ୱସ୍ତ ଭାବରେ ସାଇତି ରଖିବେ ।

**୨୨୦.୨.** ଅଞ୍ଚଳର ସମସ୍ତ ପରିସଂଖ୍ୟାନ (Statistics)କୁ ନିର୍ଭୁଲ୍ ଭାବରେ ଲିପିବଦ୍ଧ କରି ସାଇତି ରଖିବେ ।

**୨୨୦.୩.** ସମସ୍ତ ପରିସଂଖ୍ୟାନ ତାଲିକା ପତ୍ରିକାରେ ଛପା ହେବା ପୂର୍ବରୁ ସମୀକ୍ଷା କରିବା ନିମନ୍ତେ ଆନ୍ତର୍ଜାତିକ ସମ୍ପାଦକଙ୍କ ନିକଟକୁ ପ୍ରେରଣ କରିବେ ।

**୨୨୦.୪.** ଆଞ୍ଚଳିକ ସମ୍ମିଳନୀର ସମସ୍ତ ନଥିପତ୍ରକୁ ନିଜ ଅଧୀନରେ ରଖିବେ ଏବଂ ତାହାଙ୍କ ଉତ୍ତରାଧିକାରୀଙ୍କୁ ଅବିଳମ୍ବେ ହସ୍ତାନ୍ତର କରିବେ ।

**୨୨୦.୫.** ଚାରିବର୍ଷିଆ ପ୍ରତ୍ୟେକ ସଂପୂର୍ଣ୍ଣ କାର୍ଯ୍ୟାଳୟର ପତ୍ରିକାକୁ ସାଇତି ରଖିବେ । )୨୦୭.୪)

**୨୨୦.୬.** ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ଅଧିକାରୀମାନଙ୍କ ମଧ୍ୟରେ ବିତରର କରିବା ନିମନ୍ତେ ବିଶ୍ୱ ସେବାକାର୍ଯ୍ୟ କେନ୍ଦ୍ର (Global Ministry Center)କୁ ଆଞ୍ଚଳିକ ପ୍ରତ୍ୟେକ ସମ୍ମିଳନୀର ଛପା ଯାଇଥିବା ପତ୍ରିକାକୁ ଯଥେଷ୍ଟ ପରିମାଣରେ ପ୍ରେରଣ କରିବେ ।

**୨୨୦.୭.** ସଂପୂର୍ଣ୍ଣ କାର୍ଯ୍ୟାଳୟର ପତ୍ରିକାକୁ ସାଇତି ରଖିବାକୁ ଆଞ୍ଚଳିକ ସମ୍ମିଳନୀ ନିମନ୍ତେ ଆନ୍ତର୍ଜାତିକ ସମ୍ମିଳନୀରେ ଉପସ୍ଥାପନ କରିବେ (୨୦୫.୨୬, ୨୦୭.୩-୨୦୭.୪) ।

**୨୨୦.୮.** ତାଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରିବେ ।

**୨୨୦.୯.** ତାଙ୍କ ନିକଟକୁ ଆସୁଥିବା ସମସ୍ତ ବିଷୟକୁ ସମ୍ମିଳନୀ କମିଟିକୁ ପ୍ରେରଣ କରିବେ।

**୨୨୧.** ଆଞ୍ଚଳିକ ସମ୍ପାଦକଙ୍କ ନିମନ୍ତେ ସମ୍ମିଳନୀ ଯେତେ ସଂଖ୍ୟାରେ ସହକର୍ମୀ ନିର୍ବାଚିତ କରିପାରିବେ ।

## (ଛ) ଆଞ୍ଚଳିକ କୋଷାଧ୍ୟକ୍ଷ

**୨୨୨.** ଆଞ୍ଚଳିକ କୋଷାଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା ପରଷଦ ଦ୍ୱାରା ୩ ବର୍ଷ ନିମନ୍ତେ ନିର୍ବାଚିତ ହୁଅନ୍ତି ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ମନୋନୀତ କିମ୍ବା ନିର୍ବାଚିତ ନ ହୋଇଛନ୍ତି । (୨୨୫.୨୧)

**୨୨୨.୧.** କୌଣସି କାରଣବଶତଃ ମଧ୍ୟବର୍ତ୍ତୀ କାଳରେ ତାଙ୍କର କାର୍ଯ୍ୟ ବନ୍ଦ ହୁଏ, ତେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ତାଙ୍କର ଉତ୍ତରାଧିକାରୀଙ୍କୁ ନିର୍ବାଚିତ କରାଯାଏ (୨୧୧.୮) ।

**୨୨୨.୨.** ଆଞ୍ଚଳିକ କୋଷାଧ୍ୟକ୍ଷ ପଦ ବଳରେ ଆଞ୍ଚଳିକ ସମ୍ମିଳନୀର ଜଣେ ସଭ୍ୟ ହେବେ (୨୦୧) ।

**୨୨୩.** ଆଞ୍ଚଳିକ କୋଷାଧ୍ୟକ୍ଷଙ୍କ କାର୍ଯ୍ୟ:

**୨୨୩.୧.** ଯେପରି ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା କିମ୍ବା ଆଞ୍ଚଳିକ ସମ୍ମିଳନୀ ଦ୍ୱାରା କିମ୍ବା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା କିମ୍ବା ଯେପରି ନାଜରିନ୍ ମଣ୍ଡଳୀ ଆବଶ୍ୟକ କରେ ନିର୍ଦ୍ଦିଷ୍ଟ କରାଯାଇଥିବା ଟଙ୍କା ତାଙ୍କ ଅଞ୍ଚଳରୁ ସଂଗ୍ରହ/ଗ୍ରହଣ କରିବେ ।

**୨୨୩.୨.** ଟଙ୍କା ନେଣଦେଣର ସମସ୍ତ ନିର୍ଣ୍ଣୟ ତଥ୍ୟ ରଖିବେ, ପ୍ରତିମାସ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ବିବରଣୀ ଦେବେ ଏବଂ ଆଞ୍ଚଳିକ ସମ୍ମିଳନୀରେ ତାଙ୍କର ବିବରଣ ଦେବେ ଯେଉଁଥିପାଇଁ ସେ ଦାୟୀ ଅଟନ୍ତି ।

# (ଜ) ଆଞ୍ଚଳିକ ଉପଦେଷ୍ଟା ପରିଷଦ (District Advisory Board)

**୨୨୪.** ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏହିମାନଙ୍କୁ ନେଇ ଗଠିତ ଯଥା: ଆଞ୍ଚଳିକ ଅଧ୍ୟକ୍ଷ ପଦବଳରେ ସଭ୍ୟ ଅଟନ୍ତି । ତିନିଜଣ ଅଭିଷିକ୍ତ ସେବକ ଏବଂ ତିନିଜଣ ସାଧାରଣ ସଭ୍ୟ ଆଞ୍ଚଳିକ ସମ୍ମିଳନୀରେ ଭୋଟ୍ ଦ୍ୱାରା ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ନିର୍ବାଚିତ ହୁଅନ୍ତି ।

ଯଦି ସମ୍ମିଳନୀର ସଭ୍ୟ ସଂଖ୍ୟା ୫୦୦୦ ଥା'ନ୍ତି, ତେବେ ଆଉ ଏକ ଜଣ କରି ନିର୍ବାଚିତ ହୁଅନ୍ତି (୨୦୫.୧୪) ।

**୨୨୪.୧.** ଆଞ୍ଚଳିକ ଉପଦେଷ୍ଟା ପରିଷଦରେ ଖାଲିଥିବା ସଭ୍ୟଙ୍କ ସ୍ଥାନକୁ ବଳକା ଥିବା ସଭ୍ୟମାନଙ୍କ ଦ୍ୱାରା ପୂରଣ ହେବ ।

**୨୨୪.୨.** ଆଞ୍ଚଳିକ ଉପଦେଷ୍ଟା ପରିଷଦରେ ଆଞ୍ଚଳିକ ଅଧ୍ୟକ୍ଷ ପଦବଳରେ ସଭାପତି ରହିବେ ।

**୨୨୪.** ୩ – ପରିଷଦ ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସମ୍ପାଦକ ଭାବରେ ନିର୍ବାଚିତ କରି ଯେ କି ପରିଷଦର ସମସ୍ତ କାର୍ଯ୍ୟକୁ ଯତ୍ନ ସହକାରେ ଲିପିବଦ୍ଧ କରି ଏବଂ ଅବିଳମ୍ବେ ତାଙ୍କ ଉତ୍ତରାଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ।

**୨୨୪.୪.** ପରିଷଦର ସାଧାରଣ ସଭ୍ୟମାନେ ସମ୍ମିଳନୀର ପଦବଳରେ ସଭ୍ୟ ରହିବେ, ଆଞ୍ଚଳିକ SDMI ସଭାରେ ପଦବଳରେ ସଭ୍ୟ ରହିବେ, NMI ସଭାରେ ପଦବଳରେ ସଭ୍ୟ ରହିବେ NYI ସଭାରେ ପଦବଳରେ ସଭ୍ୟ ରହିବେ (୨୦୧, ୨୨୪) ।

**୨୨୫.** ଆଞ୍ଚଳିକ ଉପଦେଷ୍ଟା ପରିଷଦର କାର୍ଯ୍ୟ:

**୨୨୫.୧.** ୧୧୪.୧ ପାରା ଅନୁଯାୟୀ ପରିସଂଖ୍ୟାନ ବର୍ଷର ଆରମ୍ଭ ଏବଂ ଶେଷ ତାରିଖ ସ୍ଥିର କରିବେ ।

**୨୨୫.୨.** ଅଞ୍ଚଳରେ ଥିବା ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ଏବଂ ସେବକମାନଙ୍କୁ ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହିତ ମିଳିତ ହୋଇ ସମ୍ମାନ ଦେବେ ଏବଂ ସେମାନଙ୍କୁ ଅବଗତ କରାଇବେ । (୧୧୫.୬, ୫୧୯) ।

**୨୨୫.୩.** ସେବାକାର୍ଯ୍ୟରେ ନିଯୁକ୍ତି ଥିବା ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗକୁ ସମୀକ୍ଷା କରିବା ନିମନ୍ତେ ତିନିଜଣ ଅଭିଷିକ୍ତଙ୍କୁ ନେଇ ଏବଂ ଦୁଇଜଣ ସାଧାରଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରିବେ । (୬୦୬.୫)

**୨୨୫.୪.** ଯେବେ ସେହି ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଏକ ନ୍ୟାୟ ପାଳିକା ଗଠନ କରିବେ (୬୦୬.୫-୬୦୬.୬) ।

**୨୨୫.୫.** ସେବକମାନଙ୍କର ପରିବାରକୁ ଏବଂ ମଣ୍ଡଳୀର ଯେଉଁମାନେ ମାନୁଆଲ୍ ସହିତ ଏକମତ ଥିବେ, ସେମାନଙ୍କୁ ସମୟ ଅନୁଯାୟୀ, ସହାୟତା ଯୋଗାଇବାର ବିସ୍ତୃତ ଯୋଜନା କରିବେ (୫୩୮.୨୦, ୫୩୯-୫୩୯.୧୩) ।

**୨୨୫.୬.** ଯେବେ ଆଞ୍ଚଳିକ ସମ୍ମିଳନୀ ଅଧିକାର ଦେବ ଏବଂ ଯେଉଁଠାରେ ଆଇନ୍ ଅନୁମତି ଦିଏ, ତେବେ ଅନ୍ତର୍ଭୁକ୍ତୀକରଣ କରିବେ । ଅନ୍ତର୍ଭୁକ୍ତୀକରଣ ଉତ୍ତାରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ତାଙ୍କର ନିଜର ପ୍ରସ୍ତାବ ଉପରେ, କିଣିବା ପାଇଁ, ବିକ୍ରୀ କରିବା ପାଇଁ, ଅଦଳବଦଳ କରିବା ପାଇଁ, ବନ୍ଧକ ରଖିବା ପାଇଁ ଅଧିକାର ପ୍ରାପ୍ତ ହେବ ଯେପରି ଅନୁଷ୍ଠାନର ଆବଶ୍ୟକତା ପୂରଣ ହେବ ୯୨୦୬) ।

**୨୨୫.୭.** ଯେତେବେଳେ ଏକ ଆଞ୍ଚଳିକ ପରିଷଦ ଅନ୍ତର୍ଭୁକ୍ତ ହୁଏ, ତେବେ ଅନ୍ତର୍ଭୁକ୍ତୀକରଣର ନିୟମ, ନାଜରିନ୍ ମଣ୍ଡଳୀର ମାନୁଆଲ୍‌ର ନୀତି ଅନୁସାରେ ଅନୁଷ୍ଠାନ ଚାଳିତ ହେବ । (୧୦୨.୪, ୨୨୫.୬)

**୨୨୫.୮.** ଯେଉଁ ସ୍ଥାନରେ ଅନ୍ତର୍ଭୁକ୍ତୀକରଣର ଏହି ନିୟମ ଅନୁମତି ଦିଏ ନାହିଁ, ତେବେ ଆଞ୍ଚଳିକ ସମ୍ମିଳନୀ ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ତତ୍ତ୍ୱାବଧାୟକ ରୂପେ ନିର୍ବାଚିତ କରି କିଣା, ବିକା, ବନ୍ଧକ, ଲିଜ୍ ଦେବାକୁ ନିଜର ଅଧିକାର ଦେବ (୧୦୨.୬, ୧୦୬.୨, ୨୨୫.୬) ।

**୨୨୫.୯.** ଯେଉଁ କ୍ଷେତ୍ରରେ ସ୍ଥାନୀୟ ମଣ୍ଡଳୀ ଅନ୍ତର୍ଭୁକ୍ତୀକରଣର ସମ୍ଭାବନା ଅଛି ସେହି କ୍ଷେତ୍ରରେ ଆଞ୍ଚଳିକ ଉପଦେଷ୍ଟା ନ୍ୟାୟ ବିଚାରକର୍ତ୍ତା ଭାବରେ ସମସ୍ତ ବ୍ୟବସ୍ଥା କରିବେ (୧୦୨-୧୦୨.୫) ।

**୨୨୫.୧୦.** ଆଞ୍ଚଳିକ ଅଧ୍ୟକ୍ଷ ପ୍ରତି ଉପଦେଷ୍ଟା ଅଧିକାରର ଅଞ୍ଚଳରର ସମସ୍ତ ବିଭାଗକୁ, ପରିଷଦକୁ ଏବଂ କମିଟିଗୁଡ଼ିକୁ ପରିଦର୍ଶନ କରିବେ ।

**୨୨୫.୧୧.** ଏକ ସୁସ୍ଥ ଅଧ୍ୟକ୍ଷତା ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କର ଦୃଢ଼ ଆତ୍ମିକ ଜୀବନ ଉଦ୍ଦେଶ୍ୟରେ ପ୍ରଧାନ ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରି ଆଞ୍ଚଳିକ ଉପଦେଷ୍ଟା ପରିଷଦ ପ୍ରତି ୭ ବର୍ଷରେ ଥରେ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଛୁଟି ଦେବ । ଏହି ଛୁଟି ସମୟରେ ଅଧ୍ୟକ୍ଷ ତାଙ୍କର ପୂର୍ଣ୍ଣ ବେତନ ପ୍ରାପ୍ତ ହେବେ । ଏହି ଛୁଟି ସମୟରେ ଆଞ୍ଚଳିକ ଅଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସହିତ ଯୋଜନା କରିବେ ।

**୨୨୫.୧୨.** ଆଞ୍ଚଳିକ କେନ୍ଦ୍ର ନିର୍ମାଣ ନମନ୍ତେ ଯୋଜନା ପ୍ରସ୍ତୁତ କରି ପ୍ରଧାନ ଅଧ୍ୟକ୍ଷଙ୍କୁ ଅର୍ପଣ କରିବେ (୩୧୯) ।

**୨୨୫.୧୩.** ପାଳକୀୟ କାର୍ଯ୍ୟ କରୁଥିବା ସେବକମାନଙ୍କର ନୂତନ ଅଧିକାର ପତ୍ର ପାଇଁ ଏବଂ ଅଧିକାର ପତ୍ରର ନୂତନୀକରଣ ପାଇଁ ପ୍ରଧାନ ଅଧ୍ୟକ୍ଷଙ୍କୁ ଅନୁମୋଦନ କରିବେ (୫୩୨.୫) ।

**୨୨୫.୧୪.** ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ଶିଶୁ ବିଦ୍ୟାଳୟଗୁଡ଼ିକୁ ଚାଲୁ ରଖିବା କିମ୍ବା ବନ୍ଦ କରିବାର ସ୍ୱୀକୃତି ଦେବେ । (୫୧୫, ୨୧୧.୧୪, ୫୧୭) ।

**୨୨୫.୧୫.** ପ୍ରାଦେଶିକ ଧାରା ଅନୁଯାୟୀ ପ୍ରତିବର୍ଷ Compassionate Ministry (ଦୟାର ସେବାକାର୍ଯ୍ୟ) ଅନୁମୋଦନ କରିବେ (୧୫୩.୧) ।

**୨୨୫.୧୬.** ଏକ ସ୍ଥାନୀୟ ମଣ୍ଡଳୀରୁ ଆସିଥିବା ଏକ ପ୍ରମାଣପତ୍ରଧାରୀ ସେବକ କିମ୍ବା ଅଭିଷିକ୍ତ ପ୍ରାଚୀନଙ୍କୁ ପାଳକ ହେବାକୁ ପ୍ରସ୍ତାବକୁ ଅନୁମୋଦନ କିମ୍ବା ଅଗ୍ରାହ୍ୟ କରିବେ ଯେତେବେଳେ ସେ ବ୍ୟକ୍ତି ମଧ୍ୟ ସେହି ମଣ୍ଡଳୀର ସଭ୍ୟ ଅଟନ୍ତି । ଏହି

ନିଷ୍ପତ୍ତି ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ନେବେ । (୧୧୫, ୧୨୯.୨, ୧୫୯.୮, ୨୧୧.୧୦)

**୨୨୫.୧୭.** ଅନ୍ୟ କୌଣସି ମତବାଦର ମଣ୍ଡଳୀ ସଦସ୍ୟ ଯାହା ନାଜରିନ୍ ମଣ୍ଡଳୀ ପରିଚାଳିତ ନୁହେଁ ଏବଂ ସେ ମଣ୍ଡଳୀ ପରିଚାଳନା କରନ୍ତି, ତାଙ୍କର ସେବକ ପଦ ପାଇଁ ଅନୁରୋଧକୁ ଗ୍ରାହ୍ୟ କିମ୍ୱା ଅଗ୍ରାହ୍ୟ କରିପାରିବେ (୫୨୮, ୫୩୮.୧୩) ।

**୨୨୫.୧୮.** ଅଞ୍ଚଳ ଦ୍ୱାରା କୌଣସି ବେତନଭୋଗୀ କର୍ମଚାରୀଙ୍କୁ ନିର୍ବାଚିତ କରିପାରିବେ କିମ୍ୱା ବାହାର କରିପାରିବେ (୨୪୫-୨୪୫.୧) ।

**୨୨୫.୧୯.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ପରାମର୍ଶରେ, ସମ୍ମିଳନୀ ବର୍ଷର ମଧ୍ୟଭାଗରେ ଆବଶ୍ୟକସ୍ଥଳେ ଆୟବ୍ୟୟର ଅଟକଳକୁ ସଜାଡ଼ିବା ନିମନ୍ତେ ଏକ ଆର୍ଥିକ କମିଟି ରୂପେ କାର୍ଯ୍ୟ କରିପାରିବେ (୨୨୩.୧) ।

**୨୨୫.୨୦.** ଅଞ୍ଚଳର ସମସ୍ତ ସମ୍ପତ୍ତିକୁ ସୁରକ୍ଷା ଦେବେ (୧୦୨.୪, ୧୦୬.୫, ୨୦୬) ।

**୨୨୫.୨୧.** ଏକ ଆଞ୍ଚଳିକ କୋଷାଧ୍ୟକ୍ଷଙ୍କୁ ତିନିବର୍ଷ ନିମନ୍ତେ ନିର୍ବାଚିତ କରିବେ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ୱା ଯୋଗ୍ୟ ହୋଇନାହାନ୍ତି । (୨୨୨)

**୨୨୫.୨୨.** ଏକ ଆଞ୍ଚଳିକ ସମ୍ପାଦକଙ୍କୁ ତିନିବର୍ଷ ନିମନ୍ତେ ନିର୍ବାଚିତ କରିବେ, ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ୱା ଯୋଗ୍ୟ ହୋଇନାହାନ୍ତି (୨୧୯) ।

**୨୨୫.୨୩.** ପାରା ୧୦୬.୨ ଅନୁଯାୟୀ, ସମ୍ପତ୍ତିରୁ ନାଜରିନ୍ ନାମ ପରିବର୍ତ୍ତନ କରିବାକୁ ସ୍ୱୀକୃତି ଦେବେ ।

**୨୨୫.୨୪.** ୨୦୫.୨୫ ଧାରା ଅନୁଯାୟୀ ଆଞ୍ଚଳିକ ସମ୍ମିଳନୀ ପର୍ଯ୍ୟନ୍ତ ଏକ ଅଡିଟ୍ କମିଟି ନିର୍ବାଚିତ କରିପାରିବେ (୨୦୫.୨୫)।

**୨୨୫.୨୫.** ଆଞ୍ଚଳିକ ସମ୍ମିଳନୀରେ ପରିଷଦର କାର୍ଯ୍ୟ ବିବରଣୀ ଦେବେ, ମଧ୍ୟ କେତେ ସଭା ପରିଚାଳିତ କରିଛନ୍ତି ତା'ର ବିବରଣୀ ଦେବେ।

**୨୨୬.** ଅନ୍ୟ ଅଞ୍ଚଳକୁ ଯେ ବଦଳି ହେବାକୁ ଇଚ୍ଛା କରନ୍ତି, ଆଞ୍ଚଳିକ ଉପଦେଷ୍ଟା ପରିଷଦ ସେହି ସଭ୍ୟଙ୍କର ସଭ୍ୟପଦକୁ ସେବକ, ଖ୍ରୀଷ୍ଟିୟାନ ଶିକ୍ଷା ସେବକ କିମ୍ବା ଜଣେ ଦୀକନ ଭାବରେ ପରିବର୍ତ୍ତନ କରି ପ୍ରଚଳନ କରିପାରିବେ, ଏହା ଆଞ୍ଚଳିକ ସମ୍ମିଳନୀ ପୂର୍ବରୁ ହେବା ଆବଶ୍ୟକ ଯେଉଁଠାରେ ସେହି ସଭ୍ୟଙ୍କର ସଭ୍ୟପଦ ଅଛି। ଏହି ବଦଳିକୁ ଗ୍ରହଣ କରୁଥିବା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଗ୍ରହଣ କରିପାରନ୍ତି। ଏହି ବଦଳିକୁ ଆଞ୍ଚଳିକ ସମ୍ମିଳନୀ ଅନ୍ତିମ ସ୍ୱୀକୃତି ଦେବ। (୨୦୫.୮-୨୦୫.୯, ୨୩୧.୯-୨୩୧.୧୦, ୫୦୮, ୫୧୧, ୫୩୭-୫୩୭.୨)।

**୨୨୬.୧.** ଭିନ୍ନ ମଣ୍ଡଳୀରେ ଯୋଗ ଦେବାକୁ ଇଚ୍ଛା କରୁଥିବା ଏକ ଅଞ୍ଚଳର ସଭ୍ୟଙ୍କୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅନୁରୋଧକ୍ରମେ ପ୍ରଶଂସାର ପ୍ରମାଣପତ୍ର ପ୍ରଦାନ କରିପାରିବେ (୮୧୫)।

**୨୨୭.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନ ସହିତ, ଯେବେ ମଣ୍ଡଳୀର ଉତ୍ତମତାର ଆବଶ୍ୟକ, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଜଣେ ମହିଳା ଦୀକନଙ୍କୁ ବହିଷ୍କାର କରିପାରିବ, ଯେଉଁ ମଣ୍ଡଳୀରେ ସେ ସଭ୍ୟ ଅଛନ୍ତି, ସେହି ମଣ୍ଡଳୀର ପରିଷଦ ସହ ଆଲୋଚନା କରିବା ଉତ୍ତାରେ।

**୨୨୮.** କୌଣସି ସମୟରେ ଜଣେ ପ୍ରମାଣପତ୍ରଧାରୀ କିମ୍ବା ଅଭିଷିକ୍ତ ଅନ୍ୟ ମତବାଦର ପରିଚୟ ପତ୍ର ଉପସ୍ଥାପନ କରନ୍ତି, ତେବେ ଆଞ୍ଚଳିକ ସମ୍ମିଳନୀର ମଧ୍ୟବର୍ତ୍ତୀକାଳରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ତାହା ସମୀକ୍ଷା କରାଯିବା ଆବଶ୍ୟକ। କେବଳ DABର ସନ୍ତୋଷଜନକ ସୁପାରିଶ୍ ଦ୍ୱାରା ସେହି

ଆବେଦନକାରୀଙ୍କୁ ସ୍ଥାନୀୟ ମଣ୍ଡଳୀର ସଭ୍ୟ ଭାବରେ ଗ୍ରହଣ କରାଯିବ (୫୨୦, ୫୩୨.୨, ୫୩୫)।

## (୯) ଆଞ୍ଚଳିକ ସେବକତ୍ୱ-ଯୋଗ୍ୟତା ପରିଷଦ

**୨୨୯.** ଆଞ୍ଚଳିକ ସେବକ ପରିଚୟ ପରିଷଦ ୫ଜଣଙ୍କୁ ନେଇ ଗଠିତ । ତହିଁ ମଧ୍ୟରୁ ତିନିଜଣ ସଦସ୍ୟ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକ ପଦ ସେ ଅଭିଷିକ୍ତ ହୋଇଥା'ନ୍ତି । ସେହି ସଦସ୍ୟମାନଙ୍କର କାର୍ଯ୍ୟକାଳ ୪ ବର୍ଷ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ ଏବଂ ଯୋଗ୍ୟ ହୋଇଛନ୍ତି (୨୦୫.୧୫)।

**୨୨୯.୧.** ଏହି ସଦସ୍ୟମାନଙ୍କ ପଦ ଆଞ୍ଚଳିକ ସମ୍ମିଳନୀର ମଧ୍ୟବର୍ତ୍ତୀ କାଳରେ ଖାଲି ରହେ, ତେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ନିଯୁକ୍ତ ଦ୍ୱାରା ସେହି ପଦ ପୂରଣ ହେବ (୨୧୫)।

**୨୩୦.** ଆଞ୍ଚଳିକ ସେବକ ପରିଚୟର ନିର୍ବାଚନ ଶେଷ ହେବା ଉତ୍ତାରେ ଆଞ୍ଚଳିକ ଅଧ୍ୟକ୍ଷ ନିମ୍ନଲିଖିତ ସଂଗଠନ ନିମନ୍ତେ ସେମାନଙ୍କ ସହିତ ଏକ ସଭା କରିବେ:

**୨୩୦.୧.** ଆଞ୍ଚଳିକ ଅଧ୍ୟକ୍ଷ ପଦବଳରେ ସେହି ପରିଷଦର ସଭାପତି ହେବେ । ଯା ହେଉନା କାହିଁକି ତାହାଙ୍କ ଅନୁରୋଧରେ ଜଣେ କାମଚଳା ସଭାପତି ନିର୍ବାଚିତ ହେବେ ଯେ କି ଆଗାମୀ ଆଞ୍ଚଳିକ ସମ୍ମିଳନୀ ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇବେ (୨୦୧୬)।

**୨୩୦.୨.** ସେହି ସଭ୍ୟମାନଙ୍କ ମଧ୍ୟରୁ ପରିଷଦ ଜଣଙ୍କୁ ସମ୍ପାଦକ ରୂପେ ନିର୍ବାଚିତ କରିବ ଯେ ନଥିପତ୍ରର ଉପଯୁକ୍ତ ଧାରା ଯୋଗାଇ ପାରିବ । ପରିଷଦକର ସମସ୍ତ କାର୍ଯ୍ୟକୁ ଯତ୍ନ ସହକାରେ ଉଲ୍ଲେଖ କରି ବିଶ୍ୱସ୍ତ ଭାବେ ସାଇତି ରଖିବେ ଏବଂ ଅବିଳମ୍ୱେ ତାହା ତାଙ୍କର କାର୍ଯ୍ୟକାଳ ଶେଷ ଉତ୍ତାରେ ତାଙ୍କ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିବେ ।

**୨୩୧.** ଆଞ୍ଚଳିକ ସେବକ ପରିଚୟ ପରିଷଦର କାର୍ଯ୍ୟ ନିମ୍ନରେ ବର୍ଣ୍ଣନା କରାଯାଇଛି:

**୨୩୧.୧.** ଆଞ୍ଚଳିକ ସମ୍ମିଳନୀରେ ଭୋଟ୍ ନିମନ୍ତେ ପ୍ରାଚୀନମାନେ, ଦୀକନମାନେ ଏବଂ ଅଧିକାର ପତ୍ରଧାରୀ ସେବକମାନଙ୍କର ସଠିକ୍ ଭାବରେ ଉପସ୍ଥିତିକୁ ଯତ୍ନ ସହକାରେ ସମୀକ୍ଷା କରିବେ ।

**୨୩୧.୨.** ଯେଉଁ ବ୍ୟକ୍ତିମାନେ ସେବକର ଭୂମିକା ନିମନ୍ତେ କିମ୍ବା ମାନୁଆଲ୍‌ରେ ଉଲ୍ଲେଖ ଥିବା ଅନ୍ୟ କୌଣସି ଭୂମିକା ନିମନ୍ତେ ଅଧିକାରପତ୍ର ପ୍ରାପ୍ତ ହେବାକୁ ଇଚ୍ଛା କରନ୍ତି, ସେସମସ୍ତଙ୍କୁ ଯତ୍ନ ସହକାରେ ସମୀକ୍ଷା କରିବେ ।

**୨୩୧.୩.** ଯେଉଁ ପ୍ରାର୍ଥୀମାନଙ୍କୁ ଆହ୍ୱାନ କରାଯିବା ନିମନ୍ତେ ଅନୁଭବ କରାଯାଏ, ସେମାନଙ୍କର ପରିତ୍ରାଣର ଅନୁଭୂତି, ପବିତ୍ର ଆତ୍ମାଙ୍କ ସହ ବାପ୍ତିସ୍ମ ଦ୍ୱାରା ସଂପୂର୍ଣ୍ଣ ପ୍ରକ୍ଷାଳନର ବ୍ୟକ୍ତିଗତ ଅନୁଭୂତି, ବାଇବଲର ସିଦ୍ଧାନ୍ତ ଉପରେ ଜ୍ଞାନ, ସିଦ୍ଧାନ୍ତକୁ ସଂପୂର୍ଣ୍ଣ ରୂପେ ଗ୍ରହଣ, ଖ୍ରୀଷ୍ଟିୟାନ ଆଚରଣ, ମଣ୍ଡଳୀର ବ୍ୟବସ୍ଥା, ଅନୁଗ୍ରହର ପ୍ରମାଣ, ଦାନ, ଆତ୍ମିକ ଏବଂ ନୈତିକ ଯୋଗ୍ୟତା ଓ ସାଧାରଣ ସ୍ୱାସ୍ଥ୍ୟ ଉପରେ ପ୍ରତିଜଣଙ୍କୁ ଯତ୍ନ ସହକାରେ ଅନୁସନ୍ଧାନ କରିବେ ।

**୨୩୧.୪.** ଯେଉଁ ସେବାକର୍ଯ୍ୟ ନିମନ୍ତେ ପ୍ରାର୍ଥୀ ଆବେଦନ କରିଛନ୍ତି ଯଦି ସେହି କାର୍ଯ୍ୟରେ ନିଯୁକ୍ତି ଦିଆଯାଏ, ତେବେ ସେ ସେହି ଦାୟୀତ୍ୱ ସମାନ ଭାବରେ ତୁଲାଇବେ ନା ନାହିଁ, ତାହା ଯତ୍ନ ସହକାରେ ଅନୁସନ୍ଧାନ କରିବେ ଏବଂ ତାହାର ଆଚରଣକୁ ସମୀକ୍ଷା କରିବେ ।

**୨୩୧.୫.** ଆଞ୍ଚଳିକ ସମ୍ମିଳନୀ ଉତ୍ତାରେ ଯଦି କୌଣସି ପ୍ରେରିତ ପାଳକ ଯେ ପୂର୍ବରୁ ନିଯୁକ୍ତି ପ୍ରାପ୍ତ, ପୁର୍ନବାର ତାଙ୍କ ଦାୟିତ୍ୱ ଚାଲୁ ରଖିବା ନିମନ୍ତେ ପୁନର୍ବାର ନିଯୁକ୍ତିର ସମୀକ୍ଷା କରି ଅନୁମୋଦନ କରିବେ (୫୩୧.୬) ।

**୨୩୧.୬.** ଜଣେ ଅଭିଷିକ୍ତ ସେବକର ଅସଫଳତାର କାରଣ ଖୋଜି ବାହାର କରିବେ ଓ ସମ୍ମିଳନୀକୁ ଦୁଇ ବର୍ଷ ଧରି ଜଣାଇବେ ଏବଂ ସେବକମାନଙ୍କର ପାଳି ତାଲିକାରେ ସେହି ନାମକୁ ଛପାଇବା ନିମନ୍ତେ ସମ୍ମିଳନୀକୁ ଅନୁମୋଦନ କରିବେ ।

**୨୩୧.୭.** ଜଣେ ଅଭିଷିକ୍ତ ସେବକ ଅନ୍ୟ ମଣ୍ଡଳୀର ସେବାକାର୍ଯ୍ୟରେ ଯୋଗ ଦିଅନ୍ତି କିମ୍ବା ବିନା ଅନୁମତିରେ କୌଣସି ଦଳ କିମ୍ବା ସ୍ୱାଧୀନ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି ତେବେ ପାଳି ତାଲିକାରେ ତାଙ୍କ ନାମକୁ ଛପା ହେବା ନିମନ୍ତେ ସମ୍ମିଳନୀକୁ ଅନୁମୋଦନ କରିବେ ।

**୨୩୧.୮.** ବାର୍ଦ୍ଧକ୍ୟ ହେତୁ କିମ୍ବା ଅସମର୍ଥ ହେତୁ କୌଣସି ସେବକ ଅବସର ନେବାକୁ ଇଚ୍ଛା କରନ୍ତି, ତେବେ ସମ୍ମିଳନୀକୁ ଅନୁମୋଦନ କରିବେ (୨୦୫.୨୭, ୫୩୬) ।

**୨୩୧.୯.** ସେବାରେ କାର୍ଯ୍ୟରତ ଥିବା ବ୍ୟକ୍ତି ଏବଂ ଅଧିକାର ପତ୍ରଧାରୀମାନଙ୍କୁ ଅନ୍ୟ ଅଞ୍ଚଳକୁ ବଦଳି କରିବାକୁ, ମଧ୍ୟବର୍ତ୍ତୀ କାଳୀନ ବଦଳି ମଧ୍ୟ ଯାହା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ହୋଇ ସେହି ସବୁକୁ ସମ୍ମିଳନୀକୁ ଅନୁମୋଦନ କରିବେ ।

**୨୩୧.୧୦.** ଅନ୍ୟ ଅଞ୍ଚଳର ଯେଉଁ ବ୍ୟକ୍ତିମାନଙ୍କଠାରେ ସେବକ ପରିଚୟ ଅଛି, ମଣ୍ଡଳୀର ସେବକ ଏବଂ ଯେଉଁମାନଙ୍କଠାରେ ସେବା କରିବାକୁ ଅଧିକାର ପତ୍ର ଅଛି ସେମାନଙ୍କୁ ଗ୍ରହଣ କରିବାକୁ ଆଞ୍ଚଳିକ ସମ୍ମିଳନୀକୁ ଅନୁମୋଦନ କରିବେ ଏପରିକି ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅନୁମୋଦିତ ବଦଳିଗୁଡ଼ିକୁ ମଧ୍ୟ ଅନୁମୋଦନ କରିବେ (୨୦୫.୮, ୫୩୭-୫୩୭.୨) ।

## (ଞ) ଆଞ୍ଚଳିକ ସେବାକାର୍ଯ୍ୟ ଶିକ୍ଷା ପରିଷଦ

**୨୩୨.** ଆଞ୍ଚଳିକ ସେବାକାର୍ଯ୍ୟ ଶିକ୍ଷା ପରିଷଦ ୫ ଜଣ କିମ୍ବା ଅଧିକ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକମାନଙ୍କୁ ନେଇ ଗଠିତ । ଯେଉଁମାନଙ୍କୁ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇ ୪ ବର୍ଷ ପର୍ଯ୍ୟନ୍ତ ଦାୟୀତ୍ୱରେ ରହିବେ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ ଏବଂ ଯୋଗ୍ୟ ହୋଇନାହାନ୍ତି (୨୦୫.୧୬) ।

**୨୩୨.୧.** ଏହି ପରିଷଦର ସଭ୍ୟପଦ ସମ୍ମିଳନୀ ବର୍ଷ ମଧ୍ୟରେ ଯଦି ଖାଲି ରହେ, ତେବେ ସେହି ପଦ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ହେବେ (୨୧୫)।

**୨୩୩.** ଆଞ୍ଚଳିକ ସମ୍ମିଳନୀ ଶେଷ ହେବା ପୂର୍ବରୁ ଯେଉଁଠାରେ ଏହି ପରିଷଦ ନିର୍ବାଚିତ ହୋଇଛନ୍ତି, ଆଞ୍ଚଳିକ ଅଧ୍ୟକ୍ଷ କିମ୍ବା ଆଞ୍ଚଳିକ ସମ୍ପାଦକ ପରିଷଦର ସମସ୍ତ ସଭ୍ୟଙ୍କୁ ଡାକି ସଭା କରି ନିମ୍ନଲିଖିତ ଦାୟୀତ୍ୱ ଦେବେ:

**୨୩୩.୧.** ପରିଷଦ ସେମାନଙ୍କ ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ଭାବରେ ନିର୍ବାଚିତ କରିବେ। ସେମାନେ ଜଣେ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକଙ୍କୁ ସମ୍ପାଦକ ରୂପେ ନିର୍ବାଚିତ କରିବେ ଯେ ଅନ୍ୟ ସଭ୍ୟମାନଙ୍କ ସହିତ ଅଭିଷିକ୍ତ ନିମନ୍ତେ ପ୍ରାର୍ଥୀଙ୍କୁ ଶିକ୍ଷା ଦେଇ ପରୀକ୍ଷା କରିବାର ଦାୟୀତ୍ୱ ନେବେ (୨୩୩.୫, ୫୨୯.୧-୫୨୯.୩)।

**୨୩୩.୨.** ସେବା କରିବାକୁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନଙ୍କୁ ଅନୁମୋଦିତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇ ସେମାନଙ୍କୁ ପରିଦର୍ଶନ କରିବା ନିମନ୍ତେ ପରିଷଦର ଅନ୍ୟ ସଦସ୍ୟମାନଙ୍କୁ ସଭାପତି ଦାୟିତ୍ୱ ଦେବେ। ଯେପର୍ଯ୍ୟନ୍ତ ପ୍ରାର୍ଥୀ ସେହି କମିଟି ସଭ୍ୟଙ୍କ ସମୟ କାଳରେ ସକ୍ରୀୟ ଭାବରେ ତାଲିକା ଭୁକ୍ତ ଥିବେ ସେପର୍ଯ୍ୟନ୍ତ ତାହାଙ୍କ ଦାୟୀତ୍ୱ ଚାଲୁ ରହିଥିବ।

**୨୩୩.୩.** ସଭାପତି ପରିଷଦର ସମସ୍ତ ସଭାରେ ଯୋଗ ଦେବେ ଯଦି ଦୈବକୃତ ବାଧାପ୍ରାପ୍ତ ନ ହୁଅନ୍ତି ଏବଂ ପ୍ରତିବର୍ଷ ପରିଷଦର କାର୍ଯ୍ୟକୁ ପରିଦର୍ଶନ କରିବେ। ଯଦି ସଭାପତି କୌଣସି କାରଣରୁ ଅନୁପସ୍ଥିତ ରୁହନ୍ତି, ତେବେ ସମ୍ପାଦକ ଅସ୍ଥାୟୀ ଭାବରେ ତାହାଙ୍କ ଦାୟୀତ୍ୱ ତୁଲାଇବେ।

**୨୩୩.୪.** ସମ୍ପାଦକ ଆଞ୍ଚଳିକ ସମ୍ମିଳନୀର ଖର୍ଚ୍ଚରେ ସେବକତ୍ୱ ଶିକ୍ଷାର ଏକ ସୁନ୍ଦର ତଥ୍ୟ ପୁସ୍ତକ ଯୋଗାଇବେ ଯାହା ସମ୍ମିଳନୀର ସମ୍ପତ୍ତି ହେବ ଏବଂ ଅଭିଷେକ ଉପରେ ତଥ୍ୟ ଯୋଗାଣ ପୁସ୍ତକରେ ଥିବା ନିର୍ଦ୍ଦେଶ ଅନୁଯାୟୀ ବ୍ୟବହୃତ ହେବ।

**୨୩୩.୫.** ପରିଷଦର ସଭାଗୁଡ଼ିକରେ ପରିଷଦର ଅନ୍ୟ ସଭ୍ୟମାନେ ବିଶ୍ୱସ୍ତ ଭାବରେ ଯୋଗ ଦେବେ ଏବଂ (୧) ଉତ୍ସାହ ପ୍ରଦାନ, ଉପଦେଶ ଏବଂ ପଥ ପ୍ରଦର୍ଶକ ଭାବରେ ଓ (୨) କିପରି ଜଣେ ସେବକ ପଦପ୍ରାପ୍ତ ସଭ୍ୟ ଯୌନକ୍ରିୟାଠାରୁ ଦୂରେଇ ରହିବ ସେଥିପ୍ରତି ଶିକ୍ଷା ଦ୍ୱାରା ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସାକ୍ଷାତ କରିବେ (୨୩୩.୧)।

**୨୩୩.୬.** ଏକ ନାଜରିନ୍ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଯେଉଁ ପ୍ରାର୍ଥୀମାନେ ଅନୁମୋଦିତ ପାଠ୍ୟକ୍ରମକୁ ମନ ଦେବେ ଉପଦେଷ୍ଟା କମିଟି ସେମାନଙ୍କୁ ପ୍ରୋତ୍ସାହନ, ଉପକରଣ ଏବଂ ପଥ ପ୍ରଦର୍ଶକ ହେବ। ଏଥିନିମନ୍ତେ ପରିଷଦ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଏବଂ ଆନ୍ତର୍ଜାତିକ ସେବକଙ୍କୁ ସହଯୋଗ କରିବ।

**୨୩୪.** ପରିଷଦ ଶିକ୍ଷାର ଶ୍ରେଣୀ ପ୍ରତିଷ୍ଠା କରିପାରିବ ଯେପରି ଅଧିକାର ପତ୍ରଧାରୀ ସେବକ କିମ୍ବା ଅନ୍ୟ ପ୍ରାର୍ଥୀମାନେ ମନୋନୀତ ବିଷୟବସ୍ତୁକୁ ପାଠ କରିପାରିବେ।

**୨୩୪.୧.** ପରିଷଦର ସଭାପତି ଏବଂ ସମ୍ପାଦକ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ପରାମର୍ଶ କରି ଛାତ୍ରଙ୍କୁ ମନୋନୀତ ପାଠ୍ୟକ୍ରମରେ ତାଲିକାଭୁକ୍ତ କରିବାକୁ ଅଧିକାରପ୍ରାପ୍ତ ଅଟନ୍ତି (୨୩୩.୧-୨୩୩.୨, ୫୨୯.୧-୫୨୯.୩)।

**୨୩୪.୨.** ଅଭିଷେକ ଉପରେ ଆଧାରିତ ତଥ୍ୟ ଯୋଗାଣ ପୁସ୍ତକ ସହିତ ଏକାଗ୍ରତାର ସହିତ ପରିଷଦ ତା'ର ଦାୟୀତ୍ୱକୁ ଆଗେଇ ନେବ।

**୨୩୪.୩.** ପରିଷଦ ପ୍ରତି ପ୍ରାର୍ଥୀଙ୍କର ଶିକ୍ଷାଗତ ଅଗ୍ରସର ଉନ୍ନତିର ତଥ୍ୟକୁ ଆଞ୍ଚଳିକ ସେବକତ୍ୱ ପରିଚୟ କମିଟିକୁ ଯଥା ସମୟରେ ଅବଗତ କରାଇବେ। ତେଣୁ ପରିଷଦ ଆଞ୍ଚଳିକ ସମ୍ମିଳନୀ ପୂର୍ବରୁ ଏହି ତଥ୍ୟ ପ୍ରକ୍ରିୟା କରିବେ। ଏହି ପରିଷଦ ଯେଉଁ ପ୍ରାର୍ଥୀ ଶିକ୍ଷାରେ ଗ୍ରାଜୁଏସନ୍ କରିଥିବେ, ସେମାନଙ୍କୁ ନିଯୁକ୍ତି ଦେବାକୁ ସମ୍ମିଳନୀକୁ ଅନୁମୋଦନ କରିବ।

**୨୩୪.୪.** ଅଭିଷିକ୍ତ ସେବକ କିମ୍ବା ଅଞ୍ଚଳର ଅନ୍ୟ ସେବକଙ୍କ ନିମନ୍ତେ ଆଜୀବନ ଶିକ୍ଷା ନିମନ୍ତେ ଏହି ପରିଷଦ ଦାୟୀତ୍ୱ ନେବ।

## (ଟ) ଆଞ୍ଚଳିକ ସୁସମାଚାର ପରିଷଦ

**୨୩୫.** ଏକ ଆଞ୍ଚଳିକ ସୁସମାଚାର ପରିଷଦକୁ ଆଞ୍ଚଳିକ ପରିଷଦ ନିର୍ବାଚିତ କରିପାରିବେ । ଯେଉଁ ବ୍ୟକ୍ତି ନିର୍ବାଚିତ ହେବେ ସେମାନେ ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇବେ ନତୁବା ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ । (୨୦୫.୧୯)

**୨୩୫.୧.** ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହଯୋଗରେ ସୁସମାଚାର ପରିଷଦ ପ୍ରଶିକ୍ଷଣ ଯୋଗାଇବାର ସୁଯୋଗ ଦ୍ୱାରା, ସଭା ସମିତି ଆୟୋଜନ କରିବା ଦ୍ୱାରା, ଈଶ୍ୱରଙ୍କ ଆହୂତ ସୁସମାଚାର ପ୍ରଚାରକମାନଙ୍କ ସହିତ ସ୍ଥାନୀୟ ମଣ୍ଡଳୀ ନିମନ୍ତେ ଉଦ୍ଦୀପନାର ଆବଶ୍ୟକତାକୁ ଗୁରୁତ୍ୱ ଦେବା ଦ୍ୱାରା, ଅଞ୍ଚଳରେ ଯୀଶୁଖ୍ରୀଷ୍ଟଙ୍କର ମହାନ୍ ଆଦେଶକୁ ପ୍ରଥମ ସ୍ଥାନ ଦେଇ ପବିତ୍ରତା ସୁସମାଚାରର ଆବଶ୍ୟକତାକୁ ବିସ୍ତୃତ କରିବା ନିମନ୍ତେ ଅନୁସନ୍ଧାନ କରିବେ ।

## (ଠ) ଆଞ୍ଚଳିକ ମଣ୍ଡଳୀ ସମ୍ପତ୍ତି ପରିଷଦ (District Church Properties Board)

**୨୩୬.** ଏହି ପରିଷଦ ଆଞ୍ଚଳିକ ଅଧ୍ୟକ୍ଷ, ଦୁଇଜଣ ଦାୟିତ୍ୱରେ ଥିବା ସେବକ ଏବଂ ଦୁଇଜଣ ସାଧାରଣ ସଭ୍ୟଙ୍କୁ ନେଇ ଗଠିତ । ଆଞ୍ଚଳିକ ଅଧ୍ୟକ୍ଷ ପଦବଳରେ ସଭାପତି ରହିବେ । ଏହି ସଭ୍ୟଗଣ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇ ୪ ବର୍ଷ ଦାୟିତ୍ୱ ତୁଲାଇବେ । ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହୋଇଛନ୍ତି । ଉପଦେଷ୍ଟା ପରିଷଦ, ସମ୍ପତ୍ତି ପରିଷଦକୁ ଆଞ୍ଚଳିକ ସମ୍ମିଳନୀର ଉପଯୁକ୍ତ ଭୋଟ୍ ଦ୍ୱାରା ପରିଚାଳନା କରିବେ ।

**୨୩୭.** ଆଞ୍ଚଳିକ ମଣ୍ଡଳୀ ସମ୍ପତ୍ତି ପରିଷଦର କାର୍ଯ୍ୟଗୁଡ଼ିକ ହେଲା:

**୨୩୭.୧.** ଆଞ୍ଚଳିକ ଉପଦେଷ୍ଟାଙ୍କ ସହ ସହଯୋଗ କରି ଅଞ୍ଚଳର ସୀମା ମଧ୍ୟରେ ମଣ୍ଡଳୀ ସମ୍ପର୍କିତ ଗୃହ ନିର୍ମାଣର କାରଣକୁ ଆଗେଇ ନେବ ।

**୨୩୭.୨.** ସ୍ଥାନୀୟ ମଣ୍ଡଳୀର ଜାଗା ସମ୍ବନ୍ଧୀୟ କାଗଜ ପତ୍ରକୁ ସମୀକ୍ଷା କରିବ ।

**୨୩୭.୩.** କୌଣସି ଜାଗା କିଣାବିକା ସମ୍ପର୍କିତ ଅନୁରୋଧକୁ କିମ୍ବା ମଣ୍ଡଳୀ ଗୃହ କିମ୍ବା ପାଳକ ଗୃହ ନିର୍ମାଣ କରିବାର, ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଦିଆଯାଇଥିବା ଅନୁରୋଧକୁ ମଞ୍ଜୁର କରିବେ (୧୦୩-୧୦୪) ।

**୨୩୭.୪.** ଗୃହର ନିର୍ମାଣ କିମ୍ବା ଜାଗା ଜମି କିଣା, ମଣ୍ଡଳୀ ସମ୍ପର୍କିତ ଗୃହ ନିର୍ମାଣ ନିମନ୍ତେ ଆଗତ ପ୍ରସ୍ତାବକୁ ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହ ମିଳିତ ଭାବରେ ଏହି ପରିଷଦ ଅନୁମୋଦନ କରିପାରେ କିମ୍ବା ନାକଚ କରିପାରେ ।

**୨୩୭.୫.** ସ୍ଥାନୀୟ ମଣ୍ଡଳୀ ସମ୍ପତ୍ତି ଉପରେ ଆଞ୍ଚଳି ସମ୍ମିଳନୀ ଯେଉଁ ପ୍ରକାରେ ନିର୍ଦ୍ଦେଶ ଦେବ ସେହି ଅନୁସାରେ ପରିଷଦ କାର୍ଯ୍ୟ କରିବେ ।

## (ଡ) ଆଞ୍ଚଳିକ ସମ୍ମିଳନୀ ଆର୍ଥିକ କମିଟି

**୨୩୮.** ଆଞ୍ଚଳିକ ସମ୍ମିଳନୀ ଆର୍ଥିକ କମିଟିର କାର୍ଯ୍ୟ:

**୨୩୮.୧.** ଆଞ୍ଚଳିକ ସମ୍ମିଳନୀର ପୂର୍ବରୁ ସାକ୍ଷାତ କରି ଆଞ୍ଚଳିକ ସମ୍ମିଳନୀକୁ ସ୍ଥାନୀୟ ମଣ୍ଡଳୀର ସମସ୍ତ ଆର୍ଥିକ ଅଂଶକୁ ବଣ୍ଟନ କରିବାକୁ ସ୍ୱୀକୃତି ଦେବ ।

**୨୩୮.୨.** ଆଞ୍ଚଳିକ ଆର୍ଥିକ କ୍ଷେତ୍ରରେ ସମ୍ମିଳନୀ ଯେଉଁ ପ୍ରକାର ନିର୍ଦ୍ଦେଶ ଦେବ ସେହି ରୂପେ ଏହି କମିଟି କାର୍ଯ୍ୟ କରିବ (୨୦୫.୨୧) ।

**୨୩୮.୩.** ସମସ୍ତ ଅର୍ଥ ବଣ୍ଟନକୁ ଗ୍ରହଣ କରିବା ନିମନ୍ତେ କେଉଁ ଶୈଳୀ ବ୍ୟବହାର ହୋଇଛି ତାହା ଆଞ୍ଚଳିକ ପତ୍ରିକାରେ ଛାପା (ମୁଦ୍ରଣ କରାଯିବା) ଯିବା ଆବଶ୍ୟକ ।

## (ଢ) ଆଞ୍ଚଳିକ ଉପଦେଷ୍ଟା କମିଟି

**୨୩୯.** ଏହି ଉପଦେଷ୍ଟା କମିଟି, ଆଞ୍ଚଳିକ ଉପଦେଷ୍ଟା ପରିଷଦ, ଆଞ୍ଚଳିକ SDMI ପରିଷଦର ସଭାପତି, ଆଞ୍ଚଳିକ NMIର ସଭାପତି, ଆଞ୍ଚଳିକ NYIର ସଭାପତି, ଆଞ୍ଚଳିକ ସମ୍ପାଦକ ଏବଂ ଆଞ୍ଚଳିକ କୋଷାଧ୍ୟକ୍ଷଙ୍କୁ ନେଇ ଗଠିତ । ଏହି କମିଟିକୁ ଆଞ୍ଚଳିକ ଅଧ୍ୟକ୍ଷ କିମ୍ବା ଦାୟିତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷ ସଭାପତିତ୍ୱ କରିବେ (୨୦୯) ।

## (ଣ) ଆଞ୍ଚଳିକ ଘରୋଇ ଉପାସନାରେ ସମ୍ପୃକ୍ତ ଥିବା ପାଳକଙ୍କ ପରିଚାଳକ

**୨୪୦.** ଆଞ୍ଚଳିକ ଅଧ୍ୟକ୍ଷ ଏକ ଆଞ୍ଚଳିକ ଘରୋଇ ଉପାସନାର ପାଳକଙ୍କ ପରିଚାଳକଙ୍କୁ ନିଯୁକ୍ତ କରିବେ । ଏହି ପରିଚାଳକ ଅଧ୍ୟକ୍ଷଙ୍କ ସହଯୋଗରେ ବିଶେଷ ସେବାକାର୍ଯ୍ୟ ମାଧ୍ୟମରେ ପବିତ୍ରତାର ସୁସମାଚାର କାର୍ଯ୍ୟକୁ ଆଗେଇ ନେବେ । (୨୧୧.୯)

## (ତ) ଆନ୍ତର୍ଜାତିକ ଅଞ୍ଚଳ ସଣ୍ଡେସ୍କୁଲ ଏବଂ ଶିଷ୍ୟତ୍ୱ ସେବାକାର୍ଯ୍ୟ ପରିଷଦ (SDMI)

**୨୪୧.** SDMI ପରିଷଦ, ଆଞ୍ଚଳିକ ଅଧ୍ୟକ୍ଷ, ଆଞ୍ଚଳିକ NMI ସଭାପତି, ଆଞ୍ଚଳିକ NYI ସଭାପତି, SDMI ପରିଷଦର ସଭାପତି ଯେ କି ପରିଚାଳନା କମିଟିକୁ ଗଠନ କରିବେ ଏବଂ ତିନିଜଣ ଅତିରିକ୍ତ ସଭ୍ୟଙ୍କୁ ନେଇ ଏହି ପରିଷଦ ଗଠିତ । ଅତିରିକ୍ତ ସଭ୍ୟମାନଙ୍କୁ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ କରାହେବ ଏବଂ ସେମାନଙ୍କର କାର୍ଯ୍ୟକାଳ ତିନି ବର୍ଷ ନତୁବା ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହେବା ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇବେ । ଏହି ତିନିଜଣ ଅତିରିକ୍ତ ସଭ୍ୟଙ୍କୁ ପ୍ରସ୍ତାବ କରାଯାଇଥିବା ୬ ଜଣଙ୍କ ମଧ୍ୟରୁ ନିର୍ବାଚିତ କରାଯିବ,

ଜଣଙ୍କୁ ତିନିବର୍ଷ ପାଇଁ ନିର୍ବାଚିତ କରାଯିବ, ଜଣଙ୍କୁ ଦୁଇ ବର୍ଷ ନିମନ୍ତେ ନିର୍ବାଚିତ କରାଯିବ ଏବଂ ଜଣଙ୍କୁ ଏକ ବର୍ଷ ପାଇଁ ନିର୍ବାଚିତ କରାଯିବ । (୨୧୫) । ଆଞ୍ଚଳିକ ସମ୍ମିଳନୀ ବର୍ଷର ମଧ୍ୟ ଭାଗରେ ଯଦି ପରିଷଦର ପଦ ଖାଲି ରହିବ, ତେବେ ସେହି ପଦ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ପୂରଣ କରାଯିବ ।

ଝଉଗଓ ପରିଷଦର କାର୍ଯ୍ୟ:

**୨୪୧.୧.** ସେମାନଙ୍କର ନିର୍ବାଚନର ଏକ ସପ୍ତାହ ମଧ୍ୟରେ ଏକ ସମ୍ପାଦକ, କୋଷାଧ୍ୟକ୍ଷ, ବୟସ୍କ ସେବାକାର୍ଯ୍ୟର ଆଞ୍ଚଳିକ ପରିଚାଳକ, ଶିଶୁମାନଙ୍କର ସେବାକାର୍ଯ୍ୟ ନିମନ୍ତେ ପରିଚାଳକ ଏବଂ ସାଧାରଣ ପ୍ରଶିକ୍ଷଣ ଚାଲୁ ରଖିବେ ଯେ ଆଗାମୀ ଦିନରେ SDMIର ପଦବଳରେ ସଭ୍ୟ ହେବ ଏହି ସମସ୍ତ ପଦ ନିମନ୍ତେ ନିର୍ବାଚନ କରିବେ । ଆବଶ୍ୟକସ୍ଥଳେ ଅଞ୍ଚଳର ଅନ୍ୟାନ୍ୟ ପରିଚାଳକଗଣ ପରିଚାଳନା କମିଟି ଦ୍ୱାରା ପ୍ରସ୍ତାବିତ ହୋଇ ପରିଷଦ ଦ୍ୱାରା ନିର୍ବାଚିତ ହେବେ ।

**୨୪୧.୨.** ଅଞ୍ଚଳର ଉନ୍ନତି ନିମନ୍ତେ ସମସ୍ତ SDMIକୁ ପରିଦର୍ଶନ କରିବେ ।

**୨୪୧.୩.** ଏକ ଶିଶୁମାନଙ୍କର ସେବାକାର୍ଯ୍ୟର କାଉନ୍‌ସିଲ୍ ନିର୍ବାଚନ କରିବେ । ଯାହାର ସଭାପତି ଶିଶୁମାନଙ୍କ ସେବାକାର୍ଯ୍ୟର ଆଞ୍ଚଳିକ ପରିଚାଳକ ହେବେ ।

**୨୪୧.୪.** ଏକ ବୟସ୍କ ସେବାକାର୍ଯ୍ୟର କାଉନ୍‌ସିଲ୍‌ର ନିର୍ବାଚନ କରିବେ । ଯାହାର ସଭାପତି ବୟସ୍କ ସେବାକାର୍ଯ୍ୟର ଆଞ୍ଚଳିକ ପରିଚାଳକ ହେବେ ।

**୨୪୧.୫.** ଆଞ୍ଚଳିକ SDMIର ବାର୍ଷିକ ସଭା ଆୟୋଜନ କରିବେ (୨୪୧) ।

**୨୪୧.୬.** ଆଞ୍ଚଳିକ SDMI ପରିଷଦ ସଭ୍ୟମାନଙ୍କର ଏବଂ ସଭାପତିଙ୍କର ନିର୍ବାଚନ ଆଞ୍ଚଳିକ ସମ୍ମିଳନୀରେ କରାଯିବ ନା ଆଞ୍ଚଳିକ SDMI ସଭାରେ କରାଯିବ ତାହା ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ନିର୍ଦ୍ଧାରଣ କରିବେ ।

**୨୪୧.୭.** ସମସ୍ତ ସ୍ଥାନୀୟ SDMI ଅଧ୍ୟକ୍ଷମାନଙ୍କୁ, ବୟସ-ଦଳ ସେବାକାର୍ଯ୍ୟର ପରିଚାଳକମାନଙ୍କୁ ଏବଂ NYI ସଭାପତିମାନଙ୍କୁ ଆଞ୍ଚଳିକ SDMI

କନ୍‌ଭେନ୍‌ସନ୍‌ରେ ଉପସ୍ଥିତ ହେବା ପାଇଁ ଏବଂ ଯେପରି ସୁଯୋଗ ଅର୍ପଣ କରାଯାଇଛି ତହିଁରେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବେ ।

**୨୪୧.୮.** ଅଞ୍ଚଳକୁ ବିଭକ୍ତ କରି, ଜୋନ୍ ଗଠନ କରିବେ ଏବଂ ପ୍ରତି ଜୋନ୍‌ରେ ସଭାପତିଙ୍କୁ ନିଯୁକ୍ତ କରିବେ ଯେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ଅଞ୍ଚଳରେ ଥିବା SDMIର କାର୍ଯ୍ୟକୁ ଆଗେଇ ନେବେ ।

**୨୪୧.୯.** ଅଞ୍ଚଳରେ କିମ୍ବା ଜୋନ୍‌ରେ ସାଧାରଣ ପ୍ରଶିକ୍ଷଣ ଶ୍ରେଣୀ ଚାଲୁ ରଖିବା ପାଇଁ ଯୋଜନା ଏବଂ କାର୍ଯ୍ୟକାରୀ କରିବ ।

**୨୪୧.୧୦.** ସ୍ଥାନୀୟ SDMIର ଉତ୍ତମତା ନିମନ୍ତେ ନାଜରିନ୍ ମଣ୍ଡଳୀର SDMI କାର୍ଯ୍ୟାଳୟକୁ ସାହାଯ୍ୟ କରିବ ।

**୨୪୧.୧୧.** ଆଞ୍ଚଳିକ SDMI ପରିଷଦ ବାର୍ଷିକ ଆୟବ୍ୟୟ ଅଟକଳ ନିମନ୍ତେ ଆଞ୍ଚଳିକ ସମ୍ମିଳନୀର ଆର୍ଥିକ ପରିଷଦକୁ ଅନୁମୋଦନ କରିବ ।

**୨୪୧.୧୨.** ଅଞ୍ଚଳର ସାଧାରଣ ରିଟ୍ରିଟ୍ ନିମନ୍ତେ ଦାୟୀତ୍ୱ ବହନ କରିବେ ।

**୨୪୧.୧୩.** ଆଞ୍ଚଳିକ ସମ୍ମିଳନୀରେ ଉପସ୍ଥାପନା କରିବାକୁ ଥିବା ଏହାର ସଭାପତିଙ୍କର ବିବରଣକୁ ଅନୁମୋଦନ କରିବେ ।

**୨୪୧.୧୪.** ଆବଶ୍ୟକସ୍ଥଳେ ପ୍ରାୟ ସର୍ବଦା ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ସାକ୍ଷାତ କରିବେ କିମ୍ବା ଆଞ୍ଚଳିକ SDMIର ସଭାପତି ପରିଷଦର ଦାୟୀତ୍ୱକୁ ଯୋଜନା କରିବେ ଏବଂ କାର୍ଯ୍ୟକାରୀ କରିବେ ।

**୨୪୨.** ଆଞ୍ଚଳିକ ଝଉଗଓ ସଭାପତି । ଆଞ୍ଚଳିକ ପ୍ରସ୍ତାବିତ କମିଟି ଦ୍ୱାରା ଦୁଇ କିମ୍ବା ଅଧିକ ପ୍ରସ୍ତାବିତ ନାମ ମଧ୍ୟରୁ, ଆଞ୍ଚଳିକ ସମ୍ମିଳନୀ କିମ୍ବା କନ୍‌ଭେନ୍‌ସନ୍ SDMI ପରିଷଦର ଜଣେ ସଭାପତିଙ୍କୁ ଏକ ବର୍ଷ କିମ୍ବା ଦୁଇ ବର୍ଷ ନିମନ୍ତେ ନିର୍ବାଚିତ କରିବ । ଆଞ୍ଚଳିକ ସମ୍ମିଳନୀର ମଧ୍ୟକାଳରେ ଯଦି ଏହି ପରିଷଦର

କୌଣସି ପଦ ଖାଲି ଥାଏ, ତେବେ ପାରା ୨୧୫ ଅନୁଯାୟୀ ସେହି ପଦ ପୂରଣ ହେବ (୨୪୧.୬) ।

ଆଞ୍ଚଳିକ SDMI ପରିଚାଳକଙ୍କ କାର୍ଯ୍ୟ ଏବଂ ଅଧିକାର:

**୨୪୨.୧.** ଅଞ୍ଚଳରେ SDMI ପ୍ରତି ଦାୟୀତ୍ୱପୂର୍ଣ୍ଣ ନେତୃତ୍ୱ ନେବେ:

୧. ଉପସ୍ଥିତି ଏବଂ ଉପସ୍ଥାପନାରେ ବୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମକୁ ବୃଦ୍ଧି କରିବା;

୨. ବୟସ୍କ ଏବଂ ଶିଶୁ ସେବାକାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିବେ;

୩. NYI ସହିତ ମିଶି ଯୁବା ସଣ୍ଡେସ୍କୁଲ/ବାଇବଲ ଅଧ୍ୟୟନ / ଛୋଟ ଦଳକୁ ପରିଚାଳନା କରିବେ ।

**୨୪୨.୨.** ଆଞ୍ଚଳିକ SDMI ପରିଷଦର ଏବଂ ଆଞ୍ଚଳିକ ସମ୍ମିଳନୀର ପଦବଳରେ ଜଣେ ସଭ୍ୟ ହୋଇପାରିବେ ।

**୨୪୨.୩.** ବାର୍ଷିକ ସମ୍ମିଳନୀ ପତ୍ରିକା ନିମନ୍ତେ ଆଞ୍ଚଳିକ SDMI ପରିଷଦ ନିମନ୍ତେ ଏକ ଲିଖିତ ବିବରଣୀ ପ୍ରସ୍ତୁତ କରିବେ ।

## (ଥ) ଆଞ୍ଚଳିକ ଆନ୍ତର୍ଜାତିକ ଯୁବ ସଂଗଠନ (NYI)

**୨୪୩.** NYIର ଅନୁକୂଳ ପରିସ୍ଥିତିର, NYIର ଅଧିକାର ପତ୍ର ଅଧିନରେ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅଧିକାରରେ, ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅଧିକାରରେ ଏବଂ ଆଞ୍ଚଳିକ ସମ୍ମିଳନୀ ଅଧିକାରରେ । ଅଞ୍ଚଳର ନାଜରିନ୍ ଯୁବ ସେବାକାର୍ଯ୍ୟ ସଂଗଠିତ ହୋଇଥାଏ । ଆଞ୍ଚଳିକ ସ୍ଥାନୀୟ NYI ଦଳ ଏବଂ ସଭ୍ୟମାନଙ୍କୁ ନେଇ ଆଞ୍ଚଳିକ NYI ଗଠିତ ହେବ ।

**୨୪୩.୧.** ଆଞ୍ଚଳିକ NYI ସେବାକାର୍ଯ୍ୟର ଯୋଜନା ଅନୁଯାୟୀ ଆଞ୍ଚଳିକ NYI ସ୍ୱୟଂ ଗଠିତ ହୋଇଥାଏ (୮୧୦.୨୦୦-୮୧୦.୨୧୯) - ଯାହା ଆଞ୍ଚଳିକ ଯୁବ ସେବାକାର୍ଯ୍ୟ ଆବଶ୍ୟକତାର ଉତ୍ତର ସ୍ୱରୂପେ ଗ୍ରହଣ କରାଯାଇପାରେ (୮୧୦.୨୦୩)।

## (ଦ) ଆଞ୍ଚଳିକ ନାଜରିନ୍ ଆନ୍ତର୍ଜାତିକ ମିଶନ୍ (NMI)

**୨୪୪.** ଅଞ୍ଚଳ ସୀମା ମଧ୍ୟରେ ଥିବା ସ୍ଥାନୀୟ NMIକୁ ନେଇ ଆଞ୍ଚଳିକ ଗଠିତ। ଆଞ୍ଚଳିକ ସେବାକାର୍ଯ୍ୟରେ ଆଞ୍ଚଳକ NMI ଆନ୍ତର୍ଜାତିକ NMIର ପ୍ରତିନିଧିତ୍ୱ କରିବ(୮୧୧)।

**୨୪୪.୧.** ଆନ୍ତର୍ଜାତିକ ପରିଷଦର ପ୍ରାଦେଶିକ ମିଶନ୍ କମିଟି ଏବଂ ପ୍ରାଦେଶିକ NMI କନ୍‌ଭେନ୍‌ସନ୍ ଦ୍ୱାରା ଅନୁମୋଦିତ ହୋଇଥିବା NMI ସମ୍ବିଧାନ ଦ୍ୱାରା ଆଞ୍ଚଳିକ NMI ପରିଚାଳିତ ହେବ। ଏହା ଆଞ୍ଚଳିକ ଅଧ୍ୟକ୍ଷ, ଆଞ୍ଚଳିକ ଉପଦେଷ୍ଟା ପରିଷଦ, ଆଞ୍ଚଳିକ ସମ୍ମିଳନୀ ଏବଂ ଆଞ୍ଚଳିକ NMI ପରିଷଦ ଅଧିନରେ ରହିବ (୮୧୧)।

**୨୪୪.୨.** ଅଞ୍ଚଳ NMI ସଭାପତି ଅବୈତନିକ ଭାବରେ ସେବା କରିବେ ଏବଂ ପଦ ବଳରେ ଆଞ୍ଚଳିକ ସମ୍ମିଳନୀର ସଭ୍ୟ ହୋଇପାରିବେ (୨୦୧)।

## (ଧ) ଆଞ୍ଚଳିକ ବେତନଭୋଗୀ ସହକର୍ମୀ

**୨୪୫.** ଆଞ୍ଚଳିକ ପ୍ରଶାସନ ନିମନ୍ତେ ଏବଂ ଅତ୍ୟଧିକ ଦାୟିତ୍ୱ ନିମନ୍ତେ ଯେତେବେଳେ ଏକ ବେତନଭୋଗୀ ସହକର୍ମୀର ଆବଶ୍ୟକ ହୁଏ, ସେହି ବ୍ୟକ୍ତି ସେବକ କିମ୍ବା ସାଧାଣର ହୋଇଥାନ୍ତୁ, ପ୍ରଧାନ ଅଧ୍ୟକ୍ଷଙ୍କ ଲିଖିତ ଅନୁମୋଦନକ୍ରମେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରସ୍ତାବିତ ହେବେ। ସେମାନେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ନିର୍ବାଚିତ ହେବେ। ଏହି ସହକର୍ମୀଙ୍କର ନିଯୁକ୍ତି ଏକ ବର୍ଷ ପର୍ଯ୍ୟନ୍ତ।

କିନ୍ତୁ ଉପଦେଷ୍ଟା ପରିଷଦର ବହୁମତ ଭୋଟ୍ ଦ୍ୱାରା ଏବଂ ଅଧ୍ୟକ୍ଷଙ୍କ ଅନୁମୋଦନରେ ତାହା ନୂତନୀକରଣ ହୋଇପାରେ (୨୧୧.୧୬) ।

**୨୪୫.୧.** କାର୍ଯ୍ୟକାଳ ପୂର୍ବରୁ ଏହି ସହକର୍ମୀଙ୍କର ବରଖାସ୍ତ କରିବାକୁ ହେଲେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନ ଏବଂ ଉପଦେଷ୍ଟା ପରିଷଦର ବହୁମତ ଭୋଟ୍ର ଆବଶ୍ୟକ (୨୨୫.୧୬) ।

**୨୪୫.୨.** ସହକର୍ମୀଙ୍କର ସେବାକୁ ଏବଂ ଦାୟୀତ୍ୱକୁ ଅଧ୍ୟକ୍ଷଙ୍କ ଦ୍ୱାରା ନିର୍ଦ୍ଧୟ ଏବଂ ପରିଦର୍ଶନ କରାଯିବ ।

**୨୪୫.୩.** ଅଧ୍ୟକ୍ଷଙ୍କ ଦ୍ୱାରା ହୋଇଥିବା ବରଖାସ୍ତ ଦେଶୀୟ ନିୟମ ଅନୁଯାୟୀ ଚୁକ୍ତି ହେବା ଆବଶ୍ୟକ । କିନ୍ତୁ ଅବଶିଷ୍ଟାଂଶ କର୍ମୀ କାର୍ଯ୍ୟ ଚାଲୁ ରଖିବେ । କେବଳ ପ୍ରଧାନ ଅଧ୍ୟକ୍ଷ ଏବଂ ଉପଦେଷ୍ଟା ପରିଷଦର ଅନୁମୋଦନରେ, ନୂତନ ଆଞ୍ଚଳିକ ଅଧ୍ୟକ୍ଷ ଦାୟୀତ୍ୱ ନେବା ପର୍ଯ୍ୟନ୍ତ । (୨୦୯.୩-୨୦୯.୪) ।

**୨୪୫.୪.** ଏହି ବେତନଭୋଗୀ ସହକର୍ମୀ ଅନ୍ୟ ଅଞ୍ଚଳରେ ନିର୍ବାଚିତ ହୋଇ କିମ୍ବା ନିଯୁକ୍ତ ହୋଇ ଆଞ୍ଚଳିକ ସମ୍ପାଦକ କିମ୍ବା ଆଞ୍ଚଳିକ କୋଷାଧ୍ୟକ୍ଷ କାର୍ଯ୍ୟ କରୁଥିବେ ତେବେ ସେମାନଙ୍କୁ ତାହା କରିବା ନିଷେଧ ନୁହେଁ । ଏକ ବେତନଭୋଗୀ ସହକର୍ମଚାରୀ ଆଞ୍ଚଳିକ ଉପଦେଷ୍ଟା ପରିଷଦରେ ସେବା କରିପାରିବେ ନାହିଁ ।

## (ନ) ଏକ ଅଞ୍ଚଳର ବିଶୃଙ୍ଖଳା

**୨୪୬.** ଯେତେବେଳେ ପ୍ରଧାନ ଅଧ୍ୟକ୍ଷଙ୍କର ପରିଷଦକୁ ସ୍ପଷ୍ଟ ରୂପେ ପରିଲକ୍ଷିତ ହୁଏ ଯେ ଏକ ଅଞ୍ଚଳ କୌଣସି ମତେ ଚାଲି ପାରିବ ନାହିଁ, ତେବେ ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ପରିଷଦର ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ଏବଂ ଆନୁଷ୍ଠାନିକ ଘୋଷଣା ଦ୍ୱାରା ସେହି ଅଞ୍ଚଳକୁ ବିଶୃଙ୍ଖଳିତ (Disorganized) ଘୋଷଣା କରାଯାଏ (୨୦୦) ।

**୨୪୬.୧.** କୌଣସି କାରଣବଶତଃ ଏକ ଅଞ୍ଚଳକୁ ଔପଚାରିକ ଭାବରେ ବିଶୃଙ୍ଖଳା ବୋଲି ଘୋଷଣା କରାଯାଏ ତେବେ କୌଣସି ମଣ୍ଡଳୀର ସମ୍ପତ୍ତି ଯାହା ଅଞ୍ଚଳରେ ରହିଛି ସେହି ସମ୍ପତ୍ତି ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ନିୟନ୍ତ୍ରଣ ଅଧିନରେ ଚାଲିଯିବ ଯେପରି ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ନିର୍ଦ୍ଦେଶ କରାଯାଏ (୧୦୬.୨, ୧୦୬.୪, ୨୨୫.୬) ।

## III. ଆନ୍ତର୍ଜାତିକ ପ୍ରଶାସନ

## (କ) ଆନ୍ତର୍ଜାତିକ ସମ୍ମିଳନୀର କାର୍ଯ୍ୟ ଏବଂ ସଂଗଠନ

**୩୦୦.** ଆନ୍ତର୍ଜାତିକ ସମ୍ମିଳନୀ, ମଣ୍ଡଳୀର ମୌଳିକ ନିୟମ ଅନୁଯାୟୀ ସର୍ବୋଚ୍ଚ ସିଦ୍ଧାନ୍ତ ଗଠନକାରୀ, ନିୟମ ସୃଷ୍ଟିକାରୀ ଏବଂ ନାଜରିନ୍ ମଣ୍ଡଳୀର ନିର୍ବାଚନ ଅଧିକାରୀ ଅଟେ (୨୫-୨୫.୮) ।

**୩୦୦.୧.** ପ୍ରଧାନ ଅଧକ୍ଷମାନଙ୍କ ଦ୍ୱାରା ଆନ୍ତର୍ଜାତିକ ସମ୍ମିଳନୀ ପରିଚାଳିତ ହୁଏ (୨୫.୫, ୩୦୭.୩) ।

**୩୦୦.୨.** ଆନ୍ତର୍ଜାତିକ ସମ୍ମିଳନୀ ଅଧିକାରୀମାନଙ୍କୁ ନିର୍ବାଚିତ କରିବେ ଏବଂ କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ବାହ ନିମନ୍ତେ ସଂଗଠନ କରିବେ (୨୫.୬) ।

**୩୦୦.୩.** ଆଦେଶର ବିଧି – "Robert's Rules of order Newly Revised" ଅନୁଯାୟୀ, ଅନୁଷ୍ଠାନର କମିଟିଗୁଡ଼ିକ, ନାଜରିନ୍ ମଣ୍ଡଳୀର ସ୍ଥାନୀୟ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକର ଅନ୍ତର୍ଭୁକ୍ତୀକରଣର ଅନୁଚ୍ଛେଦ ଏବଂ ମାନୁଆଲ୍‌ରେ ଥିବା ପ୍ରଶାସନିକ ନିୟମ, ସଭାସମିତି, ନାଜରିନ୍ ମଣ୍ଡଳୀର କାର୍ଯ୍ୟପନ୍ଥା ଏହି ସମସ୍ତ ପରିଚାଳିତ ହେବ (୩୪) ।

## (ଖ) ଆନ୍ତର୍ଜାତିକ ସମ୍ମିଳନୀର ସଦସ୍ୟତା

**୩୦୧.** ଆନ୍ତର୍ଜାତିକ ସମ୍ମିଳନୀର ସଦସ୍ୟତା ପ୍ରତ୍ୟେକ ପର୍ଯ୍ୟାୟ – ୩ ଅଞ୍ଚଳର ଉଭୟ ସେବକ ଏବଂ ସାଧାରଣ ସଭ୍ୟମାନଙ୍କ ସମାନ ସଂଖ୍ୟାକୁ ନେଇ ଗଠିତ । ଆଞ୍ଚଳିକ ଅଧ୍ୟକ୍ଷ ଯେ କି ଅଭିଷିକ୍ତ ସେବକ ପ୍ରତିନିଧି ରୂପେ ଯୋଗ ଦେବେ, ଅବଶିଷ୍ଟ ଦାୟିତ୍ୱରେ ଥିବା ଅଭିଷିକ୍ତ ସେବକ ପ୍ରତିନିଧିଏବଂ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ସମସ୍ତ ସାଧାରଣ ପ୍ରତିନିଧି NYIର ଆନ୍ତର୍ଜାତିକ କାଉନ୍‌ସିଲ୍ ସଭାପତି, କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ପ୍ରଧାନ ଅଧ୍ୟକ୍ଷ, ଆନ୍ତର୍ଜାତିକ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ପରିଚାଳକଗଣ, ପ୍ରତ୍ୟେକ ଦେଶର ପ୍ରାଦେଶିକ ଶିକ୍ଷା ପରିଷଦର ଦେଢ଼ ଭାଗ ସଭାପତିଗଣ ଭୋଟିଂ ସଭ୍ୟ ହୋଇପାରିବେ ।

**୩୦୧.୧.** ଆନ୍ତିର୍ଜାତିକ ସମ୍ମିଳନୀରେ ପର୍ଯ୍ୟାୟ – ୩ ଅଞ୍ଚଳରୁ ଯଥାକ୍ରମେ ପ୍ରତିନିଧିତ୍ୱ କରିବେ; ଦୁଇଜଣ ଦାୟିତ୍ୱରେ ଥିବା ଅଭିଷିକ୍ତ ସେବକ ଏବଂ ପ୍ରଥମ ୬୦୦୦ ନିମନ୍ତେ ଦୁଇଜଣ ସାଧାରଣ ସଭ୍ୟ । (ତାଲିକା ନିମ୍ନରେ ଉଲ୍ଲେଖ ଅଛି)

| ପୂର୍ଣ୍ଣ ସଭ୍ୟଙ୍କର ସଂଖ୍ୟା; | ପ୍ରତିନିଧିମାନଙ୍କର ସଂଖ୍ୟା |
|---|---|
| ୦-୬୦୦୦:୪ | (୨ ସାଧାରଣ, ୨ ସେବକ) |
| ୬୦୦୧-୧୦,୦୦୦: ୬ | (୩ ସାଧାରଣ, ୩ ସେବକ) |
| ୧୦,୦୦୧-୧୫,୦୦୦: ୮ | (୪ ସାଧାରଣ, ୪ ସେବକ) |
| ୧୫,୦୦୧-୨୦,୦୦୦: ୧୦ | (୫ ସାଧାରଣ, ୫ ସେବକ) |
| ୨୦,୦୦୧-୨୫,୦୦୦: ୧୨ | (୬ ସାଧାରଣ, ୬ ସେବକ) |
| ୨୫,୦୦୧-୩୦,୦୦୦: ୧୪ | (୭ ସାଧାରଣ, ୭ ସେବକ) |
| ୩୦,୦୦୧-୩୫,୦୦୦: ୧୬ | (୮ ସାଧାରଣ, ୮ ସେବକ) |
| ୩୫,୦୦୧-୪୦,୦୦୦: ୧୮ | (୯ ସାଧାରଣ, ୯ ସେବକ) |

(୪୦,୦୦୦ ଉର୍ଦ୍ଧ୍ୱରେ ଥିବା ପ୍ରତି ୫,୦୦୦ ସଭ୍ୟ ନିମନ୍ତେ ୧ ଅତିରିକ୍ତ ସାଧାରଣ ପ୍ରତିନିଧି ଏବଂ ୧ ଅତିରିକ୍ତ ସବଳ ସଭ୍ୟ)

**୩୦୧.୨.** ପ୍ରତ୍ୟେକ ପର୍ଯ୍ୟାୟ – ୨ ଅଞ୍ଚଳ ନିମନ୍ତେ ୧ ଅଭିଷିକ୍ତ ସେବକ ଏବଂ ୧ ସାଧାରଣ ସଭ୍ୟ ଆନ୍ତର୍ଜାତିକ ସମ୍ମିଳନୀକୁ ପ୍ରତିନିଧି କରିବେ । ଆଞ୍ଚଳିକ ଅଧ୍ୟକ୍ଷ ଅଭିଷିକ୍ତ ସେବକ ହେବେ । ପ୍ରତ୍ୟେକ ପ୍ରତିନିଧି ନିମନ୍ତେ ପ୍ରତିବଦଳ ନିର୍ବାଚିତ ହେବେ ।

**୩୦୧.୩.** ପ୍ରତ୍ୟେକ ପର୍ଯ୍ୟାୟ – ୧ ଅଞ୍ଚଳ ନିମନ୍ତେ କେବଳ ଜଣେ ଆନ୍ତର୍ଜାତିକ ସମ୍ମିଳନୀରେ ଭୋଟ୍ ନ ଦେବା ପ୍ରତିନିଧି ହେବେ ଏବଂ ସେହି ପ୍ରତିନିଧି ଆଞ୍ଚଳିକ ଅଧ୍ୟକ୍ଷ ହେବେ ଯେ କି ସେହି ଅଞ୍ଚଳର ସଭ୍ୟ ହୋଇଥିବେ ।

**୩୦୧.୪.** ଏକ ଦାୟିତ୍ୱରେ ଥିବା ସେବକ ପ୍ରତିନିଧିକୁ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାକୁ ନିର୍ବାଚିତ କରାଯାଏ । ଯଦି କୌଣସି କାରଣରୁ ନୂତନ ଦାୟୀତ୍ୱରେ ଅନ୍ୟ ଅଞ୍ଚଳକୁ ଚାଲିଯାନ୍ତି, ତେବେ ସେ ଆଞ୍ଚଳିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରିପାରିବେ ନାହିଁ କିମ୍ବା ନିର୍ବାଚିତ ପ୍ରତିନିଧି ଆଞ୍ଚଳିକ ସମ୍ମିଳନୀ ପୂର୍ବରୁ ଦାୟୀତ୍ୱ ଛାଡ଼ି ଦେବେ, ତେବେ ସେ ମଧ୍ୟ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରିପାରିବେ ନାହିଁ ।

**୩୦୧.୫.** ଆନ୍ତର୍ଜାତିକ ସମ୍ମିଳନୀ ପୂର୍ବରୁ ଆଞ୍ଚଳିକ ସମ୍ମିଳନୀକୁ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବା ନିମନ୍ତେ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ସାଧାରଣ ସଭ୍ୟ ଯଦି ତାଙ୍କର ସଭ୍ୟ ପଦକୁ ଅନ୍ୟ ସ୍ଥାନୀୟ ମଣ୍ଡଳୀକୁ ବଦଳି କରିବେ, ତେବେ ତାଙ୍କର ସେହି ପ୍ରତିନିଧିତ୍ୱ ପ୍ରାର୍ଥୀତ୍ୱ ନାକଚ ହୋଇଯିବ ।

## (ଗ) ଆନ୍ତର୍ଜାତିକ ସମ୍ମିଳନୀର ସ୍ଥାନ ଏବଂ ସମୟ

**୩୦୨.** ପ୍ରତି ୪ ବର୍ଷରେ ଥରେ ଆନ୍ତର୍ଜାତିକ ସମ୍ମିଳନୀ ହେବ ଏବଂ ଜୁନ୍ ମାସରେ । ଆନ୍ତର୍ଜାତିକ ଅଧ୍ୟକ୍ଷଗଣ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କର ପରିଷଦ ଦ୍ୱାରା

ମନୋନୀତ କରାଯାଇଥିବା ସମାନ ସଂଖ୍ୟାର ସଭ୍ୟଙ୍କୁ ନେଇ ଗଠିତ ଆନ୍ତର୍ଜାତିକ ସମ୍ମିଳନୀ କମିଶନ୍ ଦ୍ୱାରା ଆନ୍ତର୍ଜାତିକ ସ୍ଥାନ ଏବଂ ସମୟ ଧାର୍ଯ୍ୟ କରାଯିବ। କୌଣସି ପରିସ୍ଥିତିରେ ଆନ୍ତର୍ଜାତିକ ସମ୍ମିଳନୀର ସ୍ଥାନ ଏବଂ ସମୟର ପରିବର୍ତ୍ତନର ଆବଶ୍ୟକତା ହୁଏ, ତେବେ ଆନ୍ତର୍ଜାତିକ ସମ୍ମିଳନୀ କମିଶନ୍ ତାହା କରିବାର ଅଧିକାର ଅଛି ।

**୩୦୨.୧.** ଆନ୍ତର୍ଜାତିକ ସମ୍ମିଳନୀ ନିମନ୍ତେ ଏକ ସମକାଳୀନଭାବେ ସ୍ଥାନ ମନୋନୀତ କରିବାକୁ କେଉଁ ସମୟ ଉପଯୁକ୍ତ ତାହା ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଓ ଆନ୍ତର୍ଜାତିକ ପରିଷଦର ପ୍ରଶାସନିକ କମିଟି ମିଳିତ ଭାବରେ ନିର୍ଦ୍ଧାରଣ କରିବାର ଅଧିକାର ପ୍ରାପ୍ତ ଅଟନ୍ତି ।

**୩୦୨.୨.** ପ୍ରାର୍ଥନା, ଉପାସନା ଏବଂ ପ୍ରେରଣାର ସେବା ସହିତ ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହେବ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ଏବଂ ଉତ୍ସାହପୂର୍ଣ୍ଣ ସେବାକାର୍ଯ୍ୟ କରିବାକୁ ମଧ୍ୟ ବ୍ୟବସ୍ଥା ରହିବ । ଆନ୍ତର୍ଜାତିକ ସମ୍ମିଳନୀ, ସାମୟିକ ଭାବରେ ସ୍ଥଗିତ ରଖିବାର ସମୟ ସ୍ଥିର କରିବ (୨୫.୩) ।

## (ଘ) ଆନ୍ତର୍ଜାତିକ ସମ୍ମିଳନୀର ବିଶେଷ ସମୟଗୁଡ଼ିକ

**୩୦୩.** ଆନ୍ତର୍ଜାତିକ ସମ୍ମିଳନୀରେ କୌଣସ କାରଣବଶତଃ ଏକ ଜରୁରୀ ପରିସ୍ଥିତିରେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଓ ସମସ୍ତ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦୁଇ ତୃତୀୟାଂଶ ଲିଖିତ ସମ୍ମତିରେ ଏକ ବିଶେଷ ସମୟ ଆହ୍ୱାନ କରିବାକୁ ଅଧିକାର ପ୍ରାପ୍ତ ଅଟନ୍ତି ।

**୩୦୩.୧.** ଆନ୍ତର୍ଜାତିକ ସମ୍ମିଳନୀର ବିଶେଷ ସମୟରେ ପ୍ରତିନିଧିଗଣ ଏବଂ ତାଙ୍କର ପ୍ରତିବଦଳମାନେ ପ୍ରତିନିଧି ସ୍ୱରୂପେ କାର୍ଯ୍ୟ ତୁଲାଇବେ ।

## (ଙ) ଆନ୍ତର୍ଜାତିକ ସମ୍ମିଳନୀର ଯୋଜନା କମିଟି

**୩୦୪.** ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହେବାର ଏକ ବର୍ଷ ପୂର୍ବରୁ ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପ୍ରଧାନ ସମ୍ପାଦକ, ପ୍ରଧାନ କୋଷାଧ୍ୟକ୍ଷ ଏବଂ ଅନ୍ୟ ତିନିଜଣ, ଆନ୍ତର୍ଜାତିକ ସମ୍ମିଳନୀର ଯୋଜନା କମିଟି ଗଠନ କରିବେ ।

**୩୦୪.୧.** ଆନ୍ତର୍ଜାତିକ ସମ୍ମିଳନୀର ଯୋଜନା କମିଟି ସମସ୍ତ ଆବଶ୍ୟକତାକୁ ଆୟୋଜନ କରିବାର ଅଧିକାର ପ୍ରାପ୍ତ ଅଟନ୍ତି ଏବଂ ଆନ୍ତର୍ଜାତିକ ସମ୍ମିଳନୀ ସମ୍ବନ୍ଧରେ କଣ୍ଟ୍ରାକ୍ଟ ମଧ୍ୟରେ ପ୍ରବେଶ କରନ୍ତି ।

**୩୦୪.୨.** ଆନ୍ତର୍ଜାତିକ ସମ୍ମିଳନୀର ଯୋଜନା କମିଟି, ପ୍ରଧାନ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ଆନ୍ତର୍ଜାତିକ ନିମନ୍ତେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ଯେପରି ପ୍ରଭୁଭୋଜ ସେବା ଏବଂ ଧାର୍ମିକ ଉପାସନା, ଯାହା ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଅନୁମୋଦନର ଅଧିନରେ ରହିବ ।

## (ଚ) ଆଞ୍ଚଳିକ ସମ୍ମିଳନୀର କାର୍ଯ୍ୟକ୍ରମ

**୩୦୫.** ଆଞ୍ଚଳିକ ସମ୍ମିଳନୀର କାର୍ଯ୍ୟକ୍ରମ, ମଣ୍ଡଳୀର ଧାରା ୨୫.୮ ଅନୁଯାୟୀ ଏହିପରି ହେବ । ଯଥା:

**୩୦୫.୧.** ସୁପାରିଶଗୁଡ଼ିକ ଏହାର ସୁପାରିଶ କମିଟି ମାଧ୍ୟମରେ ଯଥା: ଆନୁଷ୍ଠାନିକ ପ୍ରସ୍ତାବଗୁଡ଼ିକ, ଅନୁମୋଦନଗୁଡ଼ିକ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଗଠନ ହୋଇଥିବା ସମିତିରୁ ଆଇନ୍ ପ୍ରଣୟନକୁ କାର୍ଯ୍ୟକାରୀ କରିବା ଏବଂ ବିଶେଷ କମିଟି ରିପୋର୍ଟ ଏବଂ ଅନ୍ୟାନ୍ୟ ନଥିପତ୍ରକୁ ବିଚାରକୁ ନେବା ନିମନ୍ତେ ସମ୍ମିଳନୀରେ ଉପସ୍ଥାପନ କରିବା ପୂର୍ବରୁ ସମ୍ମିଳନୀର ଆଇନ୍ ପ୍ରଣୟନ ପାଇଁ ଭାରପ୍ରାପ୍ତ ବିଶେଷ କମିଟିକୁ କିମ୍ବା ଏକ ପ୍ରାଦେଶିକ ପ୍ରଭାବଶାଳୀ ଗୋଷ୍ଠୀକୁ ପ୍ରଦାନ କରିବେ । ସୁପାରିଶ କମିଟି ଆଇନ ପ୍ରଣୟନକୁ ଏକ ନିର୍ଦ୍ଦିଷ୍ଟ ପ୍ରଦେଶରେ କାର୍ଯ୍ୟକାରୀ କରିବାକୁ ପ୍ରଭାବଶାଳୀ ଗୋଷ୍ଠୀକୁ ସମର୍ପଣ କରିବ ।

**୩୦୫.୨.** ଉପସ୍ଥିତ ଏହାର ସଭ୍ୟମାନଙ୍କର ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ୬ ଜଣ ପ୍ରଧାନ ଅଧ୍ୟକ୍ଷ ଆନ୍ତର୍ଜାତିକ ସମ୍ମିଳନୀର ଶେଷ ମଲତକିର ୩୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ଭାଳିବେ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ହୋଇ ନାହାନ୍ତି ।

କ) କାର୍ଯ୍ୟରତ ଥିବା ପ୍ରଧାନ ଅଧ୍ୟକ୍ଷଗଣ ନିମନ୍ତେ ପ୍ରଥମେ 'ହଁ' କିମ୍ବା 'ନା'ରେ ମତଦାନ ହେବ ।

ଖ) କାର୍ଯ୍ୟରତ ଥିବା ସମସ୍ତ ପ୍ରଧାନ ଅଧ୍ୟକ୍ଷଙ୍କ ନିମନ୍ତେ ମତଦାନର କାର୍ଯ୍ୟ ସମାପ୍ତ ହେବା ଉତ୍ତାରେ ଯଦି ଖାଲି ସ୍ଥାନ ରହେ, ତେବେ ଯେପର୍ଯ୍ୟନ୍ତ ମତଦାନ ସମାପ୍ତ ନ ହୋଇଛି ତାହା ଅନୁବର୍ତ୍ତୀ ମତଦାନ ଦ୍ୱାରା ପୂରଣ ହେବ ।

ଯଦି କୌଣସି ଅଯୋଗ୍ୟ ବ୍ୟକ୍ତି ଏହି ବ୍ୟବସ୍ଥା ଅଧୀନରେ ପ୍ରଥମ ମତଦାନରେ ଭୋଟ୍ ପ୍ରାପ୍ତ ହୁଅନ୍ତି, ତେବେ ନିର୍ବାଚିତ ତାଲିକାରୁ ତାଙ୍କ ନାମ କାଟି ଦିଆଯିବ ଏବଂ ଏହିପରି ରିପୋର୍ଟ ଲେଖାହେବ – "କାର୍ଯ୍ୟାଳୟ ନିମନ୍ତେ ଅଯୋଗ୍ୟତା ହେତୁ ଆଉ ଏକ ନାମ କଟାଗଲା" । ପ୍ରଧାନ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପ୍ରତି କୌଣସି ପ୍ରାଚୀନ ନର୍ବାଚନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ, ଯେକୌଣସି ଏକ ସମୟରେ ବିଶୃଙ୍ଖଳିତ କାର୍ଯ୍ୟ ହେତୁ ତାଙ୍କର କୃତିତ୍ୱ ପତ୍ର ଦାଖଲ କରିଛନ୍ତି । ଯାହାର ବୟସ ୩୫ ବର୍ଷରୁ କମ୍ ଏବଂ ୬୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ତେବେ ସେ ପ୍ରଧାନ ଅଧ୍ୟକ୍ଷ କାର୍ଯ୍ୟାଳୟ ପାଇଁ ପ୍ରତିଯୋଗିତା କରିପାରିବେ ନାହିଁ ।

**୩୦୫.୩.** ଯେତେବେଳେ ଉପଯୋଗୀ ବୋଲି ବିବେଚନା କରାଯାଏ ତାହାଙ୍କୁ ସମ୍ମାନ ଦେଇ ଅବସର ପ୍ରାପ୍ତ ହୋଇ ପଦ ବଜାୟ ରଖିବାକୁ ଏକ ପ୍ରଧାନ ଅଧ୍ୟକ୍ଷଙ୍କୁ ନିର୍ବାଚିତ କରିବା । କିନ୍ତୁ ପ୍ରଧାନ ଅଧ୍ୟକ୍ଷ ଯେତେବେଳେ ଅସମର୍ଥ କିମ୍ବା ଅବସର ପ୍ରାପ୍ତ ହୋଇଥିବେ (୩୧୪.୧)

**୩୦୫.୪.** ଜଣେ ପ୍ରଧାନ ଅଧ୍ୟକ୍ଷଙ୍କୁ ଅବସର ଅବସ୍ଥାରେ ସ୍ଥାନିତ କରିବା ଯେତେବେଳେ ସେ ଏଥିପାଇଁ ଅନୁରୋଧ କରନ୍ତି, କିମ୍ବା ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଶାରୀରିକ ଅକ୍ଷମ ବୋଲି ବିଚାରିତ ହୁଅନ୍ତି କିମ୍ବା ଅନ୍ୟ ଅଯୋଗ୍ୟତା ଦ୍ୱାରା ଯାହା ତାଙ୍କୁ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ବାଧା ଦିଏ ଏବଂ ଯେ ପ୍ରଧାନ

ଅଧ୍ୟକ୍ଷ ଭାବରେ ତାଙ୍କର ସଂପୂର୍ଣ୍ଣ କାର୍ଯ୍ୟକାଳ ସମାପ୍ତ କରିଅଛନ୍ତି । ଅବସର ନିମନ୍ତେ ଅନୁରୋଧ ଆନ୍ତର୍ଜାତିକ ସମ୍ମିଳନୀର ମଧ୍ୟବର୍ତ୍ତୀ କାଳରେ ହେବା ଉଚିତ ଏବଂ ଏହି ଅନୁରୋଧକୁ ପ୍ରଧାନ ଅଧ୍ୟକ୍ଷ ପରିଷଦର ଅନୁମୋଦନ ଦ୍ୱାରା ଆନ୍ତର୍ଜାତିକ ପରିଷଦ ମଞ୍ଜୁରୀ ପ୍ରଦାନ କରେ । (୩୧୪.୧)

**୩୦୫.୫.** ପ୍ରତ୍ୟେକ ପ୍ରଧାନ ଅଧ୍ୟକ୍ଷଙ୍କ ନିମନ୍ତେ ଏକ ଉତ୍ତମ ଅବସର ଭତ୍ତା ପ୍ରସ୍ତୁତ କରିବା ଉଚିତ ।

**୩୦୫.୬.** ପାରା ୩୦୨.୧–୩୩୩.୪ ଅନୁଯାୟୀ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ସେବା କରିବାକୁ ଏକ ଆନ୍ତର୍ଜାତିକ ପରିଷଦକୁ ନିର୍ବାଚିତ କରିବା ଆବଶ୍ୟକ । ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ବିବେଚିତ ନ ହୋଇଛନ୍ତି (୩୩୧.୯୦୧)

**୩୦୫.୭.** ୫ ଜଣ ଅଭିଷିକ୍ତ ସେବକଙ୍କୁ ନେଇ ଏକ ଆନ୍ତର୍ଜାତିକ ନ୍ୟାୟପାଳିକା ନିର୍ବାଚନ କରାହବ ଯେଉଁମାନଙ୍କୁ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀର ସମାପ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିବେ କିମ୍ବା ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ବିବେଚିତ ନ ହୋଇଛନ୍ତି । ଏ ନ୍ୟାୟପାଳିକାର ସଭାପତି ଏବଂ ସମ୍ପାଦକଙ୍କୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ମନୋନୀତ କରିବେ । (୨୫.୭, ୬୧୧, ୯୦୨)

**୩୦୫.୮.** ଯେକୌଣସି ବିଷୟ କର, ତାହା ପବିତ୍ର ଶାସ୍ତ୍ର ଅନୁଯାୟୀ ହେବା ଆବଶ୍ୟକ । ଯେପରି ମଣ୍ଡଳୀର ବିଧାନ ହେତୁ ଖ୍ରୀଷ୍ଟଙ୍କର ପବିତ୍ର ଉଦ୍ଦେଶ୍ୟ ଏବଂ ନାଜରିନ୍ ମଣ୍ଡଳୀର ମଙ୍ଗଳ ନିମନ୍ତେ ଜ୍ଞାନ ଆମକୁ ପରିଚାଳନା କରିବ (୨୫.୮) ।

## (ଛ) ପ୍ରଧାନ ଅଧ୍ୟକ୍ଷ

**୩୦୬.** ପ୍ରଧାନ ଅଧ୍ୟକ୍ଷଙ୍କ ଭୂମିକା ଯାଜକତ୍ୱ ଏବଂ ଆତ୍ମିକ ନେତୃତ୍ୱର ଦୂରଦୃଷ୍ଟି ନିମ୍ନଲିଖିତ ଭାବରେ ଯୋଗାଇବା:

- ଲକ୍ଷ୍ୟକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବା
- ଦର୍ଶନକୁ ବିତରଣ କରିବା
- ପାରମାର୍ଥିକ ସଙ୍ଗତିକୁ ଘୋଷଣା କରିବା ଏବଂ
- ଆନ୍ତର୍ଜାତିକ ମଣ୍ଡଳୀ ନିମନ୍ତେ ଅଧିକାରର ପରିସର ସମ୍ବନ୍ଧୀୟ ଏବଂ ଆନ୍ତର୍ଜାତିକ ପ୍ରଶାସନ ଆକସ୍ମିକ ଭୁଲ୍‌କୁ ଜ୍ଞାତ କରାଇବା ।

**୩୦୭.** ପ୍ରଧାନ ଅଧ୍ୟକ୍ଷଙ୍କ କାର୍ଯ୍ୟ ଏବଂ ଅଧିକାର ନିମ୍ନରେ ପ୍ରଦତ୍ତ ହୋଇଅଛି:

**୩୦୭.୧.** ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଗୃହୀତ ଆଦେଶ ଏବଂ ନିୟମ ଅନୁଯାୟୀ ନାଜରିନ୍ ମଣ୍ଡଳୀକୁ ପରିଦର୍ଶନ କରିବେ ।

**୩୦୭.୨.** ଆନ୍ତର୍ଜାତିକ ସମ୍ମିଳନୀରେ ପଦ ବଳରେ ସଭ୍ୟ ରୂପେ ଦାୟିତ୍ୱ ତୁଲାଇବେ ।

**୩୦୭.୩.** ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ପରିଷଦ ସଭାଗୁଡ଼ିକୁ ଏବଂ ଆନ୍ତର୍ଜାତିକ ସମ୍ମିଳନୀକୁ ପରିଚାଳନା କରିବେ । (୩୦୦.୧, ୩୩୫.୩)

**୩୦୭.୪.** ଯେଉଁମାନେ ପ୍ରାଚୀନ କିମ୍ବା ଦୀକନ ହେବା ନିମନ୍ତେ ଉପଯୁକ୍ତ ଭାବରେ ନିର୍ବାଚିତ ହୋଇଛନ୍ତି ସେମାନଙ୍କୁ ଇଚ୍ଛାମୂଳକ ଭାବେ ଅଭିଷେକ କରିବା ନିମନ୍ତେ ଅଧିକାର ପ୍ରାପ୍ତ ଅଟନ୍ତି କିମ୍ବା ଅଭିଷେକ କରିବା ନିମନ୍ତେ ଅନ୍ୟଙ୍କୁ ନିଯୁକ୍ତ କରିପାରନ୍ତି । (୩୨୦, ୫୩୮.୫-୩୩୮.୬)

**୩୦୭.୫.** ଯେପରି ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ସମସ୍ତ ନିର୍ଦ୍ଧାରିତ ହୋଇଛି ସେହିପରି ଭାବରେ ପ୍ରତ୍ୟେକ ଆଞ୍ଚଳିକ ସମ୍ମିଳନୀକୁ ପରିଚାଳନ କରିବେ । ସଭାପତି ରୂପେ ଦାୟୀତ୍ୱ ତୁଲାଇବାକୁ ଜଣେ ପ୍ରଧାନ ଅଧ୍ୟକ୍ଷ ଏକ ଅଭିଷିକ୍ତ ପ୍ରାଚୀନଙ୍କୁ ନିଯୁକ୍ତି ଦେଇପାରିବେ (୨୦୨,୨୧୪) ।

**୩୦୭.୬.** ପ୍ରଧାନ ଅଧ୍ୟକ୍ଷ ଏକ ଆଞ୍ଚଳିକ ସମ୍ମିଳନୀକୁ, ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ପରିଚାଳନା କରିବେ ଏବଂ ସ୍ଥାନୀୟ ମଣ୍ଡଳୀର

ପ୍ରତିନିଧିମାନଙ୍କର ସମ୍ମତିରେ ଯେଉଁମାନେ ପାଳକ ବୋଲି ଆଖ୍ୟା ପାଇନାହନ୍ତି ସେମାନଙ୍କୁ ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ପାଳକ ଭାବରେ ନିଯୁକ୍ତି ଦେବେ (୨୧୮.୧)।

**୩୦୭.୭.** ଆଞ୍ଚଳିକ ଉପଦେଷ୍ଟା କମିଟିର ପରାମର୍ଶରେ ଆଞ୍ଚଳିକ ସମ୍ମିଳନୀର ମଧ୍ୟକାଳରେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ପଦ ଯଦ ଖାଲି ରହେ ତେବେ ସେହି ଅଞ୍ଚଳରେ ପ୍ରଧାନ ଅଧ୍ୟକ୍ଷ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ନିଯୁକ୍ତ କରିବେ। ୨୦୮ ପାରା ଅନୁଯାୟୀ ଯେଉଁମାନେ ସେହି ଅଞ୍ଚଳର, ପ୍ରତ୍ୟେକ ଯୋଗ୍ୟ ପ୍ରାଚୀନଗଣଙ୍କୁ ବିଚାରକୁ ନିଆଯିବ (୨୦୯, ୨୩୯)।

**୩୦୭.୮.** କୌଣସି ଘଟଣାରେ ଅସ୍ଥାୟୀ ଭାବରେ ପଦସ୍ଥ ହୋଇଥିବା ଆଞ୍ଚଳିକ ଅଧ୍ୟକ୍ଷ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପ୍ରଧାନ ଅଧ୍ୟକ୍ଷ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସହ ଆଲୋଚନା କରି ମଧ୍ୟବର୍ତ୍ତୀକାଳୀନ ଜଣେ ଯୋଗ୍ୟ ପ୍ରାଚୀନଙ୍କୁ ସେହି ଦାୟୀତ୍ୱ ତୁଲାଇବା ପାଇଁ ନିଯୁକ୍ତ କରିବେ। ପ୍ରଧାନ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅଯୋଗ୍ୟତାର ପ୍ରଶ୍ନକୁ ଦୃଢ଼ ଭାବରେ ନିର୍ଣ୍ଣୟ କରିବା ଆବଶ୍ୟକ (୨୦୯.୭)।

**୩୦୭.୯.** ପ୍ରଧାନ ଅଧ୍ୟକ୍ଷ, ଏକ ପର୍ଯ୍ୟାୟ – ୩ ଅଞ୍ଚଳ ସଙ୍କଟରେ ଅଛି ବୋଲି ଘୋଷଣା କରାଯିବାକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦକୁ ଅନୁମୋଦନ କରିପାରିବେ (୨୦୦.୨, ୩୨୨)।

**୩୦୭.୧୦.** ଏକ ସ୍ଥାନୀୟ ମଣ୍ଡଳୀର ବାର୍ଷିକ ସଭାକୁ କିମ୍ବା ବିଶେଷ ସଭାକୁ ପ୍ରଧାନ ଅଧ୍ୟକ୍ଷ ପରିଚାଳନା କରିପାରିବେ (୧୧୩-୫)।

**୩୦୭.୧୧.** କୌଣସି ମଣ୍ଡଳୀ ପରିଷଦରେ, କୌଣସି ପ୍ରଧାନ ଅଧ୍ୟକ୍ଷ ଭୋଟିଂ ସଭ୍ୟ ରହିବେ ନାହିଁ, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ବ୍ୟତୀତ ଯେପର୍ଯ୍ୟନ୍ତ ସେହି ପରିଷଦର ନିୟମ ନ ହୋଇଛି (୩୦୭.୧୨)।

**୩୦୭.୧୨.** ଜଣେ ପ୍ରଧାନ ଅଧ୍ୟକ୍ଷ ଯେପର୍ଯ୍ୟନ୍ତ ପ୍ରଧାନ ଅଧ୍ୟକ୍ଷ ଦାୟିତ୍ୱରେ ଥିବେ କୌଣସି ଆନ୍ତର୍ଜାତିକ କାର୍ଯ୍ୟାଳୟରେ ନିୟୋଜିତ ହୋଇପାରିବେ ନାହିଁ (୩୦୭.୧୫) ।

**୩୦୭.୧୩.** ପ୍ରଧାନ ଅଧ୍ୟକ୍ଷଙ୍କର ସମସ୍ତ କାର୍ଯ୍ୟକାରିତା ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ସମୀକ୍ଷା ଏବଂ ସଂଶୋଧନ ଅଧିନରେ ରହିବ ।

**୩୦୭.୧୪.** ଜଣେ ପ୍ରଧାନ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମ୍ବନ୍ଧୀୟ କୌଣସି କାର୍ଯ୍ୟକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅବଶିଷ୍ଟାଂଶ ସଭ୍ୟଗଣ ସର୍ବ ସମ୍ମତି ଭାବରେ ଭୋଟ୍ ଦ୍ୱାରା ଅବିଧେୟ କରିପାରିବେ ।

**୩୦୭.୧୫.** ଆନ୍ତର୍ଜାତିକ ପରିଷଦର ଦୁଇ ତୃତୀୟାଂଶ ଭୋଟ୍‌ର ସହାୟତାରେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅବଶିଷ୍ଟାଂଶ ସଭ୍ୟଙ୍କ ଭୋଟ୍ ଦ୍ୱାରା ସେହି କାରଣ ହେତୁ ଯେକୌଣସି ପ୍ରଧାନ ଅଧ୍ୟକ୍ଷଙ୍କୁ / ସେହି ପ୍ରଧାନ ଅଧ୍ୟକ୍ଷଙ୍କୁ ବାହାର କରାଯିବାର ଘୋଷଣା କରାଯାଇପାରିବ ।

**୩୦୭.୧୬.** ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ପ୍ରଧାନ ଅଧ୍ୟକ୍ଷଗଣ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀର ଆରମ୍ଭ ହେବାର ୩୦ ଦିନ ପର୍ଯ୍ୟନ୍ତ ସେବା କରିବେ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ହୋଇନାହାନ୍ତି (୩୦୫.୨) ।

## (ଜ) ଅବସରପ୍ରାପ୍ତ ହୋଇ ଅବୈତନିକ ପଦ ବଜାୟ ରଖିଥିବା ଏବଂ ଅବସରପ୍ରାପ୍ତ ପ୍ରଧାନ ଅଧ୍ୟକ୍ଷଗଣ

**୩୧୪.** ଅବସରପ୍ରାପ୍ତ ହୋଇ ପଦ ବଜାୟ ରଖିଥିବା ଏବଂ ଅବସରପ୍ରାପ୍ତ ପ୍ରଧାନ ଅଧ୍ୟକ୍ଷଗଣ ପଦବଳରେ ଆନ୍ତର୍ଜାତିକ ସମ୍ମିଳନୀର ସଭ୍ୟ ହୋଇପାରିବେ (୩୦୧) ।

**୩୧୪.୧.** ଅବସରପ୍ରାପ୍ତ ହୋଇ ପଦ ବଜାୟ ରଖିଥିବା ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷଗଣ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ସଦସ୍ୟ ହୋଇପାରିବେ ନାହିଁ । କିନ୍ତୁ

କୌଣସି ଘଟଣା ହେତୁ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷ ଅସୁସ୍ଥତା ଦ୍ୱାରା, ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଦ୍ୱାରା କିମ୍ବା କୌଣସି ଜରୁରୀ ପରିସ୍ଥିତି ହେତୁ ତାଙ୍କ ଦାୟିତ୍ୱରେ ଅନୁପସ୍ଥିତ ରୁହନ୍ତି, ତେବେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ କୌଣସି ଅବସରପ୍ରାପ୍ତ ପ୍ରଧାନ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ ଭାବରେ ସେହି ଦାୟିତ୍ୱ ଦେଇପାରେ ।

## (ଙ) ପ୍ରଧାନ ଅଧ୍ୟକ୍ଷଙ୍କର ପରିଷଦ

**୩୧୫.** ପ୍ରଧାନ ଅଧ୍ୟକ୍ଷଗଣ ମିଳିତ ଭାବରେ ପରିଷଦ ରୂପେ ଗଠନ କରିବେ ଏବଂ ଯେଉଁ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ସେମାନେ ଦାୟିତ୍ୱ ନେବେ ସେମାନଙ୍କ ମ୍ନରେ ସଜାଇବେ ।

**୩୧୬.** ଖାଲି ପଡ଼ିବା ପଦ – ଆନ୍ତର୍ଜାତିକ ସମ୍ମିଳନୀ ପୂର୍ବରୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦରେ ଯଦି କୌଣସି ସ୍ଥାନ ଖାଲି ହୋଇଯାଏ, ତେବେ ସେହି ଖାଲି ସ୍ଥାନ ପୂରଣ କରିବାକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ନିର୍ବାଚନ ଦ୍ୱାରା ପୂରଣ କରିବାକୁ ନିଷ୍ପତ୍ତି ନିଆଯିବ । ପରିଷଦର ଏହି ନିଷ୍ପତ୍ତିକୁ ଆନ୍ତର୍ଜାତକ ସମ୍ପାଦକ ବିଜ୍ଞାପନ ଦ୍ୱାରା ଅବଗତ କରାଇବେ । ସେହି ଶୂନ୍ୟସ୍ଥାନ ପୂରଣ କରିବାକୁ ନାଜରିନ୍ ମଣ୍ଡଳୀର ଜଣେ ପ୍ରାଚୀନଙ୍କୁ ପ୍ରଧାନ ଅଧ୍ୟକ୍ଷ ପରିଷଦ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ନିର୍ବାଚିତ କରିବେ ଏବଂ ସେହି ନିର୍ବାଚିତ ପ୍ରାଚୀନ ଖାଲିଥିବା ପ୍ରଧାନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଆନ୍ତର୍ଜାତିକ ସମ୍ମିଳନୀର ୩୦ ଦିନ ପୂର୍ବ ପର୍ଯ୍ୟନ୍ତ ତୁଲାଇବେ, କିମ୍ବା ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ନ ହୋଇଛନ୍ତି କିମ୍ବା ଯୋଗ୍ୟ ନ ହୋଇଛନ୍ତି (୨୫.୪, ୩୦୫.୨) ।

**୩୧୬.୧.** ଏହି ନିର୍ବାଚନର ଫଳାଫଳ ଆନ୍ତର୍ଜାତିକ ସମ୍ପାଦକ ପ୍ରଧାନ ଅଧ୍ୟକ୍ଷଙ୍କ ପରଷଦକୁ ଅବଗତ କରାଇବେ ଯାହାକୁ ଘୋଷଣା କରାଯିବ ।

**୩୧୭.** ପ୍ରଧାନ ଅଧ୍ୟକ୍ଷ ପରିଷଦର କାର୍ଯ୍ୟ:

**୩୧୭.୧.** ସାଧାଣର ମଣ୍ଡଳୀଗୁଡ଼ିକୁ ତଦାରଖ କରିବା, ପଥ ପ୍ରଦର୍ଶକ ହେବା ଏବଂ ପ୍ରୋତ୍ସାହିତ କରିବା, ନେତୃତ୍ୱକୁ ଉପଯୁକ୍ତ ଧ୍ୟାନ ଦେବା ଏବଂ ପ୍ରତ୍ୟେକ ଅଞ୍ଚଳ ନିମନ୍ତେ ପାରମାର୍ଥିକ ଶିକ୍ଷା ଏବଂ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀକୁ ସେବା ଯୋଗାଇବା ।

**୩୧୭.୨.** ଆନ୍ତର୍ଜାତିକ ପରିଷଦର ଭୌଗଳିକ କ୍ଷେତ୍ର ସୀମାର ଦାୟୀତ୍ୱର ଅନୁମୋଦନକୁ ପରିବର୍ତ୍ତନ କରିବାକୁ ଆନ୍ତର୍ଜାତିକ ମିଶନ୍ ପରିଚାଳକଙ୍କ ସହିତ ପରାମର୍ଶ କରି ଅନୁମୋଦନ କରିବେ ।

**୩୧୭.୩.** ମଣ୍ଡଳୀ ସମ୍ପର୍କିତ ଯୋଜନା ଏବଂ ନିୟମ ଉପରେ ପ୍ରାଥମିକ ଅଧିକାର ରହିବ ।

**୩୧୭.୪.** ଆନ୍ତର୍ଜାତିକ ସମ୍ପାଦକ ଏବଂ ଆନ୍ତର୍ଜାତିକ କୋଷାଧ୍ୟକ୍ଷଙ୍କର ନିର୍ବାଚନ ନିମନ୍ତେ ଆନ୍ତର୍ଜାତିକ ଶାସନାଧିକାର ପରିଷଦ ସହିତ ମିଶି ପ୍ରସ୍ତାବିତ କମିଟଇ ରୂପେ ନାମଗୁଡ଼ିକ ଆର୍ନ୍ତଜାତିକ ପରିଷଦକୁ ପ୍ରସ୍ତାବ କରିବେ ।

**୩୧୭.୫.** ଆନ୍ତର୍ଜାତିକ ସମ୍ପାଦକ, କୋଷାଧ୍ୟକ୍ଷ କିମ୍ବା ପରିଚାଳକଙ୍କ କାର୍ଯ୍ୟାଳୟ ଖାଲି ପଡ଼ିଛି ବୋଲି ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ଘୋଷଣା କରିବେ ।

**୩୧୭.୬.** ଆନ୍ତର୍ଜାତିକ ସମ୍ମିଳନୀ ପୂର୍ବରୁ ଆନ୍ତର୍ଜାତିକ Court of appeals ସଦସ୍ୟମାନଙ୍କ ମଧ୍ୟରୁ କୌଣସି ସ୍ଥାନ ଖାଲି ହେଲେ ତାହା ପୂରଣ କରିବେ ଏବଂ Court of appealsର ସଭାପତି ଓ ସମ୍ପାଦକଙ୍କୁ ମନୋନୀତ କରିବେ (୩୦୫.୭, ୬୧୨, ୯୦୨) ।

**୩୧୭.୭.** ଆନ୍ତର୍ଜାତିକ ସମ୍ମିଳନୀର ପୂର୍ବରୁ କୌଣସି ନିର୍ଦ୍ଦିଷ୍ଟ Commission କିମ୍ବା କମିଟିର ଖାଲିଥିବା ସ୍ଥାନକୁ ପୂରଣ କରିବେ ।

**୩୧୭.୮.** ଆନ୍ତର୍ଜାତିକ ଶିକ୍ଷା ପରିଷଦ ସହିତ ସ୍ୱୀକୃତି ପ୍ରାପ୍ତି ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଉପଦେଷ୍ଟା ରୂପେ ସେବା କରିବାକୁ ଜଣେ ପ୍ରଧାନ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେବେ (୯୦୫)।

**୩୧୭.୯.** ଆନ୍ତର୍ଜାତିକ ସେବକ ବିକାଶ ସହିତ ମିଳିତ ହୋଇ, ଯେଉଁମାନେ ସେବା କରୁଛନ୍ତି ଯେଉଁମାନେ ସାଧାରଣ ସଦସ୍ୟ କିମ୍ବା ଉପାଧିଧାରୀ ସେବକମାନଙ୍କ ନିମନ୍ତେ ସେବା ସମ୍ବନ୍ଧୀୟ ଶିକ୍ଷା ଯୋଗାଇବାର ଆୟୋଜନ କରିବେ (୫୨୯-୫୩୦)।

**୩୧୭.୧୦.** World Evangelism Fund ଯାହା Global Missionର ମୂଖ୍ୟ ବିଷୟ ଅଟେ ତାକୁ ଯୋଜନା କରିବା, ସଞ୍ଚୟ କରିବା ଏବଂ ସମ୍ପ୍ରସାରଣ କରିବା (୩୨.୫, ୧୩୦, ୩୩୫.୭)।

**୩୧୭.୧୧.** ଆବଶ୍ୟକସ୍ଥଳେ ପୂର୍ବତନ ପ୍ରାଚୀନ କିମ୍ବା ଦୀକନଙ୍କର ପ୍ରମାଣପତ୍ର ଫେରାଇ ଦେବାକୁ ଲିଖିତ ଭାବରେ ଅନୁମୋଦନ କରିବେ (୫୩୯.୧୧, ୫୪୦.୮,୫୪୦.୧୨)।

**୩୧୮.** ଆନ୍ତର୍ଜାତିକ ସମ୍ମିଳନୀକୁ ଅନୁରୋଧ କ୍ରମେ ନାଜରିନ୍ ମଣ୍ଡଳୀର ନିୟମ ଏବଂ ସିଦ୍ଧାନ୍ତକୁ ପରିବର୍ତ୍ତନ କରିବାର ଅଧିକାର ପ୍ରାପ୍ତ ଅଟନ୍ତି।

**୩୧୯.** ଅଞ୍ଚଳର କେନ୍ଦ୍ର ନିମନ୍ତେ ଯୋଜନାକୁ ଅନୁମୋଦନ କରିବା ନିମନ୍ତେ ପ୍ରଧାନ ଅଧ୍ୟକ୍ଷ ପରିଷଦ ବିଚାର କରିପାରନ୍ତି (୨୨୫.୧୨)।

**୩୨୦.** ପ୍ରଧାନ ଅଧ୍ୟକ୍ଷ ପରିଷଦର ଛାଡ଼ପତ୍ର ସଦସ୍ୟମାନଙ୍କର ଅଭିଷେକରେ ଇଚ୍ଛାମୂଳକ ଅଧିକାର ପ୍ରୟୋଗ କରିପାରିବେ (୩୦୭.୪, ୫୩୩.୩, ୫୩୪.୩)।

**୩୨୧.** ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନ ଉପରେ ପ୍ରଧାନ ଅଧ୍ୟକ୍ଷ ପରିଷଦ କୌଣସି ପର୍ଯ୍ୟାୟ – ୨ କିମ୍ବା ପର୍ଯ୍ୟାୟ – ୩ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ କାରଣ ସହିତ ବାହାର

କରିପାରିବେ ଏବଂ ପର୍ଯ୍ୟାୟ – ୩ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଦୁଇ ତୃତୀୟାଂଶ ଆଞ୍ଚଳିକ ଉପଦେଷ୍ଟା କମିଟିର ଭୋଟ୍ ଦ୍ୱାରା ବାହାର କରିପାରିବେ (୨୦୯.୧, ୨୩୯) ।

**୩୨୨.** ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଏକ ପର୍ଯ୍ୟାୟ – ୩ ଅଞ୍ଚଳ ସଙ୍କଟରେ ଅଛି ବୋଲି ଘୋଷଣା କରିପାରିବେ (୨୦୦.୨, ୩୦୭.୯) ।

**୩୨୩.** ପ୍ରତ୍ୟେକ ଆନ୍ତର୍ଜାତିକ ସମ୍ମିଳନୀ ଉତ୍ତାରେ ସଂଶୋଧନ ହୋଇଥିବା ନାଜରିନ୍ ମଣ୍ଡଳୀର ମାନୁଆଲ୍‌କୁ ଯେତେବେଳେ ପ୍ରଧାନ ଅଧ୍ୟକ୍ଷଙ୍କ ପରଷଦ ସଂଶୋଧିତ ହୋଇଥିବା ମାନୁଆଲ୍‌ର ମୁକ୍ତିଲାଭ ହେଲା ବୋଲି ଘୋଷଣା କରିବେ, ତେବେ ତାହା ପ୍ରତ୍ୟେକ ଉପଯୁକ୍ତ ଭାଷାରେ କାର୍ଯ୍ୟକାରୀ ହେବ ।

**୩୨୪.** ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ନାଜରିନ୍ ମଣ୍ଡଳୀର ଯେକୌଣସି ସେବାକାର୍ଯ୍ୟ ଉପରେ ଅଧିକାର ଅଛି । କିନ୍ତୁ ଆନ୍ତର୍ଜାତିକ ମଣ୍ଡଳୀର ନିୟମ ଏବଂ ମଣ୍ଡଳୀର ସମ୍ବିଧାନ ଅନୁଯାୟୀ ।

## (ଞ) ଆନ୍ତର୍ଜାତିକ ସମ୍ପାଦକ

**୩୨୫.** ଯେପରି ଆନ୍ତର୍ଜାତିକ ପରିଷଦ ସମ୍ବିଧାନରେ ଲେଖାଅଛି ସେହିପରି ଭାବରେ ଆନ୍ତର୍ଜାତିକ ସମ୍ପାଦକ ଆନ୍ତର୍ଜାତିକ ସମ୍ମିଳନୀର ସମାପ୍ତ ସମୟ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଅଟେ ଏବଂ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ହୋଇନାହାନ୍ତି (୩୧୭.୫ (୯୦୦.୨)) ।

**୩୨୫.୧.** ଆନ୍ତର୍ଜାତିକ ସମ୍ମିଳନୀରେ ସମ୍ପାଦକ ପଦବଳରେ ସଭ୍ୟ ହେବେ (୩୦୧) ।

**୩୨୫.୨.** ପାରା ୩୧୭.୪ ଅନୁଯାୟୀ ଆନ୍ତର୍ଜାତିକ ପରିଷଦର ସମୟକାଳ ମଧ୍ୟରେ ଯଦି ସମ୍ପାଦକଙ୍କ କାର୍ଯ୍ୟାଳୟ ଖାଲି ରହେ, ତେବେ ପ୍ରସ୍ତାବିତ ନାମ ଉପରେ ଆନ୍ତର୍ଜାତିକ ପରିଷଦ ଦ୍ୱାରା ଖାଲି ସ୍ଥାନ ପୂରଣ ହେବ (୩୩୫.୨୧) ।

**୩୨୫.୩.** ଆନ୍ତର୍ଜାତିକ ସମ୍ପାଦକ, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଏବଂ ଆନ୍ତର୍ଜାତିକ ପରିଷଦର ଅଧୀନରେ ରହିବେ ।

**୩୨୬.** ଆନ୍ତର୍ଜାତିକ ସମ୍ପାଦକଙ୍କ କାର୍ଯ୍ୟ

**୩୨୬.୧.** ଆନ୍ତର୍ଜାତିକ ପରିଷଦରେ ଏବଂ ଆନ୍ତର୍ଜାତିକ ସମ୍ମିଳନୀରେ ପଦବଳରେ ସମ୍ପାଦକ ରହିବେ ଏବଂ ସେମାନଙ୍କର କାର୍ଯ୍ୟକ୍ରମକୁ ପତ୍ରିକା ନିମନ୍ତେ ସଞ୍ଚୟ କରିବେ ଏବଂ ଲେଖିବେ । (୩୩୧.୨)

**୩୨୬.୨.** ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ତଥ୍ୟକୁ ଲେଖିବେ ଏବଂ ସଂରକ୍ଷିତ କରିବେ ।

**୩୨୬.୩.** ଆନ୍ତର୍ଜାତିକ ସମ୍ମିଳନୀ ସମ୍ପର୍କିତ ନଥି ପତ୍ରକୁ ସଂରକ୍ଷିତ କରିବେ ଏବଂ ତାଙ୍କର ଉତ୍ତରାଧିକାରୀକୁ ହସ୍ତାର୍ପଣ କରିବେ ।

**୩୨୬.୪.** ଆନ୍ତର୍ଜାତିକ Court of Appealsରେ ସ୍ଥାୟୀ ନିଷ୍ପତ୍ତି ନିଆଯାଇଥିବା ସମସ୍ତ ରେକର୍ଡ ଏବଂ ନିଷ୍ପତ୍ତିକୁ ସଂରକ୍ଷିତ କରିବେ (୬୧୪) ।

**୩୨୬.୫.** ତାଲିକା ପ୍ରସ୍ତୁତ କରିବା, ସଂରକ୍ଷିତ କରିବା, ସମର୍ପଣ କରିବା, ବହିଷ୍କାର କରିବା ଏବଂ ସେବକମାନଙ୍କର ପରିଚୟର ଇସ୍ତଫା ଏବଂ ଅଞ୍ଚଳ ଦ୍ୱାରା ଗଠନ କରାଯାଇଥିବ ସଠିକ୍ ଶୈଳୀରେ ସେଗୁଡ଼ିକୁ ପ୍ରଦାନ କରିବା ଯେଉଁଠାରୁ ସେମାନେ ପ୍ରାପ୍ତ ହୋଇଥିଲେ (୫୩୯-୫୩୯.୩, ୫୪୯.୮) ।

**୩୨୬.୬.** ଆଞ୍ଚଳିକ ତଥ୍ୟ ତାଲିକାକୁ ସମୀକ୍ଷା କରିବେ (୨୨୦.୩) ।

**୩୨୬.୭.** ଯେଉଁ ବ୍ୟକ୍ତିମାନଙ୍କର ଆଞ୍ଚଳିକ ସେବକ ଅଧିକାରପତ୍ର ମଞ୍ଜୁର ହୋଇଛି ସେହି ରେକର୍ଡକୁ ସ୍ଥିତାବସ୍ଥାରେ ରଖିବେ ।

**୩୨୬.୮.** ଆନ୍ତର୍ଜାତିକ ସମ୍ମିଳନୀର ମିନିଟ୍‌କୁ ପ୍ରତିନିଧିମାନଙ୍କୁ ଯୋଗାଇବେ ।

**୩୨୬.୯.** ସଦ୍ୟ ପ୍ରକାଶିତ ମାନୁଆଲ୍‌କୁ ଯୋଗାଇବେ ।

**୩୨୬.୧୦.** ସେମାନଙ୍କର ଦାୟୀତ୍ୱକୁ ବିଶ୍ୱସ୍ତ ଭାବରେ ପୂରଣ କରିବାକୁ ସେମାନେ ଯାହା କିଛି କରିବେ ।

**୩୨୭.** ଆନ୍ତର୍ଜାତକ ମଣ୍ଡଳୀର ଆଇନ୍ ସମ୍ପର୍କିତ ନଥିପତ୍ର ଆନ୍ତର୍ଜାତିକ ସମ୍ପାଦକ ବିଶ୍ୱସ୍ତ ଭାବରେ ରଖିବେ ।

**୩୨୭.୧.** ସମ୍ପ୍ରଦାୟର ଉନ୍ନତି ଏବଂ ବିକାଶ ହେତୁ ଆନ୍ତର୍ଜାତିକ ସମ୍ପାଦକ ଐତିହାସିକ ଉପକରଣକୁ ସଂଗ୍ରହ କରିବା ନିମନ୍ତେ ଅଧିକାରପ୍ରାପ୍ତ ଅଟନ୍ତି ଏବଂ ସେହି ଉପକରଣ ଏବଂ ରେକର୍ଡଗୁଡ଼ିକୁ ସେମାନେ ରକ୍ଷଣାବେକ୍ଷଣ କରିବେ ।

**୩୨୭.୨.** ୯୧୩ ପାରା ଅନୁଯାୟୀ ସମ୍ପାଦକ ଐତିହାସିକ ସ୍ଥାନର ଏବଂ ଚିହ୍ନକୁ ଏକ ରେଜିଷ୍ଟାର୍‌ରେ ଲେଖି ରଖିବେ ।

**୩୨୮.** ଆନ୍ତର୍ଜାତିକ ସମ୍ମିଳନୀ ପୂର୍ବରୁ ସମ୍ପାଦକ ପ୍ରଧାନ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ଫର୍ମ, Rules of order "Manual" ସଂସ୍କରଣ ନିମନ୍ତେ ପର୍ଯ୍ୟାଲୋଚନା କରିବେ ଏବଂ ଆନ୍ତର୍ଜାତିକ ସମ୍ମିଳନୀର ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ ବିଷୟରେ ଆଲୋଚନା କରିବେ । ଏହି ଖର୍ଚ୍ଚ ଆନ୍ତର୍ଜାତିକ ଖର୍ଚ୍ଚଠାରୁ ପୃଥକ୍ ଭାବରେ ଯୋଗାଇ ଦିଆଯିବ ।

**୩୨୮.୧.** ଆନ୍ତର୍ଜାତିକ ସମ୍ମିଳନୀ ଯେତେ ଅଧିକ ସଂଖ୍ୟାରେ ସହକର୍ମୀ ନିର୍ବାଚିତ କରିବେ ସେତେ ସହକର୍ମୀ ଆନ୍ତର୍ଜାତିକ ସମ୍ପାଦକ ପ୍ରାପ୍ତ ହୋଇପାରିବେ ।

## (ଟ) ଆନ୍ତର୍ଜାତିକ କୋଷାଧ୍ୟକ୍ଷ

**୩୨୯.** ଆନ୍ତର୍ଜାତିକ ପରିଷଦର ନିୟମରେ ଯେପରି ଉଲ୍ଲେଖ ଅଛି, ଆନ୍ତର୍ଜାତିକ କୋଷାଧ୍ୟକ୍ଷ ଆନ୍ତର୍ଜାତିକ ପରିଷଦ ଦ୍ୱାରା ନିର୍ବାଚିତ ହେବେ ଏବଂ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀର ସମାପ୍ତ ସମୟ ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇବେ ଏବଂ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ନିର୍ବାଚିତ ନ ହୋଇଛନ୍ତି କିମ୍ବା ଯୋଗ୍ୟ ନ ହୋଇଛନ୍ତି କିମ୍ବା ପାରା ୩୧୭.୫ ଅନୁଯାୟୀ ନ ବାହାରିଛନ୍ତି (୯୦୦.୩) ।

**୩୨୯.୧.** ଆନ୍ତର୍ଜାତିକ କୋଷାଧ୍ୟକ୍ଷ ପଦବଳରେ ଆନ୍ତର୍ଜାତିକ ସମ୍ମିଳନୀର ସଭ୍ୟ ହେବେ ।

**୩୨୯.୨.** ଆନ୍ତର୍ଜାତିକ ସେବାକାର୍ଯ୍ୟ କେନ୍ଦ୍ର କୋଷାଗାର କାର୍ଯ୍ୟାଳୟ ନିମନ୍ତେ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କ ଅଧିନରେ, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଅଧିନରେ ଏବଂ ଆନ୍ତର୍ଜାତିକ ପରିଷଦ ଅଧିନରେ ଆନ୍ତର୍ଜାତିକ କୋଷାଧ୍ୟକ୍ଷ ରହିବେ ।

**୩୩୦.** ଆନ୍ତର୍ଜାତିକ କୋଷାଧ୍ୟକ୍ଷଙ୍କ କାର୍ଯ୍ୟାବଳି

**୩୩୦.୧.** ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ମଙ୍ଗଳ ଉଦ୍ଦେଶ୍ୟରେ ଥିବା ଅନୁଦାନକୁ ସୁରକ୍ଷିତ ପ୍ରଦାନ କରିବେ ।

**୩୩୦.୨.** ଆନ୍ତର୍ଜାତିକ ପ୍ରଶାସନିକ ଏବଂ ଆର୍ଥିକ କମିଟି, ଆନ୍ତର୍ଜାତିକ ଶିକ୍ଷା ଏବଂ ସେବକ ବିକାଶ କମିଟି, ଆନ୍ତର୍ଜାତିକ ମିଶନ୍ କମିଟି ଏବଂ ଆନ୍ତର୍ଜାତିକ ପରିଷଦ ସମ୍ପର୍କିତ ଅନୁଦାନ, ପ୍ରଧାନ ଅଧ୍ୟକ୍ଷ ଅନୁଦାନ, ଅନିଶ୍ଚିତ ଘଟଣା ଅନୁଦାନ, ଆନ୍ତର୍ଜାତିକ ସମ୍ମିଳନୀ ବ୍ୟୟ ଅନୁଦାନ, ଦୟାଶୀଳତା ବା ହିତକାରୀ ଅନୁଦାନ, NYIର ଅନୁଦାନ, ଆନ୍ତର୍ଜାତିକ NMI ଅନୁଦାନ ଗ୍ରହଣ କରିବେ ଏବଂ ପ୍ରଦାନ କରିବେ ।

**୩୩୦.୩.** ଆନ୍ତର୍ଜାତିକ ପରିଷଦ ଯେପରି ନିର୍ଦ୍ଦେଶ ଦେବ ସେହିପରି ଏକ ଭରସାଯୋଗ୍ୟ ସିକ୍ୟୁରିଟୀ କମ୍ପାନୀରେ ବଣ୍ଡ୍ ଦେବେ ।

**୩୩୦.୪.** ଯାହାର ଅନୁଦାନ ତାହାଙ୍କ ଦାୟୀତ୍ୱରେ ଅଛି ତା'ର ରିପୋର୍ଟ ସେହି ପରିଷଦଙ୍କୁ ଏବଂ ସେହ କାର୍ଯ୍ୟାଳୟକୁ ଦେବେ ।

**୩୩୦.୫.** ନାଜରିନ୍ ମଣ୍ଡଳୀର ସମସ୍ତ ଆର୍ଥିକ ଏବଂ ଅର୍ଥ ବିନିଯୋଗ କରାଯାଇଥିବା ବାର୍ଷିକ ବିବରଣୀ ଆନ୍ତର୍ଜାତିକ ପରିଷଦକୁ ପ୍ରଦାନ କରିବେ (୩୩୫.୧୨) ।

**୩୩୦.୬.** ସଠିକ୍ ଇନ୍ସ୍ୟୁରାନ୍ସ୍ ପଲିସି ଦ୍ୱାରା ବିନିଯୋଗରୁ ପାଉଥିବା ସ୍ଥିରୀକୃତ ବାର୍ଷିକ ଅର୍ଥକୁ ସୁରକ୍ଷିତ କରିବା ।

## (ଠ) ଆନ୍ତର୍ଜାତିକ ପରିଷଦ

**୩୩୧.** ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ ଏକ ଲାଭଶୂନ୍ୟ ଅନୁଷ୍ଠାନ ଅଟେ ଯାହା ଟ.ଝ.ଇ. Missouri ପ୍ରଦେଶର ଆଇନ୍‌ର ଅଧିନରେ ଅନ୍ତର୍ଭୁକ୍ତ । ଧାରା ଅନୁଯାୟୀ ପ୍ରସ୍ତାବିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଭୋଟ୍ ଦ୍ୱାରା ନିର୍ବାଚିତ ବ୍ୟକ୍ତିମାନଙ୍କୁ ନେଇ ଆନ୍ତର୍ଜାତିକ ପରିଷଦ ଗଠିତ । ଏକ ମଣ୍ଡଳୀର ପ୍ରତିନିଧି ସ୍ୱରୂପେ ଆନ୍ତର୍ଜାତିକ ପରିଷଦର ସଦସ୍ୟ ହେବାକୁ ହେଲେ ସେହି ବ୍ୟକ୍ତି ସେହି ମଣ୍ଡଳୀର ସଭ୍ୟ ହୋଇଥିବେ ଏବଂ ସେହି ଅଞ୍ଚଳର ବାସିନ୍ଦା ହୋଇଥିବେ । (୩୦୫.୬, ୩୩୪)

**୩୩୧.୧.** ଯେଉଁ ବ୍ୟକ୍ତି ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର କର୍ମଚାରୀ ରହିଥିବେ । ସେ ଆନ୍ତର୍ଜାତିକ ପରିଷଦର ସଭ୍ୟ ହେବାକୁ ନିର୍ବାଚନ ନିମନ୍ତେ ଯୋଗ୍ୟ ହେବେ ନାହିଁ ।

**୩୩୧.୨.** ଆନ୍ତର୍ଜାତିକ ସମ୍ପାଦକ ପଦବଳରେ ଉଭୟ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ଏବଂ ଆନ୍ତର୍ଜାତିକ ପରିଷଦର ସଭାପତି ହୋଇପାରିବେ (୩୩୦.୨) ।

**୩୩୧.୩.** ଆନ୍ତର୍ଜାତିକ କୋଷାଧ୍ୟକ୍ଷ ପଦବଳରେ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ଏବଂ ଆନ୍ତର୍ଜାତିକ ପରିଷଦର ମଧ୍ୟ ନାଜରିନ୍ ମଣ୍ଡଳୀର ବିଭାଗଗୁଡ଼ିକର କୋଷାଧ୍ୟକ୍ଷ ରହିପାରିବେ (୩୩୦.୨) ।

**୩୩୨.** ନିମ୍ନଲିଖିତ ଅନୁଯାୟୀ ଆନ୍ତର୍ଜାତିକ ପରିଷଦ ନିମନ୍ତେ ପ୍ରସ୍ତାବଗୁଡ଼ିକ କରାଯିବ:

**୩୩୨.୧.** ଆନ୍ତର୍ଜାତିକ ସମ୍ମିଳନୀ ନିମନ୍ତେ ପ୍ରତ୍ୟେକ ପର୍ଯ୍ୟାୟ – ୩ ଅଞ୍ଚଳର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିସାରିବା ଉତ୍ତାରେ, ପ୍ରତିନିଧିଗଣ ଏକତ୍ର ହୋଇ

ଆନ୍ତର୍ଜାତିକ ପରିଷଦକୁ ପ୍ରାର୍ଥୀ ମନୋନୀତ କରିବାକୁ ନିମ୍ନଲିଖିତ ନିୟମ ପାଳନ କରିବେ ଯଥା: ପ୍ରତ୍ୟେକ ପର୍ଯ୍ୟାୟ – ୩ ଅଞ୍ଚଳ ଦୁଇଜଣ କାର୍ଯ୍ୟରତ ଅଭିଷିକ୍ତ ସେବକ ଏବଂ ଦୁଇଜଣ ସାଧାରଣ ସଦସ୍ୟଙ୍କୁ ଉପସ୍ଥାପନା କରିପାରନ୍ତି । ପ୍ରସ୍ତାବିତ ଅଞ୍ଚଳ ଯଦି ବହୁ ସଂସ୍କୃତିର ଥାଏ ତେବେ ପ୍ରସ୍ତାବ ପାଇଁ ଆସିଥିବା ନାମଗୁଡ଼ିକ ପାଇଁ ବିଚାର କରିବେ । ଯେଉଁ ପ୍ରାଦେଶିକ କ୍ଷେତ୍ରରେ R.A.C (ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍) ଥିବ ସେହି କ୍ଷେତ୍ରରେ ଏହି ପ୍ରାର୍ଥୀମାନଙ୍କର ନାମକୁ ପ୍ରଥମେ ଦେଶୀୟ ପରିଷଦକୁ ପ୍ରେରଣ କରାଯିବ ଏବଂ ଏହା ଉତ୍ତାରେ R.A.C (ପ୍ରାଦେଶିକ ଉପଦେଷ୍ଟା କମିଟିକୁ ପ୍ରେରଣ କରାଯିବ, ଯେଉଁଠାରେ ବୃହତ୍ ଦଳ ମଧ୍ୟରେ ଥିବା କ୍ଷୁଦ୍ରଦଳ ଭୋଟ୍ ଦେଇ ପ୍ରାର୍ଥୀମାନଙ୍କ ସଂଖ୍ୟାକୁ ପ୍ରତି ସଦସ୍ୟ ପାଇଁ ୩ ଜଣଙ୍କୁ ମନୋନୀତ କରିବେ ଏବଂ ସଙ୍ଗେ ସଙ୍ଗେ ପ୍ରତ୍ୟେକ ପ୍ରଦେଶରୁ ଆନ୍ତର୍ଜାତିକ ସମ୍ମିଳନୀରେ ସେମାନଙ୍କର ନାମ ଉପସ୍ଥାପନ କରିବାକୁ ଆନ୍ତର୍ଜାତିକ ସମ୍ପାଦକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯିବ (୨୦୫.୨୩) ।

**୩୩୨.୨.** ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରଦେଶ ଆନ୍ତର୍ଜାତିକ ସମ୍ମିଳନୀ ନିମନ୍ତେ ପ୍ରତିନିଧି ଏହିରୂପେ ପ୍ରସ୍ତାବ କରିବେ ଯଥା:

୧୦୦,୦୦୦ ସଦଶ୍ୟ ଥିବା ପ୍ରଦେଶ ଜଣେ ଦାୟିତ୍ୱରେ ଥିବା ପ୍ରାଚୀନ ଏବଂ ଜଣେ ସାଧାରଣ ସଦସ୍ୟଙ୍କୁ ପ୍ରସ୍ତାବ କରିବେ । ଯେଉଁ ପ୍ରଦେଶରେ ୧୦୦,୦୦୦ରୁ ୨୦୦,୦୦୦ ପର୍ଯ୍ୟନ୍ତ ସଦସ୍ୟ ଥିବେ ତେବେ ସେହି ପ୍ରଦେଶ ଦୁଇଜଣ ପ୍ରାଚୀନଙ୍କୁ, ଜଣେ ଅଞ୍ଚଳର ଅଧ୍ୟକ୍ଷଙ୍କୁ, ଜଣେ ପାଳକ କିମ୍ବା ସୁସମାଚାର ପ୍ରଚାରକଙ୍କୁ ଦୁଇଜଣ ସାଧାରଣ ସଦସ୍ୟଙ୍କୁ ଏବଂ ଜଣେ ଅତିରିକ୍ତ ସାଧାରଣ ସଦସ୍ୟ ଏବଂ ଜଣେ ଅତିରିକ୍ତ ଦାୟୀତ୍ୱରେ ଥିବା ପ୍ରାଚୀନଙ୍କୁ ପ୍ରସ୍ତାବ କରିବେ ।

ଯେଉଁ ପ୍ରଦେଶ ୨୦୦,୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଅଛନ୍ତି, ସେହି ପ୍ରଦେଶ ଜଣେ ଦାୟିତ୍ୱରେ ଥିବା ପ୍ରାଚୀନ ଯେ କି ପାଳକ କିମ୍ବା ପ୍ରଚାରକ ହୋଇଥିବେ, ଅନ୍ୟ ଜଣେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଅନ୍ୟ ଜଣେ ଦାୟୀତ୍ୱରେ ଥିବା ସେହି ଶ୍ରେଣୀର ପ୍ରାଚୀନ ହୋଇଥିବେ । କୌଣସି ଅଞ୍ଚଳ ଆନ୍ତର୍ଜାତିକ ପରିଷଦରେ ଦୁଇରୁ ଅଧିକ ନାମ ଦେଇପାରିବେ ନାହିଁ ଏବଂ କୌଣସି ପ୍ରଦେଶ ଛଅ ଜଣରୁ ଅଧିକ ନାମ

ଦେଇପାରିବେ ନାହିଁ (ଶିକ୍ଷାନୁଷ୍ଠାନ ପ୍ରତିନିଧି ଏବଂ NYI ଓ NMI ପ୍ରତିନିଧି ବ୍ୟତୀତ) । (୩୦୫.୬, ୯୦୧) । ଯେତେବେଳେ ଗୋଟେ ପ୍ରଦେଶର ଗୋଟେ ଅଞ୍ଚଳରୁ ଅନ୍ୟ ଅଞ୍ଚଳଠାରୁ ଦୁଇରୁ ଅଧିକ ପ୍ରାର୍ଥୀଙ୍କ ନିମନ୍ତେ ଅଧିକ ଭୋଟ୍ ଥାଏ, ସେହି ଅନ୍ୟ ଅଞ୍ଚଳ ପରବର୍ତ୍ତୀ ଅଧିକ ଭୋଟ୍ ପ୍ରାପ୍ତ ହୁଅନ୍ତି । ସେମାନେ ପ୍ରଦେଶ ପାଇଁ ପ୍ରସ୍ତାବିତ ପ୍ରାର୍ଥୀ ବୋଲି ମନୋନୀତ ହେବେ । ପ୍ରତ୍ୟେକ ପ୍ରଦେଶର ସାଧାରଣ ସଦସ୍ୟ, ପାଳକ କିମ୍ବା ପ୍ରଚାରକ କିମ୍ବା ଆଞ୍ଚଳିକ ଅଧକ୍ଷ ସେମାନଙ୍କ ଶ୍ରେଣୀରେ ଯେଉଁମାନେ ସର୍ବାଧିକ ଭୋଟ୍ ପାଇବେ ସେମାନେ ବହୁମତ ଭୋଟ୍ ଦ୍ୱାରା ଆନ୍ତର୍ଜାତିକ ସମ୍ମିଳନୀକୁ ମନୋନୀତ ହେବେ ।

**୩୩୨.୩.** ଆନ୍ତର୍ଜାତିକ ଶିକ୍ଷା ପରିଷଦ ଆନ୍ତର୍ଜାତିକ ସମ୍ମିଳନୀକୁ ଶିକ୍ଷା ପ୍ରତିଷ୍ଠାନରୁ ଦୁଇଜଣ ପ୍ରାଚୀନ ଏବଂ ଦୁଇଜଣ ସାଧାରଣ ସଦସ୍ୟଙ୍କୁ ପ୍ରସ୍ତାବ ପଠାଇବ । ଆନ୍ତର୍ଜାତିକ ସମ୍ମିଳନୀ ଦୁଇଜଣଙ୍କୁ ଅର୍ଥାତ୍ ଜଣେ ପ୍ରାଚୀନଙ୍କୁ ଏବଂ ଜଣେ ସାଧାରଣ ସଦସ୍ୟଙ୍କୁ ଆନ୍ତର୍ଜାତିକ ପରିଷଦ ନିମନ୍ତେ ନିର୍ବାଚନ କରିବ (୩୩୧.୧) ।

**୩୩୨.୪.** NYIର ଗ୍ଲୋବାଲ୍ କାଉନ୍‌ସିଲ୍ ନୂତନଭାବେ ନିର୍ବାଚିତ ହୋଇଥିବା ସଭାପତିଙ୍କୁ ଆନ୍ତର୍ଜାତିକ ସମ୍ମିଳନୀକୁ ପ୍ରସ୍ତାବ କରିବ । କିନ୍ତୁ ନୂତନ ଭାବରେ ନିର୍ବାଚିତ ସଭାପତି ଆନ୍ତର୍ଜାତିକ ପରିଷଦରେ ଦାୟୀତ୍ୱ ନେଇପାରିବେ ନାହିଁ, NYI ଗ୍ଲୋବାଲ୍ କାଉନ୍‌ସିଲ୍ ତା'ର କାଉନ୍‌ସିଲ୍‌ରୁ ଅନ୍ୟ ଜଣେ ସଦସ୍ୟଙ୍କୁ ପ୍ରସ୍ତାବ କରିବ ।

**୩୩୨.୫.** NMIର ଗ୍ଲୋବାଲ୍ କାଉନ୍‌ସିଲ୍ ଆନ୍ତର୍ଜାତିକ ସମ୍ମିଳନୀକୁ ତାଙ୍କ କାଉନ୍‌ସିଲ୍ ମଧ୍ୟରୁ ଜଣଙ୍କୁ ପ୍ରସ୍ତାବ କରିବ । ଆନ୍ତର୍ଜାତିକ ସମ୍ମିଳନୀ ସେହି ଜଣଙ୍କୁ ଆନ୍ତର୍ଜାତିକ ପରିଷଦର ପ୍ରତିନିଧି ରୂପେ ନିର୍ବାଚିତ କରିବ (୩୪୪.୩) ।

**୩୩୨.୬.** SDMIର ପ୍ରାଦେଶିକ କୋଡିନେଟର୍‌ଗଣ ଏବଂ SDMIର ଗ୍ଲୋବାଲ୍ ପରିଚାଳକ ଆନ୍ତର୍ଜାତିକ ସମ୍ମିଳନୀକୁ ଜଣେ ବ୍ୟକ୍ତିକୁ ପ୍ରସ୍ତାବ କରିବ । ଆନ୍ତର୍ଜାତିକ ସମ୍ମଳନୀ ଆର୍ନ୍ତଜାତିକ ପରିଷଦର ପ୍ରତିନିଧି ରୂପେ ସେହି ବ୍ୟକ୍ତିଙ୍କୁ ନିର୍ବାଚିତ କରିବ ।

**୩୩୩.** ଆନ୍ତର୍ଜାତିକ ପରିଷଦ ପ୍ରତି ନିର୍ବାଚନ ଏହିପରି ହେବ ଯଥା:

**୩୩୩.୧.** ନିର୍ଦ୍ଦିଷ୍ଟ ପ୍ରଦେଶ ଦ୍ୱାରା ଉପସ୍ଥାପନା କରାଯାଇଥିବା ପ୍ରତ୍ୟେକ ପ୍ରସ୍ତାବିତ ପ୍ରାର୍ଥୀଙ୍କୁ ଆନ୍ତର୍ଜାତିକ ସମ୍ମିଳନୀ "ହଁ" "Yes" ଭୋଟ୍ ଦ୍ୱାରା ନିର୍ବାଚିତ କରିବ ।

**୩୩୩.୨.** ଆନ୍ତର୍ଜାତିକ ଶିକ୍ଷା ପରିଷଦ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବିତମାନଙ୍କ ମଧ୍ୟରୁ ଆନ୍ତର୍ଜାତିକ ସମ୍ମିଳନୀ ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ ଏବଂ ସାଧାରଣ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ଏହିପରି ଦୁଇଜଣଙ୍କୁ ନିର୍ବାଚିତ କରିବ ।

**୩୩୩.୩.** NYI ଗ୍ଲୋବାଲ୍ କାଉନ୍‌ସିଲ୍ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବିତମାନଙ୍କୁ ଆନ୍ତର୍ଜାତିକ ସମ୍ମିଳନୀ "ହଁ" "Yes" ଭୋଟ୍ ଦ୍ୱାରା ନିର୍ବାଚିତ କରିବ (୩୪୩.୪, ୯୦୩) ।

**୩୩୩.୪.** NMI ଗ୍ଲୋବାଲ୍ କାଉନ୍‌ସିଲ୍ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବିତମାନଙ୍କୁ ଆନ୍ତର୍ଜାତିକ ସମ୍ମିଳନୀ "ହଁ" "Yes" ଭୋଟ୍ ଦ୍ୱାରା ନିର୍ବାଚିତ କରିବ (୩୪୪.୩, ୯୦୪) ।

**୩୩୩.୫.** SDMI ଗ୍ଲୋବାଲ୍ କାଉନ୍‌ସିଲ୍ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସ୍ତାବିତମାନଙ୍କୁ ଆନ୍ତର୍ଜାତିକ ସମ୍ମିଳନୀ "ହଁ" "Yes" ଭୋଟ୍ ଦ୍ୱାରା ନିର୍ବାଚିତ କରିବ (୩୩୨.୬) ।

**୩୩୪.** ଆନ୍ତର୍ଜାତିକ ପରିଷଦର ସଭ୍ୟମାନଙ୍କର କାର୍ଯ୍ୟକାଳ ଆସନ୍ତା ଆନ୍ତର୍ଜାତିକ ସମ୍ମିଳନୀର ସମାପ୍ତ ପର୍ଯ୍ୟନ୍ତ ରହିବ ଏବଂ ସେମାନଙ୍କର ଯେପର୍ଯ୍ୟନ୍ତ ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହୋଇଛନ୍ତି । କୌଣସି ଘଟଣା ହେତୁ ଆନ୍ତର୍ଜାତିକ ପରିଷଦର କୌଣସି ସଦସ୍ୟ ପ୍ରଦେଶରୁ ତା'ର ବାସସ୍ଥାନ କିମ୍ବା ମଣ୍ଡଳୀର ସଭ୍ୟପଦ ନେଇଯାଆନ୍ତି କିମ୍ବା ଯେଉଁ ଦାୟୀତ୍ୱ ନିମନ୍ତେ ସେ ନିର୍ବାଚିତ ହୋଇଥିଲେ ସେହି ଦାୟୀତ୍ୱ ପରିବର୍ତ୍ତନ କରନ୍ତି, ତେବେ ତାଙ୍କର ସଭ୍ୟପଦ ସଙ୍ଗେ ସଙ୍ଗେ ରଦ୍ଦ ହୋଇଯିବ । ସେହି ଖାଲିପଦ ଅବିଳମ୍ବେ ପୂରଣ ହେବ । (୩୩୧)

**୩୩୪.୧.** ଆନ୍ତର୍ଜାତିକ ପରିଷଦର ସଭ୍ୟପଦରେ ଖାଲି ସ୍ଥାନ ହେଲେ ଏବଂ କମିଟିମାନଙ୍କର ଖାଲି ସ୍ଥାନ ହେଲେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ପ୍ରସ୍ତାବ ଉପରେ ପୂରଣ କରାଯିବ, ଯେ ଆନ୍ତର୍ଜାତିକ ସମ୍ପାଦକଙ୍କୁ ସେହି ପ୍ରଦେଶର, ଅଞ୍ଚଳରୁ ଆଞ୍ଚଳିକ ପରିଷଦର ଦୁଇଟି ନାମକୁ ପ୍ରଦାନ କରିବେ । ପ୍ରତ୍ୟେକ ପର୍ଯ୍ୟାୟ – ୨ ଏବଂ ପର୍ଯ୍ୟାୟ – ୩ର ଆଞ୍ଚଳିକ ପରିଷଦ ଗୋଟେ ଭୋଟ୍ ଦେଇପାରିବେ । ଶିକ୍ଷା ପ୍ରତିନିଧି ନିମନ୍ତେ ବହୁମତ ଭୋଟ୍ ଦ୍ୱାରା ଜଣଙ୍କୁ ଆନ୍ତର୍ଜାତିକ ପରିଷଦ ଦ୍ୱାରା ନିର୍ବାଚିତ ହେବାକୁ ପ୍ରସ୍ତାବିତ ନାମକୁ ପ୍ରଦାନ କରିବ । NYI ପ୍ରତିନିଧି ପାଇଁ NYI କାଉନ୍ସିଲ୍‌କୁ ବହୁମତ ଭୋଟ୍‌ରେ ଜଣଙ୍କୁ ନିର୍ବାଚିତ କରିବାକୁ ପ୍ରସ୍ତାବିତ ନାମ ପ୍ରଦାନ କରିବେ । NMIରୁ ପ୍ରତିନିଧି ପାଇଁ ପ୍ରଧାନ ଅଧ୍ୟକ୍ଷଙ୍କ ପରାମର୍ଶରେ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅନୁମୋଦନ ସହିତ NMIର ପ୍ରାଦେଶିକ କାଉନ୍ସିଲ୍‌ର ଅଧିକାରୀ କମିଟିରୁ ପ୍ରସ୍ତାବିତମାନଙ୍କୁ ପ୍ରଦାନ କରାଯିବ ଏବଂ ଜଣଙ୍କୁ ବହୁମତ ଭୋଟ୍ ଦ୍ୱାରା ନିର୍ବାଚିତ କରାଯିବ । SDMIରୁ ପ୍ରତିନିଧି ନିମନ୍ତେ ଜଣଙ୍କୁ ବହୁମତ ଭୋଟ୍‌ରେ ନିର୍ବାଚିତ କରାଯିବ । SDMIରୁ ପ୍ରତିନିଧି ନିମନ୍ତେ ଜଣଙ୍କୁ ବହୁମତ ଭୋଟ୍‌ରେ ନିର୍ବାଚିତ କରିବାକୁ ପ୍ରସ୍ତାବିତମାନଙ୍କୁ ଆନ୍ତର୍ଜାତିକ ପରିଷଦକୁ ପ୍ରଦାନ କରାଯିବ (୩୩୨.୩–୩୩୨.୬) ।

**୩୩୫.** ଆନ୍ତର୍ଜାତିକ ପରିଷଦର କାର୍ଯ୍ୟ: ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ପରିଚାଳକ ପରିଷଦ ରୂପେ ଆନ୍ତର୍ଜାତିକ ପରିଷଦ କାର୍ଯ୍ୟ କରିବ ଏବଂ ମଣ୍ଡଳୀ ସମ୍ବନ୍ଧୀୟ ବ୍ୟତୀତ ଚୁକ୍ତି ଏବଂ ଯୋଜନାଗୁଡ଼ିକ ଉପରେ ମୌଳିକ ଅଧିକାର ରହିବ । ନାଜରିନ୍ ମଣ୍ଡଳୀର ଲକ୍ଷ୍ୟ ପୂରା କରିବାକୁ ସମସ୍ତ ଦେଶୀୟ, ପ୍ରଦେଶ, ଅଞ୍ଚଳ ଏବଂ ସ୍ଥାନୀୟ ପରିଷଦକୁ ପ୍ରୋତ୍ସାହିତ କରେ ଏବଂ ଆଶା କରେ ଯାହା – ଜାତିମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା ଦ୍ୱାରା ୱେସ୍‌ଲିଆନ୍ ପଦ୍ଧତିରେ ଖ୍ରୀଷ୍ଟୀୟ ପବିତ୍ରତାକୁ ଘୋଷଣା କରିବା ଏବଂ ପ୍ରତ୍ୟେକ ଦେଶରେ ଏବଂ ପ୍ରଦେଶରେ ଥିବା ଗ୍ଲୋବାଲ ମଣ୍ଡଳୀର ଉନ୍ନତିକୁ ସହାୟତା କରିବ । ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ନାଜରିନ୍

ମଣ୍ଡଳୀର ସମସ୍ତ କମିଟିର ଆର୍ଥିକ ଏବଂ ଉପକରଣ ବିଷୟଗୁଡ଼ିକୁ ଆନ୍ତର୍ଜାତିକ ପରିଷଦ ଅଗ୍ରଗତି କରାଇବ ।

**୩୩୫.୧.** ଆନ୍ତର୍ଜାତିକ ପରିଷଦର ଏହିସବୁ ପରିଷଦ ଅଧିକାର ଯଥା: ସମ୍ପତ୍ତିକୁ କ୍ରୟ କରିବା, ନିଜର କରିବା, ସ୍ଥଗିତ ରଖିବା, ପରିଚାଳନା କରିବା, ବନ୍ଧକ ରଖିବା, ବିକ୍ରୟ କରିବା, ହସ୍ତାନ୍ତରକ୍ଷମ କରିବା ଏବଂ ଦାନ କରିବା କିମ୍ବା ନିଜ ଅଧୀନକୁ ନେବା, ପ୍ରତିବନ୍ଧକ ହେବା । ସେହି ସମ୍ପତ୍ତିକୁ ବିକ୍ରୟ କରିବା ଇଚ୍ଛା ପତ୍ର ଦ୍ୱାରା ସମ୍ପତ୍ତି ଅର୍ପଣ କରିବା, ଉତ୍ତର ପୁରୁଷକୁ ହସ୍ତାନ୍ତର କରିବା, ଦାନ ସ୍ୱରୂପେ ପ୍ରଦାନ କରିବା କିମ୍ବା ବିଶ୍ୱାସରେ ଏବଂ ଉତ୍ତମ ଉଦ୍ଦେଶ୍ୟ ନିମନ୍ତେ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀକୁ ହସ୍ତାନ୍ତର କରିବା ଏବଂ ଅର୍ଥ ଋଣ ନେଇ ଉତ୍ତମ ଉତ୍ତମ ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ଗଠନ କରିବା ।

**୩୩୫.୨.** ପାରା ୩୧୬ ଏବଂ ୩୦୫.୨ ଅନୁଯାୟୀ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦରେ ଖାଲି ଥିବା ସ୍ଥାନକୁ ଆନ୍ତର୍ଜାତିକ ପରିଷଦ ପୂରଣ କରିବେ ।

**୩୩୫.୩.** ଆନ୍ତର୍ଜାତିକ ପରିଷଦ ଆନ୍ତର୍ଜାତିକ ସମ୍ମିଳନୀର ପୂର୍ବରୁ କିମ୍ବା ସମାପ୍ତ ହେବାର ସଙ୍ଗେ ସଙ୍ଗେ ଏକତ୍ର ସାକ୍ଷାତ କରି ଅଧିକାରୀମାନଙ୍କୁ ଏବଂ କମିଟିଗୁଡ଼ିକୁ ନିର୍ବାଚନ ମାଧ୍ୟମରେ ଗଠନ କରିବେ ଏବଂ ସେମାନେ ସମ୍ବିଧାନ ଓ ଅନ୍ତର୍ଭୁକ୍ତୀକରଣ ଅନୁଯାୟୀ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚନ କିମ୍ବା ଯୋଗ୍ୟ ବିବେଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଆନ୍ତର୍ଜାତିକ ପରିଷଦର ସଭାଗୁଡ଼ିକୁ ପ୍ରଧାନ ଅଧ୍ୟକ୍ଷଗଣ ପରିଚାଳନା କରିବେ ।

**୩୩୫.୪.** ସଭା – ଆନ୍ତର୍ଜାତିକ ସମ୍ମିଳନୀ ସମୟ ମଧ୍ୟରେ ଆନ୍ତର୍ଜାତିକ ପରିଷଦ ଅତି କମ୍‌ରେ ୩ ଥର ସଭା କରିବେ ।

**୩୩୫.୫.** ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ, ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ବିଶେଷ ସଭା ଆହ୍ୱାନ କରାଯାଇପାରେ ।

**୩୩୫.୬.** ବିଶ୍ୱ ସୁସମାଚାର ପ୍ରଚାର ଅନୁଦାନ – "ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା" ପ୍ରତ୍ୟେକ ସ୍ଥାନୀୟ ନାଜରିନ୍ ମଣ୍ଡଳୀର ଭୂମିକା ଅଟେ । ଏହି ଅନୁଦାନ ଆନ୍ତର୍ଜାତିକ ଲକ୍ଷ୍ୟ ଏବଂ ଏଥି ସମ୍ପର୍କିତ କାର୍ଯ୍ୟକ୍ରମରେ ବ୍ୟବହାର ହେବ ।

**୩୩୫.୭.** ଆନ୍ତର୍ଜାତିକ ପରିଷଦ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଏହି ଅନୁଦାନର ଅଧିକାରୀ ରହିବେ । ସ୍ଥାନୀୟ ମଣ୍ଡଳୀଗୁଡ଼ିକ ପ୍ରତି ଏହି ଅନୁଦାନ ନିମନ୍ତେ ଦାୟୀତ୍ୱରେ ରହିବେ (୧୩୦, ୩୧୭.୧୦) ।

**୩୩୫.୮.** କୌଣସି ବିଭାଗରୁ ଅନୁରୋଧ କରାଯାଇଥିବା ଅନୁଦାନ ରାଶିକୁ କମାଇବା କିମ୍ବା ଖାରଜ କରିବାର ଅଧିକାର ଆନ୍ତର୍ଜାତିକ ପରିଷଦର ରହିବ ।

**୩୩୫.୯.** ନାଜରିନ୍ ପାରମାର୍ଥିକ ସେମିନାରୀ ଆମେରିକା ଏବଂ ନାଜରିନ୍ ବାଇବଲ କଲେଜ୍ ଆମେରିକା ନିମନ୍ତେ ଯେପରି ପରାମର୍ଶ ମିଳେ, ସେପରି ଅନୁଦାନର ଯଥେଷ୍ଟତାକୁ ଅନୁଧ୍ୟାନ କରି ଆନ୍ତର୍ଜାତିକ ପରିଷଦ ଅନୁଦାନ ମଞ୍ଜୁର କରିବେ ।

**୩୩୫.୧୦.** ଆନ୍ତର୍ଜାତିକ ସମ୍ମିଳନୀର ମଧ୍ୟବର୍ତ୍ତୀକାଳରେ ପ୍ରଧାନ ଅଧ୍ୟକ୍ଷଙ୍କ ବେତନକୁ ଆନ୍ତର୍ଜାତିକ ପରିଷଦ ସଠିକ୍ ଭାବରେ ବାର୍ଷିକ ସମୀକ୍ଷା କରିବେ ।

**୩୩୫.୧୧.** ଆୟବ୍ୟୟର ବିବରଣ ସହ ବିଭାଗଗୁଡ଼ିକର ବିଗତ ବର୍ଷର କାର୍ଯ୍ୟକ୍ରମର ସବିଶେଷ ବିବରଣୀ, ଆନ୍ତର୍ଜାତିକ ପରିଷଦ ତା'ର ନିୟମିତ ସଭାରେ ଗ୍ରହଣ କରିବ ।

**୩୩୫.୧୨.** ଆନ୍ତର୍ଜାତିକ କୋଷାଧ୍ୟକ୍ଷ ତାଙ୍କ ଦାୟୀତ୍ୱରେ ଥିବା ଅର୍ଥର ନେଣଦେଣ ଉପରେ ବାର୍ଷିକ ବିବରଣୀ ଆର୍ନ୍ତାଜାତିକ ପରିଷଦକୁ ପ୍ରଦାନ କରିବେ (୩୩୦.୫) ।

**୩୩୫.୧୩.** ଯେପରି ସମ୍ବିଧାନରେ ଉଲ୍ଲେଖ ଅଛି, ଆର୍ନ୍ତଜାତିକ ସମ୍ମିଳନୀର ସମାପ୍ତ ସମୟର ସଙ୍ଗେ ସଙ୍ଗେ କିମ୍ବା ପୂର୍ବରୁ ଏକତ୍ର ହୋଇ ଜଣେ ଆନ୍ତର୍ଜାତିକ

ସମ୍ପାଦକ ଏବଂ ଜଣେ ଆନ୍ତର୍ଜାତିକ କୋଷାଧ୍ୟକ୍ଷଙ୍କୁ ନିର୍ବାଚିତ କରିବେ ଯେଉଁମାନେ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀ ପର୍ଯ୍ୟନ୍ତ ଦାୟୀତ୍ୱ ତୁଲାଇବେ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ବିବେଚିତ ନ ହୋଇଛନ୍ତି ।

**୩୩୫.୧୪.** ଯୁକ୍ତରାଷ୍ଟ୍ର ଆମେରିକା ପ୍ରଦେଶ (Region)ରୁ ଆନ୍ତର୍ଜାତିକ ପରିଷଦର ଯେଉଁମାନେ ପ୍ରତିନିଧି ଅଛନ୍ତି ସେମାନେ ଅବସର ଭତ୍ତା ଏବଂ ସୁବିଧାର ଏକ ପରିଷଦ ନିର୍ବାଚନ କରିବେ – ଏହି ପରିଷଦରେ ଆମେରିକାର ପ୍ରତ୍ୟେକ ପ୍ରଦେଶରୁ ଜଣେ ଲେଖାଏଁ ସଦସ୍ୟ ରହିବେ (୩୩୭) ।

**୩୩୫.୧୫.** ପ୍ରତ୍ୟେକ ଆନ୍ତର୍ଜାତିକ ସମ୍ମିଳନୀ ଉତ୍ତାରେ ଆନ୍ତଜାତିର୍କ ପରିଷଦ ଏକ Nazarene Publishing House Board ନିର୍ବାଚନ କରିବ ।

**୩୩୫.୧୬.** ଯଦି ଆନ୍ତର୍ଜାତିକ ପରିଷଦର ଏଜେଣ୍ଡା କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରଦେଶ/ଦେଶକୁ ପ୍ରଭାବିତ କରେ ତେବେ ତାହାକୁ ଆନ୍ତର୍ଜାତିକ ପରିଷଦର ଅଧିକାରୀମାନଙ୍କ କମିଟି ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନ ସହିତ, ଆନ୍ତର୍ଜାତିକ ପରିଷଦକୁ ତା'ର ଦରଖାସ୍ତ/ପତ୍ର ପ୍ରେରଣ କରାଯିବ ।

**୩୩୫.୧୭.** ଆନ୍ତର୍ଜାତିକ ସମ୍ମିଳନୀ କିମ୍ବା ଆନ୍ତର୍ଜାତିକ ପରିଷଦ ଦ୍ୱାରା ଅଧିକାର ଦିଆଯାଇଥିବା ସମସ୍ତ ଦାୟୀତ୍ୱକୁ ଆନ୍ତର୍ଜାତିକ ପରିଷଦ ଯେକୌଣସି କମିଶନ୍ କିମ୍ବା କମିଶନ୍‌କୁ ଜଣାଇବ/ସୂଚନା ଦେବେ ।

**୩୩୫.୧୮.** ପରିଚାଳକମାନଙ୍କ ବିଭାଗ - ଆନ୍ତର୍ଜାତିକ ପରିଷଦ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ପରିଚାଳକମାନଙ୍କ ବିଭାଗକୁ, ଆନ୍ତର୍ଜାତିକ ପରିଷଦ ସମ୍ବିଧାନ ଏବଂ ଆନ୍ତର୍ଜାତିକ ପରିଷଦ ନିୟମ ଦ୍ୱାରା ସ୍ଥିର କରାଯାଇଥିବା କାର୍ଯ୍ୟ ପଦ୍ଧତି ଅନୁସାରେ ନିର୍ବାଚନ କରିବେ ଏବଂ ସେମାନେ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀ ସମାପ୍ତ ସମୟ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହୋଇଛନ୍ତି ସେପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ (୩୧୭.୫) ।

**୩୩୫.୧୯.** ନିମ୍ନଲିଖିତ ଧାରା ଅନୁଯାୟୀ ପରିଚାଳକମାନଙ୍କ ବିଭାଗକୁ ପ୍ରସ୍ତାବିତ କରିବେ: ଯଦି କୌଣସି ପଦସ୍ଥ ଅଧିକାରୀ ଥାଆନ୍ତି, ତେବେ ପ୍ରସ୍ତାବିତ କମିଟି "ହଁ" କିମ୍ବା "ନା" ଦ୍ୱାରା ଅନୁମୋଦନ କରିବେ । ଏହିପରି କାର୍ଯ୍ୟାଳୟଗୁଡ଼ିକ ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ଏକ ଅନୁସନ୍ଧାନ କମିଟି ଦ୍ୱାରା ଅନୁସନ୍ଧାନ କରାଯିବ ଯେପରି ଆନ୍ତର୍ଜାତିକ ପରିଷଦର ସମ୍ବିଧାନରେ ଉଲ୍ଲେଖ ଅଛି । ଏହି କମିଟି ଦୁଇ କିମ୍ବା ଅଧିକ ନାମକୁ ସେମାନଙ୍କର ଅନୁମୋଦନ ସହିତ ପ୍ରସ୍ତାବିତ କମିଟିକୁ ଆଣିବେ ।

**୩୩୫.୨୦.** ଅଧିକାରୀମାନଙ୍କର ବେତନ: ଆନ୍ତର୍ଜାତିକ ପରିଷଦ ଏକ "କାର୍ଯ୍ୟମାନ ନିର୍ଦ୍ଧାରଣ ପ୍ରତିଷ୍ଠା କରିବେ ଏବଂ ଦଲିଲ କରିବେ ଏବଂ ପ୍ରଶାସନ ବେତନ କାର୍ଯ୍ୟକ୍ରମ ଯାହା ଅଧିକାରୀମାନଙ୍କର ବିଭାଗ ଏବଂ ସେବାକାର୍ଯ୍ୟ ପରିଚାଳକ ଏବଂ ଏକ ବେତନ ଢାଞ୍ଚା ଯୋଗାଇବେ ଯାହା ଉଭୟ ଦାୟୀତ୍ୱ ଏବଂ ଯୋଗ୍ୟତାକୁ ଗ୍ରହଣ କରେ ।

**୩୩୫.୨୧.** ଆନ୍ତର୍ଜାତିକ ସମ୍ମିଳନୀ କିମ୍ବା ଆନ୍ତର୍ଜାତିକ ପରିଷଦର ମଧ୍ୟବର୍ତ୍ତୀକାଳରେ ପ୍ରସ୍ତାବ ଉପରେ / ବିଷୟରେ ଯେପରି ଆନ୍ତର୍ଜାତିକ ପରିଷଦ ସମ୍ବିଧାନ ଏବଂ ପାରା ୩୧୭.୪ରେ ଲେଖାଅଛି ସେହିପରି ଭାବରେ ଯେକୌଣସି କାର୍ଯ୍ୟାଳୟର ଖାଲି ଥିବା ପଦବୀ ପୂରଣ ହେବ ଯେପରି ପାରା ୩୩୫.୧୬ ଏବଂ ୩୩୫.୧୮ରେ ତାଲିକା କରାଯାଇଅଛି ଏବଂ ଯେକୌଣସି ଅନ୍ୟ ଅଧିକାରୀ କାର୍ଯ୍ୟାଳୟ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଗଠିତ ଆନ୍ତର୍ଜାତିକ ପରିଷଦ ଏବଂ ସେମାନଙ୍କର ନିର୍ବାଚିତ କମିଟି ଖାଲି ସ୍ଥାନ ପୂରଣ ହେବ ।

**୩୩୬.** ପାରା ୩୩୫.୧୩ ଏବଂ ୩୩୫.୧୮ରେ ସମସ୍ତ ଅଧିକାରୀ, କୌଣସି ପରିଚାଳକ ଏବଂ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ ଦ୍ୱାରା ନିଯୁକ୍ତ କୌଣସି ଅନୁଷ୍ଠାନର ମୁଖ୍ୟ ସେମାନଙ୍କର ୭୦ ବର୍ଷ ଉତ୍ତାରେ, ଆନ୍ତର୍ଜାତିକ ପରିଷଦ ସଭାରେ ଅବସର ଗ୍ରହଣ କରିପାରିବେ ।

## (ଡ) ଅବସର ଭତ୍ତା ଯୋଜନା

**୩୩୭.** ପ୍ରତ୍ୟେକ ମଣ୍ଡଳୀ ସମ୍ପର୍କିତ ଅବସର ଭତ୍ତା ଯୋଜନା ନିମନ୍ତେ ବିଶ୍ୱାସରେ ରଖାଯାଇଥିବା ଦାୟୀତ୍ୱ ସହିତ ଏକ ଅବସର ଭତ୍ତା ପରିଷଦ ଗଠିତ ହେବ । ଏହି ଯୋଜନାକୁ ଅନୁଷ୍ଠାନରେ, ଅଞ୍ଚଳରେ, ଦେଶରେ, ପ୍ରଦେଶରେ ଯେପରି ଆବଶ୍ୟକ ସେହି ରୂପେ କାର୍ଯ୍ୟକାରୀ କରି ହେବ (୩୩୫.୧୪) ।

**୩୩୭.୧.** ସାରା ବିଶ୍ୱରେ ଅବସର ଭତ୍ତା ଯୋଜନା ପ୍ରତି ଯେଉଁ ସମସ୍ତ ନିୟମାବଳୀ ଉଦ୍ଦିଷ୍ଟ ସେହି ସମସ୍ତ ନିୟମାବଳୀଗୁଡ଼ିକୁ ଆନ୍ତର୍ଜାତିକ ପରିଷଦ ପ୍ରତିଷ୍ଠା କରିବ ଏବଂ ଚାଲୁ ରଖିବ । ଆନ୍ତର୍ଜାତିକ ପରିଷଦ କୌଣସି ଅବସର ଭତ୍ତା ଯୋଜନାରୁ କୌଣସି ବ୍ୟକ୍ତିକୁ ଅର୍ଥ ଦାନ କରିବେ ଏପରି କୌଣସି ନିଶ୍ଚିତ କରେ ନାହିଁ (୩୨.୫) ।

**୩୩୭.୨.** ସମସ୍ତ ଭତ୍ତା ଯୋଜନାଗୁଡ଼ିକୁ ଏକ ଫର୍ମରେ ଆନ୍ତର୍ଜାତିକ ଅବସର ଭତ୍ତା ପରିଷଦ ମାଧ୍ୟମରେ ଆନ୍ତର୍ଜାତିକ ପରିଷଦରେ ବାର୍ଷିକ ବିବରଣୀରେ ପ୍ରଦାନ କରାହେବ (୩୨.୫) ।

## (ଢ) ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀର ସହାୟକବୃନ୍ଦ

**୩୩୮.** ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ ଦ୍ୱାରା ଯେଉଁ ଅନୁଷ୍ଠାନଗୁଡ଼ିକ ବେତନପ୍ରାପ୍ତ ହେଉଅଛନ୍ତି, ସେମାନେ ନିମ୍ନଲିଖିତ ନିୟମାବଳୀ ଅନୁସାରେ ପରିଚାଳିତ ହେବେ:

କ) ଏକ ହିଁ କେବଳ ସଭ୍ୟ:
ଯୁକ୍ତରାଷ୍ଟ୍ର ଆମେରିକାରେ ଅନ୍ତର୍ଭୁକ୍ତ ସମୟ ଅନୁଦାନ ପ୍ରାପ୍ତ ସଭ୍ୟ: "ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ" ହେବ ଏକ ହିଁ କେବଳ ସଭ୍ୟ ।

ଖ) ଅଧିକାରୀମାନଙ୍କ ପରିଷଦର ସଦସ୍ୟତା:

୧. ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଜଣେ ନିର୍ଦ୍ଦେଶକ ପଦବଳରେ ସଭ୍ୟ ହେବେ ।
୨. ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ଅନୁଷ୍ଠାନର ଜଣେ ବୟସ୍କ କାର୍ଯ୍ୟକାରୀ ନିଯୁକ୍ତ ହେବେ ।

- ଅନ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକଗଣଙ୍କ ପରାମର୍ଶରେ ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ସମସ୍ତ ନିର୍ଦ୍ଦେଶକ ପ୍ରସ୍ତାବିତ ହେବେ ।
- ଏକ ସଭ୍ୟ ପ୍ରତିବଦଳରେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ସମସ୍ତ ନିର୍ଦ୍ଦେଶକ ନିର୍ବାଚିତ ହେବେ । ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ ନ ହୋଇଛନ୍ତି ।
- ବହିଷ୍କାର: ଯେକୌଣସି ଜଣେ କିମ୍ବା ଅଧିକ ନିର୍ଦ୍ଦେଶକ କାରଣରେ କିମ୍ବା ବିନା କାରଣରେ ଏକକ ସଭ୍ୟ ପ୍ରତିବଦଳରେ କାର୍ଯ୍ୟକାରୀ ଥିବା ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଭୋଟ୍ ଦ୍ୱାରା ବହିଷ୍କାର ହୋଇପାରିବେ ।

(ଗ) କାର୍ଯ୍ୟକାରୀ ଏବଂ ଅଧିକାରୀ:
କାର୍ଯ୍ୟକାରୀମାନଙ୍କର ସଂଖ୍ୟା ଏବଂ ଉପାଧି ସେମାନଙ୍କର ସମ୍ବିଧାନ ଅନୁଯାୟୀ ନିର୍ଦ୍ଧାରଣ କରାଯିବ ।

(ଘ) ପ୍ରତିଷ୍ଠାନର ସଭା:

- ଏକକ ସଭ୍ୟ (ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ) ଦ୍ୱାରା ସମୟ ଏବଂ ସ୍ଥାନ ନିରୂପିତ ହୋଇ ଏକକ ସଭ୍ୟର ସଭାଗୁଡ଼ିକ ହେବ ।
- ପ୍ରତିଷ୍ଠାନର ଅଧିକାରୀମାନଙ୍କର ସଭାଗୁଡ଼ିକ ପ୍ରତିଷ୍ଠାନର ଇଚ୍ଛା ଅନୁଯାୟୀ ସ୍ଥାନଗୁଡ଼ିକରେ ହେବ ।
- ପ୍ରତିଷ୍ଠାନର ଅଧିକାରୀଗଣ ମନୋନୀତ ଏବଂ ବରଖାସ୍ତ ହୁଅନ୍ତି ସହାୟକ ସମ୍ବିଧାନ ଅନୁଯାୟୀ ।

## (ଣ) ନାଜରିନ୍ ଛାପାଖାନା

**୩୩୯.** ନାଜରିନ୍ ଛାପାଖାନାର ଲକ୍ଷ୍ୟ ହେଉଛି, ନାଜରିନ୍ ମଣ୍ଡଳୀର ଉପକାର ନିମନ୍ତେ ପୁସ୍ତକ ଛପାଇବା ।

## (ତ) ଆନ୍ତର୍ଜାତିକ ଖ୍ରୀଷ୍ଟିୟାନ କାର୍ଯ୍ୟାନୁଷ୍ଠାନ କମିଟି

**୩୪୦.** ଆନ୍ତର୍ଜାତିକ ସମ୍ମିଳନୀ ଉତ୍ତାରେ ପ୍ରଧାନ ଅଧ୍ୟକ୍ଷ ପରିଷଦ ଏକ ଆନ୍ତର୍ଜାତିକ ଖ୍ରୀଷ୍ଟିୟାନ କମିଟି ନିଯୁକ୍ତ କରିବେ । ଏହି କମିଟି ସଭ୍ୟମାନଙ୍କ ମଧ୍ୟରୁ ଆନ୍ତର୍ଜାତିକ ସମ୍ପାଦକ ଜଣେ ସଭ୍ୟ ରହିବେ ଯେ ଏହି କମିଟିର କାର୍ଯ୍ୟର ବିବରଣୀ ଆନ୍ତର୍ଜାତିକ ପରିଷଦକୁ ପ୍ରଦାନ କରିବେ ।

ଆନ୍ତର୍ଜାତିକ ଖ୍ରୀଷ୍ଟିୟାନ କାର୍ଯ୍ୟାନୁଷ୍ଠାନ କମିଟିର କାର୍ଯ୍ୟ:

**୩୪୦.୧.** ମଣ୍ଡଳୀର ସିଦ୍ଧାନ୍ତ ସହିତ ଖାପ ଖାଉଥିବା ସାମାଜିକ ବିଷୟଗୁଡ଼ିକ ଏବଂ ବର୍ତ୍ତମାନର ଅନ୍ୟାନ୍ୟ ନୈତିକ ବିଷୟ ଉପରେ ଓ ଜୁଆ ଖେଳ, ଡ୍ରଗ୍ସ, ଧୂମପାନ, ମଦ୍ୟପାନ ବିଷୟଗୁଡ଼ିକ ଉପରେ ଗଠନମୂଳକ ସୂଚନା ବିକାଶ କରିବା ଏବଂ ଯୋଗାଇବା ଏବଂ ଅନୁଷ୍ଠାନରେ ଥିବା ଯୋଗାଯୋଗ ମାଧ୍ୟମରେ ଏହାକୁ ପ୍ରଘଟ କରିବା ।

**୩୪୦.୨.** ଖ୍ରୀଷ୍ଟୀୟ ପରିବାରରେ ପବିତ୍ର ବିବାହକୁ ଗୁରୁତ୍ୱ ଦେବା ଏବଂ ଛାଡ଼ପତ୍ରର ମନ୍ଦତା ଓ ସମସ୍ୟା ଉପରେ ଜଣାଇବା ।

ନିର୍ଦ୍ଦିଷ୍ଟ ଭାବରେ ଏହି କମିଟି ବାଇବଲ ଯୋଜନା ଅନୁଯାୟୀ ବିବାହର ଯୋଜନାର ଗୁରୁତ୍ୱକୁ ଜଣାଇବେ ଯେପରି ଏହା ଏକ ଆଜୀବନ ପ୍ରତିଜ୍ଞା ଏବଂ କେବଳ ମୃତ୍ୟୁ ଏହାକୁ ବିଚ୍ଛେଦ କରିପାରିବ ।

**୩୪୦.୩.** ସାମାଜିକ ଏବଂ ନାଗରିକ ଧାର୍ମିକତା ନିମନ୍ତେ ଅନୁଷ୍ଠାନଗୁଡ଼ିକରେ ନେତୃତ୍ୱ ଦେବାକୁ ଲୋକମାନଙ୍କୁ ପ୍ରୋତ୍ସାହିତ କରିବେ ।

**୩୪୦.୪.** ସଦାପ୍ରଭୁଙ୍କ ଦିବସକୁ ପ୍ରତିପାଳନ କରିବା, ପବିତ୍ର ନିୟମକୁ ମାନିବା, ମନୋରଞ୍ଜନ ଯାହା ଖ୍ରୀଷ୍ଟିୟାନ ନୈତିକତାକୁ ଧ୍ୱଂସ କରେ ଏବଂ ଅନ୍ୟାନ୍ୟ ବିଷୟ ପ୍ରତି ଲୋକମାନଙ୍କୁ ସଚେତନ କରିବେ (୨୯.୨) ।

**୩୪୦.୫.** ପ୍ରତ୍ୟେକ ଅଞ୍ଚଳରେ ଏହିପରି କାର୍ଯ୍ୟାନୁଷ୍ଠାନ କମିଟି କରିବାକୁ ସହଯୋଗ କରିବେ ।

**୩୪୦.୬.** ଦେଶରେ ଏବଂ ବିଦେଶରେ ଥିବା ନୈତିକ ସମସ୍ୟାକୁ ପ୍ରାଧାନ୍ୟତା ଦେଇ ଧର୍ମଶାସ୍ତ୍ରର ଦୃଷ୍ଟିକୋଣରୁ ଉପସ୍ଥାପନ କରିବେ ।

## (ଥ) ଈଶ୍ୱର ଆହୂତ ସୁସମାଚାର ପ୍ରଚାରକଙ୍କ ପ୍ରୋତ୍ସାହନ ନିମନ୍ତେ କମିଟି

**୩୪୧.** ଏହି କମିଟି ଉଦ୍ଦୀପନା କାର୍ଯ୍ୟକ୍ରମର ସଞ୍ଚାଳକ, ଯେ କି ପଦବଳରେ ସଭାପତି ହେବେ, ୪ ଜଣ ସ୍ଥାୟୀ ସୁସମାଚାର ପ୍ରଚାରକ ଏବଂ ଜଣେ ପାଳକ ଏହି ସମସ୍ତଙ୍କୁ ନେଇ ଗଠିତ ହେବ । USA / CANADA କାର୍ଯ୍ୟାଳୟ ନିର୍ଦ୍ଦେଶକ, ଉଦ୍ଦୀପନା ସଞ୍ଚାଳକଙ୍କ ସହିତ ପରାମର୍ଶ କରି ଏହି କମିଟି ନିମନ୍ତେ ନୋମିନି / ପ୍ରସ୍ତାବିତମାନଙ୍କର ଏକ ତାଲିକା ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦକୁ ଅନୁମୋଦନ ନିମନ୍ତେ ଏବଂ ନିଯୁକ୍ତି ନିମନ୍ତେ ପ୍ରଦାନ କରିବେ । ଏହି କମିଟି ବ୍ୟକ୍ତିଗତ ଭାବରେ ଯେଉଁମାନଙ୍କୁ ସେମାନଙ୍କର ଅଞ୍ଚଳ ସ୍ଥାୟୀ ନିଯୁକ୍ତି ପାଇଁ ଅନୁମୋଦନ କରିଥିବେ ସେମାନଙ୍କୁ ସାକ୍ଷାତ କରିବେ ।(୩୧୭.୭, ୫୧୦.୩) ।

## (ଦ) ଆନ୍ତର୍ଜାତିକ ଶିକ୍ଷା-ବିକାଶ ପରିଷଦ କମିଟି

**୩୪୨.** ଆନ୍ତର୍ଜାତିକ ସମ୍ମିଳନୀ ଉତ୍ତାରେ, ବିଶ୍ୱ ମଣ୍ଡଳୀ ପରିଚାଳକ ବିକାଶର ନିର୍ଦ୍ଦେଶକ ପ୍ରାଦେଶିକ ଶିକ୍ଷା ସଞ୍ଚାଳକଙ୍କ ସହିତ ପରାମର୍ଶ କରି ଏହି କମିଟିର ଦାୟୀତ୍ୱ ନେବାକୁ ଏକ ନାମ ତାଲିକା ପ୍ରସ୍ତାବ କରିବେ । ଏହି କମିଟିରେ, ପାଳକୀୟ ପ୍ରାର୍ଥୀ, ପ୍ରଶାସନିକ ପ୍ରାର୍ଥୀ, ଶିକ୍ଷା ବିଭାଗର ପ୍ରାର୍ଥୀ ଏବଂ ସାଧାରଣ

ପ୍ରତିନିଧି ରହିବେ । ଏହି କମିଟି ବିଶ୍ୱମଣ୍ଡଳୀକୁ ପ୍ରତିନିଧିତ୍ୱ କରିବ । ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଏହି କମିଟିକୁ ୪ ବର୍ଷ କାର୍ଯ୍ୟ କରିବାକୁ ନିଯୁକ୍ତ ଦେବେ (୫୨୯.୧, ୫୨୯.୨, ୫୨୯.୫) ।

## (ଧ) ବିଶ୍ୱ NYI

**୩୪୩.** NYIର ଆନୁକୂଲ୍ୟରେ, NYI ସମ୍ବିଧାନ ଅନୁଯାୟୀ ଏବଂ NYI ପାଇଁ ଅଧିକାରୀ ଥିବା ପ୍ରଧାନ ଅଧ୍ୟକ୍ଷ ଓ ଆନ୍ତର୍ଜାତିକ ପରିଷଦ ଅଧିନରେ ବିଶ୍ୱବ୍ୟାପୀ ନାଜରିନ୍ ଯୁବ ସେବାକାର୍ଯ୍ୟ ଗଠିତ ହୋଇଛି । ସ୍ଥାନୀୟ ଦଳଗୁଡ଼ିକୁ, ଅଞ୍ଚଳର ପ୍ରତିଷ୍ଠାନଗୁଡ଼ିକୁ ଏବଂ ସଭ୍ୟମାନଙ୍କୁ ଓ ବିଶ୍ୱବ୍ୟାପୀ NYIମାନଙ୍କୁ ନେଇ ବିଶ୍ୱ NYI ଗଠିତ । ଏହା NYIର ସମ୍ବଧାନ ଏବଂ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା NYI ସେବାକାର୍ଯ୍ୟର ଅନୁମୋଦିତ ଯୋଜନା ଅନୁଯାୟୀ ପରିଚାଳିତ ହେବ ।

**୩୪୩.୧.** ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ, ବିଶ୍ୱ NYI କାଉନ୍‌ସିଲ୍ ସହିତ ପରାମର୍ଶ କରି ୪ ବର୍ଷରେ ଥରେ ବିଶ୍ୱ NYI କନ୍‌ଭେନ୍‌ସନ୍ ହେବା ନିମନ୍ତେ ଏକ ସମୟ ନିର୍ଣ୍ଣୟ କରିବେ । ଯେପରି ବିଶ୍ୱ NYI ସେବାକାର୍ଯ୍ୟ ଯୋଜନାରେ ନିର୍ଦ୍ଧାରଣ କରାଯାଇଛି ସେହି ରୂପେ ୪ ବର୍ଷରେ ଥରେ କନ୍‌ଭେନ୍‌ସନ୍ ନିମନ୍ତେ ପ୍ରାର୍ଥୀମାନଙ୍କୁ ନେଇ ଏହି କନ୍‌ଭେନ୍‌ସନ୍ ଗଠିତ ହେବ । (୮୧୦) ।

**୩୪୩.୨.** NYIର ବିଶ୍ୱ କାଉନ୍‌ସିଲ୍‌ର ଏକ ସଭାପତିଙ୍କୁ ଏହି କନ୍‌ଭେନ୍‌ସନ୍ ନିର୍ବାଚିତ କରିବ । ଆନ୍ତର୍ଜାତିକ ସମ୍ମିଳନୀ ସମୟରେ କିମ୍ବା ଉତ୍ତାରେ ପ୍ରଥମ ସଭାରେ NYIର ବିଶ୍ୱ କାଉନ୍‌ସିଲ୍ ଦ୍ୱାରା ବିଶ୍ୱ NYIର ଉପସଭାପତି ନିର୍ବାଚିତ ହେବେ । ସଭାପତି ଏବଂ ଉପସଭାପତି ପଦବଳରେ କାଉନ୍‌ସିଲ୍‌ର ସଭ୍ୟ ରହିବେ ଏବଂ ସେମାନେ ଅବୈତନିକ ରହିବେ ।

**୩୪୩.୩.** ବିଶ୍ୱ NYI ସେବାକାର୍ଯ୍ୟ ଯୋଜନା ଦ୍ୱାରା ଯେପରି ନିର୍ଦ୍ଧାରଣ କରାଯାଇଅଛି ପ୍ରତ୍ୟେକ ପ୍ରଦେଶରୁ ପ୍ରତିନିଧି ଏବଂ ଉପସଭାପତି ଓ ସଭାପତିଙ୍କୁ

ନେଇ ବିଶ୍ୱ NYI କାଉନ୍ସିଲ୍ ଗଠିତ । NYIର ନିର୍ଦ୍ଦେଶକ ପଦବଳରେ କାଉନ୍ସିଲ୍‌କୁ ପରିଚାଳନା କରିବେ । ବିଶ୍ୱ ମିଶନ୍ କମିଟି ଏବଂ NYI ନିମନ୍ତେ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କ ମାଧ୍ୟମରେ ଏହି କାଉନ୍ସିଲ୍ ଆନ୍ତର୍ଜାତିକ ପରିଷଦ ପ୍ରତି ଉତ୍ତରାଦାୟୀ ଅଟେ ଏବଂ NYI ସମ୍ବିଧାନ ଓ ବିଶ୍ୱ NYI ସେବାକାର୍ଯ୍ୟର ଯୋଜନା ଅନୁଯାୟୀ ନିଜକୁ ପରିଚାଳନା କରିବେ । ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀ ପର୍ଯ୍ୟନ୍ତ ବିଶ୍ୱ NYI କାଉନ୍ସିଲ୍‌ର ସଭ୍ୟଗଣ ଦାୟୀତ୍ୱ ତୁଲାଇବେ ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହୋଇଛନ୍ତି । (୮୧୦)

**୩୪୩.୪.** ବିଶ୍ୱ NYI କାଉନ୍ସିଲ୍ ଦ୍ୱାରା କରାଯାଇଥିବା ପ୍ରସ୍ତାବିତମାନଙ୍କ ମଧ୍ୟରୁ, ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ବିଶ୍ୱ NYI କାଉନ୍ସିଲ୍‌ର ସଭାପତିଙ୍କ ଦ୍ୱାରା ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ପରିଷଦରେ ବିଶ୍ୱ NYI ପ୍ରତିନିଧିତ୍ୱ କରିପାରିବ (୩୩୦.୪, ୩୩୩.୩) ।

**୩୪୩.୫.** ବିଶ୍ୱ NYI କାଉନ୍ସିଲ୍‌ର ସଭାପତିଙ୍କ ଦ୍ୱାରା ତାଙ୍କର କାର୍ଯ୍ୟକାଳ ସମାପ୍ତ ସମୟରେ ଆନ୍ତର୍ଜାତିକ ସମ୍ମିଳନୀର ବିଶ୍ୱ NYI ପ୍ରତିନିଧିତ୍ୱ କରିପାରିବ (୩୦୧) ।

## (ନ) ବିଶ୍ୱ ନାଜରିନ୍ ମିଶନ୍ କାଉନ୍ସିଲ୍ (NMI)

**୩୪୪.** NMIର ସମ୍ବିଧାନ ଅନୁଯାୟୀ ନିର୍ବାଚିତ ବ୍ୟକ୍ତିଗଣ ଏବଂ ନିର୍ଦ୍ଧାରିତ ହୋଇଥିବା ସଦସ୍ୟଗଣ ଏବଂ ବିଶ୍ୱ ନିର୍ଦ୍ଦେଶକ ଏବଂ ବିଶ୍ୱ ସଭାପତିଙ୍କୁ ନେଇ ବିଶ୍ୱ NMI କାଉନ୍ସିଲ୍ ଗଠିତ ।

**୩୪୪.୧.** NMIର ସମ୍ବିଧାନ ଦ୍ୱାରା ବିଶ୍ୱ କାଉନ୍ସିଲ୍ ପରିଚାଳିତ ହେବ । ଆନ୍ତର୍ଜାତିକ ପରିଷଦର ବିଶ୍ୱ ମିଶନ୍ କମିଟିକୁ ବିଶ୍ୱ କାଉନ୍ସିଲ୍ ରିପୋର୍ଟ କରିବ (୮୧୦) ।

**୩୪୪.୨.** NMI ବିଶ୍ୱ ନିର୍ଦ୍ଦେଶକଙ୍କର ପ୍ରସ୍ତାବ ଏବଂ ନିର୍ବାଚନ ।

ବିଶ୍ୱ NMI ନିର୍ଦ୍ଦେଶକଙ୍କ ପଦବୀ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚିହ୍ନଟ କରିବାକୁ ବିଶ୍ୱ NMI ଅଧିକାରୀ କମିଟି ଏବଂ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷ ଏକ ଅନୁସନ୍ଧାନ କମିଟି ଗଠନ କରିବେ । ଆନ୍ତର୍ଜାତିକ ପରିଷଦର ବିଶ୍ୱ ମିଶନ୍ କମିଟିକୁ ଦୁଇଟି ଉପଯୁକ୍ତ ପ୍ରାର୍ଥୀଙ୍କ ନାମ ପ୍ରଦାନ କରାଯିବ ।

ଆନ୍ତର୍ଜାତିକ ପରିଷଦର ବିଶ୍ୱ ମିଶନ୍ କମିଟି ସହିତ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷ ଦିଆଯାଇଥିବା ଦୁଇଟି ନାମକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ନିର୍ବାଚିତ ହେବା ପାଇଁ ପ୍ରଦାନ କରାଯିବ ।

ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦିଆଯାଇଥିବା ଦୁଇଟି ନାମକୁ ଗୋଟିଏ ନାମ ଭୋଟ୍ ଦ୍ୱାରା ନିର୍ଣ୍ଣୟ କରିବେ ।

ବିଶ୍ୱ NMI ନିର୍ଦ୍ଦେଶକ ବିଶ୍ୱ NMI କାଉନ୍‌ସିଲ୍‌ର ପଦବଳରେ ଜଣେ ସଭ୍ୟ ହେବେ ଏବଂ ବିଶ୍ୱ ମିଶନ୍‌ର ଜଣେ ସଭ୍ୟ ହେବେ ।

**୩୪୪.୩.** NMIର ବିଶ୍ୱ କାଉନ୍‌ସିଲ୍ ଦ୍ୱାରା ପ୍ରସ୍ତାବିତ ନାମ ମଧ୍ୟରୁ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ନିର୍ବାଚିତ ଜଣେ ସଭ୍ୟଙ୍କ ଦ୍ୱାରା ଆନ୍ତର୍ଜାତିକ ପରିଷଦରେ ବିଶ୍ୱ NMI ପ୍ରତିନିଧି ହୋଇପାରିବ (୩୩୨.୫, ୩୩୩.୪) ।

**୩୪୪.୪.** ଆନ୍ତର୍ଜାତିକ ସମ୍ମିଳନୀର ନିୟମିତ ସଭା ପୂର୍ବରୁ NMIର ବିଶ୍ୱ କାଉନ୍‌ସିଲ୍‌ର ନିର୍ଦ୍ଦେଶରେ ଚତୁଃବର୍ଷୀୟ କନ୍‌ଭେନ୍‌ସନ୍ ହେବ । (୮୧୦) ।

## (ପ) ଜାତୀୟ ବା ଦେଶୀୟ ପରିଷଦ

**୩୪୫.** ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅନୁମୋଦନରେ ସେହି ଦେଶରେ ଥିବା ମଣ୍ଡଳୀର ରଣନୀତି ଏବଂ ଲକ୍ଷକୁ ସାହାଯ୍ୟ କରିବାକୁ ଯେବେ ଏକ ଅସ୍ତିତ୍ୱର ଆବଶ୍ୟକ ହୋଇଥାଏ ସେତେବେଳେ ଦେଶୀୟ ପରିଷଦ ଗଠିତ ହୋଇଥାଏ । ଏକ ଦେଶୀୟ ପରିଷଦ ତା'ର ସୀମା ବୃଦ୍ଧି କରିବାର ଅଧିକାର ଅଛି ଯେପରି ପ୍ରାଦେଶିକ ନିର୍ଦ୍ଦେଶକ ଏବଂ ସେହି ଦେଶର ପର୍ଯ୍ୟାୟ – ୩ ଅଞ୍ଚଳର ଉପଦେଷ୍ଟା ପରିଷଦ

ଦ୍ୱାରା ଏବଂ ସେହି ପ୍ରଦେଶର ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନ ଦ୍ୱାରା ଏବଂ ସେହି ଦେଶର ଅଞ୍ଚଳଗୁଡ଼ିକର ଅନୁମୋଦନ ଦ୍ୱାରା ହୋଇପାରିବ ଯଦ୍ୱାରା ପ୍ରାଦେଶିକ ରଣନୀତିର ସଂପୂର୍ଣ୍ଣ କରିବାରେ ମଣ୍ଡଳୀର ପ୍ରତିବଦ୍ଧଳରେ କାର୍ଯ୍ୟ କରିବ । ଯେବେ ଦେଶୀୟ ପରିଷଦର ଆଉ ଆବଶ୍ୟକତା ନାହିଁ ବୋଲି ବିବେଚନା କରାଯାଏ, ତେବେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ଦେଶୀୟ ପରିଷଦକୁ ଭାଙ୍ଗି ଦିଆଯିବ ।

ପ୍ରତ୍ୟେକ ଦେଶୀୟ ପରିଷଦର ସଦସ୍ୟତା ଏବଂ ଢାଞ୍ଚା ଏପରି ହେବା ଆବଶ୍ୟକ ଯେ ଯାହା ପ୍ରଧାନ ଅଧ୍ୟକ୍ଷଙ୍କ ଫାଇଲ୍ ପରିଷଦ ଦ୍ୱାରା ଅନୁମୋଦିତ ହେଉଥିବ ।

ଅନୁଷ୍ଠାନର ଏହି ପରିଷଦର ଅନୁଚ୍ଛେଦର ଏକ ନକଲ ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ସମ୍ପାଦକଙ୍କଠାରେ ଫାଇଲ୍ କରାଯିବ । ଦେଶୀୟ ପରିଷଦର ବାର୍ଷିକ ଏବଂ ବିଶେଷ ସଭାଗୁଡ଼ିକର ମିନିଟ୍, ଆନ୍ତର୍ଜାତିକ ସମ୍ପାଦକଙ୍କୁ ଦେବା ପୂର୍ବରୁ ଏବଂ ଆନ୍ତର୍ଜାତିକ ପରିଷଦ ଦ୍ୱାରା ସମୀକ୍ଷା ଏବଂ ସଠିକ୍ କରାଯିବା ପୂର୍ବରୁ, ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍ ଦ୍ୱାରା ସମୀକ୍ଷା ହେବା ଆବଶ୍ୟକ ।

## (ଫ) ପ୍ରଦେଶ (The Region)

**୩୪୬.** ଉତ୍ପତ୍ତି ଏବଂ ଉଦ୍ଦେଶ୍ୟ । ବିଶ୍ୱବ୍ୟାପୀ ମଣ୍ଡଳୀ ବୃଦ୍ଧିରେ ଭୌଗଳିକ ପରିସୀମାକୁ ନେଇ କେତେକ ଅଞ୍ଚଳ ଏକ ଏକ ଦଳ ପରି ବିକାଶ ଲାଭ କଲା ଏବଂ ସେହି ଭୌଗଳିକ ପରିସୀମାଗୁଡ଼ିକୁ ପ୍ରଦେଶ ବୋଲି ଚିହ୍ନିତ କରାଗଲା । ଅଞ୍ଚଳଗୁଡ଼ିକର ଏକ ଦଳ ନାଜରିନ୍ ମଣ୍ଡଳୀର ଆନ୍ତର୍ଜାତିକ ପ୍ରଶାସନ ପ୍ରତି ଉତ୍ତରଦାୟୀ ଅଟେ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଓ ଆନ୍ତର୍ଜାତିକ ପରିଷଦର କାର୍ଯ୍ୟାନୁଷ୍ଠାନ ଦ୍ୱାରା, କ୍ଷେତ୍ରକୁ ଏବଂ ସଂସ୍କୃତିକୁ ଦୃଷ୍ଟିରେ ରଖି ଏକ ପ୍ରଶାସନିକ ପ୍ରଦେଶ ଗଠନ କରାଯାଇପାରେ ।

**୩୪୬.୧.** ପ୍ରାଦେଶିକ ନୀତି – ଅପ୍ରତିସମ ସହିତ ଧ୍ୟାନ ଦେଇ ସଂଗଠନ ପ୍ରତି ଆଗେଇବା, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଏବଂ ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍‌ର

ପରାମର୍ଶରେ ନିର୍ଦ୍ଦିଷ୍ଟ ଆବଶ୍ୟକ, ସାମ୍ଭାବ୍ୟ ସମସ୍ୟାଗୁଡ଼ିକ, ପରିଦୃଷ୍ଟ, ବାସ୍ତବତା, ନାନାବିଧ ସଂସ୍କୃତି ଏବଂ ଶିକ୍ଷାର ପୃଷ୍ଠଭୂମି, ସେମାନଙ୍କ ନିର୍ଦ୍ଦିଷ୍ଟ ଭୌଗଳିକ କ୍ଷେତ୍ରରେ ଏହିସବୁକୁ ଧ୍ୟାନ ଦେଇ ପ୍ରଶାସନିକ ପ୍ରଦେଶ ଗଠନ କରିପାରିବେ ଯାହା ବିଶ୍ୱାସର ଅନୁଚ୍ଛେଦ, ପବିତ୍ରତା ସିଦ୍ଧାନ୍ତ ପ୍ରତି ସହଯୋଗ କରିବା ସହିତ ଅପରିବର୍ତ୍ତନୀୟ ଚୁକ୍ତି ଅବଲମ୍ବନ କରିବ ।

**୩୪୬.୨.** ପ୍ରଦେଶଗୁଡ଼ିକର ମୌଳିକ କାର୍ଯ୍ୟ:

୧. ନୂତନ କ୍ଷେତ୍ରଗୁଡ଼ିକରେ, ଅଞ୍ଚଳଗୁଡ଼ିକରେ ଏବଂ ଅନୁଷ୍ଠାନଗୁଡ଼ିକରେ ନାଜରିନ୍ ମଣ୍ଡଳୀର ଲକ୍ଷ୍ୟକୁ କାର୍ଯ୍ୟକାରୀ କରାଇବା ।

୨. ସମୟେ ସମୟେ ଅଞ୍ଚଳର ଏବଂ ଅନୁଷ୍ଠାନର ପ୍ରତିନିଧିଗଣଙ୍କୁ ଏକତ୍ର କରି ଯୋଜନା, ପ୍ରାର୍ଥନା ଏବଂ ପ୍ରୋତ୍ସାହନ କରିବା ଯେପରି ରଣନୀତି ସଂପୂର୍ଣ୍ଣ ହୋଇପାରିବ ।

୩. ଆନ୍ତର୍ଜାତିକ ପରିଷଦ ନିର୍ବାଚନ ନିମନ୍ତେ, ଆନ୍ତର୍ଜାତିକ ସମ୍ମିଳନୀ ଏବଂ ବିଶ୍ୱ କନ୍‌ଭେନ୍‌ସନ୍‌କୁ ପ୍ରାର୍ଥୀ ପ୍ରସ୍ତାବ କରିବେ ।

୪. ମାନୁଆଲ୍ ଅନୁଯାୟୀ, ସ୍କୁଲ, କଲେଜ୍ ଏବଂ ଅନୁଷ୍ଠାନ ପ୍ରତିଷ୍ଠା କରିବେ ଏବଂ ରକ୍ଷଣାବେକ୍ଷଣ କରିବେ ।

୫. ନୀତି ଅନୁଯାୟୀ ପ୍ରଦେଶରୁ ମିଶନାରୀ ପ୍ରାର୍ଥୀଙ୍କୁ ସମୀକ୍ଷା କରିବାକୁ ଏବଂ ନିଯୁକ୍ତି ଦେବାକୁ ଅଧିକାର ଦେବେ (୩୪୬.୩) ।

୬. ପ୍ରଦେଶ ନିମନ୍ତେ ଉପଦେଷ୍ଟା କାଉନ୍‌ସିଲ୍ ଏବଂ ମହାସଭାର ଯୋଜନା କରିବେ ।

୭. ଯେପରି ପାରା ୩୪୫ ଏବଂ ୩୪୬.୩ରେ ଲେଖାଅଛି ସେପରି ଦେଶୀୟ ପରିଷଦକୁ ସାହାଯ୍ୟ କରିବେ ।

**୩୪୬.୩.** ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍:

ପ୍ରାଦେଶିକ ନିର୍ଦ୍ଦେଶକଙ୍କୁ ପ୍ରଦେଶ ନିମନ୍ତେ ରଣନୀତି ବିକାଶରେ, ଆନ୍ତର୍ଜାତିକ ସମ୍ପାଦକଙ୍କ ନିକଟକୁ ଦେଶୀୟ ପରିଷଦର ମିନିଟ୍‌କୁ ପ୍ରେରଣ କରିବା

ପୂର୍ବରୁ ତର୍ଜମା କରି ଅନୁମୋଦନ କରିବା କିମ୍ବା ଖାରଜ କରିବା, ବିଶ୍ୱ ନିଯୁକ୍ତି ନିମନ୍ତେ ଆନ୍ତର୍ଜାତିକ ପରିଷଦ ପ୍ରତି ମିଶନାରୀ ପ୍ରାର୍ଥୀମାନଙ୍କୁ ସାକ୍ଷାତ କରିବେ / interview, ପ୍ରାଦେଶିକ ନିର୍ଦ୍ଦେଶକଙ୍କ ରିପୋର୍ଟ ଗ୍ରହଣ କରିବେ, F.S.C. ରିପୋର୍ଟ ଏବଂ ମିଶନାରୀ ସଂଯୋଜକଙ୍କ ରିପୋର୍ଟ ଗ୍ରହଣ କରିବେ ଏହି ସମସ୍ତ କାର୍ଯ୍ୟରେ ସହଯୋଗ କରିବେ ।

ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍‌ର ସଦସ୍ୟତା ଆବଶ୍ୟକତା ଅନୁଯାୟୀ ବୃଦ୍ଧି କରାଯାଇପାରେ । ଏହି କାଉନ୍‌ସିଲ୍‌ର ସଭ୍ୟମାନଙ୍କୁ ପ୍ରାଦେଶିକ ନିର୍ଦ୍ଦେଶକ, ବିଶ୍ୱ ମିଶନ୍ ନିର୍ଦ୍ଦେଶକ ଏବଂ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କୁ ଅନୁମୋଦନ କରିବେ । ପଦବଳରେ ପ୍ରଧାନ ଅଧ୍ୟକ୍ଷ, ବିଶ୍ୱ ମିଶନ୍ ନିର୍ଦ୍ଦେଶକ ଏବଂ ପ୍ରାଦେଶିକ ନିର୍ଦ୍ଦେଶକ ସଭାପତି ରହିବେ । ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍‌ର ସଭ୍ୟଗଣ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରଦେଶର ବୃହତ୍ ଦଳ ମଧ୍ୟରେ ଥିବା କ୍ଷୁଦ୍ର ଦଳ ଦ୍ୱାରା ନିର୍ବାଚିତ ହେବେ । ଆନ୍ତର୍ଜାତିକ ସମ୍ମିଳନୀ ମଧ୍ୟରେ ଥିବା କୌଣସି ଶୂନ୍ୟ ସ୍ଥାନକୁ ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍ ଦ୍ୱାରା ପୂରଣ ହେବ ।

ପ୍ରାଦେଶିକ ନିର୍ଦ୍ଦେଶକ, କାଉନ୍‌ସିଲ୍ ସହିତ ପରାମର୍ଶ କରି ପ୍ରାଦେଶିକ କନ୍‌ଫରେନ୍‌ସ୍ (ସମ୍ମିଳନୀ) ପରିଚାଳନା କରିବେ (୩୨.୫) ।

**୩୪୬.୪.** ପ୍ରାଦେଶିକ ନିର୍ଦ୍ଦେଶକ । ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ବିଶ୍ୱ ମିଶନ୍ ନିର୍ଦ୍ଦେଶକ ଏବଂ ଆନ୍ତର୍ଜାତିକ ପରିଷଦ ସହିତ ପରାମର୍ଶ କରି ପ୍ରାଦେଶିକ ନିର୍ଦ୍ଦେଶକଙ୍କୁ ନିର୍ବାଚିତ କରିବେ । ସେ ନାଜରିନ୍ ମଣ୍ଡଳୀର ନୀତି ନିୟମ ଅନୁଯାୟୀ ଅଞ୍ଚଳଗୁଡ଼ିକୁ, ମଣ୍ଡଳୀଗୁଡ଼ିକୁ ନେତୃତ୍ୱ ଦେବେ ଯେପରି ମଣ୍ଡଳୀର ଲକ୍ଷ୍ୟ, ରଣନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକ ସଂପୂର୍ଣ୍ଣ ହେବ ।

ଏକ ପ୍ରାଦେଶିକ ନିର୍ଦ୍ଦେଶକର ପୁନଃ ନିର୍ବାଚନ ପୂର୍ବରୁ ବିଶ୍ୱ ମିଶନ୍ ନିର୍ଦ୍ଦେଶକ ଏବଂ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷ ଦ୍ୱାରା ପ୍ରାଦେଶିକ ଉପଦେଷ୍ଟା କାଉନ୍‌ସିଲ୍ ସହିତ ପରାମର୍ଶ କରି ସମୀକ୍ଷା କରିବେ । ଏକ ସକାରାତ୍ମକ ସମୀକ୍ଷା ପୁନଃ ନିର୍ବାଚନ ନିମନ୍ତେ ଅନୁମୋଦନ କରିବ ।

ପ୍ରତ୍ୟେକ ପ୍ରାଦେଶିକ ନିର୍ଦ୍ଦେଶକ ବିଶ୍ୱ ମିଶନ୍ ପ୍ରତି, ଆନ୍ତର୍ଜାତିକ ପରିଷଦ ପ୍ରତି ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ପ୍ରତି ଉତ୍ତରଦାୟୀ ହେବେ ।

**୩୪୬.୫.** କ୍ଷେତ୍ର ପ୍ରଶାସନିକ ସଂଯୋଜକ (FSC) । ଯେତେବେଳେ ଆବଶ୍ୟକ ଉପଲବ୍ଧ କରାଯାଏ ପ୍ରାଦେଶିକ ନିର୍ଦ୍ଦେଶକ ପ୍ରଦେଶର ଏକ କ୍ଷେତ୍ର ଢାଞ୍ଚା ଗଠନ କରିପାରିବେ ଏବଂ ଆନୁଆଲ୍‌ର ଧାରା ଅନୁସାରେ ଓ ବିଶ୍ୱ ମିଶନ୍ ନୀତି ଅନୁଯାୟୀ (FSC) କ୍ଷେତ୍ର ରଣନୀତି ସଂଯୋଜକର ନିଯୁକ୍ତି ନିମନ୍ତେ ବିଶ୍ୱ ମିଶନ୍ ନିର୍ଦ୍ଦେଶକଙ୍କୁ ଅନୁମୋଦନ କରିବେ । କ୍ଷେତ୍ର ରଣନୀତି ସଂଯୋଜକ (FSC) ପ୍ରାଦେଶିକ ନିର୍ଦ୍ଦେଶକଙ୍କ ପ୍ରତି ଉତ୍ତରଦାୟୀ ହେବେ ।

**୩୪୬.୬.** ପ୍ରାଦେଶିକ ଶିକ୍ଷା କ୍ରମନ୍ୱୋୟ ଉପଦେଷ୍ଟା କମିଟି । ଏହି କମିଟି ପ୍ରାଦେଶିକ ଶିକ୍ଷା ସଂଯୋଜକ ଯେ କି ପଦବଳରେ, ଏହି କମିଟିର ସଭାପତି ରହିବେ ଏବଂ ପ୍ରାଦେଶିକ ନିର୍ଦ୍ଦେଶକଙ୍କ ପରାମର୍ଶରେ ମନୋନୀତ ପ୍ରତିନିଧିଗଣଙ୍କୁ ନେଇ ଗଠିତ । ସୁସମାଚାର ସେବାକାର୍ଯ୍ୟର ଶିକ୍ଷାରେ ଯେଉଁ ବ୍ୟକ୍ତିସମୂହ ଆଗ୍ରହୀ ସେମାନଙ୍କୁ ଏହି କମିଟିର ସଦସ୍ୟଗଣ ପ୍ରଦେଶ ନିମନ୍ତେ ପ୍ରତିନିଧିତ୍ୱ କରିବେ । ଯେପରି (ପାଳକ, ପ୍ରଶାସନ, ଶିକ୍ଷକ, ସାଧାରଣ ବ୍ୟକ୍ତି) ।

**୩୪୬.୭.** ପ୍ରାଦେଶିକ ଶିକ୍ଷା କ୍ରମନ୍ୱୋୟ ଉପଦେଷ୍ଟା କମିଟିର ମୌଳିକ କାର୍ଯ୍ୟ:

୧. ପ୍ରଦେଶର ଅଭିଷେକ ନିମନ୍ତେ ଏକ ଆଦର୍ଶ ପ୍ରାଦେଶିକ ଉତ୍ସ ପୁସ୍ତକ (Regional Sourcebook) ପ୍ରସ୍ତୁତ କରିବେ । ଏହି ପୁସ୍ତକ ମାନୁଆଲ୍‌ରେ ପ୍ରତିଷ୍ଠିତ କରାଯାଇଥିବା ଆଦର୍ଶକୁ ପ୍ରତିଫଳିତ କରୁଥିବ ଏବଂ ଅଭିଷେକ ନିମନ୍ତେ ଆର୍ନ୍ତଜାତିକ ଉତ୍ସ ପୁସ୍ତକରେ ବ୍ୟାଖ୍ୟା କରୁଥିବ ।

୨. ପ୍ରଦେଶରେ ସୁସମାଚାର ସେବାକାର୍ଯ୍ୟର ଶିକ୍ଷାକୁ ବିକାଶ କରିବେ ।

୩. ସୁସମାଚାର ଶିକ୍ଷା କାର୍ଯ୍ୟକ୍ରମରେ ଆଦର୍ଶ ତର୍ଜମାକୁ କରିବାକୁ ପ୍ରାଦେଶିକ ଶିକ୍ଷା ଯୋଗାଣକାରୀଙ୍କ ସହିତ ମିଳିତ ହେବେ ।

୪. ପ୍ରାଦେଶିକ ଏବଂ ଆନ୍ତର୍ଜାତିକ ଉତ୍ସ ପୁସ୍ତକର ଆଦର୍ଶ ସହିତ ଅଙ୍ଗୀକାର ନିମନ୍ତେ ସୁସମାଚାର ସେବାର ଶିକ୍ଷା କାର୍ଯ୍ୟକ୍ରମକୁ ସମୀକ୍ଷା କରିବ ।

୫. ଆନ୍ତର୍ଜାତିକ କ୍ରମନ୍ୱୋୟ ଶିକ୍ଷା ଉପଦେଷ୍ଟା କମିଟିକୁ ପ୍ରାଦେଶିକ ସୁସମାଚାର ସେବାର ଶିକ୍ଷାକୁ ସ୍ୱୀକୃତି ଏବଂ ଗ୍ରହଣ କରିବାକୁ ସମର୍ଥନ କରିବ ।

# ବିଭାଗ – ୫

# ଉଚ୍ଚ ଶିକ୍ଷା

## ୧. ମଣ୍ଡଳୀ ଏବଂ ମହାବିଦ୍ୟାଳୟ ବା ବିଶ୍ୱ ବିଦ୍ୟାଳୟ

**୪୦୦.** ନାଜରିନ୍ ମଣ୍ଡଳୀ ଏହାର ପ୍ରାରମ୍ଭରୁ ଉଚ୍ଚ ଶିକ୍ଷା ପ୍ରତି ସମର୍ପିତ ଅଟେ । ମଣ୍ଡଳୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ, ପ୍ରଶାସନ ଏବଂ ଶିକ୍ଷକ ନେତୃତ୍ୱ ଏବଂ ଆର୍ଥିକ ଏବଂ ଆତ୍ମିକ ସାହାଯ୍ୟ ଯୋଗାଇ ଦିଏ । ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ମଣ୍ଡଳୀର ଯୁବାଯୁବତୀମାନଙ୍କୁ ଏବଂ ମଣ୍ଡଳୀର ଅନେକ ବୟସ୍କମାନଙ୍କୁ ଶିକ୍ଷିତ କରାଏ ଏବଂ ସେମାନଙ୍କୁ ଆତ୍ମିକ ପରିପକ୍ୱତାରେ ଏବଂ ମଣ୍ଡଳୀ ଶକ୍ତିଶାଳୀ କରିବାରେ କଢ଼ାଇ ନିଏ ଏବଂ ଖ୍ରୀଷ୍ଟଙ୍କର ପ୍ରେମିକ ଦାସ ରୂପେ ବାହାରକୁ ପ୍ରେରଣ କରେ । ଯଦିଚ – ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ଏକ ସ୍ଥାନୀୟ ମଣ୍ଡଳୀ ନୁହେଁ, ତଥାପି ମଣ୍ଡଳୀର ଅଂଶ ଏହା ମଧ୍ୟରେ ଅନ୍ତର୍ନିହିତ; ଏହା ମଣ୍ଡଳୀର ଏକ ପରିପ୍ରକାଶ ଅଟେ ।

ମାନବ ଜୀବନର ମୂଲ୍ୟ ଏବଂ ମର୍ଯ୍ୟାଦାରେ ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ ଏବଂ ଏକ ପରିବେଶ ଯୋଗାଇବା ନିମନ୍ତେ ଆବଶ୍ୟକତାକୁ ବିଶ୍ୱାସ କରେ ଯେଉଁଥିରେ ଲୋକମାନେ ଉଦ୍ଧାରପ୍ରାପ୍ତ ହେବେ ଏବଂ ଆତ୍ମିକତାରେ, ଜ୍ଞାନରେ

ଏବଂ ଶାରୀରିକ ଭାବରେ ଶକ୍ତିଶାଳୀ ହୋଇପାରିବେ "...ପୁଣି ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ, ଏପରି ଏକ ସମାଦର ପାତ୍ର ହେବ" (୨ ତୀମଥି ୨:୨୧)।

ସ୍ଥାନୀୟ ମଣ୍ଡଳୀ ସ୍ତରରେ ମନୁଷ୍ୟ ବିକାଶର ବିଭିନ୍ନ ପର୍ଯ୍ୟାୟରେ ବୟସ୍କ ଏବଂ ଯୁବାମାନଙ୍କର ଖ୍ରୀଷ୍ଟୀୟ ଶିକ୍ଷା ସୁସମାଚାରର ପ୍ରଭାବକୁ ତୀବ୍ର କରିଥାଏ। ସହଭାଗିତାଗୁଡ଼ିକ ସେମାନଙ୍କର ଲକ୍ଷ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ଯେକୌଣସି ସ୍ତରରେ ଜନ୍ମରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲର କାର୍ଯ୍ୟକ୍ରମ କରିପାରିବେ। ଯେଉଁ ସ୍ଥାନଗୁଡ଼ିକରେ ଏପରି ବିଦ୍ୟାଳୟ ସ୍ଥାପନ କରାଯାଏ ବା ପରିଚାଳନା କରାଯାଏ ସେମାନେ ନାଜରିନ୍ ମଣ୍ଡଳୀର ବିଚାରଧାରା ଏବଂ ଈଶ୍ୱରତତ୍ତ୍ୱ କାର୍ଯ୍ୟକ୍ରମର ସୀମା ମଧ୍ୟରେ କାର୍ଯ୍ୟ କରିବେ ଯେପରି ମାନୁଆଲ୍‌ରେ ବର୍ଣ୍ଣନା କରାଯାଇଅଛି।

**୪୦୦.୧.** ନାଜରିନ୍ ମଣ୍ଡଳୀରେ ଶିକ୍ଷା ବାଇବଲ ଉପରେ ଏବଂ ୱେସ୍‌ଲିଆନ୍ ଧର୍ମତତ୍ତ୍ୱ ଚୁକ୍ତିରେ ଏବଂ ପବିତ୍ର କ୍ରିୟାକଳାପରେ, ସମ୍ପ୍ରଦାୟର ମିଶନ୍ ପ୍ରତି ଉତ୍ତର ଦାୟୀତ୍ୱରେ ଯେଉଁମାନେ ଏହାକୁ ଗ୍ରହଣ କରନ୍ତି, ସେମାନଙ୍କୁ ଚଳାଇ ନେବାରେ, ପ୍ରତିପାଳନରେ ଏବଂ ମଣ୍ଡଳୀ ଓ ଜଗତ ପ୍ରତି ଅପରିବର୍ତ୍ତିତ ସେବାରେ ପ୍ରକାଶ କରି ସାମାଜିକ ଏବଂ ବ୍ୟକ୍ତିଗତ ଖ୍ରୀଷ୍ଟିୟାନ ବୋଧକୁ ସହଜବୋଧ ଭାବରେ ଗୁନ୍ଥା ହୋଇଅଛି।

**୪୦୦.୨.** ଉପାଧି ମଞ୍ଜୁର କରୁଥିବା ପ୍ରତିଷ୍ଠାନଗୁଡ଼ିକ ନିମନ୍ତେ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅନୁମୋଦନ ଉପରେ ଆନ୍ତର୍ଜାତିକ ସମ୍ମିଳନୀର ପ୍ରାଧିକରଣର ଆବଶ୍ୟକ।

ଚାଲୁ ରହିଥିବା ପ୍ରତିଷ୍ଠାନର ବିକାଶ ଏବଂ ସ୍ଥିତି ନିମନ୍ତେ ଆନ୍ତର୍ଜାତିକ ଶିକ୍ଷା ପରିଷଦର ଅନୁମୋଦନରେ ଆନ୍ତର୍ଜାତିକ ପରିଷଦର ମଞ୍ଜୁରୀ ଆବଶ୍ୟକ।

ଆନ୍ତର୍ଜାତିକ ଶିକ୍ଷା ପରିଷଦର ବିନା ଅନୁମୋଦନରେ ମଣ୍ଡଳୀ ନାମରେ କୌଣସି ମଣ୍ଡଳୀ କିମ୍ବା ମିଳିତ ମଣ୍ଡଳୀ, ମଣ୍ଡଳୀକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି କିମ୍ବା ମଣ୍ଡଳୀଗୁଡ଼ିକର ଦଳ ଏକ ବିଦ୍ୟାଳୟ କିମ୍ବା ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରିପାରିବେ ନାହିଁ।

## ୨. ବିଶ୍ୱ ନାଜରିନ୍ ଶିକ୍ଷା ଅନୁଷ୍ଠାନର ସଂଗଠନ

**୪୦୧.** ଏହି ସଂଗଠନ ଅଧ୍ୟକ୍ଷ, ନିର୍ଦ୍ଦେଶକ – (ନାଜରିନ୍ ମଣ୍ଡଳୀର ଶିକ୍ଷା ଅନୁଷ୍ଠାନର ପ୍ରତ୍ୟେକ ଆନ୍ତର୍ଜାତିକ ପରିଷଦ, ପ୍ରାଦେଶିକ ଶିକ୍ଷା ସଂଯୋଜକ, ଶିକ୍ଷା ଅଧିକାରୀ, ବିଶ୍ୱ ମିଶନ୍ ନିର୍ଦ୍ଦେଶକ ଏବଂ ଆନ୍ତର୍ଜାତିକ ଶିକ୍ଷା ପରିଷଦ ଦାୟୀତ୍ୱରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କୁ ନେଇ ଗଠିତ ।

## ୩. ଆନ୍ତର୍ଜାତିକ ଶିକ୍ଷା ପରିଷଦ

**୪୦୨.** ଆନ୍ତର୍ଜାତିକ ମଣ୍ଡଳୀ ଆନ୍ତର୍ଜାତିକ ଶିକ୍ଷା ପରିଷଦ ହେବ ଯେ କି ନାଜରିନ୍ ମଣ୍ଡଳୀରେ ଶିକ୍ଷା ଅନୁଷ୍ଠାନ ନିମନ୍ତେ ଓକିଲାତି କରିବ । ଏହି ପରିଷଦ ୧ ୨ ଜଣ ସଭ୍ୟଙ୍କୁ ନେଇ ଗଠିତ: ଆନ୍ତର୍ଜାତିକ ପରିଷଦ ଦ୍ୱାରା ୮ ଜଣ ନିର୍ବାଚିତ ହେବେ, ଏହି ସଭ୍ୟଗଣ ପଦବଳରେ ସଭ୍ୟ ହେବେ, ଆନ୍ତର୍ଜାତିକ ପରିଷଦରେ ଦୁଇ ଜଣ ଶିକ୍ଷା ପ୍ରତିନିଧି, ବିଶ୍ୱ ମିଶନ୍ ନିର୍ଦ୍ଦେଶକ, ବିଶ୍ୱ ଯାଜକ ନିର୍ଦ୍ଦେଶକ ଏବଂ ଶିକ୍ଷା ଅଧିକାରୀ । ନାମ ପ୍ରସ୍ତାବକାରୀ / ମନୋନୟନ କମିଟି, ଶିକ୍ଷା ଅଧିକାରୀ, ବିଶ୍ୱ ମିଶନ୍ ନିର୍ଦ୍ଦେଶକ, ଆନ୍ତର୍ଜାତିକ ପରିଷଦରେ ଦୁଇଜଣ ଶିକ୍ଷା ପ୍ରତିନିଧି ଏବଂ ବିଶ୍ୱ ମିଶନ୍ ୮ ଜଣଙ୍କୁ ନାମ ପ୍ରସ୍ତାବ କରିବେ ଯେଉଁମାନଙ୍କୁ ନିର୍ବାଚିତ ନିମନ୍ତେ ଆନ୍ତର୍ଜାତିକ ପରିଷଦକୁ ପ୍ରଧାନ ଅଧ୍ୟକ୍ଷଙ୍କ ସ୍ୱୀକୃତି / ଅନୁମୋଦନ ସହିତ ଉପସ୍ଥାପନ କରାଯିବ ।

ଆନ୍ତର୍ଜାତିକ ଶିକ୍ଷା ପରିଷଦର କାର୍ଯ୍ୟ:

**୪୦୨.୧.** ସୁନିଶ୍ଚିତ କରିବେ ଯେ ସେମାନଙ୍କ ଶାସକ ପରିଷଦଗୁଡ଼ିକ ଆଇନ୍ ନିୟନ୍ତ୍ରଣ ଅଧିନରେ ଅନୁଷ୍ଠାନଗୁଡ଼ିକ ଚାଲୁଅଛି, ଯାହାର ପ୍ରକ୍ରିୟା ଏବଂ ନିୟମାବଳୀ ସମ୍ବିଧାନକୁ ସୁନିଶ୍ଚିତ କରିବ ଏବଂ ତାହା ନାଜରିନ୍ ମଣ୍ଡଳୀ ଦ୍ୱାରା ସ୍ଥିର କରାଯାଇଥିବା ନିୟମାବଳୀ ସହିତ ମେଳ ଖାଇବା ଆବଶ୍ୟକ ।

**୪୦୨.୨.** ସୁନିଶ୍ଚିତ କରିବେ ଯେ ନାଜରିନ୍ ଅନୁଷ୍ଠାନଗୁଡ଼ିକର ଶାସନ ପରିଷଦଗୁଡ଼ିକର ସଭ୍ୟଗଣ ନାଜରିନ୍ ମଣ୍ଡଳୀର ଉତ୍ତମ ସଭ୍ୟ ହୋଇଥିବେ । ବିଶ୍ୱାସର ଅନୁଚ୍ଛେଦ ସହିତ ସେମାନେ ସଂପୂର୍ଣ୍ଣ ସମ୍ମତି ହେଉଥିବେ, ଏହା ସହିତ ପୂର୍ଣ୍ଣ ପ୍ରକ୍ଷାଳନର ସିଦ୍ଧାନ୍ତ ଏକମତ ଥିବେ ଏବଂ ଯେପରି ମଣ୍ଡଳୀର ମାର୍ଗଦର୍ଶିକାରେ ସ୍ଥିର କରାଯାଇଥିବା ନାଜରିନ୍ ମଣ୍ଡଳୀର ବ୍ୟବହାର କରୁଥିବେ ।

**୪୦୨.୩.** ଶିକ୍ଷାର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ସାହାଯ୍ୟ ଆକାରରେ, ଇଚ୍ଛାକୃତ ଦାନ, ଅନୁଦାନ ଆକାରରେ ଅର୍ଥ ଗ୍ରହଣ କରି ଏହି ଦାନ ମଧ୍ୟରୁ ପ୍ରତିବର୍ଷ ଆନ୍ତର୍ଜାତିକ ପରିଷଦ ଦ୍ୱାରା ଅନୁମୋଦନ କରାଯାଇଥିବା ନୀତି ଅନୁଯାୟୀ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଅନୁଦାନ ଅନୁମୋଦନ କରିବେ । ଅନୁଷ୍ଠାନଗୁଡ଼ିକ ସେପର୍ଯ୍ୟନ୍ତ ଅନୁଦାନର ସାହାଯ୍ୟ ପାଇବେ ନାହିଁ ଯେପର୍ଯ୍ୟନ୍ତ ସେମାନଙ୍କର ଶିକ୍ଷାର ମାନ, ଅନୁଷ୍ଠାନର ଯୋଜନା ଏବଂ ଆର୍ଥିକ ବିବରଣୀ ଆନ୍ତର୍ଜାତିକ ଶିକ୍ଷା ପରିଷଦକୁ ପ୍ରଦାନ ନ କରିଛନ୍ତି ।

**୪୦୨.୪.** ଏକ ବାର୍ଷିକ ବିବରଣୀ ଶିକ୍ଷା ଅଧିକାରୀଙ୍କଠାରୁ ଉପଯୁକ୍ତ ଭାବରେ ଗ୍ରହଣ କରିବେ ଏବଂ ପଦକ୍ଷେପ ନେବେ, ସମସ୍ତ ଆନ୍ତର୍ଜାତିକ ଶିକ୍ଷା ଅନୁଷ୍ଠାନଗୁଡ଼ିକର ପରିଷଦଠାରୁ ନିମ୍ନଲିଖିତ ସୂଚନାକୁ ସଂକ୍ଷିପ୍ତ କରିବେ:

୧. ବାର୍ଷିକ ତଥ୍ୟର ବିବରଣୀ
୨. ବାର୍ଷିକ ଅଡିଟ୍ ବିବରଣୀ
୩. ବର୍ତ୍ତମାନ ବାର୍ଷିକ ବିତ୍ତୀୟ ଅଟକଳ

**୪୦୨.୫.** ଯଦିଚ ଅନୁଷ୍ଠାନ ପ୍ରତି, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ପ୍ରତି ଏବଂ ଆନ୍ତର୍ଜାତିକ ପରିଷଦ ପ୍ରତି ଏହାର ଉପଦେଷ୍ଟା ଭୂମିକା ଅଟେ ତଥାପି ଏହା ସୁପାରିଶ କରେ, ସାହାଯ୍ୟ ଯୋଗାଏ ଏବଂ ମଧ୍ୟସ୍ଥତା କରେ ।

**୪୦୨.୬.** ନାଜରିନ୍ ଶିକ୍ଷା ଅନୁଷ୍ଠାନ ସମ୍ପର୍କ ରହିଥିବା ବିଷୟଗୁଡ଼ିକରେ ମଣ୍ଡଳୀରେ ସେବା କରିବେ ଯେପରି ଅନୁଷ୍ଠାନ ଏବଂ ମଣ୍ଡଳୀ ମଧ୍ୟରେ ଥିବା ସମ୍ପର୍କ ଉତ୍ତମ ରୂପେ ଦୃଢ଼ୀଭୂତ ହେବ ।

**୪୦୨.୭.** ଆନ୍ତର୍ଜାତିକ ପରିଷଦର ଉପଯୁକ୍ତ କମିଟିକୁ ଏହାର କାର୍ଯ୍ୟକ୍ରମକୁ ପ୍ରଦାନ କରିବେ ଏବଂ ଅନୁମୋଦନ କରିବେ ।

**୪୦୩.** ଆସବାବପତ୍ରଗୁଡ଼ିକର ଭାଙ୍ଗି ଦେବା କିମ୍ବା ଫିଙ୍ଗି ଦେବା ଉପରେ ଏକ ଅନୁଚ୍ଛେଦ ସମସ୍ତ ଆନୁଷ୍ଠାନିକ ନିୟମ ଏବଂ ସମ୍ବିଧାନରେ ଯୋଗ କରିବା ଆବଶ୍ୟକ ।

# ଭାଗ – ୬

# ସେବାକାର୍ଯ୍ୟ ଏବଂ ଖ୍ରୀଷ୍ଟୀୟ ସେବା

## ୧. ସେବକର ଆହ୍ୱାନ ଏବଂ ଯୋଗ୍ୟତା

**୫୦୦.** ନାଜରିନ୍ ମଣ୍ଡଳୀ ସ୍ୱୀକାର କରେ ଏବଂ ବିଶ୍ୱାସ କରେ ପ୍ରତ୍ୟେକ ବିଶ୍ୱାସୀ ସମସ୍ତ ବ୍ୟକ୍ତିଙ୍କ ପ୍ରତି ସେବା କରିବାକୁ ଆହୂତ ।

ଆମ୍ଭେ ମଧ୍ୟ ଦୃଢ଼ତା ସହିତ କହୁ ଏକ ନିର୍ଦ୍ଦିଷ୍ଟ ଏବଂ ସର୍ବସାଧାରଣରେ ସେବାକାର୍ଯ୍ୟ କରିବାକୁ ଖ୍ରୀଷ୍ଟ କେତେକ ପୁରୁଷ ଏବଂ ମହିଳାଙ୍କୁ ଆହ୍ୱାନ କରିଥିଲେ ଯେପରି ସେ ୧୨ ଜଣ ଶିଷ୍ୟଙ୍କୁ ମନୋନୀତ ଏବଂ ଅଭିଷିକ୍ତ କରିଥିଲେ । ଯେତେବେଳେ ମଣ୍ଡଳୀ ପବିତ୍ର ଆତ୍ମାଙ୍କ ଦ୍ୱାର ଆଲୋକିତ ହେଲା, ଏପରି ଏକ ସ୍ୱର୍ଗୀୟ ଆହ୍ୱାନକୁ ସ୍ୱୀକାର କଲା, ମଣ୍ଡଳୀ ଏକ ଆଜୀବନ ସେବାକାର୍ଯ୍ୟ ମଧ୍ୟକୁ ବ୍ୟକ୍ତିମାନଙ୍କର ପ୍ରବେଶକୁ ସମର୍ଥନ ଏବଂ ସହଯୋଗ କଲା ।

**୫୦୧.** ସେବାକାର୍ଯ୍ୟରେ ମହିଳାମାନଙ୍କର ଈଶ୍ୱର ତତ୍ତ୍ୱ । ମଣ୍ଡଳୀ ମଧ୍ୟରେ ଈଶ୍ୱରଦତ୍ତ ଆତ୍ମିକ ଦାନଗୁଡ଼ିକ ବ୍ୟବହାର କରିବାକୁ ମହିଳାମାନଙ୍କର ଅଧିକାରକୁ ନାଜରିନ୍ ମଣ୍ଡଳୀ ସମର୍ଥନ କରେ । ନାଜରିନ୍ ମଣ୍ଡଳୀ ମଧ୍ୟରେ ନେତୃତ୍ୱ ସ୍ଥାନଗୁଡ଼ିକ ପ୍ରତି ନିଯୁକ୍ତି ଏବଂ ନିର୍ବାଚିତ ହେବାକୁ ଏପରିକି କାର୍ଯ୍ୟାଳୟଗୁଡ଼ିକରେ ଉଭୟ

ପ୍ରାଚୀନ ଏବଂ ଦୀକନ ହେବା ନିମନ୍ତେ ମହିଳାମାନଙ୍କର ଐତିହାସିକ ଅଧିକାରକୁ ଦୃଢ଼ତାର ସହ କହେ ।

ଈଶ୍ୱରଙ୍କ ସୃଷ୍ଟିକୁ ପାପରୁ ମୁକ୍ତି ଦେବା ଖ୍ରୀଷ୍ଟଙ୍କର ଉଦ୍ଧାର କାର୍ଯ୍ୟର ଉଦ୍ଦେଶ୍ୟ ଅଟେ । ଯଦି କେହି "ଖ୍ରୀଷ୍ଟଙ୍କଠାରେ" ଅଛି ସେ ନୂତନ ସୃଷ୍ଟି ହୋଇଅଛି (୨ କରିନ୍ଥୀୟ ୫:୧୭) । ଏହି ମୁକ୍ତିର ସମାଜରେ ମନୁଷ୍ୟ ଜାତି ସାମାଜିକ ଅବସ୍ଥା, ଜାତି କିମ୍ବା ଲିଙ୍ଗର ଆଧାରରେ ନୀଚ ବୋଲି ବିବେଚନା କରିବା ଉଚିତ ନୁହେଁ (ଗାଲାତୀୟ ୩:୨୬-୨୮) । ତୀମଥିଙ୍କୁ ଏବଂ କରିନ୍ଥୀୟ ମଣ୍ଡଳୀକୁ ପାଉଲଙ୍କ ଦ୍ୱାରା ଉପଦେଶ ଦ୍ୱନ୍ଦାତ୍ମକ ବୋଲି ସହଜରେ ଦିଶୁଥିବାକୁ ଆମେ ସ୍ୱୀକାର କରୁ – (୧ ତୀମଥି ୨:୧୧-୧୨, ୧ କରିନ୍ଥୀୟ ୧୪:୩୩-୩୪) । ଏହି ବାକ୍ୟାଂଶଗୁଡ଼ିକୁ ଅନୁବାଦ କରି ଆମେ ବିଶ୍ୱାସ କରୁ ଯେପରି ସେବାକାର୍ଯ୍ୟରେ ମହିଳାଙ୍କ ଭୂମିକା ସୀମିତ, କିନ୍ତୁ ଶାସ୍ତ୍ରର ନିର୍ଦ୍ଦିଷ୍ଟ ବାକ୍ୟାଂଶଗୁଡ଼ିକ ଯାହା ଆତ୍ମିକ ନେତୃତ୍ୱ ଭୂମିକାରେ ମହିଳାମାନଙ୍କର ଯୋଗଦାନ ପ୍ରଶଂସାଯୋଗ୍ୟ ଯାହା ପୂର୍ବ ବାକ୍ୟାଂଶ ସହିତ ଗଭୀର ଦ୍ୱନ୍ଦ ଉପସ୍ଥାପନ କରେ (ଯୋୟେଲ ୨:୨୮-୨୯; ପ୍ରେରିତ ୨:୧୭-୧୮, ୨୧:୮-୯; ରୋମୀୟ ୧୬:୧,୩,୭; ଫିଲିପ୍ପୀୟ ୪:୨-୩) ଏବଂ ୱେସ୍‌ଲିଆନ୍ ପବିତ୍ରତା ସଂସ୍କୃତିର ଆତ୍ମା ଏବଂ ଅଭ୍ୟାସକୁ ଲଙ୍ଘନ କରେ । ଅବଶେଷରେ ଶାସ୍ତ୍ର ମଧ୍ୟରେ ଉପସ୍ଥାପିତ ଈଶ୍ୱରଙ୍କର ଚରିତ୍ର ସହିତ ଏହା ଅସାମଞ୍ଜସ୍ୟ ଯେପରି ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ପ୍ରକାଶିତ ହୋଇଅଛି ।

**୫୦୨.** ଅଭିଷେକର ସମ୍ବନ୍ଧୀୟ ପାରମାର୍ଥିକ ତତ୍ତ୍ୱ । ବିଶ୍ୱବ୍ୟାପୀ ଯାଜକତ୍ୱ ଏବଂ ସମସ୍ତ ବିଶ୍ୱାସୀମାନଙ୍କର ସେବାକାର୍ଯ୍ୟର ଶାସ୍ତ୍ରୀୟ ସିଦ୍ଧାନ୍ତକୁ ଯେତେବେଳେ ଦୃଢ଼ତା ସହିତ କହୁ ଅଭିଷେକ ବାଇବଲର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଈଶ୍ୱର ନିର୍ଦ୍ଦିଷ୍ଟ ପୁରୁଷ ଏବଂ ମହିଳାମାନଙ୍କୁ ମଣ୍ଡଳୀରେ ନେତୃତ୍ୱ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ କରନ୍ତି ଏବଂ ଦାନ ଦିଅନ୍ତି । ଅଭିଷେକ ମଣ୍ଡଳୀର ପ୍ରକୃତ ବୋଲି ପ୍ରମାଣିତ, ଅଧିକାରର କାର୍ଯ୍ୟ ଅଟେ, ଯାହା ସ୍ୱୀକାର ଏବଂ ନିଶ୍ଚିତ କରେ ଯେ ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀ ଏବଂ ସୁସମାଚାରର ଭଣ୍ଡାରଘରିଆ ଏବଂ ଘୋଷଣାକାରୀ ରୂପେ ସେବାକାର୍ଯ୍ୟ ନେତୃତ୍ୱ ପ୍ରତି ଈଶ୍ୱରଙ୍କର ଆହ୍ୱାନ । ସେହିରୂପେ ଅଭିଷେକ

ସର୍ବବ୍ୟାପୀ ମଣ୍ଡଳୀ ପ୍ରତି ଏବଂ ଜଗତ ପ୍ରତି ସାକ୍ଷ୍ୟ ବହନ କରେ ଯେ, ଏହି ପ୍ରାର୍ଥୀଠାରେ ଏକ ପବିତ୍ରତାର ଦୃଷ୍ଟାନ୍ତପୂର୍ଣ୍ଣ ଜୀବନ, ସର୍ବସାଧାରଣ ସେବାକାର୍ଯ୍ୟ ନିମନ୍ତେ ଅନୁଗ୍ରହ ଏବଂ ଦାନରେ ଆକ୍ରାନ୍ତ, ଈଶ୍ୱରଙ୍କ ବାକ୍ୟର ଜ୍ଞାନ ନିମନ୍ତେ ତୃଷା ଏବଂ ସୁସଂସ୍ଥାପିତ ସିଦ୍ଧାନ୍ତ ଯୋଗାଯୋଗ କରିବାର କ୍ଷମତା ଅଛି ବୋଲି ପ୍ରମାଣିତ ହେବ । (ପ୍ରେରିତ ୧୩:୧-୩, ୨୦:୨୮; ରୋମୀୟ ୧:୧-୨; ୧ ତୀମଥି ୪:୧୧-୧୬; ୫:୨୨; ୨ ତୀମଥି ୧:୬-୭) ।

**୫୦୨.୧.** ନାଜରିନ୍ ମଣ୍ଡଳୀ ଏହାର ସେବକମାନଙ୍କର ଜୀବନର ଆତ୍ମାଧାତ୍ମିକ ଯୋଗ୍ୟତା, ଚରିତ୍ର ଏବଂ ବ୍ୟବହାର ଉପରେ ଅଧିକ ମାତ୍ରାରେ ନିର୍ଭର କରେ (୫୩୮.୧୭) ।

**୫୦୨.୨.** ନାଜରିନ୍ ମଣ୍ଡଳୀରେ ସୁସମାଚାରର ସେବକ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ସହିତ ଶାନ୍ତିରେ ରହିବା ଆବଶ୍ୟକ ଏବଂ ପବିତ୍ର ଆତ୍ମାଙ୍କର ପରିପୂର୍ଣ୍ଣତା ସହିତ ବାପ୍ତିସ୍ମ ଦ୍ୱାରା ସଂପୂର୍ଣ୍ଣ ପ୍ରକ୍ଷାଳନ ହେବା ଆବଶ୍ୟକ । ଅବିଶ୍ୱାସୀମାନଙ୍କ ନିମନ୍ତେ ସେବକର ଏକ ଗଭୀର ପ୍ରେମ ହେବା ଆବଶ୍ୟକ ଏହା ବିଶ୍ୱାସ କରିବା ଆବଶ୍ୟକ ଯେ ସେମାନେ ବିନଷ୍ଟ ହେଉଛନ୍ତି ଏବଂ ପରିତ୍ରାଣ ପ୍ରଚାର କରିବା ନିମନ୍ତେ ସେ ଆହୂତ ହୋଇଛନ୍ତି ।

**୫୦୨.୩.** ସେବକ ମଣ୍ଡଳୀ ପ୍ରତି ଏକ ଦୃଷ୍ଟାନ୍ତ ହେବା ଆବଶ୍ୟକ । ଯଥା: ସମୟାନୁବର୍ତ୍ତୀ, ସତର୍କତା, ପରିଶ୍ରମୀ, ଆନ୍ତରିକତାପୂର୍ଣ୍ଣ, ପବିତ୍ରତା, ସହନଶୀଳତା, ଦୀର୍ଘସହିଷ୍ଣୁତା, କୋମଳଭାବ, ଅକପଟ ପ୍ରେମ ଏବଂ ଈଶ୍ୱରଙ୍କ ଶକ୍ତିରେ ସତ୍ୟ ବାକ୍ୟରେ – (୨ କରିନ୍ଥୀୟ ୬:୬-୭) ।

**୫୦୨.୪.** ବିଶ୍ୱାସୀମାନଙ୍କର ଆବଶ୍ୟକତାର ଏକ ଗଭୀର ଧାରଣା ହେବା ଆବଶ୍ୟକ ଯେ ସେମାନେ ବ୍ୟବହାରିକ ଜୀବନରେ ଖ୍ରୀଷ୍ଟୀୟ ଅନୁଗ୍ରହର ବିକାଶ ଏବଂ ସର୍ବଶ୍ରେଷ୍ଠତା ମଧ୍ୟକୁ ଯାତ୍ରା କରୁଛନ୍ତି, ଯେପରି ସେମାନଙ୍କର "ପ୍ରେମ ଜ୍ଞାନ ଓ ସମସ୍ତ ସୂକ୍ଷ୍ମ ବିଚାରରେ ଅଧିକରୁ ଅଧିକ ବୃଦ୍ଧି ପାଇବ" (ଫିଲିପ୍ପୀୟ ୧:୯) ।

**୫୦୨.୫.** ଭବିଷ୍ୟତ୍ ସେବକମାନଙ୍କୁ ଉପଦେଶ ଦେବାର ସୁଯୋଗକୁ ଏବଂ ସେମାନଙ୍କୁ ସେବକାର୍ଯ୍ୟ ପ୍ରତି ଆହ୍ୱାନ ନିମନ୍ତେ ଲାଳନପାଳନର ସୁଯୋଗକୁ ଗ୍ରହଣ କରିବା ଆବଶ୍ୟକ ।

**୫୦୨.୬.** ସେବାକାର୍ଯ୍ୟ ନିମନ୍ତେ ସେବକଠାରେ ଦାନ ଏବଂ ଅନୁଗ୍ରହ ଥିବା ନିତାନ୍ତ ଆବଶ୍ୟକ । ତାହାଙ୍କଠାରେ ଜ୍ଞାନ ନିମନ୍ତେ ବ୍ୟାକୁଳତା ଥିବା ଆବଶ୍ୟକ ବିଶେଷରେ ଈଶ୍ୱରଙ୍କ ବାକ୍ୟ ନିମନ୍ତେ ଏବଂ ସୁସଂସ୍ଥାପିତ ବିଚାର ଧାରା, ଉତ୍ତମ ବୁଝାମଣା ଏବଂ ପରିତ୍ରାଣ ବିଷୟରେ ପରିଷ୍କାର ଦୃଷ୍ଟିଭଙ୍ଗୀ ଥିବା ଆବଶ୍ୟକ ଯେପରି ଶାସ୍ତ୍ରରେ ପ୍ରକାଶିତ ହୋଇଅଛି । ଏହା ବ୍ୟତୀତ ନାଜରିନ୍ ମଣ୍ଡଳୀର ସୁସମାଚାରର ସେବକ ପ୍ରାର୍ଥନାରେ ଜଣେ ଦୃଷ୍ଟାନ୍ତ ବହନ କରୁଥିବା ବ୍ୟକ୍ତି ହୋଇଥିବେ ।

## ୨. ସେବାକାର୍ଯ୍ୟର ବିଭାଗ

## (କ) ସାଧାରଣ ସେବାକାରୀଙ୍କ କାର୍ଯ୍ୟ (LAY Member)

**୫୦୩.** ପ୍ରତ୍ୟେକ ଖ୍ରୀଷ୍ଟିୟାନ ନିଜକୁ ଖ୍ରୀଷ୍ଟଙ୍କର ସେବକ ବୋଲି ଧରି ନେବା ଆବଶ୍ୟକ ଏବଂ ସେମାନଙ୍କର ଉପଯୁକ୍ତ ସେବାର ମାର୍ଗ ବିଷୟରେ ଈଶ୍ୱରଙ୍କ ଇଚ୍ଛା ଅନୁସନ୍ଧାନ କରି ଜାଣିବା ଆବଶ୍ୟକ (୫୦୦) ।

**୫୦୩.୧.** ସାଧାରଣ ବ୍ୟକ୍ତିଙ୍କର ସେବାକାର୍ଯ୍ୟକୁ ନାଜରିନ୍ ମଣ୍ଡଳୀ ସ୍ୱୀକାର କରେ । ଏହା ମଧ୍ୟ ସ୍ୱୀକାର କରେ ଯେ ସାଧାରଣ ବ୍ୟକ୍ତିଗଣ ମଣ୍ଡଳୀର ବିଭିନ୍ନ ପଦରେ ସେବା କରିପାରିବେ (ଏଫିସୀୟ ୪:୧୧-୧୨) । ନିମ୍ନଲିଖିତ ସେବାର ଭୂମିକାକୁ ମଣ୍ଡଳୀ ସ୍ୱୀକାର କରେ ଯେଉଁଥିରେ ଏକ ଆଞ୍ଚଳିକ ସମ୍ମିଳନୀ ଏକ ସାଧାରଣ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବ; ପାଳକ, ସୁସମାଚାର ପ୍ରଚାରକ, ମିଶନାରୀ, ଶିକ୍ଷକ, ପ୍ରଶାସକ, ଗୃହ ମଣ୍ଡଳୀ/କ୍ଷୁଦ୍ର ମଣ୍ଡଳୀର ପରିଚାଳକ ଏବଂ ବିଶେଷ ସେବା । ଏହି ବିଭାଗଗୁଡ଼ିକୁ ପୂରଣ କରିବାକୁ ସାଧାରଣତଃ ସାଧାରଣ ସେବାକାରୀ ପ୍ରଶିକ୍ଷଣର ଆବଶ୍ୟକ । (୬୦୫.୩)

**୫୦୩.୨.** ସାଧାରଣ ସେବାକାରୀ । ନାଜରିନ୍ ମଣ୍ଡଳୀର ଯେକୌଣସି ସଭ୍ୟ ଯେ ଏହିପରି ସେବା କରିବାକୁ ଆହୂତ ବୋଲି ମନେ କରନ୍ତି ଯେପରି : ମଣ୍ଡଳୀ ଗଠନକାରୀ, ଦ୍ୱୀ-ପେଶାଦାରୀ ପାଳକ, ଶିକ୍ଷକ, ସାଧାରଣ ସେବାକାରୀ ସୁସମାଚାର ପ୍ରଚାରକ, ସାଧାରଣ ସେବାକାରୀ ସଙ୍ଗୀତ ପ୍ରଚାରକ, ଭଣ୍ଡାରଘରିଆ ସେବକ, ମଣ୍ଡଳୀ କର୍ମଚାରୀ ସେବକ, ମଣ୍ଡଳୀ ପ୍ରତିବଦଳରେ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସେବା, କିନ୍ତୁ ବର୍ତ୍ତମାନ ସମୟରେ ଯେ ଅଭିଷିକ୍ତ ହେବାର ଆହ୍ୱାନକୁ ଅନୁଭବ କରିପାରୁ ନ ଥିବ ସେ ଅପେଶାଦାରୀ ସେବକର ଏକ ପ୍ରମାଣପତ୍ର ପାଇଁ ପାଠ୍ୟକ୍ରମରେ ନିୟୋଜିତ ହୋଇପାରିବେ ।

**୫୦୩.୩.** ପାଳକଙ୍କ ଅନୁମୋଦନରେ ସ୍ଥାନୀୟ ମଣ୍ଡଳୀ ପରିଷଦ ପ୍ରାରମ୍ଭରେ ସାଧାରଣ ସେବାକାରୀଙ୍କୁ ପରୀକ୍ଷା କରିବ ଏବଂ ଅନୁମୋଦନ କରିବ ଯେପରି: ପରିତ୍ରାଣର ବ୍ୟକ୍ତିଗତ ଅନୁଭୂତି, ମଣ୍ଡଳୀ ସେବାକାର୍ଯ୍ୟଗୁଡ଼ିକରେ ପ୍ରଭାବଶାଳୀ ଭାବରେ ନିୟୋଜିତ ଏବଂ ମଣ୍ଡଳୀର କାର୍ଯ୍ୟର ଜ୍ଞାନ ।

**୫୦୩.୪.** ପ୍ରତ୍ୟେକ ସାଧାରଣ ସେବାକାରୀ ପ୍ରାର୍ଥୀଙ୍କୁ ସ୍ଥାନୀୟ ମଣ୍ଡଳୀ ପରିଷଦ ପାଳକଙ୍କ ଅନୁମୋଦନରେ, ପାଳକଙ୍କ ଏବଂ ମଣ୍ଡଳୀ ପରିଷଦର ସମ୍ପାଦକଙ୍କ ଦସ୍ତଖତ ସହିତ ଏକ ପ୍ରମାଣ ପତ୍ର ପ୍ରଦାନ କରିବେ ।

**୫୦୩.୫.** ପ୍ରତିବର୍ଷ ସାଧାରଣ ସେବାକାରୀର ପ୍ରମାଣ ପତ୍ର ପାଳକଙ୍କ ଅନୁମୋଦନରେ ମଣ୍ଡଳୀ ପରିଷଦ ଦ୍ୱାରା ନୂତନୀକରଣ ହେବ, ଯଦି ସାଧାରଣ ସେବାକାରୀ ଅତିକମ୍‌ରେ ଅପେଶାଦାରୀ ସେବକ ପ୍ରଶିକ୍ଷଣ ଦ୍ୱାରା ଶିକ୍ଷାକାର୍ଯ୍ୟକ୍ରମର ଦୁଇଟି ବିଷୟକୁ ସମାପ୍ତ କରିଥିବେ । ସାଧାରଣ ସେବାକାରୀ ପ୍ରତିବର୍ଷ ମଣ୍ଡଳୀର ପରିଷଦକୁ ତାଙ୍କର ବିବରଣୀ ଦେବେ ।

**୫୦୩.୬.** ଜଣେ ସାଧାରଣ ସେବାକାରୀ ନିମନ୍ତେ ଯେ ଏକ ପାଠ୍ୟକ୍ରମର ସମାପ୍ତ ଉତ୍ତାରେ ଅଞ୍ଚଳର ଅଧିନରେ ମଣ୍ଡଳୀ ଗଠନକାରୀ, ପ୍ରେରଣ କରାଯାଉଥିବା ପାଳକ, ଦ୍ୱି-ପେଶାଦାରୀ ପାଳକ କିମ୍ବା ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ କରୁଥାନ୍ତି,

ତେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦର ସମ୍ପାଦକଙ୍କ ଦସ୍ତଖତ ସହିତ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଏକ ଅପେଶାଦାରୀର ଏକ ପ୍ରମାଣପତ୍ର ପ୍ରଦାନ କରାଯିବ । ସାଧାରଣ ସେବାକାରୀର ପ୍ରମାଣପତ୍ର ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ପ୍ରତିବର୍ଷ ନୂତନୀକରଣ ହେବ ।

**୫୦୩.୭.** ଯେଉଁ ସାଧାରଣ ସେବାକାରୀ ସ୍ଥାନୀୟ ମଣ୍ଡଳୀରୁ ଅନ୍ୟତ୍ର ସେବା କରନ୍ତି, ଯେଉଁଠାରେ ସେ ସଦସ୍ୟ ଅଟନ୍ତି ତେବେ ତାଙ୍କର ନିଯୁକ୍ତି ଏବଂ ପରିଦର୍ଶନ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅଧିନରେ ରହିବ ଏବଂ ପ୍ରତିବର୍ଷ ସେମାନଙ୍କୁ ସେ ବିବରଣୀ ଦେବେ । ଯେତେବେଳେ ଅଞ୍ଚଳର ଦାୟୀତ୍ୱ ବନ୍ଦ କରି ଦିଆଯାଏ, ତେବେ ସ୍ଥାନୀୟ ମଣ୍ଡଳୀକୁ ଏହା ଜଣାଇ ଦେବା ଆବଶ୍ୟକ ଯେଉଁଠାରେ ତାଙ୍କର ସଭ୍ୟ ପଦ ରହିଛି ଏବଂ ଯେଉଁଠାରେ ପ୍ରମାଣପତ୍ରର ନୂତନୀକରଣ ପାଇଁ ଆବେଦନ କରନ୍ତି ଓ ବିବରଣୀ ପ୍ରଦାନ କରନ୍ତି ।

**୫୦୩.୮.** ଜଣେ ସାଧାରଣ ସେବାକାରୀର ବିଧି ସିଦ୍ଧତା ପାଠ୍ୟକ୍ରମ ସମାପ୍ତ ହେଲା ଉତ୍ତାରେ ଚାଲୁଥିବା ଅପେଶାଦାରୀ ସେବକ ପ୍ରଶିକ୍ଷଣ କାର୍ଯ୍ୟାଳୟ ମାଧ୍ୟମରେ ତାଙ୍କର ମନୋନୀତ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ପ୍ରତି ଅଗ୍ରସର ହୋଇପାରିବେ ।

**୫୦୩.୯.** ଜଣେ ସାଧାରଣ ସେବାକାରୀ, ବାପ୍ତିସ୍ମ, ପ୍ରଭୁଭୋଜ ଏବଂ ବିବାହ କାର୍ଯ୍ୟକ୍ରମ ପରିଚାଳନା କରିବା ନିମନ୍ତେ ଯୋଗ୍ୟ ହେବେ ନାହିଁ ।

## (ଖ) ଯାଜକୀୟ ଶ୍ରେଣୀର ସେବାକାର୍ଯ୍ୟ

**୫୦୪.** ନାଜରିନ୍ ମଣ୍ଡଳୀ ପ୍ରଚାରର ସେବାକାର୍ଯ୍ୟର କେବଳ ଏକମାତ୍ର ଧାରାକୁ ସ୍ୱୀକାର କରେ ଯାହାକି ପ୍ରାଚୀନମାନଙ୍କର । ଏହା ମଧ୍ୟ ସ୍ୱୀକାର କରେ ଯେ ଯାଜକୀୟ ଶ୍ରେଣୀର ସଭ୍ୟ ବିଭିନ୍ନ ଦାୟିତ୍ୱ ନେଇ ମଣ୍ଡଳୀର ସେବା କରିପାରିବେ (ଏଫିସୀୟ ୪:୧୧-୧୨) । ନାଜରିନ୍ ମଣ୍ଡଳୀଗୁଡ଼ିକ ନିମ୍ନଲିଖିତ ଶ୍ରେଣୀଗୁଡ଼ିକ

ସେବାରେ ଆଞ୍ଚଳିକ ସମ୍ମିଳନୀ ପ୍ରାଚୀନ, ଦୀକନ କିମ୍ବା ପରିସ୍ଥିତି ଅନୁଯାୟୀ ଅଧିକାର ପତ୍ର ପ୍ରଦାନ କରିପାରେ; ଜଣେ ଅଧିକାର ପତ୍ରଧାରୀ ସେବକ, ପାଳକ, ସୁସମାଚାର ପ୍ରଚାରକ, ମିଶନାରୀ, ଶିକ୍ଷକ, ପ୍ରଶାସକ, ଘରୋଇ ଉପାସନାରେ ଯାଜକ କାର୍ଯ୍ୟ କରୁଥିବା ସେବକ (Chaplain) ଏବଂ ବିଶେଷ ସେବା । ଦାୟିତ୍ୱରେ ଥିବା ସେବକମାନଙ୍କ ନିମନ୍ତେ ଅଭିଷେକ ଏବଂ ସେବକ ପ୍ରଶିକ୍ଷଣର ଆବଶ୍ୟକ । ଅଭିଷେକ ଉପରେ ଆଧାରିତ ଉକ୍ତ ପୁସ୍ତକ ସେବାକାର୍ଯ୍ୟର ପ୍ରତ୍ୟେକ ଶ୍ରେଣୀ ନିମନ୍ତେ ଦାୟୀତ୍ୱ ବହନ କରିପାରୁଥିବା ସେବକମାନଙ୍କର ଆବଶ୍ୟକ ଯୋଗ୍ୟତା ଚିହ୍ନେଇବାରେ ଆଞ୍ଚଳିକ ପରିଷଦକୁ ସାହାଯ୍ୟ କରେ । କେବଳ ଦାୟୀତ୍ୱରେ ଥିବା ସେବକଗଣ ଆଞ୍ଚଳିକ ସମ୍ମିଳନୀରେ ଭୋଟ୍ ପ୍ରଦାନ ସଦସ୍ୟ ହୋଇପାରିବେ ।

**୫୦୪.୧.** ଏକ ନିର୍ଦ୍ଦିଷ୍ଟ ଭୂମିକାରେ ନ୍ୟସ୍ତ କରାଯାଇଥିବା ବ୍ୟକ୍ତିଗଣ ଦାୟୀତ୍ୱରେ ଥିବା ଆଞ୍ଚଳିକ ସମ୍ମିଳନୀକୁ ବାର୍ଷିକ ବିବରଣୀ ଦେବେ ।

**୫୦୪.୨.** ଏକ ନିର୍ଦ୍ଦିଷ୍ଟ ଭୂମିକା ପ୍ରତି ନ୍ୟସ୍ତ ଥିବା ବ୍ୟକ୍ତିଗଣ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଏକ ପ୍ରମାଣପତ୍ର ନ୍ୟସ୍ତ କରାଇଥିବା ଅଞ୍ଚଳଠାରୁ ଅନୁରୋଧ ଏବଂ ଗ୍ରହଣ କରିବେ ।

**୫୦୪.୩.** ସେବାକାର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ଭୂମିକା ପ୍ରତି ନ୍ୟସ୍ତ କରାଯାଇଥିବା ସମସ୍ତ ବ୍ୟକ୍ତି ଯେତେବେଳେ ସ୍ୱାସ୍ଥ୍ୟ/ମେଡିକାଲ ଅଧିକାରୀଙ୍କ ଅନୁମୋଦନ ଦ୍ୱାରା ଅସାମର୍ଥ୍ୟ ବୋଲି ଉପସ୍ଥାପିତ ହେବେ ସେମାନଙ୍କୁ "ନ୍ୟସ୍ତ ଅସାମର୍ଥ୍ୟ" ବୋଲି ତାଲିକାରେ ରହିବେ ।

## ୩. ସେବାକାର୍ଯ୍ୟର ଭୂମିକା

**୫୦୫.** ଭୂମିକାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଅଛି:

**୫୦୬.** ପ୍ରଶାସକ । ପ୍ରଶାସକ ଜଣେ ପ୍ରାଚୀନ କିମ୍ବା ଜଣେ ଦୀକନ ଅଟନ୍ତି ସେମାନେ ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଆନ୍ତର୍ଜାତିକ ଅଫିସର୍ ଭାବରେ ନତୁବା ଜଣେ ଯାଜକ ଶ୍ରେଣୀର ସଭ୍ୟ ଆନ୍ତର୍ଜାତିକ ମଣ୍ଡଳୀକୁ ସେବା କରିବା ପାଇଁ ନିର୍ବାଚିତ କିମ୍ବା ନିଯୁକ୍ତି ହୋଇଥିବେ । ଜଣେ ପ୍ରଶାସକ ପ୍ରାଚୀନ ହୋଇପାରନ୍ତି ଯେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଆଞ୍ଚଳିକ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥାନ୍ତି କିମ୍ବା ଜଣେ ଯାଜକ ଶ୍ରେଣୀର ସଭ୍ୟ ଏକ ଆଞ୍ଚଳିକ ସେବାରେ ତାଙ୍କର ପ୍ରାଥମିକ ଦାୟୀତ୍ୱ ରୂପେ ନିର୍ବାଚିତ କିମ୍ବା ନିଯୁକ୍ତି ହୋଇଥାନ୍ତି । ଏହିପରି ବ୍ୟକ୍ତିଜଣକ ଜଣେ ଦାୟୀତ୍ୱ ପ୍ରାପ୍ତ ସେବକ ଅଟନ୍ତି ।

**୫୦୭.** ଘରୋଇ ଉପାସନାର ପାଳକ/ଯାଜକ: ଏହି ଯାଜକ ଜଣେ ଅଭିଷିକ୍ତ ସେବକ ଯେ ସୈନ୍ୟବାହିନୀରେ, ଅନୁଷ୍ଠାନରେ କିମ୍ବା କାରଖାନାରେ ବିଶେଷ ସେବାକାର୍ଯ୍ୟ ପ୍ରତି ସ୍ୱର୍ଗୀୟ ଚାଳନାର ଅନୁଭବ କରୁଥିବେ । ଯେଉଁ ସେବକଗଣ ଏହିଭଳି ଯାଜକତ୍ୱ କାର୍ଯ୍ୟ କରିବାକୁ ଅନୁସନ୍ଧାନ କରୁଥିବେ ସେମାନଙ୍କର ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନର ଆବଶ୍ୟକ । ଜଣେ ଅଭିଷିକ୍ତ ସେବକ ତାଙ୍କର ପ୍ରାଥମିକ ଦାୟିତ୍ୱ ଭାବରେ ଏହିପରି ଯାଜକ କାର୍ଯ୍ୟ କରୁଥିବେ, ସେ ଜଣେ ଦାୟୀତ୍ୱରେ ଥିବା ସେବକ ହୋଇଥିବେ ଏବଂ ପ୍ରତିବର୍ଷ ଆଞ୍ଚଳିକ ସମ୍ମିଳନୀକୁ ତାଙ୍କର ବିବରଣୀ ଦେବେ ଓ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଉପଦେଷ୍ଟା ପରିଷଦର ଉପଦେଶକୁ ସମ୍ମାନ ଦେବେ । ଏହି ଯାଜକ ନାଜରିନ୍ ମଣ୍ଡଳୀ ସହଭାଗିତାର ସଭ୍ୟମାନଙ୍କୁ ଏକ ପ୍ରତିଷ୍ଠିତ ନାଜରିନ୍ ମଣ୍ଡଳୀ ସହିତ ପରାମର୍ଶ କରି ଗ୍ରହଣ କରିପାରିବେ, ସେମାନଙ୍କୁ ମାର୍ଗ ଦର୍ଶିକା ଅନୁଯାୟୀ ଶିକ୍ଷା ଦେବେ, ପାଳକୀୟ ଯତ୍ନ ନେବେ, ଦୁଃଖୀମାନଙ୍କୁ ସାନ୍ତ୍ୱନା ଦେବେ, ପାପୀମାନଙ୍କର ମନଫେରଣ ନିମନ୍ତେ ସମସ୍ତ ପଥ ଅନୁସନ୍ଧାନ କରିବେ, ବିଶ୍ୱାସୀମାନଙ୍କର ପ୍ରକ୍ଷାଳନ ଏବଂ ଅଧିକ ପବିତ୍ର ବିଶ୍ୱାସରେ ଈଶ୍ୱରଙ୍କ ଲୋକମାନଙ୍କର ଗଠନ କରିବେ (୫୧୯, ୫୩୮.୯, ୫୩୮.୧୩) ।

**୫୦୮.** ମହିଳା ଦୀକନ – ନାଜରିନ୍ ମଣ୍ଡଳୀର କୌଣସି ମହିଳା ସଭ୍ୟ ବିଶ୍ୱାସ କରନ୍ତି ଯେ ସେ ସ୍ୱର୍ଗୀୟ ଶକ୍ତି ଦ୍ୱାରା ପରିଚାଳିତ ହୋଇ ରୋଗୀ ଏବଂ

ଦୁଃଖୀମାନଙ୍କୁ, ଦୁଃଖୀମାନଙ୍କୁ ସାନ୍ତ୍ୱନା ଦେବାରେ ଏବଂ ଖ୍ରୀଷ୍ଟିୟାନ ଦୟାଶୀଳତାର ଅନ୍ୟାନ୍ୟ କାର୍ଯ୍ୟରେ ନିଜକୁ ବ୍ୟବହାର କରିବେ ଏବଂ ଯେ ତାଙ୍କ ଜୀବନର ଅନୁଗ୍ରହ, ସକ୍ଷମତା ଏବଂ ବ୍ୟବହାର ଯୋଗ୍ୟର ପ୍ରମାଣ ଦେଇଛନ୍ତି ଏବଂ ଯେ ୧୯୮୫ ସାଲ ଉତ୍ତାରେ ଦୀକନ ଅଧିକାର ପତ୍ର ପ୍ରାପ୍ତ ହୋଇଛନ୍ତି ସେ ଏହିପରି ସେବାକାର୍ଯ୍ୟ କରିପାରିବେ । ଯାହେଉନା କାହିଁକି ଯେଉଁ ମହିଳାଗଣ ଦାୟୀତ୍ୱ ସେବାକାର୍ଯ୍ୟ ପ୍ରତି ଆହ୍ୱାନ ପ୍ରାପ୍ତ କିନ୍ତୁ ପ୍ରଚାର ପାଇଁ ନୁହେଁ, ସେମାନଙ୍କୁ ଦୀକନ ଅଭିଷେକ ପାଇଁ ଆବଶ୍ୟକ ଧାରାଗୁଡ଼ିକ ସମାପ୍ତ କରିବା ଆବଶ୍ୟକ । କୌଣସି ମହିଳା ଦୟାପୂର୍ବକ ସେବାକାର୍ଯ୍ୟ ନିମନ୍ତେ ପ୍ରମାଣପତ୍ର ଆଗ୍ରହ କରନ୍ତି ସେମାନେ ଅପେଶାଦାରୀ ସେବକ ନିମନ୍ତେ ଆବଶ୍ୟକତା ପ୍ରତି ଅଗ୍ରସର ହୋଇପାରିବେ (୧୧୩.୯, ୫୦୩.୨, ୫୦୩.୯) ।

**୫୦୯.** ପ୍ରଶିକ୍ଷକ – ନାଜରିନ୍ ମଣ୍ଡଳୀର ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ପ୍ରଶିକ୍ଷକ ଜଣେ ପ୍ରଶାସନିକ କର୍ମଚାରୀ ସେ ଜଣେ ପ୍ରାଚୀନ, ଦୀକନ କିମ୍ବା ପ୍ରମାଣ ପତ୍ରଧାରୀ ସେବକ । ସେମାନଙ୍କର ସେବାକାର୍ଯ୍ୟ ଦାୟୀତ୍ୱ ନିମନ୍ତେ ନାଜରିନ୍ ମଣ୍ଡଳୀ ଏହିପରି ବ୍ୟକ୍ତିମାନଙ୍କୁ ଜଣେ ପ୍ରଶିକ୍ଷକ ଭାବରେ ନାମିତ କରେ ।

**୫୧୦.** ସୁସମାଚାର ପ୍ରଚାରକ – ସୁସମାଚାର ପ୍ରଚାରକ ଜଣେ ପ୍ରାଚୀନ କିମ୍ବା ଅଧିକାର ପତ୍ରଧାରୀ ଅଟନ୍ତି ଯେ ଯାତ୍ରା କରିବାକୁ ଏବଂ ସୁସମାଚାର ପ୍ରଚାର କରିବାକୁ ଉତ୍ସର୍ଗୀକୃତ ଅଟନ୍ତି ଏବଂ ଯେ ଉଦ୍ଦୀପନାକୁ ପ୍ରୋତ୍ସାହିତ ଏବଂ ଦେଶର ବାହାରେ ଯୀଶୁଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବାକୁ ମଣ୍ଡଳୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟନ୍ତି । ନାଜରିନ୍ ମଣ୍ଡଳୀ ସ୍ୱୀକାର କରେ ତିନି ପର୍ଯ୍ୟାୟର ଭ୍ରମଣଶୀଳ ସୁସମାଚାର ପ୍ରଚାରକ ଯାହା ଆଞ୍ଚଳିକ ସମ୍ମିଳନୀ ସେବକମାନଙ୍କୁ ଦାୟୀତ୍ୱ ଦେଇଥାଏ ଯଥା: ପଞ୍ଜୀକୃତ ସୁସମାଚାର ପ୍ରଚାରକ, ଭାରାର୍ପଣ ପ୍ରଚାରକ ଏବଂ ସ୍ଥାୟୀ ପ୍ରଚାରକ । ଜଣେ ପ୍ରଚାରକ ଯେ ତା'ର ମଣ୍ଡଳୀ ପ୍ରତି ଏବଂ ବାହାରେ ପ୍ରଚାରର ସମୟ ପ୍ରତି ସମର୍ପିତ ଏବଂ ତା'ର ପ୍ରାଥମିକ ଦାୟୀତ୍ୱ ବୋଲି ଗଣନା କରେ ଏବଂ ଏହି ସବୁ

ବିଷୟରେ ତା'ର ମଣ୍ଡଳୀରୁ ଅବସର ନେବାକୁ ଇଚ୍ଛା ନ କରେ ସେ ଜଣେ ଦାୟୀତ୍ୱ ନ୍ୟସ୍ତ ସେବକ ହେବ ।

**୫୧୦.୧.** ଜଣେ ପଞ୍ଜୀକୃତ ପ୍ରଚାରକ ଜଣେ ପ୍ରାଚୀନ ହେବେ କିମ୍ବା ଜଣେ ଅଧିକାର ପ୍ରାପ୍ତ ସେବକ ହେବେ ଯାହାର ସୁସମାଚାର ପ୍ରଚାର ପ୍ରତି ଆଗେଇଯିବା ପ୍ରାଥମିକ ଚିହ୍ନ ଅଟେ । ଏହି ପଞ୍ଜୀକରଣ କେବଳ ଗୋଟେ ବର୍ଷ ନିମନ୍ତେ । ତା'ର ପରବର୍ତ୍ତୀ ଆଞ୍ଚଳିକ ସମ୍ମିଳନୀରେ କାର୍ଯ୍ୟର ଗୁଣ ଏବଂ ମାନ ଉପରେ ସମୀକ୍ଷା କରି ପଞ୍ଜୀକରଣକୁ ନୂତନୀକରଣ କରାଯିବ ।

**୫୧୦.୨.** ଭାରାର୍ପଣ (Commissioned) ସୁସମାଚାର ପ୍ରଚାରକ ଜଣେ ପ୍ରାଚୀନ ଅଟନ୍ତି ଯେ ପଞ୍ଜୀକୃତ ସୁସମାଚାର ପ୍ରଚାରକର ଦାୟୀତ୍ୱ / ସମସ୍ତ ଆବଶ୍ୟକତାଗୁଡ଼ିକୁ ଦୁଇ ବର୍ଷ ପର୍ଯ୍ୟନ୍ତ ସମାପ୍ତ କରିଛନ୍ତି । ଭାରାର୍ପଣ ଗୋଟେ ବର୍ଷ ନିମନ୍ତେ ଏବଂ ପରବର୍ତ୍ତୀ ଆଞ୍ଚଳିକ ସମ୍ମଳନୀରେ ତାହା ନୂତନୀକରଣ କରାଯାଇପାରେ ଯଦି ସେ ନିୟମିତ ଭାବରେ ଆବଶ୍ୟକତାଗୁଡ଼ିକୁ ସଂପୂର୍ଣ୍ଣ / ପୁରା କରିଛନ୍ତି ।

**୫୧୦.୩.** ଜଣେ ସ୍ଥାୟୀ ସୁସମାଚାର ପ୍ରଚାରକ ଜଣେ ପ୍ରାଚୀନ ଅଟନ୍ତି ଯେ ଭାରାର୍ପଣ ପ୍ରଚାରକଙ୍କ ସମସ୍ତ ଆବଶ୍ୟକତାଗୁଡ଼ିକୁ ସଂପୂର୍ଣ୍ଣ ୪ ବର୍ଷ ପର୍ଯ୍ୟନ୍ତ ପୂରଣ କରିଅଛନ୍ତି ଏବଂ ସ୍ଥାୟୀ ପ୍ରଚାରକ ପଦବୀ ନିମନ୍ତେ ଆବେଦନ କରିବାର ଠିକ୍ ଗୋଟେ ବର୍ଷ ପୂର୍ବରୁ କାର୍ଯ୍ୟ ପୁରା କରିଥିବେ ଏବଂ District Ministerial Credemtial Board ଏବଂ District Board of Ministry ଦ୍ୱାରା ସୁପାରିଶ ହୋଇ ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥିବେ (୨୩୧.୨, ୫୩୬) ।

**୫୧୦.୪.** ଏକ ସ୍ୱୟଂ ମୂଲ୍ୟ ନିର୍ଦ୍ଧାରଣ ଏବଂ ସମୀକ୍ଷା ଭଳି ମଣ୍ଡଳୀ/ପାଳକ ସମ୍ପର୍କର ସମୀକ୍ଷା ପ୍ରତି ୪ ବର୍ଷରେ ଥରେ ସ୍ଥାୟୀ ଭୂମିକା ପ୍ରତି ନିର୍ବାଚନ ଉତ୍ତାରେ ମିଳିତ ଭାବରେ ସୁସମାଚାର ପ୍ରଚାରକ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ସମୀକ୍ଷା କରାଯିବ । ପ୍ରଚାରକଙ୍କ ପରାମର୍ଶରେ ସଭାର ସୂଚୀ କରାଯିବ । ଏହି ସମୀକ୍ଷାର

ସମାପ୍ତି ଉପରେ, ଏକ ବିବରଣୀ ଈଶ୍ୱର ଆହୂତ ପ୍ରଚାରକ କମିଟିକୁ ପୁନର୍ବାର ଅନୁମୋଦନ ଆବଶ୍ୟକତାକୁ ସମୀକ୍ଷା କରିବାକୁ ପ୍ରେରଣ କରାଯିବ (୨୧୧.୨୧) ।

**୫୧୦.୫.** ଜଣେ ପ୍ରାଚୀନ ଏବଂ ଅଧିକାର ପତ୍ରପ୍ରାପ୍ତ ସେବକ ଯେ ମଣ୍ଡଳୀ କିମ୍ବା କୌଣସି ବିଭାଗ ସହିତ ଅବସର ବଜାୟ ରଖିବାକୁ ଇଚ୍ଛା କରନ୍ତି ଏବଂ ଯେ ଉଦ୍ଦୀପନା ଏବଂ ସଭାଗୁଡ଼ିକ ମାଧ୍ୟମରେ ସେବକ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି, ତେବେ ସେ "ଅବସର ସୁସମାଚାର ପ୍ରଚାର ସେବା"ର ପ୍ରମାଣପତ୍ର ଗ୍ରହଣ କରିପାରିବେ । ଏହି ପ୍ରମାଣପତ୍ରର ସମୟସୀମା ୧ ବର୍ଷ ପର୍ଯ୍ୟନ୍ତ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ଆଞ୍ଚଳିକ ସମ୍ମିଳନୀର ଭୋଟ୍ ଦ୍ୱାରା ତାହା ନୂତନୀକୃତ କରାଯାଇପାରିବ ।

**୫୧୦.୬.** ଆଞ୍ଚଳିକ ସମ୍ମିଳନୀ ସମୟ ମଧ୍ୟରେ ଜଣେ ପ୍ରାଚୀନ କିମ୍ବା ଅଧିକାର ପତ୍ରଧାରୀ ଜଣେ ସେବକ ସୁସମାଚାର ପ୍ରଚାର କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କରନ୍ତି, ତେବେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ବିଶ୍ୱ ଯାଜକ ବିକାଶର ଆନ୍ତର୍ଜାତିକ କାର୍ଯ୍ୟାଳୟ ଦ୍ୱାରା ସ୍ୱୀକୃତୀ ପ୍ରାପ୍ତ ହେବା ଆବଶ୍ୟକ ।

**୫୧୦.୭.** ପ୍ରଚାରକମାନଙ୍କର ଭୂମିକାର ପ୍ରମାଣପତ୍ର ନିମନ୍ତେ ନିୟମ ଏବଂ ଧାରା "ଅଭିଷେକର ଉତ୍ସ ପୁସ୍ତକରେ" ଲିଖିତ ଅଛି ।

**୫୧୧.** ଖ୍ରୀଷ୍ଟୀୟ ଶିକ୍ଷାର ସେବକ । ଏକ ସ୍ଥାନୀୟ ମଣ୍ଡଳୀର ଖ୍ରୀଷ୍ଟୀୟ ଶିକ୍ଷା କାର୍ଯ୍ୟକ୍ରମରେ ଯାଜକ ଶ୍ରେଣୀ ଜଣେ କର୍ମଚାରୀଙ୍କୁ ଏକ ଖ୍ରୀଷ୍ଟୀୟ ଶିକ୍ଷାର ସେବକ ରୂପେ ଦାୟୀତ୍ୱ ନ୍ୟସ୍ତ କରାଯାଇପାରିବ ।

**୫୧୧.୧.** ଯେଉଁ ବ୍ୟକ୍ତି ୧୯୮୫ ମସିହାଠାରୁ ଖ୍ରୀଷ୍ଟୀୟ ଶିକ୍ଷା କ୍ଷେତ୍ରରେ ସେବକ ପରି ଅଧିକାର ପତ୍ରଧାରୀ କିମ୍ବା ଭାରାର୍ପଣ ସେବକ ଥିଲେ ସେମାନେ ଉତ୍ତମ ମର୍ଯ୍ୟାଦା ବଜାୟ ରଖିବେ । କିନ୍ତୁ ଯେଉଁ ବ୍ୟକ୍ତି ଖ୍ରୀଷ୍ଟୀୟ ଶିକ୍ଷା ବିଭାଗର

ସେବକର ଭୂମିକା ନିମନ୍ତେ ଅଗ୍ରସର ହେବାକୁ ଇଚ୍ଛା କରୁଥିବେ ସେମାନଙ୍କୁ ଅଭିଷେକ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥାକୁ ସମାପ୍ତ କରିବା ଆବଶ୍ୟକ ।

**୫୧୨.** ସଙ୍ଗୀତର ସେବକ । ନାଜରିନ୍ ମଣ୍ଡଳୀର ଜଣେ ସଭ୍ୟ ଯେ ଅନୁଭବ କରେ ଯେ ସେ ସଙ୍ଗୀତ ସେବାକାର୍ଯ୍ୟ ନିମନ୍ତେ ଆହୂତ ତାଙ୍କୁ ସଙ୍ଗୀତ ସେବକ ରୂପେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଏକ ବର୍ଷ ନିମନ୍ତେ ଦାୟୀତ୍ୱ ଦିଆଯିବ । ସେହି ବ୍ୟକ୍ତି ଏହିପରି ହୋଇଥିବା ଆବଶ୍ୟକ ଯଥା:

୧. ସେହି ବ୍ୟକ୍ତି ପ୍ରତି ସ୍ଥାନୀୟ ମଣ୍ଡଳୀ ପରିଷଦର ଅନୁମୋଦନ ଥିବ ଯେଉଁ ମଣ୍ଡଳୀରେ ସେ ସଭ୍ୟ ହୋଇଥିବେ;
୨. ଅନୁଗ୍ରହ, ଦାନ ଏବଂ ବ୍ୟବହାରିକତାର ପ୍ରମାଣ ଦେବେ;
୩. ସଙ୍ଗୀତ ସେବାରେ ଅତିକମ୍‌ରେ ଏକ ବର୍ଷର ଅନୁଭୂତି ଥିବ;
୪. ଏକ ବର୍ଷର ସ୍ୱୀକୃତିପ୍ରାପ୍ତ ଶିକ୍ଷକ ଅଧିନରେ ସ୍ୱର ଶିକ୍ଷା କରିଥିବେ;
୫. ସଙ୍ଗୀତ ସେବାରେ ନିୟମିତ ଭାବରେ ନିଯୋଜିତ ଥିବେ;
୬. ଏହିପରି କାର୍ଯ୍ୟ ନିମନ୍ତେ ଆଞ୍ଚଳିକ ସମ୍ମିଳନୀ ତାଙ୍କର ମଣ୍ଡଳୀ ସଭ୍ୟପଦ, ତାଙ୍କର ଜ୍ଞାନ, ଆତ୍ମିକ ଯୋଗ୍ୟତା ଏବଂ ସାଧାରଣ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

**୫୧୨.୧.** ଏହିପରି ବ୍ୟକ୍ତି ଯେ ଏହି ସେବାକାର୍ଯ୍ୟକୁ ତା'ର ପ୍ରାଥମିକ ଦାୟୀତ୍ୱ ପରି ସେବା କରୁଅଛି ସେହି ବ୍ୟକ୍ତିକୁ ଦାୟୀତ୍ୱବାନ୍ ସେବକ ବୋଲି ଗଣନା କରାଯିବ ।

**୫୧୩.** ଧର୍ମ ପ୍ରଚାରକ । (Missionary) ମିଶନାରୀ ଜଣେ ଯାଜକ ଶ୍ରେଣୀର କିମ୍ବା ଅପେଶାଦାରୀ ଶ୍ରେଣୀ (Lay)ର ଅଟନ୍ତି ଯେ ବିଶ୍ୱ ମିଶନ୍ ତତ୍ତ୍ୱାବଧାନ ଅଧିନରେ ସେବା କରନ୍ତି ।

**୫୧୪.** ପାଳକ । ଜଣେ ପାଳକ ପ୍ରାଚୀନ ଅଭିଷିକ୍ତ କିମ୍ବା ଅଧିକାର ପତ୍ରଧାରୀ ସେବକ ହୋଇଥିବେ ଯେ ଈଶ୍ୱରଙ୍କ ଆହ୍ୱାନ ଅଧିନରେ ତାହାଙ୍କ ଲୋକମାନଙ୍କୁ

ଏକ ସ୍ଥାନୀୟ ମଣ୍ଡଳୀ ଅଧିନରେ ପରିଚାଳନା କରିବେ (୧୧୫, ୨୧୩, ୫୩୩.୪)।

**୫୧୫.** ପାଳକଙ୍କ ମୁଖ୍ୟ କାର୍ଯ୍ୟଗୁଡ଼ିକ:

**୫୧୫.୧.** ପ୍ରାର୍ଥନା କରିବା।

**୫୧୫.୨.** ବାକ୍ୟ ପ୍ରଚାର କରିବା।

**୫୧୫.୩.** ସୁସମାଚାର ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ଉଠାଇବା।

**୫୧୫.୪.** ପ୍ରଭୁଭୋଜ ଏବଂ ବାପ୍ତିସ୍ମ କାର୍ଯ୍ୟକ୍ରମର ପରିଚାଳକ। ପ୍ରଭୁଭୋଜ ଅତିକମ୍‌ରେ ବର୍ଷରେ ୪ଥର ହେବା ଆବଶ୍ୟକ। ଏହି ଅନୁଗ୍ରହର କାର୍ଯ୍ୟକୁ ଅଧିକ ଭାବରେ ପାଳନ କରିବାକୁ ପାଳକମାନଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଯେଉଁ ଆଞ୍ଚଳିକ ଅଧିକାର ପତ୍ରଧାରୀ ସେବକ ପାରା ୫୩୨.୭ ଅନୁଯାୟୀ ଧାରାଗୁଡ଼ିକ ସଂପୂର୍ଣ୍ଣ କରିନାହାନ୍ତି, ସେମାନେ ଏହି ପବିତ୍ର କାର୍ଯ୍ୟକ୍ରମ ଜଣେ ଅଭିଷିକ୍ତ ସେବକଙ୍କ ଦ୍ୱାରା ପରିଚାଳନା କରିବେ। ଜଣେ ସ୍ଥାନୀୟ ଅଧିକାରୀ ପତ୍ରଧାରୀ ସେବକ ବାପ୍ତିସ୍ମର ପବିତ୍ର କାର୍ଯ୍ୟକ୍ରମ ଏବଂ ପ୍ରଭୁଭୋଜ ପରିଚାଳନା କରିବାକୁ ଯୋଗ୍ୟ ହେବେ ନାହିଁ। ଗୃହମାନଙ୍କରେ ଥିବା ସଭ୍ୟମାନଙ୍କୁ ପାଳକଙ୍କ ତତ୍ତ୍ୱାବଧାନରେ ପ୍ରଭୁଭୋଜ ପ୍ରଦାନ କରାଯିବାର ଆୟୋଜନ କରିବା ଆବଶ୍ୟକ (୫୩୧.୭, ୭୦୦)।

**୫୧୫.୫.** ପାଳକଙ୍କ ପରିଦର୍ଶନ ଦ୍ୱାରା ଲୋକମାନଙ୍କର ଯତ୍ନ ବିଶେଷରେ ରୋଗୀ ଏବଂ ଦୁଃଖୀମାନଙ୍କୁ।

**୫୧୫.୬.** ଶୋକାର୍ତ୍ତ ବ୍ୟକ୍ତିଙ୍କୁ ସାନ୍ତ୍ୱନା ଦେବା।

**୫୧୫.୭.** ସଠିକ୍ କରିବା, ଶାସନ କରିବା ଏବଂ ଉତ୍ସାହିତ କରିବା ଏବଂ ଧୈର୍ଯ୍ୟର ସହିତ ଉତ୍ସାହିତ କରିବା, ଯତ୍ନ ସହକାରେ ଉପଦେଶ ଦେବା।

**୫୧୫.୮.** ପାପୀମାନଙ୍କର ମନପରିବର୍ତ୍ତନ, ମନପରିବର୍ତ୍ତନ କରିଥିବା ବ୍ୟକ୍ତିଙ୍କର ସଂପୂର୍ଣ୍ଣ ପ୍ରକ୍ଷାଳନ ଏବଂ ପବିତ୍ରତାରେ ଈଶ୍ୱରଙ୍କ ଲୋକମାନଙ୍କୁ ଗଠନ କରିବାକୁ ଧ୍ୟାନ ଦେବେ / ଅନୁସନ୍ଧାନ କରିବେ । (୧୯)

**୫୧୫.୯.** ବିବାହ ପରିଚାଳନାର କାର୍ଯ୍ୟକ୍ରମଗୁଡ଼ିକୁ ଯତ୍ନ ସହକାରେ କରିବେ । (୫୩୮.୧୯)

**୫୧୫.୧୦.** ଯେଉଁ ବ୍ୟକ୍ତିଗଣ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ ପ୍ରତି ଆହ୍ୱାନପ୍ରାପ୍ତ ହୋଇଛନ୍ତି, ସେମାନଙ୍କୁ ଲାଳନ ପାଳନ କରିବା ଏବଂ ସେହି ବ୍ୟକ୍ତିଗଣଙ୍କୁ ପ୍ରଶିକ୍ଷଣ କରିବା ଏବଂ ସେବାକାର୍ଯ୍ୟ ନିମନ୍ତେ ସଠିକ୍ ପ୍ରସ୍ତୁତି ଦିଗକୁ ଆଗେଇ ନେବେ ।

**୫୧୫.୧୧.** ଆଜୀବନ ଶିକ୍ଷା କରିବାର କାର୍ଯ୍ୟକ୍ରମ ନିମନ୍ତେ ଈଶ୍ୱରଙ୍କର ଏବଂ ମଣ୍ଡଳୀର ଆଶାକୁ ପୂରଣ କରିବା ।

**୫୧୫.୧୨.** ସେବାକାର୍ଯ୍ୟ ନିମନ୍ତେ ନିଜର ଆହ୍ୱାନକୁ ସ୍ୱୟଂ ଲାଳନପାଳନ କରିବେ, ବ୍ୟକ୍ତିଗତ ଧ୍ୟାନକୁ ବଜାୟ ରଖିବେ ଯାହା ତାଙ୍କର ଆତ୍ମାକୁ ଆହୁରି ସମୃଦ୍ଧି କରିବ ଏବଂ ଯଦି ବିବାହିତ ତେବେ ବିବାହର ସମ୍ପର୍କକୁ ମର୍ଯ୍ୟାଦା ଦେବେ ଏବଂ ପବିତ୍ର ରଖିବେ ।

**୫୧୬.** ଜଣେ ପାଳକଙ୍କର ପ୍ରଶାସନିକ କାର୍ଯ୍ୟ:

**୫୧୬.୧.** ପାରା ୧୦୭ ଏବଂ ୧୦୭.୧ ଅନୁଯାୟୀ ଲୋକମାନଙ୍କୁ ସ୍ଥାନୀୟ ମଣ୍ଡଳୀର ସଭ୍ୟ ରୂପେ ଗ୍ରହଣ କରିବେ ।

**୫୧୬.୨.** ସ୍ଥାନୀୟ ମଣ୍ଡଳୀର ସମସ୍ତ ବିଭାଗର କାର୍ଯ୍ୟକୁ ପାଳକତ୍ୱ କରିବେ ।

**୫୧୬.୩.** ପାରା ୧୪୫.୮ ଅନୁଯାୟୀ ସଣ୍ଡେସ୍କୁଲ ଶିକ୍ଷକ / ବାଇବଲ ଅଧ୍ୟୟନ ଶିକ୍ଷକ / କ୍ଷୁଦ୍ରଦଳ ଶିକ୍ଷକ ନିଯୁକ୍ତ କରିବେ ।

**୫୧୬.୪.** ପାରା ୧-୨୧, ୨୮-୩୩ରେ ଥିବା ନାଜରିନ୍ ମଣ୍ଡଳୀର ସମ୍ବିଧାନକୁ ଏବଂ ଖ୍ରୀଷ୍ଟିୟାନର ଚୁକ୍ତିକୁ ସମବେତ ମଣ୍ଡଳୀ ପ୍ରତି, ପ୍ରତିବର୍ଷ ପାଠ କରିବେ କିମ୍ବା ଛପା ଯାଇଥିବା ମାର୍ଗଦର୍ଶିକା (MANUAL) ମଣ୍ଡଳୀ ସଭ୍ୟଗଣଙ୍କୁ ବିତରଣ କରିବେ । (୧୧୪)

**୫୧୬.୫.** ସ୍ଥାନୀୟ ମଣ୍ଡଳୀର ପ୍ରତ୍ୟେକ ବିଭାଗର ତଥ୍ୟ ବିବରଣୀର ପ୍ରସ୍ତୁତି ତଦାରଖ କରିବେ ଏବଂ ଅବିଳମ୍ବେ ସେହି ସମସ୍ତ ବିବରଣୀ ଆଞ୍ଚଳିକ ସମ୍ପାଦକଙ୍କ ମାଧ୍ୟମରେ ଆଞ୍ଚଳିକ ସମ୍ମିଳନୀକୁ ପ୍ରଦାନ କରିବେ । (୧୧୪.୧)

**୫୧୬.୬.** ଅଞ୍ଚଳ ଏବଂ ଆନ୍ତର୍ଜାତିକ ମଣ୍ଡଳୀ ଲକ୍ଷ୍ୟଗୁଡ଼ିକ ଏବଂ କାର୍ଯ୍ୟକ୍ରମଗୁଡ଼ିକ ସହିତ ତାଳ ମେଳରେ ସ୍ଥାନୀୟ ମଣ୍ଡଳୀର ଅତିରିକ୍ତ କାର୍ଯ୍ୟକ୍ରମ ସୁସମାଚାର ପ୍ରଚାର, ଶିକ୍ଷା, ଆଧ୍ୟାତ୍ମିକ ଧ୍ୟାନଗୁଡ଼ିକୁ ନେତୃତ୍ୱ ଦେବେ ।

**୫୧୬.୭.** ମଣ୍ଡଳୀର ବାର୍ଷିକ ସଭାରେ ଏକ ବିବରଣୀ ପ୍ରଦାନ କରିବେ ଯେଉଁଥିରେ ସ୍ଥାନୀୟ ମଣ୍ଡଳୀର ଏବଂ ଏହାର ବିଭାଗଗୁଡ଼ିକର ସ୍ଥିତାବସ୍ଥା ଅନ୍ତର୍ଭୁକ୍ତ ଥିବ ଏବଂ ଭବିଷ୍ୟତ୍‌ର ଶିକ୍ଷା କିମ୍ବା କାର୍ଯ୍ୟକାରିତାର ଆବଶ୍ୟକତାକୁ ରିପୋର୍ଟରେ ଉଦ୍ଧୃତ କରିବେ ।

**୫୧୬.୮.** ଯଦି କୌଣସି ମଣ୍ଡଳୀ ସଭ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଆସେ ତେଣୁ ମଣ୍ଡଳୀର ତିନି ଜଣ ସଦସ୍ୟଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରିବେ ।(୬୦୫)

**୫୧୬.୯.** ସ୍ଥାନୀୟ NMI ମାଧ୍ୟମରେ ସଂଗୃହୀତ ହୋଇଥିବା World Evangelism Fund ଅବିଳମ୍ବେ ଆନ୍ତର୍ଜାତିକ କୋଷାଧ୍ୟକ୍ଷଙ୍କ ନିକଟକୁ ପଠାଯିବ ଏବଂ ଅଞ୍ଚଳ ପାଇଁ ଯେଉଁ ଅନୁଦାନ ଆଞ୍ଚଳିକ କୋଷାଧ୍ୟକ୍ଷଙ୍କ ନିକଟକୁ ଅବିଳମ୍ବେ ପଠାଯିବ, ଏଥିପ୍ରତି ଧ୍ୟାନ ଦେବେ । (୧୩୬.୨)

**୫୧୬.୧୦.** ସ୍ଥାନୀୟ ମଣ୍ଡଳୀର ସମସ୍ତ ବେତନଭୋଗୀ କର୍ମଚାରୀମାନଙ୍କର ନାମ ମଣ୍ଡଳୀ ପରିଷଦକୁ ପ୍ରସ୍ତାବ କରିବେ ଏବଂ ଏହାକୁ ତଦାରଖ କରିବେ (୧୫୯.୧-୧୫୯.୩) ।

**୫୧୬.୧୧.** ମଣ୍ଡଳୀ ସମ୍ପାଦକଙ୍କ ସହିତ ମିଳିତ ଭାବରେ ସମସ୍ତ ନ୍ୟାୟୀକ ଦଲିଲ୍‌ରେ ଦସ୍ତଖତ କରିବେ ନତୁବା ମାର୍ଗଦର୍ଶିକା (Manual)କୁ ଅନୁସରଣ କରିବେ – (୧୦୨.୩, ୧୦୩-୧୦୪.୩) ।

**୫୧୬.୧୨.** ନିକଟ ମଣ୍ଡଳୀ ପାଳକ ନିମନ୍ତେ ବିଜ୍ଞାପନ, ଯେତେବେଳେ ଜଣେ ସ୍ଥାନୀୟ ମଣ୍ଡଳୀର ସଭ୍ୟ ସେହି ଅଞ୍ଚଳର ଅନ୍ୟ ମଣ୍ଡଳୀକୁ ସ୍ଥାନାନ୍ତର ହେବେ ଏବଂ ସେହି ସଭ୍ୟ ପୂର୍ବତନ ମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱରେ ଥିବେ, ତେବେ ପାଳକ ତାଙ୍କର ଠିକଣା ପ୍ରଦାନ କରିବେ ।

**୫୧୬.୧୩.** ମଣ୍ଡଳୀ ପରିଷଦ ସହିତ ମିଳିତ ହୋଇ ସ୍ଥାନୀୟ ମଣ୍ଡଳୀର ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟଗୁଡ଼ିକ ପୂରଣ ନିମନ୍ତେ, ବିଶ୍ୱ ସୁସମାଚାର ପ୍ରଚାର ଅନୁଦାନ ନିମନ୍ତେ, ଆଞ୍ଚଳିକ ସେବାକାର୍ଯ୍ୟ ଅନୁଦାନ ନିମନ୍ତେ ଏବଂ ପ୍ରଦେଶ କିମ୍ବା ଦେଶୀୟ ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅନୁଦାନକୁ ଆୟୋଜନ ଏବଂ ସଂଗ୍ରହ କରିବେ । (୩୨.୨, ୧୩୦, ୧୫୩)

**୫୧୬.୧୪.** ଅନୁରୋଧ କରାଯାଇଥିବା ଜଣେ ସଭ୍ୟଙ୍କ ଦ୍ୱାରା ସଭ୍ୟପଦର ବଦଳିକୁ ମଞ୍ଜୁରୀ ପ୍ରଦାନ କରି ତହିଁର ଏକ ପ୍ରମାଣପତ୍ର ପ୍ରଦାନ କରିବେ ।

**୫୧୬.୧୫.** ପାଳକ ପଦବଳରେ ସ୍ଥାନୀୟ ମଣ୍ଡଳୀର ସଭାପତି ରହିବେ, ମଣ୍ଡଳୀ ପରିଷଦର ସଭାପତି ରହିବେ ଏବଂ ନିର୍ବାଚିତ ସମସ୍ତ ପରିଷଦ ଏବଂ କମିଟିର ଯେଉଁ ମଣ୍ଡଳୀରେ ସେ ସେବା କରନ୍ତି ତହିଁ ସମସ୍ତରେ ସେ ସଭ୍ୟ ହେବେ । ସ୍ଥାନୀୟ ମଣ୍ଡଳୀର ସମସ୍ତ ନଥିପତ୍ରକୁ ପାଳକଙ୍କ ଜ୍ଞାତରେ ରହିବା ଆବଶ୍ୟକ । (୧୨୭, ୧୪୫, ୧୫୦, ୧୫୧, ୧୫୨.୧)

**୫୧୭.** ସ୍ଥାନୀୟ ମଣ୍ଡଳୀର ସମସ୍ତ ବିଭାଗର ମୁଖ୍ୟଙ୍କ ପ୍ରସ୍ତାବ ଉପରେ ପାଳକଙ୍କ କହିବାର ଅଧିକାର ରହିବ ଏବଂ ଯେକୌଣସି ନାଜରିନ୍ ଅନୁଷ୍ଠାନ ଉପରେ ତାଙ୍କର କହିବାର ଅଧିକାର ରହିବ ।

**୫୧୮.** ପାଳକ ଏବଂ ତାହାଙ୍କ ନିକଟତର ପରିବାର ଟଙ୍କା/ଆର୍ଥିକ ବିଷୟରେ କର୍ତ୍ତବ୍ୟରୁ ନିଷିଦ୍ଧ ଅଟନ୍ତି, ଟଙ୍କା ବ୍ୟୟ, ଟଙ୍କା ଗଣତି କିମ୍ବା ମଣ୍ଡଳୀର ଟଙ୍କାର ହିସାବ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ନିଷିଦ୍ଧ ଅଟନ୍ତି । ମଣ୍ଡଳୀ ପରିଷଦ କିମ୍ବା ମଣ୍ଡଳୀ ସଭା ବହୁମତ ଭୋଟ୍ ଦ୍ୱାରା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କଠାରୁ ବାଦ୍ ଦେବା ନିମନ୍ତେ ଅନୁରୋଧ କରିବ । ଯଦି ଅଧ୍ୟକ୍ଷ ଏବଂ ଉପଦେଷ୍ଟା ପରିଷଦ ବାଦ୍ ଦେବା ସପକ୍ଷରେ ବହୁମତରେ ଭୋଟ୍ ଦେବେ ତେବେ ଅଧ୍ୟକ୍ଷ ଅନୁମୋଦନକୁ ଲିଖିତ ଭାବରେ ମଣ୍ଡଳୀ ସମ୍ପାଦକଙ୍କୁ ଯୋଗାଇବେ ଯାହା ମଣ୍ଡଳୀ ରେକର୍ଡରେ ସଂଲଗ୍ନ ହେବ । ନିକଟତର ପରିବାର ମଧ୍ୟରେ ସ୍ତ୍ରୀ, ସନ୍ତାନ, ସମ୍ପର୍କୀୟ କିମ୍ବା ପିତାମାତା ଯୋଗ ହେବେ । (୧୨୯.୧-୧୨୯.୨୧-୧୨୯.୨୨)

**୫୧୯.** ଆଞ୍ଚଳିକ ଅଧ୍ୟକ୍ଷଙ୍କର ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଉପଦେଶକୁ ପାଳକ ସମ୍ମାନ ଦେବେ (୨୨୫.୨, ୫୩୮.୨) ।

**୫୨୦.** ଯଦି କୌଣସି ଅଧିକାର ପତ୍ରଧାରୀ କିମ୍ବା ଅଭିଷିକ୍ତ ସେବକ ଅନ୍ୟ ମତାବଲମ୍ବୀ ମଣ୍ଡଳୀରୁ କୃତିତ୍ୱର ପ୍ରମାଣପତ୍ର ଉପସ୍ଥାପନ କରନ୍ତି, ତେବେ ଆଞ୍ଚଳିକ ସମ୍ମିଳନୀର ମଧ୍ୟବର୍ତ୍ତୀ କାଳରେ ଏକ ସ୍ଥାନୀୟ ମଣ୍ଡଳୀରେ ସଭ୍ୟ ପଦ ନିମନ୍ତେ ଆବେଦନ କରିବେ, ଉପଦେଷ୍ଟା ପରିଷଦର ଅନୁମୋଦନ ବିନା ପାଳକ ଏହି ଆବେଦନକାରୀଙ୍କୁ ଗ୍ରହଣ କରିପାରିବେ ନାହିଁ (୧୦୭, ୨୨୮) ।

**୫୨୧.** ଏହି କାର୍ଯ୍ୟାଳୟର ବ୍ୟବହାର ନିମନ୍ତେ ପାଳକ ଆଞ୍ଚଳିକ ସମ୍ମିଳନୀ ପ୍ରତି ଦାୟୀ ରହିବେ ଯାହାକୁ ସେ ବାର୍ଷିକ ବିବରଣୀ ପ୍ରଦାନ କରନ୍ତି – (୨୦୫.୩, ୫୩୨.୮, ୫୩୮.୯) ।

**୫୨୨.** ଯେଉଁ ମଣ୍ଡଳୀରେ ପାଳକ ପାଳକତ୍ୱ କରନ୍ତି ସେହି ମଣ୍ଡଳୀରେ ସେ ସ୍ୱୟଂ ଜଣେ ସଭ୍ୟ ହୋଇପାରିବେ । (୫୩୮.୮)

**୫୨୩.** ପାଳକୀୟ ସେବାକାର୍ଯ୍ୟରେ ପାଳକ ଏବଂ ସହପାଳକଙ୍କ ସେବାକାର୍ଯ୍ୟ ଅନ୍ତର୍ଭୁକ୍ତ ଯେ ସଠିକ୍ ପ୍ରଶାସନିକ ଏଜେନ୍ସିଜ୍ର ଅନୁମୋଦିତ ବିଶେଷ କ୍ଷେତ୍ରରେ କାର୍ଯ୍ୟ କରନ୍ତି । ଯାଜକୀୟ ଶ୍ରେଣୀର କୌଣସି ସଭ୍ୟ ମଣ୍ଡଳୀର ସଂଯୋଗରେ ଏହି ପାଳକୀୟ ସେବା କରିବାକୁ ଆହ୍ୱାନପ୍ରାପ୍ତ ତାଙ୍କୁ ଦାୟୀତ୍ୱ ବହନକାରୀ ସେବକ ବୋଲି ଗଣନା କରାଯାଇପାରେ ।

**୫୨୪.** ଅସ୍ଥାୟୀ ରୂପେ ପ୍ରେରଣ କରାଯାଉଥିବା ପାଳକ । ଏହି ପାଳକଙ୍କୁ ନିଯୁକ୍ତି ଦେବା ପାଇଁ ଜଣେ ଆଞ୍ଚଳିକ ଅଧ୍ୟକ୍ଷଙ୍କଠାରେ ଅଧିକାର ଥିବା ଆବଶ୍ୟକ; ଯେ ନିମ୍ନଲିଖିତ ନିୟମଗୁଡ଼ିକ ଅଧିନରେ ସେବା କରିବେ:

୧. ଏହି ଅସ୍ଥାୟୀ ପାଳକ ଯାଜକୀୟ ଶ୍ରେଣୀର ଜଣେ ନାଜରିନ୍ ସଭ୍ୟ ହୋଇଥିବେ ଯେ ମଧ୍ୟ ଅନ୍ୟ ଦାୟୀତ୍ୱ ତୁଲାଉ ଥିବେ, ହୋଇପାରନ୍ତି ସେ ଜଣେ ସ୍ଥାନୀୟ ସେବକ କିମ୍ବା ନାଜରିନ୍ ମଣ୍ଡଳୀର ଜଣେ ଅପେଶାଦାରୀ ସେବକ, ଜଣେ ସେବକ ଅନ୍ୟ ମତାବଲମ୍ବୀ ମଣ୍ଡଳୀରୁ ବଦଳି ହୋଇ ଆସିଥିବେ ।

୨. ବେଦିର ଦାୟୀତ୍ୱ ତୁଲାଇବା ପାଇଁ ଏବଂ ଆତ୍ମିକ ସେବା କରିବାକୁ ଏହି ପାଳକଙ୍କୁ ଅସ୍ଥାୟୀ ଭାବରେ ନିଯୁକ୍ତି ଦିଆଯାଏ । କିନ୍ତୁ ତାଙ୍କର ପ୍ରଶାସନ ଉପରେ କୌଣସି ଅଧିକାର ରହିବ ନାହିଁ କିମ୍ବା ମାଣ୍ଡଳୀକ ବିଧି କାର୍ଯ୍ୟକ୍ରମ କରିବେ ନାହିଁ କିମ୍ବା ବିବାହ କାର୍ଯ୍ୟ ପରିଚାଳନା କରିବେ ନାହିଁ ଯେପର୍ଯ୍ୟନ୍ତ ଆଞ୍ଚଳିକ ଅଧ୍ୟକ୍ଷ ଅନୁମତି ପ୍ରଦାନ ନ କରିଛନ୍ତି ।

୩. ଯେଉଁ ମଣ୍ଡଳୀରେ ଏହି ପାଳକ ଅସ୍ଥାୟୀ ରୂପେ ପାଳକୀୟ ଦାୟୀତ୍ୱ ତୁଲାଉଛନ୍ତି ସେହି ମଣ୍ଡଳୀକୁ ତାହାଙ୍କର ସଭ୍ୟପଦ ପରିବର୍ତ୍ତନ ହେବ ନାହିଁ ।

୪. ଆଞ୍ଚଳିକ ସମ୍ମିଳନୀରେ ଏହି ପାଳକ ଭୋଟ୍ ଦେଇ ପାରିବେ ନାହିଁ ଯେପର୍ଯ୍ୟନ୍ତ ଅନ୍ୟ କୌଣସି ଦ୍ୱାରା ସେ ଭୋଟିଂ ସଦସ୍ୟ ନ ହୋଇଛନ୍ତି ।

୫. ଏହି ପାଳକ ଯେକୌଣସି ମୁହୂର୍ତ୍ତରେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ବହିଷ୍କୃତ କିମ୍ବା ପରିବର୍ତ୍ତିତ ହୋଇପାରନ୍ତି ।

**୫୨୫.** ମାତୃ ମଣ୍ଡଳୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସହଭାଗିତାର ପାଳକ । ଜଣେ ପ୍ରାଚୀନ କିମ୍ବା ଆଞ୍ଚଳିକ ଅଧିକାର ପ୍ରାପ୍ତି ସେବକ, ମାତୃ ମଣ୍ଡଳୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସହଭାଗିତାକୁ ନେତୃତ୍ୱ ଦେଉଥିବେ ସେ ଜଣେ ଦାୟୀତ୍ୱପ୍ରାପ୍ତ ସେବକ ହେବେ ଏବଂ ଅଞ୍ଚଳ ଦ୍ୱାରା "ମାତୃ ମଣ୍ଡଳୀ ସ୍ୱୀକୃତିପ୍ରାପ୍ତ ମଣ୍ଡଳୀର ପାଳକ ବୋଲି ସେ ଆଖ୍ୟା ପାଇବେ ।

**୫୨୬.** ମଧ୍ୟବର୍ତ୍ତୀକାଳୀନ ପାଳକ । ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦର ସୁପାରିଶ ଦ୍ୱାରା ଆଞ୍ଚଳିକ ସମ୍ମିଳନୀର ଅନୁମୋଦନକ୍ରମେ ଜଣେ ପ୍ରାଚୀନଙ୍କ ଆଞ୍ଚଳିକ ମଧ୍ୟବର୍ତ୍ତୀକାଳୀନ ପାଳକର ଦାୟୀତ୍ୱ ଦିଆଯାଇପାରିବ ଏବଂ ଯେଉଁ ସମୟରେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ମଣ୍ଡଳୀ ପରିଷଦ ଆହ୍ୱାନ କରିବେ ସେହି ସମୟରେ ସେବା କରିବେ (୨୧୨.୧) ।

**୫୨୭.** ସଂଗୀତ ସୁସମାଚାର ପ୍ରଚାରକ । ସଂଗୀତ ସୁସମାଚାର ପ୍ରଚାରକ ନାଜରିନ୍ ମଣ୍ଡଳୀର ଜଣେ ସଭ୍ୟ ଅଟନ୍ତି । ଯାହାର ମୁଖ୍ୟ ସମୟଗୁଡ଼ିକ ସଂଗୀତ ମାଧ୍ୟମରେ ସୁସମାଚାର ପ୍ରଚାର ପ୍ରତି ସମର୍ପିତ ଅଟେ । ଜଣେ ସଂଗୀତ ସୁସମାଚାର ପ୍ରଚାରକ ଯାହାଠାରେ କୃତିତ୍ୱ ପ୍ରମାଣପତ୍ର ଅଛି ଏବଂ ଯେ ସ୍ଥାୟୀ ଭାବରେ ସେବାକାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ସୁସମାଚାର ତାଙ୍କର ପ୍ରାଥମିକ ଦାୟୀତ୍ୱ ଅଟେ ଏବଂ ଯେ ମଣ୍ଡଳୀ ସହିତ ଅବସର ସମ୍ପର୍କ ବଜାୟ ରଖିବାକୁ ଇଚ୍ଛା କରନ୍ତି ନାହିଁ, ସେହି ପ୍ରଚାରକ ଜଣେ ଦାୟୀତ୍ୱ ବହନକାରୀ ସେବକ ହେବେ ।

**୫୨୭.୧.** ସଂଗୀତ ସୁସମାଚାର ପ୍ରଚାରକଙ୍କର ଭୂମିକାର ପ୍ରମାଣପତ୍ର ନିମନ୍ତେ ନିୟମ ସମସ୍ତ ଏବଂ ଧାରା ସମସ୍ତ "ଅଭିଷେକ ଉପରେ ଯୋଗାଣ (ଉସ୍ଥ) ପୁସ୍ତକରେ ଉଲ୍ଲେଖ ଅଛି ।

**୫୨୮.** ବିଶେଷ ସେବା । ସ୍ଥାୟୀ ସେବାରେ ଯାଜକ ଶ୍ରେଣୀର ଜଣେ ସଭ୍ୟ ବିଶେଷ ସେବା ପ୍ରତି ନିଯୁକ୍ତ ହୋଇପାରିବେ, ଯଦି ସେହି ସେବା ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନୁମୋଦିତ ଅଟେ ଏବଂ ଏକ ଦାୟୀତ୍ୱ ସେବା ପରି ଅଞ୍ଚଳ ଦ୍ୱାରା ତାଲିକାଭୁକ୍ତ ଅଟେ । ଯେଉଁ ବ୍ୟକ୍ତି ଏହି ସେବା ପ୍ରତି ନିଯୁକ୍ତ ହେବେ ନାଜରିନ୍ ମଣ୍ଡଳୀ ସହିତ ତାଙ୍କର ସମ୍ପର୍କ ଚାଲୁ ରଖିବା ଆବଶ୍ୟକ ଏବଂ ନାଜରିନ୍ ମଣ୍ଡଳୀ ସହିତ ତାଙ୍କର ଚାଲୁ ରହିଥିବା ସମ୍ପର୍କର ସ୍ୱଭାବକୁ ପ୍ରତିବର୍ଷ ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ଏବଂ ଆଞ୍ଚଳିକ ସେବାର କୃତିତ୍ୱ ପ୍ରମାଣପତ୍ର ପରିଷଦକୁ ଲିଖିତ ଭାବରେ ଦାଖଲ କରିବେ ।

**୫୨୮.୧.** ଯାଜକୀୟ ଶ୍ରେଣୀର ଜଣେ ସଭ୍ୟ ସେବକ ପଦରେ ଜଣେ କର୍ମଚାରୀ ମଣ୍ଡଳୀ ସମ୍ପର୍କିତ ଅନୁଷ୍ଠାନରେ ମଣ୍ଡଳୀରେ ସେବା କରୁଥିବେ କିମ୍ବା ଯତ୍ନ ସହକାରେ ସମୀକ୍ଷା କରାଯାଇ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏବଂ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନୁମୋଦିତ ହୋଇ, ଶିକ୍ଷା ଅନୁଷ୍ଠାନ, ପ୍ରଚାର କିମ୍ବା ମଣ୍ଡଳୀ ସହିତ ପ୍ରତ୍ୟକ୍ଷ ଭାବରେ ସମ୍ପର୍କ ନ ଥିବା ମିଶନାରୀ ଅନୁଷ୍ଠାନରେ ସେବା କରୁଥିବେ, ତାହାଙ୍କୁ ପାରା ୫୩୮.୧୩ ଅନୁଯାୟୀ ବିଶେଷ ସେବାକାର୍ଯ୍ୟ ପ୍ରତି ନିଯୁକ୍ତି ଦିଆଯାଇପାରେ ।

## ୪. ଯାଜକୀୟ ଶ୍ରେଣୀର ଶିକ୍ଷା
## (କ) ଅଭିଷିକ୍ତ ସେବାକାର୍ଯ୍ୟ ନିମନ୍ତେ ଶିକ୍ଷାର ମୂଳଦୁଆ

**୫୨୯.** ଈଶ୍ୱରଙ୍କ ଆହୂତ ସେବକମାନଙ୍କର ପ୍ରସ୍ତୁତିରେ ସେବକୀୟ ଶିକ୍ଷା ସାହାଯ୍ୟ କରେ । ଯାହାର ସେବା ସୁସମାଚାର ସୁଯୋଗର ନୂତନ କ୍ଷେତ୍ର ମଧ୍ୟକୁ ପବିତ୍ରତା ସମ୍ବାଦର ପ୍ରସାରଣ ଏବଂ ସମ୍ପ୍ରସାରଣ ପ୍ରତି ଅତ୍ୟନ୍ତ ପ୍ରୟୋଜନୀୟ ଅଟେ । ଆମ୍ଭମାନଙ୍କ ଅନୁଷ୍ଠାନର ଏକ ସ୍ୱଷ୍ଟ ଭାବନା ଶକ୍ତିର ଗୁରୁତ୍ୱକୁ ଆମ୍ଭେ ସ୍ୱୀକାର କରୁ

"ଖ୍ରୀଷ୍ଟଙ୍କ ସଦୃଶ ଜାତିମାନଙ୍କ ମଧ୍ୟରେ ଶିଷ୍ୟମାନଙ୍କୁ ତିଆରି କରିବା" ଯାହା ମାଥିଉ ୨୮:୧୯-୨୦ରେ ତାହାଙ୍କ ମଣ୍ଡଳୀ ପ୍ରତି ଖ୍ରୀଷ୍ଟଙ୍କର ଆଦେଶ ଉପରେ ଆଧାରିତ । ଆଞ୍ଚଳିକ ସେବକୀୟ ଶିକ୍ଷା ପରିଷଦ ନିଯୁକ୍ତିକୁ ଧାର୍ଯ୍ୟ କରିବ ଏବଂ ତାହାଙ୍କ ବିଧିସିଦ୍ଧତା ପାଠ୍ୟକ୍ରମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଉନ୍ନତିକୁ ସମୀକ୍ଷା କରିବ ।

**୫୨୯.୧.** ସାରା ବିଶ୍ୱରେ ନାଜରିନ୍ ମଣ୍ଡଳୀ ବିଭିନ୍ନ ଧରଣର ଶିକ୍ଷା ପ୍ରତିଷ୍ଠାନ ଏବଂ କାର୍ଯ୍ୟକ୍ରମଗୁଡ଼ିକ ଯୋଗାଇ ଦିଏ । ସେବାକାର୍ଯ୍ୟ ନିମନ୍ତେ ଶିକ୍ଷାର ମୂଳଦୁଆକୁ ବିକାଶ କରିବା ନିମନ୍ତେ ବିଶ୍ୱର କିଛି କ୍ଷେତ୍ର ଏକାଧିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଏ । ବିଶ୍ୱର ଯେକୌଣସି କ୍ଷେତ୍ରରେ ସେମାନଙ୍କର ମଣ୍ଡଳୀ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଧିସିଦ୍ଧତା ପାଠ୍ୟକ୍ରମର ପ୍ରତିଟି ଛାତ୍ର ଛାତ୍ରୀ ସୁଯୋଗ ନେବା ଆବଶ୍ୟକ ।

**୫୨୯.୨.** ଯେବେ ଜଣେ ଅନୁମତି ପତ୍ରଧାରୀ ସେବକ ସନ୍ତୋଷଜନକ ଭାବରେ ବିଧିସିଦ୍ଧତା ପାଠ୍ୟକ୍ରମ ସମାପ୍ତ କରନ୍ତି, ତେବେ ଶିକ୍ଷା ଯୋଗାଣକାରୀ ଅନୁମତି ପତ୍ରଧାରୀ ସେବକଙ୍କୁ ସମାପ୍ତ କରିବାର ଏକ ପ୍ରମାଣପତ୍ର ପ୍ରଦାନ କରିବେ । ସେହି ଅନୁମତି ପତ୍ରଧାରୀ ସେବକ ସମାପ୍ତ ପ୍ରମାଣପତ୍ରକୁ ବିଧିସିଦ୍ଧତା ପାଠ୍ୟକ୍ରମରୁ ସ୍ନାରକ ଉପାଧି ନିମନ୍ତେ ଆଞ୍ଚଳିକ ସମ୍ମିଳନୀକୁ ଅନୁମୋଦନ ପାଇଁ ଆଞ୍ଚଳିକ ସେବା ଶିକ୍ଷା ପରିଷଦକୁ ଉପସ୍ଥାପନ କରିବେ ।

**୫୨୯.୩.** ସୁସମାଚାର ସେବକର ପ୍ରସ୍ତୁତି ନିମନ୍ତେ ସାଧାରଣ ପାଠ୍ୟକ୍ରମର କ୍ଷେତ୍ରଗୁଡ଼ିକ ଯଦିଚ ଏହା ଅଧିକାଂଶ ସମୟରେ ମନେ କରାଯାଏ ଯେ ପାଠ୍ୟକ୍ରମ କେବଳ ଶିକ୍ଷାର କାର୍ଯ୍ୟକ୍ରମ ଏବଂ ବିଷୟବସ୍ତୁ ଆଧାରିତ ଚିନ୍ତାଧାରା ମାତ୍ର ଏହା ତହିଁରୁ ଅଧିକ ବୃହତ୍ । ଶିକ୍ଷକର ଚରିତ୍ର, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ପର୍କ, ପରିବେଶ ଏବଂ ଛାତ୍ରଛାତ୍ରୀଙ୍କର ଅତୀତ ଅନୁଭୂତି, ପାଠ୍ୟକ୍ରମକୁ ସଂପୂର୍ଣ୍ଣ କରିବା ନିମନ୍ତେ ଏହି ବିଷୟବସ୍ତୁଗୁଡ଼ିକ ସଂଯୁକ୍ତ । ଯାହେଉନା କାହିଁକି ବିଶ୍ୱ ଯାଜକୀୟ ବିକାଶ ଦ୍ୱାରା ଯାହା ଅଭିଷେକ ସେବାକାର୍ଯ୍ୟ ନିମନ୍ତେ ଅନୁମୋଦନର

ଅନ୍ୱେଷଣ ନିମନ୍ତେ ଶିକ୍ଷାର ମୂଳଦୁଆକୁ ଯୋଗାଇବା ପାଇଁ ସମସ୍ତ ପାଠ୍ୟକ୍ରମର ବିଷୟବସ୍ତୁ, ଦକ୍ଷତା, ଚରିତ୍ର ଏବଂ ପ୍ରସଙ୍ଗକୁ ଯତ୍ନର ସହ ଧ୍ୟାନ ଦେବା ଆବଶ୍ୟକ । ଏକ ବିଧିସିଦ୍ଧତା ପାଠ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସେବକମାନଙ୍କୁ ନାଜରିନ୍ ମଣ୍ଡଳୀର ଆନୁଷ୍ଠାନିକ ବିବୃତ୍ତିକୁ ପୁରା କରିବାରେ ସାହାଯ୍ୟ କରିବା ଯାହା ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ଅନୁମୋଦିତ ହୋଇଛି ଯଥା:

- "ସମୁଦାୟ ଜାତିଗଣ ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା" ନାଜରିନ୍ ମଣ୍ଡଳୀର ଲକ୍ଷ୍ୟ" ।
- ଶାସ୍ତ୍ର ଅନୁଯାୟୀ / ଶାସ୍ତ୍ରରେ ଯେପରି ଲେଖାଅଛି, "ଖ୍ରୀଷ୍ଟୀୟ ପବିତ୍ରତାର ସଂରକ୍ଷଣ ଏବଂ ଘୋଷଣା ଦ୍ୱାରା ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି କରିବା ନାଜରିନ୍ ମଣ୍ଡଳୀର ପ୍ରାଥମିକ ଲକ୍ଷ୍ୟ ।"
- "ନାଜରିନ୍ ମଣ୍ଡଳୀର ସମାଲୋଚନାମୂଳକ ଲକ୍ଷ୍ୟଗୁଡ଼ିକ ହେଲା – ପବିତ୍ର ଖ୍ରୀଷ୍ଟୀୟ ସହଭାଗିତା, ପାପୀମାନଙ୍କର ମନ ପରିବର୍ତ୍ତନ, ବିଶ୍ୱାସୀମାନଙ୍କର ସଂପୂର୍ଣ୍ଣ ପବିତ୍ରୀକରଣ, ସେମାନଙ୍କର ପବିତ୍ରତାରେ ବୃଦ୍ଧି ସମସ୍ତ ସୃଷ୍ଟି ପ୍ରତି ସୁସମାଚାର ପ୍ରଚାରରେ ସରଳତା ଏବଂ ଆତ୍ମିକ ଶକ୍ତି ମିଳିତ ଭାବରେ ପ୍ରାଚୀନ ନୂତନ ନିୟମ ମଣ୍ଡଳୀରେ ପରିଦୃଷ୍ଟ" (୧୯) ।

ନିମ୍ନଲିଖିତ ଶ୍ରେଣୀଗୁଡ଼ିକରେ ଏକ ବିଧିସିଦ୍ଧତା ପାଠ୍ୟକ୍ରମକୁ ବର୍ଣ୍ଣନା କରଯାଇଅଛି:

- ବିଷୟବସ୍ତୁ – ପୁରାତନ ଏବଂ ନୂତନ ନିୟମ ବିଷୟବସ୍ତୁର ଜ୍ଞାନ, ଖ୍ରୀଷ୍ଟୀୟ ବିଶ୍ୱାସର ଈଶ୍ୱରତତ୍ତ୍ୱ, ଇତିହାସ ଏବଂ ମଣ୍ଡଳୀର ଲକ୍ଷ୍ୟ ସେବାକାର୍ଯ୍ୟ ନିମନ୍ତେ ଆବଶ୍ୟକ । ଶାସ୍ତ୍ରରେ ଥିବା ବାକ୍ୟକୁ କିପରି ବ୍ୟାଖ୍ୟା କରିବା, ପବିତ୍ରତାର ସିଦ୍ଧାନ୍ତ/ବିଶ୍ୱାସ ଏବଂ ଆମ୍ଭମାନଙ୍କର ୱେସ୍‌ଲିୟ ଚରିତ୍ରସବୁ ଓ ନାଜରିନ୍ ମଣ୍ଡଳୀର ଇତିହାସ ଏବଂ ଶାସନ ତନ୍ତ୍ର ଏହି ପାଠ୍ୟକ୍ରମଗୁଡ଼ିକରେ ଯୁକ୍ତ ହେବା ଆବଶ୍ୟକ ।
- ଯୋଗ୍ୟତା / ଦକ୍ଷତା – ମୌଖିକ ଏବଂ ଲିଖିତ ଭାବରେ ଯୋଗାଯୋଗ, ପରିଚାଳନା ଏବଂ ନେତୃତ୍ୱ; ଆର୍ଥିକ ଏବଂ ପୁଙ୍ଖାନୁପୁଙ୍ଖ ଭାବେ ଚିନ୍ତା

କରିବା ସେବାକାର୍ଯ୍ୟ ନିମନ୍ତେ ମଧ୍ୟ ପ୍ରୟୋଜନ ଅଟେ । ଏହା ସହିତ ସାଧାରଣ ଶିକ୍ଷା ପ୍ରତି ଏହି କ୍ଷେତ୍ରଗୁଡ଼ିକରେ ପାଠ୍ୟକ୍ରମ ଯୋଗାଉଥିବା ପ୍ରଚାରରେ ଦକ୍ଷତା, ପାଳକୀୟ ଯତ୍ନ ଏବଂ ଉପଦେଶ, ବାଇବଲ ସମ୍ବନ୍ଧୀୟ ବ୍ୟାଖ୍ୟା, ଉପାସନା, ପ୍ରଭାବଶାଳୀ ସୁସମାଚାର ପ୍ରଚାର, ଜୀବନ ଉତ୍ସଗୁଡ଼ିକର ଭଣ୍ଡାରଘରିଆ, ଖ୍ରୀଷ୍ଟୀୟ ଶିକ୍ଷା ଏବଂ ମଣ୍ଡଳୀ ପ୍ରଶାସନ ଏହିସବୁ ବିଷୟ ସଂଯୁକ୍ତ ହେବା ଆବଶ୍ୟକ । ବିଧିସିଦ୍ଧତା ପାଠ୍ୟକ୍ରମରୁ ସ୍ନାତକ ପ୍ରାପ୍ତ ନିମନ୍ତେ ଶିକ୍ଷା ଯୋଗାଣକାରୀ ଏବଂ ସ୍ଥାନୀୟ ମଣ୍ଡଳୀ ଦକ୍ଷତାର ବିକାଶ ଏବଂ ସୁସମାଚାର ସେବାକାର୍ଯ୍ୟର ଅଭ୍ୟାସ ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ ।

- ଚରିତ୍ର – ଚରିତ୍ରରେ ବ୍ୟକ୍ତିଗତ ବୃଦ୍ଧି, ନୈତିକତା, ଆଧ୍ୟାତ୍ମିକତା, ବ୍ୟକ୍ତିଗତ ଏବଂ ପାରିବାରିକ ସମ୍ପର୍କ ସେବାକାର୍ଯ୍ୟ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ।
- ପ୍ରସଙ୍ଗ – ଯେଉଁ କ୍ଷେତ୍ରରେ ମଣ୍ଡଳୀ ସେବା କରୁଥାଏ ସେହି କ୍ଷେତ୍ରର ସାମାଜିକ ସଂସ୍କୃତିର ପରିବେଶ, ଇତିହାସ ଏବଂ ସମକାଳୀନ ପ୍ରସଙ୍ଗଗୁଡ଼ିକୁ ସେବକ ଜାଣିବା ନିତାନ୍ତ ଆବଶ୍ୟକ ।

**୫୨୯.୪.** ନାଜରିନ୍ କିମ୍ବା ନାଜରିନ୍ ବ୍ୟତୀତ ଅନ୍ୟ ବିଦ୍ୟାଳୟର ଆନୁକୁଲ୍ୟରେ ଅଭିଷେକ ସେବାକାର୍ଯ୍ୟ ନିମନ୍ତେ ପ୍ରସ୍ତୁତିକୁ ଆଞ୍ଚଳିକ ସେବା ଶିକ୍ଷା ପରିଷଦ ଦ୍ୱାରା ସମୀକ୍ଷା କରାଯିବା ଆବଶ୍ୟକ । ଏହି ସମୀକ୍ଷା ପ୍ରାଦେଶିକ କିମ୍ବା ଭାଷା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅଭିଷେକ ଉପରେ ଆଧାରିତ ଉତ୍ସ ପୁସ୍ତକର ଆଦର୍ଶ ପାଳନ କରିବା ଆବଶ୍ୟକ ।

**୫୨୯.୫.** ସମସ୍ତ ପାଠ୍ୟକ୍ରମ, ଶିକ୍ଷା ଅଧ୍ୟୟନର ଆବଶ୍ୟକତା ଏବଂ କାର୍ଯ୍ୟାଳୟ ପ୍ରଶାସନ ବିଶ୍ୱ ଯାଜକୀୟ ବିକାଶ ସହଯୋଗରେ ପ୍ରାଦେଶିକ କିମ୍ବା ଭାଷାଦଳ ଦ୍ୱାରା ବିକାଶ କରାଯାଇଥିବା ଅଭିଷିକ୍ତ ଉପରେ ଆଧାରିତ ଉତ୍ସ ପୁସ୍ତକ ଅନୁଯାୟୀ ହେବା ଆବଶ୍ୟକ । ଏହି ଅଭିଷେକ ଉପରେ ଆଧାରିତ ଉତ୍ସ ପୁସ୍ତକ ଆବଶ୍ୟକୀୟ

ସଂଶୋଧନ ସହିତ ଆନ୍ତର୍ଜାତିକ ପାଠ୍ୟକ୍ରମର ଶିକ୍ଷା ଉପଦେଷ୍ଟା କମିଟି ଦ୍ୱାରା ସମର୍ଥିତ ହେବ ଏବଂ ବିଶ୍ୱ ଯାଜକ ଶ୍ରେଣୀ ବିକାଶ ଦ୍ୱାରା, ଆନ୍ତର୍ଜାତିକ ପରିଷଦ ଦ୍ୱାରା ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ଏହି ଉତ୍ସ ପୁସ୍ତକକୁ ମାର୍ଗଦର୍ଶିକା ଏବଂ ଆନ୍ତର୍ଜାତିକ ଅଭିଷେକ ନିମନ୍ତେ ବିକାଶ ଉପରେ ଆଧାରିତ ଉତ୍ସ ପୁସ୍ତକ ଉଭୟ ସ୍ୱୀକାର କରିବେ, ଯାହା ବିଶ୍ୱ ଯାଜକ ଶ୍ରେଣୀ ବିକାଶ ସହିତ ଆନ୍ତର୍ଜାତିକ ପାଠ୍ୟକ୍ରମ ଉପଦେଷ୍ଟା କମିଟି ଦ୍ୱାରା ଉପସ୍ଥାପନ କରାଯିବ । ଆନ୍ତର୍ଜାତିକ ପାଠ୍ୟକ୍ରମ ଉପଦେଷ୍ଟା କମିଟି ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ନିଯୁକ୍ତ ହେବେ ।

**୫୨୯.୬.** ଯେବେ ଜଣେ ସେବକ ସେବାକାର୍ଯ୍ୟ ନିମନ୍ତେ ଏକ ବିଧିସିଦ୍ଧତା ପାଠ୍ୟକ୍ରମର ଆବଶ୍ୟକତାକୁ ସଂପୂର୍ଣ୍ଣ କରେ ଯେଉଁ କାରଣରୁ ଈଶ୍ୱର ତାହାକୁ ଆହ୍ୱାନ କରିଅଛନ୍ତି ସେହି ସେବାକାର୍ଯ୍ୟକୁ ବଢ଼ାଇବା ପାଇଁ ସେ ଆଜୀବନ ପ୍ରଶିକ୍ଷଣର ଧାରା ଚାଲୁ ରଖିବେ । ଏହି ପ୍ରଶିକ୍ଷଣ ପାଇଁ ପ୍ରତିବର୍ଷ ଅତିକମ୍‌ରେ ୨୦ ଘଣ୍ଟା ତାଙ୍କଠାରୁ ଆଶା କରାଯାଏ କିମ୍ବା ପ୍ରଦେଶ କିମ୍ବା ଭାଷାଦଳରେ ଉତ୍ସ ପୁସ୍ତକରେ ଯେପରି ଧାର୍ଯ୍ୟ କରାଯାଇଅଛି । ସମସ୍ତ ଦାୟୀତ୍ୱରେ ଥିବା କିମ୍ବା ଦାୟୀତ୍ୱରେ ନ ଥିବା ସେବକ ଓ ଅଭିଷିକ୍ତ ସେବକ ସେମାନଙ୍କର ଆଜୀବନ ପ୍ରଶିକ୍ଷଣ ଶିକ୍ଷାର ବିବରଣୀ ଆଞ୍ଚଳିକ ସମ୍ମିଳନୀକୁ ପ୍ରଦାନ କରିବେ ।

**୫୨୯.୭.** ଲଗାତାର / ନିୟମିତ ଦୁଇବର୍ଷ ଆଜୀବନ ପ୍ରଶିକ୍ଷଣ ଆବଶ୍ୟକତାକୁ ସଂପୂର୍ଣ୍ଣ କରିବାରେ ବିଫଳ ହେଲେ ଅଭିଷିକ୍ତ ସେବକ ଆଞ୍ଚଳିକ ସୁସମାଚାର ସେବା ଶିକ୍ଷା ପରିଷଦର ନିୟମିତ ସଭାରେ ପରିଷଦ ସହିତ ସାକ୍ଷାତ କରିବା ଆବଶ୍ୟକ । ଏହି ଆଞ୍ଚଳିକ ସୁସମାଚାର ସେବା ଶିକ୍ଷା ପରିଷଦ ଆଜୀବନ ପ୍ରଶିକ୍ଷଣର ଆବଶ୍ୟକତାକୁ ସଂପୂର୍ଣ୍ଣ କରିବାରେ ସେବକଙ୍କୁ ପରାମର୍ଶ ଦେବେ (୧୧୫, ୧୨୩, ୫୧୫.୧୧-୫୩୮.୧୮) ।

## (ଖ) ଅଭିଷିକ୍ତ ସେବାକାର୍ଯ୍ୟର ଶିକ୍ଷା ବିଷୟକ ମୂଳଦୁଆ ନିମନ୍ତେ ଆଞ୍ଚଳିକ ସଂସ୍କୃତିର ସୁବ୍ୟବହାର

**୫୩୦.** ସାରା ବିଶ୍ୱରେ ବିଭିନ୍ନ ପ୍ରକାରର ସାଂସ୍କୃତିକ ପ୍ରସଙ୍ଗ ପୃଥିବୀର ସମସ୍ତ କ୍ଷେତ୍ର ନିମନ୍ତେ ଗୋଟିଏ ପାଠ୍ୟକ୍ରମ ଅନୁପଯୁକ୍ତ ହୋଇଥାଏ । ପୃଥିବୀର ପ୍ରତ୍ୟେକ ପ୍ରଦେଶ ସେମାନଙ୍କର ନିର୍ଦ୍ଦିଷ୍ଟ ପାଠ୍ୟକ୍ରମର ଆବଶ୍ୟକତାଗୁଡ଼ିକୁ ବିକାଶ କରିବେ । ଯେଉଁ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ସେଗୁଡ଼ିକର ବ୍ୟବହାର ପୂର୍ବରୁ ଆନ୍ତର୍ଜାତିକ ପାଠ୍ୟକ୍ରମ ଶିକ୍ଷା ଉପଦେଷ୍ଟା କମିଟି, ଆନ୍ତର୍ଜାତିକ ପରିଷଦ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅନୁମୋଦନର ଆବଶ୍ୟକ । (୫୨୯.୫)

**୫୩୦.୧.** ଯେଉଁମାନେ ପ୍ରାଚୀନ ଭାବରେ ଏବଂ ଦୀକନ କିମ୍ବା ସେବାର ଭୂମିକା ନିମନ୍ତେ ପ୍ରମାଣପତ୍ରର ଅନୁସନ୍ଧାନ କରନ୍ତି, ସେହି ପାଠ୍ୟକ୍ରମର ସଂପୂର୍ଣ୍ଣତା ନିମନ୍ତେ ଆବଶ୍ୟକୀୟ ଧାରା ପ୍ରାଦେଶିକ ଅଭିଷିକ୍ତଙ୍କ ଉପରେ ଆଧାରିତ ଯୋଗାଣ ପୁସ୍ତକରେ ଉଲ୍ଲେଖ ଅଛି ।

**୫୩୦.୨.** ସମସ୍ତ ବିଧିସିଦ୍ଧତା ପାଠ୍ୟକ୍ରମ ପ୍ରାଦେଶିକ ଅଭିଷିକ୍ତ ଉପରେ ଆଧାରିତ ଯୋଗାଣ ପୁସ୍ତକ ଦ୍ୱାରା ପରିଚାଳିତ ହେବ – (୫୨୯.୨–୫୨୯.୩, ୫୨୯.୫)

## (୫)

## (କ) ପ୍ରମାଣପତ୍ର ଏବଂ ସେବକୀୟ ନିୟମ ସମୂହ

**୫୩୧.** ଜଣେ ସ୍ଥାନୀୟ ସେବକ ନାଜରିନ୍ ମଣ୍ଡଳୀର ଏକ ଅପେଶାଦାରୀ ସଭ୍ୟ ଅଟନ୍ତି ଯାହାଙ୍କୁ ସ୍ଥାନୀୟ ମଣ୍ଡଳୀ ପରିଷଦ ପାଳକଙ୍କ ନିର୍ଦ୍ଦେଶ ଅନୁଯାୟୀ ସେବା କରିବା ନିମନ୍ତେ ଅନୁମତି ପତ୍ର ପ୍ରଦାନ କରିଛନ୍ତି । ସେ ଆଜୀବନ ପ୍ରଶିକ୍ଷଣ ଧାରା ମଧ୍ୟରେ ପ୍ରବେଶ କରନ୍ତି ।

**୫୩୧.୧.** ନାଜରିନ୍ ମଣ୍ଡଳୀର କୌଣସି ସଭ୍ୟ, ଯେ ମଣ୍ଡଳୀ ମାଧ୍ୟମରେ ଆଜୀବନ ସେବା କରିବାକୁ ଈଶ୍ୱରଙ୍କର ଆହ୍ୱାନ ବୋଲି ଅନୁଭବ କରୁଥିବେ, ପାଳକଙ୍କ

ସୁପାରିଶ କ୍ରମେ ତାଙ୍କୁ ଜଣେ ଅଭିଷିକ୍ତ ସେବକ ପାଳକ ରୂପେ ସ୍ଥାନୀୟ ମଣ୍ଡଳୀର ପରିଷଦ ଦ୍ୱାରା ତାଙ୍କୁ ଏକ ବର୍ଷ ନିମନ୍ତେ ସ୍ଥାନୀୟ ସେବକ ଭାବରେ ମଣ୍ଡଳୀ ମାଧ୍ୟମରେ ଅନୁମତି ପତ୍ର ପ୍ରଦାନ କରଯାଇପାରେ; କିମ୍ୱା ପାଳକଙ୍କ ଦ୍ୱାରା ସୁପାରିଶ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନ ସହିତ ଅନୁମତି ପତ୍ର ମଞ୍ଜୁର କରାଯାଇଥାଏ । ପ୍ରାର୍ଥୀର ପ୍ରଥମତଃ ତା'ର ପରିତ୍ରାଣର ଅନୁଭୂତି, ବାଇବଲ ସିଦ୍ଧାନ୍ତ ଉପରେ ଜ୍ଞାନ ଏବଂ ମଣ୍ଡଳୀର ନିୟମ ଧାରଣାକୁ ପରୀକ୍ଷା କରିବା ନିତାନ୍ତ ଆବଶ୍ୟକ । ସ୍ଥାନୀୟ ମଣ୍ଡଳୀ ଦ୍ୱାରା ତା'ର ସଠିକ୍ ପୃଷ୍ଠଭୂମିକୁ ସମୀକ୍ଷା କରିବା ଆବଶ୍ୟକ । ଜଣେ ସ୍ଥାନୀୟ ସେବକ ସ୍ଥାନୀୟ ମଣ୍ଡଳୀର ବାର୍ଷିକ ସଭାରେ ତା'ର ବିବରଣୀ ପ୍ରଦାନ କରିବ । (୧୧୩.୯, ୧୨୯.୧୨, ୨୧୧.୧୨)

**୫୩୧.୨.** ପ୍ରତ୍ୟେକ ସ୍ଥାନୀୟ ସେବକମାନଙ୍କୁ ମଣ୍ଡଳୀ ପରିଷଦ ପାଳକ ଏବଂ ମଣ୍ଡଳୀ ପରିଷଦ ସମ୍ପାଦକଙ୍କ ଦସ୍ତଖତ ଦ୍ୱାରା ଅନୁମତି ପତ୍ର ପ୍ରଦାନ କରିବ । ଯେଉଁ ମଣ୍ଡଳୀରେ ଜଣେ ପ୍ରେରିତ ବ୍ୟକ୍ତି ପରିଚାଳନା କରନ୍ତି ଏବଂ ତାହାଙ୍କଠାରେ ଆଞ୍ଚଳିକ ଅନୁମତି ପତ୍ର ନାହିଁ, ସେହି ବ୍ୟକ୍ତିଙ୍କୁ ସ୍ଥାନୀୟ ସେବକର ଅନୁମତି ପତ୍ର ପ୍ରଦାନ କରାଯିବ କିମ୍ୱା ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ, ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅନୁମତି ପତ୍ରର ନୂତନୀକରଣ କରାଯିବ । (୨୧୧.୧୨, ୨୨୫.୧୩)

**୫୩୧.୩.** ଜଣେ ସ୍ଥାନୀୟ ସେବକର ଅନୁମତି ପତ୍ର ପାଳକ ରୂପେ ଜଣେ ପ୍ରାଚୀନଙ୍କୁ ସ୍ଥାନୀୟ ମଣ୍ଡଳୀ ପରିଷଦ ଦ୍ୱାରା ନୂତନୀକରଣ କରାଯାଇପାରିବ ପାଳକଙ୍କ ଅନୁମୋଦନ କ୍ରମେ (୧୨୯.୧୨-୨୧୧.୧୨) ।

**୫୩୧.୪.** ଆଞ୍ଚଳିକ ସେବକ ଶିକ୍ଷା ପରିଷଦର ନିର୍ଦ୍ଦେଶକ୍ରମେ ସେବକମାନଙ୍କ ନିମନ୍ତେ ଶିକ୍ଷାର ଏକ ବିଧିସିଦ୍ଧତା ପାଠ୍ୟକ୍ରମ ପ୍ରତି ଜଣେ ସ୍ଥାନୀୟ ସେବକ ଆଗେଇ ପାରିବ । ଯେପର୍ଯ୍ୟନ୍ତ ସ୍ଥାନୀୟ ସେବକ ପାଠ୍ୟକ୍ରମକୁ ଅତିକମ୍‌ରେ ଦୁଇବର୍ଷ ପୁରା କରି ନାହାନ୍ତି, ତେବେ ତାଙ୍କର ସ୍ଥାନୀୟ ଅନୁମତି ପତ୍ର ଆଞ୍ଚଳିକ ଅଧ୍ୟକ୍ଷଙ୍କ ଲିଖିତ ଅନୁମୋଦନ ବିନା ନୂତନୀକରଣ ହୋଇପାରିବ ନାହିଁ ।

**୫୩୧.୫.** ଜଣେ ସ୍ଥାନୀୟ ସେବକ ସେହି ସମ୍ପର୍କରେ ସଂପୂର୍ଣ୍ଣ ଏକ ବର୍ଷ ପର୍ଯ୍ୟନ୍ତ ସେବା କରିବେ ଏବଂ ଆବଶ୍ୟକୀୟ ଶିକ୍ଷାଗୁଡ଼ିକରେ ଉତ୍ତୀର୍ଣ୍ଣ ହୋଇଥିବେ ତେବେ ସେବକର ଅନୁମତି ପତ୍ର ନିମନ୍ତେ ଆଞ୍ଚଳକ ସମ୍ମିଳନୀକୁ ମଣ୍ଡଳୀ ପରିଷଦ ଦ୍ୱାରା ଅନୁମୋଦନ କରାଯାଇପାରିବ; କିନ୍ତୁ ତାହା ଯଦି ଗ୍ରହଣ କରିନାହାନ୍ତି ତେବେ ସେ ପୂର୍ବ ସମ୍ପର୍କ ବଜାୟ ରଖିବେ – (୧୨୯.୧୨, ୫୨୯, ୫୩୨.୧)।

**୫୩୧.୬.** ଜଣେ ସେବକ ଯେ ପ୍ରେରିତ ପାଳକ ଭାବରେ ନିଯୁକ୍ତ ହୋଇଛନ୍ତି, ଆଞ୍ଚଳିକ ସେବାକାର୍ଯ୍ୟ କୃତିତ୍ୱ ପତ୍ର ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟ ପରିଷଦ ଦ୍ୱାରା ଅନୁମୋଦନ ହେବା ଆବଶ୍ୟକ (୨୧୨, ୨୩୧.୫, ୫୨୪)।

**୫୩୧.୭.** ସ୍ଥାନୀୟ ସେବକ ବାପ୍ତିସ୍ମ, ପ୍ରଭୁଭୋଜ ବିଧିକୁ ପରିଚାଳନା କରିବେ ନାହିଁ ଏବଂ ବିବାହ କାର୍ଯ୍ୟ ପରିଚାଳନା କରିବେ ନାହିଁ – (୫୨୩.୭)।

## (ଖ) ଅନୁମତିପତ୍ର ପ୍ରାପ୍ତ ସେବକ

**୫୩୨.** ଜଣେ ଅନୁମତି ପତ୍ର ପ୍ରାପ୍ତ ସେବକ ଯାହାର ସେବକତ୍ୱ ଆହ୍ୱାନ ଏବଂ ଦାନଗୁଡ଼ିକୁ, ଏକ ଅନୁମତିପତ୍ର ମଞ୍ଜୁରୀ ମାଧ୍ୟମରେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଆନୁଷ୍ଠାନିକ ଭାବରେ ସ୍ୱୀକାର କରାଯାଇଅଛି । ଏକ ସ୍ଥାନୀୟ ସେବକଠାରେ ଥିବା ଅଧିକାରଠାରୁ ଆଞ୍ଚଳିକ ଅନୁମତି ପତ୍ର ଅଧିକ ଦାୟିତ୍ୱ ଏବଂ ଅଧିକାରରେ ନିଯୁକ୍ତ କରେ ସାଧାରଣତଃ ଜଣେ ଅଭିଷିକ୍ତ ପ୍ରାଚୀନ କିମ୍ବା ଜଣେ ଅଭିଷିକ୍ତ ଦୀକନ ଭାବରେ । (୫୩୨.୭)

**୫୩୨.୧.** ଯେତେବେଳେ ଜଣେ ନାଜରିନ୍ ମଣ୍ଡଳୀର ଜଣେ ସଭ୍ୟ ଏକ ଆଜୀବନ ସେବାକାର୍ଯ୍ୟ ପ୍ରତି ତା'ର ଆହ୍ୱାନକୁ ସ୍ୱୀକାର କରେ, ସେମାନେ ନିମ୍ନଲିଖିତ ସର୍ତ୍ତ ଦ୍ୱାରା ଆଞ୍ଚଳିକ ସମ୍ମିଳନୀଠାରୁ ଅନୁମତିପତ୍ର ସେବକ ରୂପେ ଅନୁମତି ପତ୍ର ପ୍ରାପ୍ତ ହୋଇପାରିବେ;

୧. ସେମାନଙ୍କଠାରେ ସ୍ଥାନୀୟ ସେବକର ଅନୁମତି ପତ୍ର ସଂପୂର୍ଣ୍ଣ ଏକ ବର୍ଷ ନିମନ୍ତେ ଥିବ;

୨. ସେବକମାନଙ୍କ ନିମନ୍ତେ ଏକ ବିଧିସିଦ୍ଧତା ପାଠ୍ୟକ୍ରମର ଏକ ଚତୁର୍ଥାଂଶ ସମାପ୍ତ କରିଥିବେ ଏବଂ ନାଜରିନ୍ ମଣ୍ଡଳୀର ପବିତ୍ରତାର ସିଦ୍ଧାନ୍ତ ମାର୍ଗଦର୍ଶିକା (MANUAL) ଏବଂ ଇତିହାସର ଅନୁକୂଳ ମତ, ବୋଧଶକ୍ତି ଏବଂ ପ୍ରୟୋଗକୁ ପ୍ରମାଣ କରିପାରୁଥିବେ, ପାଠ୍ୟକ୍ରମରେ ଥିବା ଏହି ବିଷୟଗୁଡ଼ିକୁ ସଫଳତାର ସହ ସମାପ୍ତ କରିଥିବେ;

୩. ଯେଉଁ ମଣ୍ଡଳୀର ସେମାନେ ସଭ୍ୟ ସେହି ମଣ୍ଡଳୀର ପରିଷଦ ଦ୍ୱାରା ଏହି କାର୍ଯ୍ୟ କରିବା ନିମନ୍ତେ ଅନୁମୋଦନ ପ୍ରାପ୍ତ ହୋଇଥିବେ;

୪. ସେମାନଙ୍କଠାରେ ଥିବା ଅନୁଗ୍ରହ, ଦାନ ଏବଂ ବ୍ୟବହାର ଯୋଗ୍ୟର ପ୍ରମାଣ ପ୍ରଦାନ କରିଥିବେ;

୫. ଯେଉଁ ମଣ୍ଡଳୀର ସେମାନେ ସଭ୍ୟ ସେହି ଅଞ୍ଚଳର ସମ୍ମିଳନୀ ଦ୍ୱାରା ସେମାନଙ୍କର ସଭ୍ୟପଦକୁ ଏହି କାର୍ଯ୍ୟ ନିମନ୍ତେ ସେମାନଙ୍କର ଆଧ୍ୟାତ୍ମିକ ଜୀବନକୁ ଏବଂ ଜ୍ଞାନକୁ ଯତ୍ନ ସହକାରେ ସମୀକ୍ଷା କରାଯିବ;

୬. ଅଭିଷେକ ନିମନ୍ତେ ପ୍ରାର୍ଥୀ ଏବଂ ଅନୁମତି ପ୍ରାପ୍ତ ସେବକ ନିମନ୍ତେ ନ୍ୟସ୍ତ କରାଯାଇଥିବା ବିଧିସିଦ୍ଧତା ପାଠ୍ୟକ୍ରମ ପ୍ରତି ତୁରନ୍ତ ଅଗ୍ରସର ହେବାକୁ ପ୍ରତିଶ୍ରୁତି ଦେବେ;

୭. ଆଞ୍ଚଳିକ ସମ୍ମିଳନୀ ଦ୍ୱାରା କୌଣସି ଅଯୋଗ୍ୟତା ଧାର୍ଯ୍ୟ କରାଯାଇଥିଲେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଲିଖିତ କୈଫିୟତ୍ ସହିତ ତାହା କାଢ଼ି ନିଆଯିବ ଏବଂ ଆହୁରି ମଧ୍ୟ ସେମାନଙ୍କର ବୈବାହିକ ସମ୍ପର୍କ ଏକ ଆଞ୍ଚଳିକ ଅନୁମତି ପତ୍ର ନିମନ୍ତେ ସେମାନଙ୍କୁ ଅଯୋଗ୍ୟ ବୋଲି ଉପସ୍ଥାପନ ନ କରେ ।

୮. ଯଦି ପୂର୍ବରୁ ଛାଡ଼ପତ୍ର ହୋଇଥାଏ ତେବେ ଆଞ୍ଚଳିକ ସେବକୀୟ କୃତିତ୍ୱ ପ୍ରମାଣପତ୍ର ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟ ପରିଷଦର ଅନୁମୋଦନ ସହିତ ସମର୍ଥନ କରୁଥିବା ଦଲିଲ୍ ପ୍ରଧାନ ଅଧ୍ୟକ୍ଷଙ୍କ

ପରଷଦକୁ ପ୍ରଦାନ କରାଯାଇପାରେ ଯାହା ଅନୁମତି ପତ୍ର ପ୍ରାପ୍ତ ହେବାର ବାଧାକୁ ଦୂର କରିବ ।

ନାଜରିନ୍ ମଣ୍ଡଳୀରେ ଏକ ବିଧିସିଦ୍ଧତା ପାଠ୍ୟକ୍ରମର ଏକ ଚତୁର୍ଥାଂଶର ସମଭାବରେ ପାଠ୍ୟକ୍ରମକୁ ସମାପ୍ତ କରିଥିବା ଆବଶ୍ୟକ । ଯଦି ଜଣକର ପରିତ୍ରାଣ ପୂର୍ବରୁ ଅପରାଧୀ ମନ୍ଦ ଆଚରଣର ବ୍ୟକ୍ତି ଥିଲେ ବୋଲି ସମୀକ୍ଷା କରିବା ଉତ୍ତାରେ ପ୍ରକାଶିତ ହୁଏ, ତେବେ ଏହି ସତ୍ୟତା ଆଞ୍ଚଳିକ ସେବକ କୃତିତ୍ୱ ପ୍ରମାଣ ପତ୍ର ପରିଷଦ କିମ୍ଵା ଆଞ୍ଚଳିକ ସେବା ପରିଷଦ ଦ୍ୱାରା ତର୍ଜମା କରିବା ଆବଶ୍ୟକ ନାହିଁ ଯେହେତୁ ପ୍ରାର୍ଥୀ କୃତିତ୍ୱ ପ୍ରମାଣ ପତ୍ର ସେବାକାର୍ଯ୍ୟରୁ ସ୍ୱୟଂ ବାଦ୍ ହୋଇଯିବେ କେବଳ ଧାରା ୫୪୦.୯ ବ୍ୟତୀତ । (୧୨୯.୧୪, ୨୦୭.୬, ୫୩୧.୫)

**୫୩୨.୨.** ଅନ୍ୟ ସମ୍ପ୍ରଦାୟରୁ ଅଧିକାର ପ୍ରାପ୍ତ ସେବକ, ନାଜରିନ୍ ମଣ୍ଡଳୀରେ ସଂଯୁକ୍ତ ହେବାକୁ ଇଚ୍ଛା କରୁଥିବେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ସେବକ ଭାବରେ ଅଧିକାରପତ୍ର ପ୍ରାପ୍ତ ହୋଇପାରିବେ ଏହି ସର୍ତ୍ତରେ ଯେ ପୂର୍ବ ସମ୍ପ୍ରଦାୟ ଦ୍ୱାରା ତାହାଙ୍କୁ ପ୍ରଦାନ କରାଯାଇଥିବା କୃତିତ୍ୱ ପ୍ରମାଣ ପତ୍ର ପ୍ରଦାନ କରିବେ ଏବଂ ମଧ୍ୟ ନିମ୍ନଲିଖିତ ସର୍ତ୍ତଗୁଡ଼ିକ ହେଲା:

୧. ନାଜରିନ୍ ମଣ୍ଡଳୀରେ ଏକ ବିଧିସିଦ୍ଧତା ପାଠ୍ୟକ୍ରମର ଏକ ଚତୁର୍ଥାଂଶର ସମଭାବରେ ପାଠ୍ୟକ୍ରମକୁ ସମାପ୍ତ କରିଥିବା ଆବଶ୍ୟକ ଏବଂ ଏକ ବିଧିସିଦ୍ଧତା ପାଠ୍ୟକ୍ରମରେ ଥିବା ମାର୍ଗଦର୍ଶକ (MANUAL) ର ପ୍ରୟୋଗ, ନାଜରିନ୍ ମଣ୍ଡଳୀର ଇତିହାସ ଏବଂ ପବିତ୍ରତାର ସିଦ୍ଧାନ୍ତ ବିଷୟଗୁଡ଼ିକୁ ସଫଳତାର ସହ ସମାପ୍ତ କରିଥିବେ ଏବଂ ଏହିଗୁଡ଼ିକର ଅନୁକୂଳ ମତ, ବୋଧଶକ୍ତି ଏବଂ ପ୍ରୟୋଗକୁ ପ୍ରଦର୍ଶିତ କରିପାରୁଥିବେ ।

୨. ସ୍ଥାନୀୟ ନାଜରିନ୍ ମଣ୍ଡଳୀର ମଣ୍ଡଳୀ ପରିଷଦ ଦ୍ୱାରା ଅନୁମୋଦିତ ହୋଇଥିବେ ଯେଉଁ ମଣ୍ଡଳୀର ସେ ସଭ୍ୟ;

୩. ଅନୁଗ୍ରହ ଦାନଗୁଡ଼ିକର ଏବଂ ବ୍ୟବହାରିତାର ପ୍ରମାଣ ପ୍ରଦାନ କରିପାରୁଥିବେ;
୪. ଏହି କାର୍ଯ୍ୟ ନିମନ୍ତେ ସେମାନଙ୍କର ଆଧ୍ୟାତ୍ମିକତା, ବୃଦ୍ଧି, ଅନ୍ୟାନ୍ୟ ଉପଯୁକ୍ତ ବିଷୟବସ୍ତୁକୁ ଆଞ୍ଚଳିକ ସମ୍ମିଳନୀର ନିର୍ଦ୍ଦେଶରେ ଯତ୍ନ ସହକାରେ ସମୀକ୍ଷା କରାଯାଇଥିବ;
୫. ଅଭିଷେକ ନିମନ୍ତେ ପ୍ରାର୍ଥୀ ଏବଂ ଅନୁମତିପ୍ରାପ୍ତ ସେବକ ନିମନ୍ତେ ନ୍ୟସ୍ତ କରାଯାଇଥିବା ବିଧିସିଦ୍ଧତା ପାଠ୍ୟକ୍ରମ ପ୍ରତି ତୁରନ୍ତ ଅଗ୍ରସର ହେବାକୁ ପ୍ରତିଶ୍ରୁତି ଦେବେ;
୬. ଆଞ୍ଚଳିକ ସମ୍ମିଳନୀ ଦ୍ୱାରା କୌଣସି ଅଯୋଗ୍ୟତା ଧାର୍ଯ୍ୟ କରାଯାଇଥିଲେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଲିଖିତ କୈଫିୟତ୍ ସହିତ ତାହା କାଢ଼ି ନିଆଯିବ ଏବଂ ମଧ୍ୟ ସେମାନଙ୍କର ବୈବାହିକ ସମ୍ପର୍କ ଆଞ୍ଚଳିକ ଅନୁମତିପତ୍ର ନିମନ୍ତେ ସେମାନଙ୍କୁ ଯେପରି ଅଯୋଗ୍ୟ ବୋଲି ଉପସ୍ଥାପନ ନ କରେ;
୭. ଯଦି ପୂର୍ବରୁ ବିବାହ ଛାଡ଼ପତ୍ର ହୋଇଥାଏ ତେବେ ଆଞ୍ଚଳିକ ସେବକୀୟ କୃତିତ୍ୱ ପ୍ରମାଣପତ୍ର ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟ ପରିଷଦର ଅନୁମୋଦନ ସହିତ ସମର୍ଥନ କରୁଥିବା ଦଲିଲ୍ ପ୍ରଧାନ ଅଧ୍ୟକ୍ଷ ପରିଷଦକୁ ପ୍ରଦାନ କରାଯିବ ଯାହା ଅନୁମତି ପତ୍ର ପ୍ରାପ୍ତ ହେବାର ବାଧାକୁ ଦୂର କରିବ (୫୩୨.୧)।

**୫୩୨.୩.** ଆଗାମୀ ଆଞ୍ଚଳିକ ସମ୍ମିଳନୀର ସମାପ୍ତ ସହିତ ଜଣେ ସେବକର ଅନୁମତି ପତ୍ର ସମାପ୍ତ ହୋଇଯିବ। ଏହା ପୁନର୍ବାର ନିମ୍ନଲିଖିତ ଭାବରେ ଆଞ୍ଚଳିକ ସମ୍ମିଳନୀର ଭୋଟ୍ ଦ୍ୱାରା ନୂତନୀକରଣ ହୋଇପାରିବ:

୧. ଆଞ୍ଚଳିକ ସେବକ ଅନୁମତି ପତ୍ର ନିମନ୍ତେ ଆବେଦନକୁ ଯତ୍ନ ସହକାରେ ପୂରଣ କରି ନୂତନୀକରଣ ନିମନ୍ତେ ପ୍ରାର୍ଥୀ ଆଞ୍ଚଳିକ ସମ୍ମିଳନୀକୁ ପ୍ରଦାନ କରିବେ;

୨. ବିଧିସିଦ୍ଧତା ପାଠ୍ୟକ୍ରମର ଅତିକମ୍‌ରେ ଦୁଇଟି ବିଷୟକୁ ପ୍ରାର୍ଥୀ ସମାପ୍ତ କରିଥିବେ;

୩. ପାଳକଙ୍କ ଅନୁମୋଦନରେ ଯେଉଁ ମଣ୍ଡଳୀର ପ୍ରାର୍ଥୀ ସଭ୍ୟ ଅଟନ୍ତି ସେହି ମଣ୍ଡଳୀ ପରିଷଦ ଦ୍ୱାରା ଅନୁମତି ପତ୍ରର ନୂତନୀକରଣ ନିମନ୍ତେ ଅନୁମୋଦନ କରାଯିବ ।

ଯଦି ସେହି ପ୍ରାର୍ଥୀ ବିଧିସିଦ୍ଧତା ପାଠ୍ୟକ୍ରମର ଆବଶ୍ୟକୀୟ ବିଷୟରେ ସଫଳତା ପ୍ରାପ୍ତ ହୋଇନାହାନ୍ତି ତେବେ ଲିଖିତ ଭାବରେ ଅସଫଳତାର କାରଣ ଦର୍ଶାଇ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନୁମତି ପତ୍ର ନୂତନୀକରଣ କରାଯାଇପାରିବ । ଏହି କାରଣଗୁଡ଼ିକ ଆଞ୍ଚଳିକ ସେବା କୃତିତ୍ୱ ପରିଷଦ ଏବଂ ଆଞ୍ଚଳିକ ସେବା ପରିଷଦକୁ ସନ୍ତୁଷ୍ଟ କରିବା ଆବଶ୍ୟକ ଏବଂ ପରିଚାଳକ ଭାବରେ ଥିବା ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନର ଆବଶ୍ୟକ । ଆଞ୍ଚଳିକ ସମ୍ମିଳନୀ ସାବଧାନତା ସହିତ ସେବକର ଅନୁମତି ପତ୍ରର ନୂତନୀକରଣ ବିରୁଦ୍ଧରେ ଭୋଟ୍ ଦେଇପାରିବ ।

ଅନୁମତି ପତ୍ର ପ୍ରାପ୍ତ ହୋଇଥିବା ସେବକଗଣ ଯେଉଁମାନେ ବିଧିସିଦ୍ଧତା ପାଠ୍ୟକ୍ରମରୁ ସ୍ନାତକ ପ୍ରାପ୍ତ ହୋଇଛନ୍ତି ଏବଂ ସେମାନେ ଆଞ୍ଚଳିକ ସମ୍ମିଳନୀ ସହିତ ଅବସର ସମ୍ପର୍କରେ ଅଛନ୍ତି, ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନରେ ବିନା ଆବେଦନରେ ସେମାନଙ୍କର ଅନୁମତି ପତ୍ର ନୂତନୀକରଣ ହୋଇପାରିବ (୨୦୫.୪) ।

**୫୩୨.୪.** ଅଭିଷେକ ନିମନ୍ତେ ଯୋଗ୍ୟତା ପାଇଁ ପ୍ରାର୍ଥୀ ତାଙ୍କର ପ୍ରଥମ ଅନୁମତି ପତ୍ର ପ୍ରାପ୍ତ ହେବାର ୧୦ ବର୍ଷ ମଧ୍ୟରେ ବିଧିସିଦ୍ଧତା ପାଠ୍ୟକ୍ରମର ସ୍ନାତକ ପ୍ରାପ୍ତ ହେବା ଆବଶ୍ୟକ । କୌଣସି ଅସାଧାରଣ ପରିସ୍ଥିତିରେ ପ୍ରଧାନ ଅଧ୍ୟକ୍ଷଙ୍କ ଅନୁମୋଦନରେ ଆଞ୍ଚଳିକ ସେବା କୃତିତ୍ୱ ପରିଷଦ ଦ୍ୱାରା ଅନୁମତି ପତ୍ର ମଞ୍ଜୁର କରାଯାଇପାରିବ ।

ଯେଉଁ ଅନୁମତି ପ୍ରାପ୍ତ ସେବକ ଯେ ଅଭିଷିକ୍ତ ନିମନ୍ତେ ଅଗ୍ରସର ହେଉନାହାନ୍ତି କିମ୍ବା ଯେ ବିଧିସିଦ୍ଧତା ପାଠ୍ୟକ୍ରମରେ ଅଭିଷେକ ନିମନ୍ତେ ଅସଫଳତା (ଫେଲ୍) ହୋଇ ଧାର୍ଯ୍ୟ ସମୟ ମଧ୍ୟରେ ସଫଳତା (ପାସ୍) ହୋଇଛନ୍ତି, ଆଞ୍ଚଳିକ ଉପଦେଷ୍ଟା

ପରିଷଦ ଏବଂ ଆଞ୍ଚଳିକ ସେବା କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟର ପରିଷଦର ଅନୁମୋଦନ କ୍ରମେ ସେବକଙ୍କ ଅନୁମତି ପତ୍ର ନୂତନୀକରଣକୁ ମଞ୍ଜୁରୀ ଦିଆଯାଇପାରିବ ।

**୫୩୨.୫.** ଅନୁମତିପ୍ରାପ୍ତ ସେବକମାନଙ୍କ କ୍ଷେତ୍ରରେ ଯେଉଁମାନେ ପାଳକ ଭାବରେ ସେବା କରୁଅଛନ୍ତି ସେମାନଙ୍କର ସେବକୀୟ ଅନୁମତି ପତ୍ରର ନୂତନୀକରଣ ନିମନ୍ତେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅନୁମୋଦନ କରାଯିବ । ସ୍ଥାନୀୟ ସେବକମାନଙ୍କ କ୍ଷେତ୍ରରେ ଯେଉଁମାନେ ପାଳକ ଭାବରେ ସେବା କରୁଅଛନ୍ତି ସେମାନଙ୍କର ସେବକୀୟ ଅନୁମତି ପତ୍ରର ମଞ୍ଜୁରୀ ନିମନ୍ତେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅନୁମୋଦନ କରାଯିବ (୨୨୫.୧୩) ।

**୫୩୨.୬.** ଅଧିକାରୀ ପ୍ରଧାନ ଅଧ୍ୟକ୍ଷ ପ୍ରତ୍ୟେକ ଅନୁମତି ପତ୍ରଧାରୀ ସେବକମାନଙ୍କୁ, ପ୍ରଧାନ ଅଧ୍ୟକ୍ଷଙ୍କର, ଆଞ୍ଚଳିକ ଅଧ୍ୟକ୍ଷଙ୍କ ଏବଂ ଆଞ୍ଚଳିକ ସମ୍ପାଦକଙ୍କ ଦସ୍ତଖତ ସହିତ ସେବକୀୟ ଅନୁମତି ପତ୍ର ପ୍ରଦାନ କରିବେ

**୫୩୨.୭.** ଖ୍ରୀଷ୍ଟଙ୍କ ଶରୀରରୂପୀ ମଣ୍ଡଳୀରେ ଅନୁମତି ପତ୍ର ପ୍ରାପ୍ତ ସେବକମାନଙ୍କୁ ବାକ୍ୟ ପ୍ରଚାର କରିବାକୁ ସେମାନଙ୍କର ଦାନସବୁ ଏବଂ ଅନୁଗ୍ରହକୁ ବ୍ୟବହାର କରିବାକୁ କ୍ଷମତା ସହିତ ଅଧିକାର ପ୍ରଦାନ କରଯାଇଅଛି । ଏହା ସହିତ ଯଦି ସେମାନେ ଅଞ୍ଚଳ ଦ୍ୱାରା ସ୍ୱୀକାର କରାଯାଇଥିବା ଦାୟୀତ୍ୱର ସେବାକାର୍ଯ୍ୟରେ ସେବା କରୁଥାନ୍ତି ଯେଉଁଠାରେ ତାଙ୍କର ସେବକୀୟ ସଦସ୍ୟତା ରହିଛି, ତେବେ ଅନୁମତି ପତ୍ରଧାରୀ ସେବକମାନଙ୍କୁ ସେମାନଙ୍କର ମଣ୍ଡଳୀରେ ବାପ୍ତିସ୍ମ ଏବଂ ପ୍ରଭୁଭୋଜର ବିଧି ସମ୍ପନ୍ନ କରିବାକୁ ଏବଂ ଯେଉଁ ରାଜ୍ୟରେ ଆଇନ୍‌ର କୌଣସି ପ୍ରତିବନ୍ଧକ ନାହିଁ ସେହି ରାଜ୍ୟରେ ବିବାହ କାର୍ଯ୍ୟ ପରିଚାଳନା କରିବାକୁ କ୍ଷମତା ଏବଂ ଅଧିକାର ପ୍ରଦାନ କରାଯାଇଅଛି । (୫୧୧-୫୧୨, ୫୧୫, ୫୧୫.୪, ୫୨୩, ୫୩୨.୮, ୫୩୩-୫୩୩.୨, ୫୩୪-୫୩୪.୨, ୭୦୦, ୭୦୧, ୭୦୫) ।

**୫୩୨.୮.** ପ୍ରତ୍ୟେକ ଅନୁମତି ପ୍ରାପ୍ତ ସେବକମାନେ ସେମାନଙ୍କର ସେବକୀୟ ସଦସ୍ୟତା ଯେଉଁ ଆଞ୍ଚଳିକ ସମ୍ମିଳନୀରେ ଥିବା ସେହି ଅଞ୍ଚଳର ମଣ୍ଡଳୀରେ ସେମାନଙ୍କର ସଦସ୍ୟତା ରଖିବେ ଏବଂ ଏହି ସମ୍ମିଳନୀକୁ ବାର୍ଷିକ ରିପୋର୍ଟ ପ୍ରଦାନ କରିବେ । ରିପୋର୍ଟଗୁଡ଼ିକ ସଠିକ୍ ଫର୍ମରେ ପୂରଣ କରାଯାଇ ପ୍ରଦାନ କରାଯିବା ଆବଶ୍ୟକ କିମ୍ବା ଯଦି ସେବକ ଅନୁମତି ପତ୍ରର ନୂତନୀକରଣ ନିମନ୍ତେ ଦରଖାସ୍ତର ଆବଶ୍ୟକ । (୨୦୧, ୨୦୫.୩, ୫୨୧) ।

**୫୩୨.୯.** ଯଦି ଜଣେ ଅନୁମତି ପତ୍ରପ୍ରାପ୍ତ ସେବକ ନାଜରିନ୍ ମଣ୍ଡଳୀ ବ୍ୟତୀତ ଅନ୍ୟ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି କିମ୍ବା ଅନ୍ୟ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ଆଞ୍ଚଳିକ ଉପଦେଷ୍ଟା ପରିଷଦର କିମ୍ବା ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ବିନା ଲିଖିତ ଅନୁମୋଦନରେ ଲିପ୍ତ ହୁଅନ୍ତି, ତେବେ ସେ ନାଜରିନ୍ ମଣ୍ଡଳୀ ସଭ୍ୟ ପଦରୁ ଏବଂ ସେବାକାର୍ଯ୍ୟରୁ ତୁରନ୍ତ ବହିଷ୍କୃତ ହେବେ ଏବଂ ମିନିଟ୍ ଏହିପରି ଲେଖାଯିବ – "ଅନ୍ୟ ମଣ୍ଡଳୀ ସମ୍ପ୍ରଦାୟ ଏବଂ ସେବାକାର୍ଯ୍ୟରେ ସଂଯୁକ୍ତ ହେବା ଦ୍ୱାରା ନାଜରିନ୍ ମଣ୍ଡଳୀର ସଭ୍ୟ ପଦରୁ ଏବଂ ସେବାକାର୍ଯ୍ୟରୁ ବହିଷ୍କୃତ କରାଗଲା" (୧୦୭, ୧୧୨) ।

## (ଗ) ଦୀକନ

**୫୩୩.** ଜଣେ ଦୀକନ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ ପ୍ରତି ଈଶ୍ୱରଙ୍କ ଆହୂତ ଜଣେ ସେବକ ଅଟନ୍ତି, ଯାହାଙ୍କର ଦାନଗୁଡ଼ିକ ଏବଂ ବ୍ୟବହାରିତାର ପ୍ରଦର୍ଶିତ ହୋଇଥାଏ ଏବଂ ଅଭିଜ୍ଞତା ଓ ପ୍ରଶିକ୍ଷଣ ଦ୍ୱାରା ପ୍ରଖର ହୋଇଥାଏ, ଯେ ଆଞ୍ଚଳିକ ସମ୍ମିଳନୀର ଭୋଟ୍ ଦ୍ୱାରା ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟ ପ୍ରତି ଏବଂ ଅଭିଷିକ୍ତ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ପୃଥକୀକୃତ ଅଟନ୍ତି ଏବଂ ଯେ ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ନିର୍ଦ୍ଦିଷ୍ଟ କାର୍ଯ୍ୟ ପରିଚାଳନା କରିବାକୁ ନିଜକୁ ବିନିଯୋଗ କରିଛନ୍ତି ।

**୫୩୩.୧.** ଦୀକନ ନିର୍ଦ୍ଦିଷ୍ଟ ଭାବରେ ପ୍ରଚାର କରିବାକୁ ଆହୂତ ହୋଇନାହାନ୍ତି । ଶାସ୍ତ୍ରକୁ ଆଧାର କରି ମଣ୍ଡଳୀ ସ୍ୱୀକରା କରେ ଯେ ଈଶ୍ୱର ବ୍ୟକ୍ତିମାନଙ୍କୁ ଆଜୀବନ

ସେବା କରିବା ନିମନ୍ତେ ଆହ୍ୱାନ କରନ୍ତି ଏବଂ ବିଶ୍ୱାସ କରେ ଯେ ଏହିପରି ସେବାକାର୍ଯ୍ୟ ପ୍ରତି ବ୍ୟକ୍ତିମାନଙ୍କର ଆହ୍ୱାନକୁ ମଣ୍ଡଳୀ ଦ୍ୱାରା ସ୍ୱୀକାର କରିବା ଆବଶ୍ୟକ ଏବଂ ମଣ୍ଡଳୀ ଦ୍ୱାରା ଆବଶ୍ୟକତା ଯୋଗାଇବା ଏବଂ ଦାୟୀତ୍ୱ ପ୍ରଦାନ କରିବା ଆବଶ୍ୟକ । ଏହା ସେବାକାର୍ଯ୍ୟର ଏକ ସ୍ଥାୟୀ ବ୍ୟବସ୍ଥା ଅଟେ ।

**୫୩୩.୨.** ଜଣେ ଦୀକନ ଶିକ୍ଷା ନିମନ୍ତେ ବ୍ୟବସ୍ଥାର ଆବଶ୍ୟକତାକୁ ପୁରା କରିବା ନିତାନ୍ତ ଆବଶ୍ୟକ ଏବଂ ସଠିକ୍ ଦାନଗୁଡ଼ିକୁ ଏବଂ ଅନୁଗ୍ରହକୁ ପ୍ରଦର୍ଶିତ କରିବା ଆବଶ୍ୟକ ଏବଂ ମଣ୍ଡଳୀ ଦ୍ୱାରା ସ୍ୱୀକାର ଯୋଗ୍ୟ ଓ ସ୍ଥାୟୀ ଯୋଗ୍ୟ ହେବା ଉଚିତ । ବାପ୍ତିସ୍ମ ଏବଂ ପ୍ରଭୁଭୋଜର ବିଧି ପରିଚାଳନା କରିବାକୁ ଦୀକନଙ୍କୁ କ୍ଷମତା ଓ ଅଧିକାର ଦିଆଯିବ ଏବଂ ଯେଉଁ ରାଜ୍ୟରେ ଆଇନ୍ ପ୍ରତିବନ୍ଧକ ନୁହେଁ ସେହି ରାଜ୍ୟରେ ବିବାହ କାର୍ଯ୍ୟ ପରିଚାଳନା କରିପାରିବେ । ଏଥିସହିତ ଆବଶ୍ୟକସ୍ଥଳେ ଉପାସନା ପରିଚାଳନା କରିପାରିବେ ଏବଂ ପ୍ରଚାର ମଧ୍ୟ କରିପାରିବେ । ଖ୍ରୀଷ୍ଟଙ୍କ ଶରୀରର ଦାସତ୍ୱ ସେବାକାର୍ଯ୍ୟର ଚିହ୍ନ ସ୍ୱରୂପେ ଦୀକନ ମଣ୍ଡଳୀର ବାହାରେ ତାଙ୍କର ଦାନଗୁଡ଼ିକୁ ବ୍ୟବହାର କରିପାରିବେ (୫୧୫.୪, ୫୧୫.୯) ।

**୫୩୩.୩.** ଏହି ସେବାକାର୍ଯ୍ୟ ପ୍ରତି ଈଶ୍ୱରଙ୍କର ଏକ ଆହ୍ୱାନକୁ ଦୀକନ ପ୍ରାର୍ଥୀମାନେ ଘୋଷଣା କରନ୍ତି । ଯେଉଁ ପ୍ରାର୍ଥୀଙ୍କଠାରେ ବର୍ତ୍ତମାନ ଆଞ୍ଚଳିକ ଅନୁମତି ପତ୍ର ଅଛି ଏବଂ ସେହି ଅନୁମତି ପତ୍ର ଲଗାତାର ତିନିବର୍ଷରୁ କମ୍ ହୋଇ ନ ଥିବ । ଏହା ସହିତ ପ୍ରାର୍ଥୀ ଯେଉଁ ମଣ୍ଡଳୀର ସଭ୍ୟ ସେହି ମଣ୍ଡଳୀର ପରିଷଦ ଦ୍ୱାରା ଆଞ୍ଚଳିକ ଅନୁମତି ପତ୍ର ନୂତନୀକରଣ ନିମନ୍ତେ ଅନୁମୋଦିତ ହେବ କିମ୍ବା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଅନୁମୋଦିତ ହେବ । ଏହା ସହିତ ପ୍ରାର୍ଥୀ:

୧. ଏହି ବିଷୟଗୁଡ଼ିକ ନିମନ୍ତେ ମଣ୍ଡଳୀର ସମସ୍ତ ଆବଶ୍ୟକତାକୁ ସେ ପୁରା କରିଥିବେ;

୨. ଅନୁମତି ପତ୍ର ସେବକ ନିମନ୍ତେ ଏବଂ ଦୀକନ ଭାବରେ ଅଭିଷେକ ନିମନ୍ତେ ପ୍ରାର୍ଥୀର ବିଧିସିଦ୍ଧତା ପାଠ୍ୟକ୍ରମରେ ଧାର୍ଯ୍ୟ କରାଯାଇଥିବା ବିଷୟଗୁଡ଼ିକୁ ସଫଳତାର ସହ ସମାପ୍ତ କରିଥିବେ ଏବଂ

୩. ତାହାଙ୍କୁ ଯତ୍ନ ସହକାରେ ବିବେଚନା କରି ଆଞ୍ଚଳିକ ସେବା କୃତିତ୍ୱ ପରିଷଦ ଦ୍ୱାରା ସନ୍ତୋଷଜନକ ରିପୋର୍ଟ ଆଞ୍ଚଳିକ ସମ୍ମିଳନୀକୁ ପ୍ରଦାନ କରିବେ ।

ପ୍ରାର୍ଥୀ ଆଞ୍ଚଳିକ ସମ୍ମିଳନୀର ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ଦୀକନ ଶ୍ରେଣୀ ପ୍ରତି ନିର୍ବାଚିତ ହେବେ; ଯଦି ସେ ଲଗାତାର ତିନି ବର୍ଷ ଦାୟୀତ୍ୱ ସେବକ ଭାବରେ ସେବା କରୁଥିବେ । ଏହା ସହିତ ଯଦି ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ପ୍ରାର୍ଥୀଙ୍କର କୌଣସି ଅଯୋଗ୍ୟତାକୁ ଧାର୍ଯ୍ୟ କରାଯାଏ ତେବେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଲିଖିତ କୈଫିୟତ୍ ସହିତ ତାହାଙ୍କ କୃତିତ୍ୱକୁ କାଢ଼ି ନିଆଯିବ ଏବଂ ମଧ୍ୟ ସେମାନଙ୍କର ବିବାହ ସମ୍ପର୍କ ସେମାନଙ୍କର ଅଭିଷେକକୁ ବାଧା ନ ଦେଉ (୨୦୫.୬, ୩୨୦, ୫୨୯) ।

**୫୩୩.୪.** ଯଦି ଅଭିଷିକ୍ତ ଦୀକନ ବାକ୍ୟ ପ୍ରଚାରର ସେବାକାର୍ଯ୍ୟର ଆହ୍ୱାନକୁ ଅନୁଭବ କରନ୍ତି, ତେବେ ସେ ଅଭିଷିକ୍ତ ପ୍ରାଚୀନଙ୍କ ନିମନ୍ତେ ଆବଶ୍ୟକୀୟ ପାଠ୍ୟକ୍ରମକୁ ପୁରା କରିବା ଉତ୍ତାରେ ଦୀକନର କୃତିତ୍ୱକୁ ଫେରସ୍ତ କରି ଅଭିଷିକ୍ତ ପ୍ରାଚୀନ ହୋଇପାରିବେ ।

## (ଘ) ପ୍ରାଚୀନ

**୫୩୪.** ପ୍ରାଚୀନ ଏପରି ଜଣେ ସେବକ ଅଟନ୍ତି ଯେ ପ୍ରଚାର କରିବାକୁ, ଦାନଗୁଡ଼ିକ ଏବଂ ବ୍ୟବହାରିକଗୁଡ଼ିକ ପ୍ରଦର୍ଶିତ କରିବାକୁ ଈଶ୍ୱରଙ୍କ ଦ୍ୱାରା ଆହୂତ ଏବଂ ଯେ ଆଞ୍ଚଳିକ ସମ୍ମିଳନୀର ଭୋଟ୍ ଦ୍ୱାରା ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟ ପ୍ରତି ଏବଂ ଅଭିଷିକ୍ତ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ପୃଥକୀକୃତ ଅଟନ୍ତି ଏବଂ ଯେ ଖ୍ରୀଷ୍ଟୀୟ ସେବାରେ ସମସ୍ତ କାର୍ଯ୍ୟ କରିବାକୁ ନିଜକୁ ବିନିଯୋଗ କରିଅଛନ୍ତି ।

**୫୩୪.୧.** ପ୍ରାଚୀନଙ୍କ ପ୍ରଚାରର ସେବାକାର୍ଯ୍ୟର ଏକମାତ୍ର ଧାରାକୁ ଆମେ ସ୍ୱୀକାର କରୁ । ମଣ୍ଡଳୀରେ ଏହା ଏକ ସ୍ଥାୟୀ ଧାରା ଅଟେ । ପ୍ରାଚୀନ ଯେ ମଣ୍ଡଳୀରେ ଉତ୍ତମ ରୂପେ ଶାସନ କରନ୍ତି, ଉତ୍ତମ ପ୍ରଚାର କରନ୍ତି, ମଣ୍ଡଳୀର

ବାପ୍ତିସ୍ମ ଏବଂ ପ୍ରଭୁଭୋଜର ବିଧିସବୁ ପରିଚାଳନା କରନ୍ତି, ବିବାହ କାର୍ଯ୍ୟ ପରିଚାଳନା କରନ୍ତି ଏବଂ ଏହି ସମସ୍ତ ଯୀଶୁଖ୍ରୀଷ୍ଟ ଯେ ମଣ୍ଡଳୀର ମସ୍ତକ ତାହାଙ୍କ ନାମରେ କରିଥାନ୍ତି । (୩୧, ୫୧୪-୫୧୫.୩, ୫୧୫.୪, ୫୧୫.୯, ୫୩୮.୧୫)

**୫୩୪.୨.** ମଣ୍ଡଳୀ ଅପେକ୍ଷା କରେ ଯେ, ଯେକେହି ଏହି ସେବାକାର୍ଯ୍ୟ ପ୍ରତି ଆହୂତ ସେ ଈଶ୍ୱରଙ୍କ ବାକ୍ୟର ଜଣେ ଭଣ୍ଡାରଘରିଆ ହୋଇଥିବା ଏବଂ ଏହି ବାକ୍ୟକୁ ଘୋଷଣା କରିବାକୁ ଜୀବିତ ଥିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶକ୍ତି ପ୍ରଦାନ କରିବ ।

**୫୩୪.୩.** ଏହି ସେବାକାର୍ଯ୍ୟ ପ୍ରତି ଈଶ୍ୱରଙ୍କ ଆହ୍ୱାନକୁ ଜଣେ ପ୍ରାଚୀନ ପ୍ରାର୍ଥୀ ଘୋଷଣା କରନ୍ତି । ଯେଉଁ ପ୍ରାର୍ଥୀଙ୍କଠାରେ ବର୍ତ୍ତମାନ ଆଞ୍ଚଳିକ ଅନୁମତି ପତ୍ର ଅଛି ଏବଂ ସେହି ଅନୁମତି ପତ୍ର ଲଗାତାର ତିନି ବର୍ଷରୁ କମ୍ ହୋଇ ନ ଥିବ । ଏହା ସହିତ ପ୍ରାର୍ଥୀ ଯେଉଁ ମଣ୍ଡଳୀର ସଭ୍ୟ ଅଟନ୍ତି ସେହି ମଣ୍ଡଳୀର ପରିଷଦ ଦ୍ୱାରା କିମ୍ବା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଆଞ୍ଚଳିକ ଅନୁମତି ପତ୍ର ନୂତନୀକରଣ ନିମନ୍ତେ ଅନୁମୋଦିତ ହେବେ । ଏହା ସହିତ ପ୍ରାର୍ଥୀ:

୧. ଏହି ବିଷୟଗୁଡ଼ିକ ନିମନ୍ତେ ମଣ୍ଡଳୀର ସମସ୍ତ ଆବଶ୍ୟକତାଗୁଡ଼ିକୁ ପୁରା କରୁଥିବେ ।

୨. ଅନୁମତି ପତ୍ର ସେବକ ନିମନ୍ତେ ଏବଂ ପ୍ରାଚୀନ ଭାବରେ ଅଭିଷିକ୍ତ ହେବା ନିମନ୍ତେ ପ୍ରାର୍ଥୀର ବିଧିସିଦ୍ଧତା ପାଠ୍ୟକ୍ରମରେ ଧାର୍ଯ୍ୟ କରାଯାଇଥିବା ବିଷୟଗୁଡ଼ିକୁ ସଫଳତାର ସହ ସମାପ୍ତ କରିଥିବେ ଏବଂ ମଣ୍ଡଳୀ ଆଶା କରେ ଯେ ଏହି ସେବାକାର୍ଯ୍ୟ ପ୍ରତି ଯେଉଁ ବ୍ୟକ୍ତି ଆହୂତ ହୋଇଛନ୍ତି ସେ ବାକ୍ୟର ଭଣ୍ଡାର ଘରିଆ ହୋଇଥିବା ଆବଶ୍ୟକ ଏବଂ ଏହାର ଘୋଷଣା ନିମନ୍ତେ ଆଜୀବନ ପୂର୍ଣ୍ଣ ଶକ୍ତି ପ୍ରଦାନ କରୁଥିବେ ।

୩. ଆଞ୍ଚଳିକ ସେବା କୃତିତ୍ୱ ପରିଷଦ ତାହାଙ୍କୁ ଯତ୍ନ ସହକାରେ ବିବେଚନା କରି ଆଞ୍ଚଳିକ ସମ୍ମିଳନୀକୁ ସନ୍ତୋଷଜନକ ରିପୋର୍ଟ ପ୍ରଦାନ କରିବେ ।

ପ୍ରାର୍ଥୀ ଆଞ୍ଚଳିକ ସମ୍ମିଳନୀର ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ପ୍ରାଚୀନ ଶ୍ରେଣୀ ପ୍ରତି ନିର୍ବାଚିତ ହେବେ । ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ହେବା ପାଇଁ ପ୍ରାର୍ଥୀ ଲଗାତାର ତିନି ବର୍ଷ ପର୍ଯ୍ୟନ୍ତ ଏକ ସେବକୀୟ ଦାୟିତ୍ୱରେ (Assigned Minister) / ଦାୟିତ୍ୱବାନ୍ ସେବାରେ ନିୟୋଜିତ ଥିବେ । ଏହା ସହିତ ଯଦି ଆଞ୍ଚିଳକ ସମ୍ମିଳନୀ ଦ୍ୱାରା ପ୍ରାର୍ଥୀଙ୍କର କୌଣସି ଅଯୋଗ୍ୟତାକୁ ଧାର୍ଯ୍ୟ କରାଯାଏ ତେବେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଲିଖିତ କୈଫିୟତ୍ ଦ୍ୱାରା ତାହାଙ୍କଠାରୁ କୃତିତ୍ୱକୁ କାଢ଼ି ନିଆଯିବ ଏବଂ ମଧ୍ୟ ସେମାନଙ୍କର ବୈବାହିକ ସମ୍ପର୍କ ସେମାନଙ୍କର ଅଭିଷେକ ନିମନ୍ତେ ବାଧା ନ ଦେଉ / ଅଯୋଗ୍ୟ ନ କରୁ । (୨୦୫.୬, ୩୨୦, ୫୨୯) ।

## (ଙ) ପ୍ରମାଣ ପତ୍ରର ସ୍ୱୀକାର

**୫୩୫.** ଅନ୍ୟ ସମ୍ପ୍ରଦାୟରୁ କୌଣସି ଅଭିଷିକ୍ତ ସେବକ ନାଜରିନ୍ ମଣ୍ଡଳୀ ସହିତ ସଂଯୁକ୍ତ ହେବାକୁ ଇଚ୍ଛା କରନ୍ତି ଏବଂ ତାଙ୍କର ଅଭିଷେକର ପ୍ରମାଣପତ୍ର ଉପସ୍ଥାପନ କରନ୍ତି, ତେବେ ତାଙ୍କର ଅଭିଷେକକୁ ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ସେବକ ପରିଷଦ ଦ୍ୱାରା ସନ୍ତୋଷଜନକ ଭାବେ ପରୀକ୍ଷା କରିବା ଉତ୍ତାରେ ଏବଂ ସେମାନଙ୍କର ଆଚାର ବ୍ୟବହାର, ବ୍ୟକ୍ତିଗତ ଅନୁଭୂତି ଏବଂ ସିଦ୍ଧାନ୍ତକୁ ପରୀକ୍ଷା କରିବା ଉତ୍ତାରେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ସ୍ୱୀକୃତ ହେବ । ଯଦି:

୧. ସେମାନେ ବିଧିସିଦ୍ଧତା ପାଠ୍ୟକ୍ରମର ସମ୍ପର୍କିତ ବିଷୟବସ୍ତୁଗୁଡ଼ିକୁ, ମାର୍ଗଦର୍ଶିକା (Manual)ର ପ୍ରୟୋଗ /ବ୍ୟବହାରିକତାକୁ ଏବଂ ନାଜରିନ୍ ମଣ୍ଡଳୀର ଇତିହାସ ଏବଂ ପବିତ୍ରତାର ସିଦ୍ଧାନ୍ତକୁ ସଫଳତାର ସହ ସମାପ୍ତ କରିଥିବେ;

୨. ଆଞ୍ଚଳିକ ସମ୍ମିଳନୀରେ ଅଭିଷେକ / ସ୍ୱୀକାରୋକ୍ତିର ପ୍ରଶ୍ନଗୁଡ଼ିକୁ ଯତ୍ନର ସହ ପୂରଣ କରି ଜମା କରିଥିବେ;

୩. ଯେପରି ପାରା ୫୩୩-୫୩୩.୩ କିମ୍ବା ୫୩୪-୫୩୪.୩ରେ ଅଭିଷେକ ନିମନ୍ତେ ବର୍ଣ୍ଣନା କରାଯାଇଥିବା ସମସ୍ତ ଆବଶ୍ୟକୀୟ ବିଷୟକୁ ଯତ୍ନ ସହକାରେ ପୂରା କରିବେ;

**୫୩୫.୧.** ସେହି ଅଭିଷିକ୍ତ ସେବକଙ୍କୁ ପ୍ରଧାନ ଅଧ୍ୟକ୍ଷ ଏକ ଅଭିଷେକ ପ୍ରମାଣ ପତ୍ର ପ୍ରଦାନ କରିବେ ଯେଉଁଥିରେ ପ୍ରଧାନ ଅଧ୍ୟକ୍ଷ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକଙ୍କ ଦସ୍ତଖତ ରହିଥିବ – (୫୩୮.୬) ।

**୫୩୫.୨.** ଯଦି ଅନ୍ୟ ମଣ୍ଡଳୀର ଜଣେ ସେବକର କୃତିତ୍ୱକୁ ସ୍ୱୀକୃତୀ ଦିଆଗଲା, ତେବେ ତାହାଙ୍କ ପୂର୍ବ ମଣ୍ଡଳୀରୁ ପ୍ରାପ୍ତ କୃତିତ୍ୱ ପତ୍ରର ପଛ ଭାଗରେ ମୋହର ଦେଇ ଏହିପରି ଭାବରେ (ନିମ୍ନରେ) ଲେଖି ଫେରସ୍ତ କରାଯିବ:

"ନୂତନ କୃତିତ୍ୱ ଆଧାରରେ ନାଜରିନ୍ ମଣ୍ଡଳୀର ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଆଜି ଦିବସ (ତାରିଖ), (ବର୍ଷ)ରେ ସ୍ୱୀକୃତ ହେଲା"

- ପ୍ରଧାନ ଅଧ୍ୟକ୍ଷ
- ଆଞ୍ଚଳିକ ଅଧ୍ୟକ୍ଷ
- ଆଞ୍ଚଳିକ ସମ୍ପାଦକ

## (ଚ) ଅବସରପ୍ରାପ୍ତ ଅବୈତନିକ ସେବକ

**୫୩୬.** ଜଣେ ଅବସରପ୍ରାପ୍ତ ସେବକ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅବସର ସମ୍ପର୍କ ପ୍ରାପ୍ତ ହୋଇଥାନ୍ତି । ଯେଉଁଥିରେ ସେ ସେବକୀୟ ସଭ୍ୟ ପଦ, ଆଞ୍ଚଳିକ ସେବକୀୟ କୃତିତ୍ୱ, ପରିଷଦ କିମବା ସେବକୀୟ ପରିଷଦ ଦ୍ୱାରା ଅନୁମୋଦନରେ ରଖିଥାନ୍ତି । ଏଥିରେ କୌଣସି ପରିବର୍ତ୍ତନ ହେଲେ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ।

**୫୩୬.୧.** ସେବକୀୟ ପରିଶ୍ରମରୁ ବିରତି ଦେବାକୁ ଅବସର ବାଧ କରିବ ନାହିଁ କିମ୍ବା ଆଞ୍ଚଳିକ ସମ୍ମିଳନୀରେ ସଭ୍ୟ ପଦର ଉପଭୋଗରୁ ଏହା ବଞ୍ଚିତ କରିବ

ନାହିଁ । ଜଣେ ଦାୟୀତ୍ୱରେ ଥିବା ଅବସରପ୍ରାପ୍ତ ସେବକ ଆଞ୍ଚଳିକ ସମ୍ମିଳନୀର ସଭ୍ୟ ଅଟନ୍ତି । କିନ୍ତୁ ଜଣେ ଦାୟୀତ୍ୱରେ ଥିବା ଅବସରପ୍ରାପ୍ତ ସେବକ ଆଞ୍ଚଳିକ ସମ୍ମିଳନୀର ସଭ୍ୟ ହୋଇପାରିବେ ନାହିଁ (୨୦୧, ୫୩୮.୯) ।

**୫୩୬.୨.** ଅବସର ପ୍ରାପ୍ତ ସେବକ (ଦାୟୀତ୍ୱ କିମ୍ବା ଦାୟୀତ୍ୱବିହୀନ) ଆଞ୍ଚଳିକ ସମ୍ମିଳନୀକୁ ବାର୍ଷିକ ରିପୋର୍ଟ ଦେବାକୁ ଆବଦ୍ଧ ରହିବେ । କୌଣସି କାରଣବଶତଃ ଅବସରପ୍ରାପ୍ତ ସେବକ ରିପୋର୍ଟ ଦେଇପାରୁ ନାହାନ୍ତି, ତେବେ ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ସେବକୀୟ ପରିଷଦର ଅନୁମୋଦନରେ ଏହିପରି ସେବକଙ୍କୁ ଦାୟୀତ୍ୱରୁ ମୁକ୍ତ କରିହେବ (୫୩୮.୯) ।

## (ଛ) ସେବକମାନଙ୍କର ବଦଳି

**୫୩୭.** ଯେବେ ଜଣେ ଯାଜକୀୟ ଶ୍ରେଣୀର ସଭ୍ୟ ଅନ୍ୟ ଅଞ୍ଚଳକୁ ବଦଳି ହେବାକୁ ଇଚ୍ଛା କରନ୍ତି, ତେବେ ଆଞ୍ଚଳିକ ସମ୍ମିଳନୀରେ ଭୋଟ୍ ଦ୍ୱାରା କିମ୍ବା ସମ୍ମିଳନୀର ମଧ୍ୟବର୍ତ୍ତୀ କାଳରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ତାଙ୍କର ସେବକୀୟ ସଭ୍ୟପଦ ବଦଳି ହୋଇପାରିବ ଯେଉଁଠାରେ ତାଙ୍କର ସେବକୀୟ ସଭ୍ୟପଦ ଅଛି । ଏହିପରି ବଦଳି ଆଞ୍ଚଳିକ ସମ୍ମିଳନୀର ପୂର୍ବରୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା ଗ୍ରହଣ କରାଯାଇପାରେ ଏବଂ ଯେଉଁ ଅଞ୍ଚଳ ଏହି ସେବକଙ୍କୁ ଗ୍ରହଣ କରିବ ତାହାଙ୍କ ସଭ୍ୟ ପଦର ସଂପୂର୍ଣ୍ଣ ଅଧିକାର ଓ ସୁଯୋଗଗୁଡ଼ିକୁ ମଞ୍ଜୁରୀ ଦେବ । (୨୦୫.୮-୨୦୫.୯, ୨୨୬, ୨୩୧.୯-୨୩୧.୧୦)

**୫୩୭.୧.** ଏକ ଅନୁମତି ପତ୍ରଧାରୀ ସେବକର ବଦଳି ସେତେବେଳେ ଯଥାର୍ଥ ହେବ ଯେତେବେଳେ ଅନୁମତି ପତ୍ର ସେବକ ନିମନ୍ତେ ବିଧିସିଦ୍ଧତାରେ ପାଠ୍ୟକ୍ରମରେ ଅନୁମତି ପତ୍ରଧାରୀଙ୍କର ଯୋଗ୍ୟଥାର ସମସ୍ତ ରେକର୍ଡ / ତଥ୍ୟ ସଠିକ୍ ଭାବରେ, ପ୍ରଦାନ କରୁଥିବା ଅଞ୍ଚଳର ଆଞ୍ଚଳିକ ସେବକୀୟ ଶିକ୍ଷା ପରିଷଦ ସମ୍ପାଦକଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଭାବରେ ସମୀକ୍ଷା କରାଯାଇ ଗ୍ରହଣ କରୁଥିବା ଅଞ୍ଚଳର ଆଞ୍ଚଳିକ ସେବକୀୟ ଶିକ୍ଷା ପରିଷଦ ସମ୍ପାଦକଙ୍କୁ ପ୍ରେରଣ କରାଯିବ ।

ଗ୍ରହଣ କରିଥିବା ଅଞ୍ଚଳର ଆଞ୍ଚଳିକ ସେବକୀୟ ଶିକ୍ଷା ପରିଷଦ ସମ୍ପାଦକ ତାଙ୍କର ଆଞ୍ଚଳିକ ସମ୍ପାଦକଙ୍କୁ ପ୍ରମାଣ ପତ୍ରଧାରୀଙ୍କର ଯୋଗ୍ୟତାର ତଥ୍ୟ ଗ୍ରହଣ କରାଗଲା ବୋଲି ନୋଟିସ୍ କରିବେ । ଯେଉଁ ସେବକ ବଦଳି ହେଲେ ସେ ତାଙ୍କର ବିଧିସିଦ୍ଧତା ପାଠ୍ୟକ୍ରମର ଯୋଗ୍ୟତାର ତଥ୍ୟ ବିଷୟରେ ଗ୍ରହଣ କରୁଥିବା ଅଞ୍ଚଳ ପ୍ରତି ଅଗ୍ରସର ହେବେ । (୨୩୩.୧-୨୩୩.୨)

**୩୫୭.୨.** ଯେଉଁ ଅଞ୍ଚଳ ଏହି ବଦଳି ବ୍ୟକ୍ତିଙ୍କୁ ଗ୍ରହଣ କରିବ ସେ ଯେଉଁ ଅଞ୍ଚଳ ଏହି ବଦଳି ବ୍ୟକ୍ତିଙ୍କୁ ପ୍ରେରଣ କରିଛି ସେହି ଅଞ୍ଚଳକୁ ବଦଳି ବ୍ୟକ୍ତିଙ୍କ ଗ୍ରହଣ କରିବା ବିଷୟରେ ନୋଟିସ୍ କରିବ । ଯେପର୍ଯ୍ୟନ୍ତ ଗ୍ରହଣ କରୁଥିବା ଆଞ୍ଚଳିକ ସମ୍ମିଳନୀର ଭୋଟ୍ ଦ୍ୱାରା ଏହି ବଦଳି ଗ୍ରହଣ ନ ହୋଇଛି ସେପର୍ଯ୍ୟନ୍ତ ବଦଳି ହୋଇଥିବା ବ୍ୟକ୍ତି, ପ୍ରେରଣ କରାଯାଇଥିବା ଅଞ୍ଚଳର ସଭ୍ୟ ରହିବେ । ଯେଉଁ ଅଞ୍ଚଳକୁ ବଦଳି ପ୍ରେରଣ କରାଯାଇଅଛି ସେହି ଅଞ୍ଚଳର ଆଗାମୀ ସମ୍ମିଳନୀର ଶେଷରେ ଏହି ବଦଳି ଯଥାର୍ଥ ହେବ । (୨୦୫.୮-୨୨୬, ୨୩୧.୧୦)

## (ଜ) ସାଧାରଣ ନିୟମ

**୫୩୮.** ନାଜରିନ୍ ମଣ୍ଡଳୀର ସେବକମାନଙ୍କ ନିମନ୍ତେ ସାଧାରଣ ନିୟମ ଅନୁଯାୟୀ ନିମ୍ନଲିଖିତ ପଦବୀଗୁଡ଼ିକର ସଂଜ୍ଞା:

ଯାଜକୀୟ ଶ୍ରେଣୀର ସଭ୍ୟଗଣ - ପ୍ରାଚୀନ, ଦୀକନ ଏବଂ ଅନୁମତି ପତ୍ରଧାରୀ ସେବକଗଣ (୫୩୦, ୫୩୧, ୫୩୨) ।

ଯାଜକ ବ୍ୟତୀତ ଅନ୍ୟମାନେ - ନାଜରିନ୍ ମଣ୍ଡଳୀର ସଭ୍ୟଗଣ ଯେଉଁମାନେ ଯାଜକୀୟ ଶ୍ରେଣୀର ନୁହଁନ୍ତି ।

ସକ୍ରିୟ - ଯାଜକୀୟ ଶ୍ରେଣୀର ସଭ୍ୟ ଯେ ଭାରପ୍ରାପ୍ତ ଭୂମିକା ସଂପୂର୍ଣ୍ଣ କରି ପାରୁଛନ୍ତି ।

ଭାରପ୍ରାପ୍ତ – ଯାଜକୀୟ ଶ୍ରେଣୀର ଏକ ସଭ୍ୟଙ୍କର ପଦବୀ ଯେ ପାରା ୫୦୫-୫୨୮ରେ ତାଲିକା କରାଯାଇଥିବା ଭୂମିକା ମଧ୍ୟରୁ ଯେକୌଣସି ଗୋଟିଏରେ ସକ୍ରୀୟ ଅଟନ୍ତି ।

ଭାରପ୍ରାପ୍ତ ବିହୀନ – ଯାଜକୀୟ ଶ୍ରେଣୀର ଏକ ସଭ୍ୟ ଯେ ଉତ୍ତମ ମର୍ଯ୍ୟାଦାରେ ଅଛନ୍ତି କିନ୍ତୁ ପାରା ୫୦୫-୫୨୮ରେ ତାଲିକା କରାଯାଇଥିବା ଭୂମିକା ମଧ୍ୟରୁ କୌଣସି ଗୋଟିଏରେ ମଧ୍ୟ ବର୍ତ୍ତମାନ ସକ୍ରିୟ ନାହାନ୍ତି ।

ଅବସର ଭାରପ୍ରାପ୍ତ ବିହୀନ – ଯାଜକୀୟ ଶ୍ରେଣୀର ଜଣେ ଅବସରପ୍ରାପ୍ତ ସଭ୍ୟଙ୍କର ପଦବୀ ଯାହାଙ୍କୁ ଅବସର ସମୟରେ ଭାର ପ୍ରଦାନ କରାଯାଇ ନ ଥିଲା ।

ସେବକମାନଙ୍କର ତାଲିକା – ଏକ ଅଞ୍ଚଳର ସେବକମାନଙ୍କର ଭୂମିକା, ଅନୁମତିପତ୍ରଧାରୀ କିମ୍ବା ଅଭିଷିକ୍ତ, ଯେଉଁମାନେ ଯାଜକୀୟ ଶ୍ରେଣୀର ସଭ୍ୟମାନଙ୍କ ପରି ଉତ୍ତମ ପଦ ମର୍ଯ୍ୟାଦାରେ ଅଛନ୍ତି ଏବଂ ଯେଉଁମାନେ ସେମାନଙ୍କର କୃତିତ୍ୱକୁ ଦାଖଲ କରିନାହାନ୍ତି ।

ଉତ୍ତମ ପଦ ମର୍ଯ୍ୟାଦା – ଏକ ଯାଜକୀୟ ଶ୍ରେଣୀ ସଭ୍ୟର ପଦ, ଯାହାଠାରେ ଅସମାଧାନ ଅଭିଯୋଗ ରହି ନ ଥିବ ଏବଂ ଯେ ବର୍ତ୍ତମାନ ଶୃଙ୍ଖଳାର ଅଧିନରେ ନ ଥିବ ।

ବାହାର କରିଦେବା – ଏକ ଆଞ୍ଚଳିକ ସମ୍ମିଳନୀ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଯାଜକୀୟ ଶ୍ରେଣୀ ସଭ୍ୟମାନେ ଯେଉଁମାନେ ସେମାନଙ୍କର କୃତିତ୍ୱ ପତ୍ରକୁ ଦାଖଲ, ଇସ୍ତଫା କିମ୍ବା ସମର୍ପଣ କରିଛନ୍ତି କିମ୍ବା ସେମାନଙ୍କର କୃତିତ୍ୱ ପତ୍ର ନିଲମ୍ବିତ କିମ୍ବା ରଦ୍ଦ କରାଯାଇଅଛି ସେହି ସେବକମାନଙ୍କର ନାମଗୁଡ଼ିକ ସେବକ ତାଲିକାରୁ ବର୍ଜନ କରାଯିବ ।

ଶୃଙ୍ଖଳିତ – ଏକ ଯାଜକୀୟ ଶ୍ରେଣୀ ସଭ୍ୟଙ୍କ ପଦ ଯେ ଅଧିକାରଗୁଡ଼ିକରୁ ଏବଂ ସୁଯୋଗଗୁଡ଼ିକରୁ କିମ୍ବା ଯାଜକୀୟ ସଭ୍ୟର ଦାୟୀତ୍ୱରୁ ଶୃଙ୍ଖଳାମୂଳକ ଭାବରେ ସଂପୂର୍ଣ୍ଣ ଭାବରେ କିମ୍ବା ଆଂଶିକ ଭାବରେ ମୁକ୍ତ ହୋଇଛନ୍ତି ।

ନିଲମ୍ବନ - ଶୃଙ୍ଖଳାମୂଳକ କାର୍ଯ୍ୟଗୁଡ଼ିକର ଏକ ସୀମା, ପ୍ରମାଣ ପତ୍ରର ସମର୍ପଣ ବ୍ୟତୀତ, ଯାଜକୀୟ ଶ୍ରେଣୀର ଏକ ସଭ୍ୟ ହେବା ଦ୍ୱାରା ଜଣେ ସେବକ ତା'ର ଅଧିକାର, ସୁଯୋଗ ଏବଂ ଦାୟୀତ୍ୱଗୁଡ଼ିକରୁ ଅସ୍ଥାୟୀ ଭାବରେ ଭାରମୁକ୍ତ ହୁଏ ଯେପର୍ଯ୍ୟନ୍ତ ପୁନଃସ୍ଥାପନ ନିମନ୍ତେ ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିବେ ।

ବହିଷ୍କୃତ - ଯାଜକୀୟ ଶ୍ରେଣୀର ଜଣେ ସଭ୍ୟ ଯାହାର କୃତିତ୍ୱ ପତ୍ର ରଦ୍ଦ କରାଯାଇଅଛି ଯାହାକୁ ନାଜରିନ୍ ମଣ୍ଡଳୀର ସଭ୍ୟ ପଦରୁ ବହିଷ୍କୃତ କରାଯାଇଅଛି ।

କୃତିତ୍ୱ ତଥା ପ୍ରମାଣ ପତ୍ର ଦାଖଲ – ଜଣେ ଯାଜକ ଶ୍ରେଣୀ ସଭ୍ୟଙ୍କର କୃତିତ୍ୱ ପତ୍ରର ପଦମର୍ଯ୍ୟାଦାରେ ଅଟେ ଯେ ସେବାକାର୍ଯ୍ୟରେ ନିଷ୍କ୍ରିୟତା ହେତୁ ତାଙ୍କର ଅଧିକାର, ସୁଯୋଗ ଏବଂ ଦାୟୀତ୍ୱ ସମସ୍ତ ପରିତ୍ୟାଗ କରିଛନ୍ତି ଏବଂ ଯାଜକ ଶ୍ରେଣୀ ସଭ୍ୟ ହୋଇଥିବା ହେତୁ ଆନ୍ତର୍ଜାତିକ ସମ୍ପାଦକଙ୍କୁ ତାଙ୍କର କୃତିତ୍ୱ ପତ୍ର ପ୍ରଦାନ କରିଛନ୍ତି । ଜଣେ ବ୍ୟକ୍ତି ଯେ ତାଙ୍କର କୃତିତ୍ୱ ପତ୍ର ଦାଖଲ କରିଛନ୍ତି ସେ ଯାଜକ ଶ୍ରେଣୀର ସଭ୍ୟ ରହିବେ ଏବଂ ପାରା ୫୩୯.୧୦ ଅନୁଯାୟୀ ଯାଜକ ଶ୍ରେଣୀର ସଭ୍ୟ ହୋଇଥିବା ହେତୁ ତାହାଙ୍କଠାରେ ଅଧିକାର, ସୁଯୋଗ ଏବଂ ଦାୟୀତ୍ୱଗୁଡ଼ିକର ପୁନଃସ୍ଥାପନ କରାଯିବ ।

ସମର୍ପିତ କୃତିତ୍ୱ ପତ୍ର - ଯାଜକ ଶ୍ରେଣୀ ଏକ ସଭ୍ୟଙ୍କର କୃତିତ୍ୱର ପଦ, ଯେ ମନ୍ଦ ଆଚରଣ, ଅଭିଯୋଗ, ଦୋଷ ସ୍ୱୀକାର କାରର ହେତୁ ପରିଷଦ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ କିମ୍ବା ସ୍ୱେଚ୍ଛାକୃତ ଭାବରେ ସେବାକାର୍ଯ୍ୟରେ ନିଷ୍କ୍ରିୟତା ବ୍ୟତୀତ ଅନ୍ୟ କାରଣ ହେତୁ ଯାଜକ ଶ୍ରେଣୀ ସଭ୍ୟ ହୋଇଥିବାରୁ ତାହାଙ୍କୁ ଅଧିକାର, ସୁଯୋଗ ଏବଂ ଦାୟୀତ୍ୱଗୁଡ଼ିକରୁ ମୁକ୍ତ କରାଯାଇଅଛି । ଯେଉଁ ବ୍ୟକ୍ତିଙ୍କର କୃତିତ୍ୱ ପତ୍ର ସମର୍ପିତ ହୋଇଛି ସେ ଜଣେ ଯାଜକ ଶ୍ରେଣୀ ସଭ୍ୟ ଶୃଙ୍ଖଳା ଅଧିନ ଅଟନ୍ତି । ଜଣେ ଯାଜକ ଶ୍ରେଣୀ ହୋଇଥିବା ହେତୁ ସେହି ବ୍ୟକ୍ତିଙ୍କ ପ୍ରତି ଉତ୍ତମ ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ତାଙ୍କର ଅଧିକାର, ସୁଯୋଗ ଏବଂ ଦାୟୀତ୍ୱଗୁଡ଼ିକୁ ପୁନଃସ୍ଥାପନ କରାହେବ ଏବଂ କୃତିତ୍ୱ ପତ୍ର ଫେରସ୍ତ ହେବ ।

ଖାରଜ ହୋଇଥିବା ପ୍ରମାଣ ପତ୍ର – ମଣ୍ଡଳୀର ଜଣେ ସାଧାରଣ ସେବାକାରୀ ସଭ୍ୟ ହେବାକୁ, ଜଣେ ଯାଜକ ଶ୍ରେଣୀ ସଦସ୍ୟ ତାଙ୍କର ଅଧିକାର, ସୁଯୋଗ ଏବଂ ଅଧିକାରଗୁଡ଼ିକୁ ପରିତ୍ୟାଗ କରିଥାନ୍ତି । ଯେଉଁ ଯାଜକ ଶ୍ରେଣୀ ସଭ୍ୟଙ୍କର ଉତ୍ତମ ପଦମର୍ଯ୍ୟାଦା ନାହିଁ କେବଳ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନରେ ତାଙ୍କର ପ୍ରମାଣ ପତ୍ରକୁ ଖାରଜ୍ କରି ଦେଇପାରନ୍ତି ।

ରଦ୍ଦ କରାଯାଇଥିବା କୃତିତ୍ୱ ପତ୍ର – ଜଣେ ଯାଜକ ଶ୍ରେଣୀ ସଭ୍ୟ ଯେ ନାଜରିନ୍ ମଣ୍ଡଳୀର ସେବାକାର୍ଯ୍ୟରୁ ଏବଂ ସଭ୍ୟପଦରୁ ବହିଷ୍କୃତ ହୋଇଛନ୍ତି । ଯେଉଁ ସେବକଙ୍କ କୃତିତ୍ୱ ପତ୍ରକୁ ରଦ୍ଦ କରାଯାଇଅଛି, ତାହାଙ୍କ ନାମ ସେବକମାନଙ୍କର ତାଲିକାରୁ କାଢ଼ି / ବାଦ୍ ଦିଆଯିବ ।

କୃତିତ୍ୱ ପତ୍ରର ଫେରସ୍ତ – ଜଣେ ଯାଜକୀୟ ଶ୍ରେଣୀର ସଭ୍ୟରୁ ହୋଇଥିବା ଜଣେ ସେବକ ଯାହାର କୃତିତ୍ୱ ପତ୍ର ନିଲମ୍ବିତ, ସମର୍ପିତ, ଇସ୍ତଫା କିମ୍ବା ରଦ୍ଦ ହୋଇଅଛି ତାହାଙ୍କ ଅଧିକାର, ସୁଯୋଗ ଏବଂ ଦାୟୀତ୍ୱଗୁଡ଼ିକ ମିଳିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପୁନଃସ୍ଥାପନ କରାଯିବ ।

ପୁର୍ନଲାଭ – ଶାରୀରିକ ଆରୋଗ୍ୟ ଲାଭ - ଯାଜକୀୟ ଶ୍ରେଣୀର ଜଣେ ସଭ୍ୟ ହୋଇଥିବା ହେତୁ ସ୍ୱେଚ୍ଛାକୃତ କିମ୍ବା ଅନ୍ୟ କାରର ହେତୁ, ସେ କିମ୍ବା ତାହାଙ୍କ ପରିବାରର ଶାରୀରିକ ଆରୋଗ୍ୟତା ପାଇଁ ଏକ ଦାୟୀତ୍ୱ ମୁକ୍ତ ସେବକଙ୍କୁ ସହଯୋଗ ପ୍ରକ୍ରୀୟା । ଶାରୀରିକ ଆରୋଗ୍ୟତା ଦିଗରେ ପ୍ରଚେଷ୍ଟାଗୁଡ଼ିକ ସ୍ୱାଧୀନ ଭାବରେ ନେବା ଆବଶ୍ୟକ ଏବଂ ଧାର୍ଯ୍ୟ କରାଯିବା ଆବଶ୍ୟକ ଯେ ସେବକଙ୍କୁ କୃତିତ୍ୱ ପତ୍ର ଫେରସ୍ତ କରିବା ସଠିକ୍ ଏବଂ ବାଞ୍ଛନୀୟ ହେବ କି ନାହିଁ ।

ପୁନଃ ସ୍ଥାପନ - ଯେଉଁ ସେବକଙ୍କର କୃତିତ୍ୱ ପତ୍ରକୁ ନିଲମ୍ବିତ କରାଯାଇଅଛି, ରଦ୍ଦ କରାଯାଇଅଛି କିମ୍ବା ଇସ୍ତଫା ଦେଇଛନ୍ତି, ସମସ୍ତ ଅନୁମୋଦନ ଏବଂ ଉତ୍ତମ ଆଚରଣ ହେତୁ ତାଙ୍କୁ ସୁଯୋଗ ଏବଂ ଦାୟିତ୍ୱଗୁଡ଼ିକ ଏବଂ ଅଧିକାର ସମସ୍ତ ମଞ୍ଜୁର କରାଯିବ ।

ଅଭିଯୋଗ - ନାଜରିନ୍ ମଣ୍ଡଳୀର କୌଣସି ସଭ୍ୟର ଆଚରଣ ବିରୁଦ୍ଧରେ ଏକ ଲିଖିତ ପତ୍ରରେ ନାଜରିନ୍ ମଣ୍ଡଳୀର ଅତିକମ୍‌ରେ ଦୁଇଜଣ ସଭ୍ୟ ଦସ୍ତଖତ କରି ମାର୍ଗଦର୍ଶିକା (Manulal)ର ନିୟମ ଅନୁଯାୟୀ ଶୃଙ୍ଖଳାର ଅଧିନରେ ଉପସ୍ଥାପନ କରିବେ ।

ଜ୍ଞାନ - ନିଜର ବୁଦ୍ଧି ଖଟାଇ ପ୍ରାପ୍ତ ହୋଇଥିବା ସତ୍ୟତାର ସଚେତନତା ।

ସୂଚନା - ଅନ୍ୟଠାରୁ ପ୍ରାପ୍ତ ହୋଇଥିବା ସତ୍ୟତା ।

ବିଶ୍ୱାସ – ଜ୍ଞାନ ଏବଂ ସୂଚନା ଉପରେ ଆଧାରିତ ଉତ୍ତମ ଜ୍ଞାନ ଏବଂ ସୂଚନା ଉପରେ ନିଷ୍ପତ୍ତିରେ ଉପନୀତ ହେବ ।

ତଦନ୍ତ କମିଟି - ଆରୋପିତ ବ୍ୟକ୍ତି କିମ୍ବା ସନ୍ଦେହଯୁକ୍ତ ଆଚରଣ ସମ୍ବନ୍ଧରେ ସୂଚନା ସଂଗ୍ରହ କରିବାକୁ ମାର୍ଗଦର୍ଶିକା (Manual) ଅନୁଯାୟୀ ଏକ ତଦନ୍ତ କମିଟି ନିଯୁକ୍ତ କରାଯାଏ ।

ଅଭିଯୋଗ – ଏକ ଲିଖିତ ପତ୍ର, ଯାହାକି ବିଶେଷ ଭାବରେ ଜଣେ ନାଜରିନ୍ ମଣ୍ଡଳୀ ସଭ୍ୟର ଆଚରଣକୁ ବର୍ଣ୍ଣନା କରେ ଏବଂ ତାହା ପ୍ରମାଣିତ ହେଲେ ମାର୍ଗଦର୍ଶିକା (Manual) ଅନୁଯାୟୀ ଦଣ୍ଡିତ ହେବ ।

**୫୩୮.୧.** ଯାଜକ ଶ୍ରେଣୀର ଜଣେ ସଭ୍ୟ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଲିଖିତ ଅନୁମୋଦନ ବିନା ଅନ୍ୟ ଏକ ସାଂଗଠନିକ ଦଳ ସହିତ ନିୟମିତ ଭାବରେ ମାଣ୍ଡଳୀକ କାର୍ଯ୍ୟ ପରିଚାଳନା କରୁଥାନ୍ତି ସେ ଦଣ୍ଡର ଅଧିନରେ ରହିବେ (୫୩୮.୧୩, ୬୦୬.୧) ।

**୫୩୮.୨.** ଜଣେ ଯାଜକ ଶ୍ରେଣୀ ସଭ୍ୟ ସର୍ବଦା ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଉପଦେଶକୁ ସମ୍ମାନ ଦେବା ଆବଶ୍ୟକ (୫୧୯) ।

**୫୩୮.୩.** ଯାଜକ ଶ୍ରେଣୀର କୌଣସି ସଭ୍ୟ କିମ୍ବା ତାଙ୍କଠାରେ ନିର୍ଭର କରୁଥିବା ବ୍ୟକ୍ତି କୌଣସି ଯୋଜନା କିମ୍ବା ଅନୁଦାନ ଦାବୀ କରନ୍ତି ଯାହା ମଣ୍ଡଳୀ ଆଞ୍ଚଳିକ ସମ୍ମିଳନୀ ମଞ୍ଜୁରୀ ଅଧିନରେ ପ୍ରଦାନ କରେ ।

**୫୩୮.୪.** ଜଣେ ଅଧିକାର ପତ୍ରଧାରୀ ସେବକ ନାଜରିନ୍ ମଣ୍ଡଳୀର ପାଳକ କିମ୍ବା ସହପାଳକର ଦାୟୀତ୍ୱ ତୁଲାଉଥିବେ ସେ ଆଞ୍ଚଳିକ ସମ୍ମିଳନୀରେ ଜଣେ ଭୋଟିଂ ସଭ୍ୟ ହୋଇପାରିବେ ।

**୫୩୮.୫.** ଯେଉଁ ପ୍ରାର୍ଥୀମାନେ ପ୍ରାଚୀନ ଏବଂ ଦୀକନ ନିମନ୍ତେ ନିର୍ବାଚିତ ହୋଇଛନ୍ତି ସେମାନେ ପ୍ରଧାନ ଅଧ୍ୟକ୍ଷଙ୍କ ହସ୍ତାର୍ପଣ ଦ୍ୱାରା ଅଭିଷେକ ପ୍ରାପ୍ତ ହେବେ ଏବଂ ଏହା ପ୍ରଧାନ ଅଧ୍ୟକ୍ଷଙ୍କ ପରିଚାଳନାରେ ହେବ ।

**୫୩୮.୬.** ପ୍ରଧାନ ଅଧ୍ୟକ୍ଷ ଅଭିଷେକ ପ୍ରାପ୍ତ ହୋଇଥିବା ବ୍ୟକ୍ତିଗଣଙ୍କୁ ଅଭିଷେକର ଏକ ପ୍ରମାଣ ପତ୍ର ପ୍ରଦାନ କରିବେ ଯେଉଁଥିରେ ପ୍ରଧାନ ଅଧ୍ୟକ୍ଷଙ୍କର ଆଞ୍ଚଳିକ ଅଧ୍ୟକ୍ଷଙ୍କର ଏବଂ ଆଞ୍ଚଳିକ ସମ୍ପାଦକଙ୍କର ଦସ୍ତଖତ ରହିଥିବ ।

**୫୩୮.୭.** କୌଣସି କାରଣବଶତଃ ଅଭିଷେକ ପ୍ରମାଣପତ୍ର ଭୁଲ୍ ସ୍ଥାନରେ ରହିଯାଇଛି, ଚିରି ଯାଇଛି କିମ୍ବା ନଷ୍ଟ ହୋଇଯାଇଛି, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ସୁପାରିଶରେ ଅଭିଷେକ ପ୍ରମାଣପତ୍ରର ଏକ ନକଲ୍ ପ୍ରଦାନ କରଯାଇପାରେ । ଏହି ସୁପାରିଶ ସିଧାସଳଖ ପ୍ରଧାନ ଅଧ୍ୟକ୍ଷଙ୍କୁ କରାଯିବ ଏବଂ ସେହି ଅନୁମୋଦନର ଅଧିକାରରେ ଆନ୍ତର୍ଜାତିକ ସମ୍ପାଦକ ଏକ ନକଲ ପ୍ରମାଣ ପତ୍ର ପ୍ରଦାନ କରିବେ । ସେହି ପ୍ରମାଣ ପତ୍ରର ପଛ ପାଖରେ ମୂଳ କ୍ରମିକ ସଂଖ୍ୟା ଲେଖାଯିବ ଏବଂ ଏହା ସହିତ "ନକଲ" – "Duplicate" ବୋଲି ଲେଖାଯିବ । ଯଦି ପ୍ରଧାନ ଅଧ୍ୟକ୍ଷ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ପ୍ରମାଣପତ୍ର ଉପଲବ୍ଧ ନାହିଁ, ତେବେ - ପ୍ରଧାନ ଅଧ୍ୟକ୍ଷ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକ ଅନୁରୋଧ କ୍ରମେ ନକଲ ପ୍ରମାଣ ପତ୍ରରେ ଦସ୍ତଖତ କରିବେ । ପ୍ରମାଣପତ୍ରରେ ଏହିପରି ଲେଖାଯାଇପାରେ କିମ୍ବା ଛାପା ଯାଇପାରେ

ଏବଂ ପ୍ରଧାନ ଅଧ୍ୟକ୍ଷ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ସମ୍ପାଦକଙ୍କ ତହିଁରେ ଦସ୍ତଖତ ରହିବ ।

"ଏହି ପ୍ରମାଣପତ୍ର ମୂଳ ଅଭିଷେକ ପ୍ରମାଣପତ୍ରର ନକଲ ଅଟେ, ଏହି ଦିନ (ତାରିଖ), (ମାସ), (ବର୍ଷ) ଖ୍ରୀ:ଅ:, ଅଭିଷେକ ସଂଗଠନ ଦ୍ୱାରା (ନାମ)ଙ୍କୁ ପ୍ରଦାନ କରାଗଲା, ଯେଉଁଦିନ ସେ ଅଭିଷିକ୍ତ ହୋଇଥିଲେ ଏବଂ ମୂଳ ପ୍ରମାଣ ପତ୍ର (ପ୍ରଧାନ ଅଧ୍ୟକ୍ଷ), (ଆଞ୍ଚଳିକ ଅଧ୍ୟକ୍ଷ) ଏବଂ ଆଞ୍ଚଳିକ ସମ୍ପାଦକଙ୍କ ଦ୍ୱାରା ଦସ୍ତଖତ ହୋଇଥିଲା ମୂଳ ପ୍ରମାଣପତ୍ର ହଜିଯାଇଅଛି, ଚିରି ଯାଇଛି, ନଷ୍ଟ ହୋଇଛି ।"

- ପ୍ରଧାନ ଅଧ୍ୟକ୍ଷ
- ଆଞ୍ଚଳିକ ଅଧ୍ୟକ୍ଷ
- ଆଞ୍ଚଳିକ ସମ୍ପାଦକ

**୫୩୮.୮.** ପ୍ରତ୍ୟେକ ଯାଜକ ଶ୍ରେଣୀ ସଭ୍ୟ ଦାୟୀତ୍ୱରେ କିମ୍ବା ଦାୟୀତ୍ୱବିହୀନ ଥାଆନ୍ତୁ ସେମାନେ ସ୍ଥାନୀୟ ନାଜରିନ୍ ମଣ୍ଡଳୀର ସମ୍ପୂର୍ଣ୍ଣ ସଭ୍ୟ ହୋଇପାରିବେ ଯେଉଁ ମଣ୍ଡଳୀରେ ସେମାନେ ବିଶ୍ୱସ୍ତ ଭାବେ ଉପସ୍ଥିତ ହେଉଛନ୍ତି, ଦଶମାଂଶରେ ଭାଗ ନେଉଛନ୍ତି ଏବଂ ମାଣ୍ଡଳୀକ ସେବାକାର୍ଯ୍ୟରେ ଅଂଶ ଗ୍ରହଣ କରୁଅଛନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକ ନିମନ୍ତେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନର ଆବଶ୍ୟକ । ଯାଜକୀୟ ଶ୍ରେଣୀର କୌଣସି ସଭ୍ୟ ଯେ ସ୍ଥାନୀୟ ନାଜରିନ୍ ମଣ୍ଡଳୀର ସଭ୍ୟ ନୁହଁନ୍ତି, ଯେଉଁଠାରେ ତାଙ୍କର କୃତିତ୍ୱ ପତ୍ରକୁ ଅଟକା ଯାଇଅଛି ଏବଂ ଯାହାର ପ୍ରତିବାଦକୁ ମଞ୍ଜୁରୀ ପ୍ରଦାନ କରାଯାଇ ନାହିଁ ସେ ଆଞ୍ଚଳିକ ଉପଦେଷ୍ଟା ପରିଷଦର କାର୍ଯ୍ୟାନୁଷ୍ଠାନର ଅଧିନରେ ରହିବେ । (୫୨୨, ୫୩୮.୧୦)

**୫୩୮.୯.** ପ୍ରତ୍ୟେକ ପ୍ରାଚୀନ ଏବଂ ଦୀକନଗଣ ଅଞ୍ଚଳର ଆଞ୍ଚଳିକ ସମ୍ମିଳନୀରେ ଯେଉଁ ଅଞ୍ଚଳର ମଣ୍ଡଳୀରେ ସେମାନେ ସଭ୍ୟ ଅଟନ୍ତି – ସେମାନଙ୍କର ସେବାକାର୍ଯ୍ୟର ସଭ୍ୟପଦ ବଜାୟ ରଖିବେ ଏବଂ ସେମାନଙ୍କର ବିଭାଗକୁ ବାର୍ଷିକ ବିବରଣୀ ପ୍ରଦାନ କରିବେ । କୌଣସି ପ୍ରାଚୀନ ଏବଂ ଦୀକନ ନିୟମିତ ଦୁଇ ବର୍ଷ

ସେମାନଙ୍କର ରିପୋର୍ଟ ସ୍ୱୟଂ କିମ୍ବା ଲିଖିତ ଭାବରେ ଆଞ୍ଚଳିକ ସମ୍ମିଳନୀରେ ଉପସ୍ଥାପନ ନ କରନ୍ତି, ତେବେ ଯଦି ଆଞ୍ଚଳିକ ସମ୍ମିଳନୀ ମନୋନୀତ କରେ ତେବେ ତାଙ୍କର ସଭ୍ୟ ପଦ ରଦ୍ଦ ହେବ (୨୦୧, ୨୦୫.୩, ୫୨୧, ୫୩୬.୧)।

**୫୩୮.୧୦.** ଯାଜକୀୟ ଶ୍ରେଣୀର କୌଣସି ସଭ୍ୟ ନାଜରିନ୍ ମଣ୍ଡଳୀ ବ୍ୟତୀତ ଅନ୍ୟ କୌଣସି ମଣ୍ଡଳୀ, ସଂଗଠନ କିମ୍ବା ଅନ୍ୟ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ଜଡ଼ିତ ହୁଅନ୍ତି ତେବେ ନାଜରିନ୍ ମଣ୍ଡଳୀରୁ ସେମାନଙ୍କର ସଭ୍ୟ ପଦ ରଦ୍ଦ ହେବ, କେବଳ ସେହି ଅଞ୍ଚଳର ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନ ବିନା କରିପାରିବେ ନାହିଁ । ଆଞ୍ଚଳିକ ସମ୍ମିଳନୀର ମିନିଟ୍‌ରେ ଏହିପରି ଲେଖାଯିବ – "ଅନ୍ୟ ମଣ୍ଡଳୀ, ଅନୁଷ୍ଠାନ କିମ୍ବା ସେବାକାର୍ଯ୍ୟରେ ଜଡ଼ିତ ଥିବା ହେତୁ ନାଜରିନ୍ ମଣ୍ଡଳୀର ସେବାକାର୍ଯ୍ୟରୁ ଏବଂ ସଭ୍ୟ ପଦରୁ ବହିଷ୍କୃତ କରାଗଲା ।" (୧୦୭, ୧୧୨)

**୫୩୮.୧୧.** ଯାଜକୀୟ ଶ୍ରେଣୀର କୌଣସି ସଭ୍ୟ ସ୍ଥାନୀୟ ମଣ୍ଡଳୀରୁ ତାହାଙ୍କ ସଭ୍ୟ ପଦ କାଢ଼ି ନେଇଛନ୍ତି କିମ୍ବା ତାଙ୍କର ମନ୍ଦ ଆଚରଣ ହେତୁ ତାଙ୍କୁ ବହିଷ୍କାର କରାଯାଇଅଛି, ସେ ପୁନର୍ବାର ଜଡ଼ିତ ହୋଇପାରିବେ କେବଳ ସେହି ଅଞ୍ଚଳର ଉପଦେଷ୍ଟା ପରିଷଦ ପରାମର୍ଶ ଦ୍ୱାରା । ଏହି ସର୍ତ୍ତରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ସମ୍ମତ ହେବେ ଯଦି ସେହି ସେବକ ମଣ୍ଡଳୀର ଅଣପେଶାଦାରୀ ସଭ୍ୟ ରୂପେ ରହିବେ କିମ୍ବା ପ୍ରଧାନ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଧିନରେ ଯାଜକୀୟ ଶ୍ରେଣୀର ସଭ୍ୟ ରୂପେ କାର୍ଯ୍ୟ କରିବେ (୫୩୯.୬)।

**୫୩୮.୧୨.** ଯେଉଁ ପ୍ରାଚୀନ କିମ୍ବା ଦୀକନଙ୍କର ନାମ ଆଞ୍ଚଳିକ ସମ୍ମିଳନୀ ସେବକ ତାଲିକାରୁ କାଢ଼ି ଦିଆଯାଇଛି ଏବଂ ସେମାନେ ସେମାନଙ୍କର କୃତିତ୍ୱ ପତ୍ରକୁ ଦାଖଲ କରିନାହାନ୍ତି ସେମାନେ କୌଣସି ଅଞ୍ଚଳରେ ଗ୍ରହଣୀୟ ହେବେ ନାହିଁ । କେବଳ ଆଞ୍ଚଳିକ ସମ୍ମିଳନୀ ପରାମର୍ଶ ବିନା, ଯେଉଁ ଅଞ୍ଚଳରୁ ସେମାନଙ୍କ

ନାମ ତାଲିକାରୁ କାଢ଼ି ଦିଆଯାଇଛି । ବଦଳିର ଅନୁରୋଧ ଉପରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଉଭୟ ସମ୍ମିଳନୀ ମଧ୍ୟରେ କାର୍ଯ୍ୟ କରିପାରିବେ ।(୫୩୮.୧୧)

**୫୩୮.୧୩.** ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କରିବା ନିମନ୍ତେ ଜଣେ ଯାଜକୀୟ ସଭ୍ୟଠାରେ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଲିଖିତ ଅନୁମୋଦନ ପତ୍ର ହେବା ନିତାନ୍ତ ଆବଶ୍ୟକ:

- ନାଜରିନ୍ ମଣ୍ଡଳୀ ପରିଚାଳନା ବ୍ୟତୀତ ସ୍ୱାଧୀନ ମଣ୍ଡଳୀରେ ନିୟମିତ ସେବାକାର୍ଯ୍ୟ କରିବା ନିମନ୍ତେ, କିମ୍ବା –
- କୌଣସି ସ୍ୱାଧୀନ ସଂସ୍ଥାକୁ ଚଳାଇବା ନିମନ୍ତେ କିମ୍ବା
- ସ୍ୱାଧୀନ ମଣ୍ଡଳୀର, ଅନ୍ୟ ମଣ୍ଡଳୀ ବା ସଂଗଠନର କାର୍ଯ୍ୟକାରୀ ଭାବରେ ସଂପୃକ୍ତ ହେବା ନିମନ୍ତେ ।

ଯାଜକୀୟ ଶ୍ରେଣୀର ସଭ୍ୟ ଯଦି ଏହି ଆବଶ୍ୟକଗୁଡ଼ିକ ପ୍ରତି ଅସଫଳ ହୁଅନ୍ତି, ତେବେ ଆଞ୍ଚଳିକ ସେବାକାର୍ଯ୍ୟ ସ୍ୱୀକୃତୀ ପତ୍ର ପରିଷଦର ସମସ୍ତ ସଭ୍ୟଙ୍କ ଦୁଇ ତୃତୀୟାଂଶ ଭୋଟ୍ ଦ୍ୱାରା ସେମାନଙ୍କର ନାଜରିନ୍ ମଣ୍ଡଳୀର ସଭ୍ୟପଦରୁ ଏବଂ ସେବାକାର୍ଯ୍ୟରୁ ବରଖାସ୍ତ କରାଯିବ । (୧୧୨-୧୧୨.୧, ୫୩୨.୯)

**୫୩୮.୧୪.** ଜଣେ ଯାଜକୀୟ ଶ୍ରେଣୀ ସଭ୍ୟଙ୍କୁ ସ୍ୱାଧୀନ ମଣ୍ଡଳୀର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁମୋଦନ କରିବା ପୂର୍ବରୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦଠାରୁ ଲିଖିତ ଅନୁମୋଦନ ପାଇଁ ଅନୁରୋଧ କରିବା ଆବଶ୍ୟକ । ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ସେହି ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ଅବଗତ କରାଇବେ ଯେ ଅନୁମୋଦନ ନିମନ୍ତେ ଅନୁରୋଧ ସ୍ଥଗିତ ଅଛି ।

**୫୩୮.୧୫.** ଆଞ୍ଚଳିକ ଅଧ୍ୟକ୍ଷ କିମ୍ବା ପ୍ରଧାନ ଅଧ୍ୟକ୍ଷଙ୍କଠାରୁ ଅଧିକାର ପ୍ରାପ୍ତ ହେବା ଉତ୍ତାରେ ଜଣେ ଦାୟୀତ୍ୱପ୍ରାପ୍ତ ସେବକ ଏକ ମଣ୍ଡଳୀ ଆରମ୍ଭ କରିପାରିବେ ।

ଆଞ୍ଚଳିକ ଅଧ୍ୟକ୍ଷ ଦ୍ୱାରା ଏହାର ବିବରଣୀ ଆନ୍ତର୍ଜାତିକ ସମ୍ପାଦକଙ୍କୁ ପ୍ରଦାନ କରାଯିବ (୧୦୦, ୨୧୧.୧)

**୫୩୮.୧୬.** ଜଣେ ପାକଳଙ୍କ ସାଧୁତା ଦ୍ୱାରା ସମ୍ମିଳନୀରେ ସଭ୍ୟ ହୋଇପାରିବେ କିମ୍ବା ଅନ୍ୟ ଦାୟୀତ୍ୱ ପ୍ରାପ୍ତ ସେବକ ଯେ ସକ୍ରୀୟ ଭାବରେ ସେବା କରୁଅଛନ୍ତି ଏବଂ ସେହି ସେବାକୁ ସେ ପ୍ରାଥମିକ କାର୍ଯ୍ୟ ପରି ତୁଲାଉ ଅଛନ୍ତି ଯାହା ପାରା ୫୦୫-୫୨୮ରେ ବର୍ଣ୍ଣନା କରାଯାଇଅଛି ।

**୫୩୮.୧୭.** ଏକ ସେବକକୁ ପରାମର୍ଶ, ଉପଦେଶ କିମ୍ବା ଆଧାତ୍ମିକ ପରିଚାଳନା ଦେଉଥିବା ସମୟର ସୂଚନା ଯଥା ସମ୍ଭବ କଠୋର ଭାବରେ ଗୋପନୀୟତା ରକ୍ଷା କରିବା ନିତାନ୍ତ ଆବଶ୍ୟକ ଏବଂ ସେହି ବ୍ୟକ୍ତିଙ୍କ ବିନା ଅନୁମତିରେ ତାହା ପ୍ରକାଶ କରିବା ଉଚିତ ନୁହେଁ, କେବଳ ଯେତେବେଳେ ଆଇନ୍ ଆବଶ୍ୟକ କରେ ।

ଯେବେ ସମ୍ଭବ ସେବକ ନିମ୍ନଲିଖିତ ପରିସ୍ଥିତି ଅଧିନରେ ପ୍ରକାଶ କରିପାରେ ଯଦ୍ଦ୍ୱାରା ଗୋପନୀୟତାର ନିୟମ ଭଙ୍ଗ ହୋଇପାରେ:

୧. ଯେବେ ନିଜ ପ୍ରତି କିମ୍ବା ଅନ୍ୟ ପ୍ରତି ଆଘାତ ହେବାର ସ୍ୱଷ୍ଟ ଧମକ ଉପସ୍ଥିତ ହୁଏ ।

୨. ସ୍ଥାନୀୟ ଆଇନ୍ ଦ୍ୱାରା ଚିହ୍ନିତ ଦୁର୍ବଳ ବ୍ୟକ୍ତି, ବୟସ୍କ ବ୍ୟକ୍ତି, ପଙ୍ଗୁ ବ୍ୟକ୍ତି ଏବଂ କମ୍ ବୟସ୍କଙ୍କ ପ୍ରତି ଖରାପ ବ୍ୟବହାର କିମ୍ବା ଅବହେଳା ବା ଦୁଷ୍କର୍ମ ହେବାର ସନ୍ଦେହ ଯେତେବେଳେ ଜାତ ହୁଏ ।

୩. କୋର୍ଟ କେଶ୍‌ରେ ଯେତେବେଳେ ବିଚାରାଳୟ ପ୍ରମାଣ ଯୋଗାଇବାକୁ ନିର୍ଦ୍ଦେଶ ଦିଏ ।

**୫୩୮.୧୮.** ଆଞ୍ଚଳିକ ସେବା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେଉଥିବା ଆଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତିବର୍ଷ ୨୦ ଘଣ୍ଟା ଯୋଗଦାନ କରିବା ନିମନ୍ତେ ପ୍ରତ୍ୟେକ ପ୍ରାଚୀନଙ୍କଠାରୁ ଆଶା କରାଯାଏ । (୫୨୯.୬)

**୫୩୮.୧୯.** ଜଣେ ସେବକ ଯେଉଁମାନେ କେବଳ ଯତ୍ନ ସହକାରେ ଉପଦେଶ ଦ୍ୱାରା ବିବାହ ନିମନ୍ତେ ଯୋଗ୍ୟ ଏବଂ ବିବାହ ନିମନ୍ତେ ବାଇବଲରେ ଥିବା ମୌଳିକ ଜ୍ଞାନ ଥିବ ସେମାନଙ୍କୁ ବିବାହ ଦେବେ । ବାଇବଲ ଅନୁଯାୟୀ ବିବାହ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ସମ୍ପର୍କରେ ସକ୍ରିୟ ରହେ । (୩୧, ୫୧୫.୯)

**୫୩୮.୨୦.** ପ୍ରତ୍ୟେକ ଅଞ୍ଚଳ ନିଜର ଏକ ବାର୍ଷିକ ଲିଖିତ ସମୀକ୍ଷା, ବିସ୍ତୃତ ଯୋଜନା ପ୍ରସ୍ତୁତ କରିବେ ଯାହା ସେମାନଙ୍କର ପରିଶ୍ରମର ପ୍ରଦର୍ଶକ ହେବ ଏବଂ ଯେଉଁ ଯାଜକୀୟ ଶ୍ରେଣୀ ସଭ୍ୟ ଏଥିରେ ସଂପୃକ୍ତ ଥିବେ ଏବଂ (ସେବକ ହେବାକୁ ଇଚ୍ଛା କରୁ ନ ଥିବେ) ସେମାନଙ୍କୁ ସୂଚନା ପ୍ରଦାନ କରିବା ଆବଶ୍ୟକ ଏବଂ ସେମାନଙ୍କର ପରିବାରକୁ ଓ ସମବେତ ମଣ୍ଡଳୀକୁ ସୂଚନା ଦେବା ଆବଶ୍ୟକ । ଅଞ୍ଚଳର ଏହି ଯୋଜନା ମାନୁଆଲ୍ ସହିତ ମେଳ ଖାଉଥିବା ଆବଶ୍ୟକ ଏବଂ କେଉଁ ପରିସ୍ଥିତିରେ ସେବକର ପଦବୀ ପରିବର୍ତ୍ତନ ହେଉଛି ଏବଂ ଯାଜକୀୟ ଶ୍ରେଣୀ ସଭ୍ୟ ହୋଇଥିବାରୁ ତାଙ୍କର ସୁବିଧା, ସୁଯୋଗ ଏବଂ ଦାୟୀତ୍ୱକୁ ରଦ୍ଦ କରଯାଇଅଛି ସେ ସବୁର ବିବରଣୀ ଲେଖି ରଖିବେ । ଏହି ବିବରଣୀ ସମସ୍ତ କାର୍ଯ୍ୟକାରୀମାନଙ୍କୁ ଅବଗତ କରାଯିବ ଏବଂ ପାରା ୫୧୦.୧ ଅନୁଯାୟୀ ପୁନର୍ଲାଭ ଦଳକୁ ମନୋନୀତ କରାଯିବ । (୨୨୫.୫)

## (ଝ) ଏକ ସେବକୀୟ କୃତିତ୍ୱ ପ୍ରମାଣ ପତ୍ରର ଦାଖଲ, ନିଲମ୍ବନ, ଇସ୍ତଫା କିମ୍ବା ପ୍ରତ୍ୟାହାର

**୫୩୯.** ଯେଉଁ ଉତ୍ତମ ଚରିତ୍ରର ଯାଜକୀୟ ଶ୍ରେଣୀର ସଭ୍ୟ କିଛି କାଳ ନିମନ୍ତେ ସେବାକାର୍ଯ୍ୟରେ ଅନୁପସ୍ଥିତ ହେବା କାରଣରୁ ତାଙ୍କର କୃତିତ୍ୱ ପତ୍ର ଦାଖଲ କରିବାକୁ ଇଚ୍ଛା କରନ୍ତି, ଆନ୍ତର୍ଜାତିକ ସମ୍ପାଦକ ସେହି କୃତିତ୍ୱ ପତ୍ରକୁ ସୁରକ୍ଷିତ ରଖିବା ନିମନ୍ତେ ଗ୍ରହଣ କରିବାକୁ ଅଧିକାର ପ୍ରାପ୍ତ ଅଟନ୍ତି । କୃତିତ୍ୱ ପତ୍ର ଦାଖଲ କରିବା ସମୟରେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଆନ୍ତର୍ଜାତିକ ସମ୍ପାଦକଙ୍କୁ ଏହି ସ୍ୱୀକୃତି ପ୍ରଦାନ କରିବ ଯେ ବିଶୃଙ୍ଖଳା ହେତୁ ଏହି କୃତିତ୍ୱ ପତ୍ର ଦାଖଲ

କରାଯାଇନାହିଁ । କୃତିତ୍ୱ ପତ୍ର ଦାଖଲ କରିବା ଦ୍ୱାରା ଯାଜକୀୟ ଶ୍ରେଣୀର ସଭ୍ୟ ଭାବରେ ଶୃଙ୍ଖଳାଜନିତ ଯେଉଁ କାର୍ଯ୍ୟାନୁଷ୍ଠାନ ତହିଁରୁ ସୁରକ୍ଷିତ ହେବେ । କୃତିତ୍ୱ ପତ୍ର ଆନ୍ତର୍ଜାତିକ ସମ୍ପାଦକଙ୍କୁ ଦାଖଲ କରିଥିବା ପ୍ରତ୍ୟେକ ଯାଜକ ଶ୍ରେଣୀ ସଭ୍ୟ ଆନ୍ତର୍ଜାତିକ ସମ୍ପାଦକ ସେମାନଙ୍କୁ ପୁନଃ ସ୍ଥାପନ କରିବେ । (୫୩୯.୧୦)

**୫୩୯.୧.** ଉତ୍ତମ ଚରିତ୍ରର ଜଣେ ଯାଜକୀୟ ଶ୍ରେଣୀର ସଭ୍ୟ ଯାହାଙ୍କୁ ଅବସର ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇନାହିଁ ଏବଂ ଯେ ୪ ବର୍ଷ ଏବଂ ତହିଁରୁ ଅଧିକ ଦାୟୀତ୍ୱବିହୀନ ଭାବେ ରହିଥାନ୍ତି, ତେବେ ସେ ଯାଜକୀୟ ଶ୍ରେଣୀର ସଭ୍ୟ ଭାବରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କର କୃତିତ୍ୱ ପତ୍ର ଦାଖଲ କରିବା ଆବଶ୍ୟକ । ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦ ସମ୍ମିଳନୀକୁ ରିପୋର୍ଟ କରିବେ ଯେ "ପ୍ରାଚୀନ କିମ୍ବା ଦୀକନଙ୍କର ଏହି କୃତିତ୍ୱ ପତ୍ର ଆଞ୍ଚଳିକ ସେବକୀୟ ପରିଷଦ କିମବା ଆଞ୍ଚଳିକ ସେବା ପରିଷଦ ଦ୍ୱାରା ଦାଖଲ କରାଯାଇଅଛି" । ଚରିତ୍ର ପ୍ରତି ଏହା କ୍ଷତିକାରକ ନୁହେଁ ବୋଲି ବିବେଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ବ୍ୟକ୍ତି ଦାଖଲ କରିଛନ୍ତି ତାଙ୍କର କୃତିତ୍ୱ ପତ୍ର ପୁନଃ ସ୍ଥାପନ କରାଯିବ । (୫୩୯.୧୦)

**୫୩୯.୨.** ଯେତେବେଳେ ଜଣେ ଉତ୍ତମ ଚରିତ୍ରର ଅଭିଷିକ୍ତ ସେବକ ନାଜରିନ୍ ମଣ୍ଡଳୀ ବ୍ୟତୀତ ଅନ୍ୟଠାରୁ ଆହ୍ୱାନପ୍ରାପ୍ତ ହୋଇ କିମ୍ବା ବିରତି ହେତୁ ଦାୟୀତ୍ୱ ପ୍ରାପ୍ତ ସେବା କରିବା ବନ୍ଦ କରି ଦିଅନ୍ତି, ତେବେ ସେ ଯାଜକୀୟ ଶ୍ରେଣୀର ସମସ୍ତ ସୁବିଧା, ସୁଯୋଗରୁ ଇସ୍ତଫା ଦେବେ । ଆଞ୍ଚଳିକ ସମ୍ମିଳନୀ ତାଙ୍କର କୃତିତ୍ୱ ପତ୍ର ଗ୍ରହଣ କରି ଆନ୍ତର୍ଜାତିକ ସମ୍ପାଦକଙ୍କୁ ପ୍ରଦାନ କରିବ । ଆଞ୍ଚଳିକ ମିନିଟ୍‌ରେ ଏହିପରି ଲେଖାହେବ, "ସେବକମାନଙ୍କର ତାଲିକାରୁ ବାହାର କରାଗଲା" । (୫୩୯.୧୧)

**୫୩୯.୩.** ଯେବେ ଜଣେ ଅବସରପ୍ରାପ୍ତ ହୋଇ ନ ଥିବା ଅଭିଷିକ୍ତ ସେବକ ଯାଜକୀୟ ଶ୍ରେଣୀର ସଭ୍ୟ ହୋଇ ସେବାକାର୍ଯ୍ୟ ବନ୍ଦ କରି ଦିଅନ୍ତି ଏବଂ ଜାଗତିକ ଚାକିରୀରେ ସଂପୂର୍ଣ୍ଣ ସମୟ ଦିଅନ୍ତି, ଦୁଇ ବର୍ଷ ଉତ୍ତାରେ ଆଞ୍ଚଳିକ ସେବକୀୟ

କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟ ପରିଷଦ ଦ୍ୱାରା ଯାଜକୀୟ ଶ୍ରେଣୀ ସଭ୍ୟ ପଦରୁ ଇସ୍ତଫା ଦେବେ ଏବଂ ତାହାଙ୍କ କୃତିତ୍ୱ ପତ୍ର ଆନ୍ତର୍ଜାତିକ ସମ୍ପାଦକଙ୍କୁ ଦାଖଲ କରିବେ ।

**୫୩୯.୪.** ଯାଜକୀୟ ଶ୍ରେଣୀ ସଭ୍ୟ ଯଦି ତାଙ୍କର ନୂତନ ଠିକଣା ସମ୍ପର୍କରେ ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବାକାର୍ଯ୍ୟ ପରିଷଦକୁ ଏକ ବର୍ଷ ମଧ୍ୟରେ ଅବଗତ ନ କରାଇଛନ୍ତି ଏବଂ ରେକର୍ଡ କରାଯାଇଥିବା ପୁରାତନ ଠିକଣାକୁ ପରିବର୍ତ୍ତନ କରିଛନ୍ତି ଓ ପାରା ୫୩୨.୮ ଏବଂ ପାରା ୫୩୮.୨ ଅନୁଯାୟୀ ତାଙ୍କର ବାର୍ଷିକ ରିପୋର୍ଟ ପ୍ରଦାନ କରି ନାହାନ୍ତି, ତେବେ ସେ ତାଙ୍କର ଅଧିକାର ଏବଂ ଦାୟୀତ୍ୱରୁ ନିଲମ୍ବିତ ହେବେ ଏବଂ ସେବକମାନଙ୍କର ତାଲିକାରୁ ତାହାଙ୍କ ନାମ କାଟି ଦିଆଯିବ । ଏହି ନିଲମ୍ବନ କାର୍ଯ୍ୟ ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦର ଦାୟୀତ୍ୱ ଅଟେ ।

**୫୩୯.୫.** ଜଣେ ଯାଜକୀୟ ଶ୍ରେଣୀ ସଭ୍ୟ ସୁପାରିଶ ପତ୍ର ଗ୍ରହଣ କରିବା ଉତ୍ତାରେ ଆଗାମୀ ଆଞ୍ଚଳିକ ସମ୍ମିଳନୀ ସମୟ ମଧ୍ୟରେ ଅନ୍ୟ ନାଜରିନ୍ ମଣ୍ଡଳୀରେ ଯୋଗ ଦେଇ ନାହନ୍ତି କିମ୍ବା ଯେ ଲିଖିତ ଭାବରେ ନାଜରିନ୍ ମଣ୍ଡଳୀରୁ ସେ ପ୍ରତ୍ୟାହାର କରୁଛନ୍ତି ବୋଲି ଘୋଷଣା କରନ୍ତି କିମ୍ବା ଯେ ଅନ୍ୟ ଏକ ଅନୁଷ୍ଠାନରେ ସଭ୍ୟ ଭାବରେ କିମ୍ବା ସେକ ଭାବରେ ଯୋଗ ଦିଅନ୍ତି ଏବଂ ଯେ ତାଙ୍କର ସେବକୀୟ କୃତିତ୍ୱ ପତ୍ରକୁ ନିଲମ୍ବିତ କରିନାହାନ୍ତି, ତେବେ ଆଞ୍ଚଳିକ ସେବକୀୟ କୃତିତ୍ୱ ପତ୍ର ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦର ଅନୁମୋଦନରେ ଆଞ୍ଚଳିକ ସମ୍ମିଳନୀର ନିର୍ଦ୍ଦେଶରେ ନାଜରିନ୍ ମଣ୍ଡଳୀର ସେବାକାର୍ଯ୍ୟରୁ ବହିଷ୍କୃତ ହେବେ ଏବଂ ତାହାଙ୍କ ନାମ ସେବକ ତାଲିକାରୁ ଏବଂ ସ୍ଥାନୀୟ ମଣ୍ଡଳୀର ତାଲିକାରୁ କାଟି ଦିଆଯିବ (୧୧୧.୧, ୮୧୫) ।

**୫୩୯.୬.** ଜଣେ ଯାଜକୀୟ ଶ୍ରେଣୀ ସଭ୍ୟ ଯେ ଉତ୍ତମ ଚରିତ୍ରର ନୁହେଁ କେବଳ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନରେ ତାହାଙ୍କ କୃତିତ୍ୱ ପତ୍ର ନିଲମ୍ବିତ ହୋଇପାରିବ (୫୪୦) ।

**୫୩୯.୭.** ଜଣେ ଯାଜକୀୟ ଶ୍ରେଣୀ ସଭ୍ୟ ପାରା ୫୩୯.୫ ଏବଂ ୫୪୦.୧୦ରେ ଲେଖା ଯାଇଥିବା ନିୟମ ଅନୁଯାୟୀ ନାଜରିନ୍ ମଣ୍ଡଳୀର ସେବାକାର୍ଯ୍ୟରୁ ବହିଷ୍କୃତ ହୋଇପାରିବେ କିମ୍ବା ପାରା ୬୦୬-୬୦୯ରେ ଥିବା ନିୟମ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

**୫୩୯.୮.** ଯେବେ ପ୍ରାଚୀନ କିମ୍ବା ଦୀକନ ବହିଷ୍କୃତ ହୁଅନ୍ତି, ଯେଉଁ ଅଞ୍ଚଳର ସେ ସଭ୍ୟ ଅଟନ୍ତି ସେହି ଅଞ୍ଚଳର ଆଞ୍ଚଳିକ ସମ୍ମିଳନୀର ନିର୍ଦ୍ଦେଶରେ ଯାଜକୀୟ ଶ୍ରେଣୀର ସଭ୍ୟର କୃତିତ୍ୱ ପତ୍ର ତାଲିକା ଭୁକ୍ତ କରିବା ନିମନ୍ତେ ଆନ୍ତର୍ଜାତିକ ସମ୍ପାଦକଙ୍କୁ ପ୍ରେରଣ କରାଯିବ (୩୨୬.୫) ।

**୫୩୯.୯.** ପାଳକ, ସ୍ଥାନୀୟ ମଣ୍ଡଳୀ ପରିଷଦ ଏବଂ ଅନ୍ୟମାନେ ଯେଉଁମାନେ ମଣ୍ଡଳୀ ମଧ୍ୟରେ ଦାୟୀତ୍ୱ ଧାର୍ଯ୍ୟ କରନ୍ତି ସେମାନେ ଯାଜକୀୟ ସଭ୍ୟକୁ ବ୍ୟବହାର କରିବେ ନାହିଁ ଯାହାର କୌଣସି ସେବକୀୟ ଭୂମିକାରେ କିମ୍ବା ଅନ୍ୟ କୌଣସି ପଦବୀରେ ଉତ୍ତମ ଚରିତ୍ର ନାହିଁ ଯେପରି (ଉପାସନାରେ ନେତୃତ୍ୱ, ସଣ୍ଡେସ୍କୁଲରେ ଶିକ୍ଷା ପ୍ରଦାନ କିମ୍ବା ବାଇବଲ ଅଧ୍ୟୟନ କ୍ଲାସ୍ ଚଳାଇବାରେ) ଯେପର୍ଯ୍ୟନ୍ତ ସେମାନଙ୍କର ଚରିତ୍ର ଉତ୍ତମ ନ ହୋଇଛି । ଏହି ନିଷେଧରୁ ମୁକୁଳିବା ନିମନ୍ତେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ଲିଖିତ ଅନୁମୋଦନର ଆବଶ୍ୟକ । (୫୪୦.୪)

**୫୩୯.୧୦.** ଦାଖଲ କରାଯାଇଥିବା ଏକ କୃତିତ୍ୱ ପତ୍ରର ପୁନଃସ୍ଥାପନ । ଯେବେ ଜଣେ ପ୍ରାଚୀନ କିମ୍ବା ଦୀକନ ଉତ୍ତମ ଆଚରଣର ଅଟନ୍ତି ଯାହାର କୃତିତ୍ୱ ପତ୍ର ଦାଖଲ କରାଯାଇଥିଲା, ସେମାନଙ୍କର କୃତିତ୍ୱ ପତ୍ରକୁ ଆଞ୍ଚଳିକ ସମ୍ମିଳନୀର ନିର୍ଦ୍ଦେଶରେ ସେହି ପ୍ରାଚୀନ କିମ୍ବା ଦୀକନଙ୍କୁ ଫେରସ୍ତ କରାଯିବ, ଏହି ସର୍ତ୍ତରେ ଯେ ସେହି କୃତିତ୍ୱ ପତ୍ର ଫେରସ୍ତ ନିମନ୍ତେ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅନୁମୋଦନ କରିଥିବେ ।

**୫୩୯.୧୧.** ଇସ୍ତଫା କିମ୍ବା ପ୍ରତ୍ୟାହାର କରାଯାଇଥିବା ଏକ କୃତିତ୍ୱ ପତ୍ରର ପୁନଃ ସ୍ଥାପନ । ଜଣେ ପ୍ରାଚୀନ କିମ୍ବା ଦୀକନ, ଯେତେବେଳେ ସେବକ ଉତ୍ତମ ସ୍ୱଭାବ ଥିଲେ, ତାଙ୍କର ସେବକ ପଦରୁ ସେ ଇସ୍ତଫା ଦେଇଛନ୍ତି କିମ୍ବା ଅନ୍ୟ ମଣ୍ଡଳୀ ସହିତ ସଂଯୁକ୍ତ ହେବା ଦ୍ୱାରା ତାହାଙ୍କ କୃତିତ୍ୱ ପତ୍ର ପ୍ରତ୍ୟାହାର କରାଯାଉଅଛି ତେବେ ଆଞ୍ଚଳିକ କୃତିତ୍ୱ ପତ୍ର ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦ ଦ୍ୱାରା ପରୀକ୍ଷା କରିବା ଦ୍ୱାରା ଏବଂ ସେବାକାର୍ଯ୍ୟର ପୁନର୍ବାର ଆଶ୍ୱାସନା ଶପଥ ଦ୍ୱାରା ତାଙ୍କର କୃତିତ୍ୱ ପତ୍ର ଫେରସ୍ତ କରାଯାଇପାରେ ଏବଂ ଏହା ପୂର୍ବରୁ ଆଞ୍ଚଳିକ ଅଧ୍ୟକ୍ଷଙ୍କର ଏବଂ ପ୍ରଧାନ ଅଧ୍ୟକ୍ଷଙ୍କର ଅନୁମୋଦନର ଆବଶ୍ୟକ । (୫୩୯.୨)

**୫୩୯.୧୨.** ନିକଟ ଅତୀତରେ ମୃତ୍ୟୁବରଣ କରିଥିବା ସେବକର ଅଭିଷେକ ପ୍ରମାଣ ପତ୍ର, ଯାହାର କୃତିତ୍ୱ ପତ୍ର ଦାଖଲ ହୋଇଛି ଏବଂ ଯେ ମୃତ୍ୟୁ ସମୟରେ ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ, ଆଞ୍ଚଳିକ ଅଧ୍ୟକ୍ଷଙ୍କର ଅନୁମୋଦନ ଦ୍ୱାରା ଏବଂ ଆନ୍ତର୍ଜାତିକ ସମ୍ପାଦକଙ୍କୁ ଲିଖିତ ଅନୁରୋଧ କରି ତାଙ୍କର ପରିବାରକୁ ଅଭିଷେକ ପ୍ରମାଣପତ୍ର ଫେରସ୍ତ କରାଯାଇପାରିବ ।

**୫୩୯.୧୩.** ଛାଡ଼ପତ୍ର ନିମନ୍ତେ ଅନୁରୋଧ ଦାଖଲ କରିବାର ୪୮ ଘଣ୍ଟା ମଧ୍ୟରେ ଜଣେ ସେବକର ନ୍ୟାୟୀକ ବିବାହ ବିଚ୍ଛେଦ ହୋଇପାରିବ (କ) ସେବକ ଆଞ୍ଚଳିକ ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ କରିବେ, ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ ।

## (ଞ) ଯାଜକୀୟ ଶ୍ରେଣୀର ସଭ୍ୟମାନଙ୍କର ପୁନଃ ସ୍ଥାପନ

**୫୪୦.** ନାଜରିନ୍ ମଣ୍ଡଳୀ ତା'ର ଯେକୌଣସି ସେବକ ପ୍ରତି ବିଶ୍ୱାସ ପ୍ରଦର୍ଶନ କରିବା ଏବଂ ଈଶ୍ୱରଙ୍କର ଉଦ୍ଧାରକାରୀ ସୁସ୍ଥତା ଓ ଅନୁଗ୍ରହ ନୂତନୀକରଣର ଦାୟୀତ୍ୱକୁ ସ୍ୱୀକାର କରେ ଯେ ସ୍ୱେଚ୍ଛାକୃତ ଭାବରେ କୃତିତ୍ୱ ପତ୍ର ଦାଖଲ କରିଛନ୍ତି କିମ୍ବା ସେବକର ଦୁଃସ୍ୱଭାବ କାରଣରୁ ଯାଜକୀୟ ଶ୍ରେଣୀ ସଭ୍ୟ ପଦର ଅଧିକାରରୁ ବାହାର କରି ଦିଆଯାଇଛି । ମଣ୍ଡଳୀ ମଧ ନିଜର କୃତଜ୍ଞତା ସ୍ୱୀକାର କରି ସେବକର

ପରିବାରକୁ, ପତ୍ନୀକୁ, ମଣ୍ଡଳୀକୁ ଏବଂ ସମାଜକୁ, ଈଶ୍ୱରଙ୍କ ପ୍ରେମର ଆଲିଙ୍ଗନ ମଧ୍ୟକୁ ଆମନ୍ତ୍ରଣ କରେ । ଏଥିନିମନ୍ତେ ଉତ୍ତମ ସ୍ୱଭାବ ପ୍ରତି ସେବକ ପୁନଃ ସ୍ଥାପନ ପ୍ରତି ଆଗେଇବା ପ୍ରଣାଳୀ ଦୁଇଟି ସ୍ୱତନ୍ତ୍ର ପର୍ଯ୍ୟାୟରେ ପରିଚାଳିତ ହେବା ଆବଶ୍ୟକ:

୧. ପୁନର୍ଲାଭ – ସେବକର ଦୁଃସ୍ୱଭାବ ପ୍ରତି କଠୋରତା ଅବଲମ୍ବନ ନ କରି, ତାହାଙ୍କୁ ସେବାକାର୍ଯ୍ୟ କରିବାକୁ ଆମନ୍ତ୍ରଣ କରିବା ଆବଶ୍ୟକ ।

୨. ପୁନଃ ସ୍ଥାପନ - ସେବକର ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ଏବଂ ତାହାଙ୍କ କୃତିତ୍ୱ ପତ୍ରର ଫେରସ୍ତ କରିବା ଏବଂ ସେବକ ଏବଂ ତାହାଙ୍କ ପତ୍ନୀ ଓ ପରିବାରର ସ୍ୱାସ୍ଥ୍ୟ ପୁନର୍ଲାଭ କରିବାଠାରୁ ଭିନ୍ନ ପ୍ରଣାଳୀ ଅଟେ । (୫୪୦.୬-୫୪୦.୧୨)

**୫୪୦.୧.** ଏକ ପୁନର୍ଲାଭ ଦଳର ନିଯୁକ୍ତି । ଯେତେବେଳେ ପାଳକୀୟ ଶ୍ରେଣୀର ସଭ୍ୟଙ୍କ ଦୁଃସ୍ୱଭାବ ପ୍ରମାଣିତ ହୁଏ, ଏକ ସାମୟୀକ ପ୍ରତ୍ୟୁତ୍ତର – ସେବକ ଏବଂ ତାଙ୍କ ପରିବାରର ମଣ୍ଡଳୀ ଏବଂ ସମାଜର ଉତ୍ତମ ନିମନ୍ତେ ସହାନୁଭୂତିର ମଧ୍ୟସ୍ଥତା ଅତ୍ୟନ୍ତ ଆବଶ୍ୟକ । ଯେହେତୁ ଏହିପରି କାର୍ଯ୍ୟ କ୍ୱଚିତ୍ ଆବଶ୍ୟକ । ତେଣୁ ପୁନର୍ଲାଭ କାର୍ଯ୍ୟକୁ ଆଗେଇ ନେବା ଆଞ୍ଚଳିକ ପ୍ରତ୍ୟୁତ୍ତର ଯୋଜନାର ଏକ ମୁଖ୍ୟ ଉପକରଣ ଅଟେ । ପ୍ରତ୍ୟୁତ୍ତର ସଭ୍ୟଙ୍କୁ ଆଞ୍ଚଳିକ ଉପଦେଷ୍ଟା ପରିଷଦ ପରାମର୍ଶରେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ନିଯୁକ୍ତି ଦିଆଯିବ । ଯେବେ ଯାଜକୀୟ ଶ୍ରେଣୀ ସଭ୍ୟଙ୍କର ଦୁଃସ୍ୱଭାବ ପ୍ରଖର ହୁଏ ତେବେ, ଏହି ବ୍ୟକ୍ତିମାନେ ଯେଉଁମାନେ ପୁନର୍ଲାଭ ଦଳ ରୂପେ କାର୍ଯ୍ୟ କରୁଥିବେ ସେମାନଙ୍କୁ ଆଞ୍ଚଳିକ ଯୋଜନା ସହିତ ପରାମର୍ଶ କରି ତୁରନ୍ତ ଦାୟୀତ୍ୱରୁ ବାହାର କରିବେ । (୨୧୧.୨୦-୨୨୫.୫, ୫୪୦)

**୫୪୦.୨.** ଏକ ପୁନର୍ଲାଭ ଦଳର କାର୍ଯ୍ୟ – ଏକ ପୁନର୍ଲାଭ ଦଳର ଦାୟୀତ୍ୱ, ସେବକ ଏବଂ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ । ଏହା ସହିତ:

୧. ସେବକ ଏବଂ ତାଙ୍କ ପରିବାରର ଯତ୍ନ ନେବା ।

୨. ପୁନର୍ଲାଭର ପ୍ରକ୍ରିୟା ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସେବକ ଏବଂ ତାଙ୍କ ସହଧର୍ମିଣୀଙ୍କୁ ସୁସ୍ପଷ୍ଟ ଅବଗତ କରାଇବେ ।

୩. ସେବକ, ଅଞ୍ଚଳ ଏବଂ ମଣ୍ଡଳୀ ଏପରି ଏକ ଯୋଜନାର ବିକାଶରେ ସଂପୃକ୍ତ ଯଥା, ଆର୍ଥିକ, ଗୃହ ନିର୍ମାଣ, ଚିକିତ୍ସାଳୟ, ଆଧ୍ୟାତ୍ମିକ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଦୁଃସ୍ୱଭାବର ପରିସ୍ଥିତିକୁ ସଂଚାଳନ କରିବେ ।

୪. ଆଞ୍ଚଳିକ ଅନୁମୋଦିତ ଯୋଜନାକୁ କାର୍ଯ୍ୟକାରୀ କରିବେ ।

୫. ଯେତେବେଳେ ସେମାନେ ବିଚାର କରିବେ ଯେ ସେମାନଙ୍କର କାର୍ଯ୍ୟ ସମାପ୍ତର ନିକଟବର୍ତ୍ତୀ କିମ୍ବା ଅଧିକ ସମୟର ଆବଶ୍ୟକ ଏହା ସେବକଙ୍କୁ, ତାହାଙ୍କ ପତ୍ନୀଙ୍କୁ, ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଏବଂ ଆଞ୍ଚଳିକ ପରିଷଦକୁ ଅବଗତ କରାଇବେ ।

୬. ଯାଜକୀୟ ସଭ୍ୟ ନିମନ୍ତେ ସୁବିଧା, ସୁଯୋଗ, ଅଧିକାର ନିମନ୍ତେ ସେବକଙ୍କ ଦ୍ୱାରା ଆବେଦନ ଉପରେ ବିଚାର କରିବା ପାଇଁ ଆଞ୍ଚଳିକ ସେବା ପରିଷଦ, କିମ୍ବା ନିଯୁକ୍ତ ହୋଇଥିବା କମିଟିକୁ ସମର୍ପଣ କରିବେ । (୫୪୦.୮)

**୫୪୦.୩.** ଯେବେ ସେବକ ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ଅଧିନରେ ଥାଆନ୍ତି, ସେହି ସେବକଙ୍କ ପତ୍ନୀ ଏବଂ ପରିବାରକୁ ଏକ ନିୟୋଜନ / କାର୍ଯ୍ୟ ଯୋଗାଇବେ ଯେତେବେଳେ ସେମାନେ କାର୍ଯ୍ୟର ଅନୁସନ୍ଧାନରେ ଥାଆନ୍ତି ।

ଏହି ଘଟଣାକ୍ରମରେ ଏକ ଅଞ୍ଚଳ ପୁନର୍ଲାଭ ଦଳ ନିଯୁକ୍ତ ନ କରେ କିମ୍ବା ଯେଉଁ ଦିନ ସେବକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଧିନରେ ରହନ୍ତି ସେହିଦିନଠାରୁ ୧୮୦ ଦିନ ମଧ୍ୟରେ ନିଯୁକ୍ତ ହୋଇଥିବା ପୁନର୍ଲାଭ ଦଳ ସେମାନଙ୍କର ଦାୟୀତ୍ୱରେ ଅସଫଳ ହୁଅନ୍ତି, ତେବେ ସେବକ ଅନ୍ୟ ଅଞ୍ଚଳ ଏହି ପୁନର୍ଲାଭର ଦାୟୀତ୍ୱ ଗ୍ରହଣ କରୁ ବୋଲି ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦକୁ ଆବେଦନ କରିପାରିବେ । (୫୪୦–୫୪୦.୨, ୫୪୦.୪, ୫୪୦.୧୨)

**୫୪୦.୪.** ଯେଉଁ ଯାଜକୀୟ ଶ୍ରେଣୀ ସଭ୍ୟ ଉତ୍ତମ ସ୍ୱଭାବର ନୁହେଁ, ସେ ମଣ୍ଡଳୀର କୌଣସି ଦାୟୀତ୍ୱରେ ରହିବେ ନାହିଁ ଯେପରି: ବାକ୍ୟ ପ୍ରଚାର, ଉପାସନାର ନେତୃତ୍ୱ, ସଣ୍ଡେସ୍କୁଲ ଶିକ୍ଷକ, ବାଇବଲ ଅଧ୍ୟୟନ ଶ୍ରେଣୀ । ପୁନର୍ଲାଭ ଦଳ ଆଞ୍ଚଳିକ ଉପଦେଷ୍ଟା ପରିଷଦ, ଆଞ୍ଚଳିକ ସେବକୀୟ କୃତିତ୍ୱ ପରଷଦ କିମ୍ୱା ଆଞ୍ଚଳିକ ସେବା ପରିଷଦ, ଆଞ୍ଚଳିକ ଅଧ୍ୟକ୍ଷ ଏବଂ ପ୍ରଧାନ ଅଧ୍ୟକ୍ଷଙ୍କ ପରାମର୍ଶ ଦ୍ୱାରା ଯେଉଁଭଳି ସେବା କାର୍ଯ୍ୟର ଦାୟୀତ୍ୱ ପ୍ରଦାନ କରିବେ କେବଳ ସେତିକି ଦାୟୀତ୍ୱ ତୁଲାଇବେ । (୬୦୬.୧-୬୦୬.୨, ୬୦୫, ୬୦୬-୧୧- ୬୦୬.୧୨)

**୫୪୦.୫.** ପାରା ୫୪୦.୬ ଅନୁଯାୟୀ ଉତ୍ତମ ସ୍ୱଭାବ ପ୍ରତି ପ୍ରତ୍ୟାବର୍ତ୍ତନ ନିମନ୍ତେ ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ଅଧିନରେ ଥିବା ଏକ ସେବକ ଦ୍ୱାରା ଆବେଦନ ଉପରେ ପାରା ୫୪୦.୮ ଅନୁଯାୟୀ ବିଚାର କରିବା ନିମନ୍ତେ ପୁନର୍ଲାଭ ଦଳ ଆଞ୍ଚଳିକ ଅଧ୍ୟକ୍ଷ ଏବଂ ଆଞ୍ଚଳିକ ପରିଷଦ କିମ୍ୱା ନିଯୁକ୍ତ ହୋଇଥିବା କମିଟିକୁ ଅନୁମୋଦନ କରିପାରିବେ ।

ଏହି ଘଟଣାକ୍ରମରେ ପୁନର୍ଲାଭ ଦଳ ସେମାନଙ୍କର ଦାୟୀତ୍ୱ ସମ୍ପନ୍ନ କରିବେ ଏବଂ ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ଅଧିନରେ ଥିବା ସେବକ ଉତ୍ତମ ସ୍ୱଭାବ ପ୍ରତି ପ୍ରତ୍ୟାବର୍ତ୍ତନ କରିବା ପାଇଁ ଯଦି ଆବେଦନ ନ କରନ୍ତି ତେବେ ସେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ସେପରି ରହିବେ – ୧) ନାଜରିନ୍ ମଣ୍ଡଳୀର ସଭ୍ୟ ପଦରୁ ଏବଂ ସେବକ ପଦରୁ ସେବକକୁ ବହିଷ୍କାର କରାହେବ କିମ୍ୱା ୨) ତାଙ୍କର କୃତିତ୍ୱ ପତ୍ରକୁ ଇସ୍ତଫା ଦେବାକୁ ଅନୁମୋଦନ କରାହେବ ଏବଂ ମଣ୍ଡଳୀରେ ସେ କେବଳ ଅପେଶାଦାରୀ ସଭ୍ୟ (Lay Member) ରୂପେ ରହିବେ । (୫୩୯.୫, ୫୪୦.୧୦)

**୫୪୦.୬.** ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ନିମନ୍ତେ ଆବେଦନ । ଯାଜକୀୟ ଶ୍ରେଣୀ ସଭ୍ୟ ଭାବରେ ଜଣେ ସେବକ ଯେ ତା'ର ସୁବିଧା, ସୁଯୋଗ ଏବଂ ଅଧିକାରରୁ ବଞ୍ଚିତ ହୋଇଛି ତା'ର ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ କରିବାକୁ

ଏବଂ ତା'ର କୃତିତ୍ୱ ପତ୍ରକୁ ଫେରସ୍ତ କରିବାକୁ ପାରା ୫୪୦.୭ ଅନୁଯାୟୀ ଆବେଦନ କରିପାରିବ । ଏହି ଆବେଦନ ଆଞ୍ଚଳିକ ସମ୍ମିଳନୀର ୬ ମାସ ପୂର୍ବରୁ ଆଞ୍ଚଳକ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବାକୁ ହେବ ଏବଂ ନିଶ୍ଚିତ ଭାବରେ ଅଞ୍ଚଳର ଯୋଜନା ଅନୁଯାୟୀ ନିୟମ ପାଳନ କରିବାକୁ ହେବ । ଏହି ଆବେଦନ ପତ୍ର ଆଞ୍ଚଳିକ ଅଧ୍ୟକ୍ଷ ପ୍ରାପ୍ତ ହୋଇଛନ୍ତି ବୋଲି ୩୦ ଦିନ ମଧ୍ୟରେ ତାଙ୍କୁ  ଜଣାଇବେ ।

**୫୪୦.୭.** ଜଣେ ସେବକ ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ନିମନ୍ତେ ଏବଂ ତାହାଙ୍କ କୃତିତ୍ୱ ପତ୍ର ଫେରସ୍ତ ନିମନ୍ତେ ଆବେଦନ କରିପାରିବେ । ଯଦି ପୁନର୍ଲାଭ ଦଳ ସେହି ଆବେଦନକୁ ସମର୍ଥନ କରିବେ ଏବଂ ସେମାନଙ୍କ ପରିଦର୍ଶନ ଅଧିନରେ ଦୁଇ ବର୍ଷ ପର୍ଯ୍ୟନ୍ତ ସକ୍ରୀୟ ଭାବରେ ସେବକ ଅଂଶଗ୍ରହଣ କରିଛନ୍ତି ବୋଲି ସେହି ଆବେଦନ ପତ୍ର ଓ ହିତ ଲେଖା ସଂଯୁକ୍ତ କରିବେ ।

**୫୪୦.୮.** ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ନିମନ୍ତେ ଏକ ଆବେଦନ ପ୍ରତି ପ୍ରତ୍ୟୁତ୍ତର ।

ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦ କିମ୍ବା ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ଏଥିପାଇଁ ନିଯୁକ୍ତ ହୋଇଥିବା କମିଟି, ଆଞ୍ଚଳିକ ଅଧ୍ୟକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ନିମନ୍ତେ ଆବେଦନକୁ ବିଚାର କରିବେ ଏବଂ

୧. ଆବେଦନ ପତ୍ର ଯଥାର୍ଥ ଅଟେ ଏବଂ ସମସ୍ତ ନିୟମ ପାଳନ କରିଅଛି ବୋଲି ସମୀକ୍ଷା କରିବେ ।
୨. ପୁନର୍ଲାଭ ଦଳର ଅନୁମୋଦନକୁ ସମୀକ୍ଷା କରିବେ ।
୩. ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନର ଅନୁସନ୍ଧାନ କରୁଥିବା ସେବକକୁ ସାକ୍ଷାତକାର କରିବେ ।
୪. ସେବକଠାରେ ଥିବା ସୁବିଧା, ସୁଯୋଗ ଏବଂ ଅଧିକାରକୁ ପୁନଃ ସ୍ଥାପନ କରିବା ଏବଂ ତାଙ୍କର କୃତିତ୍ୱ ପତ୍ର ଫେରସ୍ତ କରିବାର ଅନୁମୋଦନକୁ ଧାର୍ଯ୍ୟ କରିବା ।

ଯେତେବେଳେ ପୁନଃ ସ୍ଥାପନ ନିମନ୍ତେ ଆବେଦନ ଅତି କମ୍‌ରେ ପରବର୍ତ୍ତୀ ଆଞ୍ଚଳିକ ସମ୍ମିଳନୀର ୧୮୦ ଦିନ ପୂର୍ବରୁ ପ୍ରଦାନ କରାଯାଏ, ତେବେ ଆବେଦନ ଉପରେ ବିଚାର ପ୍ରକ୍ରିୟା ସମାପ୍ତ ହୁଏ ଏବଂ ଆଞ୍ଚଳିକ ସମ୍ମିଳନୀ ପୂର୍ବରୁ ଆଞ୍ଚଳିକ ଅଧ୍ୟକ୍ଷଙ୍କଠାରେ ଅନୁମୋଦନ କରାଯାଇଥାଏ । ବ୍ୟଭିଚାର ଆଚରଣ ହେତୁ ଯେଉଁ ସେବକଙ୍କର କୃତିତ୍ୱ ପତ୍ର ଦାଖଲ ହୋଇଥାଏ ତାଙ୍କୁ ପୁନଃ ସ୍ଥାପନ କରିବା ପାଇଁ ଦୁଇ ତୃତୀୟାଂଶ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଭୋଟ୍ ଆବଶ୍ୟକ । ଆବେଦନ ପତ୍ର ଗ୍ରହଣ କରିବାର ୧୦୦ ଦିନ ମଧ୍ୟରେ ଅନୁମୋଦନକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦକୁ ପ୍ରେରଣ କରାଯିବ । (୫୪୦.୨, ୫୪୦.୩, ୫୪୦.୬, ୫୪୦.୭, ୫୪୦.୧୨)

**୫୪୦.୯.** ନାବାଳିକା ଓ ନାବାଳକମାନଙ୍କ ସହିତ ଅନୈତିକ ଯୌନକ୍ରିୟାରେ ଲିପ୍ତ ଥିବା ସେବକର ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ଆବେଦନ ଗ୍ରହଣ କରାଯିବ ନାହିଁ । ସେ ଯାଜକୀୟ ସଭ୍ୟ ପଦରେ ରହିବେ ନାହିଁ କିମ୍ବା କୌଣସି ସେବକୀୟ କୃତିତ୍ୱ ପତ୍ର ଧାରଣ କରିବେ ନାହିଁ । ସେବାକାର୍ଯ୍ୟର କୌଣସି ଦାୟୀତ୍ୱରେ ରହିବେ ନାହିଁ କିମ୍ବା ସ୍ଥାନୀୟ ମଣ୍ଡଳୀର ନେତୃତ୍ୱ ଭୂମିକା ପାଇଁ ନିର୍ବାଚିତ କିମ୍ବା ନିଯୁକ୍ତ ହେବେ ନାହିଁ । (୧୨୯.୩୦, ୬୦୦, ୬୦୬.୧-୬୦୬.୨, ୬୦୬.୫, ୬୦୬.୧୧-୬୦୬.୧୨, ୯୧୬)

**୫୪୦.୧୦.** ଉତ୍ତମ ସ୍ୱଭାବ ପୁନଃ ସ୍ଥାପନ ଆବେଦନ ପତ୍ରକୁ ଆଞ୍ଚଳିକ ସେବକୀୟ କୃତିତ୍ୱ ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦ କିମ୍ବା ଏଥିପାଇଁ ଥିବା କମିଟି ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ଏବଂ ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ନିମ୍ନଲିଖିତ ଭାବରେ ଅନୁମୋଦନ କରିପାରିବ ଯଥା:

୧. ସେବକଙ୍କୁ ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ କରାଯାଉ ଏବଂ ତାହାଙ୍କ କୃତିତ୍ୱ ପତ୍ର ଫେରସ୍ତ କରାଯାଉ;
୨. ସେବକଙ୍କୁ ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ସୀମା ପ୍ରଦାନ କରାଯାଉ;

୩. ପୁନର୍ଲାଭର ସମୟ ସୀମା ବୃଦ୍ଧି କରାଯାଉ;
୪. ସେବକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଧିନରେ ଥାଆନ୍ତୁ;
୫. ସେବକଙ୍କୁ ଉତ୍ତମ ସ୍ୱଭାବ ପ୍ରତି ପୁନଃ ସ୍ଥାପନ କରା ନ ଯାଉ ଏବଂ ତାଙ୍କର କୃତିତ୍ୱ ପତ୍ରର ଇସ୍ତଫାକୁ ମଞ୍ଜୁରୀ ଦିଆଯାଉ;
୬. ସେବକଙ୍କୁ ନାଜରିନ୍ ମଣ୍ଡଳୀର ସଭ୍ୟ ପଦରୁ ଏବଂ ସେବାକାର୍ଯ୍ୟରୁ ବହିଷ୍କାର କରାଯାଉ । (୫୩୯.୫, ୫୪୦.୭, ୫୪୦.୧୨)

**୫୪୦.୧୧.** ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଧିନରେ ଥିବା ସେବକଙ୍କ ଦ୍ୱାରା ପୁନଃ ସ୍ଥାପନ ନିମନ୍ତେ ଦୁଇଟି ଆବେଦନ ନାକଚ ହୋଇଯିବ, ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା, ଏହି ଦାୟୀତ୍ୱକୁ ଅନ୍ୟ ଅଞ୍ଚଳକୁ ପ୍ରେରଣ କରାଯିବା ନିମନ୍ତେ ଆବେଦନକୁ ମଞ୍ଜୁରୀ ଦିଆଯିବ ଯେ ଏହି ଆବେଦନ ବିଚାରଯୋଗ୍ୟ କି ନାହିଁ ।

**୫୪୦.୧୨.** ଯାଜକୀୟ ଶ୍ରେଣୀର ସଭ୍ୟଙ୍କ ଅଧିକାର, ସୁଯୋଗ ଏବଂ ଅଧିକାର ପ୍ରତି ପୁନଃ ସ୍ଥାପନ । ଜଣେ ଯାଜକୀୟ ଶ୍ରେଣୀର ସଭ୍ୟ ଯେ ଉତ୍ତମ ସ୍ୱଭାବ ହରାଇ ଅଛନ୍ତି ତାଙ୍କର ଉତ୍ତମ ସ୍ୱଭାବ ପୁନଃ ସ୍ଥାପନ କରାଯାଇପାରେ ଏବଂ ତାଙ୍କର କୃତିତ୍ୱ ପତ୍ର ନିମ୍ନଲିଖିତ ପ୍ରଣାଳୀରେ ଫେରସ୍ତ କରାଯାଇପାରେ:

୧. ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନ
୨. ଆଞ୍ଚଳିକ ସେବକୀୟ କୃତିତ୍ୱର ପ୍ରମାଣପତ୍ର ସମୀକ୍ଷା ପରିଷଦ କିମ୍ବା ଆଞ୍ଚଳିକ ସେବା ପରିଷଦର ଅନୁମୋଦନ
୩. ଆଞ୍ଚଳିକ ଉପଦେଷ୍ଟା ପରିଷଦର ଦୁଇ ତୃତୀୟାଂଶ ଅନୁମୋଦନ
୪. ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦର ଅନୁମୋଦନ ଏବଂ
୫. ଆଞ୍ଚଳିକ ସମ୍ମିଳନୀର ଅନୁମୋଦନ ଯେଉଁଠାରେ ସେ ତାଙ୍କର ଉତ୍ତମ ସ୍ୱଭାବ ହରାଇଥିଲେ । (୬୦୬.୧-୬୦୬.୨, ୬୦୬.୫, ୬୦୬.୧୧-୬୦୬.୧୨)

# ଭାଗ – ୭

## ବିଚାରାଳୟ ବ୍ୟବସ୍ଥା

- ଅନ୍ୟାୟ ଆଚରଣର ସାମ୍ଭାବ୍ୟ ତଦନ୍ତ ଏବଂ ମଣ୍ଡଳୀ ଶୃଙ୍ଖଳା
- ସାମ୍ଭାବ୍ୟ ଅନ୍ୟାୟ ଆଚରଣ ପ୍ରତି ଉତ୍ତର
- ଏକ ଅଧିକାରୀ ପଦରେ ଥିବା ବ୍ୟକ୍ତିର ଅନ୍ୟାୟ ଆଚରଣ ପ୍ରତି ଉତ୍ତର
- ଏକ ଅପେଶାଦାରୀ ସଭ୍ୟର ବିବାଦୀୟ ଶୃଙ୍ଖଳା
- ଏକ ଯାଜକୀୟ ସଭ୍ୟର ବିବାଦୀୟ ଶୃଙ୍ଖଳା
- ପଦ୍ଧତିର ନିୟମ
- ଆଞ୍ଚଳିକ ବିଚାରାଳୟରେ ଅଭିଯୋଗ
- ଆନ୍ତର୍ଜାତିକ ବିଚାରାଳୟରେ ଅଭିଯୋଗ
- ପ୍ରାଦେଶିକ ବିଚାରାଳୟରେ ଅଭିଯୋଗ ଏବଂ ଅଧିକାରର ନିଶ୍ଚିତତା

## (୧) ଅନ୍ୟାୟ ଆଚରଣର ସାମ୍ଭାବ୍ୟ ତଦନ୍ତ ଏବଂ ମଣ୍ଡଳୀ ଶୃଙ୍ଖଳା

**୬୦୦.** ମଣ୍ଡଳୀ ଶୃଙ୍ଖଳାର ଲକ୍ଷ୍ୟଗୁଡିକ ହେଲା, ମଣ୍ଡଳୀର ସଚ୍ଚୋଟତାକୁ ବଜାୟ ରଖିବା, କୌଣସି କ୍ଷତିଠାରୁ ଏହାର ନିଷ୍ପାପୀକୁ ରକ୍ଷା କରିବା, ମଣ୍ଡଳୀର ସାକ୍ଷ୍ୟ ସମୂହର ପ୍ରଭାବକୁ ରକ୍ଷା କରିବା, ଯତ୍ନବାନ ହୀନଙ୍କୁ ସଚେତନ ଏବଂ ସଂଶୋଧନ କରିବା, ଦୋଷୀମାନଙ୍କୁ ପରିତ୍ରାଣ ପ୍ରତି ଘେନିଯିବା, ଦୋଷୀମାନଙ୍କୁ ପୁନର୍ବାସ କରିବା, ଯେଉଁମାନେ ରକ୍ଷାର୍ଥେ ପୁନର୍ବାସ ହୋଇଛନ୍ତି ସେମାନଙ୍କୁ ଉନ୍ନତଧରଣର ସେବାରେ ରକ୍ଷା କରିବା ଏବଂ ମଣ୍ଡଳୀର ସମ୍ମାନ ଓ ସମ୍ବଳକୁ ରକ୍ଷା କରିବା । ମଣ୍ଡଳୀର ଯେଉଁ ସଭ୍ୟମାନେ ଖ୍ରୀଷ୍ଟିୟାନ ଚରିତ୍ରର ନିୟମକୁ ଉଲଙ୍ଘ କରିବେ କିମ୍ବା ସେମାନଙ୍କର ସଭ୍ୟ ପଦର ପ୍ରତିଜ୍ଞାକୁ ଲଙ୍ଘନ କରିବେ, ସେମାନଙ୍କର ବେଆଇନ୍ କାର୍ଯ୍ୟ ପ୍ରତି ଦୟାଳୁ ଏବଂ ବିଶ୍ୱସ୍ତ ଭାବରେ ବ୍ୟବହାର କରିବେ । ହୃଦୟ ଏବଂ ଜୀବନର ପବିତ୍ରତା ନୂତନ ନିୟମର ମାନଦଣ୍ଡ ହୋଇଥିବା ହେତୁ ଏକ ସ୍ୱଚ୍ଛ ସେବାକାର୍ଯ୍ୟ ଉପରେ ନାଜରିନ୍ ମଣ୍ଡଳୀ ବାଧ୍ୟ କରେ । ତେଣୁ ଏହି ଶୃଙ୍ଖଳର ଉଦ୍ଦେଶ୍ୟ ଶାସ୍ତି ମୂଳକ ନୁହେଁ ମାତ୍ର ଏହି ଲକ୍ଷ୍ୟଗୁଡ଼ିକୁ ପ୍ରାପ୍ତ ହେବା ।

## (୨) ସାମ୍ଭାବ୍ୟ ଅନ୍ୟାୟ ଆଚରଣ ପ୍ରତି ଉତ୍ତର

**୬୦୧.** ପ୍ରତ୍ୟୁତ୍ତର କରିବାକୁ ଅଧିକାର ଥିବା ବ୍ୟକ୍ତି ଯେକୌଣସି ସମୟରେ ପ୍ରତ୍ୟୁତ୍ତର କରିବା ସଠିକ୍ ଅଟେ ଯାହା ଜଣେ ଯତ୍ନଶୀଳ ବ୍ୟକ୍ତି ତାହାକୁ ବିଶ୍ୱାସ ଯୋଗ୍ୟ ବୋଲି ଗ୍ରହଣ କରିବ । ଏହା ସହିତ ପ୍ରତ୍ୟୁତ୍ତର ମଧ୍ୟ ସଠିକ୍ ଅଟେ ଯେତେବେଳେ ସୂଚନା ଯାହା ଜଣେ ଯତ୍ନଶୀଳ ବ୍ୟକ୍ତି ବିଶ୍ୱାସ କରେ ଯେ ଏହାର କାରଣ ହେତୁ ମଣ୍ଡଳୀ ପ୍ରତି କ୍ଷତି ହୋଇପାରେ, ଅନ୍ୟାୟ ଆଚରଣରେ ଅନ୍ତର୍ନିହିତ ଦୋଷୀ ପ୍ରତି କ୍ଷତି ହୋଇପାରେ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ପ୍ରତି ।

**୬୦୧.୧.** ମଣ୍ଡଳୀ ନିମନ୍ତେ ପ୍ରତ୍ୟୁତ୍ତର ଦେବାକୁ ଯେତେବେଳେ ଜଣେ ବ୍ୟକ୍ତିର ଅଧିକାର ନ ଥାଏ, ତାହା ସୂଚନାର ସଚେତନ ହୋଇଯାଏ, ଯାହାକୁ ଜଣେ ଯତ୍ନଶୀଳ

ବ୍ୟକ୍ତି ବିଶ୍ୱାସ ଯୋଗ୍ୟ ବୋଲି ବିବେଚନା କରେ ଏବଂ ଏହା କାରଣରୁ ଯତ୍ନଶୀଳ ବ୍ୟକ୍ତି ବିଶ୍ୱାସ କରେ ଯେ ମଣ୍ଡଳୀ ମଧ୍ୟରେ ଅଧିକାରରେ ଥିବା ବ୍ୟକ୍ତି ଦ୍ୱାରା ଅନ୍ୟାୟ ଆଚରଣ ହେଉଅଛି, ସୂଚନା ସହିତ ଥିବା ବ୍ୟକ୍ତି ମଣ୍ଡଳୀର ପ୍ରତିନିଧି ଗଠନ କରିବ ଯେ ସୂଚନାର ସଚେତନଙ୍କୁ ପ୍ରତ୍ୟୁତ୍ତର ଦେବାକୁ ଅଧିକାର ପ୍ରାପ୍ତ ହେବ ।

**୬୦୧.୨.** ଯେଉଁମାନେ ଅନ୍ୟାୟ ଆଚରଣ କରନ୍ତି କିମ୍ବା ସଂଶ୍ଳିଷ୍ଟ ଥାଆନ୍ତି ମଣ୍ଡଳୀ ମଧ୍ୟରେ ପ୍ରତ୍ୟୁତ୍ତର ଦେବାକୁ ଅଧିକାରପ୍ରାପ୍ତ ବ୍ୟକ୍ତି ନିମ୍ନଲିଖିତ ପଦବୀରେ ଥାଇ ଅନ୍ୟାୟ ଆଚରଣରେ ଜଡ଼ିତ ଥାଇପାରନ୍ତି:

- ଅପରାଧରେ ଜଡ଼ିତ ବୋଲି ଦେଖାଇବା ବ୍ୟକ୍ତି:
  ପାଳକଙ୍କ ସହିତ ଅଧିକାରୀ ଏହାର ଉତ୍ତର ଦେବେ
- ସଭ୍ୟ ହୋଇ ନ ଥିବା ବ୍ୟକ୍ତି
  ସ୍ଥାନୀୟ ମଣ୍ଡଳୀର ପାଳକ ଯେଉଁଠାରେ ଆଚରଣରେ ପ୍ରଶ୍ନବାଚୀ ଥାଏ ।
- ଆଞ୍ଚଳିକ ଯାଜକୀୟ ଶ୍ରେଣୀର ସଭ୍ୟ
  ଅଧ୍ୟକ୍ଷ (ଆଞ୍ଚଳିକ ଉପଦେଷ୍ଟା ପରିଷଦ ପରାମର୍ଶରେ) ଯେଉଁ କ୍ଷେତ୍ରରେ ସ୍ଥାନୀୟ ମଣ୍ଡଳୀର ପାଳକ କିମ୍ବା ସଭ୍ୟ ଅପରାଧି ବୋଲି ଦେଖାଇବେ ।
- ଆଞ୍ଚଳିକ ଅଧ୍ୟକ୍ଷ
  ଅଞ୍ଚଳର ପ୍ରଧାନ ଅଧ୍ୟକ୍ଷ
- ପ୍ରାଦେଶିକ ନିର୍ଦ୍ଦେଶକ
  ଅଞ୍ଚଳର ପ୍ରଧାନ ଅଧ୍ୟକ୍ଷ
- F.S.C.
  ଅଞ୍ଚଳର ପ୍ରଧାନ ଅଧ୍ୟକ୍ଷ
- ସଠିକ୍ ଅର୍ଥ ପ୍ରଦାନ କରିପାରୁ ନ ଥିଲେ
  ଆନ୍ତର୍ଜାତିକ ସମ୍ପାଦକ

ଅଭିଯୋଗ ବିଷୟରେ, ଆଞ୍ଚଳିକ, କ୍ଷେତ୍ର, ପ୍ରାଦେଶିକ କିମ୍ବା ଆନ୍ତର୍ଜାତିକ କ୍ଷେତ୍ରରେ ଥିବା ଏହି ସମ୍ବନ୍ଧୀୟ ବ୍ୟକ୍ତିମାନଙ୍କୁ ଯଥା ସମୟରେ ଅବଗତ କରାଇବା, ପ୍ରତ୍ୟୁତ୍ତର ଦେବା ଅଧିକାରୀଙ୍କର ଆବଶ୍ୟକ । କୌଣସି ସତ୍ୟତା ଅନୁସନ୍ଧାନରେ ସାହାଯ୍ୟ ନେବା ପାଇଁ ଅନ୍ୟମାନଙ୍କର ନାମକୁ ତାଲିକା କରିବା, ପ୍ରତ୍ୟୁତ୍ତର ଦେବା ଅଧିକାରୀଙ୍କର ଆବଶ୍ୟକ ।

**୬୦୧.୩.** ଯଦି କୌଣସି ଅଭିଯୋଗ କରାଯାଇନାହିଁ ତେବେ ଅନୁସନ୍ଧାନକାରୀମାନେ ନିଷ୍ପତ୍ତି ନେବେ ଯେ ପୂର୍ବରୁ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ତାହା କୋହଳ କରାଯିବ କି ନାହିଁ । ଏହି ପରିସ୍ଥିତିରେ ଜଣେ ଯତ୍ନଶୀଳ ବ୍ୟକ୍ତି ବିଶ୍ୱାସ କରିବ ଯେ ଯେପର୍ଯ୍ୟନ୍ତ ଅଭିଯୋଗ ଦାଖଲ ହୋଇ ନାହିଁ ସେପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

## (୩) ଅନୁଷ୍ଠାନର ଏକ ପଦବୀରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟାୟ ଆଚରଣ ପ୍ରତି ପ୍ରତ୍ୟୁତ୍ତର

**୬୦୨.** ଯେତେବେଳେ ଜଣେ ଅଧିକାରୀ ଏହି ସତ୍ୟତା ଜାଣିବେ ଯେ ଅନୁଷ୍ଠାନର ପଦବୀରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ଜଣେ ସରଳ ବ୍ୟକ୍ତି ପ୍ରତି ଅନ୍ୟାୟ ଆଚରଣ ହୋଇଛି ତେବେ ସଠିକ୍ ଜବାବ୍ / ପ୍ରତ୍ୟୁତ୍ତର ଦେବାକୁ ମଣ୍ଡଳୀକୁ ଦାୟୀତ୍ୱ ପ୍ରଦାନ କରାଯିବ ।

ମଣ୍ଡଳୀ ତରଫରୁ ଯେଉଁମାନେ ଜବାବ୍ ରଖନ୍ତି ସେମାନେ ଜାଣିଥିବା ଆବଶ୍ୟକ ଯେ ସେମାନେ ଯାହା କୁହନ୍ତି ତା'ର ଆଇନ୍ ଅନୁଯାୟୀ ପରିଣାମ କ'ଣ ହେବ । ଖ୍ରୀଷ୍ଟୀୟ ଚିନ୍ତାଧାରାରେ ଆଧାରିତ ଜବାବ୍ / ପ୍ରତ୍ୟୁତ୍ତର ଦେବା ମଣ୍ଡଳୀର ଦାୟୀତ୍ୱ ଅଟେ । ମଣ୍ଡଳୀ ପରିଷଦ ଦ୍ୱାରା କାର୍ଯ୍ୟାନୁଷ୍ଠାନ ବିନା ଏକ ସ୍ଥାନୀୟ ମଣ୍ଡଳୀ ପାଇଁ ଆର୍ଥିକ ଦାୟୀତ୍ୱ ଗ୍ରହଣ କରିବାକୁ କାହାର ଅଧିକାର ନାହିଁ ସେହିପରି ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦ୍ୱାରା କାର୍ଯ୍ୟାନୁଷ୍ଠାନ ବିନା ଏକ ଅଞ୍ଚଳର ଦାୟୀତ୍ୱ ଗ୍ରହଣ କରିବାକୁ କାହାର ଅଧିକାର ନାହିଁ ।

**୬୦୨.୧.** ଯେକୌଣସି ସଙ୍କଟ ପ୍ରତି ପ୍ରତ୍ୟୁତ୍ତର ଦେବାକୁ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ମଣ୍ଡଳୀ ପରିଷଦ ଏକ କମିଟି ଗଠନ କରିବା ସଠିକ୍ ହେବ । ବୋର୍ଡ ମିଟିଙ୍ଗ୍ ବସିବା ପୂର୍ବରୁ ଉତ୍ତର ଦେବା ଜରୁରୀ ଅଟେ । ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ନିମନ୍ତେ ତୁରନ୍ତ ପ୍ରତ୍ୟୁତ୍ତର ଦେବା ଯୋଜନା ହେବା ଆବଶ୍ୟକ ।

**୬୦୨.୨.** କୌଣସି ଅଞ୍ଚଳରେ ଏକ ସଙ୍କଟକୁ ପ୍ରତ୍ୟୁତ୍ତର କରିବା ଆଞ୍ଚଳିକ ଉପଦେଷ୍ଟା ପରିଷଦର ପ୍ରାଥମିକ କର୍ତ୍ତବ୍ୟ, ଏହି ପ୍ରତ୍ୟୁତ୍ତର ଦେବା କାର୍ଯ୍ୟ ପରିଷଦର ସଭା ପୂର୍ବରୁ ଦେବା ଆବଶ୍ୟକ ।

**୬୦୩.** ମଣ୍ଡଳୀରେ ସମାଧାନ ଏବଂ ପୁନର୍ମିଳନ ବିବାଦ । ମତଭେଦ ଜୀବନର ଏକ ଅଂଶ ଅଟେ ଏପରିକି ମଣ୍ଡଳୀରେ ମଧ୍ୟ ଏହା ଦେଖିବାକୁ ମିଳିଥାଏ । ତଥାପି ଯେତେବେଳେ ଏହି ମତଭେଦ ଏକ ବିବାଦରେ ପରିଣତ ହୁଏ ଯାହା ମଣ୍ଡଳୀର ସହଭାଗିତାକୁ ବିଭାଜନ କରେ, ତେବେ ସମାଧାନର ଯେକୌଣସି ବିଧିସଙ୍ଗତ ପ୍ରଣାଳୀର ଊର୍ଦ୍ଧ୍ୱରେ ଅନ୍ତଃକରଣରେ ବିଚାର ବୁଦ୍ଧିରେ ଅନିୟମିତ କାର୍ଯ୍ୟାନୁଷ୍ଠାନ ଅଗ୍ରଣୀ ହେବ । ଔପଚାରିକ ହେଉ କିମ୍ବା ଅନୌପକାରିକ ହେଉ, ସମାଧାନ ଏବଂ ପୁନର୍ମିଳନର ଲକ୍ଷ୍ୟ ହେବା ଆବଶ୍ୟକ ।

**୬୦୩.୧.** ଅନୌପଚାରିକ ପ୍ରଣାଳୀ: ଯେତେବେଳେ ମଣ୍ଡଳୀରେ ବିବାଦ ଉତ୍ପନ୍ନ ହୁଏ, ତେବେ ସମସ୍ତେ ଶାନ୍ତିରେ ଜୀବନ କାଟିବାର ଇଚ୍ଛା ସହିତ ସୂକ୍ଷ୍ମ ବିଚାର ଏବଂ ପରାମର୍ଶର ସମୟ ବାହାର କରିବା ଆବଶ୍ୟକ । ଏଥିରେ ସଂଶ୍ଳିଷ୍ଟ ସମସ୍ତ ପକ୍ଷ, ଈଶ୍ୱରଙ୍କଠାରେ ପ୍ରାର୍ଥନାରେ ବିଷୟକୁ ସମର୍ପଣ କରିବାକୁ ପ୍ରୋତ୍ସାହିତ ହେବା ଆବଶ୍ୟକ ଏବଂ ବାସ୍ତବରେ ସମୁଦାୟ ପ୍ରଣାଳୀ ପ୍ରାର୍ଥନାରେ ସମର୍ପିତ ହେବା ଆବଶ୍ୟକ । ବିବାଦିତ ବ୍ୟକ୍ତିମାନେ ପୁନର୍ମିଳନର ଆଶାରେ ନମ୍ରତାର ସହ ପରସ୍ପର ପତି ଆଗେଇ ଆସିବା ଆବଶ୍ୟକ ।

**୬୦୩.୨.** ଔପଚାରିକ ପ୍ରଣାଳୀ: ଯଦି ଏହି ପ୍ରଣାଳୀ ଅସଫଳ ହୁଏ, ତେବେ ପୁନର୍ମିଳନର ଔପଚାରିକ ପ୍ରଣାଳୀ ଉପରେ ଯିବା ପାଇଁ ବ୍ୟକ୍ତିଗଣ ନିଷ୍ପତ୍ତି

ନେଇପାରିବେ । ମଣ୍ଡଳୀରେ ଥିବା ଏକ ପରିପକ୍ୱ ଏବଂ ଅପକ୍ଷବାଦୀ ବ୍ୟକ୍ତିଗଣର ପ୍ରତିନିଧି ଦଳ ସହିତ ଏହି ବିଷୟର ମୀମାଂସା ହେବା ଆବଶ୍ୟକ । ଯଦି ଦୋଷ ଧାର୍ଯ୍ୟ କରାଗଲା ତେବେ ଏହି ଦଳ ସଠିକ୍ କାର୍ଯ୍ୟାନୁଷ୍ଠାନ ପ୍ରତି ଅନୁମୋଦନ କରିପାରିବେ ଯେପରି ପାରା ୬୦୪ରେ ବର୍ଣ୍ଣନା କରାଯାଇଅଛି ।

**୬୦୪.** ଚୁକ୍ତି ଦ୍ୱାରା ଶୃଙ୍ଖଳାଗତ ବିଷୟର ସମାଦାନ । ଯେତେବେଳେ ଦୋଷୀ ଦ୍ୱାରା ଅଭିଯୋଗଗୁଡ଼ିକ ବିବାଦାତ୍ମକ ହୁଏ ତେବେ ଅନ୍ୟାୟ ଆଚରଣ ସମାଧାନ ପାଇଁ ଏକ ସଠିକ୍ ପ୍ରଣାଳୀ ପ୍ରଦାନ କରିବାକୁ ଇଚ୍ଛାକୃତଭାବେ ମାର୍ଗଦର୍ଶିକା (Manual)ରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବର୍ଣ୍ଣନା କରାଯାଇଅଛି । ଅନେକ ପରିସ୍ଥିତିରେ ଚୁକ୍ତି ଦ୍ୱାରା ଶୃଙ୍ଖଳାଗତ ବିଷୟଗୁଡ଼ିକ ସମାଧାନ କରିବା ସଠିକ୍ ଅଟେ ।

**୬୦୪.୧.** ଯେକୌଣସି ବିଷୟ ଏକ ଶାସନାଧିନତାର ସ୍ଥାନୀୟ ପରିଷଦର ସୀମା ମଧ୍ୟରେ ଅଟେ ତାହା ଦୋଷୀ ବ୍ୟକ୍ତି ଏବଂ ପାଳକଙ୍କ ମଧ୍ୟରେ ଏକ ଲିଖିତ ଚୁକ୍ତି ଦ୍ୱାରା ସମାଧାନ ହୋଇପାରିବ ଯଦି ମଣ୍ଡଳୀ ପରିଷଦ ଏବଂ ଆଞ୍ଚଳିକ ଅଧ୍ୟକ୍ଷ ଅନୁମୋଦନ କରନ୍ତି ।

**୬୦୪.୨.** ଯେକୌଣସି ବିଷୟ ଏକ ଶାସନାଧିନତାର ଆଞ୍ଚଳିକ ପରିଷଦ ସୀମା ମଧ୍ୟରେ ଅଟେ ତାହା ଦୋଷୀ ବ୍ୟକ୍ତି ଏବଂ ଆଞ୍ଚଳିକ ଅଧ୍ୟକ୍ଷଙ୍କ ମଧ୍ୟରେ ଏକ ଲିଖିତ ଚୁକ୍ତି ଦ୍ୱାରା ସମାଧାନ ହୋଇପାରିବ ନାହିଁ ଯଦି ଏହି ଚୁକ୍ତି ଆଞ୍ଚଳିକ ଉପଦେଷ୍ଟା ପରିଷଦ ଏବଂ ପ୍ରଧାନ ଅଧ୍ୟକ୍ଷ ପରିଷଦ ଦ୍ୱାରା ଅନୁମୋଦିତ ହୋଇଥାଏ ।

## (୪) ଏକ ସାଧାରଣ ସେବାକାରୀ ସଭ୍ୟର ବିବାଦିତ ଆପତ୍ତିର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**୬୦୫.** ଯଦି ଜଣେ ଅପେଶାଦାରୀ ସଭ୍ୟ ଅଣଖ୍ରୀଷ୍ଟିୟାନ ଆଚରଣରେ ଅଭିଯୁକ୍ତ ହୁଏ, ତେବେ ସେହି ଅଭିଯୋଗ ପତ୍ର ଲିଖିତ ଭାବରେ ଯେଉଁ ସଭ୍ୟମାନେ ବିଗତ

୬ ମାସ ପର୍ଯ୍ୟନ୍ତ ବିଶ୍ୱସ୍ତ ଭାବେ ଉପସ୍ଥିତ ରହି ଆସୁଥିବେ ସେମାନଙ୍କ ମଧ୍ୟରୁ ଦୁଇଜଣ ସଭ୍ୟଙ୍କ ସ୍ୱାକ୍ଷର ସହିତ ଉପସ୍ଥାପନ କରିବେ । ପାଳକ ସ୍ଥାନୀୟ ମଣ୍ଡଳୀର ତିନିଜଣ ସଭ୍ୟଙ୍କୁ ନେଇ ଏକ ତଦନ୍ତ କମିଟି ନିଯୁକ୍ତ କରିବେ । ଏହି ନିଯୁକ୍ତି ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ହେବ । ଏହି କମିଟି ଏହାର ତଦନ୍ତର ଏକ ଲିଖିତ ରିପୋର୍ଟ ତିଆରି କରିବେ । ଏହି ରିପୋର୍ଟ ଏକ ସଂଖ୍ୟା ଗରିଷ୍ଠତା ଦ୍ୱାରା ସ୍ୱାକ୍ଷରିତ ହୋଇ ମଣ୍ଡଳୀ ପରିଷଦରେ ଦାଖଲ କରାଯିବ । ତଦନ୍ତ ଉତ୍ତାରେ ସ୍ଥାନୀୟ ମଣ୍ଡଳୀରେ ଉତ୍ତମ ଆଚରଣର ଦୁଇଜଣ ବ୍ୟକ୍ତି ଅଭିଯୁକ୍ତ ବିରୁଦ୍ଧରେ ଥିବା ଅଭିଯୋଗଗୁଡ଼ିକରେ ସ୍ୱାକ୍ଷର କରିପାରିବେ ଏବଂ ତାହାକୁ ମଣ୍ଡଳୀ ପରିଷଦରେ ଦାଖଲ କରିବେ । ଏଉତ୍ତାରେ ଆଞ୍ଚଳିକ ଅଧ୍ୟକ୍ଷଙ୍କ ଅନୁମୋଦନରେ ମଣ୍ଡଳୀ ପରିଷଦ ପାଞ୍ଚଜଣ ସଭ୍ୟଙ୍କୁ ନେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଏକ ସ୍ଥାନୀୟ ପରିଷଦ ନିଯୁକ୍ତ କରିବେ ଯେଉଁମାନେ ଅପକ୍ଷପାତ, ଶୁଣିବାକୁ ସକ୍ଷମ ଏବଂ ନିରପେକ୍ଷ ଭାବରେ କେଶ୍‌କୁ ବନ୍ଦ କରିବେ । ଯଦି ଆଞ୍ଚଳିକ ଅଧ୍ୟକ୍ଷଙ୍କ ମତରେ, ସଂଖ୍ୟାରେ କମ୍ ଥିବା ମଣ୍ଡଳୀରୁ ୫ ଜଣଙ୍କୁ ମନୋନୀତ କରିବା ପକ୍ଷପାତିତା ହେବ, ତେବେ ଆଞ୍ଚଳିକ ଅଧ୍ୟକ୍ଷ ପାଳକଙ୍କ ସହିତ ଆଲୋଚନା କରି ସେହି ଅଞ୍ଚଳର ଅନ୍ୟାନ୍ୟ ମଣ୍ଡଳୀରୁ ୫ ଜଣ ଅପେଶାଦାରୀ ସଭ୍ୟଙ୍କୁ ନିଯୁକ୍ତ କରି ଶୃଙ୍ଖଳାଗତ ପରିଷଦ ଗଠନ କରିବେ । ଏହି ପରଷଦ ଯଥାଶୀଘ୍ର ଏହି କେଶ୍‌ର ଶୁଣାଣୀ ପରିଚାଳନା କରିବେ । ସାକ୍ଷୀମାନଙ୍କର ସାକ୍ଷ୍ୟ ଶୁଣିବା ଏବଂ ପ୍ରମାଣକୁ ଧ୍ୟାନରେ ରଖି ଶୃଙ୍ଖଳା ପରିଷଦ ଅଭିଯୁକ୍ତଙ୍କୁ ଦୋଷରୁ ମୁକ୍ତ କରିପାରେ କିମ୍ବା ଯେଉଁ ରୂପେ ସତ୍ୟତା ପ୍ରତିଷ୍ଠିତ ହେବ ତା' ପ୍ରତି ପ୍ରଶାସନ ପ୍ରୟୋଗ କରାଯାଇପାରେ । ନିଷ୍ପତ୍ତି ସର୍ବସମ୍ମତ ହେବା ଜରୁରୁ ଅଟେ । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସ୍ଥାନୀୟ ମଣ୍ଡଳୀରେ ଥିବା ତା'ର ସଭ୍ୟ ପଦକୁ ଭର୍ତ୍ସନା, ନିଲମ୍ବନ କିମ୍ବା ବହିଷ୍କାର କରାଯାଇପାରେ । (୫୧୬.୮)

**୬୦୫.୧.** ସ୍ଥାନୀୟ ଶୃଙ୍ଖଳାଗତ ପରିଷଦଠାରୁ ନିଷ୍ପତ୍ତି ଏକ ଅଭିଯୋଗ ଆଞ୍ଚଳିକ ନ୍ୟାୟ ପାଳିକାକୁ ୩୦ ଦିନ ମଧ୍ୟରେ ଅଭିଯୁକ୍ତ ଦ୍ୱାରା କିମ୍ବା ମଣ୍ଡଳୀ ପରିଷଦ ଦ୍ୱାରା ପ୍ରେରଣ କରାଯିବ ।

**୬୦୫.୨.** ଯଦି କୌଣସି ଜଣେ ସାଧାରଣ ସେବାକାରୀ ସଭ୍ୟ ସଭ୍ୟ ପଦରୁ ସ୍ଥାନୀୟ ଶୃଙ୍ଖଳା ପରିଷଦ ଦ୍ୱାର ବହିଷ୍କୃତ ହୁଏ, ତେବେ ସେ ସେହି ଅଞ୍ଚଳର ନାଜରିନ୍ ମଣ୍ଡଳୀ ସହିତ ପୁନଃ ସଂଯୁକ୍ତ ହୋଇପାରେ କେବଳ ଆଞ୍ଚଳିକ ଉପଦେଷ୍ଟା ପରିଷଦର ଅନୁମୋଦନ ଦ୍ୱାରା । ଯଦି ଏହି ବିଷୟ ମଞ୍ଜୁରୀ ପ୍ରାପ୍ତ ହୁଏ, ତେବେ ସେ ମଣ୍ଡଳୀ ସଭ୍ୟମାନଙ୍କର ଗ୍ରହଣ ନିମନ୍ତେ ଅନୁମୋଦନ ଫର୍ମ ବ୍ୟବହାର କରି ସେହି ସ୍ଥାନୀୟ ମଣ୍ଡଳୀରେ ସଭ୍ୟପଦ ଗ୍ରହଣ କରିପାରିବେ । (୨୧, ୨୮-୩୩, ୧୧୨.୧, ୧୧୨.୪, ୭୦୪)

**୬୦୫.୩.** ସାଧାରଣ ସେବାକାରୀ ସଭ୍ୟ ନେତୃତ୍ୱ ଭୂମିକାରେ ପଦରେ ସେବା କରନ୍ତି ସେମାନେ ଏକ ଉଚ୍ଚ ସମ୍ମାନକୁ ଧରି ରଖନ୍ତି । ଯେତେବେଳେ ଅନ୍ୟାୟ ଆଚରଣ ଘଟେ ଏହାର ପ୍ରଭାବ ଅତି ଗୁରୁତର ହୋଇଥାଏ । ଅଳ୍ପ ବୟସ୍କମାନଙ୍କ ସହିତ ବ୍ୟଭିଚାରରେ ଲିପ୍ତ ଥିବା ବ୍ୟକ୍ତି କୌଣସି ଦାୟୀତ୍ୱର ପଦବୀରେ ସେବା କରିବା ପାଇଁ ଅନୁମତି ଦେବା ଉଚିତ ନୁହେଁ କିମ୍ବା ଅଳ୍ପ ବୟସ୍କଙ୍କ ମଧ୍ୟରେ ସେବାକାର୍ଯ୍ୟ କିମ୍ବା ସ୍ଥାନୀୟ ମଣ୍ଡଳୀରେ ନେତୃତ୍ୱ ପଦବୀରେ ନିର୍ବାଚିତ କିମ୍ବା ନିଯୁକ୍ତି ଦେବା ଉଚିତ ନୁହେଁ । ୧୮ ବର୍ଷରୁ କମ୍ ବୟସ ଥିବା ପିଲାମାନଙ୍କୁ ନାବାଳକ କିମ୍ବା ନାବାଳିକା ବୋଲି ଧାର୍ଯ୍ୟ କରାଯାଏ । (୫୦୩.୧)

## (୫) ଏକ ଯାଜକୀୟ ସଭ୍ୟଙ୍କ ବିବାଦୀୟ ଆପତ୍ତିର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**୬୦୬.** ନାଜରିନ୍ ମଣ୍ଡଳୀର ଚିର ସ୍ଥାୟୀତ୍ୱ ଏବଂ ପ୍ରଭାବଶାଳୀ, ଯାଜକୀୟ ଶ୍ରେଣୀ ସଭ୍ୟର ଜୀବନର ବ୍ୟବହାର, ଚରିତ୍ର ଏବଂ ଆଧ୍ୟାତ୍ମିକ ଯୋଗ୍ୟତା ଉପରେ ଅଧିକ ଭାବେ ନିର୍ଭର କରେ । ଯାଜକୀୟ ସଭ୍ୟମାନଙ୍କଠାରୁ ଏକ ଉଚ୍ଚ ଆହ୍ୱାନ

ଏବଂ କାର୍ଯ୍ୟ ଆକାଂକ୍ଷା କରାଯାଏ ଯେପରି ସେମାନେ ବ୍ୟକ୍ତିଗତ ଭାବରେ ଦାୟୀତ୍ୱ ପ୍ରାପ୍ତ ହୋଇଅଛନ୍ତି, ଯାହାଠାରେ ମଣ୍ଡଳୀ ଆଶା ପ୍ରକଟ କରିଥାଏ । ଯେଉଁମାନଙ୍କଠାରେ ସେମାନେ ସେବା କରନ୍ତି ସେମାନଙ୍କ ପ୍ରତି ଉଚ୍ଚମାନରେ ସେବା କରିବେ ବୋଲି ଜ୍ଞାତ ହୋଇ ସେହି ଆହ୍ୱାନ ଗ୍ରହଣ କରନ୍ତି । ଯେହେତୁ ସେମାନଙ୍କଠାରେ ଏକ ଉଚ୍ଚ ଆଶା ପ୍ରକଟ କରାଯାଏ । ତେଣୁ ଯାଜକୀୟ ସଭ୍ୟମାନେ ଏବଂ ସେମାନଙ୍କର ସେବାକାର୍ଯ୍ୟ ଅନ୍ୟାୟ ଆଚରଣର ଅଭିଯୋଗ ପ୍ରତି ଦୁର୍ବଳ ଅଟେ ।

**୬୦୬.୧.** ଯଦି ଜଣେ ଯାଜକୀୟ ଶ୍ରେଣୀ ସଭ୍ୟ, ସେବକ ହୋଇ ନ ଥିବା ପରି ଆଚରଣରେ ଅଭିଯୁକ୍ତ ହୁଅନ୍ତି କିମ୍ବା ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତର ବିପରୀତରେ ଶିକ୍ଷା ଦିଅନ୍ତି, ତେବେ ସେହି ଅଭିଯୋଗ ନାଜରିନ୍ ମଣ୍ଡଳୀର ସେହି ସମୟର ୨ ଜଣ ଉତ୍ତମ ସମ୍ମାନନୀୟ ସଭ୍ୟଙ୍କ ଦ୍ୱାରା ଲିଖିତ ଭାବରେ ଉପସ୍ଥାପନ କରାହେବ । ବ୍ୟଭିଚାରଜନିତ ଅଭିଯୋଗରେ ଏପରି କୌଣସି ବ୍ୟକ୍ତି ସ୍ୱାକ୍ଷର କରିବେ ନାହିଁ ଯେ ଅନ୍ୟାୟ ଆଚରଣ ଆରୋପିତରେ ଭାଗ/ଅଂଶୀ ହେବାକୁ ସମ୍ମତ ହୁଅନ୍ତି । ଏହି ଲିଖିତ ଅଭିଯୋଗ ଆଞ୍ଚଳିକ ଅଧ୍ୟକ୍ଷଙ୍କଠାରେ ଦାଖଲ କରିବାକୁ ହେବ, ଯେ ଏହାକୁ ଆଞ୍ଚଳିକ ଉପଦେଷ୍ଟା ପରିଷଦରେ ଉପସ୍ଥାପନ କରିବେ ଯେଉଁଠାରେ ଅଭିଯୁକ୍ତଙ୍କର ସେବକୀୟ ସଭ୍ୟପଦ ରହିଥିବ । ଏହି କ୍ଷେତ୍ରରେ ଅଭିଯୋଗ ରେକର୍ଡ଼ର ଏକ ଅଂଶ ହୋଇ ରହିବ ।

ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅଭିଯୁକ୍ତଙ୍କୁ ଲିଖିତ ନୋଟିସ୍ ପ୍ରଦାନ କରିବେ ଯେ ଅଭିଯୋଗ ଦାଖଲ କରାଗଲା, ଅଭିଯୁକ୍ତ ଏବଂ ତାଙ୍କର ପରାମର୍ଶଦାତା ଅଭିଯୋଗକୁ ସମୀକ୍ଷା କରିବାକୁ ଅଧିକାର ପ୍ରାପ୍ତ ହେବେ ଏବଂ ତାହର ଲିଖିତ ନକଲ ତୁରନ୍ତ ପ୍ରାପ୍ତ ହେବା ପାଇଁ ଅନୁରୋଧ କରିବେ । (୫୪୦.୪, ୫୪୦.୯, ୫୪୦.୧୨)

**୬୦୬.୨.** ଜଣେ ଯାଜକୀୟ ଶ୍ରେଣୀ ସଭ୍ୟ ବିରୁଦ୍ଧରେ ଏକ ଅଭିଯୋଗ ଉପରେ ଜଣେ ବ୍ୟକ୍ତିର ସ୍ୱାକ୍ଷର ଦ୍ୱାରା ପ୍ରମାଣିତ ହୁଏ ଯେ ସ୍ୱାକ୍ଷରକାରୀର ସଠିକ୍ ଜ୍ଞାନରେ,

ତଦନ୍ତ ଉତ୍ତାରେ ଏହି ସୂଚନା ପ୍ରାପ୍ତ ହୁଏ ଯେ ଅଭିଯୋଗଟି ପୂର୍ଣ୍ଣ ସତ୍ୟତାରେ ଗୁନ୍ଥା ହୋଇଛି । (୫୪୦.୪, ୫୪୦.୧୨)

***୬୦୬.୩.*** ଯେତେବେଳେ ଅଭିଯୋଗ ଆଞ୍ଚଳିକ ଅଧ୍ୟକ୍ଷଙ୍କଠାରେ ଦାଖଲ କରାଯାଏ ଏବଂ ଆଞ୍ଚଳିକ ଅଧ୍ୟକ୍ଷ, ଆଞ୍ଚଳିକ ଉପଦେଷ୍ଟା ପରିଷଦକୁ ପ୍ରଦାନ କରନ୍ତି, ଆଞ୍ଚଳିକ ପରିଷଦ ତିନିଜଣ କିମ୍ବା ଅଧିକ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକ ଏବଂ ଦୁଇଜଣ ଅପେଶାଦାରୀ ସଭ୍ୟଙ୍କୁ ନେଇ ଏକ କମିଟି ନିଯୁକ୍ତ କରିବେ ଯେପରି ସତ୍ୟତା ଓ କେଉଁ ପରିସ୍ଥିତି ଏଥିରେ ସମ୍ପୃକ୍ତ ତାହା ତଦନ୍ତ କରି ଲିଖିତ ଭାବରେ କମିଟିର ଅଧିକ ସଂଖ୍ୟାର ସଭ୍ୟଙ୍କ ଦ୍ୱାରା ସ୍ୱାକ୍ଷର କରି ରିପୋର୍ଟ କରିବେ । କମିଟି ରିପୋର୍ଟକୁ ବିଚାର କରିବା ଉତ୍ତାରେ ଯଦି ନିର୍ଣ୍ଣୟ କରାଗଲା ଯେ ଏହା ଦଣ୍ଡ ପାଇବାର ଯୋଗ୍ୟ ତେବେ ସେହି ଦଣ୍ଡ ବିଧାନ ଉପରେ ଯେକୌଣସି ଦୁଇଜଣ ଅଭିଷିକ୍ତ ସେବକଙ୍କ ସ୍ୱାକ୍ଷର ଆବଶ୍ୟକ । ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅଭିଯୁକ୍ତକୁ ଏ ବିଷୟରେ ନୋଟିସ୍ କରିବେ । ଅଭିଯୁକ୍ତ ଏବଂ ତାଙ୍କର ପରାମର୍ଶଦାତା ସେହି ଦଣ୍ଡକୁ ସମୀକ୍ଷା କରିବେ । (୨୨୫.୩)

***୬୦୬.୪.*** ଯଦି ତଦନ୍ତ କରିବା ଉତ୍ତାରେ ଏହା ଜଣାଗଲା ଯେ ଯାଜକୀୟ ସଭ୍ୟଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଅଟେ ତେବେ ଯେଉଁମାନେ ସ୍ୱାକ୍ଷର ସହିତ ଅଭିଯୋଗ କରିଛନ୍ତ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବ ।

***୬୦୬.୫.*** କୌଣସି ଭାବରେ ଦଣ୍ଡଗୁଡ଼ିକ ଦାଖଲ କରାଗଲା, ଆଞ୍ଚଳିକ ଉପଦେଷ୍ଟା ପରିଷଦ ୫ ଜଣ ଅଭିଷିକ୍ତ ସେବକ ଏବଂ ଦୁଇଜଣ ଅପେଶାଦାରୀ ସଭ୍ୟଙ୍କୁ ନେଇ ଏକ କମିଟି ନିଯୁକ୍ତ କରିବେ ଯେପରି ଅଞ୍ଚଳ କେଶ୍‌କୁ ଶୁଣିବ ଏବଂ ବିଷୟଗୁଡ଼ିକୁ ଧାର୍ଯ୍ୟ କରିବ । ଏହି ବ୍ୟକ୍ତିମାନଙ୍କର ସାମ୍ବିଧାନିକ ନାମ ହେବ ଆଞ୍ଚଳିକ ଶୃଙ୍ଖଳାର ପରିଷଦ ଯେଉଁମାନେ କେଶ୍‌ର ଶୁଣାଣିକୁ ପରିଚାଳନା କରିବେ ଏବଂ ମଣ୍ଡଳୀର ନିୟମ ଅନୁଯାୟୀ କେଶ୍‌କୁ ସମାପ୍ତ କରିବେ । କୌଣସି ଆଞ୍ଚଳିକ ଅଧ୍ୟକ୍ଷ ଏହି ଶୁଣାଣୀ ସମୟରେ, ଅଭିଷିକ୍ତ ସେବକଙ୍କର କିମ୍ବା ଅଧିକାରପତ୍ରଧାରୀ

ସେବକର ସାହାଯ୍ୟକାରୀ ଓକିଲ ହୋଇପାରିବେ ନାହିଁ । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଅନ୍ତର୍ଭୁକ୍ତ ଥିବା ବିଷୟ ଯଥା: ଅନୁତାପ, ସ୍ୱୀକାର, ପ୍ରତ୍ୟାର୍ପଣ, ନିଲମ୍ବନ, କୃତିତ୍ୱ ପତ୍ର କାଢ଼ି ନିଆଯିବାକୁ ଅନୁମୋଦନ, ମଣ୍ଡଳୀର ସଭ୍ୟପଦରୁ ଏବଂ ସେବାରୁ ବହିଷ୍କାର – (୨୨୫.୪, ୫୪୦.୪, ୫୪୦.୧୨, ୬୦୬.୧୧-୬୦୬.୧୨) ।

**୬୦୬.୬.** ଯଦି ଅଭିଯୁକ୍ତ କିମ୍ବା ଆଞ୍ଚଳିକ ଉପଦେଷ୍ଟା ପରିଷଦ ଅନୁରୋଧ କରନ୍ତି ତେବେ ଶୃଙ୍ଖଳାର ପରିଷଦ, ପ୍ରାଦେଶିକ ଶୃଙ୍ଖଳାର ପରିଷଦ ହୋଇଯିବ । ଅଞ୍ଚଳର ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ କେଶ୍ ନିମନ୍ତେ ପ୍ରାଦେଶିକ ପରିଷଦ ନିଯୁକ୍ତ ହେବ ଯେ ଅଞ୍ଚଳରେ ଅଭିଯୁକ୍ତ ସେବକଙ୍କ ସଭ୍ୟ ପଦ ରହିଛି ।

**୬୦୬.୭.** ପର୍ଯ୍ୟାୟ – ୧ ଅଞ୍ଚଳ ଦ୍ୱାରା ଏକ ମିଶନାରୀ ବିରୁଦ୍ଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

**୬୦୬.୮.** ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ସର୍ବସମ୍ମତିକ୍ରମେ ସମସ୍ତଙ୍କ ଦ୍ୱାରା ସ୍ୱାକ୍ଷରର ଆବଶ୍ୟକ ଏବଂ ତହିଁରେ ପ୍ରତ୍ୟେକ ଦୋଷାରୋପ ନିମନ୍ତେ "ସତ୍ୟତା ଅଛି" କିମ୍ବା "ସତ୍ୟତା ନାହିଁ" ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ ନାହିଁ ।

**୬୦୬.୯.** ଦଣ୍ଡ ଶୁଣିବାକୁ, ଯେଉଁ ଅଞ୍ଚଳରେ ଦଣ୍ଡ ଦାଖଲ ହୋଇଅଛି ପରିଷଦ ଦ୍ୱାରା ସେହି ଅଞ୍ଚଳର ସ୍ଥିର କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଶୁଣାଣିର ବ୍ୟବସ୍ଥା ଆୟୋଜନ କରାଯିବ ।

**୬୦୬.୧୦.** ପ୍ରଣାଳୀର ନିୟମ ଅନୁଯାୟୀ ଶୁଣାଣି ହେବ । (୨୨୫.୩-୨୨୫-୪, ୫୩୨.୯, ୫୩୮.୧୩, ୬୦୯)

**୬୦୬.୧୧.** ଯେତେବେଳେ ଜଣେ ସେବକ ତା'ର ଦୋଷ ସ୍ୱୀକାର କରିବ ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ପାରା ୬୦୬.୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ (୫୪୦.୪, ୫୪୦.୧୨) ।

**୬୦୬.୧୨.** ଯେବେ ଜଣେ ସେବକ ଅନ୍ୟାୟ ଆଚରଣର ଅଭିଯୁକ୍ତ ଅଟନ୍ତି ଏବଂ ଶୃଙ୍ଖଳା ପରିଷଦରେ ସୂଚନା ଦେବା ପୂର୍ବରୁ ତାଙ୍କର ଦୋଷ ସ୍ୱୀକାର କରନ୍ତି, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ପାରା ୬୦୫.୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

**୬୦୭.** ଶୃଙ୍ଖଳା ନିଷ୍ପତ୍ତି ଉତ୍ତାରେ, ଅଭିଯୁକ୍ତ, ଆଞ୍ଚଳିକ ଉପଦେଷ୍ଟା ପରିଷଦ କିମ୍ବା ଅଭିଯୋଗରେ ଯେଉଁମାନେ ସ୍ୱାକ୍ଷର କରିଛନ୍ତି ପ୍ରାଦେଶିକ ନ୍ୟାୟ ପାଳିକାରେ ପୁନର୍ବାର ବିଚାର ପାଇଁ ଆବେଦନ କରିବାକୁ ଅଧିକାର ପ୍ରାପ୍ତ ହେବେ । ନିଷ୍ପତ୍ତିର ୩୦ ଦିନ ଉତ୍ତାରେ ଆବେଦନ କାର୍ଯ୍ୟ ଆରମ୍ଭ ହେବ ଏବଂ ନ୍ୟାୟାଳୟ କେଶ୍ର ସମସ୍ତ ରେକର୍ଡକୁ ଏବଂ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ସମୀକ୍ଷା କରିବେ । ଯଦି ନ୍ୟାୟାଳୟ କୌଣସି ବ୍ୟକ୍ତିର ଅଧିକାର ପ୍ରତି ପ୍ରକୃତ ତ୍ରୁଟି ଖୋଜି ବାହାର କରିବ, ତେବେ ନୂତନ ଶୁଣାଣି ଦ୍ୱାରା ସେହି ବ୍ୟକ୍ତିକୁ ଆଶ୍ୱସ୍ତି ପ୍ରଦାନ କରାଯିବ ।

**୬୦୮.** ଯେତେବେଳେ ଶୃଙ୍ଖଳା ପରିଷଦର ନିଷ୍ପତ୍ତି ଅଭିଯୁକ୍ତ ସେବକ ପ୍ରତି ପ୍ରତିକୂଳ ହୁଏ ଏବଂ ସେବାକାର୍ଯ୍ୟରୁ ନିଲମ୍ବନ ଏବଂ କୃତିତ୍ୱ ପତ୍ରର ଉଦ୍ଧାକରଣ ନିମନ୍ତେ ନିଷ୍ପତ୍ତି ହୁଏ, ତେବେ ସେବକ, ସେବକୀୟ ସମସ୍ତ କାର୍ଯ୍ୟରୁ ତୁରନ୍ତ ନିଲମ୍ବିତ ହେବେ ।

**୬୦୮.୧.** ଯେତେବେଳେ ଶୃଙ୍ଖଳା ପରିଷଦର ନିଷ୍ପତ୍ତି କୃତିତ୍ୱ ପତ୍ରର ନିଲମ୍ବନ ନିମନ୍ତେ କିମ୍ବା ବାଜ୍ୟାପ୍ତ ନିମନ୍ତେ ହୁଏ ଏବଂ ଅଭିଯୁକ୍ତ ସେବକ ଆବେଦନ କରିବାକୁ ଆଗ୍ରହ କରନ୍ତି, ତେବେ ସେ ନ୍ୟାୟାଳୟର ସମ୍ପାଦକଙ୍କୁ ଆବେଦନ କରିପାରିବେ ଯେଉଁଠାରେ ପୂର୍ବରୁ ଆବେଦନ ହୋଇଥିଲା ।

**୬୦୮.୨.** ଆନ୍ତର୍ଜାତିକ ଆବେଦନ ନ୍ୟାୟାଳୟ ପ୍ରତି ପ୍ରାଦେଶିକ ବିଚାରାଳୟର ନିଷ୍ପତ୍ତିକୁ ଅଭିଯୁକ୍ତ କିମ୍ବା ଶୃଙ୍ଖଳା ପରିଷଦଙ୍କ ଦ୍ୱାରା ଆବେଦନ କରାଯାଇ ପାରିବ ।

## (୬) ପ୍ରଣାଳୀର ନିୟମଗୁଡ଼ିକ

**୬୦୯.** ଅଭିଯୋଗର ବିଚାରାଳୟ ଏବଂ ଶୃଙ୍ଖଳାର ପରିଷଦ ପୂର୍ବରୁ ଆନ୍ତର୍ଜାତିକ ଅଭିଯୋଗର ନ୍ୟାୟାଳୟ ଅନୁରୂପ ସମସ୍ତ ପ୍ରଶାସନିକ ନିୟମର କାର୍ଯ୍ୟପନ୍ଥା ଗ୍ରହଣ କରିବ । ଏହି ନିୟମ ଗ୍ରହଣ କରିବା ଉତ୍ତାରେ ଏବଂ ଛପା ହେବା ଉତ୍ତାରେ ସେଗୁଡ଼ିକ ସମସ୍ତ ବିଚାରାଳୟ କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ଅନ୍ତିମ ଅଧିକାରୀ ହେବ । ଛପାଯାଇଥିବା ପ୍ରଣାଳୀର ନିୟମଗୁଡ଼ିକ ଆନ୍ତର୍ଜାତିକ ସମ୍ପାଦକଙ୍କ ଦ୍ୱାରା ଯୋଗାଇ ଦିଆଯିବ । ଏହି ନିୟମଗୁଡ଼ିକର ପରିବର୍ତ୍ତନ କିମ୍ବା ସଂଶୋଧନ ଆନ୍ତର୍ଜାତିକ ନ୍ୟାୟପାଳିକା ଦ୍ୱାରା ଯେକୌଣସି ସମୟରେ ଗ୍ରହଣ କରାଯାଇପାରିବ ଏବଂ ଏହି ନିୟମକୁ ଯେତେବେଳେ ଗ୍ରହଣ କରାଯାଇ ଛପାଯିବ ସେଗୁଡ଼ିକ ସମସ୍ତ କ୍ଷେତ୍ରରେ ପ୍ରଭାବଶାଳୀ ଏବଂ ଅଧିକାରୀ ହୋଇପାରିବେ । (୬୦୬.୧)

## (୭) ଆଞ୍ଚଳିକ ନ୍ୟାୟପାଳିକା

**୬୧୦.** ପ୍ରତ୍ୟେକ ଅଞ୍ଚଳରେ ଏକ ଆଞ୍ଚଳିକ ନ୍ୟାୟପାଳିକା ରହିବ । ସେଥିରେ ପାରା ୨୦୫.୨୨ ଅନୁଯାୟୀ ଆଞ୍ଚଳିକ ଅଧକ୍ଷଙ୍କ ସହ ସମ୍ମିଳନୀ ଦ୍ୱାରା ନିର୍ବାଚିତ ହୋଇଥିବା ଦୁଇଜଣ ଅପେଶାଦାରୀ ସଭ୍ୟ ଏବଂ ତିନିଜଣ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକମାନେ ରହିବେ । ଏହି ନ୍ୟାୟପାଳିକା ସ୍ଥାନୀୟ ଶୃଙ୍ଖଳା ପରିଷଦର ଯେକୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ମଣ୍ଡଳୀ ସଭ୍ୟମାନଙ୍କଠାରୁ ଅଭିଯୋଗ ଶୁଣିବ । କାର୍ଯ୍ୟାନୁଷ୍ଠାନର ୩୦ ଦିନ ମଧ୍ୟରେ ଅଭିଯୋଗର ନୋଟିସ୍ ଲିଖିତ ଭାବରେ ଦେବା ଆବଶ୍ୟକ । ଏହି ନୋଟିସ୍ ଆଞ୍ଚଳିକ ନ୍ୟାୟପାଳିକାକୁ ପ୍ରେରଣ କରାଯିବ ଏବଂ ଏହାର ଏକ ନକଲ ସ୍ଥାନୀୟ ମଣ୍ଡଳୀର ପାଳକଙ୍କୁ ଏବଂ ମଣ୍ଡଳୀ ପରିଷଦର ସମ୍ପାଦକଙ୍କୁ ପ୍ରେରଣ କରାଯିବ । (୨୦୫.୨୨)

**୬୧୦.୧.** ଆଞ୍ଚଳିକ ନ୍ୟାୟପାଳିକା, ଏକ ଅପେଶାଦାରୀ ସଭ୍ୟଙ୍କୁ ଶୃଙ୍ଖଳିତ କରିବା ନିମନ୍ତେ ନିଯୁକ୍ତ ହୋଇଥିବା ଶୃଙ୍ଖଳା ପରିଷଦର କାର୍ଯ୍ୟାନୁଷ୍ଠାନ ବିଷୟରେ

ମଣ୍ଡଳୀ ଏବଂ ଅପେଶାଦାରୀ ସଭ୍ୟଙ୍କଠାରୁ ସମସ୍ତ ଅଭିଯୋଗ ଶୁଣିବ ଏବଂ ନିଷ୍ପତ୍ତି ନେବ ।

## (୮) ଆନ୍ତର୍ଜାତିକ ନ୍ୟାୟପାଳିକା

**୬୧୧.** ପ୍ରତି ୪ ବର୍ଷ ନିମନ୍ତେ ଆନ୍ତର୍ଜାତିକ ସମ୍ମିଳନୀ ୫ ଜଣ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକମାନଙ୍କୁ ଆନ୍ତର୍ଜାତିକ ନ୍ୟାୟପାଳିକାରେ ସେବା କରିବାକୁ ନିର୍ବାଚିତ କରିବେ । ଯେପର୍ଯ୍ୟନ୍ତ ସେମାନଙ୍କର ଉତ୍ତରାଧିକାରୀ ନିର୍ବାଚିତ କିମ୍ବା ଯୋଗ୍ୟ ନ ହୋଇଛନ୍ତି । ଏହି ନ୍ୟାୟପାଳିକାଠାରେ ନିମ୍ନଲିଖିତ ବିଧିସଙ୍ଗତ କ୍ଷମତା ରହିବ:

**୬୧୧.୧.** ପ୍ରାଦେଶିକ ନ୍ୟାୟ ପାଳିକା କିମ୍ବା ଆଞ୍ଚଳିକ ଶୃଙ୍ଖଳ ପରିଷଦର ନିଷ୍ପତ୍ତି କିମ୍ବା କାର୍ଯ୍ୟାନୁଷ୍ଠାନରୁ ସମସ୍ତ ଅଭିଯୋଗ ଶୁଣିବ ଏବଂ ଧାର୍ଯ୍ୟ କରିବ । (୩୦୫.୭)

**୬୧୨.** ଆନ୍ତର୍ଜାତିକ ସମ୍ମିଳନୀର ମଧ୍ୟବର୍ତ୍ତୀ କାଳରେ ଆନ୍ତର୍ଜାତିକ ନ୍ୟାୟପାଳିକାରେ ହେଉଥିବା ଖାଲି ସ୍ଥାନ ଆନ୍ତର୍ଜାତିକ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ନିଯୁକ୍ତିରେ ପୂରଣ ହେବ । (୩୧୭.୬)

**୬୧୩.** ଆନ୍ତର୍ଜାତିକ ନ୍ୟାୟପାଳିକା ସଭ୍ୟମାନେ, ମଣ୍ଡଳୀର ଆନ୍ତର୍ଜାତିକ ପରିଷଦର ସଭ୍ୟମାନଙ୍କ ସହିତ ସମାନ ଅଟନ୍ତି, ଯେତେବେଳେ ସେମାନେ ନ୍ୟାୟପାଳିକାରେ କାର୍ଯ୍ୟ କରନ୍ତି ସେମାନଙ୍କୁ ନିର୍ଦ୍ଦିଷ୍ଟ ଭତ୍ତା ଆନ୍ତର୍ଜାତିକ କୋଷାଧ୍ୟକ୍ଷଙ୍କ ଦ୍ୱାରା ପ୍ରଦାନ କରାଯିବ ।

**୬୧୪.** ଆନ୍ତର୍ଜାତିକ ନ୍ୟାୟପାଳିକାର ସମସ୍ତ ନିଷ୍ପତ୍ତି ଏବଂ ସମସ୍ତ ସ୍ଥାୟୀ ରେକର୍ଡ ଆନ୍ତର୍ଜାତିକ ସମ୍ପାଦକଙ୍କ ହେପାଜତରେ ରହିବ । (୩୨୬.୪)

## (୯) ପ୍ରାଦେଶିକ ନ୍ୟାୟପାଳିକା

**୬୧୫.** ପ୍ରତ୍ୟେକ ପ୍ରଦେଶରେ ପ୍ରାଦେଶିକ ନ୍ୟାୟପାଳିକା ହେବା ଆବଶ୍ୟକ । ପ୍ରତ୍ୟେକ ଆନ୍ତର୍ଜାତିକ ସମ୍ମିଳନୀ ଉତ୍ତାରେ ପ୍ରଧାନ ଅଧ୍ୟକ୍ଷଙ୍କ ଦ୍ୱାରା ୫ ଜଣ କିମ୍ବା ତତୋଧିକ ଦାୟୀତ୍ୱରେ ଥିବା ଅଭିଷିକ୍ତ ସେବକମାନଙ୍କୁ ପ୍ରାଦେଶିକ ନ୍ୟାୟପାଳିକା ନିମନ୍ତେ ନିର୍ବାଚିତ କରାଯାଇଥାଏ । ଏଥିର ଖାଲି ସ୍ଥାନକୁ ପ୍ରଧାନ ଅଧ୍ୟକ୍ଷଙ୍କ ପରିଷଦ ଦ୍ୱାରା ପୂରଣ କରାଯାଏ ।

## (୧୦) ଅଧିକାରଗୁଡ଼ିକର ନିଶ୍ଚିତତା

**୬୧୬.** କୌଣସି ସେବକ କିମ୍ବା ଅପେଶାଦାରୀ ସଭ୍ୟ ବିରୁଦ୍ଧରେ ଅଭିଯୋଗଗୁଡ଼ିକର ଶୁଣାଣି ନିରପେକ୍ଷ ଏବଂ ସ୍ୱଚ୍ଛ ହେବା ଉଚିତ ଏବଂ ଏହାକୁ ଅକାରଣରେ ପରବର୍ତ୍ତୀ ସମୟକୁ ଘୁଞ୍ଚା ଯାଇପାରିବ ନାହିଁ । ଲିଖିତ ଅଭିଯୋଗ ଶୁଣାଣିର ପୂର୍ବରୁ ଦେବା ଆବଶ୍ୟକ ଯେପରି ନିର୍ଦ୍ଦୋଷ ବ୍ୟକ୍ତି ମୁକ୍ତିପ୍ରାପ୍ତ ହେବ ଏବଂ ଦୋଷୀ ବ୍ୟକ୍ତି ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ ମଧ୍ୟକୁ ଅଣାଯିବ ।

**୬୧୬.୧.** ଆନ୍ତର୍ଜାତିକ ନ୍ୟାୟପାଳିକାକୁ ଏକ ଅଭିଯୋଗର ଉଦ୍ଦେଶ୍ୟ ନିମନ୍ତେ ବିଚାର ସମୟରେ ଦିଆଯାଇଥିବା ସମସ୍ତ ସ୍ୱାକ୍ଷର ଏକ ଅବିକଳ ଆକ୍ଷରିକ ଲିଖିତ ନକଲ ସହିତ ଏକ ସେବକ ନିମନ୍ତେ କେଶ୍ ରେକର୍ଡ ପ୍ରସ୍ତୁତ କରିବାର ଖର୍ଚ୍ଚ ଅଞ୍ଚଳ ଦ୍ୱାରା ବହନ କରାଯିବ ଯେଉଁଠାରେ ଶୁଣାଣି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

ଆଞ୍ଚଳିକ ନ୍ୟାୟପାଳିକାକୁ ଅଭିଯୋଗର ଉଦ୍ଦେଶ୍ୟ ନିମନ୍ତେ ବିଚାର ସମୟରେ ଦିଆଯାଇଥିବା ସମସ୍ତ ସ୍ୱାକ୍ଷର ଏକ ଅବିକଳ ଆକ୍ଷରିକ ଲିଖିତ ନକଲ ସହିତ ଏକ ଅପେଶାଦାରୀ ସଭ୍ୟ ନିମନ୍ତେ କେଶ୍ ରେକର୍ଡ ପ୍ରସ୍ତୁତ କରିବାର ଖର୍ଚ୍ଚ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ବହନ କରାଯିବ ଯେଉଁଠାରେ ଶୁଣାଣି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା ।

**୬୧୬.୨.** ଏକ ସେବକ ନିମନ୍ତେ ଅଭିଯୋଗ କରିବାକୁ ଆନ୍ତର୍ଜାତିକ ନ୍ୟାୟପାଳିକା ସର୍ବୋଚ୍ଚ ନ୍ୟାୟାଳୟ ଅଟେ ଏବଂ ଏକ ଅପେଶାଦାରୀ ବ୍ୟକ୍ତି ନିମନ୍ତେ ଅଭିଯୋଗ କରିବାକୁ ଆଞ୍ଚଳିକ ନ୍ୟାୟପାଳିକା ସର୍ବୋଚ୍ଚ ନ୍ୟାୟାଳୟ ଅଟେ ।

**୬୧୬.୩.** ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତ (Manual)କୁ ଲଙ୍ଘନ କରିଥିବା କିମ୍ବା ଅନ୍ୟାୟ ଆଚରଣରେ ଅଭିଯୁକ୍ତ କୌଣସି ସେବକ କିମ୍ବା ଅପେଶାଦାରୀ ବ୍ୟକ୍ତି ଯାହା ବିରୁଦ୍ଧରେ ଅଭିଯୋଗ ପଡ଼ି ରହିଛି ସେ ପୁନଃ ତର୍ଜମା କରିବାକୁ ତା'ର ଅଭିଯୋଗକାରୀର ସମ୍ମୁଖାସମ୍ମୁଖୀ ହେବାର ଅଧିକାର ଅଛି ଯେପରି ବିଚାର ନିମନ୍ତେ ସାକ୍ଷ୍ୟ ପ୍ରମାଣିତ ହୁଏ ।

**୬୧୬.୪.** ଶୃଙ୍ଖଳା ପରିଷଦ ସମ୍ମୁଖରେ କୌଣସି ସାକ୍ଷୀର ସାକ୍ଷ୍ୟ ପ୍ରମାଣ ବୋଲି ଗ୍ରହଣ କରାଯିବ ନାହିଁ ଯେପର୍ଯ୍ୟନ୍ତ ସେହି ସାକ୍ଷ୍ୟ, ଶପଥ କିମ୍ବା ଔପଚାରିକ ଦୃଢ଼ ଘୋଷଣା ଅଧିନରେ ପ୍ରଦାନ କରା ନ ଯାଇଛି ।

**୬୧୬.୫.** କୌଣସି ସେବକ କିମ୍ବା ଅପେଶାଦାରୀ ବ୍ୟକ୍ତି ଯେଉଁମାନଙ୍କୁ ଅଭିଯୋଗର ଉତ୍ତର ଦେବା ନିମନ୍ତେ ଶୃଙ୍ଖଳା ପରିଷଦ ସମ୍ମୁଖକୁ ଅଣାଯାଇଅଛି, ସେମାନେ ସର୍ବଦା ମନୋନୀତ କରିଥିବା ଆଇନ୍ ପରାମର୍ଶଦାତାଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବାର ଅଧିକାର ଅଛି, ମାତ୍ର ସେହି ଆଇନ୍ ପରାମର୍ଶଦାତା ନାଜରିନ୍ ମଣ୍ଡଳୀର ଜଣେ ଉତ୍ତମ ମାନର ସଭ୍ୟ ହୋଇଥିବେ । ଯେ ଏକ ପ୍ରତିଷ୍ଠିତ ମଣ୍ଡଳୀରେ ପୂର୍ଣ୍ଣ ସଭ୍ୟ ହୋଇଥିବେ ଏବଂ ତାହାଙ୍କ ବିରୁଦ୍ଧରେ କୌଣସି ଲିଖିତ ଅଭିଯୋଗ ନ ଥିବ ସେହି ବ୍ୟକ୍ତି ଜଣେ ଉତ୍ତମ ମାନର ସଭ୍ୟ ବୋଲି ବିବେଚନା କରାଯିବ ।

**୬୧୬.୬.** କୌଣସି ସେବକ କିମ୍ବା ଅପେଶାଦାରୀ ବ୍ୟକ୍ତି ୫ ବର୍ଷ ପୂର୍ବରୁ ଅଭିଯୋଗର ଉତ୍ତର ଦେବା ଆବଶ୍ୟକ ନୁହେଁ । ଏହିପରି ଅଭିଯୋଗ ଦାଖଲ କରିବା ପୂର୍ବରୁ, କୌଣସି ପ୍ରମାଣ ଗ୍ରହଣୀୟ ହେବ ନାହିଁ କୌଣସି ଘଟଣାରେ ଯାହା ୫ ବର୍ଷ ପୂର୍ବରୁ ଦାଖଲ ହୋଇଥିବ ।

ଯଦି ଜଣେ ସେବକ ବିଚାରଳୟଦ୍ୱାରା ଘୋର ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେ ତାଙ୍କର କୃତିତ୍ୱ ପତ୍ରକୁ ଆଞ୍ଚଳିକ ଅଧ୍ୟକ୍ଷଙ୍କୁ ସମର୍ପଣ କରିବେ । ସେବକଙ୍କ ଅନୁରୋଧ କ୍ରମେ ଏବଂ ପୂର୍ବରୁ ଶୃଙ୍ଖଳା ପରିଷଦ ଏହା ମଧ୍ୟରେ ସଂପୃକ୍ତ ହୋଇ ନାହିଁ, ତେବେ ଆଞ୍ଚଳିକ ଉପଦେଷ୍ଟା ପରିଷଦ ଦଣ୍ଡାଜ୍ଞାର ପରିସ୍ଥିତିକୁ ସମୀକ୍ଷା କରିବ ଏବଂ ଯଦି ଉଚିତ୍ ମନେ କରାଯାଏ ତେବେ କୃତିତ୍ୱ ପତ୍ରକୁ ପୁନର୍ବାର ସେବକଙ୍କୁ ପ୍ରଦାନ କରାଯିବ ।

**୬୧୬.୭.** ସମାନ ବେଆଇନ୍ କାର୍ଯ୍ୟ ନିମନ୍ତେ ବିପଦରେ ଜଣେ ସେବକଙ୍କୁ କିମ୍ବା ଅପେଶାଦାରୀ ବ୍ୟକ୍ତିଙ୍କୁ ଦୁଇଥର ଉପସ୍ଥାପନ କରାଯାଇପାରିବ ନାହିଁ । ଏହା ଗ୍ରହଣ କରାଯିବ ନାହିଁ ଯେହେତୁ ସେହି ବ୍ୟକ୍ତି ପୂର୍ବରୁ କୌଣସି ଏକ ଶୁଣାଣିରେ ଉପସ୍ଥିତ ହୋଇଥିଲା ଯେଉଁଠାରେ ନ୍ୟାୟପାଳିକା ଜାଣିପାରେ ଯେ ଶୃଙ୍ଖଳା ପରିଷଦ ସମ୍ମୁଖରେ ମୂଳ କାର୍ଯ୍ୟପନ୍ଥାରେ ସେ ବିପରୀତ ତ୍ରୁଟି କରିଥିଲା ।

# ଭାଗ – ୮

# ପବିତ୍ର ବିଧି ଏବଂ ପବିତ୍ର କ୍ରିୟା ପଦ୍ଧତି

- ପ୍ରଭୁଭୋଜ
- ବିଶ୍ୱାସୀମାନଙ୍କର ବାପ୍ତିସ୍ମ
- ଶିଶୁ କିମ୍ବା କିଶୋର ଅବସ୍ଥାରେ ଥିବା ସନ୍ତାନମାନଙ୍କ ବାପ୍ତିସ୍ମ
- ଶିଶୁ କିମ୍ବା କିଶୋର ଅବସ୍ଥାରେ ଥିବା ସନ୍ତାନମାନଙ୍କର ଉତ୍ସର୍ଗୀକରଣ
- ମଣ୍ଡଳୀର ସଭ୍ୟଗଣଙ୍କୁ ଗ୍ରହଣ
- ବିବାହ
- ମୃତ୍ୟୁ ଓ ସମାଧିକ୍ରୀୟା ସମ୍ପୃକ୍ତ ଉପାସନା
- ଅଧିକାରୀମାନଙ୍କର କାର୍ଯ୍ୟଭାର ଅର୍ପଣ
- ଏକ ସ୍ଥାନୀୟ ମଣ୍ଡଳୀର ସଂଗଠିତ
- ମଣ୍ଡଳୀ ଉତ୍ସର୍ଗୀକରଣ

# (୧) ପବିତ୍ର ବିଧି

## ୭୦୦. ପ୍ରଭୁଭୋଜ

ପ୍ରଭୁଭୋଜ ଆରମ୍ଭ କରିବା ପୂର୍ବରୁ ପବିତ୍ର ବାଇବଲ ମଧ୍ୟରୁ ଏକ ସଠିକ୍ ଉପଦେଶ ଦ୍ୱାରା ଆରମ୍ଭ କରାଯାଇପାରେ ଏବଂ ୧ କରିନ୍ଥୀୟ ୧୧:୨୩-୨୯; ଲୂକ ୨୨:୧୪-୨୦ କିମ୍ବା ପ୍ରଭୁ ଭୋଜ ଉପରେ ଆଧାରିତ କୌଣସି ସଠିକ୍ ଅଂଶ ପାଠ କରିପାରିବେ । ଏହା ଉତ୍ତାରେ ସେବକ ନିମ୍ନଲିଖିତ ଆମନ୍ତ୍ରଣ ପ୍ରଦାନ କରିବେ:

ସମବେତ ଭୋଜ, ଆମ୍ଭମାନଙ୍କର ଈଶ୍ୱର ଏବଂ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ପବିତ୍ର ବିଧି ଅଟେ, ଯାହା ତାହାଙ୍କ ଜୀବନ, ତାହାଙ୍କ ଦୁଃଖଭୋଗ, ତାହାଙ୍କ ବଳିଦାନ ରୂପକ ମୃତ୍ୟୁ ଏବଂ ପୁନରୁତ୍ଥାନ ଓ ତାହାଙ୍କର ଦ୍ୱିତୀୟ ଆଗମନର ଆଶାକୁ ଘୋଷଣା କରେ । ତାହାଙ୍କ ପୁନରାଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁକୁ ଦର୍ଶାଏ ।

ପ୍ରଭୁଭୋଜ ଅନୁଗ୍ରହର ଏକ କେନ୍ଦ୍ରବିନ୍ଦୁ ଅଟେ ଯେଉଁଠାରେ ଖ୍ରୀଷ୍ଟ ଆତ୍ମାଙ୍କ ଦ୍ୱାରା ଉପସ୍ଥିତ ରହନ୍ତି । ତେଣୁ ଏହାକୁ ସମ୍ମାନର ସହ ଖ୍ରୀଷ୍ଟଙ୍କର କାର୍ଯ୍ୟ ନିମନ୍ତେ କୃତଜ୍ଞତା ଜ୍ଞାପନ କରି ଗ୍ରହଣ କରିବା ଆବଶ୍ୟକ ।

ଯେଉଁମାନେ ସେମାନଙ୍କ ପାପ ପ୍ରତି ବାସ୍ତବରେ ଅନୁତାପ କରିଛନ୍ତି ଏବଂ ସେମାନଙ୍କ ପାପ ପରିତ୍ୟାଗ କରିଅଛନ୍ତି ଏବଂ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି ସେମାନେ ଖ୍ରୀଷ୍ଟଙ୍କ ମୃତ୍ୟୁ ଏବଂ ପୁନରୁତ୍ଥାନରେ ସହଭାଗୀ ହେବା ନିମନ୍ତେ ଆମନ୍ତ୍ରୀତ । ଆମ୍ଭେମାନେ ମେଜ ନିକଟକୁ ଆସୁ ଯେପରି ଆମ୍ଭେମାନେ ଜୀବନରେ ଏବଂ ପରିତ୍ରାଣରେ ନୂତନୀକୃତ ହୋଇପାରୁ ଏବଂ ଆତ୍ମାଙ୍କ ଦ୍ୱାରା ଏକ ହୋଇପାରୁ ।

ମଣ୍ଡଳୀ ସହିତ ମିଳନରେ ଆମର ବିଶ୍ୱାସକୁ ଆମେ ସ୍ୱୀକାର କରୁ: ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ଖ୍ରୀଷ୍ଟ ପୁନରୁତ୍ଥିତ ଅଟନ୍ତି, ଖ୍ରୀଷ୍ଟ ପୁନର୍ବାର ଆସିବେ । ଆସନ୍ତୁ ଆମେ ପ୍ରାର୍ଥନା କରିବା ।

ପବିତ୍ର ଈଶ୍ୱର,

ଆମ୍ଭେମାନେ ଏଠାରେ ତୁମ୍ଭର ମେଜ ନିକଟରେ ତୁମ୍ଭର ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନାମରେ ଏକତ୍ରୀତ ହୋଇଅଛୁ ଯେ ଆତ୍ମାରେ ପୂର୍ଣ୍ଣ ହୋଇ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କଲେ, ବନ୍ଦୀମାନଙ୍କ ନିକଟରେ ମୁକ୍ତି ପୁଣି ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବାକୁ ଘୋଷଣା କଲେ । ଖ୍ରୀଷ୍ଟ ଅସୁସ୍ଥକୁ ସୁସ୍ଥ କଲେ, କ୍ଷୁଧିତକୁ ଭୋଜନ କରାଇଲେ, ପାପୀମାନଙ୍କ ସହିତ ଭୋଜନ କଲେ ଏବଂ ପାପକ୍ଷମା ନିମନ୍ତେ ନୂତନ ନିୟମ ପ୍ରତିଷ୍ଠା କଲେ । ତାହାଙ୍କ ପୁନରାଗମନ ଆଶାରେ ଆମେ ବଞ୍ଚିଅଛୁ ।

ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, “ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।”

ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି ଧନ୍ୟବାଦ ଦେଲେ ଏବଂ ଶିଷ୍ୟମାନଙ୍କୁ ଦେଇ କହିଲେ, “ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ; ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।” ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେନ୍ । (ମାଥିଉ ୨୬:୨୭-୨୯; ଲୂକ ୨୨:୧୯) ।

ତେଣୁ ଧନ୍ୟବାଦ ଏବଂ ପ୍ରଶଂସା ସହ ତୁମ୍ଭ ନିକଟରେ ଅର୍ପଣ କରିବାକୁ ଖ୍ରୀଷ୍ଟଙ୍କ ଶରୀର ସ୍ୱରୂପେ ଆମ୍ଭେମାନେ ସମବେତ ହୋଇଅଛୁ । ତୁମ୍ଭର ପବିତ୍ର ଆତ୍ମା ଆମ୍ଭ ଉପରେ ଢାଳି ଦିଅ । ଖ୍ରୀଷ୍ଟରେ ତୁମ୍ଭ ଆତ୍ମା ଦ୍ୱାରା ଆମ୍ଭମାନଙ୍କୁ ଏକ କର, ପରସ୍ପର

ଏକ କର ଏବଂ ଜଗତ ପ୍ରତି ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟରେ ଏକ କର ଯେପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କର ବିଜୟ ଆଗମନ ନ ହୋଇଛି । ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ, ଆମେନ୍ ।

ବର୍ତ୍ତମାନ ଆସନ୍ତୁ ଆମର ପରିତ୍ରାଣକର୍ତ୍ତା ଖ୍ରୀଷ୍ଟ ଶିଖାଇଥିବା ପ୍ରାର୍ଥନା କରିବା:

(ଏଠାରେ ସମବେତ ମଣ୍ଡଳୀ ପ୍ରଭୁଙ୍କ ପ୍ରାର୍ଥନା କରିବେ)

ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ, ତୁମ୍ଭର ରାଜ୍ୟ ଆସୁ, ଯେରୂପେ ସ୍ୱର୍ଗରେ ସେରୂପେ ପୃଥିବୀରେ, ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ନିଜ ନିଜ ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେହିପରି ଆମ୍ଭମାନଙ୍କ ଅପରାଧ ସମସ୍ତ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ ମାତ୍ର ମନ୍ଦରୁ ଆମ୍ଭମାନଙ୍କୁ ରକ୍ଷା କର । ଯେଣୁ ରାଜତ୍ୱ, ପରାକ୍ରମ ଏବଂ ଗୌରବ ତୁମ୍ଭର ହେଉ । ଆମେନ୍ ।

ରୋଟୀର ଅଂଶୀ ହେବା ପୂର୍ବରୁ ସେବକ କହିବେ:

ଏହା ଆମ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ରକ୍ତ ଯାହା ଆନନ୍ତ ଜୀବନ ଦେବା ନିମନ୍ତେ ଆମ ପାଇଁ ବୋହି ଥିଲା । ଆମ୍ଭମାନଙ୍କ ନିମନ୍ତେ ଖ୍ରୀଷ୍ଟ ଯେ ପ୍ରାଣ ଦେଇଛନ୍ତି ତାହାଙ୍କୁ ସ୍ମରଣ କରି ଧନ୍ୟବାଦ ସହକାରେ ପାନ କରୁ । ସମସ୍ତେ ଅଂଶୀ ହେବା ଉତ୍ତାରେ ସେବକ ଧନ୍ୟବାଦ ଏବଂ ସମର୍ପଣର ପ୍ରାର୍ଥନା କରି ସମାପ୍ତ କରିବେ । (୨୯.୫, ୫୧୫.୪, ୫୩୨.୭, ୫୩୩.୨, ୫୩୪.୧)

"ପ୍ରଭୁଭୋଜ ପବିତ୍ର ବିଧିରେ କେବଳ ଖମୀର ଶୂନ୍ୟ ଦ୍ରାକ୍ଷାରସ ବ୍ୟବହାର ହେବା ଉଚିତ !

# ୭୦୧. ବିଶ୍ୱାସୀମାନଙ୍କର ବାପ୍ତିସ୍ମ

ପ୍ରିୟ ବନ୍ଧୁଗଣ: ବାପ୍ତିସ୍ମ ଏକ ପବିତ୍ର ବିଧି ଅଟେ ଯାହା ବିଶ୍ୱାସ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କର ମୃତ୍ୟୁ ଏବଂ ପୁନରୁତ୍ଥାନ ଏବଂ ତାହାଙ୍କ ଶରୀର ରୂପୀ ମଣ୍ଡଳୀ ପ୍ରତି ସହଭାଗିତାରେ ଅଂଶଗ୍ରହଣକୁ ପ୍ରଦର୍ଶିତ କରେ । ଏହା ଏକ ଅନୁଗ୍ରହର ଅଭିପ୍ରାୟ ଅଟେ ଯାହା ଯୀଶୁଖ୍ରୀଷ୍ଟ ଯେ ପ୍ରଭୁ ଏବଂ ଉଦ୍ଧାରକର୍ତ୍ତା ତାହା ଘୋଷଣା କରେ ।

ପ୍ରେରିତ ପାଉଲ କହନ୍ତି, ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛନ୍ତି ସମସ୍ତେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛନ୍ତି । ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ ଯେପରି ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହିପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରିବା । ଯେପରି ଆମ୍ଭେମାନେ ତାହାଙ୍କ ସହିତ ମୃତ୍ୟୁରେ ଏକୀଭୂତ ହୋଇଅଛୁ, ସେପରି ତାହାଙ୍କ ପୁନରୁତ୍ଥାନ ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ।

ଖ୍ରୀଷ୍ଟିୟାନ ବିଶ୍ୱାସ, ଯେଉଁ ମଧ୍ୟକୁ ତୁମେ ବର୍ତ୍ତମାନ ବାପ୍ତିସ୍ମ ଗ୍ରହଣ କରିବାକୁ ଆସିଅଛ ତାହା ପ୍ରେରିତିକ ବିଶ୍ୱାସରେ ଦୃଢ଼ତା ସହିତ ଘୋଷଣା କରାଯାଇଅଛି ଯାହା ଆମେ ସ୍ୱୀକାର କରୁ:

ବିଶ୍ୱାସର ସ୍ୱୀକାରୋକ୍ତିର ଦୃଢ଼ତା ସହିତ ସେବକ ସମବେତ ମଣ୍ଡଳୀକୁ ଆଗେଇ ନେବେ ।

"ଆମେ ସର୍ବଶକ୍ତିମାନ ପିତା ଈଶ୍ୱରଙ୍କଠାରେ ବିଶ୍ୱାସ କରୁ ଯେ ସ୍ୱର୍ଗ ଏବଂ ପୃଥିବୀର ସୃଷ୍ଟିକର୍ତ୍ତା ଏବଂ ଆମ୍ଭମାନଙ୍କ ଈଶ୍ୱର ତାହାଙ୍କ ଏକମାତ୍ର ପୁତ୍ର ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ; ଯେ ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭଧାରଣ କରି ମରିୟମଙ୍କ ଦ୍ୱାରା ଜନ୍ମ ହେଲେ । ପନ୍ତୀୟ ପିଲାତ ଅଧିନରେ ଦୁଃଖଭୋଗ କଲେ, କ୍ରୁଶାର୍ପିତ ହେଲେ, ମୃତ୍ୟୁବରଣ କଲେ ଏବଂ କବର ପ୍ରାପ୍ତ ହେଲେ । ନରକରେ

ପ୍ରତୀୟମାନ ହେଲେ, ତୃତୀୟ ଦିବସରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେଲେ । ସେ ସ୍ୱର୍ଗକୁ ନୀତ ହେଲେ ଏବଂ ସର୍ବଶକ୍ତିମାନ ପିତା ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଅଟନ୍ତି । ସେଠାରୁ ସେ ମୃତ ଏବଂ ଜୀବିତମାନଙ୍କ ବିଚାର କରିବାକୁ ଆସିବେ ।"

"ପବିତ୍ର ଆତ୍ମାରେ, ଯୀଶୁଖ୍ରୀଷ୍ଟଙ୍କର ପବିତ୍ର ମଣ୍ଡଳୀରେ, ସାଧୁମାନଙ୍କର ସହଭାଗିତାରେ, ପାପକ୍ଷମାରେ, ଶାରୀରିକ ପୁନରୁତ୍ଥାନରେ ଏବଂ ଅନନ୍ତ ଜୀବନରେ ଆମେ ବିଶ୍ୱାସ କରୁ ।"

ଏହି ବିଶ୍ୱାସ ହେତୁ ତୁମେ କ'ଣ ବାପ୍ତିଜିତ ହେବ ?

ଉତ୍ତର: ହଁ

ତୁମେ କ'ଣ ଯୀଶୁଖ୍ରୀଷ୍ଟଙ୍କୁ ତୁମର ଈଶ୍ୱର ଏବଂ ତ୍ରାଣକର୍ତ୍ତା ରୂପେ ସ୍ୱୀକାର କରୁଅଛ ଏବଂ ତୁମେ କ'ଣ ବିଶ୍ୱାସ କରୁଅଛ ସେ ବର୍ତ୍ତମାନ ତୁମକୁ ଉଦ୍ଧାରି ପାରିବେ ?

ଉତ୍ତର: ବିଶ୍ୱାସ ଦ୍ୱାରା ମୁଁ କରେ ।

ଖ୍ରୀଷ୍ଟଙ୍କ ମଣ୍ଡଳୀର ଜଣେ ସଭ୍ୟ ସ୍ୱରୂପେ, ତୁମ ଜୀବନର ପ୍ରତ୍ୟେକ ଦିନ କ'ଣ ତୁମେ ତାହାଙ୍କୁ ଅନୁସରଣ କରିବ, ଅନୁଗ୍ରହରେ ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କୁ ଓ ପ୍ରତିବାସୀକୁ ପ୍ରେମ କରିବ ?

ଉତ୍ତର: ଈଶ୍ୱରଙ୍କ ସାହାଯ୍ୟରେ ମୁଁ କରିବି ।

ସେବକ ବ୍ୟକ୍ତିଙ୍କ ନାମ ଉଚ୍ଚାରଣ କରି – ବାପ୍ତିସ୍ମର ଧାରାକୁ ବ୍ୟବହାର କରି (ସିଞ୍ଚନ, ଜଳ ଢାଳି କିମ୍ବା ଡୁବନ) କହିବେ:

(ନାମ) ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ ମୁଁ ତୁମକୁ ବାପ୍ତିସ୍ମ ଦେଉଅଛି । ଆମେନ୍ ।

## ୭୦୨. ଶିଶୁମାନଙ୍କର କିମ୍ବା ଯୁବା, ଯୁବତୀମାନଙ୍କର ବାପ୍ତିସ୍ମ

ଯେତେବେଳେ ଅଭିଭାବକଗଣ ସେମାନଙ୍କ ସନ୍ତାନମାନଙ୍କ ସହିତ ଉପସ୍ଥିତ ହୁଅନ୍ତି, ସେବକ କହିବେ:

ପ୍ରିୟ ବନ୍ଧୁଗଣ: ବାପ୍ତିସ୍ମର ପବିତ୍ର ବିଧି ଅନୁଗ୍ରହର ନୂତନ ନିୟମର ଚିହ୍ନ ଏବଂ ମୁଦ୍ରାଙ୍କ ଅଟେ । ବାପ୍ତିସ୍ମରେ ଈଶ୍ୱରଙ୍କର ପୁର୍ନଉଦ୍ଧାର ଅନୁଗ୍ରହ ସଂଯୁକ୍ତ ତାହା ଆମେ ଗ୍ରହଣ କରୁନାହୁଁ । କିନ୍ତୁ ଆମେ ବିଶ୍ୱାସ କରୁ ଯେ ପୁର୍ବ ନିର୍ଦ୍ଧାରିତ ଅନୁଗ୍ରହର ଆଧାର ଉପରେ ଖ୍ରୀଷ୍ଟ ବିଶ୍ୱାସର ସମାଜ ମଧ୍ୟରେ ଈଶ୍ୱରଙ୍କର ଗ୍ରହଣୀୟତା ଏହି ସନ୍ତାନ ନିମନ୍ତେ ବାପ୍ତିସ୍ମ ଏକ ପ୍ରତୀକ ଅଟେ । ଏହା ଯୀଶୁ ଖ୍ରୀଷ୍ଟଙ୍କଠାରେ ତା'ର ବିଶ୍ୱାସର ବ୍ୟକ୍ତିଗତ ସ୍ୱୀକାରୋକ୍ତିର ଆବଶ୍ୟକ କରେ ।

ଏହି ସନ୍ତାନକୁ ବାପ୍ତିସ୍ମ ନିମନ୍ତେ ପ୍ରଦାନ କରୁଥିବା ହେତୁ ତୁମେ ତୁମର ବ୍ୟକ୍ତିଗତ ଖ୍ରୀଷ୍ଟୀୟ ବିଶ୍ୱାସର ସାକ୍ଷ୍ୟ ଦେଉଅଛ ଏବଂ ପରିତ୍ରାଣ କର୍ତ୍ତା ଖ୍ରୀଷ୍ଟଙ୍କର ଜ୍ଞାନରେ ତା'ର ପ୍ରାରମ୍ଭିକ ଜୀବନରେ ଆଗେଇ ନେବାର ଉଦ୍ଦେଶ୍ୟରେ ମଧ୍ୟ ତୁମେ ସାକ୍ଷ୍ୟ ଦେଉଅଛ । ବର୍ତ୍ତମାନଠାରୁ ତାକୁ ଶିକ୍ଷା ଦେବା ତୁମର ଦାୟୀତ୍ୱ ଅଟେ ଯଥାଶୀଘ୍ର ସେ ସ୍ୱଭାବକୁ ଏବଂ ପବିତ୍ର ବିଧିକୁ ଜାଣିବାକୁ ପାରିବ; ତା'ର ଶିକ୍ଷା ପ୍ରତି ଦୃଷ୍ଟି ଦେବ ଯେପରି ସେ ବିପଥଗାମୀ ନ ହୁଏ; ତାକୁ ପବିତ୍ର ମନ୍ଦିରକୁ କଢ଼ାଇ ନେବ; ମନ୍ଦ ସଙ୍ଗୀ ଏବଂ ଅଭ୍ୟାସଠାରୁ ତାକୁ ନିରୋଧ କରିବ; ପ୍ରତିପାଳନରେ ଏବଂ ଈଶ୍ୱରଙ୍କ ସାବଧାନବାଣୀ ସହିତ ବଢ଼ାଇବ; ତୁମେ କ'ଣ ଏହି ସମସ୍ତ ଈଶ୍ୱରଙ୍କ ସାହାଯ୍ୟରେ କରିବ ? ଯଦି କରିବ ତେବେ, ଉତ୍ତରରେ କୁହ "ହଁ, ମୁଁ କରିବି"

ଏହା ଉତ୍ତାରେ ସେବକ ଅଭିଭାବକଙ୍କୁ ସନ୍ତାନର ନାମ ପଚାରିବେ ଏବଂ ତା'ର ନାମ ଉଚ୍ଚାରଣ କରି ବାପ୍ତିସ୍ମ ଦେଇ କହିବେ (ନାମ), ମୁଁ ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଉଅଛି । ଆମେନ୍ ।

ପାଳକ: ବାପ୍ତିସ୍ମ ମଧ୍ୟ ଖ୍ରୀଷ୍ଟ ବିଶ୍ୱାସର ସମାଜ ପ୍ରତି ଏହି ସନ୍ତାନର ଗ୍ରହଣୀୟତାକୁ ପ୍ରକାଶ କରେ । ମୁଁ ବର୍ତ୍ତମାନ ସମବେତ ମଣ୍ଡଳୀକୁ ପଚାରୁଅଛି: ଏହି ଅଭିଭାବକମାନେ ଏହି ସନ୍ତାନ ପ୍ରତି ସେମାନଙ୍କର ଦାୟିତ୍ୱ ସମ୍ପନ୍ନ କରିବାକୁ ଯାଉଛନ୍ତି ଏବଂ ତାକୁ ଆତ୍ମିକ ପରିପକ୍ୱତାରେ ବୃଦ୍ଧି କରିବାକୁ ଯାଉଛନ୍ତି, ସେମାନଙ୍କୁ ସହଯୋଗ ଏବଂ ପ୍ରୋତ୍ସାହିତ କରିବାକୁ ଖ୍ରୀଷ୍ଟଙ୍କର ଶରୀର ସ୍ୱରୂପେ ତୁମେ କ'ଣ ନିଜକୁ ସମର୍ପଣ କରୁଅଛ ?

ଉତ୍ତର: ଆମ୍ଭେ କରିବୁ

ଏହା ଉତ୍ତାରେ ସେବକ ନିମ୍ନଲିଖିତ ପ୍ରାର୍ଥନା ଉତ୍ସର୍ଗ କରିବେ ।

ସ୍ୱର୍ଗସ୍ଥ ପିତା, ତୁମେ ଏହି ସନ୍ତାନକୁ ତୁମର ପ୍ରେମମୟ ଯତ୍ନ ମଧ୍ୟକୁ ଘେନି ଯାଅ ବୋଲି ଆମେ ନମ୍ର ଭାବରେ ବିନତି କରୁଅଛୁ । ସ୍ୱର୍ଗୀୟ ଅନୁଗ୍ରହରେ ତାକୁ ପ୍ରଚୁର ଭାବରେ ପୂର୍ଣ୍ଣ କର, ବାଲ୍ୟ କାଳର ବିପଦରୁ ତାକୁ ସୁରକ୍ଷିତ ଭାବେ ଘେନି ଯାଅ; ଯୌବନକାଳର ପରୀକ୍ଷାରୁ ତାକୁ ରକ୍ଷା କର, ଉଦ୍ଧାରକାରୀ ଖ୍ରୀଷ୍ଟଙ୍କ ବ୍ୟକ୍ତିଗତ ଜ୍ଞାନରେ ତାକୁ ଘେନି ଯାଅ; ତାକୁ ଜ୍ଞାନରେ ନୈତିକ ଗୁଣରେ ଏବଂ ଈଶ୍ୱର ଓ ସମସ୍ତଙ୍କ ପ୍ରିୟ ପାତ୍ର ହେବାରେ ବୃଦ୍ଧି ପାଇବାକୁ ଏବଂ ଏହିସବୁ ଶେଷଦିନ ପର୍ଯ୍ୟନ୍ତ ସଞ୍ଚୟ କରି ରଖିବାରେ ସାହାଯ୍ୟ କର ।

ପ୍ରେମମୟ ଯତ୍ନରେ ଅଭିଭାବକଙ୍କୁ ଧରି ରଖ ଯେପରି ଜ୍ଞାନ ବିଶିଷ୍ଟ ପରାମର୍ଶ ଏବଂ ପବିତ୍ର ଦୃଷ୍ଟାନ୍ତ ସେମାନେ ବିଶ୍ୱସ୍ତ ଭାବରେ ଉଭୟଙ୍କ ପ୍ରତି ସନ୍ତାନ ଏବଂ ତୁମ ପ୍ରତି ସେମାନଙ୍କର ଦାୟୀତ୍ୱ ପ୍ରଦାନ କରିପାରିବେ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

# (୨) ପବିତ୍ର କ୍ରିୟା ପଦ୍ଧତି

## ୭୦୩. ଶିଶୁ କିମ୍ବା ଯୁବ ସନ୍ତାନଗଣର ଉତ୍ସର୍ଗୀକରଣ

ଯେତେବେଳେ ପିତାମାତା କିମ୍ବା ଅଭିଭାବକଗଣ ସନ୍ତାନମାନଙ୍କ ସହିତ ଉପସ୍ଥିତ ହେବେ ପାଳକ କହିବେ:

"ସେତେବେଳେ ସେ ଯେପରି ଶିଶୁମାନଙ୍କ ଉପରେ ହାତ ଥୋଇ ପ୍ରାର୍ଥନା କରନ୍ତି, ଏଥିପାଇଁ ସେମାନେ ତାହାଙ୍କ ନିକଟକୁ ଅଣାଗଲେ । ମାତ୍ର ଶିଷ୍ୟମାନେ ଆଣୁଥିବା ଲୋକମାନଙ୍କୁ ଧମକ ଦେଲେ । କିନ୍ତୁ ଯୀଶୁ କହିଲେ, ଶିଶୁମାନଙ୍କୁ ଛାଡ଼ି ଦିଅ, ସେମାନଙ୍କୁ ମୋ' ନିକଟକୁ ଆସିବାକୁ ମନା କର ନାହିଁ, କାରଣ ସ୍ୱର୍ଗରାଜ୍ୟ ଏହିପ୍ରକାର ଲୋକମାନଙ୍କର" (ମାଥିଉ ୧୯:୧୩-୧୪) ।

ଏହି ସନ୍ତାନକୁ ଉତ୍ସର୍ଗ ନିମନ୍ତେ ଅର୍ପଣ କରିବା ଦ୍ୱାରା ତୁମେ କେବଳ ତୁମର ଖ୍ରୀଷ୍ଟୀୟ ବିଶ୍ୱାସକୁ ପ୍ରକାଶ କରୁ ନାହଁ, ସେ ଯେପରି ଈଶ୍ୱରଙ୍କ ଇଚ୍ଛା ଜାଣିବ ଏବଂ ଅନୁସରଣ କରିବ ଏବଂ ଖ୍ରୀଷ୍ଟିୟାନ ଭାବରେ ଜୀବନ କାଟିବ ଏବଂ ମୃତ୍ୟୁବରଣ କରି ଅନନ୍ତକାଳୀନ ଆଶୀର୍ବାଦରେ ପ୍ରବେଶ କରିବ, ମଧ୍ୟ ତୁମର ଇଚ୍ଛାକୁ ପ୍ରକାଶ କରେ ।

ଏହି ପବିତ୍ର ଉଦ୍ଦେଶ୍ୟକୁ ପ୍ରାପ୍ତ ହେବା ନିମନ୍ତେ ପିତାମାତା ବା ଅଭିଭାବକ ହେତୁ ଏହା ତୁମର ଦାୟୀତ୍ୱ, ପ୍ରାରମ୍ଭିକ ଅବସ୍ଥାରେ ତାକୁ ଈଶ୍ୱରଙ୍କ ଭୟର ଶିକ୍ଷା ପ୍ରଦାନ, ତା'ର ଶିକ୍ଷା ପ୍ରତି ଧ୍ୟାନ ଦେବା ଯେପରି ସେ ବିପଥଗାମୀ ନ ହୁଏ; ପବିତ୍ର ବାକ୍ୟ ପ୍ରତି ତା'ର ଯୌନବକାଳୀନ ମନକୁ କଢ଼ାଇ ନେବା ଏବଂ ତା'ର ପାଦଗତିକୁ ପବିତ୍ର ମନ୍ଦିରକୁ ଘେନିଯିବା, ମନ୍ଦସଙ୍ଗୀ ଏବଂ ଅଭ୍ୟାସଠାରୁ ତାକୁ ନିରୋଧ କରିବା, ଈଶ୍ୱରଙ୍କ ସାବଧାନବାଣୀ ଓ ପ୍ରତିପାଳନରେ ତାକୁ ବଢ଼ାଇବା; ତୁମେ କ'ଣ ଏହି ସମସ୍ତ ଈଶ୍ୱରଙ୍କ ସାହାଯ୍ୟରେ କରିବ ? ଯଦି କରିବ ତେବେ ଉତ୍ତରରେ କୁହ "ହଁ ମୁଁ କରିବି" ।

ପାଳକ: ମୁଁ ବର୍ତ୍ତମାନ ସମବେତ ମଣ୍ଡଳୀକ ପଚାରୁଅଛି: ଏହି ପିତାମାତାମାନେ ସନ୍ତାନ ପ୍ରତି ସେମାନଙ୍କର ଦାୟୀତ୍ୱ ସମ୍ପନ୍ନ କରିବାକୁ ଯାଉଛନ୍ତି ଏବଂ ତାକୁ ଆତ୍ମିକ ପରିପକ୍ୱତାରେ ବୃଦ୍ଧି କରିବାକୁ ଯାଉଛନ୍ତି, ଖ୍ରୀଷ୍ଟଙ୍କ ଶରୀର ସ୍ୱରୂପେ ସେମାନଙ୍କୁ ସହଯୋଗ ଓ ପ୍ରୋତ୍ସାହିତ କରିବାକୁ ତୁମେ କ'ଣ ନିଜକୁ ସମର୍ପଣ କରୁଅଛ ?

ଉତ୍ତର: ଆମ୍ଭେ କରିବୁ ।

ପାଳକ: ପ୍ରେମିକ ସ୍ୱର୍ଗସ୍ଥ ପିତା, ବର୍ତ୍ତମାନ ଆମେ ଏହି ସନ୍ତାନକୁ ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ ସମର୍ପଣ କରୁଅଛୁ । ଆମେନ୍ ।

ଏହା ଉତ୍ତାରେ ପାଳକ ଏହିପରି ପ୍ରାର୍ଥନା କରିବେ:

ସ୍ୱର୍ଗସ୍ଥ ପିତା, ତୁମେ ଏହି ସନ୍ତାନକୁ ତୁମର ପ୍ରେମମୟ ଯତ୍ନ ମଧ୍ୟକୁ ଘେନି ଯାଅ ବୋଲି ଆମେ ନମ୍ର ଭାବରେ ବିନତି କରୁଅଛୁ । ସ୍ୱର୍ଗୀୟ ଅନୁଗ୍ରହରେ ତାକୁ ପ୍ରଚୁର ଭାବରେ ପୂର୍ଣ୍ଣ କର, ବାଲ୍ୟକାଳର ବିପଦରୁ ତାକୁ ସୁରକ୍ଷିତ ଭାବରେ ଘେନି ଯାଅ । ଯୌବନ କାଳର ପରୀକ୍ଷାରୁ ତାକୁ ରକ୍ଷା କର, ଖ୍ରୀଷ୍ଟଙ୍କ ଉଦ୍ଧାରକାରୀ ବ୍ୟକ୍ତିଗତ ଜ୍ଞାନରେ ତାକୁ ଘେନି ଯାଅ । ତାକୁ ଜ୍ଞାନରେ, ନୈତିକ ଗୁଣରେ ଏବଂ ଈଶ୍ୱର ଓ ସମସ୍ତଙ୍କ ପ୍ରିୟପାତ୍ର ହେବାରେ ବୃଦ୍ଧି ପାଇବାକୁ ଏବଂ ଏହିସବୁ ଶେଷଦିନ ପର୍ଯ୍ୟନ୍ତ ସଞ୍ଚୟ କରି ରଖିବାରେ ତାକୁ ସାହାଯ୍ୟ କର । ପ୍ରେମମୟ ଯତ୍ନରେ ଏହି ଅଭିଭାବକମାନଙ୍କୁ ଧରି ରଖ ଯେପରି ଜ୍ଞାନ ବିଶିଷ୍ଟ ପରାମର୍ଶ ଏବଂ ପବିତ୍ର ଦୃଷ୍ଟାନ୍ତରେ ସେମାନେ ବିଶ୍ୱସ୍ତ ଭାବରେ ଉଭୟ ସନ୍ତାନ ଏବଂ ତୁମ ପ୍ରତି ସେମାନଙ୍କର ଦାୟୀତ୍ୱ ପ୍ରଦାନ କରିପାରିବେ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

## ୭୦୪. ମଣ୍ଡଳୀ ସଭ୍ୟମାନଙ୍କର ଗ୍ରହଣ ।

ଗ୍ରହଣୀୟ ହେବାକୁ ଯାଉଥିବା ସଭ୍ୟମାନେ ଖ୍ରୀଷ୍ଟ ବିଶ୍ୱାସ ଏବଂ ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତକୁ ଅଭ୍ୟାସ କରିଥିବେ ବୋଲି ଆଶା କରାଯାଏ । ସେମାନେ ଆଗେଇ ଆସି

ସମବେତ ମଣ୍ଡଳୀ ସମ୍ମୁଖରେ ଛିଡ଼ା ହେବେ ଏବଂ ପାଳକ ସେମାନଙ୍କ ପ୍ରତି ଏହିପରି କହିବେ:

ପ୍ରିୟ ବନ୍ଧୁଗଣ: ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀରେ ସମବେତ ଭାବରେ ଆମ୍ଭମାନଙ୍କର ଯେଉଁ ଅଧିକାର ଏବଂ ଆଶୀର୍ବାଦ ଅଛି ତାହା ଅତିବ ପବିତ୍ର ଏବଂ ବହୁମୂଲ୍ୟ ଅଟେ । ଏଠାରେ ଏପରି ପବିତ୍ର ସହଭାଗିତା, ଯତ୍ନ ଏବଂ ଉପଦେଶ ରହିଛି ଯାହା ଈଶ୍ୱରଙ୍କ ପରିବାର ବ୍ୟତୀତ ଅନ୍ୟ କେଉଁଠାରେ ନାହିଁ ।

ଏଠାରେ ପାଳକମାନଙ୍କର ଐଶ୍ୱରୀୟ ଯତ୍ନ, ବାକ୍ୟର ଶିକ୍ଷାଦାନ ଏବଂ ଉତ୍ସାହପୂର୍ଣ୍ଣ ମାଣ୍ଡଳୀକ ଉପାସନା ରହିଛି ଏବଂ ଏଠାରେ ସହଭାଗିତାରେ କୌଣସି ସହଯୋଗ ରହିଛି ଯାହା ଅନ୍ୟ କୌଣସିଠାରେ କରାଯାଏ ନାହିଁ ।

ମଣ୍ଡଳୀର ସିଦ୍ଧାନ୍ତ ଏବଂ ପ୍ରତିଷ୍ଠିତ ପଦ୍ଧତିଗୁଡ଼ିକୁ ଆଜି ପୁନର୍ବାର ଆମେ ଦୃଢ଼ତା ସହିତ କହିବା ।

ଆମେ ଏକ ଈଶ୍ୱର - ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ଉପରେ ବିଶ୍ୱାସ କରୁ । ମାନବ ଜାତି ପାପରେ ଜନ୍ମ; ପବିତ୍ର ଆତ୍ମାଙ୍କ ଦ୍ୱାରା ନୂତନ ଜୀବନ ଏବଂ ଖ୍ରୀଷ୍ଟଙ୍କ ମାଧ୍ୟମରେ ପାପକ୍ଷମାର କାର୍ଯ୍ୟ ସେମାନେ ଆବଶ୍ୟକ କରନ୍ତି; ଏହାର ପରବର୍ତ୍ତୀ କାର୍ଯ୍ୟ, ସଂପୂର୍ଣ୍ଣ ପ୍ରକ୍ଷାଳନ ଦ୍ୱାରା ପବିତ୍ର ଆତ୍ମାଙ୍କର ପରିପୂର୍ଣ୍ଣତା ଏବଂ ଏହି ସମସ୍ତ ଅନୁଗ୍ରହ କାର୍ଯ୍ୟର ପବିତ୍ର ଆତ୍ମା ସାକ୍ଷ୍ୟ ପ୍ରଦାନ କରନ୍ତି । ଆମେ ବିଶ୍ୱାସ କରୁ ଈଶ୍ୱର ପୁନର୍ବାର ଆସିବେ, ମୃତମାନେ ଉଠିବେ ଏବଂ ପ୍ରତ୍ୟେକେ ସେମାନଙ୍କର ପୁରସ୍କାର ଏବଂ ଦଣ୍ଡ ନିମନ୍ତେ ଶେଷ ବିଚାରରେ ଉପସ୍ଥିତ ହେବେ ।

- ପାଳକ ନିମ୍ନଲିଖିତ ବିଶ୍ୱାସର ବକ୍ତବ୍ୟକୁ ବ୍ୟବହାର କରିପାରିବ - ଆଜି ନାଜରିନ୍ ମଣ୍ଡଳୀ ନିମନ୍ତେ ବିଶ୍ୱାସର ବକ୍ତବ୍ୟକୁ ପୁନର୍ବାର ଦୃଢ଼ ଭାବରେ କହିବା :

ଈଶ୍ୱର ଏକ ଅଟନ୍ତି – ପିତା, ପୁତ୍ର ଏବଂ ପବିତ୍ର ଆତ୍ମା; ପୁରାତନ ଏବଂ ନୂତନ ନିୟମ ଶାସ୍ତ୍ର ସମସ୍ତ ସମସ୍ତେ ଉପସ୍ଥିତ ଥାଇ ପ୍ରେରଣା ଦ୍ୱାରା ପ୍ରଦାନ କରାଯାଇଅଛି; ଖ୍ରୀଷ୍ଟିୟାନ ବିଶ୍ୱାସ ଏବଂ ଜୀବନ ପ୍ରତି ଆବଶ୍ୟକୀୟ ସମସ୍ତ ତଥ୍ୟ ଏଥିରେ ନିହିତ ଅଛି; ପତିତ ସ୍ୱଭାବରେ ମନୁଷ୍ୟ ଜାତିର ଜନ୍ମ ହୋଇଛି । ତେଣୁ ସେ ମନ୍ଦରେ ପ୍ରବୃତ୍ତ ଓ ନିୟମିତ ମନ୍ଦରେ ଜୀବନ କାଟେ । ପରିଶେଷରେ ତା'ର ଅନୁତାପଗୁଡ଼ିକ ନିରାଜଜନକ ଏବଂ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇଅଛି; ଖ୍ରୀଷ୍ଟଙ୍କର ପ୍ରାୟଶ୍ଚିତ୍ତ ସମୁଦାୟ ମାନବଜାତି ନିମନ୍ତେ ଅଟେ ଏବଂ ଯେ କେହି ପ୍ରଭୁ ଯୀଶୁଙ୍କଠାରେ ଅନୁତାପ କରିବ ଓ ବିଶ୍ୱାସ କରିବ ସେ ପୁନର୍ଜନ୍ମ ପ୍ରାପ୍ତ ହେବ ଏବଂ ଧାର୍ମିକ ଗଣିତ ହେବ ଓ ପାପର କବଳରୁ ମୁକ୍ତ ହେବ । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା ଉତ୍ତାରେ ବିଶ୍ୱାସୀମାନେ ସଂପୂର୍ଣ୍ଣ ପବିତ୍ରୀକୃତ ହେବା ଆବଶ୍ୟକ; ପବିତ୍ର ଆତ୍ମା ବିଶ୍ୱାସୀମାନଙ୍କର ସଂପୂର୍ଣ୍ଣ ପବିତ୍ରୀକରଣର ଏବଂ ନୂତନ ଜନ୍ମର ସାକ୍ଷ୍ୟ ବହନ କରନ୍ତି । ଆମ ପ୍ରଭୁଙ୍କର ଦ୍ୱିତୀୟ ଆଗମନ ହେବ, ମୃତମାନେ ଉଠିବେ ଏବଂ ଅନ୍ତିମ ବିଚାର ହେବ । (ପାରା ୨୦.୧–୨୦.୮)

ତୁମେ କ'ଣ ହୃଦୟର ସହ ଏହି ସମସ୍ତ ସତ୍ୟଗୁଡ଼ିକୁ ବିଶ୍ୱାସ କର ? ଯଦି କର ତେବେ ଉତ୍ତରରେ କୁହ, "ହଁ ମୁଁ କରେ" । ତୁମେ କ'ଣ ଯୀଶୁ ଖ୍ରୀଷ୍ଟଙ୍କୁ ତୁମର ପ୍ରଭୁ ଏବଂ ତ୍ରାଣକର୍ତ୍ତା ରୂପେ ସ୍ୱୀକାର କର ଏବଂ ସେ ତୁମକୁ ବର୍ତ୍ତମାନ ଉଦ୍ଧାର କରିପାରନ୍ତି ଏହା କ'ଣ ତୁମେ ବିଶ୍ୱାସ କରୁଛ ?

ଉତ୍ତର: ବିଶ୍ୱାସ ଦ୍ୱାରା ମୁଁ କରେ ।

ନାଜରିନ୍ ମଣ୍ଡଳୀ ସହିତ ମିଳିତ ହେବାକୁ ଇଚ୍ଛା କରୁଥିବା ହେତୁ, ଖ୍ରୀଷ୍ଟୀୟ ଚରିତ୍ରର ନିୟମ ଅନୁଯାୟୀ ତୁମେ କ'ଣ ଆପଣା ପ୍ରଭୁ ପରମେଶ୍ୱରଙ୍କୁ ଆପଣା ହୃଦୟ, ଆତ୍ମା, ମନ ଏବଂ ଶକ୍ତି ସହିତ ପ୍ରେମ କରିବ ଏବଂ ତୁମେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବ ? ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତ, ସହଭାଗିତା ଏବଂ କାର୍ଯ୍ୟରେ ଯେପରି ବର୍ଣ୍ଣନା କରାଯାଇଅଛି ଈଶ୍ୱରଙ୍କ ସେହି ସେବା (ମିଶନ୍) ପ୍ରତି

ତୁମେ କ'ଣ ସମର୍ପିତ ଅଟ ? ନାଜରିନ୍ ମଣ୍ଡଳୀର ଶିକ୍ଷାକୁ ତୁମେ କ'ଣ ସମର୍ଥନ କରୁଅଛ ଏବଂ ଈଶ୍ୱରଙ୍କର ସହାୟତାରେ ଏହାକୁ ଦୃଢ଼ ଭାବରେ ଚେଷ୍ଟା କରିବ ଯେପରି ତୁମେ ବୋଧଶକ୍ତିରେ ବୃଦ୍ଧି ପ୍ରାପ୍ତ ହେବ ଏବଂ ଏପରି ଭାବରେ ଏହାକୁ ଅଭ୍ୟାସ କରିବ ଯେପରି ମଣ୍ଡଳୀର ସାକ୍ଷ୍ୟ ବୃଦ୍ଧି ହେବ ? ତୁମେ କ'ଣ ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱରଙ୍କୁ ଗୌରବ ଦେବ, (ନମ୍ର ଚାଲିଚଳଣରେ, ଐଶ୍ୱରୀୟ ଆଳାପରେ ଏବଂ ପବିତ୍ର ସେବାରେ; ଭକ୍ତି ସହକାରେ ତୁମ ସମ୍ବଳର ଦାନ ଦ୍ୱାରା ଏବଂ ବିଶ୍ୱସ୍ତ ଭାବରେ ଅନୁଗ୍ରହର ଦାନଗୁଡ଼ିକରେ ଅଂଶ ଗ୍ରହଣ କରିବା ଦ୍ୱାରା)

ତୁମେ କ'ଣ ତୁମ ଜୀବନର ପ୍ରତ୍ୟେକଟି ଦିନ ଯୀଶୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବ, ସମସ୍ତ ମନ୍ଦତାରୁ ଦୂରରେ ରହିବ, ପ୍ରଭୁ ଭୟରେ ହୃଦୟ ଏବଂ ଜୀବନର ସଠିକ୍ ପବିତ୍ରତା ପ୍ରତି ବିଶ୍ୱସ୍ତ ଭାବରେ ଅନୁସନ୍ଧାନ କରିବ ?

ଉତ୍ତର: ହଁ ମୁଁ କରିବି ।

ଏଥିଉତ୍ତାରେ ପାଳକ ବ୍ୟକ୍ତିଙ୍କୁ କହିବେ:

ମୁଁ ନାଜରିନ୍ ମଣ୍ଡଳୀର ସହଭାଗିତା ମଧ୍ୟକୁ ତୁମକୁ ସ୍ୱାଗତ କରୁଅଛି ଏବଂ ଏହି ସ୍ଥାନୀୟ ମଣ୍ଡଳୀରେ ଥିବା ସୁବିଧା ସୁଯୋଗ ଏବଂ ଦାୟୀତ୍ୱ ମଧ୍ୟକୁ ସ୍ୱାଗତ କରୁଅଛି । ମଣ୍ଡଳୀର ମହାନ୍ ମସ୍ତକ ତୁମକୁ ଆଶୀର୍ବାଦ କରନ୍ତୁ ଏବଂ ସମସ୍ତ କାର୍ଯ୍ୟରେ ବିଶ୍ୱସ୍ତ ରହିବା ପାଇଁ ତୁମକୁ ସାହାଯ୍ୟ କରନ୍ତୁ, ଯେପରି ଦୀନହୀନ ଏବଂ ଦୁଃଖୀମାନଙ୍କ ନିମନ୍ତେ ଯତ୍ନ ନେବାରେ ଓ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ପ୍ରତି କଢ଼ାଇ ନେବାରେ ତୁମର ଜୀବନ ଏବଂ ସାକ୍ଷ୍ୟ ପ୍ରଭାବଶାଳୀ ହୋଇପାରିବ ।

## ୭୦୫. ବିବାହ

ବିବାହ ସମ୍ବନ୍ଧରେ ନାଜରିନ୍ ମଣ୍ଡଳୀ ନିମ୍ନଲିଖିତ ପ୍ରସ୍ତାବ ଦିଏ ।

- ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ସମାନତା ।
- ଖ୍ରୀଷ୍ଟ ଏବଂ ମଣ୍ଡଳୀ ମଧ୍ୟରେ ଥିବା ପ୍ରତିଜ୍ଞାର ସମ୍ପର୍କ ସ୍ୱାମୀ ଏବଂ ସ୍ତ୍ରୀ

ମଧ୍ୟରେ ସମ୍ପର୍କ ମାଧ୍ୟମରେ ପ୍ରତିଫଳିତ ।

- ଏପରି ଭାଷା ବ୍ୟବହାର କରିବା ଆବଶ୍ୟକ ଯେପରି ସମାଜରେ ଏବଂ ଆଇନ୍ ଭାବରେ ଯଥାର୍ଥ ଅଟେ ।
- ନିମ୍ନଲିଖିତ ଉତ୍ସବ ଏବଂ ସମ୍ବଳ ସ୍ୱରୂପେ ଅର୍ପଣ କରାଯାଇଅଛି ।

ବିବାହ ନିମନ୍ତେ ସ୍ଥିର/ଧାର୍ଯ୍ୟ କରାଯାଇଥିବା ଦିନ, ତାରିଖ ଏବଂ ସମୟରେ ବିବାହ ହେବାକୁ ପ୍ରସ୍ତୁତ ଥିବା ବ୍ୟକ୍ତିଗଣଙ୍କୁ ପାଳକଙ୍କ ଦ୍ୱାରା ଆଇନ୍ ଅନୁଯାୟୀ ଯୋଗ୍ୟ ବିବେଚିତ କରିବା ଆବଶ୍ୟକ ଏବଂ ସେମାନଙ୍କୁ ଯତ୍ନ ସହକାରେ ପରାମର୍ଶ ଦେବା ଆବଶ୍ୟକ ।

ବିବାହ ହେବା ନିମନ୍ତେ ପ୍ରସ୍ତୁତ ଥିବା ବର ଏବଂ କନ୍ୟା ପାଳକଙ୍କ ପ୍ରତି ସାମ୍ନା କରି ଠିଆ ହେବେ ଏବଂ ପାଳକ ସମବେତ ମଣ୍ଡଳୀକୁ ସମ୍ମୁଖୀନ ହୋଇ ନିମ୍ନଲିଖିତ ଅଂଶ କହିବେ:

ବନ୍ଧୁବର୍ଗ/ପ୍ରିୟ ବନ୍ଧୁଗଣ: ଆମ୍ଭେମାନେ ସର୍ବଦର୍ଶୀ ପ୍ରେମମୟ ଈଶ୍ୱରଙ୍କ ସାକ୍ଷାତରେ ଏବଂ ଉପସ୍ଥିତ ଉପାସକବୃନ୍ଦଙ୍କ ସହିତ ଏହି ଯୁବକ (ନାମ) ଓ ଯୁବତୀ (ନାମ)ଙ୍କୁ ପବିତ୍ର ବିବାହ ବନ୍ଧନରେ ଆବଦ୍ଧ କରିବାକୁ ଏକତ୍ରୀତ ହୋଇଅଛୁ । (ବିବାହ ସର୍ବତ୍ର ସମାଜରେ ଗୌରବାନ୍ୱିତ ଓ ଆଦରଣୀୟ ବିଷୟ ଅଟେ) । ଯାହା ପରମେଶ୍ୱରଙ୍କ ଦ୍ୱାରା ଏଦନ ଉଦ୍ୟାନରେ ଏହି ବିଧି ସ୍ଥାପନ କରାଯାଇଥିଲା । ଏହି ସମ୍ମିଳନ ଖ୍ରୀଷ୍ଟ ଓ ମଣ୍ଡଳୀର ସମ୍ମିଳନର ନିଦର୍ଶନକୁ ପ୍ରକାଶ କରେ । ପ୍ରଭୁ ଯୀଶୁଖ୍ରୀଷ୍ଟ ମଧ୍ୟ ଶିଷ୍ୟମାନଙ୍କର ସହିତ କାନ୍ନା ନଗର ବିବାହ ଉତ୍ସବରେ ଯୋଗଦାନ କରି ନିଜର ଉପସ୍ଥିତି ଦ୍ୱାରା ଏହି ପୁଣ୍ୟାବସ୍ଥାକୁ ସୁଶୋଭିତ ଏବଂ ପବିତ୍ର କରିଅଛନ୍ତି । ଅତଏବ, ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ସହିତ ବିବେକର ସିଦ୍ଧାନ୍ତମତେ ଓ ପ୍ରାର୍ଥନାପୂର୍ବକ ଏହି ପବିତ୍ର ଓ ଗୁରୁତର ବିଷୟରେ ପ୍ରବୃତ୍ତ ହେବା କର୍ତ୍ତବ୍ୟ ।

ବର୍ତ୍ତମାନ ଏହି ବ୍ୟକ୍ତିଦ୍ୱୟ ଏକତ୍ରୀତ ହେବା ନିମନ୍ତେ ଏହି ପବିତ୍ର ଅବସ୍ଥାରେ ଉପସ୍ଥିତ ହୋଇଅଛନ୍ତି ।

ବିବାହ ପ୍ରାର୍ଥୀଙ୍କ ପ୍ରତି ପାଳକ କହିବେ:

(ବରର ନାମ) ଏବଂ (କନ୍ୟାର ନାମ) ଈଶ୍ୱରଙ୍କ ସମ୍ମୁଖରେ ତୁମେ ଉପସ୍ଥିତ ହୋଇଥିବା ହେତୁ ମୁଁ ଉଭୟଙ୍କୁ କହିବାକୁ ଚାହେଁ ଯେ, ବିବାହ ପ୍ରତି ସମର୍ପଣ ଏକ ସ୍ଥାୟୀ ସମର୍ପଣ ଅଟେ ଏହା ସ୍ମରଣ ରଖ । ତୁମର ବିବାହ ଜୀବନର ଶେଷ ପର୍ଯ୍ୟନ୍ତ ରହୁ ଏବଂ କେବଳ ମୃତ୍ୟୁ ତୁମକୁ ବିଚ୍ଛେଦ କରୁ ଏହା ଈଶ୍ୱରଙ୍କର ପବିତ୍ର ଇଚ୍ଛା ଅଟେ ।

ଯେଉଁ ପ୍ରତିଜ୍ଞା ତୁମେ ପରସ୍ପର ପ୍ରତି ଆଜି ପ୍ରଦାନ କରିଅଛ ଯଦି ତାହା ଲଙ୍ଘନ ନ କରି ପାଳନ କର ଏବଂ ଯଦି ତୁମେ ଈଶ୍ୱରଙ୍କ ଇଚ୍ଛା ଜାଣିବାକୁ ଓ କରିବାକୁ ସର୍ବଦା ଅନୁସନ୍ଧାନ କର ତେବେ ତାହାଙ୍କ ଉପସ୍ଥିତିରେ ତୁମର ଜୀବନ ଆଶୀର୍ବାଦମୟ ହେବ ଏବଂ ତୁମ ପରିବାର ତାହାଙ୍କ ଶାନ୍ତିରେ ଆବଦ୍ଧ ରହିବ ।

ଏହି ଉପଦେଶ ଦେବା ଉତ୍ତାରେ ପାଳକ ବରକୁ କହିବେ:

(ନାମ)... ତୁମେ କି ବିବାହର ପବିତ୍ର ସମ୍ବନ୍ଧରେ ଈଶ୍ୱରଙ୍କର ମଙ୍ଗଳ ବିଧାନ ଅନୁଯାୟୀ, ଦାମ୍ପତ୍ୟ ପ୍ରେମରେ, ଶ୍ରୀମତୀ (ନାମ)ଙ୍କୁ ନିଜର ବିବାହିତା ଭାର୍ଯ୍ୟା ସ୍ୱରୂପେ ଗ୍ରହଣ କରିବ ? ତୁମ୍ଭେ କି ସର୍ବାବସ୍ଥାରେ ଏହାଙ୍କୁ ପ୍ରାଣର ସହିତ ପ୍ରେମ, ସମାଦର, ସାନ୍ତ୍ୱନା ଓ ପ୍ରତିପାଳନ କରିବ ? ପୁଣି ମୃତ୍ୟୁ-ବିଚ୍ଛେଦ ପର୍ଯ୍ୟନ୍ତ କେବଳ ଏହି ସ୍ତ୍ରୀଙ୍କଠାରେ ଆବଦ୍ଧ ରହି ବିଶୁଦ୍ଧ ଓ ପବିତ୍ର ପ୍ରଣୟରେ ଏହାଙ୍କ ସହିତ ବାସ କରିବ ?

ବର କହିବେ: ହଁ ମୁଁ ତାହା କରିବି ।

ଏହା ଉତ୍ତାରେ ପାଳକ କନ୍ୟାକୁ କହିବେ:

(ନାମ)..., ତୁମ୍ଭେ କି ବିବାହର ପବିତ୍ର ସମ୍ବନ୍ଧରେ ଈଶ୍ୱରଙ୍କର ମଙ୍ଗଳ ବିଧାନ ଅନୁଯାୟୀ, ଦାମ୍ପତ୍ୟ ପ୍ରେମରେ ଏହି ଶ୍ରୀମାନ୍ (ନାମ)ଙ୍କୁ ନିଜର ବିବାହିତ ସ୍ୱାମୀ ସ୍ୱରୂପେ ଗ୍ରହଣ କରିବ ? ତୁମ୍ଭେ କି ସର୍ବାବସ୍ଥାରେ ଏହାଙ୍କୁ ପ୍ରାଣର ସହିତ ପ୍ରେମ, ସମାଦର, ସାନ୍ତ୍ୱନା ଓ ପ୍ରତିପାଳନ କରିବ ? ପୁଣି ମୃତ୍ୟୁ–ବିଚ୍ଛେଦ ପର୍ଯ୍ୟନ୍ତ କେବଳ ଏହି ସ୍ୱାମୀଙ୍କଠାରେ ଆବଦ୍ଧ ରହି ବିଶୁଦ୍ଧ ଓ ପବିତ୍ର ପ୍ରଣୟରେ ଏହାଙ୍କ ସହିତ ବାସ କରିବ ?

କନ୍ୟା କହିବେ: ହଁ ମୁଁ ତାହା କରିବି ।

ଅଭିଭାବକଙ୍କ ସମ୍ମତି: ବର ଏବଂ କନ୍ୟାଙ୍କ ଅଭିଭାବକ ହୋଇଥିବା ହେତୁ ତୁମେ କ'ଣ ଉଭୟଙ୍କ ମିଳନକୁ ଆଶୀର୍ବାଦ ପ୍ରଦାନ କରିବ ?

ଅଭିଭାବକଙ୍କ ଉତ୍ତର: ହଁ ଆମେ ତାହା କରିବୁ ।

ପାଳକ: କିଏ ଏହି କନ୍ୟାକୁ ବିବାହାର୍ଥେ ସମର୍ପଣ କରୁଅଛନ୍ତି ?

ପିତା କିମ୍ବା ଅଭିଭାବକ: ମୁଁ ସମର୍ପଣ କରୁଅଛି ।

(ବର ଓ କନ୍ୟା ପରସ୍ପରର ଦକ୍ଷିଣ ହସ୍ତ ଧରି ପାଳକଙ୍କ କହିବା ଅନୁସାରେ ନିମ୍ନଲିଖିତ ଉକ୍ତି ଉଚ୍ଚାରଣ କରିବେ)

ବର – ଏହି ସମବେତ ମଣ୍ଡଳୀର ସାକ୍ଷାତରେ, ମୁଁ .................... ସର୍ବଶକ୍ତିମାନ, ସର୍ବଦର୍ଶୀ, ଈଶ୍ୱରଙ୍କ ସମ୍ମୁଖରେ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମ୍ଭକୁ ଅର୍ଥାତ୍, ଶ୍ରୀମତୀ ......................ଙ୍କୁ ମୋର ବିବାହିତା ଭାର୍ଯ୍ୟା ସ୍ୱରୂପେ ଆଜିଠାରୁ, ସୁଖରେ ବା ଦୁଃଖରେ, ସମ୍ପଦରେ ବା ବିପଦରେ, ସୁସ୍ଥତାରେ ବା ଅସୁସ୍ଥତାରେ ଈଶ୍ୱରଙ୍କ ପବିତ୍ର ବିଧାନ ଅନୁସାରେ ଆଜୀବନ ପ୍ରେମ, ସମାଦର ଏବଂ ପ୍ରତିପାଳନ କରିବାକୁ ଶପଥ ଓ ଗ୍ରହଣ କରୁଅଛି । ଏହି

ପ୍ରତିଜ୍ଞା ରକ୍ଷାର୍ଥେ ମୁଁ ବିଶ୍ୱାସ ସହକାରେ ହସ୍ତ ପ୍ରଦାନପୂର୍ବକ ତୁମ୍ଭକୁ ମୋର ବାକ୍ୟ ଦାନ କରୁଅଛି ।

କନ୍ୟା – ଏହି ସମବେତ ମଣ୍ଡଳୀର ସାକ୍ଷାତରେ, ମୁଁ ..................... ସର୍ବଶକ୍ତିମାନ, ସର୍ବଦର୍ଶୀ, ଈଶ୍ୱରଙ୍କ ସମ୍ମୁଖରେ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମ୍ଭକୁ ଅର୍ଥାତ୍, ଶ୍ରୀମାନ୍ ......................ଙ୍କୁ ମୋର ବିବାହିତ ସ୍ୱାମୀ ସ୍ୱରୂପେ ଆଜିଠାରୁ ସୁଖରେ ବା ଦୁଃଖରେ, ସମ୍ପଦରେ ବା ବିପଦରେ, ସୁସ୍ଥତାରେ ବା ଅସୁସ୍ଥତାରେ, ଈଶ୍ୱରଙ୍କ ପବିତ୍ର ବିଧାନ ଅନୁସାରେ, ଆଜୀବନ ପ୍ରେମ, ସମାଦର ଓ ପ୍ରତିପାଳନ କରିବାକୁ ଶପଥ ଓ ଗ୍ରହଣ କରୁଅଛି । ଏହି ପ୍ରତିଜ୍ଞା ରକ୍ଷାର୍ଥେ ମୁଁ ବିଶ୍ୱାସ ସହକାରେ ହସ୍ତ ପ୍ରଦାନ ପୂର୍ବକ ତୁମ୍ଭକୁ ମୋର ବାକ୍ୟ ଦାନ କରୁଅଛି ।

(ପରସ୍ପରକୁ ବିବାହ ଚିହ୍ନ ସ୍ୱରୂପେ ମୁଦ୍ରିକା ଆଦାନ ପ୍ରଦାନ କରିବେ)

କନ୍ୟାର ବାମ ହସ୍ତ ଅଙ୍ଗୁଳିରେ ଓ ବରର ଦକ୍ଷିଣ ହସ୍ତ ଚତୁର୍ଥ ଅଙ୍ଗୁଳିରେ ମୁଦ୍ରିକା ପିନ୍ଧାଇବେ । ବର କନ୍ୟା ପରସ୍ପରକୁ ମୁଦ୍ରିକା ପ୍ରଦାନ କରବାବେଳେ କହିବେ :

"ମୁଁ ତୁମକୁ ମୋର ପତ୍ନୀ/ସ୍ୱାମୀ ସ୍ୱରୂପେ ଗ୍ରହଣ କରିଥିବାରୁ ଏହାର ନିଦର୍ଶନ ଓ ସ୍ମାରକୀ ସ୍ୱରୂପେ ଏହି ମୁଦ୍ରିକା ପ୍ରଦାନ କରୁଅଛି ।"

(ବର-କନ୍ୟାର ଦକ୍ଷିଣ ହସ୍ତଦ୍ୱୟକୁ ପୁନର୍ବାର ସଂଯୋଗ କରାଇ ପାଳକ କହିବେ:)

ଈଶ୍ୱର ଯେଉଁମାନଙ୍କୁ ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ସେମାନଙ୍କୁ ବିଭିନ୍ନ ନ କରୁ । ଏହି ଦୁଇଜଣ ଅର୍ଥାତ୍, ଶ୍ରୀମାନ୍ ................ ଓ ଶ୍ରୀମତୀ .................. ପବିତ୍ର ପରିଣୟ ସୂତ୍ରରେ ଆବଦ୍ଧ ହେବା ନିମନ୍ତେ ଏହି ସଭା ସାକ୍ଷାତରେ ଏବଂ ଈଶ୍ୱରଙ୍କ ସମ୍ମୁଖରେ ଶପଥ ଗ୍ରହଣ କରିଅଛନ୍ତି ଓ ସ୍ୱୀକୃତ ହୋଇଅଛନ୍ତି । ପୁଣି ପରସ୍ପରର ହସ୍ତ ଧରି ଏବଂ ବିବାହ ଚିହ୍ନ ଦେଇ ନିଜ ନିଜର ସମ୍ମତି ପ୍ରକାଶ କରିଅଛନ୍ତି । ଅତଏବ ମୁଁ ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ, ପୁଣି ରାଷ୍ଟ୍ରୀୟ ବିଧି ଅନୁସାରେ ଏମାନଙ୍କୁ ସର୍ବ ସମକ୍ଷରେ ସ୍ୱାମୀ ଓ ଭାର୍ଯ୍ୟା ବୋଲି ସ୍ୱୀକାର ଏବଂ ପ୍ରକାଶ କରୁଅଛି ।

ନବ ଦମ୍ପତ୍ତିଙ୍କ ନିମନ୍ତେ ପ୍ରାର୍ଥନା:

ପରମ ଈଶ୍ୱର, ସମସ୍ତ ବିଷୟର ସୃଷ୍ଟିକର୍ତ୍ତା ଏବଂ ରକ୍ଷାକର୍ତ୍ତା, ସମସ୍ତ ଆତ୍ମିକ ଅନୁଗ୍ରହ ପ୍ରଦାନକାରୀ, ଅନନ୍ତ ଜୀବନ ପ୍ରଦାନକାରୀ, ତୁମର ସନ୍ତାନମାନଙ୍କ (ବର ନାମ) ଏବଂ (କନ୍ୟା ନାମ) ଉପରେ ତୁମର ଆଶିଷ ପ୍ରେରଣ କର ଯେଉଁମାନଙ୍କୁ ତୁମ ନାମରେ ଆମେ ବର୍ତ୍ତମାନ ଆଶୀର୍ବାଦ କରିଛୁ, ବର୍ତ୍ତମାନ ସେମାନେ ପରସ୍ପର ପ୍ରତି ଯେଉଁ ପ୍ରତିଜ୍ଞା କରିଛନ୍ତି ତାହା ଯେପରି ପାଳନ କରି ଏକତ୍ର ପ୍ରେମ ଓ ଶାନ୍ତିରେ ଚିରଦିନ ନିମନ୍ତେ ରହିପାରିବେ । ଯୀଶୁଙ୍କ ନାମରେ, ଆମେନ୍ ।

ଆଶୀଷବାଣୀ:

ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ତୁମକୁ ଆଶୀର୍ବାଦ କରନ୍ତୁ, ସୁରକ୍ଷିତ ରଖନ୍ତୁ, ତାହାଙ୍କର କୃପାଦୃଷ୍ଟି ତୁମ୍ଭମାନଙ୍କ ଉପରେ ରହୁ ଏବଂ ସେ ତୁମକୁ ସମସ୍ତ ଆତ୍ମିକତାରେ ଏବଂ ଅନୁଗ୍ରହରେ ଭରି ଦିଅନ୍ତୁ । ଆଗାମୀ ଜଗତରେ ତୁମେ ଏକତ୍ର ବାସ କର ଏବଂ ତୁମେ ଅନନ୍ତ ଜୀବନ ପ୍ରାପ୍ତ ହୁଅ ।

ଏହା ଉତ୍ତାରେ ପାଳକ ପ୍ରାର୍ଥନା ଏବଂ ଶେଷ ପ୍ରାର୍ଥନା/ଆଶିଷ ପ୍ରାର୍ଥନା କରି ଶେଷ କରିବେ । (୫୩୨.୭, ୫୩୩.୨, ୫୩୪.୧, ୫୩୮.୧୯)

## ୭୦୬. ସମାଧିକ୍ରିୟା ଉପାସନା

ପ୍ରିୟ ବନ୍ଧୁବର୍ଗ: ଆମର ପ୍ରିୟ ବନ୍ଧୁ ଯାହାଙ୍କର ମୃତ୍ୟୁ ଘଟିଛି, ତାଙ୍କ ପ୍ରତି ସମ୍ମାନ ସହ ଆମର ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆମେ ଏକତ୍ରୀତ ହୋଇଅଛୁ । ମୃତ୍ୟୁ ବିଚ୍ଛେଦରେ ଯେଉଁମାନେ ବ୍ୟଥିତ ସେମାନଙ୍କ ପ୍ରତି ଆମର ଗଭୀର ସମବେଦନା ଅର୍ପଣ କରୁଅଛୁ । ଏହିପରି ସମୟରେ ଈଶ୍ୱରଙ୍କ ବାକ୍ୟରେ ଥିବା ସାନ୍ତ୍ୱନାବାଣୀ ଆପଣଙ୍କୁ ପ୍ରଦାନ କରିପାରୁ:

"ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ'ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, ଯଦି ନ ଥାନ୍ତା, ତା'ହେଲେ ମୁଁ ତୁମ୍ଭମାନଙ୍କୁ କହିଥାନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି, ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥିନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନି ଯିବି" (ଯୋହନ ୧୪:୧-୩) ।

"ଯୀଶୁ ତାହାଙ୍କୁ କହିଲେ, ମୁଁ ପୁନରୁତ୍ଥାନ ଓ ଜୀବନ; ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି ଯେ କେହି ବଞ୍ଚେ ଓ ମୋ'ଠାରେ ବିଶ୍ୱାସ କରେ, ସେ କଦାପି କେବେହେଁ ମରିବ ନାହିଁ" (ଯୋହନ ୧୧:୨୫-୨୬) ।

ପ୍ରାର୍ଥନା

ସର୍ବଶକ୍ତିମାନ ଈଶ୍ୱର, ଆମର ସ୍ୱର୍ଗସ୍ଥ ପିତା ଦୁଃଖର ସହ ଏହି ଉପାସନାକୁ ଆସିଅଛୁ, ତୁମ ଉପରେ ଆମେ ସଂପୂର୍ଣ୍ଣ ନିର୍ଭରଶୀଳ ବୋଲି ଆମେ ଅନୁଭବ କରୁଅଛୁ । ତୁମେ ଆମକୁ ପ୍ରେମ କର ଏହା ଆମେ ଜାଣୁ ଏବଂ ଏପରିକି ମୃତ୍ୟୁର ଛାଇକୁ ଦିବସରେ ଆଲୋକରେ ତୁମେ ପରିବର୍ତ୍ତନ କରିପାର ଏହା ଆମେ ଜାଣୁ । ତୁମେ ଆମର ଦୁର୍ଗ ଓ ବଳ ଅଟ । ହେ ପ୍ରଭୋ, ବର୍ତ୍ତମାନ ଏହି ଦୁଃସମୟରେ ଆମକୁ ସାହାଯ୍ୟ କର । ତୁମର ପ୍ରଚୁର ଅନଗ୍ରହ ଓ ଦୟା ଆମକୁ ପ୍ରଦାନ କର । ଯେଉଁମାନେ ଆଜି ଶୋକରେ ଅଛନ୍ତି, ସେମାନେ ଯେପରି ସାନ୍ତ୍ୱନା ପ୍ରାପ୍ତ ହେବେ ଏହିପରି ଆଶୀର୍ବାଦ କର । ଏହି ସମସ୍ତ ବିନତି ଆମ ପ୍ରଭୁ ଯୀଶୁଙ୍କ ନାମରେ ଅର୍ପଣ କରୁଅଛୁ । ଆମେନ୍ ।

ଗୀତ

"ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ; ସେ ମୃତମାନଙ୍କ ମଧ୍ୟରୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଜୀବନଦାୟକ ଭରସାପ୍ରାପ୍ତି ନିମନ୍ତେ ଅର୍ଥାତ୍ ଯେଉଁ ଅକ୍ଷୟ, ଅକଳଙ୍କିତ, ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁନର୍ଜନ୍ମ ଦେଇଅଛନ୍ତି । ଯେଉଁ ପରିତ୍ରାଣ ଶେଷକାଳରେ ପ୍ରକାଶିତ ହେବା ପାଇଁ ପ୍ରସ୍ତୁତ ହୋଇଅଛି, ସେଥିନିମନ୍ତେ ତୁମ୍ଭେମାନେ ଈଶ୍ୱରଙ୍କ ଶକ୍ତିରେ ବିଶ୍ୱାସ ଦ୍ୱାର ସୁରକ୍ଷିତ ହେଉଅଛ । ଏଥିରେ ତୁମ୍ଭେମାନେ ଉଲ୍ଲାସ କରୁଅଛ, ଯଦ୍ୟପି ଅଳ୍ପ ସମୟ ପାଇଁ ନାନା ପରୀକ୍ଷା ଦ୍ୱାରା ଦୁଃଖଭୋଗ କରିବା ତୁମ୍ଭମାନଙ୍କ ପକ୍ଷରେ ଆବଶ୍ୟକ ହୁଏ, ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ ତାହା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ । ତୁମ୍ଭେମାନେ ତାହାଙ୍କୁ ନ ଦେଖି ବିଶ୍ୱାସ କରୁଅଛ, ପୁଣି ଏବେ ସୁଦ୍ଧା ନ ଦେଖିଲେ ହେଁ ତାହାଙ୍କଠାରେ ବିଶ୍ୱାସ କରି ଅକଥନୀୟ ଓ ଗୌରବଯୁକ୍ତ ଆନନ୍ଦରେ ଆନନ୍ଦିତ ହୋଇ ତୁମ୍ଭମାନଙ୍କର ବିଶ୍ୱାସର ଲକ୍ଷ୍ୟ ଯେ ଆତ୍ମାର ପରିତ୍ରାଣ, ତାହା ପାଉଅଛ" (୧ ପିତର ୧;୩-୯) ।

ଅନ୍ୟାନ୍ୟ ଶାସ୍ତ୍ରାଂଶ ମଧ୍ୟ ପାଠ କରାଯାଇପାରେ:

- ବାକ୍ୟ ପ୍ରଚାର
- ଏକ ସଂଗୀତ

ଶେଷ ପ୍ରାର୍ଥନା

କବର ସ୍ଥାନରେ:

ଯେତେବେଳେ ଲୋକମାନେ ଏକତ୍ରୀତ ହେବେ ପାଳକ ନିମ୍ନଲିଖିତ ଶାସ୍ତ୍ରାଂଶଗୁଡ଼ିକ ପାଠ କରିପାରିବେ:

"ମାତ୍ର ମୁଁ ଜାଣେ ଯେ, ମୋହର ମୁକ୍ତିକର୍ତ୍ତା ଜୀବିତ ଅଟନ୍ତି ଓ ଶେଷରେ ସେ ପୃଥିବୀ ଉପରେ ଠିଆ ହେବେ; ପୁଣି ମୋହର ଚର୍ମ ଏହି ରୂପେ ବିନଷ୍ଟ ହେଲା ଉତ୍ତାରେ ହେଁ ମୁଁ ମାଂସବିହୀନ ହୋଇ ପରମେଶ୍ୱରଙ୍କୁ ଦେଖିବି; ମୁଁ ତାହାଙ୍କୁ ଆପଣାର ସପକ୍ଷ ଦେଖିବି, ମୋହର ଚକ୍ଷୁ ତାହାଙ୍କୁ ଦେଖିବ, ଅନ୍ୟ ନୁହେଁ । ବକ୍ଷ ମଧ୍ୟରେ ମୋହର ହୃଦୟ କ୍ଷୀଣ ହୋଇଅଛି" (ଆୟୁବ ୧୯:୨୫-୨୭) ।

"ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୂଢ଼ କଥା କହୁଅଛି, ଆମ୍ଭେମାନେ ସମସ୍ତେ ମହାନିଦ୍ରାପ୍ରାପ୍ତ ହେବା ନାହିଁ, କିନ୍ତୁ ଏକ ମୁହୂର୍ତ୍ତରେ ଚକ୍ଷୁର ପଲକରେ, ଶେଷ ତୂରୀ ଧ୍ୱନୀରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା; କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା ।

କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତା ରୂପ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତା ରୂପ ବସ୍ତ୍ର ପରିଧାନ କରିବାକୁ ହେବ । କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟ ରୂପ ବସ୍ତ୍ର ଓ ଏହି ମର୍ତ୍ତ୍ୟ ଶରୀର ଅମରତା ରୂପ ବସ୍ତ୍ର ପରିଧାନ କଲା ଉତ୍ତାରେ ଏହି ଲିଖିତ ବାକ୍ୟ ସଫଳ ହେବ । "ଜୟ ମୃତ୍ୟୁକୁ ଗ୍ରାସ କରିଅଛି ।" "ରେ ମୃତ୍ୟୁ କାହିଁ ତୋ'ର ଜୟ ? ରେ ମୃତ୍ୟୁ କାହିଁ ତୋ'ର ନାହୁଡ଼ ?" ମୃତ୍ୟୁର ନାହୁଡ଼ ପାପ ଆଉ ପାପର ବଳ ବ୍ୟବସ୍ଥା; କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ । ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କର ପରିଶ୍ରମ ନିଷ୍ଫଳ ନୁହେଁ । ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ୍ ହୁଅ" (୧ କରିନ୍ଥୀୟ ୧୫:୫୧-୫୮) ।

"ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶୁଣିଲି, ଲେଖ, ଯେଉଁମାନେ ଏଣିକି ପ୍ରଭୁରେ ଥାଇ ମରନ୍ତି, ସେମାନେ ଧନ୍ୟ; ହଁ, ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା

ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ” (ପ୍ରକାଶିତ ୧୪:୧୩)।

– ଏକ ବିଶ୍ୱାସୀ ନିମନ୍ତେ –

ଆତ୍ମା ପ୍ରଦାନକାରୀ ଈଶ୍ୱରଙ୍କ ନିକଟକୁ ଆମ ପ୍ରିୟ ବନ୍ଧୁଙ୍କର ଆତ୍ମା ଫେରି ଯାଇଅଛି, ତେଣୁ ଆମ୍ଭମାନଙ୍କର ଏହା ଦୃଢ଼ ବିଶ୍ୱାସ ଯେ ତାହାଙ୍କ ଗୌରବମୟ ଶରୀରରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହେବେ। “ପ୍ରଭୁରେ ଥାଇ ଯେଉଁମାନ ମରନ୍ତି/ମୃତ୍ୟୁଭୋଗ କରନ୍ତି, ସେମାନେ ଧନ୍ୟ।”

– ଏକ ବିଶ୍ୱାସ କରୁ ନ ଥିବା ବ୍ୟକ୍ତି ନିମନ୍ତେ –

ଆମର ବିଚ୍ଛେଦ ହୋଇଥିବା ବନ୍ଧୁଙ୍କର ଶରୀରକୁ ଆଜି ଆମେ ଧୂଳିରେ ସମର୍ପଣ କରିବାକୁ ଆସିଅଛୁ। ତାଙ୍କର ଆତ୍ମାକୁ ଈଶ୍ୱରଙ୍କ ନିକଟରେ ଛାଡ଼ି ଯାଉଅଛୁ। କାରଣ ଆମେ ଜାଣୁ ଯେ ସମୁଦାୟ ଜଗତର ବିଚାରକର୍ତ୍ତା ସେ ନ୍ୟାୟ ବିଚାର କରିବେ। ଯେଉଁମାନେ ଆମେ ଜୀବିତ ରହିଛୁ ଈଶ୍ୱରଙ୍କ ଭୟ ଏବଂ ପ୍ରେମରେ ନିଜକୁ ସମର୍ପିର କରି ବଞ୍ଚିବା ଯେପରି ଆମେ ସ୍ୱର୍ଗରାଜ୍ୟ ମଧ୍ୟକୁ ପ୍ରବେଶ କରିପାରିବା।

– ଏକ ଶିଶୁ ନିମନ୍ତେ –

ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଅନନ୍ତ ଜୀବନ ପ୍ରତି ପୁନରୁତ୍ଥାନର ନିଶ୍ଚିତ ଏବଂ ଦୃଢ଼ ବିଶ୍ୱାସରେ କବରରେ ଏହି ଶିଶୁର ଶରୀରକୁ ସମର୍ପଣ କରୁଅଛୁ ଏବଂ ଯେପରି ଯୀଶୁ ଜଗତରେ ଥିବା ସମୟରେ ଶିଶୁମାନଙ୍କୁ କୋଳରେ ନେଇ ଆଶୀର୍ବାଦ କଲେ, ସେହିପରି ଏହା ପ୍ରତି ମଧ କରନ୍ତୁ, କାରଣ ସେ କହିଲେ, “ସ୍ୱର୍ଗରାଜ୍ୟ ଏହିପରି ଲୋକମାନଙ୍କର।”

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା, ଆମ୍ଭମାନଙ୍କର ଦୟାଳୁ ପରମେଶ୍ୱର, ଦୁଃଖରେ ଏବଂ ଶୋକରେ ଆମ୍ଭେ ତୁମ୍ଭକୁ ଦୃଷ୍ଟିପାତ କରୁଅଛୁ। ଏହି ପ୍ରିୟଜନମାନଙ୍କୁ ଯେଉଁମାନଙ୍କ ହୃଦୟ

ଦୁଃଖରେ ଭାଙ୍ଗି ଯାଇଛି ସେମାନଙ୍କୁ ସାନ୍ତ୍ୱନା ଦିଅ । ହେ ପ୍ରଭୋ, ସେମାନଙ୍କୁ ସାହାଯ୍ୟ କର ଯେପରି ତୁମକୁ ପ୍ରେମ ଏବଂ ସେବା କରିବେ ଓ ଆଗାମୀ ଦିନରେ ତୁମର ପ୍ରତିଜ୍ଞାର ପୂର୍ଣ୍ଣତା ପ୍ରାପ୍ତ ହେବେ ।

ଯେଉଁ ଶାନ୍ତିଦାତା ଈଶ୍ୱର ଅନନ୍ତକାଳସ୍ଥାୟୀ ନିୟମର ରକ୍ତ ହେତୁ ପ୍ରଧାନ ମେଷପାଳକ, ଅର୍ଥାତ୍ ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଫେରାଇ ଆଣିଲେ, ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା ସେ ଆମ୍ଭମାନଙ୍କ ଅନ୍ତରରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସମ୍ପନ୍ନ କରି ତାହାଙ୍କ ଇଚ୍ଛା ସାଧନ କରିବାକୁ ତୁମ୍ଭମାନଙ୍କୁ ପ୍ରତ୍ୟେକ ସତ୍କର୍ମରେ ସିଦ୍ଧ କରନ୍ତୁ । ଯୁଗେ ଯୁଗେ ଗୌରବ ତାହାଙ୍କର ହେଉ । ଆମେନ୍ । (ଏବ୍ରୀ ୧୩:୨୦-୨୧)

## ୭୦୭. ଅଧିକାରୀମାନଙ୍କର କାର୍ଯ୍ୟଭାର ଅର୍ପଣ

ଏକ ଉପଯୁକ୍ତ ସଙ୍ଗୀତ ଗାନ କରିବା ଉତ୍ତାରେ ସେକ୍ରେଟାରୀ/ସମ୍ପାଦକ ଅଧିକାରୀମାନଙ୍କର ନାମ ଏବଂ ସେମାନଙ୍କୁ କେଉଁ କାର୍ଯ୍ୟଭାର ଅର୍ପଣ କରାଯାଉଅଛି, ତାହା ପାଠ କରିବେ । ଅଧିକାରୀମାନେ ଆଗେଇ ଆସି ମଣ୍ଡଳୀର ବେଦି ନିକଟରେ ପାଳକଙ୍କୁ ସମ୍ମୁଖ କରି ଠିଆ ହେବେ । ପ୍ରତ୍ୟେକଙ୍କୁ ଏକ ପ୍ରତିଜ୍ଞାର କାର୍ଡ଼ ପ୍ରଦାନ କରାଯିବ । ଏଉତ୍ତାରେ ପାଳକ କହିବେ:

ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ପୃଥକ୍ କରିବାର ଈଶ୍ୱରଙ୍କ ପ୍ରଣାଳୀକୁ ସ୍ୱୀକାର କରି ଆମ୍ଭେମାନେ ଏହି ମୁହୂର୍ତ୍ତରେ ଏହି ଅଧିକାରୀମାନଙ୍କୁ କାର୍ଯ୍ୟଭାର ଅର୍ପଣ କରିବା ନିମନେତ ଏକତ୍ରୀତ ହୋଇଅଛୁ । ଆଗାମୀ ବର୍ଷ ନିମନ୍ତେ ଆମ୍ଭମାନଙ୍କ ମଣ୍ଡଳୀରେ ସେବା କରିବାକୁ ଯେଉଁମାନେ ସଠିକ୍ ଭାବେ ମନୋନୀତ ହୋଇଅଛନ୍ତି । ଆସନ୍ତୁ ତାହାଙ୍କ ପବିତ୍ର ଶାସ୍ତ୍ରରୁ ଈଶ୍ୱର ଆମ୍ଭମାନଙ୍କୁ ଦେଇଥିବା ଉପଦେଶକୁ ପାଠ କରିବା:

"ଅତଏବ ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି

ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" (ରୋମୀୟ ୧୩:୧-୨)

"ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ । ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର" (୨ ତୀମଥି ୨:୧୫) ।

"ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କଠାରେ ବାସ କରୁ; ତୁମ୍ଭେମାନେ ପରସ୍ପରକୁ ସଂପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୁତି ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର" (କଲସୀୟ ୩:୧୬) ।

"କିନ୍ତୁ ଯେ ଈଶ୍ୱରଙ୍କ ବାକ୍ୟରେ ଶିକ୍ଷାପ୍ରାପ୍ତ ହୁଏ ସେ ଶିକ୍ଷାଦାତାଙ୍କୁ ସମସ୍ତ ଉତ୍ତମ ବିଷୟର ସହଭାଗୀ କରାଉ" (ଗାଲାତୀୟ ୬:୬) ।

ଆମ୍ଭେମାନେ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଉପନୀତ ହୋଇଅଛୁ । ତୁମ୍ଭେମାନେ ମଣ୍ଡଳୀର NMI, NYI ଏବଂ SDMIର ଯତ୍ନ ନେବାକୁ ଏହି ବେଦି ସମ୍ମୁଖରେ ଠିଆ ହୋଇଅଛ । ଏହି ଦାୟୀତ୍ୱ ଉପରେ ଦୃଷ୍ଟିପାତ କରି ଈଶ୍ୱରଙ୍କର ସେବା ନିମନ୍ତେ ତୁମେ ବିଶେଷ ସୁଯୋଗ ପ୍ରାପ୍ତ ହୁଅ ଏବଂ ଏହି ଦାୟୀତ୍ୱ ତୁଲାଇବାରେ ତୁମେ ଆନନ୍ଦ ପ୍ରାପ୍ତ ହୁଅ ଏବଂ ବିଶେଷ ଆଶୀର୍ବାଦ ପ୍ରାପ୍ତ ହୁଅ ।

ତୁମ୍ଭମାନଙ୍କର ଏହି ଦାୟୀତ୍ୱ ସହଜ ନୁହେଁ କାରଣ ମଣ୍ଡଳୀ ଏବଂ ଆତ୍ମାଗୁଡ଼ିକର ଅନ୍ତିମ ପର୍ଯ୍ୟାୟ ତୁମ୍ଭମାନଙ୍କ ହାତରେ । ଖ୍ରୀଷ୍ଟୀୟ ଚରିତ୍ର ବିକାଶ କରିବା ତୁମ୍ଭମାନଙ୍କର ଦାୟୀତ୍ୱ ଅଟେ ଏବଂ ହଜା ଆତ୍ମାଗୁଡ଼ିକୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଘେନି ଯିବା ତୁମ୍ଭମାନଙ୍କର ସର୍ବୋଚ୍ଚ ଲକ୍ଷ୍ୟ ଅଟେ । ତାହାଙ୍କ ଗୌରବ ନିମନ୍ତେ ତାହାଙ୍କର କାର୍ଯ୍ୟ କରୁଥିବା ହେତୁ ଈଶ୍ୱର ତୁମ୍ଭମାନଙ୍କୁ ଜ୍ଞାନ ଓ ବଳ ପ୍ରଦାନ କରନ୍ତୁ ।

ତୁମ୍ଭମାନଙ୍କୁ ଏକ କାର୍ଡ ପ୍ରଦାନ କରାଯାଇଅଛି ଯେଉଁଥିରେ ଏକ ପ୍ରତିଜ୍ଞା ଛପା ଯାଇଅଛି । ଏହାକୁ ଆମେ ଏକତ୍ର ପାଠ କରିବା ଏବଂ ଯେତେବେଳେ ଆମେ ଏହା କରିବା ଆସୁ ଆମ୍ଭେମାନେ ବ୍ୟକ୍ତିଗତ ଭାବରେ ସ୍ୱୀକାର କରିବା ।

## କାର୍ଯ୍ୟକାରୀମାନଙ୍କର ନିୟମ

ମଣ୍ଡଳୀ ମୋ' ଉପରେ ଆସ୍ଥା ରଖିଥିବା ହେତୁ ଏବଂ କାର୍ଯ୍ୟକାରୀ ପଦ ନିମନ୍ତେ ମନୋନୀତ କରିଥିବା ହେତୁ ମୁଁ ତାହା ଗ୍ରହଣ କରୁଅଛି ଏବଂ ପ୍ରତିଜ୍ଞା କରୁଅଛି ଯେ:

- ନାଜରିନ୍ ମଣ୍ଡଳୀର ଆଦର୍ଶ ଏବଂ ଦୃଷ୍ଟାନ୍ତ ସହିତ ମେଳ ଖୁଆଇ ଉଚ୍ଚମାନର ଖ୍ରୀଷ୍ଟିୟାନ ଜୀବନ କାଟିବା ନିମନ୍ତେ ବଜାୟ ରଖିବି ।
- ବାଇବଲ ଅଧ୍ୟୟନ ଏବଂ ପ୍ରାର୍ଥନା ନିମନ୍ତେ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରିବା ଦ୍ୱାରା ମୋର ବ୍ୟକ୍ତିଗତ ଖ୍ରୀଷ୍ଟିୟାନ ଅନୁଭୂତିକୁ ଲାଭ/ଅମଳ କରିବି ।
- ନିୟମିତ ଭାବରେ ସଣ୍ଡେସ୍କୁଲ, ରବିବାରର ସକାଳ ଏବଂ ସନ୍ଧ୍ୟା ଉପାସନାରେ ଯୋଗ ଦେବି ଏବଂ ସପ୍ତାହର ମଧ୍ୟବର୍ତ୍ତୀକାଳୀନ ମାଣ୍ଡଳୀକ ସଭାରେ ଯୋଗ ଦେବି, ଯେପର୍ଯ୍ୟନ୍ତ ଦୈବୀ ଦୁର୍ବିପାକ ଦ୍ୱାରା ବାଧା ନ ହୋଇଛି ।
- ମାଣ୍ଡଳୀକ ବିଭିନ୍ନ ବୋର୍ଡ, କମିଟି ଏବଂ ପରିଷଦ ଦ୍ୱାରା ଆହ୍ୱାନ କରାଯାଇଥିବା ସଭାଗୁଡ଼ିକରେ ବିଶ୍ୱସ୍ତ ଭାବରେ ଯୋଗ ଦେବି ଯେଉଁ କମିଟି ଦ୍ୱାରା ମୋତେ ଦାୟୀତ୍ୱ ଦିଆଯିବ ।
- ସ୍ଥିର କରାଯାଇଥିବା ସମୟରେ ଯଦି ମୁଁ ଉପସ୍ଥିତ ହୋଇ ପାରିବି, ତେବେ ମୋର ଉପସ୍ଥିତିକୁ ସୂଚନା ଦେବି ।
- ମୋର କାର୍ଯ୍ୟାଳୟ ସମ୍ବନ୍ଧିତ ମିଶନ୍ ଦ୍ୱାରା ଛପା ଯାଇଥିବା ପୁସ୍ତକକୁ କିମ୍ବା ଅନ୍ୟାନ୍ୟ ପୁସ୍ତକକୁ ପାଠ କରିବି ଯାହା ମୋତେ ସାହାଯ୍ୟ କରିପାରିବ ।
- ଅପେଶାଦାରୀ ପ୍ରଶିକ୍ଷଣରେ ନିୟମିତ ଯୋଗଦାନ କରି ମୋର ଦକ୍ଷତାକୁ ଏବଂ ନିଜକୁ ଉନ୍ନତ କରିବି । ମଣ୍ଡଳୀରେ ହେଉଥିବା ସମସ୍ତ ସୁସମାଚାର ସଭାକୁ ସହଯୋଗ ଏବଂ ତହିଁରେ ଯୋଗ ଦାନ କରିବା ଦ୍ୱାରା ଆତ୍ମୀକତାକୁ ପ୍ରକାଶ କରି ଲୋକମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଘେନି ଯିବି ।

ସମର୍ପଣର ସଙ୍ଗୀତ ଏବଂ ପ୍ରାର୍ଥନା କରିସାରିବା ପରେ ଯାଜକ କହିବେ:

ତୁମ୍ଭମାନଙ୍କର ନିର୍ଦ୍ଦିଷ୍ଟ ଦାୟୀତ୍ୱରେ ଏହି ମଣ୍ଡଳୀର କାର୍ଯ୍ୟକୁ ଆଗେଇ ନେବାକୁ ତୁମ୍ଭମାନଙ୍କ ହସ୍ତରେ ଏବଂ ହୃଦୟରେ ସମର୍ପଣ କରୁଅଛି, ଯେଉଁ ସମ୍ମାନୀୟ ଦାୟୀତ୍ୱ ନିମନ୍ତେ ତୁମ୍ଭେମାନେ ନିର୍ବାଚିତ ହୋଇଅଛ ସେହି ଦାୟୀତ୍ୱକୁ ତୁମ୍ଭକୁ ପ୍ରଦାନ କରୁଅଛି । ଏହି ମଣ୍ଡଳୀର ନେତୃତ୍ୱର ଏବଂ ଅନୁଷ୍ଠାନ ଢାଞ୍ଚାର ବର୍ତ୍ତମାନ ତୁମେ ପ୍ରଧାନ ଅଂଶୀ ଅଟ । ତୁମର ଦୃଷ୍ଟାନ୍ତ ଦ୍ୱାରା, ଆଚରଣ ଦ୍ୱାରା ଏବଂ ପରିଶ୍ରମୀ ସେବା ଦ୍ୱାରା ଈଶ୍ୱରଙ୍କ ରାଜ୍ୟରେ ପ୍ରଭାବଶାଳୀ କାର୍ଯ୍ୟକାରୀ ହୁଅ ।

ପାଳକ ସମବେତ ମଣ୍ଡଳୀକୁ ଠିଆ ହେବାକୁ କହିବେ ଏବଂ ସେମାନଙ୍କୁ ଏପରି କହିବେ:

ଆଗାମୀ ବର୍ଷ ନିମନ୍ତେ ତୁମର ନେତାମାନଙ୍କ ଦ୍ୱାରା ସମର୍ପଣ ଓ ପ୍ରତିଜ୍ଞା ମଣ୍ଡଳୀ ମଧ୍ୟରେ ପ୍ରବେଶ କରିବାର ତୁମେ ଶୁଣିଅଛ । ବର୍ତ୍ତମାନ ମୁଁ ସମବେତ ମଣ୍ଡଳୀ ଭାବରେ ତୁମକୁ ଅନୁରୋଧ କରୁଅଛି ଯେ ଏମାନଙ୍କୁ ତୁମର ସହଯୋଗ କରିବାରେ ବିଶ୍ୱସ୍ତ ରୁହ । ଆମେ ସେମାନଙ୍କୁ ଯେଉଁ ଭାର ଦେଇଅଛୁ ଅତି କଠିନ ଅଟେ ଏବଂ ସେମାନେ ତୁମ୍ଭମାନଙ୍କର ସାହାଯ୍ୟ ଏବଂ ପ୍ରାର୍ଥନା ଆବଶ୍ୟକ କରନ୍ତି । ସେମାନଙ୍କର ସମସ୍ୟାକୁ ତୁମ୍ଭେମାନେ ବୁଝିବାକୁ ଚେଷ୍ଟା କରିବ ଏବଂ ସେମାନଙ୍କର ଅସଫଳତା ନିମନ୍ତେ ତୁମ୍ଭେମାନେ ଧୈର୍ଯ୍ୟ ଧରିବ । ଯେତେବେଳେ ତୁମକୁ ସାହାଯ୍ୟ ନିମନ୍ତେ ଆହ୍ୱାନ କରାଯିବ, ତୁମେ ଆନନ୍ଦରେ ତାହା ପ୍ରଦାନ କରିବ ଯେପରି ଆମେ ଏକତ୍ର କାର୍ଯ୍ୟ କରିବା ଦ୍ୱାରା ଆମର ମଣ୍ଡଳୀ ଖ୍ରୀଷ୍ଟଙ୍କ ପ୍ରତି ହଜା ଆତ୍ମାଗୁଡ଼ିକୁ ଜିଣିବାରେ ଏକ ପ୍ରଭାବଶାଳୀ ଉପକରଣ ହେବ ।

ପାଳକ ଶେଷ ପ୍ରାର୍ଥନା କରିବେ କିମ୍ବା ସମବେତ ମଣ୍ଡଳୀ ଏକତ୍ର ପ୍ରଭୁଙ୍କ ପ୍ରାର୍ଥନା କରିବେ ।

## ୭୦୮. ଏକ ସ୍ଥାନୀୟ ମଣ୍ଡଳୀର ପ୍ରତିଜ୍ଞା

ଆଞ୍ଚଳିକ ଅଧ୍ୟକ୍ଷ: ଖ୍ରୀଷ୍ଟରେ ପ୍ରିୟଗଣ, ଆଜି ଏହି ପ୍ରଭୁଙ୍କ ଦିବସରେ ବିଶେଷ ଉଦ୍ଦେଶ୍ୟ ନିମନ୍ତେ, ପ୍ରଶାସନିକ ଭାବରେ (ନାମ) – ନାଜରିନ୍ ମଣ୍ଡଳୀକୁ ପ୍ରତିଷ୍ଠା କରିବା ନିମନ୍ତେ ଏକତ୍ରୀତ ହୋଇଅଛୁ । ବାସ୍ତବରେ ତୁମ୍ଭେମାନେ ଏକ ମଣ୍ଡଳୀ

ଅଟ, କିନ୍ତୁ ଆଜି ଏହି ସହଭାଗିତାର ଜୀବନ ଏକ ନୂତନ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ଯେତେବେଳେ, ଆପଣ ଏକ ପ୍ରତିଷ୍ଠିତ ସହଭାଗିତାର ସୁବିଧା ସୁଯୋଗକୁ ଏବଂ ଅଧିକାରକୁ ଗ୍ରହଣ କରିବେ, ନାଜରିନ୍ ମଣ୍ଡଳୀର ସିଦ୍ଧାନ୍ତ ଏବଂ ସମ୍ବିଧାନ ଅନୁଯାୟୀ ।

ବିଶ୍ୱ ନାଜରିନ୍ ପରିବାର ତରଫରୁ, ତୁମର ଦର୍ଶନ ପାଇଁ, ତୁମର ବିଶ୍ୱାସ ପାଇଁ ଏବଂ ତୁମର ପରିଶ୍ରମ ପାଇଁ ଧନ୍ୟବାଦ ଦେଉଅଛି । ଯେପରି ତୁମେ ହାତକୁ ହାତ ଏବଂ ହୃଦୟକୁ ହୃଦୟ ମିଶାଇ ମିଳିତ ଭାବରେ ଏକ ବିଶ୍ୱାସର ସମାଜ ହେବା ନିମନ୍ତେ କାର୍ଯ୍ୟ କରୁଅଛ ଯାହା ବିଶ୍ୱରେ ଈଶ୍ୱରଙ୍କ ରାଜ୍ୟର ଦୃଢ଼ ପ୍ରକାଶନ ଅଟେ । ଏହି ପ୍ରତିଷ୍ଠା କାର୍ଯ୍ୟ ଦ୍ୱାରା ଆମର ଲକ୍ଷ୍ୟକୁ ପୁରା କରିବାରେ ବିଶ୍ୱ ନାଜରିନ୍ ମଣ୍ଡଳୀ ସହିତ ତୁମର ଉଦ୍ଦେଶ୍ୟକୁ ଘୋଷଣା କରୁଅଛ ଯାହା "ସମୁଦାୟ ଜାତି ମଧ୍ୟରେ ଖ୍ରୀଷ୍ଟଙ୍କ ସଦୃଶ ଶିଷ୍ୟ ତିଆରି କରିବା ।"

ଏହି ଲକ୍ଷ୍ୟରେ ତିନୋଟି କେନ୍ଦ୍ରୀୟ ମୂଲ୍ୟ ଆମକୁ କଢ଼ାଇ ନିଏ:

- ଆମ୍ଭେମାନେ ଖ୍ରୀଷ୍ଟିୟାନ ଲୋକ ଅଟୁ ।

ଐତିହାସିକ ତ୍ରିତ୍ୱ ପରମେଶ୍ୱର ସାରତତ୍ତ୍ୱକୁ ଦୃଢ଼ ଭାବରେ ଘୋଷଣା କରି ସମୁଦାୟ ଖ୍ରୀଷ୍ଟିୟାନମାନଙ୍କ ସହିତ ଆମେ ଠିଆ ହେଉ ଏବଂ ୱେସ୍‌ଲିଆନ୍–ପବିତ୍ରତା ପରମ୍ପରାକୁ ନିର୍ଦ୍ଦିଷ୍ଟ ଭାବରେ ମୂଲ୍ୟ ଦେଉ । ଆମ୍ଭମାନଙ୍କ ପ୍ରତି ଖ୍ରୀଷ୍ଟଙ୍କ ଘୋଷଣା ସ୍ୱରୂପେ ବାଇବଲକୁ ଆମେ ଆମର ମୌଳିକ ଉତ୍ସ ଭାବରେ ଏବଂ "ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ସମସ୍ତ ଆବଶ୍ୟକୀୟ ତହିଁ ମଧ୍ୟରେ ଦେଖୁ ।"

- ଆମ୍ଭେମାନେ ଏକ ପବିତ୍ର ଲୋକ ଅଟୁ ।

ଆମେ ବିଶ୍ୱାସ କରୁ ଯେ ଈଶ୍ୱରଙ୍କ ଅନୁଗ୍ରହ କେବଳ ଆମ ପାପ କ୍ଷମା କରେ ନାହିଁ ମଧ୍ୟ ବିଶ୍ୱାସ ଦ୍ୱାରା ଆମ୍ଭମାନଙ୍କର ହୃଦୟ ପରିଷ୍କାର କରେ । ପବିତ୍ର ଆତ୍ମାଙ୍କର ଏହି ଅନୁଗ୍ରହ କାର୍ଯ୍ୟ ଦ୍ୱାରା ଏହି ଜଗତରେ ଖ୍ରୀଷ୍ଟଙ୍କ ସଦୃଶ କରିବାକୁ ପ୍ରକ୍ଷାଳିତ ଏବଂ ଶକ୍ତିଶାଳୀ ଅଟୁ ।

- ଆମ୍ଭେମାନେ ପ୍ରେରିତ ନୂତନ ଗୋଷ୍ଠୀ ଅଟୁ ।

ତାହାଙ୍କ ରାଜ୍ୟରେ ପୁନର୍ମିଳନର କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଈଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ବୋଲି ଆମେ ବିଶ୍ୱାସ କରୁ । ଯୀଶୁଙ୍କ ଶୈଳୀରେ ସୁସମାଚାର ପ୍ରଚାର କରିବା ଦ୍ୱାରା, ସହାନୁଭୂତି ଏବଂ ନ୍ୟାୟ ବିଚାର କାର୍ଯ୍ୟ କରିବା ଦ୍ୱାରା ଏବଂ ଶିଷ୍ୟ ତିଆରି କରିବା ଦ୍ୱାରା ତାହା ଆମେ କରୁ ।

ଆଞ୍ଚଳିକ ଅଧ୍ୟକ୍ଷ ପାଳକଙ୍କୁ କହିବେ:

ପାଳକ ମହାଶୟ (ନାମ), ଏହି ସହଭାଗିତାର ଅଧିକାରୀ ସଭ୍ୟମାନଙ୍କୁ ଉପସ୍ଥାପନ କରିବା ମୋର ସୌଭାଗ୍ୟ ଅଟେ । ନାଜରିନ୍ ମଣ୍ଡଳୀର ସଭ୍ୟ ସ୍ୱରୂପେ ଆମର ଲକ୍ଷ୍ୟ ପ୍ରତି ଯେଉଁମାନେ ସମର୍ପିତ, ଖ୍ରୀଷ୍ଟରେ ସେହି ଭାଇ ଓ ଭଉଣୀମାନଙ୍କୁ ମୁଁ ବିଶ୍ୱାସପୂର୍ବକ ତୁମଠାରେ ନ୍ୟସ୍ତ କରୁଅଛି ।

ପାଳକ ପ୍ରତ୍ୟେକ ସଭ୍ୟଙ୍କ ନାମ ପାଠ କରିବେ କିମ୍ବା ସେମାନଙ୍କର ପରିବାରର ପରିଚୟ କରାଇବେ ।

ପ୍ରଧାନ ଅଧ୍ୟକ୍ଷ: ଭାଇ ଏବଂ ଭଉଣୀ, ତୁମର ସଭ୍ୟପଦ ପ୍ରତିଜ୍ଞାକୁ ଦୃଢ଼ ଭାବରେ ଘୋଷଣା କର ବୋଲି ମୁଁ କହୁଅଛି ।

ତୁମେ କ'ଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ରୂପେ ସ୍ୱୀକାର କରୁଛ ଏବଂ ସେ ତୁମକୁ ବର୍ତ୍ତମାନ ପରିତ୍ରାଣ ଦେଇପାରନ୍ତି ଏହା କ'ଣ ତୁମେ ବିଶ୍ୱାସ କରୁଛ ?

ଉତ୍ତର: ବିଶ୍ୱାସରେ ତାହା କରୁ ।

ନାଜରିନ୍ ମଣ୍ଡଳୀର ବିଶ୍ୱାସର ମନ୍ତବ୍ୟକୁ ତୁମେ କ'ଣ ଦୃଢ଼ ଘୋଷଣା କରୁଅଛ ?

ଉତ୍ତର: ହଁ

ତୁମେ କ'ଣ ଖ୍ରୀଷ୍ଟୀୟ ଆଚରଣ ପ୍ରତିଜ୍ଞା ଏବଂ ଖ୍ରୀଷ୍ଟୀୟ ଚରିତ୍ରରେ ଯେପରି ମଣ୍ଡଳୀ ସହିତ ସଂଯୁକ୍ତ, ଈଶ୍ୱରଙ୍କ କାର୍ଯ୍ୟ ଏବଂ ସହଭାଗିତା ପ୍ରତି ନିଜକୁ ପ୍ରଦାନ

କରିବ ? ତୁମର ନମ୍ର ଜୀବନଶୈଳୀ, ଐଶ୍ୱରୀୟ ଆଳାପ ଏବଂ ପବିତ୍ର ସେବାରେ ଈଶ୍ୱରଙ୍କୁ ଗୌରବ ଦେବାରେ କାର୍ଯ୍ୟ କରିବ; ତୁମର ଉଦ୍ଦେଶ୍ୟକୁ ଭକ୍ତି ସହକାରେ ଦାନ କରିବା ଦ୍ୱାରା, ଅନୁଗ୍ରହର ଉଦ୍ଦେଶ୍ୟରେ ବିଶ୍ୱସ୍ତ ଭାବରେ ଉପସ୍ଥିତ ହେବା ଦ୍ୱାରା; ସମସ୍ତ ମନ୍ଦରୁ ଦୂରରେ ରହି ତୁମେ କ'ଣ ହୃଦୟର ପ୍ରକୃତ ପବିତ୍ରତା ପ୍ରତି ଏବଂ ଈଶ୍ୱରଙ୍କ ଭୟ ପ୍ରତି ବିଶ୍ୱସ୍ତ ଭାବରେ ଅନୁସନ୍ଧାନ କରିବ ?

ଉତ୍ତର: ହଁ ଆମେ କରିବୁ ।

ଆଞ୍ଚଳିକ ଅଧ୍ୟକ୍ଷ: ଏଣୁ, (ନାମ) ଆଞ୍ଚଳିକ ମଣ୍ଡଳୀର ଅଧ୍ୟକ୍ଷ ସ୍ୱରୂପେ ମୋତେ ଦିଆଯାଇଥିବା / ମୋ' ଉପରେ ସମର୍ପିତ ଅଧିକାର ଦ୍ୱାରା, ମୁଁ (ନାମ) ନାଜରିନ୍ ମଣ୍ଡଳୀର ତୁମ୍ଭକୁ ଆନୁଷ୍ଠାନିକ କାର୍ଯ୍ୟକାରୀ ବୋଲି ଘୋଷଣା କରୁଅଛି । ବିଶ୍ୱ ନାଜରିନ୍ ସହଭାଗିତାଗୁଡ଼ିକର ପରିବାର ମଧ୍ୟକୁ ମୁଁ ତୁମକୁ ଆମନ୍ତ୍ରଣ କରୁଅଛି । ତାହାଙ୍କ ଇଚ୍ଛା ସାଧନ କରିବା ନିମନ୍ତେ ସମସ୍ତ ଉତ୍ତମତା ସହିତ ଈଶ୍ୱର ତାହାଙ୍କ ମହାଦୟାରେ ତୁମ୍ଭକୁ ତୋଳି ଧରନ୍ତୁ / ବୃଦ୍ଧି କରନ୍ତୁ । ଖ୍ରୀଷ୍ଟଙ୍କର ଶାନ୍ତି ତୁମ୍ଭମାନଙ୍କର ସହବର୍ତ୍ତୀ ହେଉ ।

## ୭୦୯. ମଣ୍ଡଳୀ ଗୃହ ସମର୍ପଣ ବା ଉତ୍ସର୍ଗ

ପାଳକ: ଈଶ୍ୱରଙ୍କ ହସ୍ତ ଦ୍ୱାରା ସଫଳତା ହୋଇଥିବା ହେତୁ ଏବଂ ତାହାଙ୍କ ଅନୁଗ୍ରହ ଦ୍ୱାରା ସକ୍ଷମ ହୋଇଥିବା ହେତୁ ଏହି ଗୃହ ତାହାଙ୍କ ନାମର ଗୌରବ ଦେବା ହେତୁ ସଂପୂର୍ଣ୍ଣ ହୋଇଅଛି । ତାହାଙ୍କ ରାଜ୍ୟର ସେବାକାର୍ଯ୍ୟ ପ୍ରତି ଏହି ଗୃହକୁ ଉତ୍ସର୍ଗ କରିବା ନିମନ୍ତେ ଆମ୍ଭେମାନେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛୁ ।

ପିତା ଈଶ୍ୱରଙ୍କ ଗୌରବ ହେଉ, ଯାହାଙ୍କଠାରୁ ସମସ୍ତ ଉତ୍ତମ ବିଷୟ ଆସେ; ଯୀଶୁଖ୍ରୀଷ୍ଟଙ୍କର ମହିମା ଏବଂ ପବିତ୍ର ଆତ୍ମାଙ୍କର ପ୍ରଶଂସା, ଜୀବନ ଏବଂ ଜ୍ୟୋତିଃର ଉତ୍ସ – ଆତ୍ମମାନଙ୍କର ପ୍ରକ୍ଷାଳନକାରୀ ।

ସମବେତ ମଣ୍ଡଳୀ: ବର୍ତ୍ତମାନ ଆମେ ଆନନ୍ଦରେ, କୃତଜ୍ଞତା ସହ ନମ୍ର ଭାବରେ ଏହି ଗୃହକୁ ସମର୍ପଣ କରୁଅଛୁ ।

ପାଳକ: ଯେଉଁମାନେ ଏହି ମଣ୍ଡଳୀକୁ ପ୍ରେମ କଲେ ଓ ସେବା କଲେ ଏବଂ ଇତିହାସ ସ୍ଥାପନ କଲେ ସେମାନଙ୍କୁ ସ୍ମରଣ କରି ଆମ୍ଭେମାନେ ବର୍ତ୍ତମାନ ଆନନ୍ଦ କରୁଅଛୁ । ଯେଉଁମାନେ ବର୍ତ୍ତମାନ ବିଜୟୀ ମଣ୍ଡଳୀର ଅଂଶୀ ଅଟନ୍ତି ।

ସମବେତ ମଣ୍ଡଳୀ: କୃତଜ୍ଞତା ସହ ଆମେ ଏହି ଗୃହକୁ ସମର୍ପଣ କରୁଅଛୁ ।

ପାଳକ: ପ୍ରାର୍ଥନା ଓ ଗୀତରେ, ବାକ୍ୟ ପ୍ରଚାର ନିମନ୍ତେ, ଶାସ୍ତ୍ର ପ୍ରଶିକ୍ଷଣ ନିମନ୍ତେ ଏବଂ ସାଧୁମାନଙ୍କର ସହଭାଗିତା ନିମନ୍ତେ,

ସମବେତ ମଣ୍ଡଳୀ: ଈଶ୍ୱରଙ୍କ ଏହି ଗୃହକୁ ମର୍ଯ୍ୟାଦାର ସହ ସମର୍ପଣ କରୁଅଛୁ ।

ପାଳକ: ଯେଉଁମାନେ ବିଳାପ କରନ୍ତି ସେମାନଙ୍କ ନିମନ୍ତେ ସାନ୍ତ୍ୱନା, ଯେଉଁମାନେ ଦୁର୍ବଳ ସେମାନଙ୍କ ନିମନ୍ତେ ଶକ୍ତି, ଯେଉଁମାନେ ପରିକ୍ଷୀତ ସେମାନଙ୍କ ନିମନ୍ତେ ସାହାଯ୍ୟ ଏବଂ ଏହି ପ୍ରାଙ୍ଗଣ ମଧ୍ୟକୁ ଯେଉଁମାନେ ପ୍ରବେଶ କରନ୍ତି, ସେମାନଙ୍କୁ ଆଶା ଏବଂ ଉତ୍ସାହ ନିମେନ୍ତ,

ସମବେତ ମଣ୍ଡଳୀ: ପ୍ରାର୍ଥନା ଏବଂ ସହଭାଗିତାରେ ଏହି ସ୍ଥାନକୁ ଆମେ ସମର୍ପଣ କରୁଅଛୁ ।

ପାଳକ: ପାପରୁ ପରିତ୍ରାଣର ସୁସମାଚାର ପ୍ରଦାନ ନିମନ୍ତେ ଶାସ୍ତ୍ରୀୟ ପବିତ୍ରତାକୁ ପ୍ରଚାର କରିବା ନିମନ୍ତେ, ଧାର୍ମିକତାର ଉପଦେଶ ପ୍ରଦାନ ନିମନ୍ତେ ଆମ୍ଭମାନଙ୍କର ସହବିଶ୍ୱାସୀମାନଙ୍କର ସେବା କରିବା ନିମନ୍ତେ

ସମବେତ ମଣ୍ଡଳୀ: ସମ୍ମାନର ସହ ଏହି ଗୃହକୁ ଆମେ ସମର୍ପଣ କରୁଅଛୁ ।

ସମସ୍ତେ: ଆମ୍ଭେମାନେ ମୂଳିଆ ସଦୃଶ ଈଶ୍ୱରଙ୍କ ସହିତ ବର୍ତ୍ତମାନ ଆମ ହାତକୁ ଏବଂ ହୃଦୟକୁ ସଂଯୁକ୍ତ କରି ପବିତ୍ର ଉଦ୍ଦେଶ୍ୟରେ ଏହି ଗୃହକୁ ପୃଥକୀକୃତ କରୁଅଛୁ, ଯେପରିକି ଏଠାରେ ତୁମ୍ଭର ବାକ୍ୟ, ପ୍ରଘୋଷିତ ହେବ ଓ ଶିକ୍ଷା ଦିଆଯିବ; ତୁମ୍ଭର ଆଦେଶ ସକଳ ପ୍ରତିପାଳିତ ହେବ ଓ ତୁମ୍ଭର ଉଦ୍ଦେଶ୍ୟରେ ପ୍ରାର୍ଥନା ଉତ୍ସର୍ଗ କରାଯିବ; ପୁଣି ତୁମ୍ଭର ଆତ୍ମା ଆମ୍ଭମାନଙ୍କ ଉପରେ ସଦାସର୍ବଦା ରାଜତ୍ୱ କରିବ ଏବଂ ଏହି ସ୍ଥାନରେ ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେବ ଓ ତାହାଙ୍କ ରାଜ୍ୟ ବୃଦ୍ଧି ପ୍ରାପ୍ତ ହେବ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ – ଆମେନ୍ ।

# ପରିଶିଷ୍ଟ

## ୧. ସାଧାରଣ ଅଫିସରସ୍

### ୯୦୦. General Superintendents

Gustavo A. Crocker

Filimao M. Chambo

Carla D. Sunberg

### ୯୦୦.୧. General Superintendents Emeriti and Retired

Eugene L. Stowe, Emeritus

Jerald D. Johnson, Emeritus

Donald D. Owens, Emeritus

Jim L. Bond, Emeritus

W. Talmadge Johnson, Emeritus

James H. Diehl, Emeritus

Paul G. Cunningham, Emeritus

Nina G. Gunter, Emeritus

Jesse C. Middendorf, Emeritus

Jerry D. Porter, Emeritus

J.K. Warrick, Emeritus

**୯୦୦.୨. General Secretary**

David P. Wilson

**୯୦୦.୩. General Treasurer**

Keith B. Cox

CHURCH OF THE NAZARENE

GLOBAL MINISTRY CENTER

17001 PRAIRIE STAR PARKWAY

LENEXA, KS 66220, USA

## (୩) ପ୍ରଶାସନ ସମ୍ବନ୍ଧୀୟ ନୀତି

**୯୦୬.** ବାର୍ଷିକ ଭତ୍ତା – ଆନ୍ତର୍ଜାତିକ ପରିଷଦ ଏବଂ ମଣ୍ଡଳୀର ଅନୁଷ୍ଠାନଗୁଡ଼ିକ ବାର୍ଷିକ ଭତ୍ତା ଅନୁଦାନକୁ ବ୍ୟବହାର କରିବା ନିମନ୍ତେ ନିଷିଦ୍ଧ ଅଟନ୍ତି ଯେପର୍ଯ୍ୟନ୍ତ ଭତ୍ତା ଗ୍ରହଣ କରୁଥିବା ବ୍ୟକ୍ତିର ମୃତ୍ୟୁ ଦ୍ୱାରା ସେମାନଙ୍କର ଏହି ସମ୍ପତ୍ତି ବିଧିବଦ୍ଧ ନ ହୋଇଛି । ଏହି ଅନୁଦାନଗୁଡ଼ିକ ସାବଧାନତାର ସହ ଅର୍ଥରେ ବିନିଯୋଗ କରିବା ଆବଶ୍ୟକ, ସାଧାରଣତଃ ଏହା ଟ୍ରଷ୍ଟ୍ ଅନୁଦାନ ସ୍ୱରୂପେ ଗ୍ରହଣ କରାଯାଇଥାଏ । (୨୦୧୭)

**୯୦୭.** ଋଣ – ଲିଖିତ ଋଣର ଉଦ୍ଦେଶ୍ୟ ନିମନ୍ତେ ଟ୍ରଷ୍ଟ୍‌ର କୌଣସି ବସ୍ତୁକୁ ବନ୍ଧକ ରଖାଯାଇ ପାରିବ ନାହିଁ । (୨୦୧୭)

**୯୦୮.** ବାଇବଲ ସୋସାଇଟି

୧. ବାଇବଲ ସୋସାଇଟିକୁ ଅନୁମୋଦନ

ଈଶ୍ୱରଙ୍କ ପ୍ରକାଶିତ ଲିଖିତ ଭାବରେ ବାଇବଲକୁ ନାଜରିନ୍ ମଣ୍ଡଳୀ ଗୁରୁତ୍ୱ ଦିଏ ଏବଂ ବିଶ୍ୱାସ କରେ ଯେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ନୂତନ ବିଶ୍ୱାସୀ ଜିଣିବାରେ ଏହା

ପ୍ରଥମ ଉପାୟ ଅଟେ ଏବଂ ଯେହେତୁ ବିଶ୍ୱାସୀ ବୃଦ୍ଧି ହେଉଅଛନ୍ତି ତେଣୁ ଅଧିକ ସଂଖ୍ୟାରେ ବାଇବଲର ଆବଶ୍ୟକ, ତେଣୁ ଏହା ନିଷ୍ପତ୍ତି କରାଯାଇଅଛି ଯେ :

ପ୍ରଥମେ: ସମୁଦାୟ ବିଶ୍ୱରେ ମିଳିତ ବାଇବଲ ସୋସାଇଟିର କାର୍ଯ୍ୟ ପ୍ରତି ସମଭାବାପନ୍ନ ନିଷ୍ଠା ଦେଖାଇବା ଏବଂ ଆନ୍ତର୍ଜାତିକ ସମ୍ମିଳନୀ ହୃଦୟର ସହ ଏହାକୁ ଅନୁମୋଦନ କରିବ ।

ଦ୍ୱିତୀୟରେ: ବିଶ୍ୱବ୍ୟାପୀ ବାଇବଲ ରବିବାର ପାଳନ କରିବାକୁ ଆମେ ସମର୍ଥନ କରୁ ଯେପରି ଖ୍ରୀଷ୍ଟିୟାନ ଲୋକଙ୍କ ଜୀବନରେ ଏହି ପବିତ୍ର ଶାସ୍ତ୍ର ବିଶେଷ ସ୍ଥାନ ପାଇବ ସେଥିପାଇଁ ଏହି ଦିନରେ ଆମେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରୁ ।

ନିଷ୍ପତ୍ତି:

ଏହି ନିଷ୍ପତ୍ତି କରାଗଲା ଯେ ନାଜରିନ୍ ମଣ୍ଡଳୀ ପ୍ରତ୍ୟେକ ବର୍ଷ ଡିସେମ୍ବର ମାସର ଦ୍ୱିତୀୟ ରବିବାର ବାଇବଲ ରବିବାର ବୋଲି ମୁଖ୍ୟତଃ ପାଳନ କରିବ ଏବଂ ପ୍ରତ୍ୟେକ ଦେଶରେ ଥିବା ବାଇବଲ ସୋସାଇଟି ନିମନ୍ତେ ଦାନ ଗ୍ରହଣ କରିବ । ପ୍ରତ୍ୟେକ ମଣ୍ଡଳୀ ସେମାନଙ୍କ ଆଞ୍ଚଳିକ ଅଫିସ୍‌କୁ ଯୋଗାଯୋଗ କରି ସଂଗୃହୀତ ଅର୍ଥକୁ ପ୍ରେରଣ କରିବେ । (୨୦୧୭)

**୯୦୯.** ମାନୁଆଲ୍/ମାର୍ଗଦର୍ଶିକା ସଂଶୋଧନ ନିଷ୍ପତ୍ତି । ଏହା ନିଷ୍ପତ୍ତି କରାଗଲା ଯେ ପ୍ରଧାନ ଅଧ୍ୟକ୍ଷ ପରିଷଦ ଏବଂ ମାନୁଆଲ୍ ସଂଶୋଧନ ଅଧିକାରୀ କମିଟି, ୨୯ତମ ଆନ୍ତର୍ଜାତିକ ସମ୍ମିଳନୀରେ ମାନୁଆଲ୍ ସମ୍ବନ୍ଧୀୟ ଯେଉଁ ପରିବର୍ତ୍ତନ ହୋଇଥିଲା ସେଥିରେ ଥିବା ବିପରୀତ ମତକୁ ମେଳ କରିବେ ବା ସମାନତା କରିବେ ଏବଂ ସେହି ପରିବର୍ତ୍ତନକୁ ନୂତନ ଭାବରେ ବର୍ତ୍ତମାନ ମାନୁଆଲ୍‌ରେ ସଂଶୋଧନ କରିବେ ।

ମାନୁଆଲ୍ ସଂଶୋଧନ କମିଟିକୁ ଏହି ଅଧିକାର ଦିଆଗଲା ଯେପରି ଶବ୍ଦଗୁଡ଼ିକୁ ସହଜ ଭାବରେ ବୁଝିପାରିବା ଭଳି ପରିବର୍ତ୍ତନ କରିବେ, ପାରାଗୁଡ଼ିକର ସଂଖ୍ୟାକୁ ପୁନର୍ବାର ସଂଶୋଧନ କରିବେ, ବିଭାଗକୁ ଏବଂ ଅନ୍ୟାନ୍ୟ ବିଷୟଗୁଡ଼ିକୁ ଯାହା ୨୯ତମ ଆନ୍ତର୍ଜାତିକ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା ।

ମାନୁଆଲ୍‌ର ସମସ୍ତ ଅନୁବାଦର କାର୍ଯ୍ୟକୁ ମାନୁଆଲ୍ ସଂଶୋଧନ କମିଟି ପରିଦର୍ଶନ କରିବ । (୨୦୧୭)

**୯୧୦.** ମାନୁଆଲ୍‌ର ଅତିରିକ୍ତ ବିଷୟର ସମୀକ୍ଷା । ଅତିରିକ୍ତ ଭାଗ ୩ ଏବଂ ଭାଗ ୪ରେ ରହିଯାଇଥିବା ଅବଶିଷ୍ଟାଂଶ କୌଣସି ବିଷୟ (ପାରା ୯୦୬-୯୩୩) ଯାହା ଚାରିବର୍ଷିଆ ତିନିଥର ପର୍ଯ୍ୟନ୍ତ ବିଚାରକୁ ନିଆଯାଇ ନ ଥିଲା ତାହାକୁ କମିଟି ଦ୍ୱାରା ସୁପାରିଶ୍ ସହିତ ଆନ୍ତର୍ଜାତିକ ସମ୍ମିଳନୀର ଉପଯୁକ୍ତ କମିଟିକୁ ସେହି ସମାନ ବିଚାର କରିବା ନିମନ୍ତେ ପ୍ରସ୍ତାବ ସ୍ୱରୂପେ ଆନ୍ତର୍ଜାତିକ ସମ୍ମିଳନୀକୁ ପ୍ରେରଣ କରିବେ । (୨୦୧୩)

**୯୧୧.** କମିଟିଗୁଡ଼ିକର ସ୍ୱତ୍ତାଧିକାର । କୌଣସି କାରଣ ହେତୁ ଏକ ବିଶେଷ କମିଟି ଗଠନ ହେବ ଏବଂ ଯେପର୍ଯ୍ୟନ୍ତ ତାହା ସର୍ତ୍ତ ଭାବରେ ନିର୍ଦ୍ଦିଷ୍ଟ ନ କରାଯାଇଛି ତେବେ ଆଗାମୀ ଆନ୍ତର୍ଜାତିକ ସମ୍ମିଳନୀ ପର୍ଯ୍ୟନ୍ତ ତାହା ବନ୍ଦ ରହିବ । (୨୦୧୭)

**୯୧୨.** ଆନ୍ତର୍ଜାତିକ ସମ୍ମିଳନୀ କାର୍ଯ୍ୟକ୍ରମ
(୨୦୧୭ ଆନ୍ତର୍ଜାତିକ ସମ୍ମିଳନୀ ନିୟମରୁ)

## ଆନୁଷ୍ଠାନିକ ପ୍ରସ୍ତାବ ଏବଂ ଦରଖାସ୍ତ

ନିୟମ ୧୪ - ଆନ୍ତର୍ଜାତିକ ସମ୍ମିଳନୀକୁ ପ୍ରସ୍ତାବଗୁଡ଼ିକ ପ୍ରଦାନ କରିବା । ଆଞ୍ଚଳିକ ସମ୍ମିଳନୀଗୁଡ଼ିକ, ଆଞ୍ଚଳିକ ସମ୍ମିଳନୀ ଦ୍ୱାରା, ପ୍ରାଦେଶିକ କାଉନ୍‌ସିଲ୍ ଦ୍ୱାରା, ଆନ୍ତର୍ଜାତିକ ପରିଷଦ ଦ୍ୱାରା କିମ୍ବା ଏହାର ଅନୁମୋଦିତ କୌଣସି ବିଭାଗ ଦ୍ୱାରା, ଆନ୍ତର୍ଜାତିକ ମଣ୍ଡଳୀର କମିଶନ୍ ଦ୍ୱାରା, ବିଶ୍ୱବ୍ୟାପୀ NMI କନ୍‌ଭେନ୍‌ସନ୍ ଦ୍ୱାରା, ବିଶ୍ୱବ୍ୟାପୀ NYI କନ୍‌ଭେନ୍‌ସନ୍ ଦ୍ୱାରା କିମ୍ବା ଆନ୍ତର୍ଜାତିକ ସମ୍ମିଳନୀର ୫ ଜଣ କିମ୍ବା ତତୋଧିକ ସଭ୍ୟମାନଙ୍କ ଦ୍ୱାରା ଏକ କମିଟିକୁ ଅଧିକାର ଦିଆଯିବ ଯେ ନିମ୍ନଲିଖିତ ନିୟମ ଅନୁସାରେ ଆନ୍ତର୍ଜାତିକ ସମ୍ମିଳନୀ ବିଚାର କରିବା ନିମନ୍ତେ ପ୍ରସ୍ତାବ ଏବଂ ଦରଖାସ୍ତ ଉପସ୍ଥାପନ କରିବ:

କ) ପ୍ରସ୍ତାବ ଏବଂ ଦରଖାସ୍ତ ଅଫିସିଆଲ୍ ଫର୍ମରେ ଛପା ଯାଇଥିବ କିମ୍ବା ଟାଇପ୍ କରାଯାଇଥିବ ଓ ଆନ୍ତର୍ଜାତିକ ସମ୍ପାଦକଙ୍କ ଦ୍ୱାରା ସଜା ଯାଇଥିବ ।

ଖ) ପ୍ରତ୍ୟେକ ପ୍ରସ୍ତାବ ଏବଂ ଦରଖାସ୍ତରେ ବିଷୟବସ୍ତୁ ଲେଖାଥିବ ଏବଂ ପ୍ରତିନିଧିଙ୍କର କିମ୍ବା ଦଳର ନାମ ଉଲ୍ଲେଖ ଥିବ ଯେଉଁମାନେ ଉପସ୍ଥାପନ କରୁଛନ୍ତି ।

ଗ) କୌଣସି ସଭାର ନିଷ୍ପତ୍ତି, କାର୍ଯ୍ୟର ନିମନ୍ତେ ଅର୍ଥ ଖର୍ଚ୍ଚର ଆବଶ୍ୟକ ତେବେ ସେହି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବ୍ୟୟ ଅଟକଳ ଉଲ୍ଲେଖ କରିବେ ।

ଘ) ମଣ୍ଡଳୀ ମାନୁଆଲ୍‌ରେ ପରିବର୍ତ୍ତନଗୁଡ଼ିକ ନିମନ୍ତେ ପ୍ରସ୍ତାବ ଲିଖିତ ଭାବରେ ଉପସ୍ଥାପନ କରିବା ଆବଶ୍ୟକ ଏବଂ ମାନୁଆଲ୍‌ର କେଉଁ ପାରା ଏବଂ ବିଭାଗରେ ପରିବର୍ତ୍ତନ ଆବଶ୍ୟକ ତାହା ଉଲ୍ଲେଖ କରିବା ଆବଶ୍ୟକ ।

ଙ) ସେଗୁଡ଼ିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ଡିସେମ୍ବର ୧ ତାରିଖରେ ତାଲିକା ସୂଚୀ କରିବା ପାଇଁ ଆନ୍ତର୍ଜାତିକ ସମ୍ପାଦକଙ୍କୁ ଉପସ୍ଥାପନ କରାଯିବ ଏବଂ ମାନୁଆଲ୍ ୩୦୫.୧ ଓ ନିୟମ ୨୪ ଅନୁଯାୟୀ ବିଚାରକଙ୍କ ମତାମତ ପାଇଁ ବିଚାରକଙ୍କ ନିକଟକୁ ପ୍ରେରଣ କରାଯିବ ।

ଚ) କୌଣସି ନିଷ୍ପତ୍ତି ଯାହା ମାନୁଆଲ୍ ସମ୍ବନ୍ଧୀୟ ନୁହେଁ ତାହା ଆଇନ୍ ପ୍ରଣୟନ ପାଇଁ ଆଦେଶ ଦେବାକୁ କେଉଁ ଅସ୍ତିତ୍ୱରେ ଦାୟିତ୍ୱ ନିଆଯିବ ତାହା ଚିହ୍ନିତ କରିବେ ।

ନିୟମ ୧୫ – ବିଳମ୍ବିତ ବିଚାର ନିମନ୍ତେ ପ୍ରସ୍ତାବ ଓ ଦରଖାସ୍ତ । ପ୍ରସ୍ତାବ ଓ ଦରଖାସ୍ତ ଏବଂ ଅନ୍ୟାନ୍ୟ ବିଷୟଗୁଡ଼ିକ ଆଇନ୍ ପ୍ରଣୟନ କମିଟିର ବିଚାର ନିମନ୍ତେ ଆନ୍ତର୍ଜାତିକ ସମ୍ପାଦକଙ୍କୁ ଜୁନ୍ ୧ ତାରିଖ ପୂର୍ବରୁ ପେଠ କରିବା ଆବଶ୍ୟକ ।

ନିୟମ ୧୬ – ମାନୁଆଲ୍ ପରିବର୍ତ୍ତନଗୁଡ଼ିକ । ଆନ୍ତର୍ଜାତିକ ସମ୍ମିଳନୀ ଦ୍ୱାରା ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ମାନୁଆଲ୍‌ର ଅନ୍ୟାନ୍ୟ ବିଷୟ ସହିତ ସମାନତା କରିବା ନିମନ୍ତେ ମାନୁଆଲ୍ ସଂଶୋଧନ କମିଟିକୁ ପ୍ରଦାନ କରାଯିବ ।

**୯୧୩.** ଐତିହାସିକ କ୍ଷେତ୍ର ଏବଂ ସୁସ୍ପଷ୍ଟ ଚିହ୍ନ । ଅଞ୍ଚଳ ଏବଂ ପ୍ରଦେଶର ସୀମା ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନ ଯାହା ଐତିହାସିକ ଚିହ୍ନ ବହନ କରୁଥିବ ତେବେ ସେହି

ସ୍ଥାନକୁ ଐତିହାସିକ କ୍ଷେତ୍ର ବୋଲି ନାମ ଦେଇପାରିବେ । ତାହା ୫୦ ବର୍ଷର ପୁରୁଣା ହୋଇ ଐତିହାସିକ ଚିହ୍ନ ବହନ କରୁଥିବ । ଐତିହାସିକ କ୍ଷେତ୍ରରେ କୌଣସି ମୂଳ ବିଷୟ କିମ୍ବା ଢାଞ୍ଚା ତିଷ୍ଠି ରହିଥିବ ତା'ର ଆବଶ୍ୟକ ନାହିଁ । ସମ୍ମିଳନୀ ସମ୍ପାଦକ ଆଞ୍ଚଳିକ ସମ୍ପାଦକଙ୍କୁ ନୂତନ ଐତିହାସିକ କ୍ଷେତ୍ର ବିଷୟରେ ଅବଗତ କରାଇବେ । ଏହି ଐତିହାସିକ କ୍ଷେତ୍ରକୁ ନାମ ଦେବା ପାଇଁ ଅଞ୍ଚଳ ଏବଂ ପ୍ରଦେଶର ସମ୍ମିଳନୀଗୁଡ଼ିକ ଆନ୍ତର୍ଜାତିକ ସମ୍ମିଳନୀକୁ ଅନୁରୋଧ କରିବେ । ଏହା ଉପରେ ବିଚାର କରିବା ପୂର୍ବରୁ ପ୍ରଧାନ ଅଧ୍ୟକ୍ଷ କିମ୍ବା ଏହାକୁ ସମୀକ୍ଷା କରିବା ନିମନ୍ତେ ନିଯୁକ୍ତ କମିଟି ଆନ୍ତର୍ଜାତିକ ସମ୍ମିଳନୀ ଏହାକୁ ବିଚାରକୁ ନେବା ପୂର୍ବରୁ ସମୀକ୍ଷା କରବେ । (୩୨୭.୨) (୨୦୦୯)

## (୪) ବର୍ତ୍ତମାନର ନୈତିକ ଏବଂ ସାମାଜିକ ସମସ୍ୟା

**୯୧୪.** ଅଙ୍ଗ ପ୍ରଦାନ - ବିନା ଦ୍ୱିଧାରେ ଏବଂ ବିନା ଆପତ୍ତିରେ କୌଣସି ବ୍ୟକ୍ତି ଅଙ୍ଗ ପ୍ରଦାନ କିମ୍ବା ସହଯୋଗକୁ ନାଜରିନ୍ ମଣ୍ଡଳୀ ତା'ର ସଭ୍ୟମାନଙ୍କୁ ପ୍ରୋତ୍ସାହିତ କରେ । ଏହା ବ୍ୟତୀତ ଆମେ ଅନୁରୋଧ କରୁ ଯେଉଁମାନେ ଅଙ୍ଗ ଗ୍ରହଣ କରିବାର ଯୋଗ୍ୟ ଅଟନ୍ତି ନୈତିକତାର ସହ ସେମାନଙ୍କୁ ଅଙ୍ଗ ପ୍ରଦାନ କରନ୍ତୁ । (୨୦୧୩)

**୯୧୫.** ପକ୍ଷପାତିତା – ସମସ୍ତ ଗୋଷ୍ଠୀର ଲୋକମାନଙ୍କ ନିମନ୍ତେ ଖ୍ରୀଷ୍ଟୀୟ ସମବେଦନାର ଐତିହାସିକ ସ୍ଥିତିକୁ ନାଜରିନ୍ ମଣ୍ଡଳୀ ବାରମ୍ବାର କହେ । ଈଶ୍ୱର ଯେ ସମୁଦାୟ ମନୁଷ୍ୟଜାତିର ସୃଷ୍ଟିକର୍ତ୍ତା ଏବଂ ସମାନ ରକ୍ତରେ ସମସ୍ତେ ସୃଷ୍ଟି ହୋଇଛନ୍ତି ଏହା ଆମେ ବିଶ୍ୱାସ କରୁ ।

ଆମେ ବିଶ୍ୱାସ କରୁ ଯେ ପ୍ରତିଟି ବ୍ୟକ୍ତିର ଗୋଷ୍ଠୀ, ବର୍ଣ୍ଣ, ପୁରୁଷ, ସ୍ତ୍ରୀ କିମ୍ବା ବିଶ୍ୱାସମତ ଏ ସମସ୍ତ ଜାତୀୟ ପ୍ରଶାସନିକ ନିୟମ ସମ୍ମୁଖରେ ସମାନ ଅଟନ୍ତି । ଏପରିକି ଭୋଟ୍ ଦେବା ଅଧିକାର, ଶିକ୍ଷାଗତ ସୁବିଧାଗୁଡ଼ିକ ପ୍ରତି ସମାନ ସୁଯୋଗ, ସାଧାରଣରେ ସୁବିଧା ଓ ସୁଯୋଗ ଏବଂ ଜଣଙ୍କର ଯୋଗ୍ୟତା ଅନୁଯାୟୀ ସମାନ ସୁଯୋଗ, ରୋଜଗାର କରି ଜୀବନ କାଟିବା ସମସ୍ତଙ୍କର ସ୍ୱାଧୀନତା ଅଛି ।

ପ୍ରତ୍ୟେକ କ୍ଷେତ୍ରରେ ଥିବା ମଣ୍ଡଳୀଗୁଡ଼ିକୁ ଆମେ ଅନୁରୋଧ କରୁ ଯେ ଜାତିଆଣ ସମାନତାକୁ ବୃଦ୍ଧି କରିବା ପାଇଁ ଶିକ୍ଷା ପ୍ରଦାନର କାର୍ଯ୍ୟକ୍ରମ କରନ୍ତୁ ।

ଆମେ ମଧ୍ୟ ଅନୁଭବ କରୁ ଯେ ଏବ୍ରୀ ୧୨:୧୪ରେ ଥିବା ସତର୍କତାର / ସାବଧାନତାର ବାକ୍ୟ ଆମ ଲୋକମାନଙ୍କୁ କଢ଼ାଇ ନେଉ । ଅନ୍ୟମାନଙ୍କ ପ୍ରତି ସେମାନଙ୍କର ବ୍ୟକ୍ତିଗତ ଆଚରଣକୁ ନମ୍ରତାର ସହ ସମୀକ୍ଷା କରନ୍ତୁ ବୋଲି ଆମେ ପ୍ରତ୍ୟେକ ନାଜରିନ୍ ମଣ୍ଡଳୀର ସଭ୍ୟମାନଙ୍କୁ ଉପଦେଶ ଦେଉ ଯାହା ଖ୍ରୀଷ୍ଟିୟାନ ଲକ୍ଷ୍ୟକୁ ପ୍ରାପ୍ତ ହେବାର ଏକ ପ୍ରଥମ ପଦକ୍ଷେପ ଅଟେ । ସଠିକ୍ ଜୀବନଯାପନ ନିମନ୍ତେ ହୃଦୟର ପବିତ୍ରତା ଏବଂ ଜୀବନର ପବିତ୍ରତା ମୌଳିକ ବିଷୟ ଅଟେ । ଯାହା ଆମେ ଦୃଢ଼ ଭାବରେ ଆମେ ଆମ ବିଶ୍ୱାସକୁ ଘୋଷଣା କରିଥାଉ । ଆମେ ବିଶ୍ୱାସ କରୁ ଯେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଲୋକମାନଙ୍କର ହୃଦୟ ଯେବେ ପରିବର୍ତ୍ତନ ହେବ ଜାତି, ବର୍ଣ୍ଣ ନିର୍ବିଶେଷରେ ସେମାନଙ୍କ ମଧ୍ୟରେ ଦୟାର କାର୍ଯ୍ୟ କରାଯାଇପାରିବ ଏବଂ ସେତେବେଳେ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ସ୍ୱରୂପେ ନିଜର ମନ, ଆତ୍ମା, ବଳ ସହିତ ଈଶ୍ୱରଙ୍କୁ ପ୍ରେମ କରିବ ଏବଂ ନିଜର ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବ ।

ତେଣୁ କାହା ପ୍ରତି ଅନ୍ୟାୟ, ଅବିଚାର ଏବଂ ପକ୍ଷପାତିତା କରିବା ଈଶ୍ୱରଙ୍କ ବିରୁଦ୍ଧରେ ପାପ ଅଟେ ବୋଲି ଆମେ ପୁନର୍ବାର ଘୋଷଣା କରୁ । ସମୁଦାୟ ବିଶ୍ୱରେ ପୂର୍ବପୁରୁଷଙ୍କ ଦ୍ୱାରା ଯେକୌଣସି ଧରଣର ଜାତିଆଣ ଚିନ୍ତାଧାରା ପ୍ରତି ଆମେ ଦୁଃଖିତ ଅନୁଭବ କରୁ ଏବଂ ଅନୁତାପ, ମଧ୍ୟସ୍ଥତା ଏବଂ ବାଇବଲ ଅନୁଯାୟୀ ନ୍ୟାୟ ଦ୍ୱାରା ତା'ର ସମ୍ମୁଖୀନ ହୋଇଥାଉ । ବର୍ତ୍ତମାନ ଏବଂ ଅତୀତରେ ଜାତିଗତ ବିଦ୍ୱେଷର ପାପ ସହିତ ପ୍ରକାଶ୍ୟରେ କିମ୍ବା ଗୁପ୍ତ ଭାବରେ ଦୁଷ୍କର୍ମରେ ସହାୟତା କରିଥିବା ହେତୁ ଆମ୍ଭେମାନେ ଅନୁତାପ କରୁ ଏବଂ ଅନୁତାପର ସହ ଆମେ କ୍ଷମା ଏବଂ ପୁନର୍ମିଳନର ଅନୁସନ୍ଧାନ କରୁ ।

**୯୧୬.** କ୍ଷମତାରେ ନ ଥିବା ବ୍ୟକ୍ତିମାନଙ୍କ ପ୍ରତି ଅପମାନ ସୂଚକ ବାକ୍ୟ ପ୍ରୟୋଗ କରିବା । କୌଣସି ଧରଣର ବ୍ୟକ୍ତି ପ୍ରତି ଅପମାନ ସୂଚକ ବାକ୍ୟ ବ୍ୟବହାର କରିବା ନାଜରିନ୍ ମଣ୍ଡଳୀ ଘୃଣା କରେ ଏବଂ ସଠିକ୍ ଶିକ୍ଷାଗତ ସୂଚନା ଜାଗ୍ରୁତି ଓ ଚେତନା ଯୋଗାଇବା ଦ୍ୱାରା ଏବଂ ପ୍ରଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରେ ।

ନାଜରିନ୍ ମଣ୍ଡଳୀ ଦୃଢ଼ତାର ସହ ଘୋଷଣା କରେ ଯେ ଯେଉଁମାନେ ମଣ୍ଡଳୀର ପ୍ରଶାସନ ଅଧିନରେ ଅଛନ୍ତି ଏବଂ କାର୍ଯ୍ୟ କରନ୍ତି କ୍ଷମତାରେ ନ ଥିବା ବ୍ୟକ୍ତିମାନଙ୍କୁ ଅପମାନ ସୂଚକ ବାକ୍ୟ ବ୍ୟବହାର କରିବା ନିଷେଧ ଅଟେ । (୨୦୦୯)

**୯୧୭.** ଦରିଦ୍ରମାନଙ୍କ ପ୍ରତି ଦାୟିତ୍ୱ । ଏହି ଜଗତରେ ଦୀନହୀନମାନଙ୍କ ପ୍ରତି ଏକ ବିଶେଷ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଆଦେଶ ଦେଇଥିଲେ ବୋଲି ଆମେ ବିଶ୍ୱାସ କରୁ । ଯେପରି ଖ୍ରୀଷ୍ଟଙ୍କ ମଣ୍ଡଳୀ ନିଜକୁ ପ୍ରଥମେ ସରଳ ରଖିବ ଏବଂ ଧନସମ୍ପତ୍ତି ଏବଂ ଅପବ୍ୟୟଠାରୁ ଦୂରରେ ରହିବ ଏବଂ ଦ୍ୱିତୀୟରେ ଦୀନହୀନମାନଙ୍କ ପ୍ରତି ଯତ୍ନ ନେବାରେ, ଖାଦ୍ୟ ପରିବେଷଣରେ, ପୋଷାକ ପ୍ରଦାନ ଦ୍ୱାରା ଏବଂ ବାସସ୍ଥାନ ଯୋଗାଇବାରେ ଏହା ନିଜକୁ ସମର୍ପିତ କରିବ । ବାଇବଲ ମଧ୍ୟରେ ଏବଂ ଯୀଶୁଙ୍କର ଜୀବନ ଓ ଦୃଷ୍ଟାନ୍ତ ଦ୍ୱାରା ଈଶ୍ୱର ଦରିଦ୍ରମାନଙ୍କୁ, ଦୁଃଖରେ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ଏବଂ ଯେଉଁମାନେ ସେମାନଙ୍କ ନିମନ୍ତେ କହିପାରନ୍ତି ନାହିଁ ସେମାନଙ୍କୁ ଚିହ୍ନିତ କରାଇଛନ୍ତି । ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କର ଆରାମଦାୟକ ଜୀବନରୁ ବାହାରି ଏହିପରି ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରତି ଦୟାର ସେବା କରିବା କର୍ତ୍ତବ୍ୟ ଅଟେ । ଆମେ ମଧ୍ୟ ଗରିବ / ଦରିଦ୍ରମାନଙ୍କ ପ୍ରତି ଦୟା ବା ସମବେଦନାର କାର୍ଯ୍ୟକ୍ରମ କରୁ ଯେପରି ସେମାନେ ସୁଯୋଗ, ସମାନତା ଏବଂ ନ୍ୟାୟ ପ୍ରାପ୍ତ ହେବେ । ଆମେ ମଧ୍ୟ ବିଶ୍ୱାସ କରୁ ଯେ ଦୀନଦୁଃଖୀମାନଙ୍କ ପ୍ରତି ଦାୟୀତ୍ୱ ପ୍ରତ୍ୟେକ ବିଶ୍ୱାସୀ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ପ୍ରେମ ଦ୍ୱାରା ବିଶ୍ୱାସ କାର୍ଯ୍ୟ କରେ ।

ଅବଶେଷରେ ଆମେ ଜାଣୁ ଯେ ଦୀନହୀନମାନଙ୍କ ପ୍ରତି ସେବାଠାରୁ ଖ୍ରୀଷ୍ଟୀୟ ପବିତ୍ରତା ଅବିଚ୍ଛିନ୍ନ ଅଟେ (୨୦୧୩) (ଯାତ୍ରା ୨୩:୧୧; ଦ୍ୱି.ବିବ. ୧୫:୭; ଗୀତ. ୪୧:୧; ୮୨:୩; ହିତୋ. ୧୯:୧୭; ୨୧:୧୩; ୨୨:୯; ଯିରି. ୨୨:୧୬; ମାଥିଉ ୧୯:୨୧; ଲୂକ ୧୨:୩୩; ପ୍ରେରିତ ୨୦:୩୫; ୨ କରି. ୯:୬; ଗାଲା. ୨:୧୦)

**୯୧୮.** ପୁରୁଷ ଓ ସ୍ତ୍ରୀ ଉଭୟ ଅନ୍ତର୍ଭୁକ୍ତ ବକ୍ତବ୍ୟ । କୌଣସି ବ୍ୟକ୍ତିମାନଙ୍କର ମତକୁ ଉଦ୍ଧାର କରିବାରେ ଲିଙ୍ଗ ଅନ୍ତର୍ଭୁକ୍ତ ଭାଷାର ପ୍ରୟୋଗକୁ ନାଜରିନ୍ ମଣ୍ଡଳୀ ଦୃଢ଼ ଭାବରେ ଘୋଷଣା କରେ ଏବଂ ପ୍ରୋତ୍ସାହିତ କରେ । ମାନୁଆଲ୍‌ର ମୁଦ୍ରଣ ଏବଂ ସର୍ବସାଧାରଣ ଭାଷାରେ ଲିଙ୍ଗ ସମାନତା ପ୍ରତି ସମର୍ପଣ ପ୍ରତିଫଳିତ ହେବ ଯେପରି ପାରା ୫୦୧ରେ ବର୍ଣ୍ଣନା କରାଯାଇଅଛି । ଏହି ଭାଷା ପରିବର୍ତ୍ତନ ଶାସ୍ତ୍ରରେ ଥିବା ଉଦ୍ଧୃତାଂଶ କିମ୍ବା ଈଶ୍ୱରଙ୍କ ପ୍ରତି ଶବ୍ଦରେ ପ୍ରୟୋଗ କରିବା ଆବଶ୍ୟକ ନୁହେଁ ।

**୯୧୯.** ମଣ୍ଡଳୀ ଏବଂ ଯାଜକୀୟ ସ୍ୱାଧୀନତା । ଆମେ ହୃଦୟଙ୍ଗମ କରୁ ଯେ ଆମର ମହାନ୍ ଖ୍ରୀଷ୍ଟୀୟ ପରମ୍ପରା ସୁରକ୍ଷିତ ଅଟେ ଏବଂ ଆମେ ଆମର ଲୋକମାନଙ୍କୁ ସ୍ମରଣ କରାଇ ଦେଉ ଯେ ଉଭୟ ରାଜନୈତିକ ଏବଂ ଧାର୍ମିକ ସ୍ୱାଧୀନତା ମାନବ ଜାତିର ମର୍ଯ୍ୟାଦାର ବାଇବଲ ସମ୍ବନ୍ଧୀୟ ଚିନ୍ତାଧାରା ଉପରେ ନିର୍ଭର କରେ ଯେପରି ଈଶ୍ୱରଙ୍କର ସୃଷ୍ଟି ଏବଂ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିବେକର ପବିତ୍ରତା । ଏହି ବହୁମୂଲ୍ୟ ସ୍ୱାଧୀନତା ବିରୁଦ୍ଧରେ ବିପଦଗୁଡ଼ିକୁ ସତର୍କତାର ସହ ସମ୍ମୁଖୀନ ହେବାକୁ ଆମେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁ ।

ଏହି ସ୍ୱାଧୀନତାଗୁଡ଼ିକ ନିୟମିତ ଭାବରେ ବିପଦରେ ରହିଛି । ତେଣୁ ପ୍ରଶାସନର କୌଣସି ବିଭାଗରେ ଆମେ ଏକ ବ୍ୟକ୍ତିର ନିର୍ବାଚନକୁ ଅନୁରୋଧ କରୁ ଯେ ଏହି ନିୟମକୁ ବିଶ୍ୱାସ କରେ ଏବଂ ଯେ ଈଶ୍ୱରଙ୍କଠାରେ ଉତ୍ତରଦାୟୀ ବୋଲି ନିଜକୁ ବିଶ୍ୱାସ କରେ ଓ ଯେଉଁମାନେ ତାଙ୍କୁ ନିର୍ବାଚିତ କରିଛନ୍ତି ସେମାନଙ୍କର ବିଶ୍ୱାସକୁ ଘେନି ଚାଲେ ବୋଲି ବିଶ୍ୱାସ କରେ ।

ଆମେ ବିଶ୍ୱାସ କରୁ ଯେ ମଣ୍ଡଳୀର ଭୂମିକା ଭାବବାଦୀମାନଙ୍କ ପରି ହେବା ଆବଶ୍ୟକ ଯାହା ଆମକୁ ସ୍ମରଣ କରାଇ ଦିଏ ଯେ "ଧାର୍ମିକତା ରାଜ୍ୟର ଉନ୍ନତି ଜନ୍ମାଏ" (ହିତୋ. ୧୪:୩୪) (୨୦୧୭)

**୯୨୦.** ମାନବୀୟ ସ୍ୱାଧୀନତାର ସତ୍ୟପାଠ ଏବଂ ଦୃଢ଼ ଘୋଷଣା । ନାଜରିନ୍ ହୋଇଥିବା ହେତୁ ଆମେ ଏକ ପବିତ୍ର ଜୀବନ ପ୍ରତି, ସଂପୂର୍ଣ୍ଣତା ପ୍ରତି ଏବଂ ସୁରକ୍ଷିତ ଜୀବନ ପ୍ରତି ଯେଉଁଠାରେ ସମସ୍ତ ବିଷୟ ଏବଂ ସମସ୍ତ ବ୍ୟକ୍ତି

ଈଶ୍ୱରଙ୍କଠାରେ ପୁନର୍ମିଳିତ ହୋଇଛନ୍ତି ସେହି ସ୍ୱର୍ଗୀୟ ଆହ୍ୱାନକୁ ଆମେ ସାଦରେ ଗ୍ରହଣ କରୁ । ଏହାର ପ୍ରତିଫଳରେ ପବିତ୍ର ଆତ୍ମା ଅବହେଳିତମାନଙ୍କ ପ୍ରତି, ଅନ୍ୟାୟ ଭାବରେ ବ୍ୟବହାର ପାଉଥିବା ବ୍ୟକ୍ତି, ଭାଙ୍ଗି ଯାଇଥିବା ବ୍ୟକ୍ତି ଏବଂ ଆଘାତ ପ୍ରାପ୍ତ ଲୋକମାନଙ୍କ ପ୍ରତି ସ୍ୱାଧୀନତା ଆଣି ଦିଅନ୍ତି ଏବଂ ଅନ୍ୟାୟ ବିଚାରକୁ ନ୍ୟାୟ ପ୍ରଦାନ କରନ୍ତି । ପାପ ଦ୍ୱାରା ପ୍ରଭାବିତ ପକ୍ଷପାତକୁ ବନ୍ଦ କରନ୍ତି ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜତ୍ୱରେ ସେମାନେ ମୁକ୍ତ / ସୁରକ୍ଷିତ ନ ହୋଇଛନ୍ତି । ଠିକ୍ ସେହିପରି ଆମର ୱେସ୍‌ଲିୟ ପବିତ୍ରତାର ପରମ୍ପରା ଏବଂ ଚରିତ୍ର ସହିତ ଆମେ ସମକାଳୀନ କ୍ରୀତଦାସର ଯନ୍ତ୍ରଣା, ଅନ୍ୟାୟ କିମ୍ବା ବାଧ୍ୟବାଧକତା ଶ୍ରମ ଏବଂ ମାନବ ଶରୀରର ଅବୈଧକାରବାରକୁ ଆମେ ସମ୍ମୁଖୀନ ହେଉ ।

ଏବଂ ଏହି ଘୋଷଣାଗୁଡ଼ିକୁ ରକ୍ଷା କରି ଆମେ ଆନ୍ତର୍ଜାତିକ ନାଜରିନ୍ ମଣ୍ଡଳୀ ସହଭାଗିତାର ସଭ୍ୟମାନେ ଏହି ନିଷ୍ପତ୍ତି ନେଉ ଯେ:

୧. ପବିତ୍ରତାର ଲୋକ ହୋଇଥିବା ହେତୁ ଆମର ବିଚାରର ପେଶାରେ ସ୍ୱୀକାର କରୁ ଯେ ଆମ୍ଭମାନଙ୍କ ଅତୀତରେ ହୋଇଥିବା ଅନ୍ୟାୟ ଅବିଚାର ନିମନ୍ତେ ଅନୁତାପ, ଆମ୍ଭମାନଙ୍କ ବର୍ତ୍ତମାନରେ ସଂଶୋଧିତ ଏବଂ ଭବିଷ୍ୟତ୍‌ରେ ଏକ ବିଚାର ନିମନ୍ତେ ଆମ୍ଭେମାନେ ଆହୂତ ହୋଇଅଛୁ;

୨. ଅନ୍ୟମାନଙ୍କ ପ୍ରତି ଅନ୍ୟାୟ କରୁଥିବା ବ୍ୟକ୍ତିଙ୍କଠାରୁ ହିସାବ;

୩. ଯେଉଁମାନେ ଅନ୍ୟାୟ ହେତୁ ଧରା ପଡ଼ନ୍ତି ସେମାନଙ୍କ ନିମନ୍ତେ ସହାନୁଭୂତି / ଦୟାରେ ସେମାନଙ୍କୁ ନିୟୋଜିତ କରିବା;

୪. ଯେଉଁମାନେ ଅନ୍ୟାୟ ହେତୁ ସ୍ୱର ଉଠାନ୍ତି ସେମାନଙ୍କୁ ଧ୍ୟାନର ସହ ଶୁଣିବା ଏବଂ ସେମାନଙ୍କର ଶକ୍ତି ବୃଦ୍ଧି କରିବା ।

୫. ଅନ୍ୟାୟକୁ ପ୍ରକାଶ୍ୟରେ ନିନ୍ଦା କରିବା ଏବଂ ଅନ୍ୟାୟ ବିଚାର କାରଣଗୁଡ଼ିକ ବିରୁଦ୍ଧରେ ନମ୍ର ଭାବରେ କାର୍ଯ୍ୟ କରିବା ।

୬. ସ୍ୱାଧୀନତା ପ୍ରତି ମିଳିତ ଭାବରେ ଅଗ୍ରସର ହେବାକୁ ଯେଉଁସବୁ ବିଷୟ ଆମକୁ ବାନ୍ଧି ରଖେ ତା' ବିରୁଦ୍ଧରେ ଭାଇ ଏବଂ ଭଉଣୀମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିବା ଏବଂ

୭. ଐଶ୍ୱରୀୟ କାର୍ଯ୍ୟକଳାପ ଯାହା ମୁକ୍ତି, ଉଦ୍ଧାର, ସୁସ୍ଥତା ଏବଂ ସ୍ୱାଧୀନତା ଆଣିଦିଏ, ଏହିସବୁ ମାଧ୍ୟମରେ ନିରାଶ୍ରୟ ବା ଦୁର୍ବଳ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା (୧ ଯୋହନ ୩:୮) ।

ୱେସ୍‌ଲିଆନ୍ - ପବିତ୍ରତା ଖ୍ରୀଷ୍ଟୀୟ ପରମ୍ପରା ଉପରେ ସ୍ଥାପିତ ହୋଇଥିବା ହେତୁ ଏବଂ ପବିତ୍ରତା ପ୍ରତି ଆହୂତ ହୋଇଥିବା ହେତୁ ଆମେ ନିମ୍ନଲିଖିତଗୁଡ଼ିକୁ ଦୃଢ଼ ଘୋଷଣା କରୁ;

୧. ଆମେ ଘୋଷଣା କରୁ ଯେ ନ୍ୟାୟ ବିଚାର, ପୁନର୍ମିଳନ ଏବଂ ସ୍ୱାଧୀନତାର ପେସାରେ ଈଶ୍ୱରଙ୍କ ହୃଦୟର ପବିତ୍ରତାରେ ଅବସ୍ଥିତ ଯାହା ମନୁଷ୍ୟମାନଙ୍କଠାରେ ପ୍ରତିଫଳିତ ହେଉଅଛି । କ୍ରୀତଦାସ, ଅବୈଧ କାରବାର ଏବଂ ଅନ୍ୟାୟକୁ ମୂଳୋତ୍ପାଟନ କରିବାକୁ ଏବଂ ଏକ ଭରସାଯୁକ୍ତ କାର୍ଯ୍ୟ କରିବାକୁ ମାଣ୍ଡଳୀକ ଭାବରେ ଆମେ ସମର୍ପିତ ଅଟୁ ।

୨. ଆମେ ଦୃଢ଼ ଭାବରେ ଘୋଷଣା କରୁ ଯେ ମଣ୍ଡଳୀଗୁଡ଼ିକ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇପାରୁଥିବା ଈଶ୍ୱରଙ୍କ ରାଜ୍ୟ ନିମନ୍ତେ କାର୍ଯ୍ୟ କରିବା ଦ୍ୱାରା ଈଶ୍ୱରଙ୍କ ପବିତ୍ର ପ୍ରେମର ତୀବ୍ରତା ପ୍ରତି ବିଶ୍ୱସ୍ତ ଭାବରେ ପ୍ରତ୍ୟୁତ୍ତର ଦେବା ଉଚିତ ।

୩. ଆମେ ଦୃଢ଼ ଭାବରେ ଘୋଷଣା କରୁ ଯେ ଆମ୍ଭମାନଙ୍କର ନିକଟ ପାରିପାର୍ଶ୍ୱିକରେ ଥିବା ବ୍ୟକ୍ତିମାନଙ୍କୁ ନ୍ୟାୟ ପ୍ରଦାନ କରିବା ଯେଉଁଥିରେ ସମବେଦନା ଅନ୍ତର୍ଭୁକ୍ତ ଅଟେ ଏବଂ ଯେଉଁ କାରଣ ନିମନ୍ତେ ଅନ୍ୟାୟ ହୋଇଛି ତାକୁ ପ୍ରକାଶ୍ୟରେ ନିନ୍ଦା କରୁ ।

୪. ଆମେ ଦୃଢ଼ ଭାବରେ ଘୋଷଣା କରୁ ଯେ ଖ୍ରୀଷ୍ଟୀୟ ନ୍ୟାୟ ବିଚାରରେ ଏକ ଗଭୀର ସମର୍ପଣର ଆବଶ୍ୟକ ଯାହା ଉଭୟ ବ୍ୟକ୍ତିଗତ ଏବଂ

ସାମୁହିକ । ସ୍ୱୀକାର, ଅନୁତାପ ଏବଂ କ୍ଷମା ଏହିସବୁ ଆବଶ୍ୟକୀୟ ପଦକ୍ଷେପ ଅଟେ ।

୫. ଆମେ ଦୃଢ଼ ଭାବରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟ ବିଚାର ଏବଂ ଭରସାଯୁକ୍ତ କାର୍ଯ୍ୟ ନିମନ୍ତେ ଓକିଲାତିକୁ ଘୋଷଣା କରୁ । ପ୍ରତ୍ୟେକ ଲୋକଙ୍କ ପାଇଁ ଖ୍ରୀଷ୍ଟଙ୍କର ଦୟାପୂର୍ଣ୍ଣ ଆଶା ଏବଂ ପ୍ରେମ ପ୍ରତିଫଳିତ କରୁ ।

୬. ଯେଉଁମାନେ ଅନ୍ୟାୟ ଏବଂ ଅବିଚାରରେ ଅଛନ୍ତି ସେମାନଙ୍କ ପ୍ରତି ଏକ ଆଶାପୂର୍ଣ୍ଣ ଅନ୍ୟ ପନ୍ଥା ରୂପେ ଆମ୍ଭେମାନେ ଆହୂତ ବୋଲି ଆମେ ଦୃଢ଼ ଭାବରେ ଘୋଷଣା କରୁ ।

୭. ଆମେ ଦୃଢ଼ ଭାବରେ ଘୋଷଣା କରୁ ଯେ ମିଳିତ ଭାବରେ ଗଭୀରତା ସହ ଚିନ୍ତା କରି ସମୁଦାୟ ବିଶ୍ୱରେ ଏବଂ ସ୍ଥାନୀୟ କ୍ଷେତ୍ରରେ ଆମେ ସଂପୂର୍ଣ୍ଣ ଭାବରେ କାର୍ଯ୍ୟ କରିବୁ । ବର୍ତ୍ତମାନର କ୍ରୀତଦାସ ଚିନ୍ତାଧାରା ଆମର ବର୍ଣ୍ଣ ସମସ୍ୟା ଅଟେ । ତେଣୁ ଏକାଧିକ ଉପାୟଗୁଡ଼ିକୁ ଗ୍ରହଣ କରିବା ଆବଶ୍ୟକ ।

ତେଣୁ ଆମେ ପ୍ରତିଜ୍ଞା କରୁ:

୧. ପୃଥକ୍ ଭାବରେ ଏବଂ ମିଳିତ ଭାବରେ, ବ୍ୟକ୍ତିଗତ ଏବଂ ଆନୁଷ୍ଠାନିକ ଭାବରେ ଆମର ଓ୍ୱେସ୍‌ଲିଆନ୍ ପବିତ୍ରତା ସହିତ ଅନୁରୂପ ଭାବରେ ପରିଚିତ ହୋଇ ଦୟାପୂର୍ବକ କାର୍ଯ୍ୟ କରିବୁ ।

୨. ମିଳିତ ଭାବରେ ସ୍ଥାୟୀ କାର୍ଯ୍ୟକ୍ରମରେ ସହଯୋଗ, ପ୍ରୋତ୍ସାହନ, ସମ୍ବଳ ଏବଂ ନିୟୋଜିତ ହେବୁ ।

୩. ଏକ ଭରସାର ଗତିଶୀଳ ରୂପେ ଆତ୍ମାଙ୍କର ଶକ୍ତି ସହିତ ଖ୍ରୀଷ୍ଟଙ୍କୁ କେନ୍ଦ୍ର କରି ଏକ ଉପାସକ ସମାଜ ରୂପେ କାର୍ଯ୍ୟ କରିବୁ ।

୪. ଗଭୀର ଭାବରେ ଚିନ୍ତା କରି, ଅପେକ୍ଷାର ସହ ପ୍ରାର୍ଥନାରେ ସାହସର ସହ କାର୍ଯ୍ୟ କରିବୁ । ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜ୍ୟ ନ ଆସିଛି, “ଯେପରି ସ୍ୱର୍ଗରେ, ସେହିପରି ପୃଥିବୀରେ” (୨୦୧୭) ।

**୯୨୧.** ଶିଶୁ ଏବଂ ଯୁବାମାନଙ୍କର ମୂଲ୍ୟ । ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ ବାଇବଲ ନିର୍ଦ୍ଦେଶ ଦିଏ – "ଘୁଙ୍ଗା ଲୋକ ପକ୍ଷରେ, ସମସ୍ତ ଅନାଥଙ୍କ ପକ୍ଷରେ, ଆପଣା ମୁଖ ଫିଟାଅ" (ହିତୋ. ୩୧:୮) । ଆମ୍ଭମାନଙ୍କର ସନ୍ତାନମାନଙ୍କୁ ଈଶ୍ୱରଙ୍କର ଅନୁଗ୍ରହ ଜଣାଇବାକୁ ଆଗ୍ରହ କରେ – (ଦ୍ୱି.ବିବ. ୬:୪-୭; ୧୧:୧୯) । ଗୀତସଂହିତା ୭୮:୪ ଘୋଷଣା କରେ, "ଆମ୍ଭେମାନେ ତାହାସବୁ ସେମାନଙ୍କ ସନ୍ତାନଗଣଠାରୁ ଗୁପ୍ତ ରଖିବା ନାହିଁ, ଆସନ୍ତା ପୁରୁଷ ନିକଟରେ ସଦାପ୍ରଭୁଙ୍କ ପ୍ରଶଂସା ଓ ତାହାଙ୍କର ପରାକ୍ରମ ଓ ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମସକଳ ବର୍ଣ୍ଣନା କରିବା" । ଯୀଶୁ ଲୂକ ୧୮:୧୬ରେ କହିଲେ – "ଶିଶୁମାନଙ୍କୁ ମୋ' ନିକଟକୁ ଆସିବାକୁ ଦିଅ, ଆଉ ସେମାନଙ୍କୁ ମନା କର ନାହିଁ; କାରଣ ଈଶ୍ୱରଙ୍କ ରାଜ୍ୟ ଏହିପ୍ରକାର ଲୋକମାନଙ୍କର ।"

ବାଇବଲର ଏହି ଚିନ୍ତାଧାରା ପ୍ରତି ଉତ୍ତରରେ ନାଜରିନ୍ ମଣ୍ଡଳୀ ସ୍ୱୀକାର କରେ ଯେ ଶିଶୁମାନେ ଈଶ୍ୱରଙ୍କ ପ୍ରତି ମୁଖ୍ୟ ଅଟନ୍ତି ଏବଂ ତାହାଙ୍କ ରାଜ୍ୟର ପ୍ରାଥମିକତା ଅଟନ୍ତି । ପ୍ରତ୍ୟେକ ଶିଶୁମାନଙ୍କୁ ଧ୍ୟାନ ଦେବାକୁ, ପ୍ରେମ କରିବାକୁ, ଲାଳନପାଳନ କରିବାକୁ, ସୁରକ୍ଷା ଦେବାକୁ, ବଢ଼େଇବାକୁ ଏବଂ ସେମାନଙ୍କ ନିମନ୍ତେ ଓକିଲାତି କରିବାକୁ ଈଶ୍ୱର ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି ବୋଲି ଆମେ ବିଶ୍ୱାସ କରୁ । ଶିଶୁମାନଙ୍କୁ ପରିତ୍ରାଣର ଜୀବନ ପ୍ରତି ଏବଂ ଅନୁଗ୍ରହରେ ବୃଦ୍ଧି ପ୍ରତି ଆମେ ଘେନି ଯାଉ ବୋଲି ଈଶ୍ୱରଙ୍କର ଏହା ଯୋଜନା ଅଟେ । ପରିତ୍ରାଣ, ପବିତ୍ରତା ଏବଂ ଶିଷ୍ୟତ୍ୱ ଏହିଗୁଡ଼ିକ ଶିଶୁମାନଙ୍କ ଜୀବନରେ ସମ୍ଭବ ଅଟେ । ଆମେ ବିଶ୍ୱାସ କରୁ ଯେ ଏକ ଉପାୟର ଅନ୍ତ ନୁହଁନ୍ତି ମାତ୍ର ଖ୍ରୀଷ୍ଟଙ୍କ ଶରୀରରେ ପୂର୍ଣ୍ଣ ଅଂଶୀଦାର ଅଟନ୍ତି । ଶିଶୁମାନେ ଅପେକ୍ଷାରତ ଶିଷ୍ୟ ନୁହଁନ୍ତି, ମାତ୍ର ପ୍ରଶିକ୍ଷଣର ଶିଷ୍ୟ ଅଟନ୍ତି । ତେଣୁ ଶିଶୁମାନଙ୍କ ପ୍ରତି ଏବଂ ସେମାନଙ୍କ ପରିବାର ପ୍ରତି ସେବାକାର୍ଯ୍ୟ ପରିବର୍ତ୍ତନଶୀଳ ହେବା ଆବଶ୍ୟକ ଏବଂ ପ୍ରାଥମିକତା ଦେବା ଆବଶ୍ୟକ ଯଥା:

- ଶିଶୁର ସଂପୂର୍ଣ୍ଣତା ପ୍ରତି ସେବାକାର୍ଯ୍ୟ ପ୍ରଭାବଶାଳୀ ଭାବରେ ଏବଂ ଶକ୍ତିଶାଳୀ କରିବା ଆବଶ୍ୟକ – ଶାରୀରିକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ଏବଂ ଆବେଗପୂର୍ଣ୍ଣ ।

- ବର୍ତ୍ତମାନର ସାମାଜିକ ନ୍ୟାୟ ସମସ୍ୟା ଉପରେ ଖ୍ରୀଷ୍ଟିୟାନର ସ୍ଥାନ ସ୍ପଷ୍ଟ ରୂପେ ବ୍ୟକ୍ତ କରିବା ଯାହା ଶିଶୁମାନଙ୍କୁ ପ୍ରଭାବିତ କରେ ।
- ବିଶ୍ୱାସ ସମାଜର ମିଶନ୍ ଏବଂ ସେବାକାର୍ଯ୍ୟର ହୃଦୟ ପ୍ରତି ଶିଶୁମାନଙ୍କୁ ସଂଯୋଗ କରିବା ।
- ଅନ୍ୟମାନଙ୍କୁ ଶିଷ୍ୟ କରିବାକୁ ଶିଶୁମାନଙ୍କୁ ଶିଷ୍ୟତ୍ୱ ପ୍ରଶିକ୍ଷଣ ଦେବା ।
- ଶିଶୁମାନଙ୍କୁ ଆଧାତ୍ମିକ ଭାବରେ ଲାଳନପାଳନ କରିବାକୁ ପିତାମାତାଙ୍କୁ ପ୍ରୋତ୍ସାହିତ କରିବା ।

ଯେହେତୁ ମଣ୍ଡଳୀଗୁଡ଼ିକର ଶିକ୍ଷା ଅନୁଷ୍ଠାନଗୁଡ଼ିକ – (ବାଇବଲ ସ୍କୁଲ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଏବଂ ସେମିନାରୀଗୁଡ଼ିକ) ନେତୃତ୍ୱ ନେବା ନିମନ୍ତେ ଛାତ୍ରମାନଙ୍କୁ ପ୍ରସ୍ତୁତ କରନ୍ତି ସେମାନେ ଶିଶୁମାନଙ୍କର ମୂଲ୍ୟକୁ ଯୋଗାଯୋଗର ଦର୍ଶନକୁ ଏବଂ ମିଶନ୍‌କୁ ବୋହି ନେବାରେ ଏକ ମୁଖ୍ୟ ଭୂମିକାରେ ଭାଗ ନିଅନ୍ତି । ଶିଶୁ ଏବଂ ଯୁବାମାନଙ୍କ ମଧ୍ୟରୁ ଆଗାମୀ ଭବିଷ୍ୟତ୍ ପାଇଁ ନେତା ପ୍ରସ୍ତୁତ କରିବାକୁ ସେମାନେ ସ୍ଥାନୀୟ ମଣ୍ଡଳୀ ଏବଂ ପରିବାରଗୁଡ଼ିକରେ ଯୋଗ ଦିଅନ୍ତି । ନାଜରିନ୍ ମଣ୍ଡଳୀ ବିଶ୍ୱାସ ସମାଜର ମିଳିତ ବଂଶ ପରମ୍ପରା ଉପରେ ବିଶ୍ୱାସ କରେ ଯେଉଁଠାରେ ଶିଶୁମାନେ ଏବଂ ଯୁବାମାନେ ମୂଲ୍ୟବାନ୍ ଅଟନ୍ତି । (୨୦୦୯)

**୯୨୨.** ଯୁଦ୍ଧ ଏବଂ ସୈନ୍ୟ ବିଭାଗରେ ସେବା । ଜଗତର ଶାନ୍ତିର ପରିସ୍ଥିତିକୁ ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ ଏବଂ ତାହା ସଂପୂର୍ଣ୍ଣ ଭାବେ ଖ୍ରୀଷ୍ଟୀୟ ମଣ୍ଡଳୀର କର୍ତ୍ତବ୍ୟ ବୋଲି ବିଶ୍ୱାସ କରେ ଯେପରି ମଣ୍ଡଳୀ ତା'ର ପ୍ରଭାବ ବିସ୍ତାର କରି ଉପାୟକୁ ଅନୁସନ୍ଧାନ କରି ଶାନ୍ତି ବାର୍ତ୍ତାର ଘୋଷଣା ନିମନ୍ତେ ସମସ୍ତ ଅନୁଷ୍ଠାନକୁ ସକ୍ଷମ କରିବ । ଯା ହେଉନା କାହିଁକି ଆମେ ଏପରି ଜଗତରେ ବାସ କରୁ ଯେଉଁଠାରେ ମନ୍ଦ ଶକ୍ତି ଏବଂ ଦାର୍ଶନିକ ଶକ୍ତି ଖ୍ରୀଷ୍ଟୀୟ ଚିନ୍ତାଧାରା ବିରୁଦ୍ଧରେ ସକ୍ରୀୟ ଭାବରେ କାର୍ଯ୍ୟ କରୁଛି ଏବଂ ଯାହା କୌଣସି ସମୟରେ ଆନ୍ତର୍ଜାତିକ ଜରୁରୀ ପରିସ୍ଥିତି ଉପସ୍ଥିତ ହେବ ଯଦ୍ୱାରା ଦେଶକୁ ସୁରକ୍ଷା ଏବଂ ସ୍ୱାଧୀନ ଦେବାର ଆବଶ୍ୟକ ହେବ ।

ତେଣୁ ଯେତେବେଳେ ଶାନ୍ତି ରକ୍ଷା କରିବା ନିମନ୍ତେ ସମର୍ପିତ ଅଟୁ, ନାଜରିନ୍ ମଣ୍ଡଳୀ ସ୍ୱୀକାର କରେ ଯେ ଖ୍ରୀଷ୍ଟିୟାନର ମହାନ୍ ଦେଶ ଭକ୍ତି ଈଶ୍ୱରଙ୍କଠାରେ ଉଧାର ଅଛି । ତେଣୁ ଯୁଦ୍ଧ କ୍ଷେତ୍ରରେ ସୈନ୍ୟ ବିଭାଗରେ ଅଂଶ ଗ୍ରହଣ ନେବା ପାଇଁ ଆମେ ବାଧ କରୁନାହୁଁ ବରଂ ବିଶ୍ୱାସ କରୁ ଯେ ଦେଶବାସୀ ଭାବରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତା'ର ଦେଶର ପ୍ରତ୍ୟେକ କ୍ଷେତ୍ରରେ, ସୁସଙ୍ଗତିରେ ଏବଂ ଖ୍ରୀଷ୍ଟୀୟ ଶୈଳୀରେ ସେବା କରିବାକୁ ବାଧ ଅଟେ ।

**୯୨୩.** ସୃଷ୍ଟି । ବାଇବଲରେ ଥିବା ସୃଷ୍ଟି ବିଷୟରେ ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ (ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ) (ଆଦି ୧:୧) ଆମେ ବୈଜ୍ଞାନିକ ବିଶ୍ଳେଷଣ ପ୍ରତି ଉନ୍ମୁକ୍ତ ଅଟୁ ଯେଉଁମାନେ ବିରୋଧ କରନ୍ତି ଯେ ପୃଥିବୀକୁ ଏବଂ ମନୁଷ୍ୟକୁ ପରମେଶ୍ୱର ସୃଷ୍ଟି କରିଛନ୍ତି ସେମାନଙ୍କୁ ଆମେ ବିରୋଧ କରୁ – (ଏବ୍ରୀ ୧୧:୩) (୨୦୧୭)

**୯୨୪.** ସୃଷ୍ଟିର ଯତ୍ନତତ୍ତ୍ୱ । ଈଶ୍ୱରଙ୍କ ସୃଷ୍ଟିର ଗଭୀର ପ୍ରଶଂସା ସହିତ, ତାହାଙ୍କର କାର୍ଯ୍ୟକୁ ସୁରକ୍ଷା କରିବାକୁ ବ୍ୟକ୍ତିଗତ ଭାବରେ କିମ୍ବା ସାମୁହିକ ଭାବରେ ଆଗେଇ ଆସିବାକୁ ଆମେ ସହଯୋଗ କରୁ (୨୦୦୯) (ଆଦି ୨:୧୫; ଗୀତ. ୮:୩-୯; ୧୯:୧-୪, ୧୪୮)

**୯୨୫.** ପବିତ୍ର ଆତ୍ମାଙ୍କ ସହିତ ବାପ୍ତିସ୍ମର ପ୍ରମାଣ । ନାଜରିନ୍ ମଣ୍ଡଳୀ ବିଶ୍ୱାସ କରେ ଯେ ହୃଦୟ ପ୍ରକ୍ଷାଳନର କିମ୍ବା ସଂପୂର୍ଣ୍ଣ ପବିତ୍ରୀକରଣର, ପବିତ୍ର ଆତ୍ମାଙ୍କର ପୂର୍ଣ୍ଣତାର ଏବଂ ନୂତନ ଜୀବନର ସାକ୍ଷ୍ୟ ପବିତ୍ର ଆତ୍ମା ବହନ କରନ୍ତି । ମୂଳ ପାପରୁ ବିଶ୍ୱାସ ଦ୍ୱାରା ହୃଦୟର ପ୍ରକ୍ଷାଳନ ପବିତ୍ର ଆତ୍ମାଙ୍କ ପୂର୍ଣ୍ଣତାରେ ହୋଇଥାଏ ଏହା ବାଇବଲ ପ୍ରମାଣ କରେ ଯାହା ପ୍ରେରିତ ୧୫:୮-୯ରେ ବର୍ଣ୍ଣନା କରାଯାଇଛି । "ଅନ୍ତର୍ଯ୍ୟାମୀ ଈଶ୍ୱର ଆମ୍ଭମାନଙ୍କୁ ଯେପରି ପବିତ୍ର ଆତ୍ମା ଦାନ କରିଅଛନ୍ତି, ସେମାନଙ୍କୁ ମଧ୍ୟ ସେହିପରି ଦାନ କରି ସେମାନଙ୍କ ପକ୍ଷରେ ସାକ୍ଷ୍ୟ ଦେଇଅଛନ୍ତି । ଆଉ, ସେ ଆମ୍ଭମାନଙ୍କ ଓ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ରଖି ବିଶ୍ୱାସ ଦ୍ୱାରା ସେମାନଙ୍କର ହୃଦୟ ଶୁଚି କରିଅଛନ୍ତି" ଏବଂ ଏହି

ଶୁଚିକରଣ ଏକ ପବିତ୍ର ଜୀବନରେ ଆତ୍ମାଙ୍କ ଫଳ ଦ୍ୱାରା ପ୍ରଦର୍ଶିତ ହୁଏ । "କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ" (ଗାଲା. ୫:୨୨) ।

୯୨୬– ଅଶ୍ଳିଳ ଛବି ଆଙ୍କିବା । ଅଶ୍ଳିଳ ଛବି ଆଙ୍କିବା ଏକ ମନ୍ଦ ବିଷୟ ଅଟେ । ଯାହା ନୈତିକ ସମାଜର ଭିତ୍ତିକୁ ଦୁର୍ବଳ କରିଦିଏ । ଛାପା ଆକାରରେ ହେଉ କିମ୍ବା ଚଳଚିତ୍ର ମାଧ୍ୟମରେ ହେଉ ତାହା ମାନବ ଜାତିର ସମ୍ମାନକୁ ନଷ୍ଟ କରିଦିଏ ଏବଂ ବିବାହର ପବିତ୍ରତା ଦୃଷ୍ଟିକୋଣରୁ ଶାସ୍ତ୍ର ଅନୁଯାୟୀ ଏହା ବିପରୀତ ଅଟେ ।

ଆମେ ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି ହୋଇଅଛୁ ବୋଲି ବିଶ୍ୱାସ କରୁ ଏବଂ ଏହି ଅଶ୍ଳିଳ ଛବି ପୁରୁଷ, ମହିଳା ଏବଂ ସନ୍ତାନମାନଙ୍କୁ ବିନଷ୍ଟ କରିପକାଏ । ଅଶ୍ଳିଳ ଛବିର କାରଖାନା ଲୋଭ ଦ୍ୱାରା ପରିଚାଳିତ ଅଟେ ଯାହା ପାରିବାରିକ ଜୀବନର ଶତ୍ରୁ ଅଟେ ।

**୯୨୭.** ପୋଷାକର ଖ୍ରୀଷ୍ଟୀୟ ନମ୍ରତା / ଶାଳୀନତା । ବର୍ତ୍ତମାନ ଯୁଗରେ ଆମେ ଦେଖୁ ପୋଷାକ ମାଧ୍ୟମରେ ଅଶାଳୀନତା । ତେଣୁ ଆମେ ଆମର ଲୋକମାନଙ୍କୁ ସ୍ମରଣ କରାଇ ଦେଉ ଯେ ଭଦ୍ରତା ହେଉଛି ପବିତ୍ରତାର ପ୍ରକାଶନ । ତେଣୁ ସର୍ବଦା ସର୍ବସାଧାରଣରେ ଖ୍ରୀଷ୍ଟିୟାନ ଭଦ୍ରତା / ଶାଳୀନତାରେ ଜୀବନଯାପନ କରିବାକୁ ଆମେ ଅନୁରୋଧ କରୁ (୨୦୧୭)

**୯୨୮.** ସୁସ୍ଥତା । ପବିତ୍ର ଆତ୍ମାଙ୍କର ପରିବର୍ତ୍ତନ ଶକ୍ତି ମାଧ୍ୟମରେ ସଂପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟକୁ ସନ୍ତୁଳନ କରିବାକୁ ସମସ୍ତ ବିଶ୍ୱାସୀମାନଙ୍କୁ ଶାସ୍ତ୍ର ଉପଦେଶ ଦିଏ । ଅତିରିକ୍ତ ଭୋଜନ ଦ୍ୱାରା ଶରୀରର, ସମାଜର ଏବଂ ଆତ୍ମିକ ଜୀବନର କ୍ଷତି ହୋଇଥାଏ । ଆମ୍ଭମାନଙ୍କ ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ବୋଲି ମନେ କରି ଆମ ଶରୀରକୁ ସୁସ୍ଥ ଏବଂ ସ୍ୱାସ୍ଥ୍ୟ ରଖିବା ଆବଶ୍ୟକ । (ହିତୋ. ୨୩:୧୯–୨୧; ମାଥିଉ ୧୧:୧୯; ୨୩:୨୫; ୧ କରି. ୫:୨୩; ଫିଲିପ୍ପୀୟ ୩:୧୯; ତୀତସ ୧:୮, ୨:୧୨; ଏବ୍ରୀ ୧୨:୧୬; ୨ ପିତର ୧:୬)

**୯୨୯.** ଧନ ସମ୍ପତ୍ତି ପାଇଁ ଗାଳି ଗୁଲଜ । ନାଜିରନ୍ ମଣ୍ଡଳୀ ନିୟମିତ ଭାବରେ ଧନ ସମ୍ପତ୍ତି ପାଇଁ ଗାଳି ଗୁଲଜକୁ ସାମାଜିକ ବ୍ୟାଧି ରୂପେ ଦୃଢ଼ ଭାବରେ ବିରୋଧ କରେ । ଆମେ ମଣ୍ଡଳୀର ସଭ୍ୟମାନଙ୍କୁ ପ୍ରୋତ୍ସାହିତ କରୁ ଏହା ଉପରେ ଉତ୍କୃଷ୍ଟ ଧରଣର ଭୂମିକା ଗ୍ରହଣ କରିବା ପାଇଁ ଏବଂ ଏହି ପରସ୍ପର ବିରୋଧୀର (ଖ୍ରୀଷ୍ଟୀୟ ଅନୁଭୂତି ଏବଂ ଏକ ପବିତ୍ର ଜୀବନ) ବ୍ୟବହାରକୁ ଶିକ୍ଷା ମାଧ୍ୟମରେ ପୁନଃ ପ୍ରତିଷ୍ଠା କରିବାକୁ ମଣ୍ଡଳୀ ସଭ୍ୟଙ୍କୁ ଆମେ ପ୍ରୋତ୍ସାହିତ କରୁ ।

**୯୩୦.** ମଦ୍ୟପାନ - ଅସାମାଜିକତା । ମଦ୍ୟପାନ ହେତୁ ଅସାମାଜିକତାକୁ ନାଜରିନ୍ ମଣ୍ଡଳୀ ସର୍ବସାଧାରଣରେ ଅସଙ୍ଗତ ବା ମନ୍ଦ ବିଷୟ ବୋଲି ବିଚାର କରେ ।

**୯୩୧.** ତମାଖୁ ବ୍ୟବହାର ଏବଂ ପ୍ରଚାର । ନାଜରିନ୍ ମଣ୍ଡଳୀ ନିୟମିତ ଭାବରେ ଲୋକମାନଙ୍କୁ ତମାଖୁ ବ୍ୟବହାର ଏବଂ ଏହା ବିରୁଦ୍ଧରେ କହିବାକୁ ଅନୁରୋଧ କରେ ଯାହା ଶରୀର ଏବଂ ସମାଜ ପାଇଁ ଏକ ମନ୍ଦ ବିଷୟ ଅଟେ । (୧ କରି. ୩:୧୬-୧୭; ୬:୧୯-୨୦)

**୯୩୨.** HIV/AIDS. 1981 ସାଲଠାରୁ ସମୁଦାୟ ବିଶ୍ୱ ଏହି ବ୍ୟାଧି ଅର୍ଥାତ୍ HIV / AIDSକୁ ସମ୍ମୁଖୀନ ହୋଇ ଆସୁଅଛି । ଏହାକୁ ଦୃଷ୍ଟିରେ ରଖି ଖ୍ରୀଷ୍ଟୀୟ ଦୟା ସେବାକାର୍ଯ୍ୟ ଏହି ବିଷୟରେ ସଠିକ୍ ଭାବରେ ସୂଚନା ଦେବାକୁ ଆମକୁ ପ୍ରେରଣା ଦିଏ । (୨୦୧୩)

**୯୩୩.** ବାର୍ତ୍ତାବାହକ ସଂସ୍ଥାର ବ୍ୟବହାର । ପ୍ରଥମତଃ ଯେଉଁ ବିଷୟ ଆମେ କହୁ ତାହା ସମ୍ମାନ ପୂର୍ଣ୍ଣ ହେବା ଉଚିତ । ପରସ୍ପର ସହ ସମ୍ପର୍କରେ ଆମେ ବିଶ୍ୱାସ କରୁ ଯେ ଆମ୍ଭର ସାମାଜିକ ବାର୍ତ୍ତାବାହକ ସଂସ୍ଥା ମଧ୍ୟ ଏକ ପବିତ୍ରତାର ପ୍ରକାଶନ ଅଟେ । ତେଣୁ ସେମାନଙ୍କର ସମାଜ ମଧ୍ୟରେ ଖ୍ରୀଷ୍ଟଙ୍କର ଭାବମୂର୍ତ୍ତୀ ଏବଂ ତାହାଙ୍କ ମଣ୍ଡଳୀ କିଭଳି ପ୍ରଭାବ ପକାଉଛି ଯାଜକ ଶ୍ରେଣୀ ସଭ୍ୟ ଏବଂ ଧର୍ମଯାଜକ ବ୍ୟତୀତ

ଅନ୍ୟମାନେ ଧ୍ୟାନ ଦେବା ଆବଶ୍ୟକ । (୨୦୧୭) ଆମ୍ଭମାନଙ୍କର କାର୍ଯ୍ୟକ୍ରମ ସମସ୍ତ ବ୍ୟକ୍ତିଙ୍କୁ ଉନ୍ନତ କରିବାକୁ ଅନୁସନ୍ଧାନ କରେ ।

(ହିତୋ. ୧୫:୪; ୧୫:୨୮, ୧୬:୨୪, ଉପଦେଶକ ୫:୨-୪; ମାଥିଉ ୧୫:୧୧; ଗାଲା. ୫:୧୩-୧୫; ଏଫି. ୪:୨୯; କଲ. ୪:୬; ୨ ତୀମଥି ୨:୧୬; ଯାକୁବ ୩:୧-୧୩)